# ବୈଦେହୀ

ଡିସେମ୍ବର ୨୦୨୦



Photo by Dr. Ranjit Kumar Sahu, USA

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**


ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଚଳତ ବର୍ଷକୁ ଅନେକ ଲୋକେ ବିପର୍ଯ୍ୟୟର ବର୍ଷ ବୋଲି କହିଥାନ୍ତି । କରୋନା ଭୂତାଣୁ ଜନତ ଦୁର୍ବିପାକ ମନୁଷ୍ୟ ସମାଜ ଏବେ ବି ଭୋଗୁଛି । ତାହା ସହ ଏହି ବର୍ଷ ପଡିଥିବା ବିପର୍ଯ୍ୟୟ ମାନଙ୍କ ଭିତରେ କ୍ରମାଗତ ଭାବରେ ଆସୁଥିବା ମହାବାତ୍ୟା ଓ ତୋଫାନ, କ୍ଷେତରେ ପଙ୍ଗପାଳଙ୍କ ଆକ୍ରମଣ, ଭୂମିକମ୍ପ, ଜଙ୍ଗଲରେ ନଆଁ ଲାଗିବା, ଅନେକ ସହରରେ ବନ୍ୟା ଓ ବାତ୍ୟା ଦେଖାଯାଉଛି । କନ୍ତୁ ଏସବୁର କାରଣ କଣ ଆମେ କେବେ ଭାବିଛେ ? ଅନେକଙ୍କ ମତରେ ଏସବୁର ଏକମାତ୍ର କାରଣ ହେଉଛି ମନୁଷ୍ୟ । ମନୁଷ୍ୟ ନଜକୁ ଭଗବାନ ବୋଲି ଭାବିନେଇ ଅନେକ କଛି କରିଚାଲିଛି କେବଳ ମନୁଷ୍ୟ ଜାତିର ଉନ୍ନତି ନାମରେ । କନ୍ତୁ ଏହା ପ୍ରକୃତରେ ଉନ୍ନତି କମ୍ବା ଅବନତି ତାହା ସମୟ ହିଁ କହୁଛି ଆଉ କହିବ ମଧ୍ୟ । ପୃଥିବୀର କୌଣସି ଏପରି ଏକ ଦେଶ ନାହିଁ ଯାହାକ ଆଜିର ଦିନରେ ପ୍ରକୃତିର ସଂରକ୍ଷଣ ପାଇଁ ଗମ୍ଭୀର ଏବଂ ଏଥିନେଇ କଛି କାର୍ଯ୍ୟ କରୁଛି । ଧନୀ ଦେଶ ମାନେ ନଜର ଏକଛତ୍ରବାଦ ପ୍ରସାର କରୁଛନ୍ତି ତ ଗରୀବ ଦେଶମାନେ ସମ୍ବଳ ବିନା ପ୍ରକୃତିକୁ ବଞ୍ଚାଇବାପାଇଁ କଛି ପଦକ୍ଷେପ ନେବାକୁ ପଛାଉଛନ୍ତି । ଭାରତରେ ମଧ୍ୟ କୌଣସି ସରକାର ପ୍ରକୃତି ପାଇଁ ଗମ୍ଭୀର ନୁହେଁ ।

ଏଥିପାଇଁ ଜଙ୍ଗଲର ପରିମାଣ କମିବାରେ ଲାଗୁଛି ଆଉ ଜନବସତି ପାଲଟିଯାଉଛି ନଦୀ । କାଲି ଯେଉଁଠି ପାହାଡ ପର୍ବତ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା, ଆଜି ସେଠି ଥୁଣ୍ଟା ପାହାଡ

ଦେଖାଯାଉଛି । ଏଥିପାଇଁ ଜଙ୍ଗଲରେ ରହୁଥିବା ପଶୁପକ୍ଷୀ ସହରମୁହାଁ ହେଉଛନ୍ତି ଆଉ ମନୁଷ୍ୟର ଆକ୍ରମଣରେ ଅନେକ ପ୍ରାଣ ହର୍‌ାଉଛନ୍ତି । ଭାରତରେ ଅନେକ ସହରରେ ଏବଂ ଗ୍ରାମରେ ଜଙ୍ଗଲୀ ପଶୁ ପ୍ରବେଶ କରୁଛନ୍ତି । ଅନେକ ସ୍ଥାନରେ ଜଙ୍ଗଲୀ ହାତୀମାନେ ଟ୍ରେନର ଧକ୍କାରେ ମୃତ୍ୟୁବରଣ କରୁଥିବାର ଖବର ପ୍ରାୟତଃ ମିଳୁଚ । ଭାବନ୍ତୁ ସେମାନେ ଯିବେ କୁଆଡେ ଯେତେବେଳେ ମନୁଷ୍ୟ ସେମାନଙ୍କ ବାସସ୍ଥାନକୁ ଅକ୍ତିଆର କରିନେଉଛି ।

ଆଜି ମଧ୍ୟ ସମୟ ଅଛି ମନୁଷ୍ୟ ଜାତି ପାଖରେ ନଜକୁ ଠିକ୍ କରିନେବା ପାଇଁ । ଯଦି ଆମେ ପ୍ରକୃତିର ସଂରକ୍ଷଣ ନକରିବା ତେବେ ପୃଥିବୀପୃଷ୍ଠରେ ମନୁଷ୍ୟ ଜାତିକୁ ବଞ୍ଚିବାପାଇଁ ଭବିଷ୍ୟତରେ ନିଶ୍ଚିତ ଭାବରେ ସଂଘର୍ଷ କରିବାକୁ ପଡିବ । ତେଣୁ ସଂଘର୍ଷ ନକରି ସଚେତନ ରୁହନ୍ତୁ, ଏହାହିଁ ଆମକୁ ବଞ୍ଚାଇପାରିବ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ନର୍ବାଚନ ଫାଟ | ଡକ୍ଟର ବିଜ୍ଞାନୀ ଦାସ | ୧୩ |
| ଅୟସ୍କାନ୍ତ ! ପଗ୍ଧରନା ମୋତେ | ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୨୧ |
| ବାସ୍ତବତା ର ସ୍ୱପ୍ନ | ବନାଲୀ ଦାଶ | ୨୩ |
| ଚଠି | ଭାସ୍କର ଚନ୍ଦ୍ର ଖଣ୍ଡା | ୨୪ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୨୬ |
| ଅଜସ୍ର ପ୍ରେମ | ପୁଷ୍ପାଞ୍ଜଳ ପଣ୍ଡା | ୩୩ |
| ବିହରିତ ମଧୁକରୀ | ଡ. ଶକୁନ୍ତଳା ଗୁପ୍ତା | ୩୪ |
| ଜୀବନ ସତ୍ୟ | ଡ. ପ୍ରସନ୍ନ କୁମାର ବଳ | ୩୬ |
| ଲଂଗ୍ ଡ୍ରାଇଭିଂ | ଶାନ୍ତିଲତା ମିଶ୍ର | ୩୮ |
| ଭାବନା ସୌରଭ | ଆଶୁତୋଷ ମେହେର | ୪୩ |
| ପୂର୍ଣ୍ଣିମାର ଜହ୍ନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୪୪ |
| ସାମାନ୍ୟ କଥାରେ | ଅର୍ଜୁନ ମେହେର (ଆଶ୍ରିତ) | ୪୫ |
| ଦେହ ଓ ମନ | ସତ୍ୟନାରାୟଣ ଗନ୍ତାୟତ | ୪୬ |
| ଦେବୀ | ଆରତୀ ସାହୁ (ଆଶା) | ୪୮ |
| ବୃକ୍ଷ ହିଁ ଆମ ଜୀବନ | ସାବିତ୍ରୀ ମହାପାତ୍ର | ୫୩ |
| ସଖା | ପ୍ରଭାତ ନଳନୀ ସାହୁ | ୫୪ |
| ପ୍ରତିବାଦ | ରଞ୍ଜନ କୁମାର ଭୁକ୍ତା | ୫୫ |
| ଅପ୍ରାପ୍ତି | ସାଗରିକା ମହାନ୍ତି | ୫୬ |
| ଅନୁଭବରେ ଶୀତ ଋତୁ- କଛି କଥା କଛି କବିତା | କୁଞ୍ଜ ବିହାରୀ ସାହୁ | ୫୭ |
| କାହ୍ନା | ଶଶିଭୂଷଣ ଗୌଡ | ୬୬ |

| | | |
|---|---|---|
| ଘରବୁଡି ପାଣି ଆଣ୍ଠୁଏ | ରାଜକିଶୋର ସାଇଁ | ୬୮ |
| ହରବତା କଥା କହେ (ବାପା) | ସରୋଜ ଲକ୍ଷ୍ମୀ ମହାନ୍ତି | ୭୦ |
| "ଆପ୍ କ ଅଦାଲତ" ର ଏକ କାହାଣୀ | ଶଶଧର ମହାପାତ୍ର | ୭୨ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୭୬ |
| ଭାରତ ଆମର ମାଆ | ନନ୍ଦିନୀ ରାଉତ | ୭୯ |
| ଆସିଛି ଶୀତ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୮୦ |
| ସକାଳ ଶିଶିର | ଅଶୋକ କୁମାର ପ୍ରଧାନ | ୮୧ |
| କାଳ ଅନ୍ଧାର | ଅମ୍ବିକା ସ୍ୱାଇଁ | ୮୨ |
| ସୀତା | ହାସ୍ୟମୟୀ ରାଜ୍ | ୮୪ |
| ବିଧିର ଗାର | ଅଶୋକ କୁମାର ପ୍ରଧାନ | ୮୬ |
| ଅମଣିଷ ପାଇଁ ଚଠିଟିଏ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୮୮ |
| ଜହ୍ନ ଡାକୁଛି ଆ | ବାସନ୍ତୀ ଲତା ଜେନା | ୯୦ |
| ପୁସ୍ତକ | ପ୍ରକାଶ ଚନ୍ଦ୍ର ପଣ୍ଡା | ୯୩ |
| ମାତୃଭାଷା | ସୌମ୍ୟ ରଞ୍ଜନ ପାଲ | ୯୪ |
| ଜିଜ୍ଞାସା | ସନାତନ ମହାକୁଡ | ୯୫ |
| ତଟିନୀର ଲକ୍ଷ୍ୟ | ସମ୍ୟଜିତ ପାତ୍ର | ୯୬ |
| ଅଭିଶପ୍ତ | ସୁଷମା ପରିଜା | ୯୮ |
| ମୋ ମା' | ବିନ୍ଧ୍ୟାରାଣୀ ଦାଶ | ୧୦୨ |
| ମା' ଦଶଭୁଜା | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୦୪ |
| ଗୋପ ଗାଆଁ ବୋହୁ | ଡ. ଅର୍ଜୁନ ଚରଣ ବାରିକ୍ | ୧୦୬ |
| କରୋନା ଭାଗବତ | ଶମ୍ଭୁନାଥ ଦାସ | ୧୦୮ |
| ଅଶ୍ୱସ୍ଥାମା ହତ | ବିଜୟ କୁମାର ଜେନା | ୧୦୯ |
| ଲୁହ | ରଶ୍ମୀ ବାଳା ଶତପଥୀ | ୧୧୨ |

| | | |
|---|---|---|
| କଛି ଅବାସ୍ତବ ଇଚ୍ଛା | ସୌଭାଗ୍ୟ ଗିରି | ୧୧୩ |
| କରୁଣ ବହ୍ନି | ଜୟଶ୍ରୀ ମେହେର | ୧୧୫ |
| ଉଆଁସୀ କନ୍ୟା | ସନ୍ତୋଷ ପଟ୍ଟନାୟକ | ୧୧୬ |
| ଏମିତି ବି ହୁଏ | ସତ୍ୟବ୍ରତ ସାହୁ | ୧୧୮ |
| ଜଣେ ମଦୁଆର ଉକ୍ତି | ଡ. ଜ୍ଞାନେଶ୍ୱର ମିଶ୍ର | ୧୨୦ |
| ରେଣୁ | ତ୍ରିପତି ପ୍ରଧାନ | ୧୨୨ |
| ଅନାଥ ମଣିଷ | ରାମ ଚନ୍ଦ୍ର ପ୍ରଧାନ | ୧୨୩ |
| ସନ୍ଧ୍ୟା | ବୈଦ୍ୟନାଥ ପଣ୍ଡା | ୧୨୪ |
| ସାହାରା | ପ୍ରଣତି ପାଣିଗ୍ରାହୀ | ୧୨୬ |
| ସଞ୍ଜ ବତୀ ଜଳ ଜଳ ଲିଭି ଆସେ | ଇଂ ଦୁଃଶାସନ ବାରିକ୍ | ୧୩୨ |
| ଛଞ୍ଚାଣର ମେଳଣ | ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ | ୧୩୪ |
| ବିଟପୀ ର ବିଳାପ | ମନୀଷା ପଣ୍ଡା | ୧୩୬ |
| ବିଦୂଷକ | ଡକ୍ଟର ମଧୁସ୍ମିତା ମିଶ୍ର | ୩୯ |
| ଆସ ଗଢ଼ିବା ସୁନ୍ଦର ପୃଥିବୀ | ଅମରନାଥ ବାରିକ | ୧୪୬ |
| ଏକ ବ୍ରହ୍ମ ସକଳ ଘଟେ | କୀର୍ତ୍ତି ଦେବୀ | ୧୪୯ |
| ନର୍କ | ଅଲେଖ ମେହେର | ୧୫୦ |
| ଏମିତିକା ହୋଇବି | ନରଞ୍ଜନ ସାହୁ | ୧୫୨ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୧୫୩ |
| କୃଷକ | ନରେନ୍ଦ୍ର ପ୍ରସାଦ ବେହେରା | ୧୬୦ |
| ମାଟି  ପାତ୍ର | ବିଶ୍ୱ ରଞ୍ଜନ ମହାନ୍ତି | ୧୬୨ |
| ସନ୍ଧ୍ୟା | ଲଲାଟେନ୍ଦୁ ବାରିକ | ୧୬୩ |
| ବନ୍ଧୁତ୍ୱ | ସରୋଜ କୁମାର ସାହୁ | ୧୬୪ |

| | | |
|---|---|---|
| ବର୍ତ୍ତମାନ ସମାଜର ବିଦ୍ୟା | ଶ୍ରବଣ କୁମାର କର | ୧୬୫ |
| ବାସ୍ ସେତିକ ଥାଉ | ଛବିରାଣୀ ପତି | ୧୬୮ |
| ସେ ମୋ ଭାଇ | ସସ୍ମିତା ପଟ୍ଟନାୟକ | ୧୬୯ |
| ଦୂରବନ୍ଧୁ | ରଞ୍ଜନ କୁମାର ଖଣ୍ଡା | ୧୭୧ |
| କୃଷକ | ସୌମ୍ୟାଶ୍ରୀ ନାୟକ | ୧୭୨ |
| ଉମରାଓ-ଜାନ୍ ଙ୍କ ଗଳରେ ପୁନଶ୍ଚ ଥରେ | ପ୍ରିୟବ୍ରତ ପାତ୍ର | ୧୭୪ |
| ମୃତ୍ୟୁ | ଦିନବଂଧୁ ବେଜ | ୧୮୨ |
| ପରମାତ୍ମା | କୁମୁଦିନୀ ବେହେରା | ୧୮୪ |
| ପ୍ରୀତିର ସେଇ ଗାଁ ନଈ | ନବ କୁମାର ଦାସ | ୧୮୬ |
| ଗୁରୁ ଶିଷ୍ୟ | ଅନାଦି ସେଠ | ୧୮୭ |
| ପାଛିଏ ମାଟି | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୯ |
| ଗାଉଁଲୀ ଜୀବନ ଭାରି ବଢ଼ିଆ | ଶିଶିର କୁମାର ପଣ୍ଡା | ୧୯୨ |
| ସରମ ଛଡ଼ା | ସୁଲୋଚନା ବେହେରା | ୧୯୩ |
| କୋଭିଡ୍-୧୯ | ଅଜିତ ପାଢ଼ି | ୧୯୪ |
| ପାରିବିନ ଲେଖି | ଅଶ୍ୱିନୀ କୁମାର | ୧୯୬ |
| ହେଲେ ସାର୍ | ଅଭିମନ୍ୟୁ ବେହେରା | ୧୯୮ |
| ଅତୀତ ଅସାର | ଖଗେଶ୍ୱର ବାଗ | ୨୦୩ |
| ଓଡିଆ ସାହିତ୍ୟ କଥା | ସେବାକାନ୍ତ ନନ୍ଦ | ୨୦୪ |
| ପିଲାଦିନ ସ୍ମୃତି | ସିଦ୍ଧେଶ୍ୱର ତ୍ରିପାଠୀ | ୨୦୬ |
| ଛାଞ୍ଚୁଣୀ ବନାମ ପହଁରା | ଲକ୍ଷ୍ମୀ ଆଚାର୍ଯ୍ୟ | ୨୦୮ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତ ପଣ୍ଡା | ୨୧୦ |
| ମହୀରେ ବଢ଼ିଛି | ଅଜୟ କୁମାର ବେହେରା | ୨୨୦ |

| | | |
|---|---|---|
| ପାପ ଭ୍ର କେତେ | | |
| ମୁଁ ଥକଯାଏ | ସ୍ମୃତି ମହାନ୍ତି | ୨୨୨ |
| ଅବଶୋଷ | ସାଇପ୍ରସାଦ ସାହୁ | ୨୨୪ |
| ସହାନୁଭୂତି | ବିଶ୍ୱନାଥ ସେଠୀ | ୨୨୫ |
| କାହିଁକ ହେ ବାପୁ ? | ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ) | ୨୨୮ |
| ଶରତ କାଳୀନ ଦୃଶ୍ୟ | ବୁଲୁ ପୋଲ୍ଇ | ୨୩୦ |
| ମଲ୍ଜହ୍ନ | ସୂରଜ କୁମାର ମେହେର | ୨୩୨ |
| ଗାନ୍ଧୀ ତୁମେ ଫେରିଆସ | ପ୍ରିୟରଞ୍ଜନ ଭ୍ରତୀ | ୨୩୩ |
| ସାଧୁ ବାବା | ମହେଶ୍ୱର ସାହୁ | ୨୩୫ |
| ପଦ୍ମ ଘୁଞ୍ଜିଘୁଞ୍ଜି ଯାଉଛି | ହରେଗ୍ରାମ ପଣ୍ଡା | ୨୪୨ |
| ଜୟ ତ୍ରିରଙ୍ଗା ପତାକା | ତଲେଶ କୁମାର ଭୋଇ | ୨୪୩ |
| ନିରୀହ ଅସ୍ତିତ୍ୱ | ବେବୀ ନାଏକ | ୨୪୪ |
| ଅସଂପୂର୍ଣ୍ଣ | କରଣ ମନୀଷା ମହାନ୍ତି | ୨୪୬ |
| ମନର କଥା | ଝରଣା ବାରିକ | ୨୪୭ |
| ପରିବର୍ତ୍ତନ | କେଶରୀ ପ୍ରସାଦ ମହାନ୍ତି | ୨୪୯ |
| ଆଉ କେତେ ଦିନ | ଆଶିଷ ଜ୍ୟୋତିଷ | ୨୫୦ |
| ନାରୀ | ସଙ୍ଗୀତା ମହାନ୍ତି | ୨୫୧ |
| ଏତେ ନିର୍ଦ୍ଦୟ ହନା ସଖି ତୁ | ଶୁଭଲକ୍ଷ୍ମୀ ସାହୁ | ୨୫୨ |
| କରୋନା ସ୍ତୁତି | ଭୀଷ୍ମ ରାଜ ମେହେର | ୨୫୩ |
| ପରିବର୍ତ୍ତନ | ହେମନ୍ତ ନାଏକ | ୨୫୪ |
| ପାହାଡର ଲୁହ | ଦୁଷ୍ମନ୍ତ ବେହେରା | ୨୫୫ |
| ଅନ୍ନଦାତା | ମନୋରଞ୍ଜନ ସୁରୁଜାଲ | ୨୫୯ |
| ପୂଣ୍ୟ ପଥ ର ପଥିକ | ଗୁପ୍ତେଶ୍ୱର ଗୁନ୍ଦ୍ | ୨୬୦ |

| | | |
|---|---|---|
| ଯା ଦେବୀ ସର୍ବ ଭୁତେସୁ | କୁନ୍ତଳା କୁମାରୀ ଦେଇ | ୨୬୨ |
| ମାଆ ର ମମତା | ଯଶୋବନ୍ତ ନାୟକ | ୨୬୫ |
| ଏକାକୀ ପଥିକ | ଚୈତନ୍ୟ ବାଗ | ୨୬୭ |
| ବାପା :<br>ଏକା ଏକା ଅଭିମନ୍ୟୁ | ଶେଷଦେବ ପଣ୍ଡା | ୨୬୮ |
| ଖୁସିର ଦୀପ | ମନୋଜ କୁମାର ବେହେରା | ୨୭୦ |
| ଅଭୁଲା ସ୍ମୃତି | ଜନ୍ମଜୟ ନାୟକ | ୨୭୧ |
| ବନ୍ଧୁଟିଏ ଖୋଜୁ ଖୋଜୁ | କମଳ ଲୋଚନ ମଲ୍ଲିକ | ୨୭୩ |
| ଗାଁ ମାଟି | କୁମାରଲାଲ ରଣା | ୨୭୪ |
| ମୁକତି ପାଇବୁ ମୁଢ଼ | ଶ୍ୟାମସୁନ୍ଦର କୁମ୍ଭାର | ୨୭୫ |
| ବୃକ୍ଷ ହିଁ ଜୀବନ | ପ୍ରକାଶ ସାହୁ | ୨୭୬ |
| ଆଜି ମୋ ମନରେ<br>ଆଘାତ ହେଲା | ଶୈଳବାଳା ଷଡଙ୍ଗୀ | ୨୭୯ |
| ସାନ୍ତ୍ୱନା | ବର୍ଷା ରାଣୀ ବିଶ୍ୱାଳ | ୨୮୦ |
| ବନ୍ଧୁ ସେ ତ | ସନାତନ ଦାସ | ୨୮୧ |
| ଜାତକ ମିଳନ ଏକ ଭିତ୍ତିହୀନ<br>ବିଶ୍ୱାସ | ବାଲ୍ମୀକି ନାୟକ | ୨୮୨ |
| ସଞ୍ଜୟ | ସଞ୍ଜୟ କୁମାର ନାଏକ | ୨୮୮ |
| ଗୃହିଣୀ | ଅଶୋକ ଦାସ | ୨୯୦ |
| ଅପୂର୍ଣ୍ଣ ପ୍ରେମିକା | ମେନନ୍ ସାହୁ | ୨୯୨ |
| ଉଦବୋଧନ | କୌସ୍ତୁଭ ଜାଲ | ୨୯୪ |
| କରୋନା ଚଉତିଶା | ଉମେଶ କୁମାର ବିଶ୍ୱାଲ | ୨୯୬ |
| କପରି ଭାରତ<br>ହେବ ସ୍ୱଚ୍ଛ | ଏସ୍. ଶ୍ରୀମନ ନାରାୟଣ ପାତ୍ର | ୨୯୯ |

| | | |
|---|---|---|
| ତୁମ ପାଇଁ ପ୍ରିୟ ପଦେ | ସରୋଜ କୁମାର ଜେନା | ୩୦୧ |
| ସେଇ ଅଭୁଲା ସ୍ମୃତି ର ସାଥୀ | ସୁଧାଂଶୁ ଶେଖର ମଣ୍ଡଳ | ୩୦୩ |
| ହେ ବୀର ସୈନିକ | ଲିଜନ କୁମାର ନାଏକ | ୩୦୬ |
| ହେ ନାବିକ | ପ୍ରଶାନ୍ତ କୁମାର ନାଥ | ୩୦୭ |
| ସ୍ୱ-ସ୍ୱରୂପ ପ୍ରତିଭାତ ହୁଏ ଯେବେ ହୃଦେ | ରମେଶ ଚନ୍ଦ୍ର ସାହୁ | ୩୦୮ |
| ନୀରବ ନାୟକ | ଭଗିରଥୀ ଯାନୀ | ୩୧୦ |
| ଶ୍ରୀମଦ୍ ଭଗବତ୍ ଗୀତାର ସପ୍ତଦଶ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୧୨ |
| ନାରୀ | ବରୁଣ କୁମାର ପାଣି | ୩୧୪ |
| ତୁମ ବିନା | ତପନ କୁମାର ସାହୁ | ୩୧୮ |
| ଖୁସି | ସୁଦୀପ୍ତ କୁମାର ପଣ୍ଡା | ୩୧୯ |
| ଅପା | ଶୁଭସ୍ମିତା ଜେନା | ୩୨୦ |
| ରମ୍ୟ ରଚନା – ଭୁତ ଗେରସ୍ତ | ସତ୍ୟନାରାୟଣ ମିଶ୍ର | ୩୨୨ |
| ନରପିଶାଚ | ସନ୍ତୋଷିନୀ ଓଝା | ୩୨୫ |
| ମତେ ଆଜି ମୁକ୍ତି ଦିଅ | ଦିନେଶ ଅଗ୍ରୱାଲ୍ | ୩୨୭ |
| ଅଳସୀ ପ୍ରିୟା | ରଞ୍ଜନ କୁମାର ପ୍ରଧାନ | ୩୨୯ |
| ନର୍ଘଣ୍ଟ ବେଳା | ସଞ୍ଜୟ କୁମାର ତ୍ରିପାଠୀ | ୩୩୦ |
| ଅନୁଭୂତି ରୁ ପଦେ | ସନ୍ଦୀପ ମହାରଣା | ୩୩୧ |
| କବିତାର ନାୟିକା | ଜଗନ୍ନାଥ ରଥ | ୩୩୪ |
| ଶ୍ରୀ ଜଗନ୍ନାଥ | କଳ୍ପନା ବାରିକ୍ | ୩୩୫ |
| ପ୍ରକୃତିର ଖେଳ | ସଂଜୀବ ମେହେର | ୩୩୭ |
| ଏବେବି ତତେ | ସନତ୍ କୁମାର ପ୍ରଧାନ | ୩୩୯ |

| | | |
|---|---|---|
| ଭଲ ପାଉଛି | | |
| ତୁମ ଅପେକ୍ଷାରେ | ରତନ ଦନସାନା | ୩୪୧ |
| ମୁଁ କ'ଣ ଜାଣିଥିଲି | ସୁବ୍ରତ ସାହୁ | ୩୪୨ |
| ମୋ ପ୍ରିୟା | ଟିକେଶ୍ୱର ସାହୁ | ୩୪୩ |
| ମୁଁ ଏକ ଅନାଥ ଟିଏ | ରାଧାରାଣୀ ରାଉଳ | ୩୪୫ |


## ଆଞ୍ଚଳିକ


| | | |
|---|---|---|
| ବାହର କାଏଁ ଦୋଷ | ସୁନନ୍ଦ ତ୍ରିପାଠୀ | ୩୪୮ |
| ବିଚରା ଚସା | ଶୁକଦେବ ସାହୁ | ୩୪୯ |
| ସମଲେଇ ମାଁ | ବିଶ୍ୱନାଥ ଭୁଏ | ୩୫୧ |
| ନାଇଁ ଯାଏଁ ମୁଇଁ ଦାଦନ | ନବୀନ କୁମାର ପଧାନ | ୩୫୨ |
| ଗୁର୍ଦୁଟେ ଜୁହାର | ଚୁଲେଶ୍ୱର ନାୟକ | ୩୫୩ |
| କଏ ସୁଁଦର୍ | ବାଙ୍କାବିହାରି ମହାକୁର | ୩୫୫ |


## ଶିଶୁ ବିଭାଗ


| | | |
|---|---|---|
| ମଞ୍ଜି ଭରା କଦଳୀ | ଡ଼ଃ ରଞ୍ଜିତ କୁମାର ସାହୁ | ୩୫୮ |
| ରଙ୍ଗବେରଙ୍ଗ ପ୍ରଜାପତି | ନୀଳମାଧବ ସାହୁ | ୩୬୨ |
| ଶୀତ ଆସିଛି | ମୀନାକ୍ଷି ପାଢୀ | ୩୬୬ |
| ଆମୁ ସଚେତନ ହେଲା | ବିଶ୍ୱଜିତ ଆର୍ଯ୍ୟ | ୩୬୭ |
| ବିଦ୍ୟା ଧନ | ସତ୍ୟବ୍ରତ ସାହୁ | ୩୬୯ |
| ସ୍ୱଚ୍ଛ ଭାରତ | ରୋହିତ ସେଠୀ | ୩୭୦ |
| ଗଛଟିଏ ହେବି ଗଛଟିଏ | ଶିଶିର କୁମାର ସାମଲ | ୩୭୨ |

| | | |
|---|---|---|
| ଯଶ ଗାଉଛି ମହୀ | ବିଜୟ କୁମାର ଛାଟୋଇ | ୩୭୪ |
| ଆମେ ଉତ୍କଳ ସନ୍ତାନ | ତପନ କୁମାର ଦାଶ | ୩୭୬ |
| କୋମଳମୋତୀ ଶିଶୁ ମୁଁ | ଦୁଷ୍ମନ୍ତ ବେହେରା | ୩୭୮ |
| ଡେସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୭୯ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୮୦ |


**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ନିର୍ବାଚନ ଫାଟ



ଡକ୍ଟର ବିଜ୍ଞାନୀ ଦାସ

ନିର୍ବାଚନ! ପୁଣି ଏ କରୋନା ମହାମାରୀ ସମୟରେ ? କେମିତି ନିର୍ବାଚନ ହେବ, ସେ ନେଇ ଅନେକ ଆଶା, ଆଶଙ୍କା ଥିଲା ଅର୍ଚ୍ଚନାର ମନରେ । ଯଦିଓ ରାଜନୀତି କ ନିର୍ବାଚନ ନେଇ ତା' ମନରେ ଏତେଟା ଆଗ୍ରହ ନଥାଏ, ତେବେ ପିଲାମାନଙ୍କର ଉତ୍ତେଜନା ଓ ସ୍ୱାମୀଙ୍କର ଆଗ୍ରହ ସବୁର ହାଓ୍ୱାରେ ସିଏ ବି ଭାସି ଯାଉଥିଲା । ଯେତେବେଳେ ଭୋଟ ପୋଷ୍ଟ ଦ୍ୱାରା ପଠେଇବାର ଓ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଭୋଟବାକ୍ସରେ ପକେଇପାରିବାର ବ୍ୟବସ୍ଥା ବିଷୟରେ ଖବର ଆସିଲା, ଅର୍ଚ୍ଚନା ଖୁସିହେଲା । ଯାହାହେଉ, ଏବେ ଆଉ ଭୋଟକେନ୍ଦ୍ରକୁ ଯିବାକୁ ପଡିବନି । ନହେଲେ ଏ କରୋନା ଭୂତାଣୁ ବ୍ୟାପୁଥିବା ସମୟରେ କିଏ ଯାଇ ଭୋଟକେନ୍ଦ୍ରରେ ଭୋଟ ଦେବ ?

ସେମାନେ ସମସ୍ତେ ସେପ୍ଟେମ୍ବର ମାସରେ ଅନ୍‌ଲାଇନରେ ଅନୁରୋଧ କରି ଭୋଟ କାଗଜ ଘର ଠିକଣାରେ ମଗାଇଲେ ଓ ଅକ୍ଟୋବର ମାସରେ ଯେତେବେଳେ ଭୋଟ କାଗଜ ଆସି ପହଞ୍ଚିଲା, ସମସ୍ତ ତଥ୍ୟ ପୂରଣ କରି ଭୋଟକେନ୍ଦ୍ରରେ ରହିଥିବା ଭୋଟବାକ୍ସରେ ପକେଇଦେଲେ ।

ନଭେମ୍ବର ୩ ତାରିଖ । ଘରର ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି । ଟିଭି ଦିନସାରା ଚାଲିଥାଏ । ତା' ସହିତ କଂପ୍ୟୁଟର୍ ଓ ମୋବାଇଲ୍ ଫୋନ୍ ବି ଜାଞ୍ଚ ହେଉଥାଏ । କେତେବେଳେ ସମସ୍ତ ରାଜ୍ୟର ଭୋଟ ଗଣତି ସରିବ ଓ ଫଳାଫଳ ଜଣାପଡିବ । ହେଲେ ରାତି ବାରଟା ବାଜିଲା ସିନା, ନିର୍ବାଚନର ଫଳାଫଳ ଅମୀମାଂସିତ ରହିଗଲା । ଯେଉଁ ସବୁ ଭୋଟ ପୋଷ୍ଟରେ ଆସିଥିଲା, ସେସବୁକୁ ଗଣିବା ପାଇଁ ସମୟ ଲାଗୁଥିଲା । କେତୋଟି ରାଜ୍ୟ ସେମାନଙ୍କ ଫଳାଫଳ ଘୋଷଣା କରିବାକୁ ଆହୁରି ଗୋଟିଏ ସପ୍ତାହ ଲାଗିବ ବୋଲି ଜଣେଇଦେଲେ । ଏବେ ଆଉ କୋଣସି ପାର୍ଟିର ବିଜୟବାର୍ତ୍ତା ଆସିପାରିଲାନି । ତା ପରଦିନ ମାନଙ୍କରେ ବି ସେମିତି ଗଣତି ଚାଲିଲା । କେତେବେଳେ ଦେଖାଉଥାଏ ଯେ ବିଡେନ୍ ଓ

ହାରିସ୍‌ଙ୍କର ୨୫୩ ସିଟ୍ ହୋଇଗଲା, ପୁଣି କେତେବେଳେ ଦେଖାଉଥାଏ ସେମାନଙ୍କର ୨୬୪ ସିଟ୍ ହୋଇଗଲା । ହେଲେ ଟ୍ରଂପ୍ ଓ ପେନ୍‌ସ୍‌ଙ୍କର ସେଇ ୨୧୪ ସିଟ୍ ରହିଥିଲା ।

ସାନ ଝିଅ ମନଟା ବଡ ଅସ୍ଥିର ହେଉଥାଏ । "ସେମାନେ କାହିଁକି ଅପେକ୍ଷା କରିଛନ୍ତି ? ଜଣା ତ ପଡିଲାଣି ବିଡେନ୍ ଆରିଜୋନା ଓ ପେନ୍‌ସିଲ୍‌ଭାନିଆରେ ଜିତିଲାଣି ବୋଲି ।"

ଅର୍ଚ୍ଚନା କହିଲା, "ଶୁଣିଲୁନି ବିଡେନ୍ କଣ କହିଲା । ପ୍ରତ୍ୟେକ ଭୋଟର ମୂଲ୍ୟ ଅଛି । ପ୍ରତି ଭୋଟ ଗଣାଯିବା ଉଚିତ୍ । ଧୈର୍ଯ୍ୟ ଧର । ଯେଉଁମାନେ ନିର୍ବାଚନରେ ଲଢେଇ କରୁଛନ୍ତି, ସେମାନେ ତ ଶାନ୍ତ ଅଛନ୍ତି । ତୁ କାହିଁକି ଅସ୍ଥିର ହେଉଛୁ?"

ନଭେମ୍ବର ୭ ତାରିଖ ଶନିବାର ସୁଦ୍ଧା ନେଭାଡା ରାଜ୍ୟର ଓ ପେନ୍‌ସିଲ୍‌ଭାନିଆ ରାଜ୍ୟର ଭୋଟ ଗଣତି ସରିଗଲା । ଉଭୟ ରାଜ୍ୟରେ ବିଜୟୀ ହୋଇ, ବିଡେନ୍ ଓ ହାରିସ୍ ୨୯୦ ସିଟ୍ ପାଇଲେ ଓ ଆଲାସ୍କାରେ ବିଜୟୀ ହୋଇ ଟ୍ରଂପ୍ ୨୧୭ ସିଟ୍ ପାଇଲା । ୨୭୦ ସିଟ୍ ହିଁ ବିଜୟ ପାଇଁ ଯଥେଷ୍ଟ ଥିଲା । ତେଣୁ ସମସ୍ତ ସମାଚାର ମାଧ୍ୟମ ବିଡେନ୍‌କୁ ପ୍ରେସିଡେଣ୍ଟ ଓ ହାରିସ୍‌କୁ ଭାଇସ୍ ପ୍ରେସିଡେଣ୍ଟ ରୂପେ ବିଜୟୀ ଘୋଷଣା କଲେ । ମନ ଆନନ୍ଦରେ ନାଚି ଉଠିଲା । ସେଦିନ ସେମାନଙ୍କର ବଡଝିଅ ଟୁନି ଓ ତାର ଆମେରିକାନ୍ ସ୍ୱାମୀ ବ୍ରାୟାନ୍‌ଙ୍କ ସହିତ କନିଙ୍ଗହାମ୍ ଫଲ୍ ଦେଖିବାକୁ ଯିବାର ଯୋଜନା ଥିଲା । ସେଇଟା ସ୍ୱାମୀ ଆଦିତ୍ୟଙ୍କର ଜନ୍ମଦିନ ପାଳନ କରିବା ଉପଲକ୍ଷେ ଆଗରୁ ସ୍ଥିର ହୋଇଥିଲା । ଯଦିଓ ଆଦିତ୍ୟଙ୍କ ଜନ୍ମ ତାରିଖର କୌଣସି ସଠିକ କାଗଜପତ୍ର ନାହିଁ, ତେବେ କୁମାରପୂର୍ଣ୍ଣିମୀ ପରଦିନକୁ ତାଙ୍କ ଜନ୍ମଦିନ ଭାବେ ତାଙ୍କ ବୋଉ କହୁଥିବାର ତାଙ୍କର ମନେ ଅଛି । ତେଣୁ ସେହିଦିନକୁ ହିଁ ତାଙ୍କ ପିଲାମାନେ ଓ ଅର୍ଚ୍ଚନା ନିର୍ଦ୍ଧାରିତ କରି ତାଙ୍କ ଜନ୍ମଦିନ ପାଳନ୍ତି, ଯଦିଓ ସେ ଦିନଟି ପ୍ରତିବର୍ଷ ଅଲଗାଅଲଗା ତାରିଖରେ ପଡେ । ତେଣୁ ସେଇ ପାଖାପାଖି ତାରିଖରେ ଛୁଟି ଓ ଭଲ ପାଗ ଥିବା ଦିନଟିଏ ଧାର୍ଯ୍ୟ କରି ସେମାନେ ଛୋଟ ପାରିବାରିକ ମିଳନୀଟିଏ କରନ୍ତି ।

ସାର୍ଟିଫିକେଟ୍‌ର ଜନ୍ମତାରିଖ ତ ସମସ୍ତଙ୍କର ପ୍ରାୟ ଭୁଲ୍ । ସେତେବେଳେ କଣ ପାଇଁ କେଜାଣି କେହି ଜନ୍ମ ତାରିଖକୁ ଏତେଟା ବିଶେଷତ୍ୱ ଦେଉନଥିଲେ । ଯାହାବି ହେଉ, ଆମେରିକାରେ ଜନ୍ମଦିନ ପାଳିବା ଏକ ଫେଶନ୍ । ସେଇ ମାଧ୍ୟମରେ ସମସ୍ତେ ସ୍ନେହ ଦେଖାନ୍ତି । ନଭେମ୍ବର ସାତ ତାରିଖ ଦିନ ପାଗ ବି ଭଲ ଥିଲା । ଏ ଶୀତ ସମୟରେ ମଧ୍ୟ ଆଦ୍ୟ ଗ୍ରୀଷ୍ମର ତାପମାତ୍ରା ରହିଥିଲା । ଟୁନି ଓ ବ୍ରାୟାନ୍ ସାଢେ ଏଗାରଟା ବେଳକୁ ପହଞ୍ଚିଗଲେ । ଟୁନି କେକ୍ ଉପରେ ବ୍ଲୁବେରିର ଗୋଟିଏ ଆସ୍ତରଣ ଦେଇ ସଜେଇ

ରଖିଦେଲା । ତାପରେ ଶୀଘ୍ରଶୀଘ୍ର ଲଞ୍ଚ୍ କରି ସେମାନେ ବାହାରିଗଲେ । ବାଟରେ ଯେଉଁ ସ୍ଥାନ ମାନଙ୍କରେ କ କାହା ଘରର ଲନରେ ଟ୍ରମ୍ପ୍ ଓ ପେନ୍ସ୍‌ଙ୍କର ବ୍ୟାନର୍ ଥିବାର ମନ ଦେଖୁଥିଲା, ଅତି ଜୋରରେ ପାଟି କରୁଥିଲା, "ତମେମାନେ ହାରିବା ଦଳ, ହାଃ, ହାଃ" । ଆଦିତ୍ୟ ଆକଟ କରୁଥିଲେ । "ଏତେ ଜୋରରେ କହନ । ସେମାନେ ଶୁଣିବେ ଯଦି, ସିଧା ବନ୍ଧୁକ ଧରି ଆସିଯିବେ ଆମ ପାଖକୁ ।" ଯଦିଓ ସେମାନେ ନେଇଥିବା ଭ୍ୟାନ୍‌ର ଦ୍ୱାର ବନ୍ଦ ଥିଲା ଓ କଥୋପକୋଥନର ସ୍ୱର ବାହାରକୁ ଏତେଟା ଶୁଣାଯିବାର ଅବକାଶ ନଥିଲା, ତେବେ ବି ଆଦିତ୍ୟ ସମସ୍ତଙ୍କୁ ସଂଯମରେ ରହିବାକୁ ପରାମର୍ଶ ଦେଲେ ।

କନଙ୍ଗହାମ୍ ଫଲ୍ ଦେଖିବାକୁ ସେଦିନ ଅନେକ ପରିବାର ଯାଇଥାଆନ୍ତି । ଯଦିଓ କାଟୋସିନ୍ ପର୍ବତମାଳାର ୪୩ ଏକରର ଏ ପାର୍କରେ ପରିଦର୍ଶକ ମାନେ ସମସ୍ତେ ବିଭିନ୍ନ ସ୍ଥାନରେ ଗାଡି ରଖି ବଣ ଭିତରେ ବୁଲିବାକୁ, ବ୍ୟାୟାମ କରିବାକୁ ଯାଇଥାଆନ୍ତି, ତେବେ ମୁଖ୍ୟ ପ୍ରବେଶଦ୍ୱାର ନିକଟରେ ପ୍ରାୟତଃ ୨୦୦ ପାଖାପାଖି ଗାଡି ପାର୍କ ହୋଇଥାଏ । ସେମାନେ ବାମପଟେ ଖାଲିଥିବା ଗୋଟିଏ ପାର୍କିଙ୍ଗ୍ ସ୍ଥାନରେ ପାର୍କ କରି ପାହାଡ ଉପରକୁ ଫଲ୍ ଦିଗରେ ଚଢିଲେ । ପାର୍କିଙ୍ଗ୍ ସ୍ଥାନରୁ ପ୍ରାୟତଃ ଦେଢ ମାଇଲ୍ ରାସ୍ତା ଗଲିଲେ, ଫଲ୍ ପରିଲକ୍ଷିତ ହୁଏ । ସେସବୁ ପାହାଡିଆ ରାସ୍ତାରେ ଉପରକୁ ଉଠି ଚଢିବାକୁ ସାଧାରଣତଃ କଷ୍ଟ ଲାଗେ । ତେବେ ସେଦିନ ଅନାୟାସରେ ପାହାଡ ଚଢି ଗଲୁଥିଲା ଅର୍ଚ୍ଚନା । ପାହାଡିଆ ରାସ୍ତା ଅଣ ଓସାରିଆ । ଅନ୍ୟ ଦିଗରୁ କେହି ଆସୁଥିଲେ କରୋନା ଭୂତାଣୁ ପାଇଁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରି ଟିକେ ଦୂରେଇ ଯିବାକୁ ପଡୁଥିଲା । ତେବେ ଫଲ୍ ପାଖରେ ପହଞ୍ଚି ଦେଖିବା ବେଳକୁ ଝରରେ ଏତେଟା ପାଣି ନାହିଁ । ଗତଥର ସେମାନେ ଅକ୍ଟୋବର ମାସରେ ଆସିଥିଲେ । ସେତେବେଳେ ଝରରେ ଅନେକ ପାଣି ଥିଲା । ଗୋଟିଏ ମାସ ଭିତରେ ଏତେ ପରିବର୍ତ୍ତନ **?** ଫଲ୍ ଦେଖିସାରି ସେମାନେ ହ୍ରଦ କୂଳକୁ ଫେରିଲେ । ହ୍ରଦରେ ବି ସେମିତି ପାଣି କମ୍ ଥାଏ । ଅନେକ ପରିବାର ବାଲି ଉପରେ ଅନ୍ୟ ପରିବାରଙ୍କଠାରୁ ସୁରକ୍ଷିତ ଦୂରତା ରଖି ନିଜର ସ୍ଥାନ ବାଛି ନେଇଥାନ୍ତି । କିଏ ବ୍ୟାଡ୍‌ମିଣ୍ଟନ୍ ଖେଳୁଥାଏ ତ କିଏ ଭଲିବଲ୍ । କିଛି ଛୋଟ ପିଲା ବାଲି ଖୋଳି ସେଥିରେ ପ୍ରତିମା ଗଢୁଥାନ୍ତି ଓ ଭାଙ୍ଗି ଦେଇ ପୁଣି ନୂଆ କିଛି ପ୍ରତିମା ଗଢୁଥାନ୍ତି । କିଛି ବ୍ୟକ୍ତି ବଣଭୋଜି କରୁଥାନ୍ତି । ସେଠି ବେଲୁନ୍ ଉଡୁଥାଏ ଓ ଅନେକ ରକମର ଖାଦ୍ୟପଦାର୍ଥ ରଖାଯାଇଥାଏ । ସେମାନେ ସମସ୍ତେ ଘାସ ଉପରେ ବସିଲେ ଓ ଗପଶପ କରିବା ସହିତ ହ୍ରଦର ସୌନ୍ଦର୍ଯ୍ୟ ଓ ଅନ୍ୟ ସବୁ ପରିବାରମାନଙ୍କର ଖେଳ ଓ ବଣଭୋଜି ଦେଖି ଉପଭୋଗ କଲେ । କନଙ୍ଗହାମ୍ ଫଲ୍

ରେ ତିନ ଘଣ୍ଟା ବିତାଇ ଗ୍ରାମୀଣ ରାସ୍ତା ଦେଇ ଘରକୁ ଫେରିବାକୁ ଆଦିତ୍ୟ ଚାହିଁଲେ । ମନ ତା' ମୋବାଇଲ୍ ଫୋନ୍ ଦେଖି ଗ୍ରାମୀଣ ରାସ୍ତା ବାଛିଦେଲା ଓ ଆଦିତ୍ୟଙ୍କୁ ରାସ୍ତା ବତାଉଥିଲା । ବିଶେଷତଃ ଏ ସମୟର ବଦଳୁଥିବା ପତ୍ର ମାନଙ୍କର ରଙ୍ଗ ଗ୍ରାମୀଣ ରାସ୍ତା ସବୁକୁ ଅତ୍ୟନ୍ତ ସୁନ୍ଦର ରୂପେ ଚିତ୍ରିତ କରି ରଖିଥିଲା । ଯଦିଓ କିଛି ଗଛର ପତ୍ର ସମସ୍ତ ଶୁଖି ଆସୁଥିଲେ, ତଥାପି ଅନେକ ଗଛର ରଙ୍ଗ ସେମିତି ଅକ୍ଷତ ରହିଥିଲା । ଏହି ସମୟରେ ଗୋଟିଏ ଘର ଆଗରେ ଦୁଇଟି ୨୦-୨୨ ବର୍ଷର ଝିଅ ଟ୍ରମ୍ପ୍ ଓ ପେନ୍ସ୍‌ଙ୍କର ଏକ ବିରାଟ ବ୍ୟାନର୍ ଧରି ଠିଆ ହୋଇଥିବାର ଦୃଷ୍ଟିଗୋଚର ହେଲା । ମନ ତା ଅଭ୍ୟାସ ଅନୁଯାୟୀ ପୁଣିଥରେ ଚଲେଇଲା । ତାପରେ ସେମାନେ ସମସ୍ତେ ଆଲୋଚନାରେ ମଜ୍ଜିଗଲେ । "ଏମାନଙ୍କୁ କଣ ଖବର ମିଳନ୍ତି ବିଡେନ୍ ଓ ହାରିସ୍ ଜିତିଗଲେଣି ବୋଲି ? କି ରକମର ବୋକା ଲୋକ ଏମାନେ ?"

ସେଦିନ ଅନେକ ସାଙ୍ଗସାଥୀଙ୍କ ଠାରୁ ହ୍ୱାଟ୍ସ୍‌ଆପ୍ ମେସେଜ୍ ଓ ଭିଡିଓ ସବୁ ଆସୁଥାଏ । ବିଶେଷ କରି ଭାଇସ୍ ପ୍ରେସିଡେଣ୍ଟ କମଳା ହାରିସ୍ ଭାରତୀୟ ବଂଶୋଦ୍ଭବ ଥିବାରୁ ସମସ୍ତ ଭାରତୀୟ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଖେଳଯାଇଥାଏ । ଜଣାପଡିଲା, ବିଡେନ୍ ଓ ହାରିସ୍‌ଙ୍କର ଦାୟିତ୍ୱ ଗ୍ରହଣ ବିଜୟ ଭାଷଣ ରାତି ୮ଟାରେ ପ୍ରସାରିତ ହେବ । ଘରେ ପହଞ୍ଚି ଚାହା ପିଆ ପର୍ବ ସରୁସରୁ ସାଢେ ଛଅଟା ବାଜିଗଲା । ମନ ରେଷ୍ଟୁରାଣ୍ଟରୁ ଖାଇବା ଅର୍ଡର୍ କରିଦେଇଥିଲା । ମନ ଓ ଟୁନ ଦୁଇଜଣ ଯାଇ ଖାଦ୍ୟ ନେଇଆସିଲେ । ଖିଆପିଆ ସରୁସରୁ ସାଢେ ସାତ । "ଆରେ ଶିଘ୍ରଶୀଘ୍ର କେକ୍ କଟା ଶେଷ କର । ତାହେଲେ ଆମେ ବିଡେନ୍ ଓ ହାରିସ୍‌ଙ୍କର ବିଜୟ ବାର୍ତ୍ତାର ପ୍ରସାରଣ ଦେଖିପାରିବା ।" - ଅର୍ଚ୍ଚନାର ଏ ବାର୍ତ୍ତାରେ ଝିଅ ଦୁଇଜଣ ଟେବୁଲ୍‌କୁ ପରିଷ୍କାର କରି କେକ୍ ଆଣି ରଖିଲେ ଓ ସେଥିରେ ମହମବତୀ ଖଞ୍ଜିଲେ । ଆଦିତ୍ୟ ଓ ଅର୍ଚ୍ଚନା ଯାଇ ଠାକୁରଙ୍କ ଘରେ ପ୍ରାର୍ଥନା ଶେଷ କରି ଆସିଲେ । ବ୍ରାୟାନ୍ ତା କୁକୁରକୁ ବାହାରକୁ ନେଇ ତାର ଶୌଚ କରେଇ ଆଣିଲା । କେକ୍ କଟା ପରେ ସମସ୍ତେ ବସିଗଲେ ଟିଭି ସାମନାରେ ଓ ଶୁଣିଲେ ବିଜୟର ବାର୍ତ୍ତା ।

ଟିଭି ଚ୍ୟାନେଲ୍ ସବୁ ନ୍ୟୁୟର୍କର, ଲସ୍ ଆଞ୍ଜେଲେସ୍‌ର, ଫିଲାଡେଲ୍‌ଫିଆର, ଡିସିର ଓ ଉଇଲ୍‌ମିଙ୍ଗଟନ୍‌ର ଜନ ସମାରୋହ ଓ ଉତ୍ସବର ବିବରଣୀ ଦେଖାଉଥିଲେ । ଉଇଲ୍‌ମିଙ୍ଗଟନରେ ହିଁ ବିଡେନ୍ ଓ ହାରିସ୍‌ଙ୍କ ବିଜୟ ମଞ୍ଚର ଆୟୋଜନ ହୋଇଥାଏ । ଆଶ୍ଚର୍ଯ୍ୟ ଲାଗୁଥିଲା ଯେ କରୋନା ଭୂତାଣୁ ସଂକ୍ରମଣର ଦ୍ୱିତୀୟ ପ୍ରବାହ ଚାଲିଥିବା ସତ୍ତ୍ୱେ ବି

ଏତେ ଲୋକ ସବୁ ଏକତ୍ରିତ ହୋଇଛନ୍ତି । ଖାଲି ତ ଏକତ୍ରିତ ହୋଇନାହାନ୍ତି, ପୁଣି ସେଥିରେ ନାଚ, ହୋହଲ୍ଲା କରି ସ୍ଲୋଗାନ୍ ଦେଉଛନ୍ତି । ଭାଷଣ ଚାଲିଥିବା ବେଳେ ମଝିରେ ମଝିରେ ବହୁତ ଲୋକ ଭାବପ୍ରବଣ ହୋଇପଡୁଥାନ୍ତି ଓ କାନ୍ଦି ପକାଉଥାନ୍ତି । ଯେମିତି ଏକ ମହୋତ୍ସବ ଚାଲିଛି । ସମସ୍ତେ ଆନନ୍ଦରେ ଗଦଗଦ ହୋଇଯାଉଥାନ୍ତି ।

ହେଲେ ତା ପରଦିନ ଖବର ଆସିଲା ଯେ ଟ୍ରମ୍ପ୍ ଏ ସବୁକୁ ଗ୍ରହଣ କରୁନ ଏବଂ କୋର୍ଟରେ ଚ୍ୟାଲେଞ୍ଜ୍ କରିବାକୁ ସ୍ଥିର କରିଛି । ଟ୍ରମ୍ପ୍ ସମର୍ଥକ ମାନଙ୍କର ଯୁକ୍ତି ହେଲା ଯେ ଭୋଟ ସବୁ ଜାଲିଆତି ହୋଇଛି ଓ ସେସବୁ ବିଡେନ୍ ଟିମ୍‌କୁ ହିଁ ମିଳିଛି । ଏମିତିକି ସିଏ ନିଜର ବିଜୟ ଉତ୍ସବ ପାଳନ କରିବାକୁ ବି ସ୍ଥିର କରିଥିବାର ଶୁଣା ଯାଉଥିଲା । "ସିଏ ସତରେ ପାଗଳ ନା କଣ ? ନା କରୋନା ହେବା ଫଳରେ ତାର ମସ୍ତିସ୍କ ବିକୃତି ଘଟିଛି ? ଏମିତି ଅଦ୍ଭୁତ ଯୁକ୍ତି କିଏ କରେ ?" କୃଷ୍ଣକାୟ ଗୋଷ୍ଠୀର ସଭ୍ୟ ଓ ସମର୍ଥକ ମାନେ ସମସ୍ତେ ୱାସିଂଟନ୍ ଡିସିରେ ପ୍ରାୟତଃ ପ୍ରତିଦିନ ଏକତ୍ରିତ ହେଉଥିଲେ । ସେଥିପାଇଁ ୱାସିଂଟନ୍ ଡିସିର ପୋଲିସ୍ ଫୋର୍ସ ମଧ୍ୟ ମୁତୟନ ହୋଇ ଜଗି ରହୁଥିଲେ । କାଳେ କେଉଁ ସମୟରେ କିଛି ଅଘଟଣ ଘଟିଯିବ ?

ଅର୍ଚ୍ଚନା ମନେ ପକାଉଥିଲା ଏ ନିର୍ବାଚନୀ ହିଂସାର ଏକ ଦାରୁଣ କାହାଣୀ । ନିଜ ଆଖି ଦେଖା, କୌଣସି ଉଡା କାହାଣୀ ନୁହେଁ । ଏଠି ଆମେରିକାରେ ହୁଏତ ଏମାନେ ସମସ୍ତେ କୋର୍ଟ କେସ୍ କରି ଫୈସଲା କରିବାକୁ ସ୍ଥିର କରନ୍ତି । ସେଥିରେ ଓକିଲ ମାନେ ଯୁକ୍ତି ତର୍କ କରନ୍ତି, ଅନେକ ଅର୍ଥ ବ୍ୟୟ ହୁଏ, ହେଲେ ମଣିଷ ମଣିଷ ଉପରେ ବ୍ୟକ୍ତିଗତ ଭାବେ ଯାଇ ଲଢେଇ କରେନି କି କିଛି ହିଂସା ଦେଖାଏନି । ଦୁଇ ପଡୋଶୀ ଭିନ୍ନ ରାଜନୀତି ଦଳର ହୋଇଥିଲେ ମଧ୍ୟ, କିଏ କାହାର ବ୍ୟକ୍ତିଗତ କ୍ଷୟକ୍ଷତି କରନ୍ତିନି କି କରାନ୍ତିନି । ହେଲେ ଓଡିଶାରେ, ଭାଇଭାଇଙ୍କ ମଧ୍ୟରେ ଲାଗିଯାଏ ଯୁଦ୍ଧ, ବନ୍ଧୁବନ୍ଧୁଙ୍କ ଭିତରେ ଲାଗିଯାଏ ଯୁଦ୍ଧ । ଘରେଘରେ ଛକାପଞ୍ଝା ଚାଲିଥାଏ । ଅର୍ଚ୍ଚନାର ଗାଁରେ ଥାଆନ୍ତି ବନି ଦାଦା ଯିଏ କି କଂଗ୍ରେସର ସମର୍ଥକ । ସେତେବେଳକୁ ସିଏ ପୂର୍ଣ୍ଣ ଯୁବକ । ଦେହରେ, ମନରେ, ବାକ୍ୟରେ, କାମରେ ଅଜସ୍ର ଶକ୍ତି ଓ ସାମର୍ଥ୍ୟ । ପାଞ୍ଚପାଞ୍ଚଟା ଲୋକଙ୍କୁ ଏକଲା କାବୁ କରିଦେବାର କୌଶଳ ତାଙ୍କ ପାଖରେ । ତାଙ୍କୁ ହାତ କରିଥାନ୍ତି କଂଗ୍ରେସ ଦଳ । ଯିଏ ଜନତା ଦଳ କି କମ୍ୟୁନିଷ୍ଟ ଦଳକୁ ସମର୍ଥନ କରୁଥିବାର ଜଣାପଡିଯାଏ, ସେତେବେଳେ ବନି ଦାଦା ଯାଇ ତାଙ୍କ ଘରେ ଧମକ ଦେଇ ଆସନ୍ତି । "କହିଦେଲି ବଡବୋଉ, କଂଗ୍ରେସକୁ

ହିଁ ସମସ୍ତେ ଭୋଟ ଦେବ । ନହେଲେ କିଛି ଭଲ ହେବ ନାହିଁ କହୁଛି । ବଡବାପାଙ୍କୁ କହିଦେବୁ ।"

ଅର୍ଚ୍ଚନାର ମାମୁଁ ଜନତା ଦଳର ଥିଲେ । ସିଏ ଜନତା ଦଳ ପାଇଁ ସେ ଅଞ୍ଚଳରେ ମୁଖ୍ୟ ପ୍ରଚାରକ ଥାଆନ୍ତି । ମାମୁ ସେ ସମୟରେ ଏମ୍.ଏ. ପାସ୍ କରିଥିଲେ ଓ ସ୍ଥାନୀୟ ସ୍କୁଲରେ ଇଂରାଜୀ ଶିକ୍ଷକ ଥିଲେ । ତା ସହିତ ମାମୁଁ ଜଣେ ବାଗ୍ମୀ ଓ ବିଚକ୍ଷଣ ପ୍ରତିଭାର ବ୍ୟକ୍ତି ଥିଲେ । ଜନତା ଦଳ ତାଙ୍କୁ ଅସ୍ତ୍ର କରି ସେ ଅଞ୍ଚଳରେ ଭୋଟ ପ୍ରଚାର ଜାରି ରଖିଥିଲେ । ତେଣୁ ଅର୍ଚ୍ଚନା ଘର ଉପରେ ସମସ୍ତଙ୍କର ନଘା ଥାଏ । ତାଙ୍କ ଘରକୁ କିଏ ଯିବାଆସିବା କରୁଛି, ସେମାନେ କାହା ଘରକୁ ଯିବାଆସିବା କରୁଛନ୍ତି, ବନ ଦାଦାଙ୍କ ଦଳର ଲୋକମାନେ ସବୁ ଛକକ ରହିଥାନ୍ତି ଓ କଡା ନଜର ରଖିଥାନ୍ତି ।

ଏମିତି କି ସମସ୍ତଙ୍କର ମାମୁ ଘରକୁ ଯିବା ବନ୍ଦ ହୋଇଗଲା । ସେତିକି ବେଳକୁ ଅର୍ଚ୍ଚନାର ଅଜା ଅସୁସ୍ଥ ହୋଇପଡିଲେ । ବୋଉ ବଡ ଅସ୍ଥିର ହେଲା । ଅଜାଙ୍କୁ ଦେଖିଯିବାକୁ ଜିଦ୍ କଲା । ଶେଷରେ ଜେଜେଙ୍କ ପରାମର୍ଶ ନେଇ ସାନଦାଦା ବୋଉକୁ ତା' ବାପଘରକୁ ନେଇ ଗଲେ । ଯିବା ବାଟରେ କୁଆଡେ ବନ ଦାଦାଙ୍କ ଦଳର କେହି ଜଣେ ଯୁବକ ଆସି ତାଙ୍କୁ ଧମକଚମକ କଲା । ଯଦି କଂଗ୍ରେସକୁ ଭୋଟ ନଦେଇ ଜନତାକୁ ସେମାନେ ଭୋଟ ଦିଅନ୍ତି, ତେବେ ପରିଣାମ ଭଲହେବନ ବୋଲି ଜଣେଇଦେଲା । ବୋଉ ତାକୁ ଅନୁନୟ ବିନୟ କରି ଜଣେଇଲା ଯେ, ସିଏ ତା ଅସୁସ୍ଥ ବାପାଙ୍କୁ ଦେଖିବାକୁ ଯାଉଛି; ଭୋଟ ଯିଏ ଯାହାକୁ ଦେବାର କଥା ଦେବ, ସେ ନେଇ କାହା ଉପରେ ଚାପ କାହିଁକି ପକାଯିବ ।

ଏଥିରେ କୁଆଡେ ଉତ୍କ୍ଷିପ୍ତ ହୋଇ ସେ ଯୁବକ ଜଣକ ବୋଉକୁ କହିଲା, "ସେ କଥା ତମ ଭାଇକୁ ଯାଇ କୁହ । ସିଏସେ ଜନତା ଦଳ ପାଇଁ କାହିଁକି ପ୍ରଚାର କରୁଛି, ସଭାସମିତି କରାଉଛି ? ଆଉ ସମସ୍ତଙ୍କୁ ଟଙ୍କା ଦେଇ କିଣିବାକୁ ବସିଛି । ଏ କଥା ଭଲ ନୁହେଁ ।"

ବୋଉ କୌଣସି ମତେ ଯାଇ ଅଜାଙ୍କୁ ଦେଖିଆସିଲା । ମାମୁଁ ତାଠାରୁ ବଡ । ସିଏ କେବେ ମାମୁଙ୍କ ମୁହଁରେ କିଛି କହେନ । ତେଣୁ ସେ ମାଇଁଙ୍କୁ ଏ ବିଷୟରେ ଜଣେଇଦେଲା । ମାମୁଁ ସତର୍କ ରହିବେ ବୋଲି ବୁଝେଇବାକୁ କହିଲା । ଘରେ ଆସି ପହଞ୍ଚି ସିଏ ଓ ଦାଦା ଯେତେବେଳେ ସବିଶେଷ ସେ ଧମକଚକମ କଥା କହିଲେ, ସମସ୍ତେ ଡରିଗଲେ । ତା ପରଦିନଠାରୁ ସ୍କୁଲ୍ ଗଲେ ବି ସେମାନଙ୍କ ସହିତ ଜଣେ ଲୋକ ଠେଙ୍ଗାଟିଏ ଧରି ଯାଉଥିଲା । ବାପା କଟକରେ ରହି ଚାକରି କରୁଥିଲେ । ପ୍ରାୟତଃ ମାସରେ ଥରେ ସିଏ ଗାଁକୁ ଆସନ୍ତି ।

ସେତେବେଳେ ବସ୍ ଗାଁ ପର୍ଯ୍ୟନ୍ତ ଆସୁନଥିଲା କ ରାସ୍ତାଘାଟର ସେମିତି ସୁବିଧା ନଥିଲା । ବସ୍‌ରୁ ଓହ୍ଲେଇ ସାରି ବାପାଙ୍କୁ ୪ ମାଇଲ୍ ରାସ୍ତା ଚାଲିବାକୁ ପଡେ । ତାଙ୍କ ପାଖକୁ ଚଠି ଗଲା ଯେ ସିଏ ଯେବେ ଘରକୁ ଆସିବେ, ଯେଉଁ ବସ୍ ରେ ଆସିବେ, ଚଠି ଦେଇ ଜଣେଇବେ । ତାହେଲେ ଜଣେ କଏ ତାଙ୍କୁ ବସ୍‌ଷ୍ଟପ୍ ରେ ନେବାକୁ ଯାଇପାରିବ ।

ଏମିତି ଛକାପଞ୍ଝା ଭିତରେ ନିର୍ବାଚନ ହୋଇ ସେ ବର୍ଷ ଜନତା ଦଳ ଜିତିଗଲେ । ହେଲେ ବନ ଦାଦା କ ତାଙ୍କ ଦଳ ଭୁଲିପାରିଲେନି ସେ ଅପମାନ । ପ୍ରତି ମୁହୂର୍ତ୍ତରେ ସେମାନେ ଛକକରି ରହିଲେ । କୌଣସି ନିର୍ବାଚନ ପରର ବିଜୟ ଉଲ୍ଲାସ ଯେମିତି ନ ମନାଯାଇପାରିବ, ସେଥିପାଇଁ ମାଇକ୍ ବଜେଇ ତିନି ଚାରିଖଠ ଗାଁରେ ପ୍ରଚାର କରିଦେଇ ଆସିଲେ । "ଭୋଟ ସବୁ ଜାଲି ହୋଇଛି । ନହେଲେ ଏ ସବୁ ଗାଁର ଅଧିକାଂଶ ଲୋକ ଯିଏ ସବୁ କଂଗ୍ରେସ ଠାରୁ ଟଙ୍କା ନେଇ ଭୋଟ ଦେବାକୁ କହିଥିଲେ, ସେମାନେ ତ ଦେଇଥିବେ । ତେବେ ଜନତା ଦଳ ଜିତିଲା କେମିତି **?** ଜନତା ଦଳ ଜିତିଲା କାହିଁକ **?"**

ଭୋଟ ସିନା ସରିଗଲା, ହେଲେ ଭୋଟ ଜନତ ଫାଟ ଆଉ ପୂରିଲା ନାହିଁ । ମାମୁଁ ତାଙ୍କ ଘର ଦାଣ୍ଡର ଗୋଟିଏ ବିଜୟ ସଭା କରୁଥିଲେ । ସେଠି ଜନତା ଦଳର କଛି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ଓ ସେଠି ଭାଷଣ, ଭୋଜିଭାତ, ଖିଆପିଆ ସବୁ ଚାଲିଥିଲା । ଏହି ସମୟରେ କୁଆଡେ ବନ ଦାଦାଙ୍କ କଂଗ୍ରେସ କର୍ମୀ ସେଠି ପହଞ୍ଚିଗଲେ । ମାମୁଁଙ୍କ ସହିତ ଯୁକ୍ତିତର୍କ କଲେ ଓ ମାମୁଁ ସେମାନଙ୍କୁ ଚାଲିଯିବାକୁ କହିବାରୁ ତାଙ୍କ ଉପରେ ଆକ୍ରମଣ କଲେ । ସେ ଆକ୍ରମଣରେ ମାମୁଁଙ୍କୁ କଏ ଜଣେ ଛୁରି ଭୁସିଦେଲା ଓ ମାମୁଁ ସେଇଠି ତଳେ ପଡିଗଲେ । ମାମୁଁ ତ ମରୁମରୁ ବଞ୍ଚିଗଲେ, ହେଲେ ତାଙ୍କ ଦଳର ଆଉ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଗଲା । ଫୌଜଦାରୀ ମକଦ୍ଦମା ଅନେକ ଦିନ ଧରି ଲାଗିଥିଲା । ବନ ଦାଦା ଜେଲ୍ ଗଲେ । ମାମୁଁ ବଞ୍ଚିଲେ ବି ଆଉ ପୁରୁଣା ମାମୁଁ ହୋଇ ରହିଲେନି । ତାଙ୍କ ମାନସିକ ସ୍ଥିତି ସଂପୂର୍ଣ୍ଣ ବଦଳିଗଲା । ତାଙ୍କ ତାରୁଣ୍ୟ, ତାଙ୍କ ଓଜସ୍ୱୀ ଭାଷଣ, ତାଙ୍କ ତେଜ ସବୁ ଯେମିତି ହଠାତ୍ ବିଲୀନ ହୋଇଗଲା । ଆଉ ଯେଉଁ ରାଜନେତା ମାନଙ୍କୁ ଜିତେଇବା ପାଇଁ ଏ ଗାଁ ଗାଁର ପଡୋଶୀ ମାନଙ୍କ ମଧ୍ୟରେ ଏମିତି ଶତ୍ରୁତା ହୋଇଗଲା, ଭାଇଭାଇ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା, ସେମାନଙ୍କ ଜୀବନରେ କଛି ସେମିତି ବ୍ୟତିକ୍ରମ ଆସିନଥିଲା । ତା' ପରବର୍ତ୍ତୀ ନିର୍ବାଚନ ସମୟରେ ସେ ଅଞ୍ଚଳରୁ କଂଗ୍ରେସ ଜିତିଥିଲା ।

ସେଥିପାଇଁ ଭାରତରେ ନିର୍ବାଚନ ସମୟ ଆସିଲେ, ଅର୍ଚ୍ଚନା ମନରେ ଭୟ ପଶିଯାଏ । ଗାଁରେ ହେଉ କି ସହରରେ ହେଉ, କେହି ଯେମିତି ସୁରକ୍ଷିତ ନୁହଁନ୍ତି, ସେମିତି ମନେହୁଏ । ଅର୍ଚ୍ଚନା ବାରମ୍ବାର ଓଡିଶା ଫୋନ୍ କରେ ଓ ପରିବାରର ସମସ୍ତଙ୍କୁ ଶାନ୍ତ ରହିବାକୁ ପରାମର୍ଶ ଦିଏ । "କିଏ କାହାକୁ ଭୋଟ ଦେବ, ସେଥିପାଇଁ ଏତେ ଦେଖେଇ ହେବାର କଣ ଦରକାର? ନିଜ ମତ ନିଜ ମନ ଭିତରେ ରଖ । ଯେତେବେଳେ ଭୋଟକେନ୍ଦ୍ରକୁ ଯିବ, ନିଜ ଭୋଟଟି ଦେଇଆସିବ । ତମେ ଯିଏ ଯାହାକୁ ଉପଯୁକ୍ତ ଭାବିବ, ତାକୁ ଭୋଟ ଦେବ; କାମ ସରିଲା।" ହେଲେ ଆମେରିକା ଦେଶରେ ବି ସେମିତି ନିର୍ବାଚନୀ ହିଂସା ପଶିଯିବ ବୋଲି ଧାରଣା ନଥିଲା ଅର୍ଚ୍ଚନାର ।

ଆଜି ନଭେମ୍ବର ୧୪ ତାରିଖ । ଏ ଭିତରେ ନିର୍ବାଚନ ସରିବାର ୧୨ ଦିନ ବିତିଗଲାଣି । ଯୋସେଫ୍ ବିଡେନ୍ ଓ କମଳା ହାରିସ୍ ବିଜୟୀ ହୋଇଥିବାର ସିଦ୍ଧାନ୍ତ ହୋଇସାରିଲାଣି । ହେଲେ ବି ଆଜି ୱାସିଂଟନ୍ ଡିସିରେ ଟ୍ରଂପ୍‌ଙ୍କ ସମର୍ଥକ ମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଟିଭିରେ ପ୍ରସାରଣ ହେଉଥିଲା ସେମାନଙ୍କ ହିଂସା ଓ କ୍ରୋଧର ପ୍ରଦର୍ଶନ । ସେମାନଙ୍କୁ ବିରୋଧ କରି ଆଉ ଗୋଟିଏ ଦଳ ମଧ୍ୟ ସେଠି ଏକଜୁଟ ଥିଲେ । ଲାଗିଥିଲା ଦୁଇ ଦଳଙ୍କ ମଧ୍ୟରେ ଘମାଘୋଟ ଲଢେଇ । ଲଢେଇ ନୁହେଁ ତ ଆଉ କଣ, କିଏ କାହା ଟୋପି ନେଇଗଲାଣି ତ, କିଏ କାହାକୁ ଠେଲି ତଳେ ପକେଇଦେଲାଣି । କିଏ କାହାକୁ ବାଡିରେ ପିଟିଲାଣି ତ କିଏ କାହା ଉପରକୁ ଢେଲା ପକେଇଲାଣି । ଜଣେ କୋଡିଏ ବର୍ଷ ଯୁବକକୁ କିଏ ଜଣେ ଛୁରି ମାରିଦେଇଛି । ଦୁଇଜଣ ପୋଲିସ୍ ଅଫିସର୍ ମଧ୍ୟ ଆହତ ହୋଇଛନ୍ତି ।

ଏପଟେ ଗୋଟିଏ ଦିନରେ ଯୁକ୍ତରାଷ୍ଟ୍ର ଆମେରିକାରେ କରୋନା ଭୂତାଣୁ ଦ୍ୱାରା ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୧୫୯,୦୦୦ ବଢିଥିଲା । ହେଲେ ବିଦ୍ରୋହୀ ମାନଙ୍କ ମନରେ ନା ଥିଲା କରୋନା ଭୂତାଣୁକୁ ଭୟ, ନା ଥିଲା ଅନ୍ୟ ମଣିଷଙ୍କ ପ୍ରତି ମାନବିକତାର ସମବେଦନା । କେବଳ ଥିଲା ଉତ୍ତେଜନା, ରାଗ, କ୍ଷୋଭ ଓ ପ୍ରତିଶୋଧର ଭାବନା ।

"ହେ ଭଗବାନ । କିଛି ତ କର । ମଣିଷମାନଙ୍କୁ ସଦ୍‌ବୁଦ୍ଧି ଦିଅ ପ୍ରଭୁ ।" ଆକୁଳ ଚିତ୍ତରେ ଇଶ୍ୱରଙ୍କୁ ପ୍ରାର୍ଥନା କରିବା ଛଡା ସାଧାରଣ ମଣିଷର ଆଉ ବା କି ଚାରା ଅଛି ?

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଅୟସ୍କାନ୍ତ ! ପଚାରନା ମୋତେ ..



ପ୍ରାଧାପିକା ଜ୍ୟୋସ୍ନା ରାୟ

**ଅୟସ୍କାନ୍ତ!**
**ପଚାରନା ପଚାରନା ମୋତେ**
**ନିର୍ଲିପ୍ତ ଏ ହସର ରହସ୍ୟ**
**ତୁମର ସେ ସନ୍ଦିଗ୍ଧ ଆଖିରେ...**

**ତୁମେ କଣ ପଚାରିଛ ରଜତଜହ୍ନକୁ**
**ପଚାରିଛ ଶ୍ୟାମଳଧରାକୁ**
**ଶରତର ଶୁଭ୍ର ଆକାଶକୁ**
**ସେମାନଙ୍କ ହସର ଠିକଣା...**

**ତୁମେ କଣ ପଚାରିଛ ମେଘମହ୍ଲାରକୁ**
**ପ୍ରଜାପତି କଅଁଳଡେଣାକୁ**
**ଅଦିନଆ ଗହମୀ ନଦକୁ,**
**କେରିକେରି କାଶତଣ୍ଡୀ ଅଶିଣ କ୍ଷେତକୁ**
**ମଗୁଶିର ମାଟିକାନ୍ଥ ହସନ୍ତ ଝୋଟିକୁ**
**ପାହାନ୍ତି ଫୁଲଙ୍କୁ ଅବା ବର୍ଷାର ସେ ଛମ୍ ଛମ୍**
**ପାଦ ଦୁଇଟାକୁ ଝୁମିଝୁମି -**
**କାହିଁକି ସେ ହସେ ...**

ତୁମେ କଣ ପଗ୍ଭରିପାରିଛ କେବେ
ନନ୍ଦିତ ନଷ୍ଟାପ ସେ କଅଁଳ ଶିଶୁକୁ
ଅହେତୁକ ଅନାବିଳ  ଅପୂର୍ବ
ସେ ହସର ଠିକଣା
କାହିଁକ ପଗ୍ଭର ମୋତେ
ପାରିବ  କ ଦେଇ ତୁମେ
ନର୍ଭେଜାଲ୍ ହସର ପାଉଣା **???**

ବାଲେଶ୍ୱର, ଓଡ଼ିଶା

ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ  ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:

editor.vedantimagazine@gmail.com / vedantimagazine@gmail.com

# ବାସ୍ତବତା ର ସ୍ୱପ୍ନ



ବନାଲୀ ଦାଶ

ସ୍ୱପ୍ନ ମାନେ ଭରି ଅମାନଆଁ ,
ହେବା ବି ଉଚତ୍..
ସତ ହେଇଗଲେ ସେଇଥିରୁ କଞ୍ଚିତ୍,
ମନ ଆଉ ଜୀବନ ବି ହରିତ୍ ।
ଆଖି ବୁଜିଲେ ସ୍ୱପ୍ନ ଟେ ଆସୁ,
ଆଗାମୀ କୁ ନେଇ ଆହୁରି ଆହୁରି ଅଙ୍କ କଷୁ..
ଚରହରିତ୍ ଲାଗୁ ଜୀବନ ବଗିଚ୍ଛ,
ପ୍ରତିଟି ପାଦରେ ତା' ସତେଜତା ଛିଞ୍ଚା ।
ଦିବା ସ୍ୱପ୍ନ ସତ ହୁଏନା ବୋଲି,
ନଇତି ମୁଁ ଡରୁଥାଏ ଦେଖିବାକୁ ତା'କୁ..
ସ୍ୱପ୍ନ ଟେ ଯଦି ସତ ହେବନ,
କାହିଁକ ବି ଦେଖିବି ମୁଁ ତା'କୁ ।
ଅବାସ୍ତବ ମିଠା ନ ଲାଗୁ,
ବାସ୍ତବତା ଭରୁଥାଉ ତା' ଉତ୍ଫୁଲ୍ଲିତ ରଙ୍ଗ
ମନୁ ମନ ସଞ୍ଚରୁଥାଉ,
ପ୍ରଗତି ର ଉର୍ଜା ତରଙ୍ଗ ।
ଦେଖୁଥିବା ସ୍ୱପ୍ନ ସବୁ ଚେଷ୍ଟୁଥିବା,
କରିବାକୁ ଲକ୍ଷ ପଥେ ପୂରଣ..
କଏ ବି ଜାଣିଛି କ କେବେ ହେବ ବୋଲି
ଶରୀର ର ମରଣ;
ଇଚ୍ଛା ମାନଙ୍କୁ ତଉଲୁଥିବା ତେଣୁ,
ବାସ୍ତବତା କରି ମୂଲ୍ୟାୟନ..
ବାଧ ନାହିଁ ଦେଖିବାକୁ ଅବାସ୍ତବ ସପନ ।

ବେଦାନ୍ତା ଟାଉନ୍ ସିପ୍, ଝଆରସୁଗୁଡା

# ଚଠି



ଭାସ୍କର ଚନ୍ଦ୍ର ଖଣ୍ଡା

ରହିଛି ଯାହାର ଅସ୍ତିତ୍ୱ
ହୋଇନାହିଁ ଯଦିଓ ତାହାର ଅନ୍ତ
କରି ଆସୁଛି ଆବାହମାନ କାଳରୁ
ଭାବର ଆଦାନ ପ୍ରଦାନ
ହେଲେ ଯାଇଛି ବଦଳ ତା'ର ରଂଗ ରୂପ
ଯାଏନ ଲେଖା ଆଜି କାହାରି ଲହୁରେ
ଭିଜେନା ତା ଚେହେରା ଉଷୁମ ଲୁହରେ
ପଡେନାହିଁ କରିବାକୁ ଯା'ର ପ୍ରତୀକ୍ଷା
ଭଗ୍ନ ସ୍ତୁପ କୋଣାର୍କରେ କରିଛି ଅପେକ୍ଷା
କେତେଦିନ ଚରସ୍ଥାୟୀ ଏଠି
ହତଭାଗ୍ୟ ଆଜି ସେ ଦୁର୍ଲଭ ଚଠି |୧|

ଥିଲା ସିଏବି ଏକ ଅଭୁଲା ସ୍ମୃତି
ମନ କଥା ପରେ ଲେଖୁଥିଲା ଇତି
ତା'ର ପ୍ରତୀକ୍ଷାର ଥିଲା ଅସରନ୍ତି ମଜା
ଦେଉଥିଲା ଯଦିବି ସମୟର ସଜା
ସାତ ତାଳ ପାଣି ଭିତରେ
ସୁନା ଫରୁଆର ବିରୁଡି ପରି
ପାଇବାକୁ ସ୍ୱପ୍ନର ରାଜ କୁମାରୀ

ଥିଲା ସେଠି ଆନ୍ତରିକତାର ବାସନା
ନଥିଲା ଆଧୁନିକତାର ଛାପ
ନଥିଲା ଇଣ୍ଟରନେଟ ଆଉ ହ୍ଵାଟସପ ।୨।

ରହୁଥିଲେ ସେ ଚଠିର ଗଭୀରତାରେ
ଲଇଲା ମଜନୁ ହିର ରାଂଜା
ଭାବନାର ପାଚେରୀରେ ପାଉଥିଲେ ସଜା
ପ୍ରିୟତମା ହୃଦୟର ସ୍ଵପ୍ନିଳ ଆଶା
କେତେ ଲୁହ ଲହୁର ପରିଭାଷା
ନଥିଲା ରିୟା ସୁଶାନ୍ତଙ୍କ ସ୍ଵାର୍ଥର ନିଶା ।୩।

ହାୟରେ ମୋ ପ୍ରାଣପ୍ରିୟା
ବଂଚ ରହୁ ତୋର ଅସ୍ତିତ୍ଵ
ସମୟର ଅଭାବ ସାଂଗରେ
ଯାଇଛି ଯଦିବା ତୋ ରଂଗ ବଦଳି
ଦେ ତୋ ଆନ୍ତରିକତାକୁ ଆଉଥରେ ଢାଳି
ମାନି ତୋର ଅଝଟ କଥାକୁ
ଦେବି ତୋତେ ପାରିଜାତ ଭେଟି
ଦେ ଥରେ ସହମତି ହାୟ ମୋର "ଚଠି" ।୪।

ୱାର୍ଡ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ଵର

# ଅସାଧାରଣ ସୁନ୍ଦରବନ- ୩



ଅଶୋକ ବିଶ୍ୱାଳ

ପାଓଲି ନିଜ ଭିତରେ ସପନବାବୁଙ୍କ ରଚିତ ଗୀତକୁ ଯେମିତି ଶୁଣୁଥିଲେ । ତାଙ୍କ ଭିତରେ ସପନବାବୁ ଯେମିତି ଗାଉଥିଲେ । ସପନବାବୁଙ୍କ ଓଠ ହଲିନି । କିନ୍ତୁ ପାଓଲି ନିଜ ଭିତରେ ସଙ୍ଗୀତର ପ୍ରବାହକୁ ଅନୁଭବ କରୁଥିଲେ । ସପନବାବୁ ସବୁ କଥାରେ ତାଙ୍କ ସହ ଅଛନ୍ତି । ଏମିତି ଏକ ଚମତ୍କାର ବନ୍ଧୁ ପାଇ ସେ ନିଜକୁ ଭାଗ୍ୟବାନ ମନେ କରୁଥିଲେ । ଅନ୍ୟ ବନ୍ଧୁମାନେ ତ ଭଲ । କିନ୍ତୁ କେହି ତାଙ୍କସହ ପାଦ ମିଳାଇ ଏ ଅପନ୍ତରା ଦେଶକୁ ଆସିଲେ ନାହିଁ ।

"ଭାବେ ଆପଣଙ୍କ କଥା ସପନବାବୁ । ଆପଣ କି ନିଷ୍ଠାନେଇ ଏ ଜଙ୍ଗଲକୁ ଭଲ ପାଆନ୍ତି । ଆପଣଙ୍କର ଏଇ ଭଲପାଇବା ଗୁଣଟା ମୋତେ ଯେମିତି ସଂକ୍ରମଣ କରିଛି । ଆଜି ମୋ ନଜରରେ ସବୁଆଡେ ଜଙ୍ଗଲ । ଏ ଜଙ୍ଗଲକୁ ଭଲପାଇବା ଏକ ନିଶା ।"- ପାଓଲି କହୁଥିଲେ ।

ଜଙ୍ଗଲ ମଣିଷକୁ ଲୁହାକୁ ଏକ ଚୁମ୍ବକ ଟାଣିଲା ଭଳି ଟାଣିଆଣେ । କିଛି ଦୁର୍ନିବାର ଆକର୍ଷଣ। ସେ ଆକର୍ଷଣକୁ ଶବ୍ଦରେ ପ୍ରକାଶ କରି ହୁଏନା । ପ୍ରେମକୁ, ମନର ଗଭୀର ଭାବକୁ ସବୁବେଳେ ଶବ୍ଦରେ ପ୍ରକାଶ କରା ଯାଇପାରେନା । ପ୍ରେମର ଗଭୀରତାକୁ ମାପି ହୁଏନା । ସେମିତି ଜଙ୍ଗଲର ଆକର୍ଷଣର ଗଭୀରତାକୁ ପ୍ରକାଶ କରିବାପାଇଁ ଶବ୍ଦର ଅଭାବ ପଡେ । ଏଇଟା ପାଓଲି ନିଜର ଭିତରେ ଅନୁଭବ କରୁଥିଲେ । ତାଙ୍କର ମୁହଁର ଶବ୍ଦସବୁ ଯେମିତି ହୃଦୟର ଅନ୍ତରତମ ପ୍ରଦେଶରୁ ବାହାରୁଥିଲା ।

"ଏଇ ସମୟ । ଏଇ ମୁହୂର୍ତ୍ତ ଯଦି ସ୍ଥିର ହୋଇ ତ ଯାଆନ୍ତା ।"- ପାଓଲି ମଧୁର ସ୍ୱରରେ କହିଲେ । ତାଙ୍କ ସ୍ୱରରେ ସାମାନ୍ୟ କମ୍ପନ ଥିଲା । ଧମନୀରେ ରକ୍ତର ପ୍ରବାହ ବଢିଯାଇଥିବ ।

ମାଛରଙ୍କା ଚଢେଇ ପବନରେ ପ୍ରାୟ ଏକ ସ୍ଥାନରେ ସ୍ଥିର ହୋଇଯାଇଥିଲା । ଛୋଟ ଡେଣା ଗୁଡିକ ଜୋରରେ ହଲୁଥିଲା । କିନ୍ତୁ ଆକାଶରେ ସେ ଏକ ସ୍ଥାନରେ ସ୍ଥିର ଥିଲା । ଅନ୍ୟ କେଉଁ ପକ୍ଷୀ ଏମିତି ଆକାଶରେ ସ୍ଥିର ହୋଇ ପାରନ୍ତିନ । ସେ ପାଣିକୁ ଜୋରରେ ଉଡିଆସିବା ଆଗରୁ ଆକାଶରେ ଯେମିତି ସ୍ଥିର ହୋଇଯାଏ ।

"ହୋଇଯାଏ ସବୁ ସ୍ଥିର ଯେ କେମିତି । ଅରଣ୍ୟରେ ପାଓଲି କେମିତି ସବୁ ହଠାତ୍ ସ୍ଥିର ହୋଇଯାଏ । ଏହି ସ୍ଥିର ମୁହୁର୍ତ୍ତ ମୋତେ ଭଲଲାଗେ ।"- ସପନବାବୁ କହିଲେ ।

ଛୋଟ ସେଇ ପକ୍ଷୀ
ପାଣିକୁ ଯିବ ଏଇଛୁଇଁ
ସାଥି ଥାଏ ତ ସାଥରେ
କେତେ ଡାକ ଦେଉଥିବ ।।

ପାଓଲିଙ୍କ ମୁହଁ ଆକାଶର ଚନ୍ଦ୍ର ଭଳି ଉଜ୍ଜ୍ୱଳ ଦିଶୁଥିଲା । ସପନବାବୁଙ୍କୁ ପାଓଲିଙ୍କ ପଛରେ ଅରଣ୍ୟ ବା ଆକାଶ ଅଛି ବୋଲି ଲାଗୁ ନଥିଲା । ପାଓଲି ମଧୁର ଭାବେ ଧିରେ ହସୁଥିଲେ । କେତେ ସୁନ୍ଦର ହସନ୍ତି ସତରେ ! ମୁହଁରେ ସାମାନ୍ୟ ଭାଙ୍ଗ । ଯେମିତିକି ଶାନ୍ତ ସାଗରରେ ସାମାନ୍ୟ ଲହଡି । ଏକ ନୂଆ ଜୀବନ, କିନ୍ତୁ ସୁନ୍ଦର ଜୀବନ ବୋହି ଆଣୁଛି । ପାଓଲିଙ୍କ ହସ ତାଙ୍କ ପ୍ରାଣତନ୍ତ୍ରୀରେ ଝଙ୍କାର ତୋଳୁଥିଲା । ଏକ ମନ୍ଦ ମଳୟ, ଶୀତଳ ସମୀରଣ ବୋହିଯାଉଥିଲା ।

ଦିନରେ କୁହୁଡି ନଥିଲା । ସେ ଚଡାରେ ଆଗଭଳି ପତଳା ଶ୍ୱାସମୂଳ ଭରି ଯାଇଥିଲା । ଚଡାଟା ଅପେକ୍ଷାକୃତ ପ୍ରଶସ୍ତ । କଛିଟା ଗଛ ସେଇଠି ଚେର ଧରିଲାଣି । ଧିରେଧିରେ ଏମିତିଆ ଚଡାରେ ଗଛ ମାଡିଯିବ । ପାଣି ଆଡକୁ ଅତିପତଳା କାଦୁଅ ଥିଲା । କେତେଟା ହରିଣ ଏକ କାଦୁଅ ଚଡାରେ ଧନୀ ଘାସ ଖାଉଥିଲେ । ହରିଣକୁ ସମସ୍ତେ ଶିକାର କରନ୍ତି। କି ବାଘ, କି କୁମ୍ଭୀର ଏମାନଙ୍କୁ ଖାଇବା ପାଇଁ ଛକ ରହିଥାନ୍ତି । ପତଳା ଶରୀର, ସରୁ ବେକ, ଛୋଟ ମୁଣ୍ଡ ଆଉ ପତଳା ବାଉଁଶ ନଳୀ ଭଳି ଗୋଡ ଏମାନଙ୍କୁ ଭଲ ଦୌଡାଳୀ କରିଛି । ଖାଲି ଦୌଡିବାର ହେଲେ ସେମାନେ ସହଜରେ ବାଘକୁ ହରାଇଦେବେ । କିନ୍ତୁ ଶିକାରୀମାନେ ଛକକରି ଆକ୍ରମଣ କରନ୍ତି । ଏହି ଜନ୍ତୁମାନେ ସବୁ ପ୍ରକାର ପରିବେଶରେ ନିଜକୁ ଖାପ ଖୁଆଇ ଚଳପାରନ୍ତି । ସେମାନଙ୍କର ଦଳପତି ସାବଧାନ ହୋଇଗଲା । ଏହାର

ବେକ ଲମ୍ବା ହୋଇଗଲା । ସେ ହଠାତ୍ ଏକ ଲମ୍ବା ଲମ୍ଫ ଦେଲା ଆଉ ନିମିଷକେରେ ହରିଣଦଳ ଉଭେଇଗଲେ ।

ଗୋଟିଏ ଶିକାରୀ ଶିକାର ପକ୍ଷୀ ଏକ ଉଚ୍ଚ ଗଛ ଉପରେ ବସି ରହିଥିଲା । ଏ ଶିକାରୀ ପକ୍ଷୀଗୁଡା ସବୁବେଳେ ଏକ ଉଚ୍ଚ ଡାଳ ଉପରେ ବସି ସବୁଆଡକୁ ନଜର ରଖିଥାନ୍ତି । ଏମାନଙ୍କ ଦୃଷ୍ଟି ସବୁଆଡକୁ ଖେଳଯିବ ଆଉ ସହଜରେ ଉଡି ଶିକାରକୁ ଧରିହେବ । ଏହି ଶିକାରୀ ପକ୍ଷୀମାନେ ସାଧାରଣ ମଇଳା ରଙ୍ଗର ହୋଇଥାନ୍ତି । ଖୁବ ଉଜ୍ଜ୍ୱଳ ନହେବାର କାରଣ ହେଉଛି ସେମାନଙ୍କ ଅବସ୍ଥିତି ସହଜରେ କେହି ଜାଣି ନପାରନ୍ତୁ ।

ଏକ ଲେସର ଆଡଜୁଟାଣ୍ଟ ପକ୍ଷୀ ବା ମଦନଟାକ ଗଛ ତଳେ ଠିଆ ହୋଇଥିଲା । କାଦୁଆଚଡାର ଠିକ ପରେ ପରେ । ତା'ର ଲମ୍ବା ବେକ, ଲମ୍ବା ଗୋଡ । ପକ୍ଷୀଟାର ବିଶାଳ ଡେଣା ଖୋଲିଗଲା । ବହୁତ ଜୋରରେ ଡେଣା ବାଡେଇ ହେଉଥିଲା । ପକ୍ଷୀଟି ନିଜ ଯାଗାରୁ ଡେଣା ହଲାଇ ହଲାଇ ପାଣି ଉପରେ ଉଡିଗଲା ଆଉ ସେପଟ ଗଛ ଉହାଳକୁ ଚାଲିଗଲା ।

ପାଣିରେ ଏକ ଜଳଗୋଧି ଦେଖାଦେଲା । ପାଣିରେ ଏହାର ଲାଞ୍ଜ, ମୁଣ୍ଡ ଆଉ ପହଁରିବା ଶୈଳୀ ଯୋଗୁ ଏକ ଛୋଟ କୁମ୍ଭୀର ଭଳି ଲାଗୁଥିଲା । ଗୋଧିଟା ନିଜ ଲାଞ୍ଜ ଉପଯାଗ କରି ଦିଗ ପରିବର୍ତ୍ତନ କରୁଥିଲା । ପାଦର ହଲାଇବା ଯୋଗୁ ତା'କୁ ଗତି ମିଳୁଥିଲା । ଏହାର ମୁଣ୍ଡ ପାଣି ଉପରେ ଥିଲା । ଟିକଏ ପରେ ଏହା ଏକ କାଦୁଆ ଚଡାରେ ପହଁଚ ଘୁଷୁରି ଘୁଷୁରି ପାର ହୋଇଗଲା । ସେ ଚଡାରେ କିଛି ହରିଣ ଘାସ ଚରୁଥିଲେ । ସେମାନେ ଏହି ଗୋଧିକୁ ଲକ୍ଷ୍ୟ କଲେନ । ଗୋଧି ହରିଣଙ୍କୁ ମାରି ପାରିବ ନାହିଁ ।

ଆଉ ଏକ ଚଡାରେ ହଠାତ୍ ଦୁଇଟା ହରିଣ ଲଢାଇ କରିବାକୁ ଆରମ୍ଭ କଲେ । ଦୁହେଁ ଏକା ଉଚ୍ଚ ଆଉ ପ୍ରାୟ ଏକା ବୟସର । ସେମାନଙ୍କ ଦେହ ଚମକୁଥିଲା । ସେମାନେ ପଛ ଗୋଡରେ ଠିଆ ହୋଇଯାଉଥିଲେ । ମୁଣ୍ଡ ଆଉ ଶିଂଘ ଅଠାକାଠି ଭଳି ଲାଗି ରହିଥିଲା । ସେମାନେ ସେମିତି ଠେଲା ଠେଲି ହେଉଥିଲେ । କିଛି ସମୟ ବିତିଗଲା । ଦଳର ମୁଖ୍ୟ ଦଳପତି ଦୂରରୁ ଏହି ଲଢେଇ ଦେଖୁଥିଲା । ସେ ରାଗିଗଲା ଆଉ ଲଢେଇ କରୁଥିବା ଦୁଇ ହରିଣ ଆଡକୁ ମାରିବା ପାଇଁ ଦୌଡି ଆସିଲା । ସେମାନେ ବଡ଼ ଅଣ୍ଡିରା ହରିଣକୁ ଦେଖି ଲଢେଇ ଛାଡି ଦୌଡି ପଳେଇଲେ । ଘାସ ପଡିଆରେ ପୁଣି ଶାନ୍ତି ଫେରି ଆସିଲା ।

ବହୁତ ପ୍ରଜାପତି ଉଡି ବୁଲୁଥିଲେ । ଅନେକ ରଙ୍ଗର । ଘାସ ଜମିରେ ତାଜା ଫୁଲ ଭରି ଯାଇଥିଲା । ଏକ ଟାଇଗର ପ୍ରଜାପତି ତା'ର ଛାପି ଛାପିକଆ ରଙ୍ଗ ପାଇଁ ବାରି ପଡୁଥିଲା । ସେ ଏକ ଫୁଲ ଉପରେ ଡେଣା ଜାକ ବସିପଡିଲା । ସେମିତି କେତେ ପ୍ରଜାପତି ବସିଥିଲେ। ମଝିରେ ମଝିରେ ଡେଣା ଖୋଲି ବନ୍ଦ କରୁଥିଲେ । ଏକ ପ୍ରଜାପତି ଫୁଲ ଉପରେ ବସି ମଧୁ ଗ୍ରେଷୁଥିଲା । କଛି ସମୟ ପରେ ତା'ର ଡେଣା ଖୋଲିଗଲା । ତା'ର ଡେଣା ଉପରେ ଜେବ୍ରା ଭଳ ଛାପି ଛାପି ପଟି ପଡିଥିଲା ।

ପାଓଲିଙ୍କ ମୁହଁ ବହୁତ ଉଜ୍ଜ୍ୱଳ ଦିଶୁଥିଲା । ତାଙ୍କ ମନ ଭିତରର ଖୁସି ବାହାରି ଆସିଥିଲା । ସପନବାବୁ ଗୃହୁଁଥିଲେ ପାଓଲି ସେମିତି ଚମକୁଥାନ୍ତୁ । ତାଙ୍କର ହୃଦୟରେ ପାଓଲିଙ୍କର ମୂର୍ତ୍ତି ସ୍ଥାନପାଇ ରହୁ ।

ନଦୀର ସ୍ୱପ୍ନ ଧରିଥାନ୍ତି ତୁମେ
ବାହିବାକୁ ପବନକୁ ଦିଅନ୍ତି ପଠାଇ
ସମୀରଣ ଦିଅନ୍ତା ଶିହରଣ ତ ତୁମକୁ
ଥରିମୁଁ ଯାଆନ୍ତି ।।

ସପନବାବୁ ନଜ ମନରେ କବିତା ପଢୁଥିଲେ । ତାଙ୍କ ଓଠ ଥରି ଉଠୁଥିଲା । କନ୍ତୁ କଛି ଶବ୍ଦ ପାଓଲିଙ୍କ ପର୍ଯ୍ୟନ୍ତ ପହଞ୍ଚୁ ନଥିଲା ।

ପାଓଲି ତାଙ୍କ ହଲୁଥିବା ଓଠକୁ ଅନାଇଥିଲେ । କଛି କୁଞ୍ଜନ । କଛି ଅବ୍ୟକ୍ତ ଶବ୍ଦ ସେ ଶୁଣୁଥିଲେ । କୁହାଯାଇନଥିବା ଶବ୍ଦସବୁ ତାଙ୍କ ହୃଦୟରେ ପହଞ୍ଚୁ ତ ଥିଲା ।

ତୁମର ଦେହର ସୁଗନ୍ଧ
ପବନ ଆଣୁଥାନ୍ତା ବୋହି
କୁହନ୍ତା ତୁମର ମନକୁ
ମୋର ହୃଦୟର କଥା
ତୁମର ଉତ୍ତର
ଗାଉଥାନ୍ତା ପକ୍ଷୀ ଜଙ୍ଗଲର ।

ପାଓଲିଙ୍କ ପଛରେ ଜଙ୍ଗଲର ସବୁଜଧାରର ଉପରେ ଲମ୍ବା ଆକାଶ । କେଉଁଠି ଏକ ଧଳା ବାଦଲର ଧାର ଲୁଚ ଯାଇଛି ।

ମାଙ୍କଡମାନେ ପତ୍ର ଆଉ ଫଳ ଖାଇବାରେ ବ୍ୟସ୍ତ ଥିଲେ । ନଦୀ କୂଳଆ ଗଛଟା । ଏହି ମାଙ୍କଡ ମାନଙ୍କର ଶକ୍ତ ହାତ । ହନୁ ମାଙ୍କଡଙ୍କଠାରୁ ଏମାନଙ୍କ ଗୋଡ ଛୋଟ । ମୁହଁ ଟିକେ ଲମ୍ବା । ଦେହରେ ନରମ ଲୋମ । ମାଙ୍କଡ ଗୁଡାକ ଖାଇବାରେ ବହୁତ ବ୍ୟସ୍ତ ଥିଲେ । ସେମାନେ ବୋଟ ଗଲାବେଳେ ଅନେଇଲେ ନାହିଁ । ଏକ ମାଇ ମାଙ୍କଡ ଗୋଟାଏ ପତଳା ଡାଳରେ ଗୁଲି ଗୁଲି ଯାଉଥିଲା । ତା'ର ପେଟରେ ଏକ ଛୁଆ ଝୁଲି ରହିଥିଲା । ମାଇ ମାଙ୍କଡଟି ଏକ ଛୋଟ ଲମ୍ଫଦେଲା । ଛୁଆଟି ମାକୁ ଜୋରରେ କୁଣ୍ଢାଇ ଧରିଲା । ଏକ ବିରାଟ ଅଣ୍ଡିରା ମାଙ୍କଡ ଖୁବ ଜୋରରେ ଏପଟ ସେପଟ ହେଉଥିଲା । ଗଛକୁ ଜୋରରେ ହଲାଉଥିଲା । ନିଜର ଶକ୍ତିକୁ ସେ ଦେଖାଇ ହେଉଥିଲା । କିଛି ବିପଦ ମଧ୍ୟ ହୋଇପାରେ ।

ଏକ ନୀଳ ପେଟଥିବା ମାଛରଙ୍କା ପକ୍ଷୀ ଏ ଡାଳରୁ ସେ ଡାଳକୁ ଉଡିଗଲା । ଉଡିଲା ବେଳେ ଜୋରରେ ଡାକୁଥିଲା । ଡାକଟା ବେଶ କର୍କଶ । ପ୍ରାୟ ଶୁଖିଲା ଗଛରେ ଦୁଇ ପ୍ରକାରର ମାଛରଙ୍କା ପକ୍ଷୀ ବସିଥିଲେ ।

ଏକ ସବୁଜ ସାପ ଗଛରୁ ତଳକୁ ଓହ୍ଲାଉଥିଲା । ତା'ର ରଙ୍ଗ ପତ୍ର ଆଉ ଡାଳର ରଙ୍ଗ ସହ ମିଶି ଯାଉଥିଲା । ସାପଟି ପତଳା ଡାଳ ଉପରେ ଲାଗି ରହିଥିଲା । ଅତି ସହଜରେ ଗଛ ଉପରେ ବୁଲୁଥିଲା । ଏହା ଡାଳର ଶେଷ ପର୍ଯ୍ୟନ୍ତ ଗୁଲିଗଲା । ସେଇଠୁ ତଳକୁ ଅନାଉଥିଲା। ତା'ର ତିନକୋଣିଆ ମୁଣ୍ଡ ତଳକୁ ହୋଇଗଲା । ତଳେ ନାଳରେ ଜୁଆରିଆ ପାଣି ଭରି ଯାଇଥିଲା ।

ପାଖ ଗଛରେ ଏକ ଗୋଧି ଗଛ ଚଢୁଥିଲା । ଦୂରରୁ ଏହାର ଗଣ୍ଡି ଦେଖିଲେ ଏକ ଅଜଗର ସାପ ପରି ଲାଗୁଥିଲା । କିଛି ଚଢିବାପରେ ପାଣି ଉପରକୁ ଖସି ପଡିଲା । ପାଣିରେ ପହଁରି ପହଁରି ଆର କୂଳକୁ ଗୁଲିଗଲା ।

ଏକ ବିଷାକ୍ତ ପିଟ ଭାଇପର ସାପଟିଏ ଏକ ପତଳା ଡାଳରେ ଗୁଡାଇ ହୋଇଥିଲା । ସବୁଜ ବର୍ଣ୍ଣର ଏହି ସାପକୁ ଲକ୍ଷ୍ୟକରିବା କଷ୍ଟ । ତା'ର ଶରୀରର କିଛି ଅଂଶ ପବନରେ ଝୁଲୁଥିଲା। ଏହାମଧ୍ୟ କିଛି ସମୟ ପରେ ପାଣିରେ ଖସିପଡିଲା ଏବଂ ପହଁରି ଆଉ ଏକ ଗଛ ପାଖରେ ଲାଗିଗଲା । ଗଛ ଚଢି ସେଇଠି କିଛି ସମୟ ରହିଲା । ଗୋଟିଏ ଡାଳରେ ମୁଣ୍ଡ

ଆଉ ଅନ୍ୟ ଡାଳରେ ତା'ର ଶରୀର ଥିଲା । ଖୁବ ସହଜରେ ସାପଟି ଏ ଡାଳରୁ ସେ ଡାଳ ପର୍ଯ୍ୟନ୍ତ ଗ୍ଭଲି ଯାଉଥିଲା ।

ଗୋଟାଏ ଧଳା ପେଟଥିବା ସି ଇଗଲ ଏକ ଶୁଖିଲା ଡାଳ ଉପରେ ବସି ରହିଥିଲା । ସେଇଠୁ ବସି ସେ ସମସ୍ତଙ୍କ ଉପରେ ନଜର ରଖିଥିଲା ।

ଏକ ଗଛର ମୋଟା ଡାଳଟି କାଦୁଅ ଚଡା ଉପରକୁ ନଇଁ ଆସିଥିଲା । ସେ ଡାଳରେ ଗୋଟାଏ ମୋଟା ପାଣି ସାପ ବସିଥିଲା । ସାପର ପୁରା ଶରୀର ଡାଳ ଉପରେ ଥିଲା । ସାପଟି ହଜର ମୁଣ୍ଡକୁ ପାଣି ଉପରକୁ ନେଲା ଆଉ ପାଣିକୁ ଓହ୍ଲାଇ ଆସିଲା । ତା'ର ମୁଣ୍ଡ ପାଣି ଭିତରେ ବୁଡି ପୁଣି ବାହାରକୁ ବାହରି ଆସିଲା ।

ହକ ଇଗଲଟିଏ ଟିକିଏ ଅସ୍ୱାଭାବିକ ଲାଗୁଥିଲା । ଏ ଶିକାରୀ ପକ୍ଷୀଟା ବାରବାର ହଜର ଗ୍ଭରିପାଖକୁ ଦେଖୁଥିଲା ।

ଆକାଶରେ ଅନେକ ଚକୁଆ ପକ୍ଷୀ ତଳୁଆ ହୋଇ ଉଡୁଥିଲେ । ସେମାନେ କେତେବେଳେ ତଳୁଆ ହୋଇଯାଉଥିଲେ ତ କେତେବେଳେ ଉପରକୁ ଉଠି ଚକ୍କର କାଟୁଥିଲେ । ସେ ପକ୍ଷୀମାନେ କିଛି ସମୟ ଉଡି ତଳକୁ ଓହ୍ଲାଇ ପାଣିରେ ପଡିଗଲେ । ସୁନ୍ଦର ଚଢେଇଗୁଡା। ଉଜ୍ଜ୍ୱଳ ବାଦାମୀ ରଙ୍ଗ । ଧଳା ପର ବେକରେ । କଳା ଆଖିରେ କେବଳ ସ୍ନେହ, ପ୍ରେମ ଥିଲା । ପକ୍ଷୀମାନେ ଯୋଡା ଯୋଡା ହୋଇ ପହଁରିବାରେ ଲାଗିଲେ । ପାଖରେ ଏକ ଛୋଟ ଚଡା । ସେ ଚଡା ପାଖରେ ସେମାନେ ଏକାଠି ହୋଇଯାଇଥିଲେ । ସେମାନଙ୍କର ଚରା ଦେଖିବାର କଥା । ଗୋଟିଏ ପକ୍ଷୀ ମୁଣ୍ଡକୁ ତଳକୁ କରି ପାଣିଭିତରକୁ ଶରୀରର ଅଧା ବୁଡାଇଦେଲା । ଚଞ୍ଚୁରେ ସେ ପାଣି କାଦୁଅରୁ ଗ୍ଭରା ଖୋଜୁଥିଲା । ତା'ର ସଙ୍ଗୀ ପାଖରେ ଭାସୁଥିଲା । ସେ ମଧ୍ୟ ହଜକୁ ଅଧା ବୁଡାଇ ଗ୍ଭରା ଖୋଜିବାରେ ଲାଗିଲା । ଏବେ ଦୁଇଟି ପକ୍ଷୀର ଅଧା ଶରୀର ପାଣିର ଭିତରେ ବୁଡି ରହିଥିଲା ।

ସରୁ ନଥିବ ତ ଦିନ
ଥିବ ତୁମେ ତ ସାଙ୍ଗରେ
ଦେଖୁଥିବା ସାଥିହୋଇ
ସବୁଜ ସୁନ୍ଦର ବନକୁ
ଏକ ଚକୁଆର ଯୋଡାଭଳ

ପାଣିରେ ଆମେ ଭସୁଥିବା
ଭବୁଥିବା ସାଥିହୋଇ
ହାତଛାଡୁ ତ ନଥିବା
ପାଣିରେ ଆମ ଛାଇ ରହିଥିବ ।

ପାଓଲି ଗୀତର କଛି ଧାଡି ରଚନା କରୁଥିଲେ । ଏତେ ପକ୍ଷୀଙ୍କୁ ଦେଖି ତାଙ୍କୁ ବହୁତ ଖୁସି ଲାଗୁଥିଲା । କେତେ ସୁନ୍ଦରଭାବେ ଏକ ସଙ୍ଗୀ ଆଉ ସଙ୍ଗୀ ସାଥିରେ ପହଁଚୁଛି । କେହି କାହାକୁ ଛାଡି ଯାଉ ତ ନାହାନ୍ତି । ସୁନ୍ଦରବନରେ ଜୀବନ କେତେ ଯେ ଶିକ୍ଷା ଦିଏ । ତାଙ୍କର ଆଖି ମୁଦି ହୋଇଆସୁଥିଲା ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।



ପୁଷ୍ପାଞ୍ଜଳି ପଣ୍ଡା

# ଅଜସ୍ର ପ୍ରେମ

ଆକାଶରୁ ଠୋପା ଠୋପା ବର୍ଷା
ଝରୁଥିଲା ବେଳେ,
ଟପ ଟପ୍ ଝରୁଥାଏ ମୋ ଦୁଇ  ଆଖିଲୁହ
କିଛି ତ ଫରକ ପଡେନା...!
ଆକାଶ କିଛି ସମୟ ପରେ ଫର୍ଚା ଦିଶେ
ଥମ୍ ଥମ୍ ମୁହଁ ଟା କିଛି ସମୟ ପରେ
କୁରୁଳୁଥାଏ ତମ ବାହୁ ବନ୍ଧନରେ।।
ସଂସାର ର ସାର କଥା
ବୁଝିଯାଅ ବୋଲି
ବାରମ୍ବାର ଡାକୁଥାଅ ଅଜସ୍ର ପ୍ରେମରେ।।
ପ୍ରେମ କରେ ମୁଁ,
ପ୍ରେମ କର ତମେ,
ତଫାତ ଏତିକ ଯେ
ମୋ ପ୍ରେମରେ ସମର୍ପଣ ର ଇସାରା ।।
ତମ ପ୍ରେମରେ ଝୁମିଯିବାର ଅନୁଭବ,
ବର୍ଷା ଭିଜା ଶ୍ରାବଣରେ ବି
ଗମ୍ ଗମ୍ ଝାଳ ଆମ ଦେହ ସାରା।।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ବିହରିତ ମଧୁକରୀ




ଡ. ଶକୁନ୍ତଳା ଗୁପ୍ତା

ଜୋଛନା ବିମ୍ବିତ ଯାମିନୀରେ
ଜୋଗଣିଆ ସାଜି ନଶିକାନ୍ତ
ପରଷି ପ୍ରୀତି ପ୍ରପାନକ
ପହଡ଼ ଭଙ୍ଗେ ପ୍ରପଞ୍ଚକ

ନକୁଞ୍ଜବନେ ସଂଗୋପନେ ପ୍ରେମ ବାଞ୍ଛାନଧି
ନରିଙ୍ଗିଣୀ ଭିଆଇଲା ରଙ୍ଗ ମାଧ୍ୱବୀ
ଭିଡ଼ ଦେଇ ବିହର୍‌ଏ ପନ୍ଦପୁଷ୍ପ ମେଳେ
ଭିଡୁଣି ଖସାଇ ର୍‌ଇରେ କାଦମ୍ବ ଗହଳେ

ଅଷ୍ଟାଙ୍ଗ ନାମ ସଂକୀର୍ତ୍ତନେ ନାମଧେୟୀ
ଅଭିସାରେ ଅଷ୍ଟସଖୀ ପାର୍‌ବତୀ
ଶ୍ରୀଅଙ୍ଗେ ଅପଳାପେ ଶୃଙ୍ଗାର ବିଭବ
ଶ୍ରୀପୟରେ ଅନୁଗ୍ରହେ ପ୍ରଣୟ ବିହବ

ବିହରେ ରଙ୍ଗେଇଲା ବିହି
ବୃଷଭନୁ ଜେମାରେ ଦଣ୍ଡପାଶୀ
ଅନୁଦିନେ ଆଗୁଳ ସଙ୍ଗର ଅଙ୍ଗୀକରି
ଅବଗ୍ରହେ ଅସ୍ତନତ୍ୟ ବିହରିତ ମଧୁକରୀ

ରାଉରକେଲା

---

ମାଧ୍ୱବୀ - ମଦିରା

ପାର୍ବତୀ -ଗୋପ ଗୀତ

ଅଷ୍ଟାଙ୍ଗ - ଯେଉଁ ଆଠ ଗୋଟି ଅଙ୍ଗଦ୍ୱାରା ସାଷ୍ଟାଙ୍ଗ ପ୍ରଣାମ କରାଯାଏ (ଯଥା—ହାତ, ପାଦ, ଜାନୁ, ଛାତି, ଚକ୍ଷୁ, ମସ୍ତକ, ବାକ୍ୟ ଓ ମନ)

ଅଷ୍ଟସଖୀ - ଭଗବତୋକ୍ତ ରାଧାଙ୍କର ଆଠ ଜଣ ସଖୀ

ସଙ୍ଗର - ବିଷ

ମଧୁକରୀ -ମାଧୁକରୀ; ଏକାଧିକ ସ୍ଥାନରୁ ପକ୍ୱାନ୍ନ (ରୁଟି ତରକାରି ଆଦି) ଭିକ୍ଷା କରି ବୃନ୍ଦାବନରେ ଭିକ୍ଷୁଙ୍କର ସଂଗ୍ରହ କରିବା ଭିକ୍ଷା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଜୀବନ ସତ୍ୟ



ଡ. ପ୍ରସନ୍ନ କୁମାର ବଳ

କେତେ ଜୀବ ଜନ୍ତୁ ଜନ୍ମ ହୋଇଛନ୍ତି ଏହି ଧର୍‌ପୃଷ୍ଠ ତଳେ,
ମାନବ ତା ମଧ୍ୟେ ସର୍ବ ଶ୍ରେଷ୍ଠ ଅଟେ ନ କହିଲେ ବି ତ ଚଳେ ।୧।
ମାନବ ଗୋଟିଏ ସାମାଜୀକ ପ୍ରାଣୀ କାହାକୁ ତ ଜଣା ନାହିଁ,
ଏବେ ପୁଣି ଏତେ ଅବିବେକୀ ନଜେ ଅନ୍ୟଥା ଉପାୟ ନାହିଁ ।୨।
କେହି ଜାଣେ ନାହିଁ କାହା ପାଶେ କେବେ ଭୂତାଣୁ ଆସିଛି ଯାଇ,
ସର୍ବେ ସମସ୍ତଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି ଆରେ ଭାଇ ।୩।
ଭୂତାଣୁ ତ ଥରେ ପଶିଗଲ୍‌ ପରେ ଅଛୁଆଁ ହୋଇତ ଯାଏ,
ଏତେ ହତାଦାର ଏତେ ଧିକକାର ଅସହ୍ୟ ତ ହୋଇଯାଏ ।୪।
ଏହି ଜୀବନରେ ଶୁଣି ତ ନଥିଲୁ ଏପରି ବି ହୋଇପାରେ,
ନୂଆ ଅନୁଭୂତି ଦୁଃଖ ଦାୟକ ସହ୍ୟ କରି ତ ନ ହୁଏ ।୫।
ସାମାଜୀକ ଦୂରତା ନାମରେ ସତେ ଦୂରେଇ ରୁହନ୍ତି ସର୍ବେ,
ଦୁଃଖ ଲ୍‌ଗିଲେ ବି ନଶ୍ଚିତ ରୂପରେ ଦରକାର ଅଛି ଏବେ ।୬।

ଅସାବଧାନତା ହୋଇ ଗଲ୍‌ପରେ କେତେ କଷ୍ଟ ହୁଏ ଜାଣ,

ନ ଲୁଗ୍ବଇ କଛି ପରୀକ୍ଷା କରିକ ଏଟା କର ନବାରଣ ।୭ ।

ସାର୍ ଦୁନଆଁରେ ଗ୍ରାସ କରି ଇଏ କରେ କର୍ଲ ତାଣ୍ଡବ,

ସବୁ ଜାଣିକରି ନଜାଣିଲ୍ ପରି ନକର କେହି ମାନବ ।୮ ।

ଏପରି ଅବସ୍ଥା ହୋଇ ନଥିଲ୍ ତ ଏହି ଧର୍‌ଧାମେ କେବେ,

ମନେପଡେ ଆଜି ଆଇ ମା ବଚନ ସତ କ ହୋଇବ ଏବେ ।୯ ।

ବାଇଶି ପାହାଚେ ମୀନ ଖେଳବ ଯେ ଲୋକେ ହେବେ ଅଭିଭୂତ,

ଶହ ଶହ ଲୋକ ନଶ୍ଚିହ୍ନ ହେବେ ଯେ ନ ପାଇ ପୁଣି ବଇଦ ।୧୦ ।

ନଜର ହିଁ ଲୋକ ପର କରିଦେବେ ପାଖକୁ ମାଡିବେ ନାହିଁ,

ଆଲୋଡା ଜୀବନ ଅଲୋଡା ହିଁ ହେବ ଦୁଃଖ କରିବାର ନାହିଁ ।୧୧ ।

କ୍ଷଣିକ ଜୀବନ କାଣ ଭ୍ଇ ବନ୍ଧୁ ମୋହମାୟା ସବୁ ଛାଡ,

ଅନ୍ୟ ପାଇଁ ବଞ୍ଚ, ଜଗାକୁ ହିଁ ଡାକ, ହୋଇବ ଜୀବନେ ବଡ ।୧୨ ।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ଲଂଗ୍ ଡ୍ରାଇଭିଂ



ଶାନ୍ତିଲତା ମିଶ୍ର

ନଭେମ୍ବର ମାସରେ ପୁଣି ପଚସ୍ତରି ଡିଗ୍ରି ଫାରେନାହିଟ ତାପମାନ ହେବ କାଲି, ଖୁସିରେ ପ୍ରଣବ ଓ ପ୍ରଣତୀ ଲଂଗ୍ ଡ୍ରାଇଭିଙ୍ଗରେ ଯିବେ ବୋଲି ଯୋଜନା କରିନେଲେ । ଗତ ଆଠ ମାସ ହେବ ଘରେ ବନ୍ଦୀ ଭାବରେ ରହି ରହି ମନ ଟା ଚଟା ଧରି ଗଲାଣି । କେବେ କେମିତି କୋଉ କୋଉ ବର୍ଷରେ ଏପରି ଅସ୍ୱାଭାବିକ ଭାବେ ତାପମାନ ବଢିଯାଏ କିନ୍ତୁ ମାତ୍ର ଦିନେ ବା ଦୁଇଦିନ ପାଇଁ । ପୁଣି କମିଯାଏ ତିରିସ କି ଚାଳିସ ଡିଗ୍ରିକୁ । ଏତେ ବର୍ଷ ଆମେରିକାରେ ରହିଲା ପରେ ଏସବୁ ଦେହସୁହା ।

କିନ୍ତୁ ଏ ବର୍ଷ ସବୁ ଅଲଗା । ସବୁ ଅସ୍ୱାଭାବିକ ଭାବେ ଚାଲିଛି କରୋନାର ଆର୍ବିଭାବ ଯୋଗୁ। ଅନ୍ୟ ବର୍ଷ ଏପରି ଅସ୍ୱାଭିକ ତାପ ମାତ୍ରାକୁ ସେ କେବେ ଧ୍ୟାନ ଦେଇ ନଥାନ୍ତେ । ଏ ବର୍ଷ ଖରା ଦିନେ ବି ସେ କୁଆଡେ ଘରୁ ବାହାରି ନଥିଲେ । ଲକ୍‌ଡାଉନ ଯୋଗୁ ଘରୁ କାମ କରୁଥିଲେ । ପିଲା ଦି ଜଣ ବି ଅନ୍ୟାନ୍ୟ ସହରରେ ଦୂରରେ ଥିବାରୁ ତାଙ୍କ ପାଇଁ ଚିନ୍ତାଗ୍ରସ୍ତ। ଶନିବାର ରବିବାରରେ ପିଲା ମାନଙ୍କ ସହିତ ଭିଡିଓ ଚାଟ୍ କରନ୍ତି । ଅନ୍ ଲାଇନରେ ଗ୍ରସେରି ମଗାନ୍ତି । ପୁରା ଘରେ ରୁହନ୍ତି । ସାଙ୍ଗ ମାନଙ୍କ ଘରକୁ ଯିବା ଆସିବା ନାହିଁ ନା କିଏ ଆସନ୍ତି ନା ସେ ଯାଆନ୍ତି । ଯାହା ଫୋନରେ କଥା ବାର୍ତ୍ତା ସେ ପୁଣି କରୋନା ବିଷୟରେ ।

ବିରକ୍ତି ମୟ ହୋଇ ଯାଇଥିଲା ପରିବେଶ । ତେଣୁ କାଲି ଯେତେବେଳେ ପଚସ୍ତରି ଡିଗ୍ରି ହେବ, ଲଙ୍ଗ୍ ଡ୍ରାଇଭ୍ ର ଯୋଜନା ହୋଇଗଲା ପରେ ପ୍ରଣତୀ ଚକେନ କଷା ଓ ଲୁଚି ଛାଣି କରି ନେଇ କୌଣସି ଏକ ପାର୍କରେ ବସି କି ଯାଇ ଖାଇବେ ବୋଲି ପ୍ଲାନ କରି ସେଇ ଅନୁସାରେ କାମ ଆରମ୍ଭ କରିଦେଲେ । ଚକେନ୍ କଷା ଓ ଲୁଚି ତିନି ଚାରି ଘଣ୍ଟା ଗାଡି

ଭିତରେ ବେଶ୍ ଆରାମରେ ରହିଯିବ କିଛି ଖରାପ ହେବନି । କୁଲରରେ ନେବାକୁ ଇଚ୍ଛା ନାହିଁ । ଖାଇଲା ବେଳକୁ ପୁରା ଥଣ୍ଡା ହୋଇ ଯାଇଥିବ, ଖାଇବାରେ ମଜା ଆସିବନି ।

ତା ପର ଦିନ ଦଶଟା ଭିତରେ ରେଡି ହୋଇ ସାମାନ୍ୟ କିଛି ସିରିଆଲ, କଫି ପିଇ ବାହାରିଗଲେ ଲଙ୍ଗ ଡ୍ରାଇଭିଙ୍ଗରେ । ସକାଳୁ ଉଠି ଚକେନ କଷା ଓ ଦଶଟା ଲୁଚି ଛାଣିବାକୁ ବେଶୀ ସମୟ ଲାଗିଲାନି । କାଲି ରାତିଠୁ ଚକେନ ମ୍ୟାରେନେଡ୍ କାମ ସରି ଯାଇଥିଲା । ପିକନିକ୍ ବାସ୍କେଟରେ ଖାଇବା ସବୁ ରଖିଦେଇ ସେମାନେ ବାହାରିଗଲେ, ପେପର ପ୍ଲେଟ, କପ୍, ଗାମୁଚ ସବୁ ନେଲେ । ଗରମ୍ ଚକୋଲେଟ ଡ୍ରିଙ୍କ ଫ୍ଲାସ୍କ ରେ, କିଛି କ୍ରାକର, କୁକି, ଓ ଆପଲ୍ ପାଏ ।

ଗାଡି ଭିତରେ କିଛି ଇଂଲିସ୍ ଗୀତ କିଛି ହିନ୍ଦୀ, କିଛି ପୁରୁଣା ଓଡିଆ ସିନେମା ଗୀତର ସିଡି ଲଗେଇ ଦେଲେ । ମନ ଟା ବହୁତ ହାଲକା ହାଲକା । କୌଣସି ଅଯଥା କଥା ମୁଣ୍ଡର ଭର୍ତ୍ତି କରିବାକୁ  ଇଚ୍ଛା ନାହିଁ । ସଂପୂର୍ଣ ରୂପେ ଆଜିର ଦିନଟା ମନ ଭରି ଉପଭୋଗ କରି ଘରକୁ ଫେରିବାର ଯୋଜନା । ଆଠ ମାସ ପରେ ଟିକେ ସୁଯୋଗ ମିଳିଛି । ହାତଛଡା କରିବା ଟା ବୁଦ୍ଧିମାନର କାର୍ଯ୍ୟ ହେବନି ।

ଆଜି ସେ ନା ପଛକଥା କିଛି ଭାବିବେ ନା ଭବିଷ୍ୟତ ନା ପିଲା ମାନଙ୍କ ଚିନ୍ତା କରିବେ । କେବଳ ଏଇ ମୁହୁର୍ତ୍ତକୁ ଉପଭୋଗ କରିବେ । ରାସ୍ତା ଖୁବ୍ ଶୁନ୍ଶାନ୍ । କାଁ ଭାଁ ଗାଡି କେବେ କେମିତି ଅପର ଦିଗରୁ ତାଙ୍କୁ ଅତିକ୍ରମ କରୁଥିଲା । ଖାଲି ସେମାନେ ଏକାକୀ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରି କରିଯାଉଥିଲେ । ବେଳେ ବେଳେ ପ୍ରଣବ ବାଜୁଥିବା ଗୀତର ସ୍ୱର ସହିତ ସ୍ୱର ମିଳାଇ ହୁଇସିଲ୍ ରେ ଗୀତ ବୋଲୁଥିଲେ ବା ପ୍ରଣତୀ ନିଜର କଣ୍ଠ ଦାନ ଦ୍ୱାରା ।

କେତେବେଳେ ଚାରିଘଣ୍ଟା ସମୟ ଏହା ଭିତରେ ଚାଲିଗଲାଣି ଜଣା ପଡିଲାନି । ଭୋକ ଲାଗିଲାଣି । କେବେଠୁ ଗାଡି ଭିତରେ ଥିବା ଖାଦ୍ୟର ବାସ୍ନା ସେମାନଙ୍କର ଭୋକକୁ ଦଶ ଗୁଣିତ କରିବାରେ ଲାଗିଛି । ବାଟରେ ତିନି ଚାରିଟା ଛୋଟ ବଡ ପାର୍କ ସେମାନେ ଅତିକ୍ରମ କରି ସାରିଲେଣି । କିନ୍ତୁ ସେଗୁଡିକ ସବୁ ବନ୍ଦ । ପରେ ମନେ ପଡିଲା ଏପଟେ ପାର୍କ ଗୁଡିକ ସେପ୍ଟେମ୍ବର ମାସ "ଲେବର ଡେ'ରୁ ବନ୍ଦ ହୋଇ ଯାଏ । ଅତ୍ୟଧିକ ଖୁସି ଯୋଗୁ ସେମାନେ ଭୁଲି ଯାଇଥିଲେ । ପୁଣି ଯାଇ ମେଁ ମାସରେ "ମେମୋରିଆଲ ଡେ' ରେ ଖୋଲା ହୁଏ ।

ସେଦିନ ରବିନା ସଙ୍ଗେ କଥା ହଉ ହଉ ସେ କନ୍ତୁ କହିଥିଲା କଛି ପାର୍କ ଏବେବି ଖୋଲା ଅଛି । ଟିକେଟ ବି ନଉ ନାହାଁନ୍ତି । ବିଶେଷ ଲୋକ ତ କେହି ଯାଉ ନାହାଁନ୍ତି । କେବେ କ୍ୱଚତ୍ କଏ ଯାଉଛି, ତେଣୁ କଛି ପାର୍କ ଖୋଲା ଅଛି । ତେଣୁ ସେମାନେ ସେଇ ଆଶାରେ ଆଉ କଛି ବାଟ ଆଗେଇଲେ । ହଠାତ୍ ଏକ ଛୋଟ ପାର୍କ ଖୋଲା ଥିଲା । ଗାର୍ଡ କେହି ନଥିଲେ ଗେଟ୍ ଖୋଲାଥିଲା ଭିତରକୁ ପଶିଲେ । ଭିତରେ ଏକ ସୁନ୍ଦର ଛୋଟିଆ ହ୍ରଦ । ଗ୍ଭରିକଡ ବସିବା ପାଇଁ ବେଞ୍ଚ୍ ପଡିଛି । ଗୋଟାଏ ସୁନ୍ଦର ଯାଗା ବାଛି ଗୋଟାଏ ବେଞ୍ଚ୍ ବାଛିଲେ । ପ୍ରଥମେ ବେଞ୍ଚକୁ ସ୍ୟାନଟାଜର ପେପରରେ ପୋଛି ସଫାକଲେ ତ ଉପରେ ଆଣିଥିବା ବେଡସିଟ୍ ବିଛେଇଦେଲେ । ଏତେ ସତର୍କତା ସତ୍ୱେ ଓ କରୋନାର ପ୍ରାଦୃଭାବ କହିଲେ ନସରେ ।

ଅନେକ ଥର ସେମାନେ ଏପରି ପିକନକ୍ ପିଲା ମାନଙ୍କ ସହିତ ତ କେବେ ସାଙ୍ଗ ମାନଙ୍କ ସହ ତ କେତେ ଦୁଇଜଣ ଏମିତି ଆସି ପାର୍କରେ ବସି ଖାଇଚନ୍ତି । କଛି ସମୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସବୁ ଉପଭୋଗ କରିକ ଯାଇଛନ୍ତି । କନ୍ତୁ ଆଜିର ଅନୁଭୂତି ବହୁତ ନଆରା ଓ ବହୁତ ଆନନ୍ଦ ଦାୟକ । ଦୀର୍ଘ ଆଠ ମାସ ପରେ ଘରୁ ସେମାନେ ବାହାରିଛନ୍ତି । ଏବେ ଭାବୁଛନ୍ତି କପରି ସବୁ ପଶୁ ପକ୍ଷୀ ମାନେ ଗୁହାଳରେ ବା ପଞ୍ଜୁରୀରେ ବନ୍ଧା ହୋଇ ଜୀବନ ସାରା ପଡି ରହିଛନ୍ତି । ଏ କରୋନା ଆସି ଜୀବନକୁ ଓଲଟ ପାଲଟ ତ କରି ଦେଇ ଗଲା ବହୁତ କଥା ଶିଖେଇ ଦେଇ ବି ଯିବ ।

ଖିଆ ପିଆ ସରିବା ଉପରେ । ଆଉ କଛି ସମୟ ବସି ଯିବାକୁ ଇଛା । ଆଉ ଏପରି ସୁଯୋଗ  ଆସନ୍ତା ପାଞ୍ଚ ମାସ ଯାଏ ମିଳବା ସମ୍ଭବ ନୁହେଁ । ଏଇଟା ସ୍ନୋ ପଡିବା ଋତୁ । କୋଉ ମୁହୁର୍ତ୍ତରେ ସ୍ନୋ ପଡିଯିବ କହି ହବନ । କାଲି ବି ପଡିଯାଇପାରେ କଛି ଅସ୍ୱାଭାବିକ ନୁହେଁ ଆମେରିକାରେ । ଲୋକମାନେ ଏପରି ପାଗ ପରିବର୍ତ୍ତନରେ ବେଶ୍ ଅଭ୍ୟସ୍ତ । ସେମାନେ ବି । କନ୍ତୁ ଘରକୁ ଯିବାକୁ ତ ହେବ ।

ହଠାତ୍ ପଛପଟୁ କାହାର ପାଦ ଶବ୍ଦରେ ସେମାନେ ବୁଲିକରି ଗ୍ଭହିଁଲେ । କଏ ହୋଇପାରେ! ଗୋଟାଏ ଲୋକ ମୁଣ୍ଡରୁ ଗୋଡ ଯାଏ ଗୋଟାଏ କଳା କମ୍ବଳ ଘୋଡେଇ ହୋଇ ତାଙ୍କ ଆଡକୁ ଅଗ୍ରସର ହେଉଛି । କଣ ତାର ଉଦ୍ଦେଶ୍ୟ ! ଡରରେ ପ୍ରଣତୀ ଥରିବାକୁ ଲାଗିଲା କାରଣ ସେଇ ମୁହୁର୍ତ୍ତରେ ସେ ପାର୍କ ଭିତରେ ତାଙ୍କ ଦୁଇ ଜଣଙ୍କ ବ୍ୟତୀତ । ଆଉ କେହି ନଥିଲେ। ପାଖ ଆଖରେ କୌଣସି ଜନବସତି ବି ନାହିଁ । କନ୍ତୁ ପ୍ରଣବ ଭିତରେ ଡରୁଥିଲେ ବି

ଉପରେ ସାହାସ ଦେଖେଇ ଲୋକଟିର ସମ୍ମୁଖୀନ ହେବାକୁ ସ୍ଥିର କଲେ । କାରଣ ତାଙ୍କ ଗାଡି ଓ ତାଙ୍କ ମଝିରେ ଲୋକଟି ଅଛି । ତା ହାତରେ ବନ୍ଧୁକ ବି ଥାଇପାରେ । କଛି ଅସ୍ୱାଭାବିକ ନୁହେଁ ।

ଲୋକଟି ବିଶେଷ ଡେରି ନକରି କହିଲା ମୁଁ ତିନଦିନ ହେବ କଛି ଖାଇନ । ଏ କରୋନା ଲକ୍ ଡାଉନ୍ ଯୋଗୁ ମୋର ଗ୍ଲକରୀ ବି ଗ୍ଲଲି ଯାଇଛି । ତମ ପାଖରେ ଯାହା ଟଙ୍କା ଓ ମୂଲ୍ୟବାନ ଜିନଷ ଅଛି ମତେ ଶିଘ୍ର ଦେଇ ଦିଅ । ମୁଁ କଛି ତମର କ୍ଷତି କରିବିନ । ଯଦି ନଦିଅ ତେବେ କ୍ଷତି କରିବାକୁ ବାଧ ହେବି । ମୋ ପାଖରେ ବନ୍ଧୁକ ଅଛି । ଆତ୍ମରକ୍ଷାର କୌଣସି ପ୍ରକାର ଚେଷ୍ଟା କର ନାହିଁ ସଫଳ ହେବ ନାହିଁ ।

ବୁଦ୍ଧିମାନର କାର୍ଯ୍ୟହେବ ଯଦି ଲୋକଟିର କଥା ସେମାନେ ମାନନେବେ । ପ୍ରଣତିଙ୍କର ହାତରେ ଗୋଟିଏ ହୀରାର ମୁଦି, କାନରେ ହଳେ ଇଅରିଂଗ ଓ ହାତରେ ଦୁଇପଟ ସୁନା ଚୁଡି ଓ ଘଣ୍ଟା ଥିଲା ସେ ଚୁପଗ୍ଲପ୍ କାଢି ରଖିଦେଲେ । ପ୍ରଣବ ଦୁଇ ଦିନ ତଳେ ବ୍ୟାଙ୍କ ଏଟିମ୍ ମେସିନ୍ ରୁ ଦୁଇଶହ ଡଲାର ଉଠେଇଥିଲେ ସେମିତି ତାଙ୍କ ଓ୍ୱାଲେଟରେ ଥିଲା ବ୍ୟାଙ୍କରୁ ଆସି ଘରେ ରଖିବାକୁ ଭୁଲି ଯାଇଥିଲେ । ଓ୍ୱାଲେଟ ତା ଆଗରେ ଖୋଲି ସବୁ ଟଙ୍କା ଦେଇଦେଲେ । ଲୋକଟି ସବୁ ନେଲା ଓ ପ୍ରଣବଙ୍କ କ୍ରେଡିଟ୍ କାର୍ଡ ଟି ମଧ ନେଇ ପଛୁଆ ପଛୁଆ କଛି ବାଟ ଯାଇ ତାପରେ ଦୌଡି ଦୌଡି ଯାଇ ତାର ଭଙ୍ଗା ଟ୍ରକ୍ ରେ ବସି ଅର୍ନ୍ତଧାନ ହୋଇଗଲା ।

କଛି ସମୟ ସ୍ଥାଣୁ କରିଦେଇଗଲା ଏ ପରିବେଶ ପରିସ୍ଥତି ପ୍ରଣବ ଓ ପ୍ରଣତୀଙ୍କୁ । ସେମାନେ ଏତେ ବର୍ଷ ଆମେରିକାରେ ରହିଛନ୍ତି, ବହୁତ ଜାଗା ବୁଲିଛନ୍ତି କନ୍ତୁ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇ ନାଥିଲେ କେବେ । ଭୋକ ମଣିଷକୁ କେତେ ତଳକୁ ନେଇ ଯାଇ ପାରେ । ଏବେକାର ବେରୋଜଗାରୀ ବିଷୟରେ ସେମାନେ ଅବଗତ । କନ୍ତୁ ସ୍ୱଚକ୍ଷୁରେ ଦେଖି ନଥିଲେ । ତାପରେ ପୋଲିସକୁ ଫୋନ କରି ସବୁ ଜଣେଇଥିଲେ, ବ୍ୟାଙ୍କ ବାଲାଙ୍କୁ ବି କ୍ରେଡିଟ କାର୍ଡ ବିଷୟରେ ବି ଜଣେଇଥିଲେ ।

କନ୍ତୁ ହରେଇଥିବା ସ୍ମୃତି ଜଡିତ ଜିନଷ ତ ଆଉ ମିଳବନ । ହୀରା ମୁଦି ଟି ପ୍ରଣବ ତାଙ୍କୁ ତାଙ୍କ ପ୍ରଥମ ବିବାହ ବାର୍ଷିକୀରେ ଉପହାର ଦେଇଥିଲେ । ଆମେରିକା ଆସିଲା ବେଳେ ବୋଉ ତା ହାତର ସୁନା ଖଡୁ ଦୁଇଟା ଦେଇଥିଲା ଓ୍ଇ କାନର ଦି ଟା । ଗତ ତିରିଷ ବର୍ଷ

ହେବ ସେ ଦେହରୁ କେବେ ଅଲଗା କରି ନଥିଲେ ଏ ଅଳଙ୍କାର ଗୁଡିକ । ଯଦିବା କୌଣସି ପାର୍ଟିକୁ ଯାଉଥିଲେ ଏ ଖଡୁ ଓ ମୁଦି ସହିତ ମିଶେଇ ସେ ଅନ୍ୟ ଗହଣା ସବୁ ପିନ୍ଧୁଥିଲେ । କାନର ଖୋଲି ଅନ୍ୟ କଛି ପିନ୍ଧୁଥିଲେ ସତ କନ୍ତୁ ଫେରି ଆସି ପୁଣି ଥରେ ଏଇ କାନରକୁ ପିନ୍ଧୁଥିଲେ ।

ଏତେ ବର୍ଷର ଭାବ ବିହ୍ୱଳ ସ୍ମୃତି ସବୁକୁ ଆଜି ଏ କରୋନା ଯୋଗୁ ଗ୍ଳଲିଗଲା । କେତେ କଅଣ ତ ଉଜାଡି ସାରିଲାଣି ଏ କରୋନା ଆଉ କଣ ଉଜାଡିବ ତାକୁଇ ଜଣା । କାହା କାହା ପାଇଁ ଓ କଣ କଣ ପାଇଁ ଦୁଃଖ କରି ବସିବେ ସେ । ଏବେ ତ ଖାଲି ଗୋଟିଏ କଥା ଜୀବନ ଅଛି ତ ସବୁ ଅଛି । ଜୀବନକୁ ଛାଡି ଆଉ ଯାହା ଯିବ ଯାଉ । ବୁଦ୍ଧି ଶିଖିଗଲେ । ଆଉ ଲଙ୍ଗ୍ ଡ୍ରାଇଭିଙ୍ଗ୍ ପାଇଁ କେବେ ମନ ବଳେଇବିନ । ଘରେ ରୁହ ନିରାପଦ ରୁହ, କରୋନା ଠାରୁ ବି ଦୁର୍ବୃତ୍ତ ମାନଙ୍କ ଠାରୁ ଦୂରେଇ ବି ରୁହ ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଭାବନା ସୌରଭ



ଆଶୁତୋଷ ମେହେର

ଭାବନା ସୌରଭେ ଭିଜିଗଲେ ମନ କବିତା ନିର୍ଝର ଝରେ
ଭାବ ଗହୀରରେ ତରଙ୍ଗ ନାଚଇ ମନର ସାଗର ତୀରେ।
ବହି ଆସେ ହୋଇ ଅମୃତର ଧାରା କବିର ଲେଖନୀ ଗାରେ
ହୃଦୟ କନ୍ଦରୁ ସୁଧା ବାରି ଝରି ପରାଣେ ମହକ ଭରେ।।

କବିତା ନୁହେଁ ସେ ସୁନ୍ଦର ଆଲେଖ୍ୟ ଯୁଗ ଯୁଗ ମନ କଥା
ଗଭୀର ହୃଦୟ ଗଳ୍ପ ଭରା କଥା ଜୀବନ ଜଞ୍ଜାଳ ବ୍ୟଥା ।
ସ୍ୱଟିକ ପରାଏ ଝଟକୁ ଥାଏ ଙ୍କ, ସ୍ୱଚ୍ଛ କାକର ର ବିନ୍ଦୁ
ପଦ ପରେ ପଦ ଜୀବନ ସଂଙ୍ଗୀତ ଅମାପ ଅତଳ ସିନ୍ଧୁ।।

ମନର ଭିତରେ ରାଗ ଅନୁରାଗ କବିତା ର ମୂଳ ମନ୍ତ୍ର
ଶୁଭାଷିତ ଯେହ୍ନେ ଭାବମୟ ଧାରା ଜୀବନ ବଞ୍ଚିବା ତନ୍ତ୍ର।
କବିର ପରାଣ ଭାବେ ଉବୁଟୁବୁ ଆକାଶ ପରାଏ ବ୍ୟାପ୍ତ
କବିତା ଜଗତ ରାଜ ସିଂହାସନେ ବାର ବାର ଅଭିଷିକ୍ତ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ପୂର୍ଣ୍ଣିମାର ଜହ୍ନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମେ ଥିଲ
ମୋ ମନ ଆକାଶରେ
ପୂର୍ଣ୍ଣିମାର ଜହ୍ନ
ତୁମକୁ ପାଇ
ଅନୁଭବ କରିଥିଲି
ଜ୍ୟୋସ୍ନାର ଶୀତଳ ସାନ୍ନିଧ
ଶାନ୍ତିର ସାଗରରେ
ଅବଗାହନ କରି
ପାଇଥିଲି
ତୃପ୍ତିର ମହାଆନନ୍ଦ ।
କନ୍ତୁ ତୁମେ ଚାଲିଗଲ୍ ପରେ
ସାରା ମନ ଆକାଶ ଆଜି
ଅମାବାସ୍ୟାର ଅନ୍ଧାରରେ ପୂର୍ଣ୍ଣ
ଆଉ ମନର ଆକାଶେ
ସୃଷ୍ଟି ହୋଇଛି
ଅପୂରଣୀୟ ଶୂନ୍ୟସ୍ଥାନ ।

ତଥାପି ମନ ଆକାଶକୁ
ମାଗିଛି ମୁଁ ଜହ୍ନ
ଜହ୍ନତ ଆଉ ମିଳନ
ତାର ସ୍ମୃତି ହିଁ
ମୋ ବଞ୍ଚିବାର
ସରଳ ମାଧ୍ୟମ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ସାମାନ୍ୟ କଥାରେ



ଅର୍ଜୁନ ମେହେର (ଆଶ୍ରିତ)

ସାମାନ୍ୟ କଥାରେ ଏଡ଼େ ବଡ଼ ମହାଭାରତ ଯୁଦ୍ଧ
ଭାଇ ଭାଇ ଭିତରେ କଳି,
ରାଜ୍ୟ ଭାଗବଣ୍ଟା ଜବର ଦଖଲ
ଘର କଥାରେ ବାହାର ଲୋକଙ୍କର ମୁଣ୍ଡ ଖେଳେଇବା !

କିଏ କାହାର ସପକ୍ଷରେ ଓ ବିପକ୍ଷରେ ତ
କାହାର ପୁଣି ଗୁପ୍ତ ମନ୍ତ୍ରଣା... ?

ନା ଚହ୍ଲା ପଡ଼ିବାର ଆଶଙ୍କା ନା କାଳିକ ମୁହଁ
ଦେଖେଇବାର  ଆତ୍ମଗ୍ଲାନି,
ସମ୍ପର୍କରେ ତିକ୍ତତା ଆସିବାର ମନରେ ବିଗ୍ରହଟିଏ
ଅଛି....?

କିଏ ଧର୍ମ ସପକ୍ଷରେ ଥାଇ ମଧ୍ୟ ଚୁପଚାପ ରହିବା
ନିଜର କର୍ତ୍ତବ୍ୟ ମନେ କରେତ,
ଥୋକାଏ ଅଧର୍ମର ସପକ୍ଷରେ ବାହାବାହି ନେଇ
ବଡ଼ିମା ଦେଖେଇବାର  ଗର୍ବ ଅନୁଭବ ।

ଛନ୍ଦି ହୋଇ ଯାଇଛନ୍ତି  ଅନେକେ ମାୟାର ବନ୍ଧନରେ ।
ନା ଏ କୂଳର ନା ହୋଇ ପାରୁଛନ୍ତି
ସେ କୂଳର ।

ସାମାନ୍ୟ  କଥା ପାଇଁ ତ ରାମଙ୍କର ହୋଇଥିଲା
ବନବାସ
ସତୀ ସୀତାଙ୍କର ଅଗ୍ନି ପରୀକ୍ଷା
ରାବଣର ବଧ....
କଏ ଜାଣିଥିଲା ଅଖଣ୍ଡ ଭାରତର ବିଭାଜନ **?**

ସାମାନ୍ୟ ଦୁଇ ଜଣଙ୍କର  କୂଟନୀତିରେ ଶିକାର
ହେଇଗଲା ଏତେ ବଡ଼ ଦେଶ
କଳା ଅକ୍ଷରରେ ଲେଖା ହେଇଗଲା ଦୁଇ ଜଣଙ୍କର କୀର୍ତ୍ତି ।

ରାଜନୀତିର ଚକ୍ରବ୍ୟୂହ ରେ ହଜର ମୂଳ ସନାତନ
ଧର୍ମ ବି ବଳ ପଡ଼ିଗଲା  ପଶାଖେଳରେ,
ନା ଥିଲା ତିଳେ ଚିନ୍ତା ନା ପଶ୍ଚାତାପ **?**
ସାମାନ୍ୟ କଥାରେ.......

ଗୈ।ଡ଼ପାଲି, ବୁର୍ଲା

# ଦେହ ଓ ମନ



ସତ୍ୟନାରାୟଣ ଗନ୍ତାୟତ

ଦେହ ଦେଲ୍ ଦୋହଲ୍ଇ
ତ' ସେକ୍ଷଣି ଲ୍ଗିଲ୍
ସବୁକଛି ଏଇମିତି
ଯିବ କ ଦୂରେଇ ?

ହେଲେ ମନ କନ୍ତୁ ମାନଲ୍ନ
ମଉନ ହୋଇବ କଣ
ଆଗଠୁ ବି ହୋଇଲ୍ ମୁଖର

ତ' ଅନାୟାସେ ହଟିଗଲ୍
ନର୍ଶାର ଅମା ଅନ୍ଧକାର
ଦିଶିଗଲ୍ ଚଲ୍ପଥ
ଖୋଲିଗଲ୍ ନବୁଜ ଦୁଆର !!

"ସୁହାସିତମ୍", କସ୍ତୁରୀ ନଗର
ରାୟଗଡା: ୭୬୫୦୦୧

# ଦେବୀ



ଆରତୀ ସାହୁ (ଆଶା)

ସୁଲତା ସେଦିନ ସ୍କୁଲରେ ଖୁବ୍ ଅନ୍ୟମନସ୍କ ଥିଲା । ହସ୍ତାକ୍ଷର ଖାତା ସାରଙ୍କୁ ଦେବାକୁ ଭୁଲିଗଲା । ସାଧାରଣ ଶତକଡ଼ା ଅଙ୍କଟିଏ ତାର ବାରମ୍ବାର ଭୁଲ ହେଲା । କାତ ଧରି ଧୀରେ ନାଉରି  କବିତା ଆବୃତ୍ତିରେ  ବାରମ୍ବାର ଝୁଣ୍ଟିଲା ଆଉ ପଛକୁ ଫେରିଲା । "ଆଉ ପାଠପଢାରେ ମନ ନାହିଁ ", କଥାଟା ସାରଙ୍କ ଠାରୁ ପ୍ରଥମ ଥର ପାଇଁ ଶୁଣିଲା ।

ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ରଖୁଥିଲା ସିଏ । ଖୁବ୍ ଶାନ୍ତ ଶିଷ୍ଟ । ମୁଁ ତାକୁ ବାରମ୍ବାର ପଚାରିଲି କଣ ହେଇଛି ବୋଲି । ତା ଆଖି ଛଳଛଳ ହେଇଗଲା ।

- ଜାଣିଛୁ, ମୋର ପୁଷ୍ପା  ନାନୀ ମରିଯିବ ।

- ପୁଷ୍ପା  ନାନୀ, ସୁନ୍ଦରୀ ପୁଷ୍ପା ନାନୀ, ଗର୍ଲସ୍ ହାଇସ୍କୁଲରେ ପଢୁଥିଲା । ସେ ବି ସୁଲତା ପରି ଶାନ୍ତ ଶିଷ୍ଟ । ପାଠରେ ଅବଶ୍ୟ ପଛ ଧାଡ଼ିର । ହଠାତ ଦିନେ ଗାଁ ସାରା ଚହଲ ପଡ଼ିଗଲା, ମହାନ୍ତି ଘରକୁ ମାଆ ମଙ୍ଗଳା ଆଇଛନ୍ତି । ତାଙ୍କ ଝିଅ ଉପରେ ସବାର ହେଇଛନ୍ତି ।  ସବୁ ଆଗତ ଭବିଷ୍ୟତ କଥା କହି ଦେଉଛନ୍ତି ।

ସତକୁ ସତ ଗାଁ ଟା ସାରା ତାଙ୍କ ଘରକୁ ଧାଡ଼ି ବାନ୍ଧିଲେ  । ଧୂପ ଦୀପ ନୈବେଦ୍ୟ ଧରି । ଅଧିଆ ପଡ଼ିଲା ପରି ଦୁଆରେ ପଡ଼ି ରହିଲେ ।  ଗାଁରେ ହାଟ ହେଲା ।

* ଅମୁକ ଲୋକର ଦଶବର୍ଷ ବା ଘର ଗଲାଣି ହେଲେ ପିଲା ପିଚକା ନଥିଲେ । ଦେଖିବ ଯା ତା ମାଇପ ବାନ୍ଧି କଲାଣି ।

* ଢମୁକ ଲୋକ ଆଣ୍ଠୁ ଗଣ୍ଠି ବାତରେ ଉଠି ପାରୁ ନଥିଲା, ମାଆଙ୍କ ଦୟାରୁ ଧଉଡ଼ିଲାଣି ।

* ସମୁକ ଲୋକ କୋଟ କଚେରୀ ହେଇ ହେଇ ନଙ୍ଗାଲ ହେଇ ଯାଇଥିଲା, ହେଇ କୋଟରେ ତାର ଡିଗିରି  ହେଇଛି ।

ଏମିତି ନାନା ଲୋକଙ୍କ ନାନା କଥା ।  ଆମ ସାହିଟା ତାଙ୍କ ସାହିଠାରୁ ଦୂର । ତେଣୁ ଆମ ଘରୁ କେହି ଯାଇ ନଥିଲେ । ଭାଇମାନେ ପାଠଶାଠ ପଢ଼ିଥିବାରୁ ଆମ ଘରକୁ ଆଧୁନକ ସଭ୍ୟତା ଟିକେ ଟିକେ ପଶି ଆସିଥିଲା । ତେଣୁ କୁପ୍ରଥା, କୁରୀତି, କୁସଂସ୍କାର, ଅନ୍ଧ ବିଶ୍ୱାସ ଇତ୍ୟାଦି ଶବ୍ଦ ଗୁଡିକ ସହ ଆମେ ନୂଆ ନୂଆ ପରିଚତ ହେଉଥିଲୁ । ମାଆ କନ୍ତୁ ଶୁଣିଲା ପରେ ଅନ୍ଧାର ଘରେ ଯାଇ ଢପ ଢପ ତିନ ଥର ମୁଣ୍ଡିଆ ମାରିଥିବାର ମୁଁ ଦେଖିଥିଲି । ତାର ଭାରି ଇଚ୍ଛା ଥିଲା ଟିକେ ଯାଇ ମାଆଙ୍କୁ କଛି କଛି କଥା ପଗ୍ଚରିବାକୁ ।

ପୁଅ ମାନେ ଯେ  ବଡ଼ ହେଇଗଲେ ମାଆ ମାନଙ୍କର ବାପା ପାଲଟିଯାଆନ୍ତି, ଏକଥା ସମସ୍ତେ ମାନବେ   ।

ତାଙ୍କ ଭୟରେ ସେ କହି ପାରୁ ନଥାଏ କ ଯାଇ ପାରୁ ନଥାଏ ।  କାମିନୀ ପିଇସୀ ଠାରୁ ବଡ଼ ମନ ଦେଇ ମାଆ ମଙ୍ଗଳା  କଥା ଶୁଣେ । କେତେ କେତେ ଆଶ୍ଚର୍ଯ୍ୟ ଜନକ କଥା ସେ କହୁଛି । ମନକୁ ମାରି ରୁହେ । ତାର ପ୍ରଶ୍ନ ଆଉ କଣ କ **?** ସେ କାଚ ସିନ୍ଦୁର ନାଇ ମରିବ ନା ନାହିଁ । ତା ଛୁଆମାନେ ନରେ୍ଗା ରହିବେ ନା ନାହିଁ । ଆଉ ତାର ଫାଇଲେରିଆ ଗୋଡ଼ଟା ଠିକ୍ ହବ ନା ନାହିଁ ।

ମାଆ ସିନା ଭୟରେ ଯାଇ ପାରୁ ନଥିଲା । ହେଲେ ନାନୀକୁ କୋଉ ପୁଅ ଘରେ ବାନ୍ଧି ପାରିବ **?**  ବାପାଙ୍କର କ କୋଉ ଭାଇଙ୍କର ସାଇକଲ ଖଣ୍ଡେ  ଯଦି ହାତରେ ପଡ଼ିଛି ତେବେ ସାଇକଲ ସହ ସେ ବି ଅନ୍ତରଧାନ । କୁଆଡେ କୁଆଡେ ଖେପି ଯାଉଥିଲା ସିଏ ମନ୍ଦିରରୁ

ମଶାଣି ଯାଏ । ଡର ଭୟ କଛି ଜାଣି ନଥିଲା । ଦୁଇ ଦିନରେ ଥରେ ସେ ଝିଅ କାହ୍ନାର କମ୍ପ୍ଲେନ୍ ଆସୁଥିଲା । କାହାର କାକୁଡ଼ି ଚୋରି ତ କାହାର ଫୁଲଚୋରି । କେବେ କେବେ ଆଉ କାହାର ସାଇକଲ ଧରି ଚମ୍ପଟ । ସାଢ଼େ ଚାରିଫୁଟିଆ ନାନୀ ଆଉ ଚବିଶ ଇଞ୍ଚିଆ ଏଟଲସ୍ ଜେଣ୍ଟସ୍ ସାଇକଲ, ଭାବିଲେ କାବା ଲାଗେ ।

ସେ ଯାଇ ପହଞ୍ଚି ଗଲା ତାଙ୍କ ଘରେ ମୋତେ ସାଇକଲ ରଡ଼ ଉପରେ ବସାଇ । ଦୁହିଁଙ୍କର ଭାରି କୌତୁହଳ ହେଉଥାଏ । ଦେବୀ ହେଇ ପୁଷ୍ପା କେମିତି ଦେଖା ଯାଉଥିବ । ଜଙ୍ଘ ପର୍ଯ୍ୟନ୍ତ ବାଳ ଖୋଲା, ଲାଲ୍ ବଡ଼ ବଡ଼ ଆଖି, ମଥାରେ ଏଡ଼େ ବଡ଼ ସିନ୍ଦୁର ଟୋପା, ଗଳାରେ ରକ୍ତିମ ମନ୍ଦାରର ତଟକା ମାଳ ।

ତାଙ୍କ ଦୁଆରେ ନାହିଁ ନଥିବା ଭୀଡ଼ । ଘଣ୍ଟ ଘଣ୍ଟା କରତାଳ, ଶଙ୍ଖ ହୁଳହୁଳରେ ଜାଗାଟା ଉଠୁଥାଏ ପଡୁଥାଏ । ଅନେକ ସ୍ତ୍ରୀ ଲୋକ, ପୁରୁଷ ଲୋକ ଦାଣ୍ଡରେ ଲମ୍ବ ହେଇ ହାତକୁ ମନ୍ଦାର ଫୁଲ ସହିତ ଉପରକୁ ଜୋଡ଼ି ଅଧିଆ ପଡ଼ି ଥାଆନ୍ତି । ଧୂପ ଝୁଣା ବାସ୍ନାରେ ଖଣ୍ଡ ମଣ୍ଡଳ ଚହଟୁଥାଏ । ରିକ୍ସାରେ, ଗୋରୁଗାଡ଼ିରେ ବେମାରିଆ ଲୋକ, ଛୁଆ ବୁଢ଼ା ହେଇ ଆସି ଥାଆନ୍ତି । ମାଆ ଗୋ, ମାଆ ମଙ୍ଗଳା ବୋଲି ରଡ଼ି ଛାଡୁଥାଆନ୍ତି ଲୋକେ । ଗୋଟେ ଜୋଡେ କୁକୁଡ଼ା, ବତଖ, ଛେଳ ବି ବନ୍ଧା ହେଇଥାନ୍ତି । ଏତେ ଭୀଡ଼ ଭିତରେ ପଶି ପାରୁ ନଥିଲୁ ଆମେ । ତଥାପି ଗୋଡ଼ ହାତ ମାରି ଲୋକଙ୍କ ଗୋଡ଼ ସନ୍ଧିରେ ଗଳ ପହଞ୍ଚି ଗଲୁ ତାଙ୍କ ଘର ଭିତରେ । ଭିତରର ଦୃଶ୍ୟ ଦେଖି ମୋତେ ବେହୋଶ ହେଲା ଭଳ ଲାଗିଲା । ପୁତୁଲ ନାନୀ ବିଛଣାରେ ଶୋଇ ଥାଏ । ଗୋଲଗୋଲ ଅଙ୍କୁର କୋଳ ପରି ଚେହେରାଟା ତାର କଶମିଶ ପରି ଲୋଚ୍ରକୋଚ୍ର ହେଇ ଯାଇଥାଏ । କାତର ଦୃଷ୍ଟି । ଆଖି ଡୋଳା କେଉଁ ଭିତରେ । ଓଠ ଶୁଖି ଚମ ସବୁ ଖାଡୁରିଆ ଦେଖା ଯାଉଥାଏ । ଆମର କଳ୍ପନା କେବଳ ତାର ଖୋଲା କେଶ, ବଡ଼ ଲାଲ୍ ସିନ୍ଦୁର ଟୋପା ଆଉ ବେକରେ ସଦ୍ୟ ରକ୍ତଜବାର ମାଳ ସତ ଲଗୁଥାଏ । କଣ ସବୁ ଅବରଜବର ଗପୁଥାଏ ସେ । ମୁଁ ତ କଛି ବୁଝି ପାରିଲି ନାହିଁ। କନ୍ତୁ ତାର ବଡ଼ବାପା ସବୁ ବୁଝି ଯାଉଥାନ୍ତି ଆଉ ଭକ୍ତ ମାନଙ୍କୁ ବୁଝେଇ ଦେଉ ଥାଆନ୍ତି । ଭକ୍ତେ ବି ବୁଝି ଯାଇ ସନ୍ତୁଷ୍ଟ ହେଇ ମୁଣ୍ଡ ହଲେଇ ଦାନ ଦକ୍ଷିଣା ଦେଉଥାଆନ୍ତି । କାଲ ଠାର କାଲ ମାଆ ସିନା ବୁଝିବ ।

ପୁଷ୍ପା ନାନୀର କନ୍ତ ମାଆ ନଥିଲେ , ବାପା ବି ନଥିଲେ । ସେ ଛୋଟ ଥିଲା ବେଳେ ମରି ଯାଇଥିଲେ ହଇଜାରେ ।

ମୁଁ ବେଶି ସମୟ ସେଠାରେ ରହି ପାରିଲି ନାହିଁ । ଡରକ ଥିଲି । ନାନୀକୁ ଝିଙ୍କି ଝିଙ୍କି ନେଇ ଆସିଲି । ତାକୁ ଭାରି ମଜା ଲାଗୁଥିଲା । ମୁଁ ଧମକେଇଲି ତାକୁ, ଭାଇଙ୍କୁ କହିଦେବି ବୋଲି । ନହେଲେ କୋଉ ଆସିଥାନ୍ତା ?

ସେଦିନ ରାତିରେ ମାଆ ଖଟରେ ତାକୁ କୁଣ୍ଢେଇ ଧରି ବି ହଦ ଆସି ନଥିଲା । ଖାଲି ପୁଷ୍ପା ନାନୀ କପାଳର ନାଲ ଟହଟହ ସିନ୍ଦୁର ଟୋପା ଆଉ ଗଳାରେ ନାଲି ଟହଟହ ମନ୍ଦାର ମାଳା ଦେଖା ଯାଉଥିଲା ।

ସୁଲତା  କାନ୍ଦି କାନ୍ଦି କହୁଥିଲା, - ମୋ ନାନୀ ସତରେ ମରିଯିବ । ମୋ ବାପା ତାକୁ ମାରିଦେବେ । ତାଠାରେ ଆଉ ମାଆ ମଙ୍ଗଳା ନାହାନ୍ତି । ଛାଡ଼ି ଚାଲି ଗଲେଣି । ହେଲେ ମୋ ବାପା ତାକୁ ମଙ୍ଗଳା ହେବାକୁ କହୁଛନ୍ତି । ନ ମାନଲେ ତେନ୍ତୁଳ ଛାଟରେ ମାରୁଛନ୍ତି । ନାନୀ କହୁଥିଲା, ସପନରେ ତା ବାପା ମାଆ ତାକୁ ଡାକୁଛନ୍ତି ।

ମୁଁ କହିଲି, - ତୁ ତୋ ବାପାଙ୍କୁ କହୁନୁ ସେ ଭଲ ହେଇ ଗଲାଣି ବୋଲି ।

- ସେ ତ ମାଆ କଥା ଶୁଣୁ ନାହାନ୍ତି, ମୋ କଥା କୋଉ ଶୁଣିବେ ?

ମୁଁ ଛୋଟ ପିଲା, ଛୋଟ ମସ୍ତିଷ୍କ । ଖାଲି ଭାବିହେଲି ସିନା କଛି ଉପାୟ ବତେଇ ପାରିଲି ନାହିଁ । ଶେଷକୁ ଏହି ନଷ୍କର୍ଷରେ ପହଞ୍ଚିଲି ଯେ ମାଆ ମଙ୍ଗଳା ସମ୍ପୂର୍ଣ୍ଣ ଛାଡ଼ି ନଥିବେ । ସୁଲଭାର ବାପା ବଡ଼ ଲୋକ । ସେ ବେଶି ଜାଣିବେ ନା । ତାକୁ ବି ବୁଝେଇଦେଲି । ଭୂତ ପ୍ରେତ ଛଡେଇବାକୁ ତେନ୍ତୁଳ ଛାଟ  ନହେଲେ କେମିତି ହେବ ?

ତା ପରଦିନ ଠାରୁ  ସୁଲତା ସ୍କୁଲ ଆସି ନଥିଲା । ଇଆଡେ ନାନୀ ଓ ମୋ ଉପରେ କଡ଼ା ପହରା ଲାଗି ଯାଇଥିଲା । କଏ ଗୋଟେ ଚୁଗୁଲି କରିଥିଲା ନିଶ୍ଚୟ । କାମିନୀ ପିଇସୀ ବି ତା ଝିଅ ଘରକୁ ଯାଇଥିଲା । ଖବର ଜାଣିବାକୁ ଆଉଟୁ ପାଉଟୁ ହେଲେ ବି ଉପାୟ ନଥିଲା ।

ଦିନେ ଭାଇ ଆସି ଖବର ଦେଲେ, ମଙ୍ଗଳା ମାଆ ସବାର ହେଇଥିବା ଝିଅଟା କୁଆଡ଼େ ଫେରାର ହେଇ ଯାଇଛି । ତାଙ୍କ ସାହିରେ ଭଡ଼ାରେ କ୍ଲିନିକ କରିଥିବା ହେମିପାଥି ବଙ୍ଗାଳି ଟୋକା ଡାକ୍ତର ସହିତ । ତାକୁ ସ୍କିଟଜୋଫିନିଆ ହେଇଥିଲା  । ତାଙ୍କ ଘର କଣ ଖାନତଲାସି ହେଇଥିଲା । ସୁଲତା ବାପାକୁ ଜେରା କରାଯାଇଛି କୋର୍ଟରେ ।

ସ୍କିଟଜୋଫିନିଆ କଣ ମୁଁ  ବୁଝି ପାରି ନଥିଲି ।

ମାଆ ମଙ୍ଗଳା କଥାଟା ଫିକା ପଡ଼ି ଆସିଲା । ଅନେକ ଦିନ ପରେ ସୁଲତା ଆସିଲା ସ୍କୁଲ । ଭାରି ଖୁସି ଥିଲା । ମୋତେ ଦୂରକୁ ନେଇଯାଇ କାନରେ ଫିସ୍ ଫିସ କହିଲା,

- ଜାଣିଛୁ, ମୋ ପୁଷ୍ପା ନାନୀକୁ ମୁଁ ଆଉ ମାଆ ମିଶି ଭଗେଇ ଦେଲୁ ସେ ଡାକ୍ତର ସହିତ । ମୋ ନାନୀକୁ ସେ ଭଲ ପାଉଥିଲା ତ  । ଶ୍ ଶ୍  କାହାକୁ କହିବୁନଇଇଇ ।

ଆପଣ ମାନଙ୍କୁ ବି ଅନୁରୋଧ ଶ୍ ଶ୍  କାହାକୁ କହିବେନଇଇଇଇ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ବୃକ୍ଷ ହିଁ ଆମ ଜୀବନ



ସାବିତ୍ରୀ ମହାପାତ୍ର

ଶୁଣ ଶୁଣ ଭାଇ ଭଉଣୀ ମାନେ
ବୃକ୍ଷ ହିଁ  ଆମ ଜୀବନ
ନ ଦିଅ ନ ଦିଅ ବୃକ୍ଷକୁ କଷଣ
ସଂପଦ ସେ ଆମ ଜାଣ.......

ସବୁଜ ସୁନ୍ଦର ପୃଥିବୀ ପାଇଁ କ
ବୃକ୍ଷ ଲତା ଲୋଡା ପରା
ବନ୍ୟ ଜନ୍ତୁଙ୍କର ନିରାପଦସ୍ଥଳୀ
ସେହି (ଆମ) ପ୍ରଗତିର ଧାରା.....

ନିଛାଟିଆ ଥିବା ଖାରବେଳଟାରେ
ପଥିକ ଖୋଜଇ ସାହା
ଆଶ୍ରୟ ନେବାକୁ ବୁଲି ବୁଲି ଖୋଜେ
ଖୋଜିଥାଏ ତରୁଛାୟା.....

ସୂର୍ଯ୍ୟଙ୍କର ରୌଦ୍ରତାପରେ ଜଳୁଛି
ଆମ ଏ ଧରିତ୍ରୀ ମା
ଅଂଶୁଘାତ ଭଳି ରୋଗରେ ଆକ୍ରାନ୍ତ
ହରାଉଛୁ ଶୁଦ୍ଧ ବାଆ....

ଜଣ ଜଣ ଆମେ ଶପଥ କରିବା
ଲଗାଇବା ବୃକ୍ଷ ଗୋଟି
ବାଡ଼ି ବଗିଚ୍ଚରେ ପଥ ପ୍ରାନ୍ତରରେ
ଲଗାଇବା ଖୋଲି ମାଟି....

ଓର୍କିଡ୍ ରୟାଲ ଆପାର୍ଟମେଣ୍ଟ,
ନଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର

# ସଖା



ପ୍ରଭାତ ନଳନୀ ସାହୁ

ସଖା,
ତୁମେ ତ ସର୍ବଶକ୍ତିମାନ
ଅନନ୍ତ
ତୁମ ବ୍ୟାପ୍ତି ଆଉ ଦୀପ୍ତିରେ
ଆତଯାତ ସାରା ଜଗତ
ତୁମେ ତ
ରାଜାଧିରାଜ
ମୁଁ କ୍ଷୁଦ୍ରାତିକ୍ଷୁଦ୍ର
ଅକଞ୍ଚନ
ତୁମ ଘରେ ଘୋ ଘା
ଗହଳ ଚହଳ
ତୁମ ଦୁଆରେ
ଭିକାରୀଟିଏ ମୁଁ
ପାତିଦେଇଛି ମୋ ଭିକ୍ଷାଥାଳ ।
ହେଲେ
କାଣିଚାଏ ଦୁଃଖ ନାହିଁ ମୋର
ସୁଦାମାର ହୃଦୟ ନେଇ
ତୁମ ପାଦପଦ୍ମରେ
ଲୟ ଲଗାଇ କଟିଯାଉ
ମୋର ତମାମ ଆୟୁଷ କାଳ ।

ଛେଣ୍ଡ କଲୋନୀ, ରାଉରକେଲା

# ପ୍ରତିବାଦ



ରଞ୍ଜନ କୁମାର ଭୁକ୍ତା

କରି ପାରିବିନି ଉଚ୍ଚବାଚ କେବେ
ମୁଁ ପରି ମଳ ମୁଣ୍ଡିଆ
ବଡ଼ ବଡ଼ିଆଙ୍କ ବଡ଼ ପଣ ଆଜି
ଦେଶକୁ କରେ ଛନଆଁ
ପ୍ରତିବାଦ ସ୍ୱର ଉତ୍ତୋଳନ କାରୀ
ହୋଇଯାଏ ଏକୁଟିଆ ।୧।

ଦେଶର ଜନତା ହାତ ପତାଉଛି
ମାଆ ବିକିଦିଏ ଛୁଆ
ଶିକ୍ଷା ସ୍ୱାସ୍ଥ୍ୟ ସେବା ସପନ ହୋଇଛି
ଯୋଜନା କାଗଜ ନାଆ
ପ୍ରତିବାଦ କଲେ ରାଜନେତା କୁହେ
ଦାଦନ ଖଟିବୁ ଯାଆ ।୨।

ପ୍ରତିବାଦ କରି ନିରାଶ କୃଷକ
ଚାଷ କରି ବି ଅଖିଆ
ଧୋଇ ମରୁଡ଼ିରେ ସବୁ ଚାଲି ଯାଏ
ଶେଷରେ ହୁଏ ହାଲିଆ
ଆତ୍ମହତ୍ୟା ତାର ଅନ୍ତିମ ଠିକଣା
ସରକାର ଅମାନିଆ ।୩।

ବିଧାନସଭାର ଆରମ୍ଭରୁ ଶେଷ
ପ୍ରତିବାଦ ନୁହେଁ ନୂଆଁ
ନିଯୁକ୍ତି ନାମରେ ବେଯୁକ୍ତି ଚାଲିଛି
ନିଆଁ ନଥାଇ ବି ଧୂଆଁ
ଶାସନ କଳଟା ନିଘୋଡ଼ ଶୋଇଛି
ସବୁ ମାୟାରେ ବାଇଆ ।୪।

ରାକସ୍, ତାଳଚେର, ଅନୁଗୋଳ

# ଅପ୍ରାପ୍ତି



ସାଗରିକା ମହାନ୍ତି

ପ୍ରାପ୍ତିର ବିଶ୍ରମ ନାହିଁ ।
ବିଶ୍ରମ ନାହିଁ ବିଶୃଙ୍ଖଳାର ।
ମୁଁ ଭଲ, କେବଳ ମୁଁ ହିଁ ଭଲ କହୁଥିବା ମଣିଷର
ଆତ୍ମ ଅତୃପ୍ତିର  ବି ବିଶ୍ରମ ନାହିଁ ।

ଫାଲଗୁନ ଅପସରି ଯାଉଛି,
ବର୍ଣ୍ଣମୟ ପୃଥିବୀରୁ ।
ଅବିର ଖେଳର ବିପୁଳ ଉଲ୍ଲାସ,
ଫିକା ପଡ଼ିଆସୁଛି ମୋ ଦାଣ୍ଡ ଦୁଆରେ ।
ମଣିଷ ମାତିଛି  ନିଜ ବଡିମାରେ,
ମୁଁ, ମୁଁର ପଣିକା ଆବୃତ୍ତିରେ ।

ସେପଟେ  ମୃତ୍ୟୁ ବି ପବନ ପରି ଅଧୀର ।
କିଏ ଗଲା, କିଏ ବା ରହିଲା,
ହିସାବ ନାହିଁ  ତାର ଡାଇରୀରେ  |

ମୁଁ କିଏ, କଣ କରୁଛି, ପୁଣି କଣ ଭାବିବେ ସେମାନେ,
ଭାବି ଭାବି ସ୍ୱପ୍ନ ସବୁ ଏବେ ସର୍କସ ଆଲୁଅ ପରି ଅସ୍ଥିର ।

ଦିନେ ନା ଦିନେ ଦୁଃଖ ସରେ, ସୁଖ ସରେ
ନଦୀର ଧାର ସରେ ଆଉ ଜୀବନ ବି ।
ସବୁ ଯାଉ,  ସରି ଯାଉ,
ହେଲେ ନିଜେ ନିଜ ବନ୍ଦୀଶାଳାରେ ଆଉଥରେ ହଜିଯିବା ଆଗରୁ,
ସଳଖି ନିଅ  ନିଜ ଆରମ୍ଭକୁ ।

ନଭୀ ମୁମ୍ବାଇ, ମହାରାଷ୍ଟ୍ର

# ଅନୁଭବରେ ଶୀତ ଋତୁ - କିଛି କଥା କିଛି କବିତା

କୁଞ୍ଜ ବିହାରୀ ସାହୁ

ଧରିତ୍ରୀପୃଷ୍ଠରୁ ହେମନ୍ତ ଋତୁ ବିଦାୟ ନଏ । ଅବତରଣ କରେ ଜରତୀ ଶୀତଋତୁ ନୀରସ ମୁହଁ ଦେଖେଇ । ପାଣ୍ଡୁର ଧରଣୀ ଉପରେ ଶୀତୁଆ ବାଆ ଦେହ ମନକୁ ଉଚ୍ଚାଟ କରେ । କାଶତଣ୍ଡି ଫେରୁଫେରୁ ସୋରିଷଫୁଲ ଖିଲିଖିଲି ହସେ ।

ଶୀତ ଋତୁରେ ମନୋରମ ଦୃଶ୍ୟାବଳୀ କବି ଚେତନାରେ ଯୁଗପତ୍ ଆନନ୍ଦ ବିତରଣ କରିଥାଏ । ଗ୍ରାମୀଣ ପରିବେଶକୁ ତଲ୍ଲୀନ ଭାବେ ଉପଭୋଗ କରିବାର ବେଳ ଆସେ । ଗ୍ରାମର ମଞ୍ଜୁଳ ଚନ୍ଦ ଭାବପ୍ରବଣତାର ସୁନ୍ଦର ରୂପାନ୍ତର ପ୍ରତିଫଳିତ ହେଇପାରେ ଏ ଶୀତଋତୁରେ । ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ନଜର ସୃଜନଶୀଳତାକୁ ପରିସ୍ଫୁଟନ କରିଥାଏ ।

ଶୀତକୁ ନେଇ ଅନେକ ବିଦଗ୍ଧ ସାହିତ୍ୟ ସ୍ରଷ୍ଟା ନଜର ସର୍ଜନାରେ ନମଣ୍ଡିତ ରହି ଶୀତର ଅନୁଭୂତି ମୂଳକ କଥା ଓ କବିତା ଭେଟି ଦେଇଛନ୍ତି । ସେହି ସାରସ୍ୱତ ପ୍ରତିଭାଧରଙ୍କ ଲେଖନୀକୁ ପାଛୋଟିନେଇ ମୁଁ ଏ ପ୍ରବନ୍ଧକୁ ଉପସ୍ଥାପନ କରିଛି ।

ନାଟ୍ୟ ଜଗତର ସୁମହାନ ସ୍ରଷ୍ଟା ଗଣକବି ବୈଷ୍ଣବ ପାଣି ଶୀତଋତୁରେ ପଲ୍ଲୀ ପ୍ରକୃତିକୁ ସାଉଁଟି ଆଣିଛି । ତାଙ୍କର ଉତରାୟଣ କବିତାରେ ଉତଫୁଲ୍ଲିତ ମନରେ ଅବତାରଣା କରିଛନ୍ତି -

ରଖୁଆଳ ଗାଏ
ପାଣି ସୁଆଙ୍ଗରେ ଏକ ବିୟୋଗାନ୍ତର ଗୀତ
ସ୍ୱର୍ଣ୍ଣ ଢେଉ ବାଡି ଆସେ
ହଇମନ୍ତୀ ଶୀତ ।
ଛାୟା ଧୀରେ ଶୁଏ

କୃଷକ ଗୃହିଣୀ ଶିରେ ଫସଲର ସ୍ୱର୍ଣ୍ଣାସନେ
ଲକ୍ଷ୍ମୀ ଫେରେ ଗୃହେ ।

ଛୋଟ ମୋର ଗାଁଟି କବିତା (ପଲ୍ଲିଶ୍ରୀ କବିତା ଗ୍ରନ୍ଥ) ରେ ବରେଣ୍ୟ ତଥା ପ୍ରତିଥଯଶା ସାହିତ୍ୟ ସାଧକ ସଚ୍ଚି ରାଉତରାୟ ଶୀତଋତୁର ମାର୍ମିକ ଚନ୍ଦକଳ୍ପ ଦେଇଛନ୍ତି । ପଲ୍ଲୀଚନ୍ଦର ଅଳଙ୍କରଣରେ ସିଦ୍ଧହସ୍ତ ତଥା ସୁନପୁଣ କାରିଗର ସଚ୍ଚି ରାଉତରାୟ । ନଜ କାବ୍ୟଛଟାରେ ପାରଦର୍ଶିତା ଦେଖାଇଛନ୍ତି ନମ୍ନୋକ୍ତ ଗୀତି କବତାରୁ ଅନୁମେୟ ।

ଝରଣା ତାର କଲ୍ ଯେ କବି
ନୟନେ ଦେଲ୍ ରୂପର ଛବି
ବୁହାଇଦେଲ୍ ସପନ ଢେଉ
ପଥର ବୁକେ ନହାତି
ଛୋଟ ମୋର ଗାଁ ଟି ।
ତାହାରି ଲଟା, ତାହାରି ବଣ
ତା ଗାଇଗୋଠ ମୁରଲୀ ସ୍ୱନ
ଫସଲକଟା ମଧୁର ତାନ
ସକଳ ମୋର ସାହାଟି ।
ଛୋଟ ମୋର ଗାଁ ଟି ।

କବିତାରେ ପଡିଆର୍ ମେଲେଇ ନଜର ବହୁମୁଖୀ ପ୍ରତିଭାକୁ ଲୋକଲୋଚନରେ ଛାଇ କରିପାରିଥିବା କବି ହେଲେ ରବି ଶତପଥୀ । ଖୁବ୍ ନରେଖାରେ ପ୍ରକୃତିକୁ ଦେଖିଛନ୍ତି ଆଖିରେ । ମନ-ପ୍ରାଣରେ ଉପଭୋଗ କରିଛନ୍ତି ମତୁଆଲ୍ ହୋଇ । କୋରାପୁଟିଆ ହୋଇ ଶୀତକୁ ପାଖରୁ ଅନୁଭବ କରିଛନ୍ତି ସେ । ଲେଖୁ ଲେଖୁ ଲେଖିଦେଇଛନ୍ତି ନଜ ହୃଦୟର ଭାଷାକୁ -

'ଜୀବନ ଜୀବିକା ଯାତ୍ରାରେ ଆସି ମୁଁ ଯେଉଁ ପ୍ରକୃତି କୋଳରେ ଅଟକଗଲି, ସିଏ ହେଲା କୋରାପୁଟ । ଥରେ ତା ପ୍ରେମରେ ପଡିଲି ବୋଲି ମୁକୁଳ ପାରିଲିନ ଏ ଯାଏଁ । ସୌନ୍ଦର୍ଯ୍ୟର ଅମରାବତୀ କୋରାପୁଟରେ ପ୍ରକୃତି ମୋତେ ବାନ୍ଧି ରଖିଛି । କୋରାପୁଟର ଶୀତ ଗୋଟେ

ଋତୁ ନୁହେଁ, ବରଂ ଅସରନ୍ତି ଅନୁଭବ । ହଳଦୀଫୁଲରେ ରଙ୍ଗରେ ମୁଁ ଆନମନା ହୋଇଛି ବହୁବାର । ସତେ ଅବା ପାଗଳ ବାଟୋଇଟେ ପରି । ଅପରାହ୍ନରେ ତାଆରି ସାଥୀରେ ଦୋଳ ଖେଳଛି । ମହୁମାଛିମାନଙ୍କ ସାଥୀରେ ମିଶି ଗୀତଟିଏ ଗାଇଛି । ଶୁଣିଛି ଆଦିବାସୀ ଭାଇଭଉଣୀ ମାନଙ୍କର ଅଳସୀ ଏକ ଅର୍ଥକାରୀ ଫସଲ । ଫୁଲକୁ ଦେଖି ସେମାନଙ୍କ ମନ ଯେମିତି ହଲଚଲ ହୋଇଯାଏ ।

ଓଃ କ ଦେହଥରା ଶୀତ କୋରାପୁଟରେ ! ନନ୍ଦପୁର ହେଉକ ପଟାଙ୍ଗି, ମାଛକୁଣ୍ଡ ହେଉକ ମାଥିଲି । ଶୀତର ଲହର ଛୁଟେ ବନବାସୀଙ୍କ ଓଠରେ । ଆଦିବାସୀ ଗାଁ ର ମଝିଦାଣ୍ଡରେ ଜଳେ ବିରାଟ ବିରାଟ କାଠଗଣ୍ଡି । ତାକୁ ଘେରିଯାଇ ବସନ୍ତି ଧାଙ୍ଗଡା ଧାଙ୍ଗଡୀ, ଡକରା ଡକରୀ, ପିଲାଛୁଆ ସଭିଏଁ । ଦେହ-ମନ ଉଷୁମ ହୁଏ । ଆରମ୍ଭ ହୋଇଯାଏ ସେମାନଙ୍କ ପାରମ୍ପରିକ ଲୋକନୃତ୍ୟ ଢେମସା । ହାତରେ ହାତ ଛନ୍ଦି,ପାଦରେ ପାଦ ମିଳେଇ ଢୋଲ, ଢାମ୍ପ, ମହୁରିର ତାଳେ ତାଳେ ସରିଯାଏ ରାତି । ବୁଝେ ନାହିଁ ମନ । ଏ ସୌଭାଗ୍ୟ ଥରେ ନୁହେଁ, ବହୁବାର କଲେଜ ପିଲାମାନଙ୍କୁ ନେଇ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ମାଧ୍ୟମରେ ମୁଁ ସେମାନଙ୍କ ଗହଣରେ ଶୀତକୁ ଭୋଗିଛି । ସାରା ରାତି ଭାଗୀଦାର ହୋଇଛି ଓ ଭାଗ୍ୟବାନ ମନେ କରିଛି ।

କୋରାପୁଟର ଶୀତ ଅବିଶ୍ୱାସ ହେଲେ ବି ସତ । ବାହାରେ ଥିବା ରାତିର ପାଣି ସକାଳ ବେଳକୁ ହାଲ୍କା ହାଲ୍କା ବରଫ । ଶୁଣାକଥା ହେଉ କ ନ ହେଉ, ଦୀର୍ଘବର୍ଷର ରହଣିରେ ଏ କଥା ଦେଖିଛି । ଅବଶ୍ୟ ଏବେ ଧୀରେ ଧୀରେ ସରିଯାଉଛି ଜଙ୍ଗଲ, ଜମିର ପରିସୀମା। କମିକମି ଯାଉଛି ଶୀତ ।

କୋରାପୁଟର ଶୀତ-ସଞ୍ଜ ନିଆରା । ରାତି ଛପି ଛପି ଆସେ । ପାହାଡ ତଳ ଗାଁରୁ ଶୀତୁଆ ପବନ ସାଥୀରେ ଭାସିଆସେ ଢୁଙ୍ଗଢୁଙ୍ଗାର ଶବ୍ଦ । ସେଠି ଢେମସା ଚାଲେ । ଆଉ ଏଠି ଛାତି ଭିତରେ ବେଳକୁ ବେଳ ଗାଢ ହୁଏ ଶୀତ । ଦେହ ଥରେ । ମନ ଝୁମେ । ଘନ କୁହୁଡିକୁ ସାଥିରେ ଧରି ପାଦ ଚପି ଚପି ଆସେ ସ୍ଲଥିକ୍ଳାନ୍ତ ସକାଳ ।

ସତ କହିଲେ ମୋ ଅନୁଭବରେ କୋରାପୁଟରେ ଶୀତ ଗୋଟେ ପ୍ରେମ । ଆଉ ଡଙ୍ଗର ଭର୍ତି ଅଳସୀଫୁଲର ଆକର୍ଷଣ ପ୍ରେମିକାର ଅଭୁଲା ଛଳଛଳ ଲାଜକୁଳ ହସ ।'

ଯେଉଁମାନଙ୍କର ନଶା ସାହିତ୍ୟ ସର୍ଜନା କରିବା ଓ ସାହିତ୍ୟକୁ ସମ୍ମାନ ଜଣାଇ ଉଚ୍ଚ ଆସନରେ ରଖିବା, ସେହିଭଳି ସାହିତ୍ୟିକ ହେଲେ ଶ୍ରୀ ରବୀନ୍ଦ୍ର କୁମାର ମହାପାତ୍ର । ଗାଉଁଲି ଲୋକକଥାକୁ ଆଧାର କରି ଅନେକ ସର୍ଜନା ଭେଟି ଦେଇଛନ୍ତି । ସୃଜନଶୀଳତାରେ ସେ ଜଣେ ନିପୁଣ ବିନ୍ଧାଣୀ । ତାଙ୍କର ବ୍ୟଙ୍ଗାତ୍ମକ ରଚନା ହେଉ ଅବା ସାମାଜିକ ଚେତନାଧର୍ମୀ ଗପ ହେଉ, ସବୁଥିରେ ଯେମିତି ପ୍ରତିଫଳିତ ହୋଇଛି ସୁନ୍ଦର ଭାବନା । ଅନୁଭବ କରିଛନ୍ତି କନ୍ଧମାଳର ଶୀତ ।

'ପ୍ରଥମାଷ୍ଟମୀର ପୂର୍ବ ଦିନ । ସୁଯୋଗଟିଏ ହାତେଇ କନ୍ଧମାଳ ଜିଲ୍ଲାକୁ ବୁଲିଯାଇଥିଲି । ମନ ଭିତରେ ଉଙ୍କିମାରୁଥିଲା ଶୀତର ଆକର୍ଷଣକୁ । ସେଠି କୁଆଡ଼େ ଅଧିକ ଶୀତ ଅନୁଭୂତ ହୋଇଥାଏ । ବରଫ ଯେମିତି ଗୁରିପଟେ ଘେରିଯାଏ । ଜାବୁଡ଼ି ଧରେ ସମସ୍ତଙ୍କୁ ।

ବଜାରରେ ବୁଲୁବୁଲୁ ଛୋଟ ପିଲାଟିଏ ତା ବାପାଙ୍କ ସାଙ୍ଗରେ ଆସିଥିଲା କମ୍ବଳ କିଣିବାପାଇଁ। ଜାଣିଲି, ତା ନାଁ ହରି । ତା ବାପା ବ୍ୟବସାୟ କରନ୍ତି । ପିଲାଳିଆ ଢଙ୍ଗରେ କହିଲା- ମୋ ସାଙ୍ଗ ନରି ମୋତେ ପ୍ରଥମାଷ୍ଟମୀରେ ପିଠା ଖାଇବାକୁ ଡାକିଛି । ଜଣାପଡୁଥିଲା ଖୁସିମିଜାଜର ପିଲାଟିଏ ସେ । ଏଇଠି ଏତେ ଶୀତ ହେଉଛି ଯେ ସେ ବଡ କଷ୍ଟ ପାଉଥିବ। ପ୍ରଥମାଷ୍ଟମୀକୁ ଡାକିଛି, ତେଣୁ ତାଙ୍କ ଦୁହିଁଙ୍କ ପାଇଁ ଦୁଇଟି କମ୍ବଳ କିଣିକି ଦେବି ବୋଲି ବଜାରକୁ ଆସିଛି । ମୋ ପାଇଁ ଡ୍ରେସ୍ ନ କିଣି ତାଙ୍କୁ କମ୍ବଳ ଦେଲେ ମୁଁ ଖୁସି ହେବି । ସେ ବି ଖୁସି ହେବ । ତା'ପରେ ସେ କିଣାକିଣି ଘରକୁ ଫେରିଲା । ମୁଁ ବି ବଜାରରୁ ସେଓ କଦଳୀ କିଣି ଘରକୁ ଫେରିଲି ।

ତା'ପର ଦିନ ହରି ହାତରେ ଦୁଇଟି କମ୍ବଳ ଧରି ନରି ଘରକୁ ଆସିଲା । ସୌଭାଗ୍ୟବଶତଃ ନରିର ପଡ଼ୋଶୀ ହିଁ ମୋର ଜଣେ ଆତ୍ମୀୟ ବନ୍ଧୁ । ପ୍ରଥମାଷ୍ଟମୀ ଦିନ ନରି ଘର ପାଖରେ ମୁଁ ବୁଲୁଥିଲି । ହରି ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ହରି ନରିର ଘର ଭିତରକୁ ଗଲା । । ହରି ହାତରେ ଦୁଇଟି କମ୍ବଳ ଦେଖି ନରିର ବାପା ପଗ୍ଚରିଲେ- ଆରେ ହରି, ତୁ ଦିଇଟା କମ୍ବଳ ଧରିଛୁ । ହରି କହିଲା- ମଉସା, ମୁଁ ବା ତୁମର ପୁଅ । ନରି ମୋର ସାଙ୍ଗ। ଏ ଶୀତରେ ତୁମେ ଦିହେଁ କଷ୍ଟ ପାଉଥିବ ଜାଣି ବାପା ଦିଇଟା କମ୍ବଳ କିଣିଆଣିଛନ୍ତି । ତୁମକୁ ଦେବାପାଇଁ କହିଛନ୍ତି । ନରି ମୋର ସାଙ୍ଗ । ମୋତେ ସାହଯ୍ୟ କରେ । ଏ ଦିଇଟା ପାଖରେ ରଖିଦିଅ । ନରିର ବାପା ହରିକୁ ଗେଲ କରିଦେଇ କହିଲେ, ହଁ ରେ ପୁଅ ତୋତେ ପାଇ ମୁଁ ବହୁତ ଖୁସି । ଏ ଶୀତ ଜାଡ଼ରେ ପୋଖରୀର ମାଛ ବି ମରିଯାଉଛି । ଆମେ ତ

ଗରିବଗୁରବା ଲୋକ । ଦୁଃଖ କଷ୍ଟରେ ଚଳୁଛୁ । ତୁ ମୋ ପାଇଁ ଆଉ ସାଙ୍ଗ ପାଇଁ କମ୍ବଳ ଦିଇଟା ଆଣିଛୁ, ଭଲ କରିଛୁ । ହରିର ପାଟି ଶୁଣି ନରି ଘର ଭିତରୁ ଆସିଲା । ନରି ବହୁତ ଖୁସି ହୋଇଗଲା । ତୁମ ଦୁହିଁଙ୍କୁ ଆଶୀର୍ବାଦ ଦେଉଛି । ତା ବାପା କହିଲେ- ଆ.. ଆ.. ଘର ଭିତରକୁ ଆ । ସତରେ ତୁ ତୋ ସାଙ୍ଗକୁ କେତେଭଲ ପାଉଛୁ ।

ମୁଁ ଦାଣ୍ଡ ଦୁଆରରେ ଠିଆ ହେଇ ସବୁ ଶୁଣୁଥିଲି । ମନେ ମନେ ଖୁସି ହେଲି । ଅନୁଭବ କଲି ଏ ଶୀତ ଗରିବ ଲୋକଙ୍କ ପାଇଁ କେତେ କଷ୍ଟଦାୟକ । ତଥାପି ଏ ସମାଜରେ ମଣିଷପଣିଆ ଅଛି । ଭାବିଲି, ବାସ୍ତବରେ ମାନବିକତା, ଆତ୍ମୀୟତା ଜୀବନ ଦର୍ଶନର ମୂଳତତ୍ୱ ହୋଇପାରିଲେ ଏ ସମାଜ ସୁଦୃଢ ହୋଇପାରିବ ।'

ଜଣେ ସ୍କୁଲ ଶିକ୍ଷିକା ହୋଇ ପିଲାମାନଙ୍କୁ ମଣିଷ କରିବାର ସଂକଳ୍ପ ନେଇ ସାହିତ୍ୟର ବିଭିନ୍ନ ଦିଗକୁ ସ୍ପର୍ଶ କରିଛନ୍ତି ସୁପ୍ରିୟା ପଣ୍ଡା । ତାଙ୍କର ଅସରନ୍ତି ଗପ / କବିତା ବିଭିନ୍ନ ପତ୍ରିକା ତଥା ସମ୍ବାଦପତ୍ରରେ ପ୍ରକାଶ ପାଇଁ ପାଠକୀୟ ଆଦୃତି ମିଳଛି । ଶିକ୍ଷକତାକୁ ପେଶା କରି ସାହିତ୍ୟକୁ ନିଶା ରୂପେ ଆଦରି ନେଇଛନ୍ତି । ମନନଶୀଳ ଲେଖାରେ ଚମତ୍କାରିତା ଭରିଛି ତାଙ୍କର । ଅନୁଭୂତିକୁ ପାଥେୟ କରି ସୁନ୍ଦର ସାବଲୀଳ ଶୈଳୀରେ ସୃଷ୍ଟି ସମ୍ଭାର ତୋଳପାରିଛନ୍ତି ।

'ଡିସେମ୍ବର ମାସର କୌଣସି ଏକ ରବିବାର ଅପରାହ୍ନରେ ମୁଁ ବସି ସମ୍ବାଦ ଖବରକାଗଜର ରବିବାର ସଂଖ୍ୟାଟି ଦେଖୁଥାଏ । ମୁଁ ଯେଉଁଠି ବସିଥାଏ, ସେଇଠୁ ଝରକା ବାଟ ଦେଇ ବାହାରକୁ ଦେଖିହୁଏ । ଝରକା ବନ୍ଦ ଥିଲେ ବି କାଚ ଲାଗିଥିବାରୁ ଆରାମରେ ଦେଖିହୁଏ । ମୁଁ ଦେଖିଲି ଜଣେ ଜରିଗୋଟାଳି ଆମ ଘରର ମୁଖ୍ୟ ଫାଟକ ଖୋଲି ପଶିଲା । ଟିକେ ଏପଟସେପଟ ହୋଇ ବାହାରେ ଶୁଖୁଥିବା ଲୁଗା ଭିତରୁ ମୋ ପୁଅର ସୁଇଟରଟା ତରବରରେ ସେ ଧରିଥିବା ବଡ ଜରି ବ୍ୟାଗରେ ପୂରାଇ ବାହାରିଗଲା । ହଠାତ୍ ମୁଁ କଛି ବୁଝିପାରିଲି ନାହିଁ । ବାହାରକୁ ବାହାରିଲି । କଛି କହିବା ପୂର୍ବରୁ ସେହି ସ୍ତ୍ରୀ ଲୋକଟି ଟିକେ ଦୂରକୁ ଯାଇ ସାରିଥିଲା । ତାକୁ ଡାକବାକୁ ଚାହିଁ ବି ମୁଁ କାହିଁକି ଡାକପାରିଲି ନାହିଁ । ବାହାରକୁ ଯାଇ ଦେଖିଲି ଅଳ୍ପଦୂରରେ ସେହି ଜରି ଗୋଟାଳି ତା ମୁଣିର ମୋ ପୁଅର ସୁଇଟରଟା କାଢି ଗୋଟେ ଛୁଆକୁ ପିନ୍ଧାଇ ଦେଉଥିଲା । ଆଉ ଟିକଏ ପାଖକୁ ଗଲି । ଛୁଆଟି ବେଶ୍ ଖୁସି ଦିଶୁଥିଲା । ଆଉ ସେହି ସ୍ତ୍ରୀ ଲୋକଟି ମୁହଁରେ ଗୋଟେ ପରିତୃପ୍ତିର ହସ ଥିଲା । ତା ମୁହଁରେ ଚୋରର ସାମାନ୍ୟତମ ନିର୍ଭୀକତା ବି ନଥିଲା । ମୁଁ ବି କଛି ନ

କହି ଘରକୁ ଫେରିଆସିଲି । ଦେଖିଲି ଅନେକଗୁଡିଏ ଲୁଗା ଶୁଖୁଛି । ଦାମୀ ଶାଢିଟିଏ ବି । ହେଲେ ସେ କେବଳ ପୁଅର ସୁଇଟରଟା ଘେରି କରିଥିଲା । ଶୀତଦିନ ଥିଲା । ଆଉ ସେ ଘେର ଯେ ପ୍ରଥମେ ଗୋଟେ ମା ଥିଲା ।'

ଯୁବ କବି ସତ୍ୟରଞ୍ଜନ ଘିଓଲ । ସାହିତ୍ୟ ସାଧନାର ବ୍ରତୀ ରହିଛନ୍ତି । ମହାବିଦ୍ୟାଳୟରେ ପାଠପଢ଼ା ସହ କବିତା ସହ ସୁସମ୍ପର୍କ ବାନ୍ଧିଛନ୍ତି । ବିଭିନ୍ନ ସମୟରେ ଋତୁମାନଙ୍କୁ ଭେଟି ନିଜର ଅଭିଳଷିତ ଇଚ୍ଛାକୁ ବ୍ୟକ୍ତ କରିବାର ନଜିର ରହିଛି ତାଙ୍କର ଅନେକ କବିତାରେ । ଏକ ପ୍ରତିଶ୍ରୁତିବଦ୍ଧ କବିହେବାର ସ୍ୱପ୍ନ ଦେଖିଛନ୍ତି ଏବଂ କବିତାମନସ୍କ ହୋଇଛନ୍ତି । ଶୀତଋତୁକୁ ଆପଣେଇନେବାର ଆକାଂକ୍ଷାକୁ ଜାବୁଡ଼ି ଧରି କବିତାଟିଏ ବାଢ଼ିଦେଇଛନ୍ତି । ଲିଖିତ କବିତା ଶୀତ କୁ ନିରେଖି ଦେଖିଲେ ଜଣାପଡ଼େ –

ଗୁଡିଦେହେ ଶିଶିରର ପଣତ ଘୋଡେଇ
ଜ୍ୟୋସ୍ନା ଝାଡ଼ି ଦେଉଥିଲା ବିମଳ କିରଣ
ଭାସମାନ ହେନା, ଜୁଇ, ଶେଫାଳି ମହକେ
ପ୍ରକୃତି ବି ବାନ୍ଧିଥିଲା ଶୋଭିତ ତୋରଣ ।
ଏକାନ୍ତରେ ଶୁଣୁଥିଲି ମିଠାମିଠା ଗୀତ
ପଉଷର ଆଗମନେ ଭାବୁଥିଲି ବସି
ଦେହସାରା ବୋଳହେଲା ପୁଲକିତ ଶୀତ ।
ବେଳ ଉଣ୍ଡି ଜୋଛନା ଯେ ହେଉଥିଲା ପାରି
ଛାଡ଼ିଦେଇ କାହିଁ ଦୂରେ ନିବିଡ଼ ଅନ୍ଧାର
ଭ୍ରମ ସୃଷ୍ଟି କରୁଥିଲା ଗୁହାଁଣିରେ ମୋର
ପ୍ରାଚୁର୍ଯ୍ୟ ଓ ପ୍ରାପ୍ତିର ପାହାନ୍ତା ପହର ।

ପତ୍ରପତ୍ରିକା ହେଉ ଅବା ସମ୍ବାଦପତ୍ର ସବୁଥିରେ ନିଜର ସାହିତ୍ୟିକ ଛାପ ଛାଡ଼ିଦେଇଥିବା ଆଜିର ଯୁବ କବି ହେଲେ ରଶ୍ମୀ ରଞ୍ଜନ ସାହୁ । ନିଜର ସର୍ଜନାରେ ରଶ୍ମୀ ବିକିରଣ କରି ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଯୁବ ସାହିତ୍ୟକୁ ଯେତିକି ଆପଣାର କରି ପୁରସ୍କୃତ ହୋଇଛନ୍ତି, ଶିଶୁସାହିତ୍ୟକୁ କୋଳେଇ ନେଇଛନ୍ତି ଲେଖନୀ ମୁନରେ । ଋତୁକାଳୀନ କବିତା ଲେଖିବାରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି । ଓଡ଼ିଶା ମାଟିକୁ ଭଲପାଉଥିବା

ସାଇବେରିଆରୁ ଉଡ଼ିଆସୁଥିବା ପକ୍ଷୀମାନଙ୍କର ମନକଥାକୁ ବଖାଣିଛନ୍ତି । 'ସାଇବେରିଆର ପକ୍ଷୀ' କବିତାରେ ନଜର ଶିଶୁସୁଲଭ ପଣିଆକୁ ଜାହିର କରି ଲେଖିଛନ୍ତି -

ବହୁତ ଦୂର ସାଇବେରିଆ ସେଠାରୁ ଉଡ଼ି ରାତିଅଧିଆ
କେତ ଯେ ବାଟ ଡେଇଁ
ରଙ୍ଗବେରଙ୍ଗ ଅତିଥି ହୋଇ ତୁମ ମାଟିର ଉଷୁମ ପାଇଁ
ଆସିଛି ମୁହିଁ ଧାଇଁ ।
ଆମରି ଦେଶେ ପଡିଛି ଶୀତ ସମ୍ଭାଳ ଜମା ହୁଏନ ମିତ
ସେଇଥିପାଇଁ ପରା
ଆସିଛି ମୁହିଁ ଚଲିକା ପାଶେ କାଟିବି ଏଠି ମାସେ ଦି'ମାସେ
ଯିବି ଆସିଲେ ଖରା ।
ନଳ ବଣର ନରମ ଘାସ ନରମ ଶେଯ ନରମ ବାସ
କାଟିବି ତୁମ ମେଳେ
କହିବି ଯାଇ ତୁମରି କଥା ଦୂରବାଟରେ ଭ୍ରମଣ ଗାଥା
ଶୁଣିବେ କୌତୁହଳେ ।

ଓଡ଼ିଆ ଶିଶୁ ସାହିତ୍ୟର ପ୍ରଥିତଯଶା ସାହିତ୍ୟକ ଡଃ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂହ ମଧ କବିତାରେ ଶୀତକୁ ଅନୁଭବ କରିଛନ୍ତି । ନିଜ କର୍ମଭୂମି କଟକ ସହର ପ୍ରତି ଅହେତୁକ ମମତା ରଖିଛନ୍ତି । ହାସ୍ୟରସର ଛିଟା ଦେଇ ଶୀତଋତୁର ଏକ ନଆରା ଅନୁଭବକୁ ଚିତ୍ରିତ କରିଛନ୍ତି ତାଙ୍କ କବିତା 'ଶୀତ ଆସିଥିଲା କଟକବୁଲି' ରେ -

ଶୀତ ଆସିଥିଲା କଟକ ବୁଲି
ହାତେ ଝୁଲୁଥିଲା ଗେରୁଆ ଝୁଲି ।
ଗେରୁଆ ଝୁଲିରେ କୁହୁଡି ବୁଢ୍ଢୀ
ଲୁଚଥିଲା ନାଇ କାକର ଚୁଡି ।
ଗଲା ଏବେ ଶୀତ ଦୋଳମୁଣ୍ଡେଇ
ଜଳୁଥିଲା ତହୁଁ ନିଆଁ ଉହ୍ନେଇ
ଦେଖିଲା ଲୋକଟେ ଭାଜେ ବାଦାମ
ଶହେକୁ ନେଉଛି ଦି' ଟଙ୍କା ଦାମ ।

ତାରୁଣ୍ୟକୁ ଅତିକ୍ରମି କବୀ ସୌଭାଗ୍ୟଲକ୍ଷ୍ମୀ ଆଗ୍ରୱାଲ୍ ଏବେ ବି କବିତାର ତାରୁଣ୍ୟରେ ଜୁଡ଼ବୁଡୁ । ସମାଜରେ ଘଟିଯାଉଥିବା ସମସ୍ୟା, ପ୍ରସଙ୍ଗକୁ ଉପସ୍ଥାପନ କରି କବିତାକୁ ରସାଣିତ କରିବାରେ ଅଗ୍ରଣୀ ଭୂମିକା ତୁଲେଇପାରିଛନ୍ତି । ସେ ଭେଟିଛନ୍ତି ସବୁ ଋତୁକୁ । ଅନୁଭବର ଝୁଲଣାରେ ଝୁଲିଝୁଲି ମଜା ନେଇଛନ୍ତି । ଶୀତକୁ ନେଇ ଦେଶପ୍ରେମର ଏକ ଦରଦଭରା ଅଭିବ୍ୟକ୍ତିଟିଏ ବାଢ଼ିଛନ୍ତି କବିତା 'ହିମ ପରିଭାଷା' ରେ -

ଋତୁର ବି ପରିଭାଷା ପରିବର୍ତ୍ତିତ
ଧରାପୃଷ୍ଠେ ଅବତରି ଆସେ ଶୀତ ।
ଶରୀରରେ ମୋ ଦେଶପ୍ରମର ଉଷ୍ଣତା
ମନେ ଖେଳଯାଏ ତ୍ରିରଙ୍ଗାରେ ସ୍ରୋତ
ମୁଖୁ ନିସୃତ ଜାତୀୟ ସଂଗୀତ
ଋତୁ ଆସେ ଋତୁ ଯାଏ
ଗ୍ରୀଷ୍ମ, ବର୍ଷା, ହେମନ୍ତ, ଶରତ
ଅନବଦ୍ୟ ସୃଷ୍ଟି ସ୍ରଷ୍ଟାଙ୍କର ଏ ବିଚିତ୍ର ଜଗତ ।
ନ ହୋଇ ବିରତ ସଦା କର୍ମରତ
ବୀର ସଇନକ ସୀମାନ୍ତେ ଜାଗ୍ରତ
କୃଷକ ଗାଏ ହିମରେ ଶୀତ

ଦେଶପାଇଁ ନୁହେଁ ଶ୍ରେଷ୍ଠ ମହତ ।

ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରଫେସର ପ୍ରବୋଧ କୁମାର ହୋତା କବିତା ଲିଖନରେ ଏକ ନୁଆ ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ନିରୋଳା ଭାବପଣ ସାମ୍ପ୍ରତିକ ପରିବେଶ/ ପରିସ୍ଥିତିରେ ଅବଗାହନ କରିପାରିଛି । ଗୁଣାତ୍ମକ କବିତା ଲେଖିବାରେ ସତେ ଯେମିତି ବଦ୍ଧପରିକର । ଆତ୍ମୀୟ ଭାବନାରେ ସାହିତ୍ୟକୁ ଯୋଡ଼ିପାରିଛନ୍ତି । ଶୀତକୁ ଅନୁଭବ କରିଛନ୍ତି ଆନ୍ତରିକତାରେ । କବିତାର ଛୁଙ୍କ ଛାଡ଼ିଛନ୍ତି ଯାହାକ ଶୀତର ସ୍ମୃତି କବିତାରେ ପ୍ରତୀୟମାନ ।

ମନେପଡ଼େ ଆଜି ଯାଇଥିଲି ବୁଲି ଦାରିଙ୍ଗିବାଡ଼ି
ଅଶୀବରଷର ବୁଢ଼ୀଟିଏ ସେ ତ ଧରିଛି ବାଡ଼ି

ଲୋଗୁକୋଗୁ ଚମ ନଇଁଲାଣି ଅଂଟା ଗୁଲୁଛି ସିଏ
ବାର୍ଦ୍ଧକ୍ୟ ଭତାକୁ ଆଣିବ କହିଲା- 'ଥିଇରି ସିଏ ।'
ପିଠିକୁ ଆଉଁସି କହିଲି –'ଜେଜୀଲୋ ହେମାଳ ଶୀତ
ତୁ ତ ଡରୁନୁ ସତେ କ କରିଛୁ ଶୀତକୁ ମିତ ।'
ପାକୋଇ ବୁଢ଼ୀଟି ସଗୁଗେ ହସିଲା, କହିଲା –'ନାତି
ଆମର ଏଇଠି ବହୁତ ଶୀତରେ ଥରଇ ଛାତି ।
ଆଉ ନ ବୁଲିବୁ ହେମାଳ ଥଣ୍ଡାରେ ହୋଇବ ଜର'
ବୁଢ଼ୀର କଥାକୁ ମନରେ ସାଇତି ଫେରିଲି ଘର ।
ମନେ ମୁଁ ରଖିଛି ଦାରିଙ୍ଗିବାଡ଼ିର ହେମାଳ ଶୀତ
ସେଇଥିପାଇଁକି ଶୀତର ସ୍ମୃତିକୁ କରିଲି ଗୀତ ।

ଏବଂ ଉପସଂହାରରେ ମୋ ଅନୁଭବକୁ ବଖାଣିବାକୁ ଯାଇ କହିବାକୁ ଗୁହେଁ ଯେ ମୁଁ ଶୀତକୁ ଅନେକ ଥର ଭେଟିଛି ପାହାଡ଼ ଜଙ୍ଗଲ ଭିତରେ, ନଦୀ ଓ ପାହାଡ଼ି ଝରଣା କୂଳରେ । ଠିଆହେଇ ତଇଲା ବାଡ଼ିରେ ସୋରିଷ ଫୁଲକୁ ଦେଖିଛି । ଆଦିବାସୀର ମହୁଆ ଗୀତ-ନାଚରେ ଭୁଗ ନେଇଛି । ପଲ୍ଲି ଗାଁ ହେଉ କ ସହର, ସବୁଠି ଶୀତ ଆସେ ସୁଲୁସୁଲିଆ ବାଆ ଧରି । କୋଉଠି ଅମାନଆ ହୋଇ ପିଠିରେ ଲାଉ ହୁଏ ତ କୋଉଠି ଶୀତ ଗୋଡ଼କୁ ଜାବୁଡ଼ି ଧରେ ସକାଳ ଗୁଲିରେ । ପାର୍ବଣର ଋତୁ ପରେ ପରେ ଏ ଅଝଟିଆ ଶୀତ କେତେବେଳେ ଦରଦୀ ବନ୍ଧୁ ପରି ଲାଗେ ତ ପୁଣି କେତେବେଳେ ହତାଶାର ଦୀର୍ଘଶ୍ୱାସ ଦିଏ ଅଭାଗା ମଣିଷକୁ । ଥୁରୁଥୁରୁ ହୋଇ କିଏ ସାତସିଆଁ କନ୍ଥା ଭିତରେ ଜାକଜୁକ ରହେ ତ ପୁଣି କିଏ ରେଜେଇ କମ୍ବଳ ଭିତରେ ଅବୁଝା ସ୍ୱପ୍ନ ଦେଖେ । ପୁଣି ଛାତିର ସ୍ପନ୍ଦନ ବଢେଇଦିଏ ଓ ଦେହ ସାରା କୁତୁକୁତୁ କରେ । ଼

ହଁ, ଅନୁଭବିଛି ଶୀତକୁ ଏକ ଭିନ୍ନ ଢଙ୍ଗରେ । ଶୀତ ଆସିଲେ ମନରେ ଛନକା ପଶିଯାଏ ଆପେ ଆପେ । ବୋଉ ମୋର କେମିତି ରହିବ ଏ ଶୀତରେ । ଗାଁ ରେ ଅଛି ବୋଉ ତା ସାନପୁଅ ପାଖରେ । ହଁ ସେ ଭଲରେ ଅଛି । ପଗୁରିଲେ କହେ – ବାବୁରେ ତୁ କେମିତି ଅଛୁ । ତା ଆଖି ଛଳଛଳ ହୋଇଯାଏ । ସେତେବେଳେ ଭୟରେ ମୁଁ ଥରୁଥାଏ ଗୋଟାପଣେ। ଅନେକବାର ଶୀତକୁ କାଖେଇ କାଖେଇ ସେ ସମ୍ଭାଳି ନେଇଛି ନିଜ ଅବସୋସ ଓ ଦୁଃଖକୁ । ହେଲେ ୨୦୧୯ର ପୌଷ ମାସର ହାଡଭଙ୍ଗା ଶୀତକୁ ଡରିଗଲା

ବୋଧେ । ଛାଡ଼ି ଗ୍ଲଲିଗଲ୍ ଆରପାରିକୁ । ବୟସରେ ଅପର୍ବହ୍ନେ କେତେ ବା କୋଳେଇନବ ଏ ଅମାନଆ ଶୀତକୁ । ମୁଁ ଅଙ୍ଗେ ନଭେଇଛି ଶୀତର କାରୁଣ୍ୟ ଭିତରେ ମୋ ବୋଉ ଆରପାରିକୁ ଗ୍ଲଲିଯିବାର ଦୃଶ୍ୟକୁ । ଗ୍ଧତିସାର୍ ଛଟପଟ ହୋଇଛି । ଖନେଇ ଖନେଇ ନଜ ଛାତି ତଳର କଷ୍ଟ କହିଦେଇଛି । ଅନେକ ସମୟରେ ଟିକେ ଶୀତ ଲ୍ଗିଲେ ମୋତେ ଜାବୁଡ଼ି ଧରେ । ଶୀତ ଲ୍ଗୁଛି ବୋଲି ପଗ୍ଧରିଲେ - ବୋଉ ମୁଣ୍ଡ ଟୁଙ୍ଗାରି ଦିଏ । ମୁଁ ବୁଝିଯାଏ ବୋଉର କଷ୍ଟକୁ । ସତରେ ଏ ଶୀତ ବୋଉକୁ କାହିଁକ କଷ୍ଟ ଦେଉଛୁ । ଶୀତକୁ ପ୍ରଶ୍ନ ରଖେ । ବୋଉ ଏବେ ତ ଆରପାରିରେ । ବୋଉକୁ ଆଉ ପାଇବି ନାହିଁ । କେବଳ ଶୀତ କଥା ଭ୍ବବିଲ୍ ବେଳକୁ ବୋଉର ଛଳଛଳ ମୁହଁ ଦେଖାଯାଉଛି । ଆଉ ମୋ ଆଖିରୁ ପାଣି ହୋଇ ଝରିଯାଉଛି ଲୁହ କେଇଟୋପା ।

ଶୀତରେ ପୌଷ ମାଘ ମାସ/ ଦେହରେ ରଖ ଶୀତ ବାସ କବିତାକୁ ଗାଇଗାଇ ମୋ ପ୍ରବନ୍ଧରେ ଇତି ଲେଖୁଛି ।

ଏଲ୍. ଆଇ.ଜି.- ୧୫ ନୟାପଲ୍ଲୀ
ବ୍ରୀଟ୍ କଲୋନୀ, ଭୁବନେଶ୍ୱର ୭୫୧୦୧୨

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# କାହ୍ନା



ଶଶିଭୂଷଣ ଗୌଡ

ଆଆରେ କାହ୍ନା ତୁ ବଡ଼ ଓଲିଆ
ରାଇକୁ କରୁଛୁ କଲ ବଲିଆ ।

ଖୀର ସର ଦହି ଛେନା ଚୋରାଉ
ଭଦ୍ରଙ୍କ ପରି ଠିଆ ହୋଇଥାଉ ।

ବାଟରେ ଘାଟରେ ଜଗିଣ ଥାଉ
ରାଧୀକା ପଣତ ଓଟାରି ନେଉ ।

ମିଛ କଥା କହି ଡାକଣ ନେଉ
ଘୋର ଜଙ୍ଗଲରେ ବସାଇ ଦେଉ ।

ଯମୁନା କୂଳକୁ ନଇତି ଯାଉ
ଗୋପୀଂକ ବସନ ଲୁଚାଇ ଦେଉ ।

ଆଆରେ କାହ୍ନା ମୋର ପାଶକୁ ଆ
ଧରିବାକୁ କଣ୍ଟସୂତ ବାଇଆ ।

ଏଲ୍ ଆଇ ଜି: ୧୯, ଫେଜ୍:୩
ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର ୭୫୧୦୧୯, ଓଡିଶା

# ଘରବୁଡି ପାଣି ଆଣ୍ଠୁଏ



ରାଜକିଶୋର ସାଇଁ

ଅମାନିଆ ହୋ...
କଟକଣା ମାନୁ ନାହଁ କାହିଁକି?
ଘରବୁଡି ପାଣି ଆଣ୍ଠୁଏ ହେଲାଣି
ଭାବ ତୁମେ ମେଘ ଦୁଲୁକୁଛି କି?
କରୋନା ରୂପୀ ଏ ଆତଙ୍କ ଘନ
ବରଷି ସଂସାର କରେ ଉଚ୍ଛନ୍ନ
ନଥିବାରୁ ତାର କିଛି ଉପଗ୍ଭର
ପ୍ରାଣଘାତି ସାଜି ନେଉଛି ପ୍ରାଣ ।୧।

ଲଭିବା ପାଇଁ ଏ ରୋଗୁ ମୁକତି
ସଚେତନ ହେବା କେବଳ ଗତି
ଘରୁ ଯିବା ନାହିଁ ବାହାରକୁ କେହି
କରୋନା ଯୁଦ୍ଧର ଏ ରଣ ନୀତି ।୨।

ଘରୁ ବାହାରିଲେ ମାସ୍କ ପିନ୍ଧିବା
ସାବୁନରେ ସଦା ହାତ ଧୋଇବା
ରକ୍ଷା କଲେ ସାମାଜିକ ବ୍ୟବଧାନ
ସହଜେ ଆମେ ଏ ଯୁଦ୍ଧ ଜିଣିବା ।୩।

ସରବେ ନ ହୋଇବାରୁ ସଜାଗ
ମାଡୁଅଛି ଏଇ ଅଜଣା ରୋଗ
କଲେ ଆଉ ହେଳା ବୁଡିଯିବ ଭେଳା
ସଭିଏଁ ବନିବା ବଳିର ଛାଗ ।୪ ।

ମୋ ଭାଇ ଭଉଣୀ ଆସରେଆସ
ସରକାରଙ୍କର ସବୁ ନିର୍ଦ୍ଦେଶ
ଶ୍ରଦ୍ଧା ସହକାରେ ପାଳିବା ଆଦରେ
ଟାଳିବା ଲାଗି ଏ ମହା ବିନାଶ ।୫ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:

editor.vedantimagazine@gmail.com / vedantimagazine@gmail.com

# ନିରବତା କଥା କହେ (ବାପା)



ସରୋଜ ଲକ୍ଷ୍ମୀ ମହାନ୍ତି

ନିରୋଳାରେ ସ୍ୱଚ୍ଛ ଦିବାଲୋକେ
ଏକାନ୍ତ ରାତ୍ରିର ନିଶବ୍ଦ ପ୍ରହରେ
ଶୁଣାଯାଏ ତୁମ କଥା, ତୁମ ଡାକ
ଶୁଭେ ତୁମ ଘୋର୍ ଚପଲର ଶବ୍ଦ
ଦିଶେ ତୁମ ମୁହଁ ଆଖି ଯେତେ ବାଟ ଯାଏ
ତୁମ ନିରବତା କଥା କୁହେ ବାବା
ତୁମେତ ଦେବତ୍ୱର ଶ୍ରେଷ୍ଠତମ ସ୍ଥାନ
ମଣିଷ ପଣିଆର ଶ୍ରେଷ୍ଠ ନିଷ୍ଠା
ଛାତି ତୁମ ସାରା ଆକାଶ
ଶକ୍ତ କାନ୍ଧ ତୁମ,
କେତେ ସହଜରେ ବୋହି ପାରେ
ପରିବାର ବୋଝ
ସ୍ନେହର ବିଶାଳ ସାଗରରେ
ଉନ୍ମୁକ୍ତ ଆମ ଆଶା ସ୍ୱପ୍ନ ସବୁ
ଲାଗେ ସତେ ହାତ ପାଆନ୍ତାରେ ବିଶ୍ୱ ବ୍ରହ୍ମାଣ୍ଡ
ତୁମ ସେଇ ଗମ୍ଭୀର ଚେହେରା ତଳେ
ଲୁଚିଯାଏ ସବୁ ଯନ୍ତ୍ରଣା ଓ କଷ୍ଟ
ସବୁ ନିଦ ଦେଇ ଶୋଇଦିଅ ବିବ୍ରତ ରାତ୍ରିକୁ
ଆମ ସୁଖମୟ ଭବିଷ୍ୟତ ପାଇଁ
ଜାଳିଦିଅ ନିଜ ବର୍ତ୍ତମାନ ତିଳ ତିଳ କରି
ଅନିର୍ବଚନୀୟ ଦୃଢ଼ତା ତଳେ ଢାଲଟିଏ ପରି

ଢାଙ୍କି ଦିଅ ଯନ୍ତ୍ରଣା ଓ କଷ୍ଟ ସବୁ
ଢାଳଦେଇ ତମାମ ରକ୍ତ ଆମ ଶିର୍ ପ୍ରଶିର୍‌ରେ
ଝାଙ୍କିଲେବି ମିଳେନ ଚନ୍ଦ୍ରବର୍ଣ୍ଣ ଲେସ୍ ମାତ୍ର
ବୋଧହୁଏ ଅଧିକ ନୀଳ ଦିଆ ଧଳା କମିଜି
ଲୁଗ୍ଭଇ ପାରେ ତା ଦେହରେ ସବୁ କଷ୍ଟ
କେଉଁଠି ତ ହୁଏନ ଗଢା ବାପାଙ୍କ ମନ୍ଦିର
ତୁମେ ଖାଲି ଝୁଲୁଥାଅ ଡ୍ରଇଂ ରୁମର ରଙ୍ଗ ଦିଆ କାନ୍ଥର କଣ୍ଟାରେ
ବେଶି ରୁ ବେଶି ଫୁଲମାଳ ଛନ୍ଦିହୋଇ
ଫ୍ରେମର କାଚରୁ ବି ତୁମ ନରବତା କଥା କୁହେ ବାବା
ଘରେ ପହଞ୍ଚି ଲେ ଖୁସିହୁଅ କେତେ
ବୁଝିହୁଏ ସ୍ୱଷ୍ଟ ତୁମ ଆଖି ଭାଷା
କୃତିତ୍ୱରେ ଖୁସିହୁଅ, ଗର୍ବକର
ନରବତାରୁ ଝରେ ତୁମ ସ୍ମିତହସ
ତା'ଠୁ ଅଧିକ ନାଁ ଗ୍ଭହିଁଛ ନା ମିଳଛି
କଏବା ପାରିଛି ପିତୃ ଋଣ ସୁଝି
ତ୍ୟାଗ ର ମୂର୍ତ୍ତି ଟିଏ, କଣ ବା ଗ୍ଭହିଁବ
ଆଦର୍ଶ ତ୍ୟାଗ ସଂସ୍କାର ଓ କର୍ତ୍ତବ୍ୟ ନଷ୍ଠ ଦେଇଛତ ବାଣ୍ଟି
ସେତିକି ତ ପୁଞ୍ଜି ଜୀବନର
ଆଶା ଆଉ ଅଧିକତ ନାହିଁ
ପିତାଙ୍କୁ ମୋ, ମାଗିବି ନଷ୍ଟିତ
ସବୁଜନ୍ମେ ତୁମରି ପିତୃତ୍ୱ
ଉଜ୍ୱଳ ନକ୍ଷତ୍ର ହୋଇ ରୁହ ତୁମେ ନଭେ
ଢାଳୁଥାଅ ତୁମରି ଆଶିଷ ।।

**271/3,** ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

# “ଆପ୍ କ ଅଦାଲତ” ର ଏକ କାହାଣୀ



ଶଶଧର ମହାପାତ୍ର

ଏହି କାହାଣୀଟି ଏକ ସଂଘର୍ଷର କାହାଣୀ । ଏହି କାହାଣୀଟି "ଆପ୍ କ ଅଦାଲତ' ସୋ' ର ନାୟକ "ରଜତ ଶର୍ମା'ଙ୍କ ଜୀବନ କାହାଣୀ ଉପରେ ଆଧାରିତ ଓ ଏକ ସତ୍ୟ ଘଟଣା । ଏମିତି ବହୁତ କାହାଣୀ ଶୁଣିବାକୁ ମିଳେ । କିନ୍ତୁ, ଏ' କାହାଣୀଟି ନିଆରା ।

ଏ' ପ୍ରକୃତ ଘଟଣାଟି ପଦାକୁ ଆସିଲା ଏମିତି ଏକ ନିଆରା ଢଙ୍ଗରେ । ଥରେ ମିଷ୍ଟର "ସଲ୍ମାନ ଖାନ' "ଆପ୍ କ ଅଦାଲତ୍ ସୋ' କୁ ଅତିଥି ଭାବେ ଆସିଥିଲେ । ସୋ' ଚାଲିଥିବେଳେ "ସଲ୍ମାନ' ତାଙ୍କୁ ପ୍ରଶ୍ନ କରିଥିଲେ ଯେ ଆପଣ ଏ' ସୋ' କୁ କେମିତି ଆସିଲେ ? ରଜତ ସେଥିରେ ଟିକଏ ଘବଡେଇ ଯାଇଥିଲେ । ସେ' ଓଲଟା ପ୍ରଶ୍ନ କଲେ ଯେ ଏ' ସୋ' ଟି ୨୦ ବର୍ଷ ହେଲା ଚାଲିଲାଣି ଅଥଚ ଏ' ପ୍ରଶ୍ନ କେହି ମୋତେ ଆଗରୁ ପଚାରି ନଥିଲେ । ତୁମେ ହିଁ ପ୍ରଥମ ଲୋକ ଯିଏକି ମୋତେ ଏ' ପ୍ରଶ୍ନ ପଚାରିଲ । ତୁମେ କହିବକି କାହିଁକି ଏ' ପ୍ରଶ୍ନ ମୋତେ ପଚାରିଲ ? ସଲ୍ମାନ୍ କହିଲେ ସେ' ଜାଣିବାକୁ ଚାହିଁଥିଲେ ଯେ ଯେଉଁ ସୋ' ଭାରତବର୍ଷରେ ଏତେ ଲୋକପ୍ରିୟ ହେଇପାରିଛି ଓ ଏହି ସୋ' ରେ ଯିଏ ସମସ୍ତଙ୍କୁ ପ୍ରଶ୍ନ ପଚାରୁଛନ୍ତି ସେ' କେମିତି ଏଠାକୁ ଆସିଲେ, କେମିତି ଥିଲା ତାଙ୍କର ଅଭିଯାନ ଏଠି ପହଞ୍ଚିବାକୁ ?

ରଜତ ଉତ୍ତରରେ କହିଲେ ଯେ ସେ' ଏକ ଲମ୍ବା କାହାଣୀ । କିନ୍ତୁ, ସଲ୍ମାନ୍ ଏ' ସୁଯୋଗ ନଛାଡି କହିଲେ ମୋ' ପାଖରେ ବହୁତ ସମୟ ଅଛି ସେ' ସବୁ ଶୁଣିବାକୁ । ମୁଁ ନଶୁଣିଲେ ଏଠାରୁ ଯାଉନାହିଁ । ଦର୍ଶକମାନେ ମଧ୍ୟ ଖୁବ୍ ଜୋରରେ ତାଳିମାରି ସମର୍ଥନ ଜଣାଇଲେ । ତେଣୁ ରଜତଙ୍କର ଖସିଯିବାକୁ ଆଉ ଉପାୟ ନଥିଲା ।

ସେ' ତାଙ୍କ ନିଜ କାହାଣୀଟି କହିବାକୁ ବାଧ୍ୟ ହେଇଥିଲେ । ଶେଷରେ ଦର୍ଶକମାନେ ପୁଣି ଥରେ ବହୁତ ସମୟ ପାଇଁ ତାଳି ମାରିଥିଲେ ଓ ସେ' ଦର୍ଶକମାନଙ୍କର ପ୍ରଶଂସାଭାଜନ ହେଇଥିଲେ । ସଲ୍‌ମାନ୍ ବି ଉଠିପଡି ତାଙ୍କ ସହ ହାତ ମିଳାଇବା ସହ ଦି' ବନ୍ଧୁ ପରଷ୍ପରଙ୍କୁ କୋଳାଗ୍ରତ କରିଥିଲେ ।

ରଜତ କହିଲେ ଯେ ତାଙ୍କ ବାପା ବହୁତ ଗରିବ ଥିଲେ । ସେମାନେ ସାତ ଜଣ ଭାଇ-ଭଉଣୀ ଥିଲେ । ଗୋଟିଏ ମାତ୍ର ଭଉଣୀ । ସେଗୁଡ଼ିକ ମା' ଓ ବାପା ସମସ୍ତେ ମିଶି ଗୋଟିଏ ୧୦ ଫୁଟ ଲମ୍ବା ଓ ୧୦ ଫୁଟ ଚଉଡା ଘରେ ରହୁଥିଲେ । ଘରେ ବିଜୁଳି କି ପାଣି ନଥିଲା । ସେ' ପିଲାବେଳେ ଘର ପାଖରେ ଥିବା ଏକ ସାଧାରଣ ମ୍ୟୁନିସିପାଲିଟି ସ୍କୁଲ୍ ରେ ପାଠପଢା ଆରମ୍ଭ କରିଥିଲେ । ଘରେ ବିଜୁଳି ନଥିବାରୁ ସେ' ପାଖ ରେଳ ଷ୍ଟେସନକୁ ଯାଇ ରାତିରେ ଗୋଟିଏ ଲାଇଟ୍ ପୋଷ୍ଟ ନିକଟରେ ପାଠ ପଢୁଥିଲେ । ଗରିବ ଥିଲେ ବୋଲି ତାଙ୍କୁ ସ୍କୁଲରୁ ୟୁନିଫର୍ମ ଓ ବହି ମାଗଣାରେ ମିଳୁଥିଲା । ପିଲା ଥିଲାବେଳେ ତାଙ୍କ ଘରେ ଟିଭି ନଥିଲା । କିନ୍ତୁ, ସିନେମା ଦେଖିବାକୁ ତାଙ୍କର ଭାରି ସଉକ ଥିଲା । ସେତେବେଳେ ଟିଭି ନୂଆ ଆସିଥିଲା ଓ ଏହାର ପ୍ରସାର ଓ ପ୍ରଚାର ଏତେ ନଥିଲା । କିଛିଟା ଲୋକଙ୍କ ଘରେ ଟିଭି ଥିଲା। ତାଙ୍କ କଲୋନୀ ସାରା ମାତ୍ର ଜଣେ ପଡିଶାଙ୍କର ଟିଭି ଥିଲା । ସେ' ତାଙ୍କ ପଡିଶାଙ୍କ ଘରକୁ ଯାଇଟିଭିରେ ଆସୁଥିବା ସିନେମା ଦେଖୁଥିଲେ । ପ୍ରଥମ ଥରକ ତାଙ୍କ ପଡିଶା ଜଣକ କିଛି କହିନଥିଲେ । ଦ୍ୱିତୀୟ ଥର ସିନେମା ବେଳ ହେଇଯିବା ଦେଖି ସେ' ଯେବେ ଗଲେ ତାଙ୍କ ପଡୋଶୀ ତାଙ୍କୁ କବାଟ ବନ୍ଦ କରିଦେଲେ । ସେ' ମନ ଦୁଃଖରେ ଘରକୁ ଫେରିଲେ । ତାଙ୍କ ଆଖିରେ ଲୁହ । ତାଙ୍କ ବାପା ପୁଅ ମନ ଦୁଃଖ କରୁଥିବା ଦେଖି କାରଣ ପଚାରିଲେ ଓ ଘଟଣାଟି କ'ଣ ବୁଝିଲେ । ତାଙ୍କୁ ମଧ୍ୟ ଟିକିଏ ବାଧିଲା । ସେ' କହିଥିଲେ ଠିକ୍ ଅଛି । ତୁ ଜଣଙ୍କ ଘରକୁ ଯାଉଛୁ ଆଉ କାହାକୁ ଟିଭିରେ ଦେଖିବାକୁ । ତୁ ଆଜିଠୁ ଏମିତି କାମ କର ଯେମିତି ତୁ ଟିଭିରେ ଆସିବୁ ଓ ତୋତେ ସବୁ ଲୋକ ଦେଖିବେ । ସେ' ଏହାକୁ ଏକ ଚ୍ୟାଲେଞ୍ଜ୍ ଭାବେ ନେଲେ ଓ ପରେ "ଆପ୍ କି ଅଦାଲତ୍' ଭଳି ଏକ ଜନପ୍ରିୟ

ଟିଭି ସୋ' ର ପରିଚାଳନା ଦାଇତ୍ୱ ଭାର ବହନ କରିଥିଲେ । ଆଜିଯାଏ ସେ' କେବେ ପଛକୁ ଚାହିଁନାହାଁନ୍ତି ।

ଦିନେ ତାଙ୍କ ବାପାଙ୍କୁ ମୁମ୍ବାଇ ଏକ ଟ୍ରେନ୍‌ରେ ଯିବାର ଥିଲା । ସେ' ତାଙ୍କ ବାପାଙ୍କୁ ଭେଟିବା ପାଇଁ ଷ୍ଟେସନ ଗଲେ । ବାଟରେ ଲୋକେ ତାଙ୍କୁ ଦେଖିବା ପାଇଁ ଭୀଷଣ ଭିଡ ଜମାଇଲେ ଓ ତାଙ୍କଠୁ ତାଙ୍କ ଅଟୋଗ୍ରାଫ୍ ନେଉଥିଲେ । ସେ' ଯେତେ ଅନୁରୋଧ କରି କହିଲେ ଯେ ସେ' ତାଙ୍କ ବାପାଙ୍କୁ ଭେଟିବାକୁ ଆସିଛନ୍ତି ଓ ଟ୍ରେନ୍ ଛାଡିଦେବ, କିନ୍ତୁ, ଲୋକେ ସେ'କଥା ଶୁଣୁ ନଥିଲେ । ସେ' ଦୂରରୁ ତାଙ୍କ ବାପା ଟ୍ରେନରେ ବସିଥିବାର ଦେଖିପାରୁଥିଲେ ଓ ତାଙ୍କ ବାପା ମଧ୍ୟ ନିଜ ଆଖିରେ ସେ' ସବୁ ଘଟଣା ଦେ ପାରୁଥିଲେ । ଅଥଚ ଭିଡ ଯୋଗୁ ସେ' ତାଙ୍କ ପାଖରେ ପହଞ୍ଚି ପାରିନଥିଲେ । ଶେଷରେ ଟ୍ରେନ୍‌ଟି ଛାଡିଦେଲା । ସେ' ମନଦୁଃଖରେ ଘରକୁ ଫେରିଲେ । ପରେ ତାଙ୍କ ବାପା ମୁମ୍ବାଇରେ ପହଞ୍ଚି ଫୋନ୍ କରି ଜଣାଇଦେଲେ ଯେ ସେ' ଖୁବ୍ ଭଲରେ ପହଞ୍ଚିଗଲେ ଓ ଆଜି ତାଙ୍କୁ ଲାଗିଲା ଯେମିତି ତାଙ୍କର ସବୁ ସ୍ୱପ୍ନ ସାକାର ହୋଇଗଲା । ସେ' ତାଙ୍କ ପୁଅପାଇଁ ଖୁବ୍ ଗର୍ବୀତ । ରଜତ ଏ' କଥା ଶୁଣି ବହୁତ ଖୁସି ହେଲେ ।

ତାଙ୍କର କଠିନ ପରିଶ୍ରମ ଯୋଗୁ ସମସ୍ତେ ଏହି ସୋ' ଟିକୁ ବହୁତ ଭଲ ପାଇଥିଲେ, ପସନ୍ଦ କରିଥିଲେ ଓ ଏହା ଖୁବ୍ ଶୀଘ୍ର ଲୋକଙ୍କର ଆସ୍ଥାଭାଜନ ହୋଇ ପାରିଥିଲା । ଶେଷରେ ସଲ୍‌ମାନ୍ କହିଥିଲେ - "ଆମେ ପରକୁ ଦୋଷ ସବୁବେଳେ ଦେଉ ଯେ ଆମ ଦେଶ କି ଆମର ସିଷ୍ଟମ କି କେହି ବ୍ୟକ୍ତି ଆମ ପାଇଁ କିଛି କଲେନାହିଁ । ଆମପାଇଁ କେବଳ ଆମେ ନିଜେ ହିଁ କରିବାକୁ ପଡିବ" ।

ଏହି କାହାଣୀରୁ ଅନ୍ତତଃ ଏତିକି ଶିକ୍ଷା କରିବା କଥା ଯେ ଜୀବନରେ ବଡ ହେବାକୁ ଚାହିଁଲେ ବହୁତ ତ୍ୟାଗ, ସାଧନା କରିବାକୁ ପଡେ, ଦୁଃଖ ଓ କଷ୍ଟ ସହିବାକୁ ପଡେ । ଆଜି ଯେଉଁମାନେ ବଡ ମଣିଷ ହୋଇପାରିଛନ୍ତି ସେମାନଙ୍କ ଜୀବନରୁ ଏହି ଶିକ୍ଷା ମିଳେ । ଏଇଟା ସତ କଥା ଯେ ସେମାନେ ରାତାରାତି ବଡ ହୋଇଯାଇନାହାଁନ୍ତି । ଜୀବନରେ ବଡ

ହେବାପାଇଁ କେତେ ବଡ ବଡ ସ୍ୱପ୍ନ ସେ'ମାନେ ଦିନେ ଦେଖିଛନ୍ତି ଓ ସେ' ସ୍ୱପ୍ନକୁ ସାକାର କରିବାକୁ ନିଜ ଉପରେ ଦୃଢ ବିଶ୍ୱାସ ରଖି ସେମାନଙ୍କୁ ବର୍ଷ ବର୍ଷ ଧରି ଅକାଳ ପରିଶ୍ରମ କରିବାକୁ ପଡିଛି, କେତେ କଷ୍ଟ ସହିବାକୁ ପଡିଛି, ଦୌଡି ଦୌଡି ଆଣ୍ଠୁଗଣ୍ଠି ଛିଡିଛି, ତ୍ୟାଗ ସ୍ୱୀକାର କରିବାକୁ ପଡିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କର୍ମ ହିଁ ଭଗବାନ । ଯେଝା ଯେଝାର କର୍ମ କରିବା କଥା । ଶୋଇ ରହିଥିବା ସିଂହ ନିକଟକୁ ଖାଦ୍ୟ ଆପେ ଆପେ ଆସେନି । ସିଂହକୁ ଦୌଡିବାକୁ ପଡିବ ଖାଦ୍ୟ ସଂଗ୍ରହ କରିବାକୁ ହେଲେ । ନଚେତ୍ ତାକୁ ଉପାସରେ ରହିବାକୁ ପଡିବ । ସେଥିପାଇଁ ଜଙ୍ଗଲରେ ଜିରାଫ୍ ଛୁଆଟିଏ ଜନ୍ମ ହେଲା ମାତ୍ରେ ତା' ମା' ତା' ଗାଠିରେ ନାତ ମାରେ ଦୌଡିବାକୁ ତଳେ ନ ଶୋଇ ରହି । କାରଣ ସେ' ନ ଦୌଡି ଶିଖିଲେ ଜଙ୍ଗଲରେ ସିଂହ କ ଅନ୍ୟ ବଡ ବଡ ଜନ୍ତୁମାନଙ୍କର ଶୀକାର ହେଇଯିବ ।

ହିଡେନ୍ ଭ୍ୟଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସେଇ ଅନ୍ଧାର ରାତିରେ: ଭାଗ - ୨



ବିଜୟ କୁମାର ପଣ୍ଡା

କଲେଜ କ୍ୟାମ୍ପସ ଭିତର ସବୁ ଲାଇଟ କାମ କରୁନଥିଲା । ତଥାପି ସେଇ ଆଲୁଅ ଅନ୍ଧାର ଲୁଚକାଳ ଭିତରେ ଝାପ୍ସା ଝାପ୍ସା ଦିଶୁଥିବା ସାରା କ୍ୟାମ୍ପସଟା ଛାନ ଭିନ୍ କରି ଖୋଜି ଦେଲା ବୁବୁ ।ମନରେ ଛନକା ପଶି ଯାଇଥିଲା । ତା ସହ ଏମିତି କାହିଁକି ହେଉଛି ବୋଲି କଛି ଅନୁମାନ କରିପାରୁନଥିଲା ।

ବ୍ୟାଗ ସଜାଡ଼ି ଏଥର ଚାଲିଲା କଲେଜର ମୁଖ୍ୟ ଦ୍ୱାର ଦେଇ ବାହାରକୁ ଚାଲିଲା । ଏବେ ସେ କଣ ଦେଖୁଛି!! ଲୁସି ଯେମିତି ତାର ଅପେକ୍ଷା କରିଛି ସେଠି । "ଲୁସି ତମେ .. ରାତିଟାରେ !! ଆଉ ଏକୁଟିଆ ଯେ ? ଏଇ ଟିକେ ଆଗରୁ ତ ମିନୁ କୁ ଦେଖିଥିଲି, କିନ୍ତୁ ସେ ଏତେ ରେସ ରେ ଦଉଡ଼ିଲା ଭଳି ଏଟର ଜଲଦି କୁଆଡ଼େ ଉଭାନ ହେଇଗଲା ସେଇକଥା ମୁଁ ଏଯାଏଁ ଭାବୁଥିଲି । "

: "ମୋତେ ଚହ୍ନିପାରିଲ ତାହେଲେ ?" ଟିକେ ମୋଟା ଗଳାରେ ଉତ୍ତର ଆସିଲା ।

: "କଣ ଯେ କହୁଛ ? ଦେହ ଠିକ ନାହିଁ ନ କଣ?" ପଚାରିଲା ବୁବୁ
: "ଦେହ କଉଠି ଅଛି ଯେ, ଠିକ ରହିବ?" ଉତ୍ତର ଆସିଲା
: "ହଉ ମଜାକ ଛାଡ଼େ, ରାତି ହେଲାଣି ଯିବା ଚାଲ" । ବୁବୁ ଆଗକୁ ପାଦ ବଢ଼ାଇଲା ।

: "ଜଲଦି ଜଲଦି ଆସ, ଦେଖୁନ ରାସ୍ତା ଘାଟରେ ଖାଁଖାଁ ଲାଗୁଛି । କେହି ଜଣେ ନାହାନ୍ତି ।"

ଏତିକି କହି ପଛକୁ ଅନାଇଲା ବେଳକୁ ଦେଖିଲା ମିନୁ ଚାଲିଛି ପଛେ ପଛେ । ଏବେ ବୁବୁ ଜାଣି ପାରୁନଥାଏ ତା' ସହ ଏସବୁ କଣ ଘଟୁଛି ।

କଛି ପାଦ ଗଲାପରେ, ରାସ୍ତାର ବାମ ପଟେ ପଥିକ ମାନଙ୍କର ବିଶ୍ରାମ ପାଇଁ ଥିବା ସିମେଣ୍ଟ ବେଞ୍ଚ ଉପରେ ବସିପଡ଼ିଲାଲ୍ ମିନୁ ।

: "ଟିକେ ଥକା ମାରିବା ଆସ , ଏଇଠି ବସ" । ମିନୁ ବସି ପଡ଼ିଲା । ଷ୍ଟ୍ରିଟ ଲାଇଟ ଟା ଧପ ଧପ ହେଇ ଜଳୁଥାଏ ବନ୍ଦ ହେଉଥାଏ । ଅନ୍ଧାରରେ ମୁହଁଟ ଦେଖା ଯାଉ ନଥାଏ । ବୁବୁ ବି ବସି ପଡ଼ିଲା ମିନୁ ପାଖେ ।

ଏ କଣ ? ଷ୍ଟ୍ରିଟ ଲାଇଟ ଜଳବା ଲିଭିବା ଭିତରେ ଥରେ ମିନୁର ମୁହଁ ତ ଥରେ ଲୁସି ର ମୁହଁ ଦେଖୁଥିଲା ବୁବୁ ।

: "ଏବେ ଚିହ୍ନିପାରିଲ ମୋତେ ?" ହଠାତ କଇଁ କଇଁ କାନ୍ଦ ଆରମ୍ଭ ହେଇଗଲା ।

: "ମିନୁ କଣହେଲା ? ହଠାତ ଏମିତି କାନ୍ଦୁଛ କାହିଁକ?" ବୁବୁ ମିନୁ ହାତ ଉପରେ ହାତ ରଖିବାକୁ ହାତ ବଢ଼ାଇଲା ।

: "ନା ମୋତେ ଛୁଅଁନା..ମୁଁ ଆଉ ତୁମର ଲୁସି ହେଇ ନାହିଁ ।"

: "ମିନୁ..ତୁ ହେଉଛୁ ମିନୁ ..ଲୁସି କାହିଁକ ଯେ ?"

ଏହି ସମୟରେ ଧପ ଧପ କରି ଷ୍ଟ୍ରିଟ ଲାଇଟଟା ବାରମ୍ବାର ଜଳୁଥାଏ ଲିଭୁଥାଏ । ଲୁସିର ମୁହଁଟା ବାରମ୍ବାର ଦିଶୁଥାଏ । ମନରେ ଅହେତୁକ ଭୟ ସଂଗ୍ଟରହେଇ ଯାଇଥିଲା ବୁବୁର । ସାହସ ଜୁଟାଇ ପଗ୍ଟରିଲା "କଏ ତମେ? ମୋ ସହ କାହିଁକ ଏମିତି କରୁଛ? "

: "ମୁଁ ଲୁସି .. ମୋତେ ..ମୋତେ ସେମାନେ.." କେମିତି ଗୋଟେ ଅଜବ ରୂପ ନେଇ ସାରିଥିଲା ମିନୁ ।

: "ଲୁସି ??..ଲୁସି ..ମୁଁ ତ ତମ ସହ ମାନେ ମିନୁ ସହ ହେଉଛି ।" ଥର ଥର ଉଠରେ ବୁବୁ କହୁଥିଲା ।

: "ମୁଁ ଲୁସି.. , ମୋ ଦେହଟାକୁ ସେମାନେ ଝୁଣୀ ଖାଇଗଲେ" । କ୍ରନ୍ଦନର ସହ ଏକ ପ୍ରତିଶୋଧର ସ୍ୱର ବଢ଼ିବାରେ ଲାଗିଥିଲା ।

: "କଏ ? କଣ କଲ୍..? ମୋତେ ଭଲକରି ସବୁ କୁହ ।" ଲେ୍ମ ଟାଙ୍କୁରି ଯାଉଥିଲ୍ । କେଉଁ ଏକ ଅଜଣା ଆତଙ୍କରେ ମନ ଭ୍ରି ଭୟଭୀତ ହେଉଥିଲ୍, ତଥାପି ଦମ୍ଭ ଧରି ପଗ୍ଭରୁଥିଲ୍ ବୁବୁ । ଆଉ ଲୁସି କଥା ଶୁଣିବାକୁ ତା ମୁହଁଟାକୁ ଅନେଇ ବସିଲ୍ । ସେଦିନ ମୁଁ କ୍ଲାସ ସାରି ବାହାରିଲ୍ ବେଳକୁ ସନ୍ଧ୍ୟା ଆସନ୍ନ ପ୍ରାୟ । ଆକାଶ ଟିକେ ମେଘୁଆ ଥିଲ୍ । କଲେଜ ଫୋନ ରେ ବାପାଙ୍କୁ ଫୋନ କରି କହିଥିଲି ମୋତେ ନେଇଯିବାକୁ କନ୍ତୁ ବାପାଙ୍କ ଗାଡ଼ି ଖଗ୍ଭପ ଥିଲ୍ । କହିଲେ ଜଲଦି ଅଟୋଟିଏ ଧରି ବାହାରି ପଡ଼େ, ଘରକୁଯିବା ଗ୍ଭସ୍ତାରେ ଯେଉଁ ଗ୍ୟାରେଜ ପଡ଼େ ସେଇଠି ମୁଁ ଅଛି । ଗାଡ଼ି ଠିକ ହେବାକୁ ଆଉ 10ମିନଟ ମାତ୍ର ଲ୍ଗିବ, ଆମେ ସେଇଠୁ ମିଶିକ ଘରକୁ ଯିବା । କଲେଜ ଗେଟ ରୁ ବାହାରି ଅଟୋ ଟିଏ ପାଇଁ ଅପେକ୍ଷା କରିଥିଲି ।

ହଠାତ ବର୍ଷା ଆରମ୍ଭ ହେଇଗଲ୍ । ମୁଁ କଲେଜ ଆଗର ସେଇ ଛୋଟ ଭଙ୍ଗା ପ୍ରତୀକ୍ଷାଳୟ ଉପରକୁ ଉଠିଗଲି ବର୍ଷାରୁ ରକ୍ଷାପାଇବା ପାଇଁ । ପାଞ୍ଚ ମିନଟ ମଧ୍ୟରେ ଅଟୋଟିଏ ଆସିଲ୍ ଆଉ ସେଥିରେ ବସିଥିଲେ ଜଣେ ମଧ୍ୟବୟସ୍କା ମହିଳା । ଅଟୋ ବାଲ୍ ପଗ୍ଭରିଲ୍ ଗୋଲେଇ ଛକ ଯିବେକ?ମୁଁ ଆଉ ଦ୍ୱିତୀୟଥର କଛି ନଭ୍ବି ମୁଣ୍ଡଟା ଟୁଙ୍ଗାରିଦେଇ ଅଟୋ ରେ ବସିପଡ଼ିଲି । ବର୍ଷା ବଢ଼ିଯାଇଥିଲ୍ । ଅଟୋର ଦୁଇ ପଟରୁ ବର୍ଷା ଛାଟୁଥାଏ । ଅଟୋ ଗ୍ଭଲିବାର 5 ମିନଟ ଭିତରେ ମୁଁ ଅଧା ଭିଜି ଯାଇଥିଲି । ପାଖରେ ବସିଥିବା ମହିଳାଜଣକ ମୋତେ ଟର୍କିଶ ଟିଏ ବଢ଼େଇ ଦେଇ କହିଲେ "ପୁର୍‍ ଭିଜିଗଲ୍ଣି ଝିଅ.. ନଅ ଏଇ ଟର୍କିସ ଟା, ଦେହ ହାତ ପୋଛି ପକାଅ।" ଓଦା ହେଇଯାଉଥିବା ହେତୁ ମୁଁ ଟର୍କିଶ ଟା ନେଇ ପୋଛାପୋଛି ହେଲି ଆଉ ଭୁଲରେ ମୁହଁ ବି ପୋଛିଦେଲି । ତାପରେ..

(କ୍ରମଶଃ... ତୃତୀୟ ଭ୍ଗରେ)

ସମ୍ପାଦକ "କନକପ୍ରଭ୍"
ସବଙ୍ଗ, ସିମୁଳିଆ, ବାଲେଶ୍ୱର

# ଭାରତ ଆମର ମାଆ



ନନ୍ଦିନୀ ରାଉତ

ପ୍ରୀତି ପ୍ରଣତିର ମନ୍ଦାକିନୀ ଧାର
ମୋ ଦେଶୁ ଯାଇନ ଶୁଖି
ପର ପାଇଁ ନର ମରେ ଏହିଠାରେ
ଇତିହାସ ରଖେ ଲେଖି...
ବେଦର ଆହ୍ୱାନ ଶୁଣ ବିଶ୍ୱ ଜନ
ଦେଲେଣି ବିଭୁ ବାରତା
କେହି ନୁହେଁ ବଡ଼ କେହି ନୁହେଁ ସାନ
ସଭିଙ୍କୁ ଗଢେ ବିଧାତା....
ଆନ ମୁଖେ ଟିକେ ହସ ଦେବା ପାଇଁ
ମୋ ଭାଇ ବାହାରି ପଡେ
ଦେଶ ମାତୃକାର ସେବା ପାଇଁ ବ୍ରତୀ
ଜୀବନ ଦେଇବି ଲଢେ...
ମାତୃ ଜାତି ଅଟେ ବିଶ୍ୱରେ ମହାନ
ମୋ ସଂସ୍କୃତି ଶିକ୍ଷା ଦିଏ
ଗାନ୍ଧାରୀ ଦ୍ରୌପଦୀ ସତୀ ସୀତାଙ୍କ
ଦେଶ ଟି ପରା ଯେ ଇଏ....

ବିଶ୍ୱର କଲ୍ୟାଣେ ହୋମ ଯଜ୍ଞ ହୁଏ
ସଭିଙ୍କର ସୁଖ ପାଇଁ
ବିଶ୍ୱ ଅଟେ ପରା ଏକ ପରିବାର
ଆମେ ସବୁ ଭାଇ ଭାଇ....
ଆସିଛି ଯେ ଝଡ଼ ଆସିଛି ବତାସ
ସବୁତ ଯାଇଛି ଚାଲି
ଜୀବନ ନୁହଇଁ ଯୌବନର ଶିଖା
ନୁହେଁ ଖାଲି ମରୁ ବାଲି....
ଝଡ଼ ଆଗେ ଆମେ ମୁଣ୍ଡ ନଇଁନାହୁଁ
ଏବେବି ଗରବେ ଠିଆ
ଏକ ଆତ୍ମା ଆମ ଭାରତୀୟଙ୍କର
ଆମର ଗୋଟିଏ ମାଆ...

ବାଲିପଟା, ଅନୁଗୁଳ

# ଆସିଛି ଶୀତ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ପହିଲି ଶୀତର ପହିଲି ଛୁଆଁ
ଥରାଇ ଦିଏ ଦେହକୁ ପରା
ରବିଙ୍କର ପୁଣି କଅଁଳ ଖରା
ଉଷ୍ମତା ଭରେ ତନୁରେ ପରା

ଲୁଚଲୁଚ ଆସେ ଶୀତର ରାଣୀ
କାକର ବିନ୍ଦୁର ଓଢଣୀ ଟାଣି
ଦେଖି ଖୁସି ହୁଏ ଧରଣୀ ରାଣୀ
କରେ ସ୍ୱାଗତ ଶୀତକୁ ପୁଣି

ବିନ୍ଦୁବିନ୍ଦୁ ହୋଇ ଘାସ ଗାଲିଚାରେ
ରୂପା କାଇଁଚ ପଡୁଛି ଝରି
ଲାଗୁଅଛି ସତେ ତୁଷାର କଣିକା
ଆକାଶୁ ଆସୁଛି ଝରି

କାର୍ତ୍ତିକରେ ଆସେ ବୋଇତ ବନ୍ଦାଣ
ମାର୍ଗଶୀରେ ହୁଏ ଲକ୍ଷ୍ମୀପୂଜା ଜାଣ
ମକରରେ ଗୁଡ଼ିଉଡ଼ା ଯେ ମଜା
ନଟେଇ ସୂତାରେ ଦେଇଣ ମାଞ୍ଜା

ମଠସାହି, ତୁଳସିପୁର

# ସକାଳ ଶିଶିର



ଅଶୋକ କୁମାର ପ୍ରଧାନ

ଶୀତଭର୍ ସକାଳରେ ଶିଶିରର ସୁଶୋଭିତ ସଜସ୍ନାନ ବେଶ
ସ୍ନିଗ୍ଧ ରୂପ ସହର୍ଷରେ ସଜେଇଛି ଶ୍ୱାମଳମା ଦୂର୍ବାଦଳ କେଶ
ଆଖିରୁ ତା ଅନ୍ତହୁଏ  ଆବରଣ ଅନାୟାସେ ଅରୁଣ କରଣେ
ଝଲସଇ ଝରଝର ଆଲୋକ ସେ ରବି ତେଜେ ହୋଇ ବିକରଣ।

ମନେ ଆଣେ ମାଦକତା ମାଖି ହୋଇ ମହାନନ୍ଦ କାକରର ବିନ୍ଦୁ
ଦୂରୁଦେଖି ଦର୍ଶକଟି ଦ୍ୱିଧାହୁଏ ଘୋଟିଲାଣି ଶ୍ୱେତସର ସିନ୍ଧୁ
ବିଭୋରରେ ବାଟଚାଲି ପାଖେ ପାଖେ ପଥିକଟି ଯାଏ ଯେବେ ସେହି
ଶାଶ୍ୱତର ବାର୍ତ୍ତା ସବୁ ସେ ଶିଶିର କାନେ କାନେ ଦିଏ ତାକୁ କହି।

ସଂସାରର ସବୁସୁଖ ମୋହ ମାୟା ଧନରତ୍ନ ଅଚଳ ସମ୍ପତ୍ତି
ଦିଏ ସିନା ମୋହସମ କ୍ଷଣିକ ଆନନ୍ଦ ଜାଣିରଖ ସକଳ ବିପତ୍ତି
ସ୍ୱପ୍ନ ହର୍ ମନ ଯେହ୍ନେ ନିମିଷକେ ପାଉଥାଏ ଦୂନିଆର ସୁଖ
ଅନିତ୍ୟରେ ଘାଣ୍ଟି ହୋଇ ହର୍ଏ ସେ ଜୀବନର ଶାଶ୍ୱତ ସମ୍ପର୍କ।

ନୁହେଁ ଏଠି  ସ୍ଥିର କେହି ମୋହ ସମ ହେବ ଦିନେ ସବୁରି ବିଲୟ
ବେଳ ଥାଉ ବନ୍ଧ ବାନ୍ଧ ରେ ମଣିଷ ବିଭୁପାଦେ ନିତ୍ୟ କରି ଲୟ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରେହିଗାଁ, ଗଞ୍ଜାମ

# କାଳ ଅନ୍ଧାର



ଅମ୍ବିକା ସ୍ୱାଇଁ

ସେଦିନ ସ୍ତବ୍ଧ ହୋଇ ଯାଇଥିଲା ଗାଁ ଦାଣ୍ଡ । ରାତି ପାହି ନଥିଲା, ପାହାନ୍ତି ତାରା ଫୁଟି ଦିଶୁ ଥିଲା ଆକାଶ ବୁକୁରେ...କାଉ ରାବି ନ ଥିଲା କା"କା"....ଶେଯ ଛାଡ଼ି ନଥିଲେ ପଶୁପକ୍ଷୀ ଓ ମଣିଷ ମାନେ....କନ୍ତୁ ପଛ ସାହି ସୁକାନ୍ତ ର କୋହ ଭରା ଚତ୍କାର ରେ ନଦ ଭାଙ୍ଗି ଯାଇ ସମସ୍ତଙ୍କର । ହୋ" ଶିବା ଦା, ରାଜୁ ଦା, ମୁରଲୀ ଦା ଉଠି ଆସ, ଉଠି ଆସ ସବୁ ସରିଗଲା, ଶେଷ ହୋଇ ଗଲା । ବାଲାତ୍କାରୀ କୁ ଦଣ୍ଡ ମିଳବା ପୂର୍ବରୁ ସୁକାନ୍ତି ଜୀବନ ହାରିଦେଲା । ବଡ଼ ଭାଇ ଟି ସାନ ଭଉଣୀ କୁ ହରେଇବାର କରୁଣ ବୁକୁଫଟା ଚତ୍କାର - ସେ ନୃଶଂସ ବଳାତ୍କରୀ କୁ ମୁଁ ଛାଡିବିନ..ଛାଡିବିନ....!!

ସମସ୍ତେ ଆଶ୍ଚର୍ଯ୍ୟ !! ପ୍ରଶ୍ନ ପରେ ପ୍ରଶ୍ନ, କଣ ହୋଇଥିଲା ସୁକାନ୍ତି ର? ସେ ରଶି ଲଗାଇ କଣ ପାଇଁ ଆତ୍ମ ହତ୍ୟା କଲା ? ଶିବା ଦା ହାତକୁ ସୁକାନ୍ତ ଚଠି ଟି ଧରାଇ ଦେଲା । ଶିବା ଦା ଚଠିଟି ପଢି ହତବାକ୍ ...!!! ସ୍ୱଷ୍ଟ ଭାବେ ଫୁଟି ଦିଶୁଥିଲା ସୁକାନ୍ତିର ହସ୍ତାକ୍ଷର । ସେଥିରେ ବଳାତ୍କରୀ ର ସମସ୍ତ ପ୍ରମାଣ ।

ସେଦିନ ଅଷ୍ଟମ ପ୍ରହରୀ ନାମ ସଙ୍କୀର୍ତ୍ତନ ଚାଲିଥାଏ ଗ୍ରାମ ଦେବତୀ ମା ବୁଢୀ ଜାଗୁଳାଇ ଙ୍କ ସାମ୍ନାରେ.... ନୃଶଂସ କାଳୁ ସାହୁ ଅତି ସତର୍କତାର ସହ ଟେକ ନେଲା ସୁକାନ୍ତି କୁ ଦଣ୍ଡା କୂଳକୁ । ଧର୍ଷଣ ପରେ ଧମକ ଦେଲା, ଘରେ କହିଲେ ତୋ ଭାଇକୁ ଜୀବନରେ ମାରିଦେବି। ଚଉଦ ବର୍ଷର କୁନ କଢ଼ିଟି ଫୁଲଟିଏ ଫୁଟି ନୂଆ ନୂଆ ଯୌବନ ରେ ପାଦ ଥାପିଥାଏ । ନଜେ ମଉଳ ଯିବାର ଭୟ, ଭାଇକୁ ମାରି ଦେବା ର ଭୟ !!! କଣ ବା ଆଉ କରି ଥା"ନ୍ତା ବିଚାରୀ !!!! ଚୁପ୍ ଚାପ୍ ମନର ଯନ୍ତ୍ରଣା ଓ ହୃଦୟ ର କୋହ କୁ ଚାପି

ରଖିଥିଲା ଅତି ସନ୍ତର୍ପଣରେ । ସେ କଣ ଜାଣିଥିଲା ସେ ଦିନର କାଳ ଅନ୍ଧାର ରେ ଘଟିଥିବା ଘଟଣା ତା" କୁଆଁରୀ ଯୌବନ ର ଶେଷ ଦିନ **...!!!?** ତା" କୁମାରିତ୍ୱ ମାତୃତ୍ୱ ର ଲକ୍ଷଣ କୁ ଯେବେ ସେ ଅନୁଭବ କରିଥିଲା ସେ ଦିନର କାଳ ଅନ୍ଧାର ତାକୁ ଛାୟା ପରି ଡରାଇ ଥିଲା **..**ଘୋଟି ଆସିଥିଲା ଚତୁର୍ଦିଗରେ ଖାଲି ଅନ୍ଧାର ଆଉ ଅନ୍ଧାର **...!!** କଣ ବା ଆଉ ସେ କରିଥାନ୍ତା **!!?** ଆମ ସମାଜ କଣ ତା" କୁମାରିତ୍ୱ ମାତୃତ୍ୱକୁ ସହଜରେ ଗ୍ରହଣ କରିପାରି ଥାନ୍ତା **?** ନା ସେ ସେହି ଦୁଇ ସନ୍ତାନର ବୁଢା ବରକୁ ବାହାହୋଇ ସଉତୁଣୀ ସାଜି ଖୁସିରେ**,** ଶାନ୍ତି ରେ ରହିଥାନ୍ତା **?** ନା ବଞ୍ଚି ଥାଉ ଥାଉ ସମାଜ ର ଲାଞ୍ଛନା**,** ନର୍ଯାତନା**,** ଟାହି ଟାପରା କୁ ସହି ମରଣ ଯନ୍ତ୍ରଣାର ଯୁଇ ରେ ଛଟପଟ ହୋଇ ଜଳ ଜଳ ମରି ଥାନ୍ତା **.....!!!!** ଆହାଃ ବିଗ୍ଧରି କଣ ନ କଲା **?** ଭବିଷ୍ୟତ ର ସୁଖର ସଂସାର କଣ ଜାଣିବା ଆଗରୁ ସ୍ୱପ୍ନ ଦେଖୁ ଦେଖୁ ଚର ନଦ୍ରାରେ ଶୋଇ ଗଲା । ତା" ଜୀବନ ରେ ଘଟି ଥିବା କଳଙ୍କିତ ଅଧ୍ୟାୟର କଣ ଶେଷ ହେଲା **?????**

ଶ୍ୟାମପୁର, ଭୁବନେଶ୍ୱର**,** ଓଡ଼ିଶା

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ସୀତା



ହାସ୍ୟମୟୀ ରାଜ୍

ଡେଇଁ ମୁଁ ନଥିଲି କେବେ ଲକ୍ଷ୍ମଣ ଗାର
କର୍ତ୍ତବ୍ୟର ପଥଧାର ହେଲା ମୋ ପାଇଁ
ଲୁହର ଅସରନ୍ତି ଧାର
ଉପହାସ କରୁଥିଲା ମୋତେ
ନଛାଟିଆ ଦିନ ଦ୍ୱିପ୍ରହର
ଛୁଇଁ ପାରୁନଥିଲା ତାକୁ
ମୋର ଆକୁଳ ଚତ୍କାର
ଶୁଭୁଥିଲା ଝାଉଁବଣର ଫୁତ୍କାର
ଜଟାୟୁ ପକ୍ଷୀ ନଥିଲା
କଛି ବି ପଚାରି ନଥିଲା
ଶୁନ୍ ଶାନ୍ ନସ୍ତବ୍ଧ ପ୍ରହର
ସହିବାର ସୀମା ଟପିଥିଲା ମୋର । ।
ନର୍ବାସିତ ହେଲି
ଚାରିକାନ୍ଥ କୋଠରୀ ଭିତରେ
ମୁଁ ଏକା ଏକା
ଶୂନ୍ୟତାକୁ ଶୁଣୋଉଥିଲି
ମୋ ଅସହାୟତାର ଇତି କଥା
ହୃଦୟରେ ଅମାପ ବ୍ୟଥା
ଧିକ୍କାର କରୁଥିଲା ନଜକୁ ମୋର ଆତ୍ମସତ୍ତା । ।
ମୋର ରୂପ ଲାବଣ୍ୟ
ନର ରୂପି ରାକ୍ଷସର
ମେଣ୍ଟାଇଲା କାମନାର ଶୋଷ
ରାସ୍ତା କଡରେ ଫୋପାଡ଼ି ଦେଲା
ମୋର ନସ୍ତେଜ ଶରୀର

ହେଲେ ଯାତନାର ହେଲାନାହିଁ ଶେଷ
ମୋର ବା କ'ଣ ଥିଲା ଦୋଷ !
ମନ ତ ମୋର ତୁମ ପାଇଁ
ନିଶବ୍ଦରେ ଅହରହ ଜାଳୁଥିଲା ଦୀପ
ମନ ବିନା ଦେହ
କେବେ କଣ ହେଇପାରେ ଅପବିତ୍ର !!
ମୁଁ ଫେରି ଆସିଥିଲି
ଛାତିରେ ଛାତିଏ କୋହ ନେଇ ନିଜ ଘର
ଭାବିଥିଲି ଅନ୍ତତଃ
ଛଟପଟ କରିବନି ମୋତେ
ତୁମ ସନ୍ଦେହର ବିଷ ବଳୟ
ହେଲେ ତମେ ବି
ଅନ୍ୟମାନଙ୍କ ପରି
କେମିତି ହେଇପାରିଲ ଏତେ ନିର୍ଦ୍ଦୟ !!
ତୁମେ ହେଲ ସୁନାପୁଅ
ମୁଁ ହେଲି ସାତପର
ଭର୍ତ୍ସନାର ଅଗ୍ନି ପରୀକ୍ଷାରେ ଦଗ୍ଧୀଭୂତ ହେଲି ମୁଁ ବାରମ୍ବାର
ଆଉ ପାରିଲିନି ଚାଲି ତୁମ ସହ
ସବୁଠି ହାରିଗଲି
ଆଶା ହୀନ ହେଲା ଭରସାର ଦ୍ୱାର
ମନ ବିବେକ ଶକ୍ତି
ଚାରିପଟେ ଅମାନିଆ କୋହର ଜୁଆର
ଲୁପ୍ତ ହୋଇଯାଇଛି
ମନର ବଳ
ନିଶ୍ଚିନ୍ତ ନିଦ୍ରାରେ
ସବୁଦିନ ପାଇଁ ଶୋଇ ଯିବାକୁ
ଡାକୁଛି ମୋତେ
ବସୁଧା ମା'ର ପୁଣ୍ୟ କୋଳ ।।

ଓଚାଳ, ହାଟଡିହି, କେନ୍ଦୁଝର

# ବିଧିର ଗାର



ଅଶୋକ କୁମାର ପ୍ରଧାନ

ମୁଁ କେଡେ ଅପରାଧୀ
ସବୁ ଜାଣିଥିଲି, ସବୁ ମର୍ମେମର୍ମେ ଅନୁଭବ କରୁଥିଲି
ତଥାପି ଅବାନ୍ତର ଦୁନଆର ସ୍ୱପ୍ନ ଭରିଲି
ବିରାଟ ଉଦଜାନ ବେଲୁନଟିକୁ
କ୍ଷଣ ସୂତାରେ ବାନ୍ଧି ରଖିଥିଲି
ଭାବୁଥିଲି,
ବିଜ୍ଞାନକୁ ପରାସ୍ତ କରିବି
ନଉଟନଙ୍କ ମାଧ୍ୟାକର୍ଷଣ ବଳକୁ ମିଥ୍ୟା ପ୍ରମାଣିତ କରିବାର ଆଶା
ପକେଇଦେଲା ପୁଣି,
ନଉଟନ ଦେଖିଥିବା ପଡୁଥିବା ସେଓକୁ ।
ଉଠି ପାରିଲାନ ଆଶାର ସଂଗ୍ରର
ବିଧିକୁ ଭାଙ୍ଗିକ କ ଅତିକ୍ରମ କରିପାରିବ
ସବୁ ହେଲା ବୃଥା
କେବଳ ଭାଙ୍ଗିଗଲା ଦର୍ପଣର କାଚ ପରି
ଗୋଟାଏ ହୃଦୟ
କଏ ଜାଣିଥିଲା ବିଜ୍ଞାନ ବି ବିଧିର ଏକ ଅଙ୍ଗ ।
ଆମ ସମ୍ପର୍କକୁ ଲୁଣାପଣି କରିଦେଇଥିଲି

ଲାଗୁଥିଲା କେହି ବିଚ୍ଛେଦ କରିପାରିବେ ନାହିଁ
ହେଲେ,
ବିଜ୍ଞାନ ବି ବେଳେ ବେଳେ
ସମ୍ପର୍କ ମୂଳରେ ନିଆଁ ଜାଳ ବିଚ୍ଛିନ୍ନ କରିଦିଏ
ପାଣିକୁ ଲୁଣଠୁ ।
କାହାର ଏଇ ଦୋଷ
ଲୁଣର ନା ପାଣିର ?
ମନେ ହୁଏ ଏଠି ବିଜ୍ଞାନ ଟାଣୁଛି କେବଳ
ବିଧିର ଆଦେଶେ ବିଚ୍ଛେଦ ଗାର ।

ଓଡିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର,
ରାୟଗଡା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଅମଣିଷ ପାଇଁ ଚଠିଟିଏ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଶୁଣିଛକ ଭାଇ ! ଶୁଣିଛକ ଥରେ?
ବୋମାର ଗର୍ଜ୍ଜନ ଶୁଣିଛ?
ଦେଖିଛକ ଭାଇ ! ଦେଖିଛକ ଥରେ?
ସମର – ପ୍ରାଙ୍ଗଣ ଦେଖିଛ?
ସେଠି କମାଣ ଗର୍ଜ୍ଜନ ଶୁଣିଛ?
କ୍ଷମତା ଲୋଭୀର ବର୍ବରୋଚିତ କାର୍ଯ୍ୟ ସମୀକ୍ଷା କରିଛ?
ଜାଣିଛକ ଭାଇ ! ଭାବିଛକ ଥରେ?
ସୃଷ୍ଟି-ରହସ୍ୟ ବୁଝିଛ?
ପରିବେଶ ତୋର ବିଷାକ୍ତ ହେଲାଣି,
କାରଖାନା ଗଢି ଗ୍ଲଲିଛ ।
ତୁମେ ଜଙ୍ଗଲ କାଟି ଗ୍ଲଲିଛ;
ମୃତ୍ୟୁ ପଠାରେ ଶୋଇ ରହି ଭାବ, ପ୍ରଗତି ବୁକୁରେ ଶୋଇଛ ।
ଜନବୃଦ୍ଧି ବୋଲି ଯହାକୁ କହୁଛ;
ବିସ୍ଫୋରଣ ସେ ଭାଇ !
ସଭ୍ୟତା ବୋଲି ଯାହାକୁ ଭାବୁଛ;
ଧ୍ୱଂସ ଦାନବ ସେହି ।
ତାର ବିକଟ ଚତ୍କାର ଶୁଣିଛ?
ଯମର ଦୁଆରେ ଠିଆ ହୋଇ ଭାବ ମରଣକୁ ଜୟ କରିଛ?
ସଂହାସବାଦୀ ମଣିଷ ମନକୁ-
ଚହ୍ନିକ ତୁମେ ପାରିଛ?
ମଣିଷ ରୂପି ସେ ନର-ରାକ୍ଷସ,

ଶୋଷଇ ମଣିଷ ରକତ;
ତାର ଅସଲ ରୂପକ ଦେଖିଛ?
ମଣିଷ ରୂପରେ ପଶୁଟାଏ ସେତ,
ମଣିଷରେ କଆଁ ଗଣୁଛ?
ତୁମ ସମାଜରେ ଯୋଉତୁକ ନଆଁ-
ହୁତୁ ହୁତୁ କରି ଜଳୁଛି;
ପ୍ରଗ୍ଚର କରୁଛ, ଆଇନ ଗଢୁଛ,
ଭିବ ଯୌତୁକ ନଆଁ ଲିଭିଛି;
ଯୌତୁକ-ନଦୀ-ଗ୍ଚେର୍-ବାଲି ପରେ
ତୁମେ ସବୁ ପାଦ ଥାପିଛ;
ନଜ ବୋହୂଟାକୁ ନଜ ହାତେ ଜାଳ ଆଇନୀକୁ ଫାଂକ ଦେଉଛ ।
ନର୍ଦ୍ଦମା ଜଳ କ୍ଷୀରରେ ମିଶାଇ
ଶିଶୁକୁ ପିଆଇ ଦେଉଛ;
ଚନ ଓ ଗ୍ଚଉଳ ଅଟା ଗଣ୍ଡାକରେ-
କେତେ କଣ ଭରି ଦେଉଛ;
ତୁମେ ନକଲି ଔଷଧ ବିକୁଛ;
ଅର୍ଥ-ପିପାସା ମେଣ୍ଟାଇବା ପାଇଁ ମଣିଷକୁ ହତ୍ୟା କରୁଛ ।
କବିତା ନୁହେଁ ଏ; ଅମଣିଷ ପାଇଁ
ଚଠିଟିଏ ପର୍ ଲେଖୁଛି;
ଅନେକ ମନର ଅକୁହା ବେଦନା
ତୋ ଆଗେ ପ୍ରକାଶ କରୁଛି;
ତୋତେ ବେଳୁ ସାବଧାନ କରୁଛି;
ଅବାଟକୁ ଛାଡି ବାଟେ ଗ୍ଚଲିବାକୁ ଶେଷ ଅନୁରୋଧ କରୁଛି ।
କବିତା ନୁହେଁ ଏ; ଅମଣିଷ ପାଇଁ ଚଠିଟିଏ ପର୍ ଲେଖୁଛି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉଲକେଲା, ଓଡିଶା

# "ଜହ୍ନ ଡାକୁଛି ଆ"



ବାସନ୍ତୀ ଲତା ଜେନା

ଆଜି ମକର ସଂକ୍ରାନ୍ତି । ସକାଳର ସୁନେଲି ସୂର୍ଯ୍ୟ କରଣର ରକ୍ତିମ ଆଭା ଗ୍ବରି ଆଡେ ବିଛୁରିତ ହୋଇ ପଡିଛି । ମନ ଲୋଭା ପରିବେଶ । ଚଳ ଚଞ୍ଚଳ ହୋଇ ଉଠିଛି ଗାଁ ପରିବେଶ । ସମସ୍ତଙ୍କ ମନରେ ଆଜି ଖୁସି ଓ ଆନନ୍ଦର ଜୁଆର । ପ୍ରତି ଘର ଅଗଣାରେ ସଜ୍ଜିତ ହୋଇଛି ସପ୍ତ ରଙ୍ଗର ରଙ୍ଗୋଲି ଆଉ ପୂର୍ଣ୍ଣ କୁମ୍ଭ । ପିଲାମାନେ ଗୁଡ଼ି ଉଡାଇବା ପାଇଁ ବଡ଼ ଲୋକ ମାନଙ୍କୁ ନେଇ ରଙ୍ଗ ବେରଙ୍ଗର ଗୁଡ଼ି ତିଆରି କରିବାରେ ଲାଗିପଡିଛନ୍ତି । ଗାଳ୍ପିକଙ୍କ ଭାଷାରେ :

ମକର ଆଣିଛି ଖୁସିର ପସରା
ଆନନ୍ଦ ମନରେ ଭରେ
କେତେ ନୂଆ ଆଶା ଆନନ୍ଦର ଦିନ
ପ୍ରୀତିର ମହକ ଝରେ ।

କନ୍ତୁ ଜହ୍ନ ଘର ଖାଁ ଖାଁ ଲାଗୁଛି । ଦାଣ୍ଡ ଦ୍ୱାରର ଲିପା ହୋଇନ କ ରଙ୍ଗୋଲି ପଡିନ । ତା ଦେହଟା ଆଜି ଭଲ ଲାଗୁନ । ଆଜି କାହିଁକ ତା ପୁଅ କଥା ବେଶୀ ମନେ ପଡୁଛି । ବିକାଶ ତାର ଗୋଟିଏ ବୋଲି ପୁଅ । ବି. ଟେକ କଲା ପରେ କଟକରେ ଗ୍ବକରୀ କରୁ ଥିଲା । ଭଲ ଓ୍ୱାର୍କର ବୋଲି କମ୍ପାନୀ ତାକୁ ଆମେରିକା ପଠାଇ ଥିଲା ବର୍ଷକ ପାଇଁ । ଏକ ବର୍ଷ ବିତି ଗଲା । ବିକାଶ ଆଉ ଦେଶକୁ ଫେରିଲା ନାହିଁ କ ଘରକୁ ଆସିଲା ନାହିଁ । ବାପା ମା ଙ୍କୁ ଫୋନରେ କହିଲା, "ମୋତେ ଏଠି ଭଲ ଲାଗୁଛି, ମୁଁ ଆଉ କଛି ଦିନ ଏଠାରେ ରହିବି । ବାପା ମା ପୁଅ କଥାରେ ହଁ, କହିଲେ । ଏକା କମ୍ପାନୀରେ ଗ୍ବକରୀ କରୁଥିବା ଗୋଟିଏ ଝିଅ ସହିତ ତାର ସମ୍ପର୍କ ବଢ଼ି ଯାଇଥିଲା । ସେ ତାକୁ ପ୍ରେମ ବିବାହ କଲେ, ବାପା ମାଙ୍କୁ ନ

ଜଣାଇ ।ବିବାହର ଦୁଇ ମାସ ପରେ ଦିନେ ସନ୍ଧ୍ୟାରେ ବିକାଶ ତାର ମା' ଜହ୍ନକୁ ଭିଡ଼ିଓ କଲ କଲା ।କଥା ହେଲା ।କହିଲା ମା, ମୁଁ ତୋତେ ଗୋଟେ କଥା କହି ନଥିଲି ।ଆଜି କହିବି, ତୁମେ ବାପାଙ୍କୁ କହି ଦେବ ।ଜହ୍ନ ଖୁସି ହୋଇଗଲା, କଣ କହିବୁ ଶୀଘ୍ର କହରେ । ବିକାଶ କହିଲା, ମା ! ମୁଁ ତୁମକୁ ନ କହି ବିଭା ହୋଇ ଯାଇଛି ।

ତୁ ବାପାଙ୍କୁ କହି ଦେବୁ ।ଏ ତୋର ବୋହୂ ସୁରେଖା ।ତାଙ୍କ ସହ କଥା ହୁଅ ।ଏକଥା ଶୁଣି ଜହ୍ନର ପାଦ ତଳୁ ମାଟି ଖସିଗଲା ।ମୁଣ୍ଡ ଘୂରି ଗଲା ।ସେ ବୋହୂ ସହିତ କ କଥା ହେବ ? କଣ ତାକୁ କହିବ ? ଅଳ୍ପ କିଛି କ୍ଷଣ ବୁଡିଗଲା ଭାବନା ରାଇଜରେ ।ଯାହା ହେଉ ନିଜକୁ ସମ୍ଭାଳି ବହୂ ସହିତ ଦୁଇ ପଦ କଥା ହୋଇ ଫୋନ ରଖି ଦେଲା ।ତା' ପରେ ଖାଲି କାନ୍ଦିବାକୁ ଲାଗିଲା ।କେତେ ଆଶା କରି ଥିଲି ପୁଅ ବାହାଘର କରିବି ।ନିଜ ପସନ୍ଦର ଝିଅ ଆଣିବି ।ବନ୍ଧୁ ବାନ୍ଧବ ସମସ୍ତଙ୍କୁ ଡାକ ଭୋଜି ଖାଇବାକୁ ଦେବି ।ପୁଅ ବିବାହ କଲା, ବାପା ମା ବୋଲି ପଚାରିଲା ନାହିଁ ।ସେ ତାକୁ ଭଲ ପାଉଥିଲା ବିବାହ କଲା, ମୁଁ କଣ ତାକୁ ମନା କରୁ ଥିଲି ।ଏମିତି କେତେ କଣ ଭାବିବାକୁ ଲାଗିଲା ଜହ୍ନ ।ସେହି ସମୟରେ (ଜହ୍ନର ସ୍ୱାମୀ) ସୂର୍ଯ୍ୟକାନ୍ତ ପଶି ଆସିଲେ ଘର ଭିତରକୁ ।ଜହ୍ନ କାନ୍ଦୁ ଥିବାର ଦେଖି କଣ ହୋଇଛି ବୋଲି ପଚାରି ବୁଝିଲେ ।ପିତା ସୂର୍ଯ୍ୟକାନ୍ତ ପତ୍ନୀକୁ ବୁଝାଇଲେ, ଯାହା ହେବାର ଥିଲା ହୋଇ ସାରିଛି ।ତୁମେ ଏବେ କାନ୍ଦିଲେ ଲାଭ କଣ ? ମୁଁ ବିକାଶକୁ କହୁଛି, ସେ ବହୂକୁ ନେଇ କିଛି ଦିନ ପାଇଁ ଘରକୁ ଆସୁ ।

ବାପାଙ୍କ ଠାରୁ ଫୋନ କଲ ପାଇ ବିକାଶ ସୁରେଖା ପନ୍ଦର ଦିନ ପାଇଁ ଘରକୁ ଆସିଲେ । ଜହ୍ନ ସବୁ ଦୁଃଖ, ମାନ ଅଭିମାନକୁ ହୃଦୟରେ ଚାପି ରଖି ବହୂକୁ ଖୁସି ଖୁସି ସ୍ୱାଗତ କଲେ ।ବନ୍ଦାପନା କରି ଘରକୁ ନେଲେ ।ତାକୁ ନିଜ ଝିଅ ଭଳି ଦେଖିଲେ ।ସୁରେଖା ବି ବୋହୂ ର କର୍ତ୍ତବ୍ୟ କରିବାକୁ, ଏଡ଼ଜଷ୍ଟ କରି ଚଳିବାକୁ ଚେଷ୍ଟା କରୁଥିଲା ।ସେଇ କେତେ ଦିନ ଆନନ୍ଦ ଉଲ୍ଲାସରେ ଘର ଫାଟି ପଡୁଥିଲା ।ତାପରେ ସେମାନେ ଆମେରିକା ଫେରି ଗଲେ । ଚାରି ମାସ ପରେ ହୃଦଘାତରେ ସୂର୍ଯ୍ୟକାନ୍ତଙ୍କର ବିୟୋଗ ହେଲା ।ପୁଅ ବୋହୂ ଘରକୁ ଆସିଲେ ।ପିତାଙ୍କର ବାରକର୍ମ ସାରି ଆମେରିକା ଯିବାକୁ ବାହାରିଲେ ।ବିକାଶ ମା'ଙ୍କୁ ତାଙ୍କ ସଙ୍ଗରେ ଯିବା ପାଇଁ କହିଲେ, ଜହ୍ନ ଘର, ଗୋରୁ ଗାଈ ଜମି ବାଡ଼ି ଗାଁ ଛାଡି

ଆମେରିକା ଯିବାକୁ ରାଜି ହେଲେ ନାହିଁ । ମନା କରିଦେଲେ । ପୁଅ ବୋହୂ ଆମେରିକା ଚାଲିଗଲେ । ପ୍ରଥମେ ପ୍ରଥମେ ପୁଅ ବୋହୂ ସବୁ ଦିନ ଫୋନରେ କଥା ହେଉଥିଲେ । ଭିଡ଼ିଓ କଲ କରୁ ଥିଲେ । ଆଜିକାଲି ବହୁତ କମି ଗଲାଣି । ମାସେ ଦି ମାସକୁ ଥରେ ପୁଅ ବୋହୂ ଫୋନରେ କଥା ହୁଅନ୍ତି । ସବୁ ଦିନେ ପାଞ୍ଚ ମିନଟ କଥା ହେବାକୁ କହନ୍ତି ଜହ୍ନ । ପୁଅ ବିକାଶ କହେ, ଟାଇମ ନାହିଁ ମା, ବହୁତ ବିଜି ରହୁଛି । ଜହ୍ନ କିଛି କହି ପାରେ ନାହିଁ ।

ସ୍ୱାମୀ ଥିଲେ, ତାକୁ ବାଧୁ ନ ଥିଲା । ଏବେ ଏକା ଏକା । ବୟସ ଦିନକୁ ଦିନ ବଢୁଛି । ନନା ଚନ୍ତା ଘାରୁଛି । ଦେହ କେତେ ବେଳେ ଭଲ ରହୁଛି ତ କେତେ ବେଳେ ଭଲ ରହୁନ । ସ୍ୱାମୀ ସ୍ୱର୍ଗାରୋହଣ କରିବା ସାତ ବର୍ଷ ହୋଇଗଲା । ପୁଅ ବୋହୂ ଘରକୁ ଫେରି ନାହାନ୍ତି । ପ୍ରତ୍ୟେକ ବାର ପୁନେଇଁରେ ଜହ୍ନ ପୁଅ ବୋହୂ କଥା ମନେ ପକାଇ କାନ୍ଦେ । ପଡିଶା ଘର ପିଲା ମାନଙ୍କୁ ଦେଖିଲେ ଜହ୍ନ ଆଖିରୁ ଆପେ ଆପେ ଲୁହ ଝରି ଆସେ । ଫୋନ କଲେ ପୁଅ ଫୋନ ଉଠାଉ ନାହିଁ । କଣ କରିବ ଜହ୍ନ । ନିରୁପାୟ, ଖାଲି ଭଗବାନ ଭରସା ।

ସେ ଦିନ ଥିଲା ମକର ସଂକ୍ରାନ୍ତି । ଜହ୍ନକୁ କିଛି ଭଲ ଲାଗୁ ନ ଥାଏ । ସେ ଠାକୁର ଘରେ ଶ୍ରୀକୃଷ୍ଣଙ୍କ ପାଖରେ ନତି ଗୁହାରୀ ଜଣାଉଛି । କାନ୍ଦୁଛି । "ହେ ନାରାୟଣ, ତୁମେ ମୋ ପୁଅକୁ ମୋ ପାଖକୁ ଫେରଇ ଆଣ । ସାତ ବର୍ଷ ହେଲାଣି ମୁଁ ମୋ ପୁଅ, ବହୂ, ନାତୁଣୀକୁ ଦେଖିନ । ଧନରେ ! ସତରେ କଣ ତୋର ତୋ ମା କଥା ମନେ ପଡୁନ ? ତୋ ମା ଜହ୍ନ ତୋତେ ଡାକୁଛି, ଆରେ ଧନ ! ମୋ କୋଳକୁ ଫେରି ଆ.....

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ପୁସ୍ତକ



ପ୍ରକାଶ ଚନ୍ଦ୍ର ପଣ୍ଡା

ଅଜ୍ଞାନ ରୂପକ ଅନ୍ଧକାର ସବୁ
ଦୂରେଇ ଦେଉଛି ଜିଏ,
ଅତି ଆପଣାର ପ୍ରିୟ ସଭିଙ୍କର
ପୁସ୍ତକ ଟି ଆମ ସିଏ ।
ଯେଉଁଦିନ ତାକୁ ଯୋଡିଲି ଜୀବନେ
ବଦଳଗଲା ମୋ ଭାଷା
ଶିଖେଇଲା ମୋତେ ବଞ୍ଚିବାର କଳା
ବଦଳଲା ଭେଷ ଭୁଷା ।
ଧୀରେ ଧୀରେ ମୋର ଜୀବନକୁ ଦେଲା
ନୂଆ ଗୋଟେ ପରିଚୟ
ସେହି ପରିଚୟେ ବିତିଲା ମୋ କାଳ
ସବୁ କଛି ତାର ଶ୍ରେୟ ।
ଯେଉଁଦିନ ମୋର କଅଁଳ ଓଠରେ
ବର୍ଣ୍ଣବୋଧ ଉଚ୍ଚାରିଲି
ସ୍ୱରବର୍ଣ୍ଣ ଠାରୁ ଯୁକ୍ତାକ୍ଷର ଯାଏ
ବାରମ୍ବାର ଝୁଁଟୁଥିଲି ।
ଜୀବନରେ କେବେ ବର୍ଣ୍ଣବୋଧ ସ୍ଥାନ
ନେଇ ପାରିବେନ କେହି
ସକଳ ପୁସ୍ତକ ଭିତରେ ସେ ସାର
ଅମୃତ ଭଷାର ନଈ ।

ବେଲୁବେଳ ଯେତେ ବଡ ହେଲି ମୁହିଁ
କେତେ ବହି ହେଲା ସାଥି,
ତା ବକ୍ଷରେ ଥରେ ହଜି ଗଲା ପରେ
ଜିତିଲି ଜୀବନ ବାଜି ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ମାତୃଭ୍‌ଷା



ସୌମ୍ୟ ରଞ୍ଜନ ପାଲ

ମନେପଡେ ପୁଣି
ମୋ ପିଲ୍‌ଦିନର
ମୁହୂର୍ତ୍ତ ମୁହୂର୍ତ୍ତ କଥା ,,
ମାତୃଭୂମିର ଯେ
ମହତ୍ତ୍ୱ ବଖାଣି
ମଜ୍ଜୁଥିଲ୍ ମନ ମଥା ,,
ମାଧ୍ୟମିକ ପରେ
ମହୀଧର ପରି
ମାଉସୀକୁ ଶକ୍ତ ଭିଡ଼ି ,,
ମହୀରୁହ ସମ
ମିଥ୍ୟା ପ୍ରଚେଷ୍ଟାରେ
ମାଟିକୁ ଥିଲି ଜାବୁଡ଼ି ,,
ମରମରେ କନ୍ତ
ମନୁଜ ଚରିତ୍ର
ମୁହୂର୍ତ୍ତେ ଜାଗିଲ୍ ଆଜି ,,
ମାତୃଭ୍‌ଷାକୁ ମୋ
ମୃଗରାଜ କରି
ମୁଖେ ସଜାଇବି ଆଜି ।।

ବଡ଼ଶୋଳ, ମୟୂରଭଞ୍ଜ



# ଜିଜ୍ଞାସା

ମୂଳ ରଚନା ବଙ୍ଗଳା:
ବୈଦୁର୍ଯ୍ୟ ସରକାର
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ଭାବ ଆଉ ବସ୍ତୁବାଦର ଭିତରେ ବାଇଶ ଶ୍ରାବଣ
ଝୁଲୁଥାଏ ମହାକାଶେ ଶୁଖିଲା ଫୁଲର ମାଳା ହୋଇ ।
ଯେମିତି ସକାଳୁଆ ସ୍କୁଲ ଥିଲେ ମେଘ ବର୍ଷା ଆଣେ ଅଘଟଣ
ପଥ ପଛାଇଲେ, ନଦୀ ସଭ୍ୟତା ବାଙ୍କ ନଏ
ଅକୂଳେ ବାହିଲେ ତରୀ କାହାର ଦୁଇଟି ଆଖି
ଜଗିଥାଏ ନୂତନ ଦିନର ଆଶା ନେଇ !

କଏ ଯେମିତି ଜିଜ୍ଞାସା କରେ, ତୁମେ କୁହ ବନ୍ଧୁ
ଭଲ ପାଇବା କ ଆମର ଏଇ ପୋଡା କପାଳରେ ଜୁଟିବ?
ଯେତେଦିନ ବାଇଶ ଶ୍ରାବଣ.....
.....ଏ ପ୍ରଶ୍ନ ଜାଗିଥିବ
ନିଃସଙ୍ଗ ପ୍ରଦୀପ ହୋଇ ପ୍ରତିଟି କୁଟିରେ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ତଟିନୀର ଲକ୍ଷ୍ୟ



ସମ୍ୟଜିତ ପାତ୍ର

ପ୍ରତିଟି ଜୀବ ଏ ଜଗତେ ଆସେ ନେଇ କିଛି ଲକ୍ଷ୍ୟ,
ଲକ୍ଷ୍ୟବିନୁ ଏ ଜୀବନ ଲାଗେ ସତେ ଅବା ନାଉରୀ ବିନା ଏକ ଡଂଗା।
ତଟିନୀ ଯେପରି ଆଗେଇ ଆସଇ
ଯେତେ ବଡ ପ୍ରତିରୋଧ ଆଗରେ ଥାଉନା କାଇଁ,
ଲକ୍ଷ୍ୟ ସାଧନେ କରି କଉଶଳ ବଳର ସାମର୍ଥ୍ୟ ନେଇ
ବ୍ରତୀ ହେଇ ନିଜ ସାଧନାରେ  ସାଗରେ ମିଶିବା ପାଇଁ ।

ଦୁର୍ଗମ ପଥ ଲଙ୍ଘିବାକୁ  ବାଧା ବନ୍ଧନ ଏଡ଼ାଇ ଦେଇ
ପଥ ବାଛିନିଅ ସଦା ନିଜ ବୁଦ୍ଧି ଓ ବଳର ସାହାଯ୍ୟ ନେଇ।

ଯଶ କୀରତି କ ଅବା ରଖିଲ ଲକ୍ଷ୍ୟ ସାଧନେ
ଭୁଲିଗଲ ମମତା ବନ୍ଧନ
ସାଗରେ ମିଶିଲ ଅସ୍ତିତ୍ୱ ହରାଇ ଲକ୍ଷ୍ୟ କଲ ସଫଳ
ସ୍ରୋତସ୍ୱିନୀ ତୁମେ ପ୍ରଣୟ ବିଭୋରେ ସିନ୍ଧୁର ଦେଶେ ରହିଲ। ।

ଫେରି  କ ପାଇବ  ଆଉ ତୁମରି ସତ୍ତା
ଆଶା ନୈରାଶ୍ୟର  ତୁମର ପଡିଗଲ୍ ବିଭ୍ରମ ମାତ୍ରା ।
ଲକ୍ଷ୍ୟ ନୁହଁଇ ଜୀବନେ କେବଳ କୁସୁମିତ ଚଲ୍ପଥ
କଣ୍ଟକର ପୀଡା ସହିବାକୁ ହୁଏ ବେଦନା ଭର୍ ଏ ଜଗତ ।

ନିୟନ୍ତ୍ରିତା ନଦୀ ନିର୍ଜଳା ଜମିରେ
ଓଜାଡେ ସୁନା ଫସଲ
ସଂସ୍କାରିତା ନାରୀ ଜଗତ-ଜନନୀ
ହୋଇ ବରଷେ ମଂଗଳ||

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଞ୍ଜ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଅଭିଶପ୍ତ



ସୁଷମା ପରିଜା

ଏଥର ଚୈତ୍ର ପୂର୍ଣ୍ଣମୀକୁ ଗାଁକୁ ଯାଇଥିଲୁ ନାତୁଣୀର ଚୁଟି ପକାଇବା ପାଇଁ ଆମ ଗାଁ ଡମପଡ଼ାର ପୋଟଳେଇ ଠାକୁରାଣୀଙ୍କ ପାଖରେ| ଯାତ ମୁଣ୍ଡିଆରେ ମା ପୋଟଳେଇ ଠାକୁରାଣୀଙ୍କ ଚୈତ୍ରମାସ ପୂର୍ଣ୍ଣମୀରେ ଝାମୁଯାତ୍ରା ହୁଏ| ମା ପୋଟଳେଇ ଖୁବ୍ ପ୍ରତ୍ୟକ୍ଷ ଠାକୁରାଣୀ| ସେଦିନ ସେଠି ମାନସିକ ରଖି ମାଆମାନେ ଶହଶହ ପିଲାଙ୍କର ଚୁଟି ପକାଇଥାଆନ୍ତି| ଖୁବ୍ ବଡ ଆକାରରେ ମେଳା ହୋଇଥାଏ| ଯାବତୀୟ ଘରକରଣା ଜିନଷପତ୍ର ଠାରୁ ଆରମ୍ଭକରି ମିଠାମିଠି, ପ୍ରସାଧନ ସାମଗ୍ରୀ ସବୁର ବଜାର ବସିଥାଏ|

ଆଖପାଖ ଗାଁର ବହୁତ ଲୋକଙ୍କ ଭିଡଜମେ ସେଠାରେ| ମେଳାଟି ଦିନକଆ ହେଲେ ମଧ ଦୁଇ ତିନଦିନ ଧରି ବେପାରୀମାନେ ବସିଥାଆନ୍ତି| ଆମ ଗାଁର ପ୍ରସିଦ୍ଧ ମିଠା ହେଲା ଛେନାଖଇ ଆଉ ମନୁହର, ଯାହାପ୍ରତି ମୋର ଦୁର୍ବଳତା ବହୁତ ଅଧିକ| ତେଣୁ ମୁଁ ଗାଁକୁ ଯିବା ଖବର ପାଇଲେ ମୋ ବୋଉ ଏସବୁ ଜିନଷ ଆଗୁଆ ସାଇତି ରଖିଥାଏ ମୋପାଇଁ| ସେଦିନ ଆମେ ନାତୁଣୀର ଚୁଟି ପକେଇ ଝାମୁଯାତ୍ରା ଦେଖି ଘରେ ପହଞ୍ଚିଲା ବେଳକୁ ବୋଉ ତରବର ହୋଇ ଗୋରୀ ଗଉଡୁଣୀଠୁ ରଖିଥିବା ବସାଦହି ବଡାଟିକୁ ଆମ ଆଗରେ ଥୋଇଦେଇ କହିଲା 'ଶିଘ୍ର ହାତଗୋ ଡଧୋଇପକେଇ ଆଗ ଦହିତକ ଖାଇନଅ| ଖରାରେ ଆସିଛ ଦେହ ଝାଇଁମାରି ଯାଉଥିବ'| ଏତିକ କହି ସେ ରୋଷେଇଘର ଭିତରକୁ ଗ୍ଲଲିଗଲା ଖାଇବା ପିଇବା ବ୍ୟବସ୍ଥା କରିବାପାଇଁ|

ଖିଆପିଆ ସାରି ପିଲାମାନେ ଶୋଇବାକୁ ଗଲାପରେ ମୁଁ ବୋଉ ସାଙ୍ଗରେ ବସିଲି ଖାଇବାକୁ| ଖାଇବସିଲା ବେଳେ ମୋ ବୋଉର ଅଭ୍ୟାସ ଗାଁ ଗୋଟାକର କଥା ଗପିବ ମୋ ଆଗରେ| ୟାର ଏଇଟା ହେଲା, ତାର ସେଇଟା ହେଲା ଏମିତି ଗାଁ 'ଟା ଯାକର କଥା ଗପିବ ଯେ ଭାତଥାଳ ଉପରେ ହିଁ ଅଧା ନିଦ ଆସି ଯାଇଥିବ ମତେ| ସେ ସେମିତି ଗପୁଥିବ ମୁଁ

ଟ୍ରେଷେଇଘର ବାରଣ୍ଡାରେ ପଡିଥିବା ଖଟିଆଟି ଉପରେ ନଘୋଡ ନଦରେ ଶୋଇପଡିବା ଯାଏଁ| ସେଦିନ ସେମିତି ସେ କହିଲା ନଟଦାଦିଙ୍କ ଘରକଥା| ନଟଦାଦି ମୋ ବାପାଙ୍କର କୁଟୁମ୍ବରେ ଭାଇ ହେବେ| ତାଙ୍କ ବାପା ଧନେଶ୍ଵର ଜେଜେଙ୍କର ପାଞ୍ଚ ପୁଅରୁ ନଟଦାଦି ହେଲେ ଦ୍ଵିତୀୟ| ତାଙ୍କ ଉପରେ ବିନଦାଦି ଆଉ ତାଙ୍କ ତଳେ କୁନଦାଦି, ତା'ପରେ ମଣିଦାଦି ଆଉ ଫଣିଦାଦି| ସବା ଉପରେ ସାଧବାଣୀ ଆଉ ସବାତଳେ ସୁଲୋଚନା ବୋଲି ଦୁଇଟି ଝିଅ| ସମସ୍ତେ ବାହାତୋଳା ହୋଇ ଯିଏ ଯାହା ସଂସାରକୁ ନେଇ ବ୍ୟସ୍ତ| ବୋଉ କହେ ଧନେଶ୍ଵର ଜେଜେ କୁଆଡ଼େ କଲିକତାରେ ଚାକରି କରୁଥିଲେ, ବଡଝିଅ ଆଉ ଚାରିଚାରିଟା ପୁଅକୁ ଛାଡି ଭାନୁ ଜେଜେ ମା ବାଟକାଟିଲେ ଆରପାରିକୁ| ଜେଜେଙ୍କୁ ସେତେବେଳେ ପଚାଶ କି ପଞ୍ଚାବନ ବର୍ଷ| ସଉକିଆ ଜେଜେ କାଳେ ବର୍ଷଟାଏ ନପୁରୁଣୁ ଦ୍ଵିତୀୟ ବିବାହ କରିଥିଲେ ଷୋହଳ ବର୍ଷର ମାଧବୀ ଜେଜେମାଙ୍କୁ| ପାଞ୍ଚବର୍ଷ ମଧ୍ୟରେ ଗୋଟିଏ ପୁଅ ଆଉ ଗୋଟିଏ ଝିଅକୁ ଜନ୍ମଦେଇ ଜେଜେ ଚାଲିଗଲେ ଯକ୍ଷ୍ମାର ଶୀକାର ହୋଇ କିନ୍ତୁ ଏକୋଇଶି ବର୍ଷର ମାଧବୀ ଜେଜେମାଙ୍କୁ ଛାଡିଦେଇ ଗଲେ ଯନ୍ତ୍ରଣାର ନର୍କକୁଣ୍ଡରେ|

ଗୋଟିଏ ପଟରେ ଆଗ ସଉତୁଣୀର ପିଲାମାନେ ତାଙ୍କୁ ମା ବୋଲି ଗ୍ରହଣ କରିବାକୁ ନାରାଜ ତ ଅନ୍ୟପଟେ ଛୋଟଛୋଟ ପିଲାଙ୍କର ପାଳନପୋଷଣର ଚିନ୍ତା| ଘରେ ସିନା ଚାଉଳ ଗଣ୍ଡାକ ଅଛି କିନ୍ତୁ ବାକିଖର୍ଚ୍ଚ କୋଉଠୁ ଆସିବ| ଏମିତିବେଳେ ବେଢି ଉପରେ କୋରଡା ହେଲେ ଆଗ ସଉତୁଣୀର ମାଆ| ସେ ଆସି ରହିଲେ ଜେଜେମାଙ୍କ ପାଖରେ କାଳେ ସାବତ ମାତାଙ୍କ ନାତିନାତୁଣୀ ମାନଙ୍କୁ ହଇରାଣ ହରକତ କରିବ, ଏଇ ବାହାନା କରି| ଧୀରେଧୀରେ ବିଦ୍ରୋହର ମନ୍ତ୍ର ଫୁଙ୍କିଲେ ପିଲାମାନଙ୍କ କାନରେ ଫଳରେ ବାପା ଥିଲାବେଳେ ଯେଉଁମାନେ ମୁହଁକୁ ଚାହିଁବାକୁ ସାହସ କରୁନଥିଲେ ସେମାନେ ହାତ ଉଠାଇ ମାଡ ମାରିଲେ ସାବତ ମା' ଆଉ ତାର ପିଲାମାନଙ୍କୁ| ବାପଘର ଦୁର୍ବଳତା ଭଲଭାବରେ ଜାଣିଥିବା ଜେଜେମା ମାଡଗାଳି ଖାଇ ପଡି ରହିଥିଲା ଭାଗ୍ୟକୁ ଆଦରି| ପିଲାମାନେ ଧୀରେଧୀରେ ଅବାଟକୁ ଯାଉଥିବାର ଦେଖି ମଧ୍ୟ ଜେଜେମା ଚୁପ୍ ହୋଇ ରହିବାପାଇଁ ବାଧ୍ୟ ହେଉଥିଲା|

ଦିନ ଗଡିଚାଲିଲା| ପିଲାମାନେ ବଡହୋଇ ଯିଏଯାହାର ସଂସାର କଲେ| ନଟଦାଦି ଥିଲେ ସବୁଠାରୁ ଦୁର୍ଦ୍ଦାନ୍ତ| ମଦନଶାରେ ସବୁବେଳେ ବୁଡି ରହୁଥିଲେ| ସାହିଭାଇ ସମସ୍ତଙ୍କ ସହିତ ଝଗଡା| ସବୁଦିନ କାହାକୁ ମାରିଥିବେ ନହେଲେ କାହାଠାରୁ ମାଡଖାଇ ଘରକୁ ଫେରିଥିବେ| ଖୁଡୀ କହିଲେ ମାଡ, ଅସଭ୍ୟ ଭାଷାରେ ଗାଳି| ଜେଜେମା ପାଟି ଖୋଲିଲେ

ଗୋରୁଗାଈ ପରି ପିଟି ପକାଉଥିଲେ ତାଙ୍କୁ| ସାନଭଉଣୀ ଓ କଅଁଳା ପୁଅଟିକୁ ମଧ୍ୟ ବାଦ ଦେଉନଥିଲେ| ଏତେ ନିଷ୍ଠୁର ଥିଲେଯେ ତାଙ୍କ ପତ୍ନୀଙ୍କୁ ଥରେ ଶାବଳ ପକାଇ ଚଢି ଯାଇଥିଲେ| ବିଗୁରୀ ଲକ୍ଷ୍ମୀ ଖୁଡୀଙ୍କୁ ପଡୋଶୀମାନେ ଧରାଧରି କରି ଉଦ୍ଧାରକଲେ ସିନା ତାଙ୍କ ଅଣ୍ଟାଟି ସବୁଦିନ ପାଇଁ ଜଖମ ହୋଇଗଲା| ନଟ ଦାଦିଙ୍କର ଗୋଟିଏ ବୋଲି ପୁଅ ଦିବାକର| ସେ ଦାଦାଙ୍କର ଜୀବନ ହେଲେ ମଦ ପିଇଲେ ତାକୁ ବି ନିସ୍ତାର ନାହିଁ| ମାଡଗାଳରେ ଅତିଷ୍ଠ ହୋଇ ଭାଇମାନେ ଘରଛାଡି

ଅନ୍ୟତ୍ର ରହିବାକୁ ପସନ୍ଦ କଲେ| ଜେଜେମାଙ୍କୁ ଥରେ ଏମିତି ପିଟିପିଟି ଦରମରା କରିଦେଲେ ଯେ ସେ ରକ୍ତବାନ୍ତି କରି ପକାଇଲେ| ସେତେବେଳକୁ ତାଙ୍କ ନିଜ ପୁଅ ଅଠରବର୍ଷର| ମା' ର ଦୁର୍ଦ୍ଦଶା ଦେଖି ସେ ଆଉ ସଂଭାଳି ପାରିଲା ନାହିଁ, ପାଖଘର ଗୁହାଳରୁ ଟାଣିଆଣିଲା ଖଣ୍ଡେ ବାଉଁଶ, ଛଣ ବାଡେଇବା ପରି ବାଡେଇ ଦେଇ ଗଲା ନଟଦାଦିଙ୍କର ଗୋଡରୁ ମୁଣ୍ଡଯାଏ| ସାହିପଡିଶା ସମସ୍ତେ ଦେଖୁଥିଲେ ମଧ୍ୟ କେହି ସାହସ କଲେନାହିଁ ତାଙ୍କର ରୁଦ୍ରମୂର୍ତ୍ତି ଦେଖି| ମାଡଖାଇ ଅଚେତ ହୋଇ ପଡିଥାନ୍ତି ନଟଦାଦି, ମୁଣ୍ଡ ଫାଟି ରକ୍ତ ଧାରଧାର ହୋଇ ବୋହି ଯାଉଥାଏ, ଘର ଭିତରୁ ଜେଜେମା ର ହାତଧରି ଭିଡିଭିଡି ଆଣି ସାଇକେଲ ପଛରେ ବସାଇ ବାହାରିଗଲା ସାନଦାଦା| ସେଇଦିନଠୁ ଆଉ ତାଙ୍କର ଖୋଜଖବର ନାହିଁ| ଉଡାଖବର ମିଳିଥିଲା ସାନଦାଦା ସୈନ୍ୟବାହିନୀରେ ଯୋଗ ଦେଇଛନ୍ତି, ଜେଜେମାଙ୍କୁ କେଉଁଠି ବଂଧୁଘରେ ଛାଡି ଟ୍ରେନିଂରେ ଯାଇଛନ୍ତି, ସେଠାରୁ ଫେରିବାପରେ ପୋଷ୍ଟିଂ ହେଲେ ମାଙ୍କୁ ପାଖକୁ ନେବେ|

ସେଦିନ ସେଇ ଯେ ନିର୍ଘାତ ମାଡଖାଇ ମୁଣ୍ଡଫାଟି ଗୋଡ ଭାଙ୍ଗି ଯାଇଥିଲା ନଟଦାଦିଙ୍କର ସିଏ ଆଉ ଭଲ ହେଲେ ନାହିଁ| ମୁଣ୍ଡରେ ମାଡ ହୋଇଥିବାରୁ ତାଙ୍କର ବେଳେବେଳେ ମତିଭ୍ରମ ହେଲା, ଭଙ୍ଗା ଗୋଡଟି ଆଉ ଭଲଭାବେ ଯୋଡିହୋଇ ପାରିଲାନି ଫଳରେ ସେ ଆଉ କିଛି କାମଧନ୍ଦା କରି ପାରିଲେନି| ଅଭାବ ଲାଗି ରହିଲାରୁ ଖଣ୍ଡିଏ ଖଣ୍ଡିଏ ଜମି ବିକ୍ରୀ କରିବାକୁ ଲାଗିଲେ| ହାତକୁ ପଇସା ଆସିଲାରୁ ମଦପିଆ ବି ବଢିବଢି ଗଲା| ଏମିତି ଧୀରେଧୀରେ ସବୁଯାକ ଜମି ବିକ୍ରୀ ହୋଇଗଲା| ଦିବାକର ମଧ୍ୟ ପାଠଶାଠ ନପଢି ଅମଣିଷ ହେବାକୁ ଲାଗିଲା| ସେ ବି ଖରାପ ପିଲାମାନଙ୍କ ସହିତ ମିଶି ଲୁଚିଲୁଚି ସାଙ୍ଗ ମେଳରେ ମଦ ପିଇବାକୁ ଲାଗିଲା| ଶଯ୍ୟାଶାୟୀ ବାପାଙ୍କୁ ସେବା କରିବ କ'ଣ ମାଆକୁ ଧମକାଇ ପଇସାପତ୍ର ନେଇ ମଦ ଜୁଆରେ ଉଡେଇଲା| ସେମିତି ପଡ଼ିପଡି ନଟଦାଦି ଗୁଜ଼ିଗଲେ| ଘରଡିହ ଖଣ୍ଡିକ

ବିକ୍ରିକରି ଶୁଦ୍ଧିକାମ କଲେ ଖୁଡୀ। ଜେଜେମା ବଂଚଥିବା ଅବସ୍ଥାରେ କୁନଦାଦି, ବିନଦାଦି ଅଧା ବୟସରେ ରୋଗରେ ଯାଇଥିଲେ, ଫଣି ଦାଦି ଗଲେ ଟ୍ରକ ଧକ୍କାରେ, ଖୁଡୀ ମାନସିକ ଭାରସାମ୍ୟ ହରାଇ ବେକରେ ଦଉଡ଼ିଦେଇ ମଲେ। ଜେଜେମା ଫେରି ଆସିଥିଲେ ଗାଁକୁ ତାଙ୍କ ପୁଅ ଆଉ ତା'ର ପରିବାର ସହିତ। ଦୁର୍ଭାଗ୍ୟକୁ ତାଙ୍କ ଯୁଦ୍ଧ ଫେରନ୍ତା ପୁଅଟି ମଧ ମଦ୍ୟପାନରେ ଅଭ୍ୟସ୍ତ ହୋଇ ଦୂର୍‌ରୋଗ୍ୟ କ୍ୟାନସରରେ ପିଡିତ ହୋଇ ସାରିଥିଲା। ନଟଦାଦିଙ୍କର ଅନାଥ ପୁଅଟି ବାରଦୁଆର ଶୁଣ୍ଠିପିଣ୍ଡା ହେଉଥାଏ। ତାକୁଦେଖି ଜେଜେମା ଖୁବ୍ ଅସ୍ତବ୍ୟସ୍ତ ହେଉଥାନ୍ତି। ଯୋଗାଡଯନ୍ତ୍ର କରି ତାକୁ ଗୋଟିଏ ଗରିବଘରର ଝିଅ ଦେଖି ବାହାଘର କରେଇଦେଲେ। ଭାବିଥିଲେ ସଂସାର କଲେ ସେ କାଳେ ପରିବର୍ତ୍ତନ ହୋଇଯିବ। ନୂଆବୋହୂଟି ଆସିଲାପରେ କିଛିଦିନ ଖୁବ୍ ଭଲରେ ଚଳିଲା ଦିବାକର। ରୀତିମତ ମୂଲମଜୁରୀ କରି ସୁରୁଖୁରୁରେ ତା'ର ପରିବାର ଚଳେଇଲା। ଛଅମାସ ପରେ ଦିନେ କ'ଣହେଲା କେଜାଣି ସେ ବିଷପିଇ ଆତ୍ମହତ୍ୟା କରିଦେଲା। ସେତେବେଳକୁ ତା'ର ସ୍ତ୍ରୀ ଚାରିମାସର ଗର୍ଭବତୀ। ଏତେଗୁଡ଼ାଏ ଦୁଃଖ ବୋଧହୁଏ ଜେଜେମାଙ୍କ ହୃଦୟକୁ ଦୁର୍ବଳ କରି ଦେଇଥିଲା। ଖୁବ୍ କମ ଦିନରେ ସେ ହୃଦପାତରେ ପ୍ରାଣ ହରାଇଲା। ଗୋଟିଏ ଏତେବଡ ବଂଶ ଲୋପ ପାଇଗଲା ସମସ୍ତଙ୍କ ଆଖି ଆଗରେ।

ଏବେ ଦିବାକର ସ୍ତ୍ରୀର ପୁଅଟିଏ ହୋଇଛି। ବୋହୂଟିର ବାପ ନାହାଁନ୍ତି ତେଣୁ ତା'ର ମାଆ ଆଉ ସାନଭାଇ ଦୁଇଟି ଆସି ଜଗି ରହିଛନ୍ତି ତାକୁ। ସାଇଭାଇ ସମସ୍ତେ ଚେଷ୍ଟା କରୁଛନ୍ତି ବୋହୂଟିକୁ ଅଙ୍ଗନବାଡ଼ିରେ ରଖେଇ ଦେବାଲାଗି, ତାହେଲେ ଅନ୍ତତଃ ସେ ନିଜେ ବଞ୍ଚି ପିଲାଟିକୁ ବଞ୍ଚାଇ ପାରିବ। କେଜାଣି କାହାର ଅଭିଶାପ ପଡିଛି ସେ ବଂଶ ଉପରେ ଯେ କେହି ଜଣେହେଲେ ତିଷ୍ଠି ରହିପାରୁ ନାହାଁନ୍ତି। ଜଗନ୍ନାଥେ ଏଇ ଗୋଟିକୁ ହେଲେ ରକ୍ଷା କରନ୍ତୁ କହି ଦୁଇହାତ ମୁଣ୍ଡରେ ଲଗାଇ ପ୍ରଣାମ କଲା ବୋଉ। ଖଟିଆ ଉପରେ ଅନେକବେଳୁ ଶୋଇ ରହିଥିଲେ ବି ମୋ ଆଖିରେ ନିଦ ନଥିଲା। ଧାରଧାର ହୋଇ ଲୁହ ବୋହି ତକିଆଟି ଓଦା ହୋଇ ଯାଇଥିଲା ସେତେବେଳକୁ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

# ମୋ ମା'



ବିନ୍ଧ୍ୟାରାଣୀ ଦାଶ

ଅଛିଣ୍ଡା ସମ୍ପର୍କର ଡୋର
ମୋର ମୋ ମା ସହିତ...
ଏ ଦୁନଆ କୁ ଆସିବା ପୁର୍ବରୁ
ସୃଷ୍ଟି ହୋଇ ସାରିଥିଲା...
ନିଃସ୍ୱାର୍ଥପର ସ୍ନେହ
ଯିଏ ଶବ୍ଦ ବିନା ବୁଝିଯାଏ ଭାବନା
ଯାହା ପାଇଁ ମୋର ଅନାବନା ଶବ୍ଦର
କିଛି ଆବଶ୍ୟକତା ପଡି ନଥିଲା...।
ମୋର ଅକୁହା କଥା...
ମୋ ମନରେ ଅଙ୍କୁରିତ ଭାବନା
ଯାହାକୁ ବୁଝିବା ହୁଏତ
ମୋ ପକ୍ଷେ ସମ୍ଭବ ହୋଇ ନ ପାରେ
କିନ୍ତୁ ମୋ ମା...
ଅତି ସହଜରେ ଆୟତ୍ତ କରିନଏ
ମୋର ସବୁ ବିଡ଼ମ୍ବନା....।
ଅବୁଝା ଦୁନଆର ବୁଝାମଣା
ଦ୍ୱନ୍ଦ, ଦୋଷାରୋପ ଓ ଅଶିଷ୍ଟତା
ଯେତେବେଳେ ମୋ ହୃଦୟର
ପ୍ରତି ପୃଷ୍ଠା ଖଣ୍ଡ ବିଖଣ୍ଡିତ କରିଦିଏ
ସେତେବେଳେ ବିଛେଇ ପଡିଥିବା

ପ୍ରତି ପୃଷ୍ଠା କୁ ସାଉଁଟିବାରେ
ବିବ୍ରତ ମୋ ମା'...|
ତାର ସ୍ନେହ ଭରା ସ୍ପର୍ଶ...
ଜାବୁଡି ଧରିଥାଏ ମୋର ଅନ୍ତରଙ୍ଗକୁ
ମୋ ପାଦରେ କଣ୍ଟା ଫୁଟିଲେ
ଝରିଯାଏ ତାର ଛାତିରୁ ରକ୍ତ
ବିନା ଦ୍ୱିଧାରେ ଯେ
ସହି ଯାଏ ମୋର ସବୁ ଅର୍ଦଳିକୁ।
ପ୍ରତୀକ୍ଷଣେ ମୋ ମା...
ଜଗିଥାଏ ମୋର ବାଟକୁ
ଆକଟ କରିଥାଏ ମୋର ଚଲାପଥ
ମୋର ଆଖିରେ ଟିକଏ ଲୁହ ଦେଖିଲେ
ବହ୍ନନ ଉଠେ ତାର ଅନ୍ତରଙ୍ଗ
ମୋ ମା ଆହୂତି ଦିଏ
ତାର ବର୍ତ୍ତମାନ
ମୋର ଭବିଷ୍ୟତ ପାଇଁ...
ସୃଜନଶୀଳ ସୃଷ୍ଟିର ସୂତ୍ରଧାର
ଆତ୍ମା ଓ ପରମାତ୍ମା ମଝିରେ
ଜୀଅନ୍ତା ଦେବୀ ମୋ ମା ମୋ ପାଇଁ...।

କମିରା
ସୁବର୍ଣ୍ଣପୁର

# ମା' ଦଶଭୁଜା



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଶୁଭ୍ର ତଟିନୀ କୂଳେ
ଶୁଭ୍ର କାଶତଣ୍ଡୀ ଖେଳେ
ଶରତ ର ଆଗମନ ଏ ଧରଣୀ ବୁକୁରେ,,
ଧରଣୀ ହୋଇଛି ସଜ
ସଜାଇ ସବୁଜ ଶେଯ
ତୁମରି ସ୍ୱାଗତ ପାଇଁ ଆସ ମାଗୋ ସଧୀରେ।।
ନୀଳ ଗଗନ ଦିଶଇ କେଡେ ନିର୍ମଳ
ପ୍ରାତଃ କାଳର ସମୀର ଲାଗେ ଶୀତଳ,,
ଶ୍ୟାମଳ ଦୂର୍ବାଦଳରେ
ଟୋପା ଟୋପା ଶିଶିରରେ
ବିଛୁରିତ ହୀରା କିବା ଦିବାକର କରରେ।।
ଧରାରେ ବଢି ଗଲିଛି କେତେ ଯେ ପାପ
ଅବଳା ଦୁର୍ବଳା ମନେ ବଢେ ସନ୍ତାପ,
ଆସ ମାଆ ଅବତରି
ଖଣ୍ଡା ଖର୍ପର ଧରି
ନାଶିବାକୁ ଦୁଷ୍ଟ ରିପୁ ତୁମରି ସେ ହାତରେ ।।
ପ୍ରତି ହୃଦରେ ମହିଷା ଜନ୍ମିଛି ଆଜି
ସତ୍ୟ ଧର୍ମ କ୍ଷମା ନ୍ୟାୟ ଯାଇଛି ହଜି,,

ଧର୍ମ ସଂସ୍ଥାପନା ପାଇଁ
ଆସ କାଳୀ ରୂପ ନେଇ
ସାଧୁ ସନ୍ଥ ତୁମ ଗାଥା ଗାଆନ୍ତୁ ଏ ଭୂମିରେ।।
ମୁହିଁ ଅକଞ୍ଚନ ଜାଣି ନାହିଁ ତୋ ପୂଜା
କ୍ଷମା କରିଦେବୁ ମୋତେ ମା' ଦଶଭୁଜା,,
ଭ୍ରଳ ତୋ ବାଳୁତ ସୁତ
କୋଳ କରି ନେବୁ ମାତ
ବେନ ପାଣି ଯୋଡି ଅଳ କରୁଛି ଶ୍ରୀପୟରେ ।।

ଚକାପଦା, ବେଗୁନଆ, ଖୋର୍ଦ୍ଧା

ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:

editor.vedantimagazine@gmail.com / vedantimagazine@gmail.com

# ଗୋପ ଗାଆଁ ବୋହୁ



ଡ. ଅର୍ଜୁନ ଚରଣ ବାରିକ୍


ଗୋପ ଗାଆଁ ବୋହୁ ର୍ଧ ପଦେ ମନ ର୍ଟ ରହ ନିରନ୍ତର ।
ଗୋପ ଗାଆଁ ଧୂଳି ଶିରେ ହୋଇ ବୋଳ ଜୀବନ ସାର୍ଥକ କର ।୧।
ଗୋପ ଗାଆଁ କଳା ଚାନ୍ଦ ସେ ମୁକୁନ୍ଦ ଗୋବିନ୍ଦ ଶ୍ୟାମ ସୁନ୍ଦର
ଗୋପ ଗାଆଁ ବାଳୀ ମନର ହୀଆଳୀ ବନମାଳୀ ସୁରେଶ୍ୱର ।୨।
ଗୋପ ଗାଆଁ ବାଳ ନନ୍ଦର ଦୁଲ୍ଳ କଳା କଉତୁକ ସ୍ମର
ଗୋପ ଗାଆଁ ଯୁବର୍ଜ ମନ ଭଜ ଭବ କ୍ଲେଶ ହେବ ଦୂର ।୩।
ଗୋପ ଗାଆଁ ର୍ଟ ସେ ନନ୍ଦ ସମ୍ରାଟ ପୟରେ କୋଟୀ ଯୁହାର
ଗୋପ ଗାଆଁ ମହାର୍ଣୀ ଯଶୋମତୀ କୁମର ଯାର ଶ୍ରୀଧର ।୪।
ଗୋପ ଗାଆଁ ବାଳସୂର୍ଯ୍ୟ ଦେର୍ଜ ଚତୁର୍ଭୁଜ ନଟ ବର
ଗୋପ ଗାଆଁ ଚର ସବୁଜ ପ୍ରାନ୍ତର ଅନ୍ତରେ ଶ୍ରୀର୍ଧା ବର ।୫।
ଗୋପ ଗାଆଁ ପାଣି ପବନରେ ମନ ସତତ ଭ୍ରମଣ କର
ଗୋପ ଗାଆଁ ଧେନୁ ବତ୍ସା ହୀତକାରୀ ଶ୍ରୀନରହରି ସୁମର ।୬।
ଗୋପ ଗାଆଁ ଗୋବର୍ଦ୍ଧନ ଗିରିଧର ଚନ୍ତରେ ମନ ପାମର
ଗୋପ ଗାଆଁ ଝର୍ ଶେଫାଳୀ ବାସନା ନାସିକା ଆଘ୍ରାଣ କର
ଗୋପ ଗାଆଁ ସୁଖ ହରି କଳା ମୁଖ ଶ୍ରୀକୃଷ୍ଣ ଜଗଦୀଶ୍ୱର
ଗୋପ ଗାଆଁ ସାର୍ ବାଜଇ ନଗର୍ କୃଷ୍ଣ କାଳେ ର୍ଇ ବର ।୮।
ଗୋପ ଗାଆଁ ସନ୍ଦ୍ରେସେଣା ହୋଇ ବାହା  ହୋଇଗଲ୍ ସାତ ପର
ଗୋପ ଗାଆଁ ଲଳନା ଶ୍ରୀ ପୟରେ ମନ ନିରନ୍ତରେ କର ଘର ।୯।

ଗୋପ ଗାଆଁ ଗୋପିନାଥ ର୍‌ଧାକାନ୍ତ ଶ୍ରୀପତି ଶ୍ରୀମତୀ ବର
ଗୋପ ଗାଆଁ ମୁକତି ପସର୍‌ ହରି ଜଗତ କରେ ଉଦ୍ଧାର ।୧୦ ।
ଗୋପ ଗାଆଁ ଗୋପାଳୁଣି ପଦ ପଙ୍କଜରେ ମାନସ କହର
ଗୋପ ଗାଆଁ ମାଟି ପକାଇ ସାଉଣ୍ଟି ବୋଳ ହୁଅ ଶିର ତାର ।୧୧ ।
ଗୋପ ଗାଆଁ ମୁର୍ଚ୍ଛନା କାଳଆ ସୁନା ଉଚ୍ଛନ୍ନ କରେ ସଂସାର
ଗୋପ ଗାଆଁ ନଈ ଭସାଣି କହଇ ଶୁଣିଣ ଯା ବଂଶୀ ସ୍ୱର ।୧୨ ।
ଗୋପ ଗାଆଁ ଯମୁନା ପୁଳୀନେ ଭ୍ରମେ ସ୍ତ୍ରେ ନନ୍ଦ କୁମର
ଗୋପ ଗାଆଁ ଭ୍ରମ ମନ କରି ଶ୍ରମେ ଭେଟ ହେବେ ବେଣୁଧର ।୧୩ ।
ଗୋପ ଗାଆଁ ସାହା ର୍‌ହା ଚଉବାହା ଶ୍ରୀକୃଷ୍ଣ ନନ୍ଦ କଶୋର
ଗୋପ ଗାଆଁ ସୁଖ ସାଗର ଶ୍ରୀଧର ମୋହନ ମୂରଲୀଧର ।୧୪ ।
ଗୋପ ଗାଆଁ ଭ୍ରମଇ ମାନସ ପଟେ ଶିଶୁ ଅର୍ଜୁନ ପାମର ।
ଗୋପ ଗାଆଁ ବନ ଉପବନ ପାଶେ ରଖ ମୋତେ ର୍‌ଧା ବର ।୧୫ ।

ଅଧାପକ, ଇଂର୍‌ଜୀ ଭ୍‌ଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍‌ ନମ୍ବର ହେଲ୍‌ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁର୍‌ୋଧ ପତ୍ରିକାଟି ପଢ଼ିସାରିବା ପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# କରୋନା ଭାଗବତ-୫



ଶମ୍ଭୁନାଥ ଦାସ

ସତ୍ୟ ତ୍ରେତୟା ଯେ ଦ୍ୱାପର । କଳଯୁଗ ତ ତାହା ପର ॥
କଳ ହୋଇଲ୍ ଯୁଗ ଭିନ୍ନ । ତା ମଧ୍ୟେ ପ୍ଲାଷ୍ଟିକ ବିଜ୍ଞାନ ॥
ପ୍ଲାଷ୍ଟିକ ହେଲ୍ ଯେ ଭୀଷଣ । ପରିବେଶରେ ପ୍ରଦୂଷଣ ॥
ଯୁଗ ବିଜ୍ଞାନ ଅଗ୍ରଗତି । ଜନେ ଲଭନ୍ତି ସୁଖାନନ୍ଦ ॥
ନୀତି ଯେ ହୁଏ ପଥ-ଭ୍ରଷ୍ଟ । ଜୀବନ ଜୀବିକା ବିନଷ୍ଟ ॥
ପ୍ରଥମ ଆଉ ଯେ ଦ୍ୱିତୀୟ । ବିଶ୍ୱଯୁଦ୍ଧକୁ କର ଲୟ ॥
ନାଗାସାକି ଓ ହିରୋସୀମା । ଧ୍ୱଂସ-ବିଧ୍ୱଂସ କଲ୍ ବୋମା ॥
ଅଣୁର ସୂକ୍ଷ୍ମତମ ଅଂଶ । ପରମାଣୁ ସେ ବଡ ବିଷ ॥
ସେ ପରମାଣୁ ରସାୟନ । ଆଘାତେ ବିନାଶ ଯେ ପ୍ରାଣ ॥
ପରମାଣୁ ଯେ କରାୟତ୍ତ । ପ୍ରୟୋଗେ ବିନାଶ ନିଶ୍ଚିତ ॥
ଏବେ ଅଦୃଶ୍ୟ ଯେ କରୋନା । ସୃଷ୍ଟି କରିଛି ଯେ ଚାଇନା ॥
ଯେମନ୍ତ ଅବୈଧ ସନ୍ତାନ । ଜନନୀ ତା କୁତ୍ସାରଟନ ॥
ସେମନ୍ତ ଏହି ଯେ କରୋନା । ବେଷ୍ଟନ ନାହିଁ ସମ୍ଭାବନା ॥
ଏହି ଭୂତାଣୁ ମହାମାରୀ । ସ୍ପର୍ଶରେ ସଂକ୍ରମିତ ଘାରୀ ॥
ଏମନ୍ତ ଘାରିଅଛି କୀଟ । ସମଗ୍ର ବିଶ୍ୱ ଭୟଭୀତ ॥
ଏ ଛାର କବି ତ ଭୟରେ । ଆଶ୍ରିତ ପ୍ରଭୁ ଶ୍ରୀପୟରେ ॥
ଉଦ୍ଧାର କର ନାରାୟଣ । ସୃଷ୍ଟିର କର୍ତ୍ତା ଯେ ଆପଣ ॥
ପଞ୍ଚମ ଅଧ୍ୟାୟର ଭାଷ । ବିନୀତ ଶମ୍ଭୁନାଥ ଦାସ ॥

ମୁଖ୍ୟ ସଂପାଦକ:"ଅଭିଯାନ"
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ
କୋଲକତା

# ଅଶ୍ୱସ୍ଥାମା ହତ
# (ଏକ ଅଣୁ ଗଳ୍ପ)



ବିଜୟ କୁମାର ଜେନା

ଗଣେଶ ଆମର ଗଜବଦନ ସହ ଅଗ୍ରପୂଜ୍ୟ ହେଇ ରହିଲେ। ଯେଉଁଠି ମୁଣ୍ଡଟିଏ ଦରକାର, ସେଇଠି ବିଚରା ହାତୀ ହିଁ ବଳି ପଡୁଛି। ହାତୀ ଯେମିତି ସମସ୍ତ ଇନ୍ଦ୍ରଜାଲ'ର କାଉଁରୀ କାଠି - ଗୋଟେ ପ୍ରତିନିଧି।

କେତେବେଳେ ଗଜପତିଙ୍କ ଗଜ, ପୁଣି କେତେବେଳେ ଦ୍ରୋଣ ପରି ସେନାପତିଙ୍କୁ ନିରସ୍ତ୍ର କରିବା ସକାଶେ କେଉଁ ସତ୍ୟବାନ ଯୁଧିଷ୍ଠିର ରାଜାଙ୍କ ମିଛ ଘୋଡ଼େଇବା ପାଇଁ ନିରୀହ ବଳପଶୁ। କେତେବେଳେ ବିଶ୍ୱକର୍ମା ପୂଜା କି ଲକ୍ଷ୍ମୀ ପୂଜାରେ ମଞ୍ଚ ଉପରେ ଶୁଣ୍ଢ ଉଠାଇ ଠିଆହୋଇ ଥିବା ମୂର୍ତ୍ତି, କେତେବେଳେ କୋଉ ରାଜନୈତିକ ଦଳର ଚିହ୍ନ। ପୁଣି କେତେବେଳେ ରାଜ ଐଶ୍ୱର୍ଯ୍ୟର ପ୍ରତୀକ। ଏହି ଗଳ୍ପରେ ଆମେ ଯେଉଁ ହାତୀକୁ ବାଛିଛୁ, ଧରାଯାଉ, ସେ ଆମ ପଡ଼ୋଶୀ ରାଜ୍ୟ ମଣି ପାଟଣା ରାଜ୍ୟର ଅର୍ଥ ବ୍ୟବସ୍ଥା ଓ ଜି ଡି ପି।

ଏବେ ମଣି ପାଟଣା ରାଜ୍ୟର ଯେଉଁ ନୂଆ ରାଜା, ଚତୁର୍ବର୍ଣ୍ଣ ରାୟ ବାହାଦୁର ରାଜ ସିଂହାସନରେ ବସିଛନ୍ତି, ତାଙ୍କର ଭାରି ସଉକ ହେଉଛି ହାତୀ ପାଳିବା। ତାଙ୍କର ସବୁଠାରୁ ପ୍ରିୟ ହାତୀ'ର ନାଆଁ ବି ଅଶ୍ୱସ୍ଥାମା। ସେଇ ହାତୀ'ର ଲାଳନ ପାଳନ ପାଇଁ, ରାଜା ଜଣେ ସୁଶିକ୍ଷିତ ମାହୁନ୍ତ ସହ ଏକ ବିଶେଷ ହାତୀଶାଳ ଓ କିଛି ବିଶେଷଜ୍ଞ ଦଳଙ୍କୁ ନିଯୁକ୍ତି ଦେଇଥାନ୍ତି।

ସେଇ ବର୍ଷ ଧାନକଟା ଋତୁ ପରେ ପରେ ହିଁ, କଣ ହେଲା କେଜାଣି ଅଶ୍ୱସ୍ଥାମା ହାତୀ ବେମାର ପଡ଼ିଲା। ହାତୀଟିର ବଞ୍ଚିବା ଆଶା ଦ୍ରୁତ ଗତିରେ କ୍ଷୀଣ ହୋଇ ଆସିଲା। ହାତୀଟିର

ସ୍ୱାସ୍ଥ୍ୟ ଅବସ୍ଥା ଦେଖି, ରାଜାଙ୍କ ପଶୁ ଚିକିତ୍ସକ ନିଶ୍ଚିତ ହେଇଗଲେ ଯେ - ଜୀବଟିର ଶେଷ ସମୟ ପାଖେଇ ଆସୁଛି।

ହାତୀ ବିଷୟରେ ଏକଥା ଶୁଣିବା ମାତ୍ରେ, ରାଜା ଚତୁର୍ବର୍ଣ୍ଣ ରାୟ ବାହାଦୁର ଭୀଷଣ ଭାବରେ ମର୍ମାହତ ହେଲେ। ଅତ୍ୟନ୍ତ ଭାବପ୍ରବଣ ହେଇ ଆଦେଶ ଦେଲେ, -"ମୋ ପ୍ରିୟ ହାତୀ ବଞ୍ଚି ରହିବା ଦରକାର। ତେଣୁ, ଯେ କେହି ବି ଯଦି ମୋ ପ୍ରିୟ ହାତୀ ଅଶ୍ୱସ୍ଥାମା'ର ମୃତ୍ୟୁ ଖବର ମୋତେ ଶୁଣେଇବ, ତାର ହେବ ମୃତ୍ୟୁ ଦଣ୍ଡ !!"

ସମସ୍ତ ପ୍ରକାର ଚିକିତ୍ସା ଓ ଯତ୍ନ ସତ୍ତ୍ୱେ, ଦିନେ ଅଶ୍ୱନକ ହାତୀଟି ମରିଗଲା।

ବର୍ତ୍ତମାନ ଚିକିତ୍ସକ ପ୍ରହରୀ ଓ ପରିଚାରକ ମାନଙ୍କ ଭିତରେ ଭାଳେଣି ପଡ଼ିଲା, ଯେ କିଏ ଏହି ଖବର ନେଇ ରାଜାଙ୍କୁ ଜଣେଇବ !! ଯା ଭିତରେ ରାଜଧାନୀ ମଣିପୁର ର ସମସ୍ତ ପ୍ରଜା ଏ ଦୁଃସମ୍ବାଦ ବିଷୟରେ ଜାଣି ସାରିଲେଣି। ଏକଥା ରାଜାଙ୍କ କାନରେ ପହଞ୍ଚିବା ପାଇଁ ଆଉ ବେଶି ବିଳମ୍ବ ହେବନାହିଁ। ଏବଂ ତାପରେ, ମାହୁନ୍ତ ସମେତ ସମସ୍ତ ଚିକିତ୍ସକ ଓ ପାରିଚାରକ ମାନେ ଯେ, କଉଳ ଦଣ୍ଡିତ ହେବେ, କଳ୍ପନା କରି ନେଇଥିଲେ ସେମାନେ ସମସ୍ତେ। ତେଣୁ ସମସ୍ତେ ମିଳମିଶି ମସ୍ତିଷ୍କ ମନ୍ଥନ କରି, ହାତୀର ମାହୁନ୍ତକୁ ରାଜାଙ୍କ ପାଖକୁ ପଠେଇଲେ।

ମାହୁନ୍ତ ଦରବାରରେ ପହଞ୍ଚି ରାଜାଙ୍କୁ ଅଭିବାଦନ କରି କହିଲା, - "ମହାରାଜ, ଛାମୁଙ୍କ ପ୍ରିୟ ହାତୀ ଆଜି ସକାଳୁ ଉଠୁନାହିଁ। ନା ସେ ପାଣି ପିଉଛି, ନା ସେ କିଛି ଖାଉଛି !! ପ୍ରିୟ ହାତୀ ଅଶ୍ୱସ୍ଥାମା ନିଶ୍ୱାସ ପ୍ରଶ୍ୱାସ ବି ନେଉନାହିଁ।"

ମାହୁନ୍ତର କଥା ଶୁଣିବା ସାଙ୍ଗେ ସାଙ୍ଗେ ରାଜା ସ୍ୱତଃ କହି ପକାଇଲେ, -"ତାହେଲେ ମୋ ପ୍ରିୟ ହାତୀ'ଟି ମରିଗଲା ??"

ରାଜାଙ୍କ ମୁହଁରୁ ଏତିକି ଶୁଣିବା ମାତ୍ରେ, ମାହୁନ୍ତ କହି ପକାଇଲା, -"ମହାରାଜ ସେକଥା ମୁଁ କହି ପାରିବି ନାହିଁ..."

ବର୍ତ୍ତମାନ ଠିକ୍ ଏହି ଅବସ୍ଥା, ସେ ରାଜ୍ୟର ଅର୍ଥ ବ୍ୟବସ୍ଥା ଓ ଜି ଡି ପି' ର। ସରକାରଙ୍କ ଅର୍ଥମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ ପାରିଷଦ ମାନେ, ହାତୀର ମରଣ ଖବର ପରି, ରାଜ୍ୟର ଅର୍ଥ ବ୍ୟବସ୍ଥା ବିଷୟ; ରାଜାଙ୍କୁ ନିଜ ନିଜ ଢଙ୍ଗରେ ଦେଇ ଆସୁଛନ୍ତି ସିନା; ହାତୀ ଟି ମରିଗଲା ବୋଲି କେହି ବି କହୁ ନାହାଁନ୍ତି ଯେମିତି, ଠିକ୍ ସେମିତି, କେହି କହୁ ନାହାଁନ୍ତି ଯେ ରାଜ୍ୟର ଅର୍ଥ ବ୍ୟବସ୍ଥା ନଷ୍ଟ ହେଇ ଯାଇଛି।

ମଣି ପାଟଣା ରାଜ୍ୟ ଠାରୁ ଆମ ଦେଶର ଦୂରତା ଆଉ କେତେ କି ? ସେଇ ଏକା ପ୍ରକାରର ରାଜନୀତି ଏଇଠି ବି ଚାଲିଛି। ଦେଶର ଅର୍ଥ ବ୍ୟବସ୍ଥା ଧୂଳିସାତ୍; କିନ୍ତୁ ସିଧା ସଳଖ ଲୋକଙ୍କୁ ସତକଥା ଜଣେଇବାର ସତ୍ ସାହାସ ମନ୍ତ୍ରୀ ପାରିଷଦ ମାନଙ୍କ ପାଖରେ ନାହିଁ। କିଛି ରାଜ୍ୟର ନିର୍ବାଚନ ଆଗକୁ ଆସୁଛି ଯେ !!

ବାମନଯୋଡି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଲୁହ



ରଶ୍ମୀ ବାଳା ଶତପଥୀ

ଲୁହ ମୋର ସାଥୀ ଚିର କାଳର
ଯେମିତି ଦୁଃଖ ମୋର ସାଥି ସବୁ ବେଳର।

ଜଣେ ନାହିଁ କାହିଁ ମୁଁ ଯେ ଅଟେ ହତଭାଗ୍ୟ
ଭାଗ୍ୟ କୁ ଆପଣେଇ ନେଇଛି ଭାବି ସୌଭାଗ୍ୟ।

ନୟନ ର ଅଶ୍ରୁ କେବେ ଦେବା ନାହିଁ ଧୋକା,
ଅଶ୍ରୁ ବିନା ସବୁ ଏଠି ତୁଚ୍ଛ ମରୀଚିକା।

ଜୀବନ ର ବାସ୍ତବତା ମୋ ପାଇଁ ଯେ ଲୁହ
ରାତ୍ରୀ ର ଏକାନ୍ତରେ ସେ ସାଜେ ମୋ କୋହ।

ଦୁଃଖର ବେଦନା କାହାକୁ କହି ମୁଁ ପାରେନା
ନିରବତା ଭଲ ଲାଗେ  କାହିଁ ମୁଁ ଜାଣେନା।

ଓଠର ହସ ଆଉ ଛାତିର କୋହ
ଏଇତ ଜୀବନ ମୋର ସାଥୀ ମୋ ଲୁହ।

ଲୁହର ସେ ଅସରାଏ ବର୍ଷା ରେ
ମନ ଶିଖି ନୃତ୍ୟ କରେ ଦୁଃଖ ପ୍ରାଙ୍ଗଣରେ।

ଖରା ବର୍ଷା ଶୀତ ସବୁବେଳେ ଥାଏ,
ମନର ଅକୁହା କଥାକୁ ଗୁପ୍ତି ଧରିଥାଏ।

ସାଥୀ ମୋ ଦୁଃଖର ସାଥି ମୋ ସୁଖର
ଲୁହ ତମେ ମୋର ସ୍ୱପ୍ନ ର ସାଗର।

ଯାଜପୁର ଟାଉନ୍, ଯାଜପୁର

# କିଛି ଅବାସ୍ତବ ଇଚ୍ଛା



ସୌଭାଗ୍ୟ ଗିରି

ବେଳେବେଳେ ଇଚ୍ଛା ହୁଏ
ଚୁପଚାପ୍ ବସି ତୁମ କଥା ଭାବିବାକୁ,
ମନ କାନଭାସ୍ ରେ ତୁମ ଚିତ୍ର ଆଙ୍କିବାକୁ,
ତୁମ ଠିକଣାରେ ମୋ ଠିକଣା ହଜେଇଦେବାକୁ ,
ସଂପର୍କର ସେ ଅଦୃଶ୍ୟ ସୂତାରେ ଛନ୍ଦି ହୋଇ
ପ୍ରେମର ଲୁଚକାଳି ଖେଳ ଖେଳିବାକୁ,
ଫିକା ଫିକା ଜହ୍ନ ଆଲୁଅରେ ପ୍ରେମପତ୍ର ଲେଖିବାକୁ ।

ବେଳେବେଳେ ଇଚ୍ଛା ହୁଏ
ତୁମ ହାତରେ ହାତଛନ୍ଦି ଜୀବନର ବାଟ ଚାଲିବାକୁ,
ତୁମ ସ୍ୱପ୍ନର ତାଜମହଲରେ ରାଣୀ ସାଜିବାକୁ,
ତୁମ ପାଖେ ସ୍ୱାଧୀନତା ହରାଇ ଦେବାକୁ,
ଅମର ପ୍ରେମ କାହାଣୀ ଲେଖିବାକୁ ।

ବେଳେବେଳେ ଇଚ୍ଛା ହୁଏ
ବର୍ଷାର ସେ ରିମଝିମ୍ ସ୍ୱର ଶୁଣିବାକୁ,
ଅଦିନିଆ ବର୍ଷାରେ ଭିଜି ମତୁଆଲା ହେବାକୁ,
ତୁମ ବାହୁ ବନ୍ଧନରେ ବାନ୍ଧି ହୋଇ ରହିବାକୁ,
ଘଣ୍ଟାରେ ହାତ ଦେଇ ସମୟକୁ ସେଇଠି ଅଟକେଇ ଦେବାକୁ ।

ବେଳେବେଳେ ଇଚ୍ଛା ହୁଏ
ପୂର୍ଣ୍ଣମୀ ରାତିରେ ଖୋଲା ଆକାଶ ତଳେ ବସିବାକୁ,
ତୁମ କୋଳରେ ମଥାରଖି ଜହ୍ନକୁ ଚାହିଁ ରହିବାକୁ,
ଆଞ୍ଜୁଳା ଆଞ୍ଜୁଳା କରି ଜ୍ୟୋତ୍ସ୍ନା ପିଇବାକୁ,
ତୁମ ଶାଶ୍ୱତ ସ୍ନେହକୁ ସାଉଁଟିବାକୁ,
ଆଉ ଶେଷରେ ସେ ଅନ୍ତରଙ୍ଗ ମୁହୁର୍ତ୍ତ ଗୁଡାକୁ
ଫ୍ରେମ୍ ରେ ସାଇତି ରଖିବାକୁ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କରୁଣ ବହ୍ନି

ଜୟଶ୍ରୀ ମେହେର

ଅତିତର ପୃଷ୍ଠା ଓଲଟାଇଲେ
ଏତେ କରୁଣର ଚିହ୍ନ ଦେଖି
ଆଖି ମୋର ନିସ୍ତବ୍ଧ ସାଜିଛି ।
କରୁଣ ଚିତ୍କାର ଶୁଣି ଶୁଣି
କାନ ଆଜି ବଧିର ।
କେତେ ବା ସହିବ ଏଇ
ସୁକୁମାରୀ ଧରିତ୍ରୀ ।
ଦି ପଟ ରୋଟି ଖୋଜି ଖୋଜି
ପେଟରେ ଓଦାକନା ଦେଇ
ମାଆ କୋଳରେ ଶୋଇ ଶିଶୁଟି
ସ୍ୱପ୍ନ ଦେଖୁଛି ଭବିଷ୍ୟତ ପାଇଁ ।
ଦିମୁଠା କଉଳି ଯୋଗାଡିବେ
ବାପା ଯାଇଛି ବିଦେଶକୁ ।
ସାଥିରେ ଆଣିବ ପୁଳା ପୁଳା ଟଙ୍କା
କହି ମାଆ ନିର୍ବୋଧ ଶିଶୁକୁ
ସାନ୍ତ୍ୱନା ଦେଉଛି ।
ନିଜ କୋଳରେ ଶୁଆଇ ପିଠିକୁ ଆଉଁଶି
କେବଳ ସ୍ୱପ୍ନ ଦେଖାଉଛି ତା ଛୁଆକୁ ।
କେମିତି ଛାତାକୁ ପଥର କରି ସହିବ
ଏଭଳ ଦୃଶ୍ୟ ଦେଖି ।

ବନୁପାଲି ଜିଲ୍ଲା ବରଗଡ଼

# ଉଆଁସୀ କନ୍ୟା



ସନ୍ତୋଷ ପଟ୍ଟନାୟକ

ଉଆଁସର ଅର୍ଥ ଚନ୍ଦ୍ରହୀନ ତିଥି
ଘମାଘୋଟ ଅନ୍ଧକାର
ଏହି ତିଥି ଟିରେ ଜନ୍ମିଲେ କନିଆଁ
ଫାଟିଲ୍ କପାଳ ତାର
ହିନ୍ଦୁଙ୍କ ଶାସ୍ତ୍ର ବିଗ୍ଭର
ବେଳା ନକ୍ଷତ୍ର ଶୁଭ ଗର୍ଭ ଧାରେ
ସନ୍ତାନ କୋଷ୍ଠୀ ବିଗ୍ଭର...୦

ଅନ୍ଧବିଶ୍ୱାସରେ ଗଢ଼ାଏ ବିଗ୍ଭର
କୁହଇ ବିଜ୍ଞାନ ଯୁଗ
ଉଆଁସୀ କନ୍ୟାର ଅଳପେଇସା ବର
ଅଛି ଢଗର ସମ୍ଭାର
କର ନାହିଁ ଅନାଦର
ସଂସ୍କାର ଗୁଣରେ ହିନ୍ଦୁଙ୍କ ସଂସ୍କୃତି
ଅନ୍ୟଥା ନକର ବିଗ୍ଭର...୧

ଉଆଁସୀ ହାତରେ ବନ୍ଧା ନୁହେଁ ପତି
ବନ୍ଧା ନୁହେଁ ତା' ଆୟୁଷ
ବିଧି ବିଧାନର ମାଧ୍ୟମ ଅଟଇ
ଏ କ' ଅବା ତାର ଦୋଷ

ଅଜ୍ଞାତ ସର୍ବ ଆୟୁଷ
ଏଥିପାଇଁ ଦାୟୀ ନୁହଁଇ ଉଆଁସୀ
ଦାୟୀ ନଜ କର୍ମ ଦୋଷ...୨

ସବୁରି ବିଶ୍ବରେ ନହିତ କାରଣ
ଗଢ଼ିଛି ବିଧାତା ଜାଣ
ଉଆଁସୀ ହେଲେବି ମଣିଷରେ ଗଣା
ନୁହେଁ ସେ ସମାଜେ ଘୃଣ୍ୟ
କର୍ମ ବଳେ ଜନ୍ମ ଜାଣ
ନନ୍ଦନୀୟ ନୀତି ଅପକର୍ମେ ଗଣା
ଭୋଗିବ ପୁଣି କଷଣ ....୩

ଗଞ୍ଜାମ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଏମିତି ବି ହୁଏ-୨



ସତ୍ୟବ୍ରତ ସାହୁ

ଡିସେମ୍ବର ମାସର ଏକ ସନ୍ଧ୍ୟା । ସମୟ ୫ଟା ୪୦ ହେବ । ମୁଁ ଡ୍ୟୁଟି ସାରି ଘରକୁ ବାହାରି ଥାଏ । ମୋ' ବାଇକ୍ ନଥିଲା। ବୈତରଣୀ ରୋଡ଼ରୁ ଷଠିପୁର ଯିବାକୁ ଭାରି ଅସୁବିଧା। କାରଣ ଏହି ସମୟରେ କୌଣସି ଗାଡ଼ି କ ଅଟୋ ମିଳବନ ଯିବାପାଇଁ । ଭାବିଲି ଲିଫ୍ଟ ମାଗି ଚାଲିଯିବି ଷଠିପୁର ପର୍ଯ୍ୟନ୍ତ। ପ୍ରବଳ ଶୀତ ପଡିଥାଏ । ତାପରେ ରାତିବି ହେଲାଣି । କଟି କଟି ଅନ୍ଧାର ସାରା ଜଗତକୁ ମାଡ଼ି ବସିଥାଏ । କଛି ଦିଶୁ ନଥାଏ । ମୁଁ ଚାଲିବା ସହିତ ଆସୁଥିବା ଗାଡ଼ିର ଆଲୁଅକୁ ଦେଖି ଲିଫ୍ଟ ପାଇଁ ହାତ ମାରୁଥାଏ । କନ୍ତୁ କେହି ବି ଅଟକୁ ନଥାନ୍ତି। କେତେ ଗାଡ଼ିକୁ ହାତ ମାରିଲା ପରେ ଏକ ପ୍ରକାର ବିରକ୍ତ ହୋଇଯାଇଥାଏ। ଏମିତିରେ ଗୋଟେ କଲୋମିଟର ଚାଲିଆସିଥାଏ । ସେହି ସମୟରେ ରେଳ ଫାଟକ ଉଠିଲା । ଆଗ ପଛ ହୋଇ ୧୦-୧୫ଟି ଗାଡ଼ି ଆସିଲା। କେହି ଜଣେତ ଲିଫ୍ଟ ଦେବ, ଏହି ଆଶାରେ ହାତ ମାରିଲି ପୁଣିଥରେ । କନ୍ତୁ କେହି ଅଟକୁ ନଥାନ୍ତି। ଏମିତିବି ଏକା ଏକା ଯାଉଥିବା ଯୁବକମାନେ ବି ରହୁ ନଥାନ୍ତି । ଭାବିଲି ସତରେ କ'ଣ କାହାର ଟିକଏ ବି ମାନବିକତା ନାହିଁ । ମୁଁ କେତେ କାହାକୁ ଲିଫ୍ଟ ଦେଇଛି ତାର ହିସାବ ନାହିଁ। ମୋତେ ଯିଏ ବି ଲିଫ୍ଟ ମାଗେ ମୁଁ କାହାକୁ ମନା କରେନା। ଅଥଚ ମୋ' ବେଳକୁ ସମସ୍ତେ ନର୍ଦ୍ଦୟ । ଭାବିଲି ଆଉ କାହାକୁ ଲିଫ୍ଟ ମାଗିବିନ । ଚାଲି ଚାଲି ଯିବି। ସେହି ସମୟରେ ୧୫-୨୦ ମିଟର ଆଗରେ ଗୋଟେ ସ୍କୁଟି ଅଟକଲା। କେହିଜଣେ ଲିଫ୍ଟ ଦେବେ ଭାବି ଗାଡି ପାଖକୁ ଏକ ପ୍ରକାର ଦୌଡ଼ ଗଲି । ଗାଡ଼ି ପାଖରେ ପହଞ୍ଚି ଆଶ୍ଚର୍ଯ୍ୟ ତଥା ବିସ୍ମିତ ହେଲି। କାରଣ ମୋତେ ଲିଫ୍ଟ ଦେବାକୁ ଗାଡ଼ି ଅଟକାଇଥିବା ଚାଳକ ଜଣକ ଥିଲେ ଜଣେ ଝିଅ । ଟିକେ ଅଡୁଆ ଲାଗିଲା। ଭାବିଲି ଝିଅଟିଏ କେମିତି ରହିଗଲା ଲିଫ୍ଟ ଦେବାପାଇଁ। ଝିଅଟି ପଚାରିଲା, କୁଆଡ଼େ ଯିବେ ? ଷଠିପୁର, କହିଲି ମୁଁ । ସେ କହିଲା, ମୁଁ ଷଠିପୁର ଯିବିନ । ରାଣୀଗୋଡା ପର୍ଯ୍ୟନ୍ତ ଯିବି। ବସନ୍ତୁ ମୁଁ ରାଣୀଗୋଡା ପର୍ଯ୍ୟନ୍ତ ନେଇଯିବି ନଚେତ ଷଠିପୁରରେ ଛାଡିଦେବି। ଦୋ ଦୋ ପାଞ୍ଚ ହୋଇ ଗାଡ଼ିରେ ବସିଲି । ମୋ'

ହ୍ୟାଣ୍ଡବ୍ୟାଗଟି ମଝିରେ ରଖିଲି ଯେମିତି ଭୁଲରେ ବି ତା' ଦେହରେ ମୋ' ଦେହ ନବାଜେ। ଚାରି କିଲୋମିଟର ରାସ୍ତା ମଧ୍ୟରେ ଆମ ଭିତରେ ଅଳ୍ପ କଥାବାର୍ତ୍ତା। ପଚାରିଲା, ଷଠିପୁରରୁ କୁଆଡ଼େ ଯିବେ ? ମୁଁ କହିଲି, ଯାଜପୁର ଟାଉନ୍ ପୁଣି ଟାଉନରୁ ବସ୍ ଧରି ଅହିୟାସ । ମୋ' ଅସୁବିଧା କହି ସାରି ତାକୁ ପଚାରିଲି, ତମେ ମୋତେ ଲିଫ୍ଟ ଦେବାକୁ କେମିତି ରହିଗଲ ? ଡର ଲାଗିଲାନି ? ସହଜେତ ରାତି ତାପରେ ତମେ ଝିଅ ପିଲା ଏକା ଅଛ, ଆଜିକାଲି ସମୟ ଯାହା ତଥାପି ତମେ ମୋତେ ଲିଫ୍ଟ ଦେବାକୁ ରହିଲ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ଝିଅଟି କହିଲା, ଆପଣଙ୍କୁ ଏକା ଛାଡି ଆସିବାକୁ ମୋ' ବିବେକ ମନା କଲା । ମୁଁ ଅନୁଭବ କଲି ଆପଣ କହାତି ଆସୁବିଧାରେ ପଡି ଲିଫ୍ଟ ମାଗୁଛନ୍ତି । ତାପରେ ମୁଁ ତ ଏକା ଥିଲି । ଆପଣଙ୍କୁ ଆଣିବାରେ କଛି ଆସୁବିଧା ନଥିଲା । ଆପଣ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି? ମୁଁ କହିଲି, ହଁ ସବୁ ଦେବାଦେବୀଙ୍କୁ ଭକ୍ତି ଓ ବିଶ୍ୱାସ କରେ । ଜଗନ୍ନାଥଙ୍କୁ ହୃଦୟର ଈଶ୍ୱର ବୋଲି ମାନେ । ଝିଅଟି କହିଲା, ମୁଁ ବି ଈଶ୍ୱରଙ୍କୁ ବିଶ୍ୱାସ କରେ ଆଉ ଏକଥାବି ବିଶ୍ୱାସ କରେ ଯେ, ଈଶ୍ୱର କେବେ କାହାର ଅମଙ୍ଗଳ କରନ୍ତି ନାହିଁ । ସେହି ବିଶ୍ୱାସରେ ଆପଣଙ୍କୁ ଆଣିଲି । ଭାରି ଭଲ ଲାଗିଲା ଝିଅଟିର ସାହସ, ଉଦାରତା ଓ ଈଶ୍ୱର ବିଶ୍ୱାସ ଜାଣି । ଇତି ମଧ୍ୟରେ ଆମେ ପହଞ୍ଚି ଯାଇଥିଲୁ ରାଣୀଗୋଡା ପାଖରେ। ଝିଅଟି କହିଲା, ଚାଲନ୍ତୁ ଷଠିପୁରରେ ଛାଡ଼ି ଦେବି । ଶୀତରାତିରେ ଝିଅଟିକୁ ବେଶି ଅସୁବିଧାରେ ନପକାଇବା ପାଇଁ ଚାହିଁଲି । ତେଣୁ ମନାକଲି। ସୌଭାଗ୍ୟକୁ ଲିଫ୍ଟ ମିଳଗଲା ସଙ୍ଗେ ସଙ୍ଗେ। ଝିଅଟିବି ପଳାଇଲା । ମୋର କଛି ଅସୁବିଧା ହେଲାନି। ଭଲରେ ଘରେ ପହଞ୍ଚିଲି।

ଏଭଳ ଶୀତରାତିରେ ଝିଅଟିଏ ଲିଫ୍ଟ ଦେବ ଏ ବିଶ୍ୱାସ ମୋର ନଥିଲା। ଝିଅଟିକୁ ମନେ ମନେ ବହୁତ ଧନ୍ୟବାଦ ଦେଲି । ଏପରି ଦୟାର୍ଦ୍ର ବ୍ୟକ୍ତିମାନଙ୍କୁ କେବେ କଛି ବିପଦ ନପଡୁ ବୋଲି ଈଶ୍ୱରଙ୍କୁ ପ୍ରାର୍ଥନା କଲି। ଚାରିବର୍ଷ ତଳର ଏ ଘଟଣା ଏବେ ମନେ ପଡିଲେ ମନକୁ ମନ କହିଦିଏ, ହଁ..ବେଳେବେଳେ ଏମିତି ବି ହୁଏ ।

ପଲ୍ଲୀସାହି, କମାଳପୁର,

ଅହିୟାସ, ଯାଜପୁର

# ଜଣେ ମଦୁଆର ଉକ୍ତି



ଡ. ଜ୍ଞାନେଶ୍ୱର ମିଶ୍ର

ମଦ ! ହେ ମୋର ପ୍ରୟତମ ମଦ !!
ମୁଁ ତୋର ଚର ବଶମ୍ବଦ
ତୁ ମୋ ମିତଣୀ ଓ ମିତ
ସଦାବେଳେ ଗାଏ ତୋ ଯଶ ସଂଗୀତ
ତୋ ମୁ ଶାନ୍ତି, ତୁ ମୋ ପ୍ରୀତି
ତୁ ମୋ ମୁକ୍ତି, ତୁ ମୋ ଶକ୍ତି
ତୁ ମୋ ସ୍ଥିତି, ତୁ ମୋ ଗତି
ତୁ ମୋ ରତି, ତୁ ମୋ ସ୍ମୃତି

ତୁ କରିଥାଉ ମୋ ହୃଦ ନିର୍ବିକାର
ତୋ ବିନା ଏ ଜୀବନ ଅସାର, ବେକାର
ତୁ ଥିଲେ ଅସତ୍ୟ ମୁଖରୁ ନ ହୁଏ ବାହାର
ଧ୍ୟାନ ନଥାଏ ବସ୍ତୁବାଦ ଜଗତର
ନାରୀ ଧର୍ଷଣ ଓ ହତ୍ୟା ଯେତେ ସବୁ ଅଶ୍ଳୀଳ ସପନ
ତୋ ଶକ୍ତି ବଳରେ ଏ ବାସନା କରେ ମୁଁ ପୂରଣ
ମାଡ, ଗାଳି, ଗୋଇଁଠା ଯୋତାର ପାହାର
ଭୁଲିଯାଏ ଜେଲ ଭୟ, ତୋ ଗୁଣ ଅପାର
ବିପଦେ ହସାଉ ତୁ ସଂପଦେ ରଙ୍ଗାଉ

ରାଜା, ପ୍ରଜା, ଯନ୍ତ୍ରୀ, ମନ୍ତ୍ରୀ ସବୁରି ପାଶରେ ତୁ ଥାଉ
କଏ ପ୍ରେମ କରେ, କଏ ଘୃଣା କରେ ତୁ ଅବିଚଳ ରହୁ

ତୋର ଶତ୍ରୁ ଅବା ମିତ୍ର ସମସ୍ତଙ୍କୁ ମୃତ୍ୟୁ କରିବ କବଳ
ତେବେ ତୋତେ ଛାଡି କାହିଁକି ମୁଁ କରିବୀ ଜୀବନ ନିଷ୍ଫଳ

ମଦ ! ହେ ମୋର ପ୍ରିୟତମ ମଦ !!
ତୋ ନିକଟରେ ମୁଁ ଚର ବଶମ୍ବଦ । ।

୪୯/୫/ଏଚ୍-୫୫,
କାର୍ଲ ମାର୍କ୍ସ ସରଣୀ, କୋଲକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ରେଣୁ



ତ୍ରିପତି ପ୍ରଧାନ

ପାଦ, ପାଦୁକା କୁ
ମସ୍ତକେ ମୁଣ୍ଡାଇ
ପଡିରହି ପଥପରେ
ଧୈର୍ଯ୍ୟଭର୍ ଗୃହାଣୀରେ
ଘୁର୍ଣ୍ଣି ଝଡର ଭଉଁରୀରେ
ଘୁରିବୁଲେ
କାହିଁ କେତେଦୂର
ଉଡିଗ୍ଲେ
ଝଡବତାସର
ପ୍ରଖର ଝଡରେ
ଭ୍ସିଗ୍ଲେ
ଗ୍ରୀଷ୍ମର କାଳ ବୈଶାଖୀରେ
ଆଷାଢ଼ ଶ୍ରାବଣର
ଧାର୍ ବରଷାରେ
ଦୁବଘାସର
କୁଞ୍ଚିତ କେଶ ବିନ୍ୟାସରେ
ତଥାପି
ମାନେ ନାହିଁ ହାର
ପ୍ରାଣୀ ଜଗତର
ପଦ, ପାଦପର
ସ୍ୱର୍ଣ୍ଣ ଟିକକ ପାଇଁ
ଜାତହୁଏ ଚଳାପଥେ
ବାରମ୍ବାର

ସଂସ୍କୃତ ଶିକ୍ଷକ, ଚକଟି

# ଅନାଥ ମଣିଷ



ରାମ ଚନ୍ଦ୍ର ପ୍ରଧାନ

ଯାଯାବର ପରି ଅନାଥ ମଣିଷ
ହୋଇଥାଏ ବାଟବଣା
ସ୍ୱପ୍ନ ବିଭୋରିତ ମନେ ଆଶା ବାନ୍ଧି
ଖୋଜେ ତା' ସ୍ଥାୟୀ ଠିକଣା ।
ବାପା ମାଆ ଭାଇ ବନ୍ଧୁ ସହୋଦର
ନାହାନ୍ତି ତା' ପାଖେ କେହି
ଅସହାୟ ଭଳ ଜୀବନ ଦୋଛକେ
କାନ୍ଦେ ଦିନରାତି ସେହି ।
ମାଆର ମମତା ବାପାଙ୍କର ସ୍ନେହ
ପାଇନାହିଁ ସିଏ କେବେ
ଭାଇ ଭଉଣୀଙ୍କ ଆଦର ନ ପାଇ
ନିଜକୁ ଅନାଥ ଭାବେ ।
ଏତେ ବଡ଼ ଏଇ ଦୁନିଆ ବୁକୁରେ
ହଜି ଯାଏ ତା'ର ଲୟ
ଜୀବନ ବାଟରେ ଏକା ସେ ବାଟୋଇ
ଅନାଥ ତା' ପରିଚୟ ।
ତଥାପି ହାରିନି ସଂଘର୍ଷ କରୁଛି
ସମାଜେ ବଞ୍ଚିବା ପାଇଁ
ନିୟତିର ଖେଳେ କଣ୍ଢେଇଟେ ସାଜି
ହୁଏ ଖାଲି ଧଇଁସଇଁ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ସନ୍ଧ୍ୟା



ବୈଦ୍ୟନାଥ ପଣ୍ଡା

ସନ୍ଧ୍ୟା ଗୋ ତୁମେ        ଗୋଧୂଳି ବେଳାର
ଶ୍ୱେତ୍ ଚଇତାଳି ହସ
ବସନ୍ତ ଋତୁର        ବିରହ ପ୍ରେମର
ବଣ ମଲ୍ଲୀ ଫୁଲ ବାସ
ସନ୍ଧ୍ୟା ଗୋ ତୁମେ................ ||

ଅଜାଣତେ ତୁମେ        ମୋ ମନ କାନନେ
ଘରଟିଏ ତୋଳଦେଲ
ବିନିଦ୍ର ଚକ୍ଷୁରେ        ତନ୍ଦ୍ରା ଭରିଦେଇ
ପ୍ରୀତି ସ୍ୱପ୍ନ ଦେଖାଇଲ
ତୁମ ପାଇଁ ଆଜି        ପ୍ରେମର ନଇଟା
ଦିଶେ ଭରି ହସ ହସ
ସନ୍ଧ୍ୟା ଗୋ ତୁମେ................ ||

ତୁମ ଆଗମନେ        ବିଦାୟୀ ସୂର୍ଯ୍ୟରେ
ନାଲି ରଙ୍ଗ ଖେଳଯାଏ
କଳା ପାଟ ପିନ୍ଧି        ଆସ ଯେବେ ତୁମେ
ମନ ମୋର ନାଚ ଯାଏ
ଅଧିରେ ବିଭୋରେ        ତନୁ ମନ ମୋର
ଡାକ କହେ ପ୍ରିୟା  ଆସ
ସନ୍ଦ୍ୟା ଗୋ ତୁମେ.............. ||

ତୁମ ପାଇଁ ଆସେ ପ୍ରାଚୀ ଭ୍ରଗେ ଜହ୍ନ
ଦୂର ପାହାଡ଼କୁ ଡେଇଁ
ଗ୍ଚତକ ମନ ମୋ ଅଧୀର ଆତୁର
ତୁମକୁ ଛୁଇଁବା ପାଇଁ
ପ୍ରତାରିତ ମୋର ବିଧୁର ଓଠରେ
ତୁମେ ପ୍ରଣୟର ହସ
ସନ୍ଧ୍ୟା ଗୋ ତୁମେ.................॥

ଅବଦଲ ପୁର, ଯାଜପୁର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସାହାର୍



ପ୍ରଣତି ପାଣିଗ୍ରାହୀ

ସେ ଦିନ ସନ୍ଧ୍ୟାରେ ଶ୍ରୀ ମନ୍ଦିର ପାଟ ଅଗଣା ରେ ବସି ଟିକେ ଥକ୍କା ମେଣ୍ଟାଉଥାଏ। ଏମିତି ରେ ତ ବଡଦେଉଳ ରେ ଗହଳ କେବେ ଊଣା ନଥାଏ, ସେଥିରେ ପୁଣି ତିନଦିନ ଛୁଟି ଥିବାରୁ ପ୍ରବଳ ଲୋକଙ୍କ ଭିଡ଼, ଭିଡ ଭିତରେ ଠେଲାପେଲା ହୋଇ ଟିକେ ଦିଅଁ ଙ୍କୁ ଦର୍ଶନ କରିବାରେ ଯୋଉ ଆନନ୍ଦ ମିଳେ ତାହା ଅବର୍ଣ୍ଣନୀୟ ହେଲେ ବି ଏବେ ଆଉ ଭିଡ ଭିତରେ ବେଶି ସମୟ ରହିପାରୁନ। ଧଇଁ ସଇଁ ଲାଗୁଛି। ସେଥିପାଇଁ କାଳଆ ଙ୍କୁ ଦର୍ଶନ ସାରି ଟିକେ ବସି ପଡ଼ିଲି, ହାଲିଆ ଟିକେ କମିଲେ ବାକି ଦିଅଁ ଙ୍କୁ ଦର୍ଶନ କରିବା କୁ ଯିବି ବୋଲି। ପ୍ରାୟ କୋଡିଏ ମିନଟ ଭିଡ ରେ ଠିଆ ହୋଇ ଝାଳରେ ଓଦା ହୋଇଯାଇଥିବା ଶାଢ଼ୀ ଟି ମୋର ସୁଲୁସୁଲିଆ ପବନ ରେ ଶୁଖି ଗଲାଣି। "ଏଥର ଯିବା" - କହିଲେ ମୋ ସ୍ୱାମୀ ଅଭିନାଶ ମିଶ୍ର। "ନାଇ ମ, ମୁଁ ପରା ଏ ଯାଏଁ ଦର୍ଶନ ସାରିନ। ତରତର କାହିଁକି ହଉଚ? ରାତି ଭୋଜନ ପ୍ରସ୍ତୁତ କରିସାରିଛି। ଆଉ ଟିକେ ବସ ଯିବା, ଘରେ ଯାଇ କଣ କରିବା ଯେ?"- ମୁଁ କହିବାରୁ ସେ ହଁ ଭରିଲେ ଆଉ ଘେରାଏ ବୁଲି ଆସୁଚ କହି ଚାଲିଗଲେ। ମୁଁ ବି ଅନ୍ୟ ମନ୍ଦିର ଦର୍ଶନ ପାଇଁ ବାହାରୁଥିଲା ବେଳେ ଦେଖିଲି ପତିତପାବନ ବାନା ବନ୍ଧା ହେବ ତ ଆଉ ଟିକେ ସମୟ ବସିଗଲି। ଜଗନ୍ନାଥ ଙ୍କ ଦୟା ରୁ ପୁରୀରେ ଘରଟିଏ କଣିଚୁ ଆଉ ସ୍ୱାମୀ ଙ୍କ ଅଫିସ୍ ଛୁଟି ହେଲେ କେବେ କେମତି ମନଟାକୁ ହାଲକା କରିବା ତଥା ଠାକୁରଙ୍କୁ ଦର୍ଶନ କରିବା ପାଇଁ ଆସି ଯାଉଛୁ। ଏବେ ତିନଦିନ ଛୁଟି ଥିବାରୁ ଆସିଗଲୁ। କଣ ଆଉ କରନ୍ତୁ ଯେ, ଦିନ ସାରିବାକୁ ତ ଆଉ କେହି ନାହାଁନ୍ତି ଯାହା ସହ ଟାଇମ ସ୍ପେଣ୍ଡ କରନ୍ତୁ। ତେଣୁ ପୁରୀ ଚାଲିଆସୁ । ଜଗା କୁ ଅନେଇ ଆଖିରୁ ଦୁଇ ଧାର ଲୁହ ଝରେଇ ଦେଲେ ମନର ସବୁ ବୋଝ ହାଲକା ହୋଇଯାଏ।

ମୋ ପାଖରେ ଦୁଇ ତିନ ଜଣ ସ୍ତ୍ରୀ ଲୋକ ବସି କଣ କଥା ହେଉଥାନ୍ତି। ମୁଁ କାହା ସହ ଏତେ କଥାବାର୍ତ୍ତା ହେବାକୁ ପସନ୍ଦ କରେନ। ବୋଧେ ମୋ ବୟସ ର ହେବେ କ କଣ, ପାଖରେ ବସିଥିଲେ ତ ସେମାନଙ୍କ କଥା ଗୁଡାକ କାନ ରେ ପଡ଼ିଥିଲା। ଭାରି intresting ତ ଟପିକ୍ ତେଣୁ ସେପଟକୁ ମନଟା ଘୁଞ୍ଚିଗଲା। ସେମାନଙ୍କ କଥା ଭାଷା ରୁ ଜଣାପଡୁଥିଲା ସେମାନେ ବୋଧେ ପ୍ରତି ମାସ ରେ ପୁରୀ ଆସନ୍ତି, କଣ ଗୋଟେ ତେର ଯାତ କରୁଛନ୍ତି। ସେମାନଙ୍କ ଭିତରୁ ଜଣେ କହୁଥିଲା, "ଶୁଣୁଚୁ ରୀତା ନାନ, ଏଇ ଯାତ ସରିବା ପରେ ଆମେ ପୁରା ତିନବର୍ଷ ପାଇଁ ପୁରୀ ରେ ରହିଯିବା ଲୋ। ଯୋଉ ଘରଟି ବର୍ଷିକଆ ନେଇଛେ ତାକୁ ତିନବର୍ଷ ପାଇଁ ଭଡା ରେ ରଖିଦେବା ଆଉ ପୁରା ତିନବର୍ଷ ଏଠି ରହିଯିବା। ଆଉ ଗାଁ କୁ ଜମା ଯିବାନ।" ଆଉ ଜଣେ ତାଙ୍କ ଭିତରୁ କହିଲା, "ହଁ ହେ ମୀରା ଅପା, ସେମିତି ହିଁ କରିବା। ନା କଣ କହୁଛ ରୀତା ଅପା?" ଆଉ ଜଣକ କହିଲା "ମୁଁ କାହିଁକି ମନା କରିବି ମୋ କ ଜଞ୍ଜାଳ ଅଛି କ?" ଘରେ କଏ କୋଉ ସୁଖ ପାନ୍ତି କଲେ ....। ତାଠୁ ଭଲ ଏଠି ରହିବା। ଶାନ୍ତିରେ ଖାଇ ପିଇକ ରହୁଚେ ତ। ନଏତି ଭଗବାନ ଙ୍କ ଦର୍ଶନ ପାଇବା ତ, କାହିଁକି ଆଉ ସେ ଜଞ୍ଜାଳ ରେ ଘାଣ୍ଟି ହେବା ଲୋ....?"

ଶେଷ ଜଣକ କଥାରେ ଖୁସି ହୋଇ ପ୍ରଥମ ଦୁଇଜଣ ଭିତରୁ କେହି ଜଣେ କହିଲା,"ହଁ ମ...ପୁଅ ବୋହୁଙ୍କ ଯୋ ଆଦର ନା। ଏମାନେ କ ସାହାରା ଦେବେ ବା......। ତାଠୁ ଭଲ ଗୋଡ଼ ହାତ ଚଲୁଥିଲା ଯାଏଁ ଏଠି ହିଁ ଶାନ୍ତି ରେ ରହିବା। ଘରେ ପାଖରେ ବସି କଏ ଟିକେ ଦୁଃଖ ସୁଖ ହଉଛନ୍ତି ନା କଣ ଯେ, ନା କଏ ଟିକେ ଆଦର କରିଛନ୍ତି ଯେ, କାହିଁକି ତା ତଳଆ ହୋଇ ରହିବା?"

ତା କଥା ରେ ଆଉ ଜଣେ ହଁ ମିଶାଇ କହିଲା,"କ କଥା କହୁଚୁ ଅପା, ଗୁହକରି କଣ ଟିକେ କରିଛନ୍ତି ବୋଲି ବୋହୁମାନଙ୍କ ଯୋଉ ବହପ ମା...ଲୋ..... ଦେଖିକ ସହି ହଉନ। ଆମେ ଆଉ ବୋହୂ ହେଉନଥିଲେ କ? ଏମାନଙ୍କର ରଙ୍ଗ ଢଙ୍ଗ ଗ୍ଲଳ ଚଳନ ଛି...ଛି.... ଅଲାଯୁକୀ ଗୁଡାକ। ମୁଁ ପରା ଟିକେ କଣ କହିବି କହିଲେ କହୁଛନ୍ତି, "ଏଡ଼େ ପାଟି କରନ, ଘର କଥା ଦାଣ୍ଡ ରେ ପକାଇବ ନା କଣ? ସମାଜ ରେ ଆମର ପୁଣି ପ୍ରେଷ୍ଟିଜ୍ ଅଛି କ ନାହିଁ?"

ଆର ସ୍ତ୍ରୀ ଲୋକଟି କହିଲା, ହଁ ଲୋ ନାନୀ ଆଉ କହନା ଆପଣା ସୁନା ତ ଭେଣ୍ଡି ଆଉ କହିବା କାହାକୁ, ଆମର ପୁଅମାନେ ତ ମାଇପ- ଗୁମଗୁ ହେଉଛନ୍ତି ଲ, ମାଇକନା ସବୁ କାମ କରିପାରେନ ବୋଲି ଏମାନେ ତାଙ୍କୁ help କରନ୍ତି। ଛି... ଛି... ମାଇ ତେଲିଆ ଗୁଡାକ ଲାଜ ସରମ ସବୁ ଛାଡ଼ି ଦେଲେଣି। ଆମ ଅଣ୍ଟିରୁ ମାନଙ୍କୁ ଗୁ ପାଣି ଟିକେ ଫୁଟେଇ ବାର ଆସୁଛି ନା? କାହିଁକ ବା ଆସିବ ମରଦ ପୁଅ ର କାମ କ ଏଗୁଡ଼ିକ। ଏ..... ମା.... ଏବେ ତ ଯାହା ହଉଛନ୍ତି ଦେଖୁକ ସହି ହଉଛି କ ଲୋ....। ମୁଁ କଛି କାମ କରେନ ବୋଲି ବୋହୂ ଟିକେ ଗଜଗଜ ହୁଏ। ମୁଁ କାହିଁକ କରିବି? ଏବେ ଗୋଡ଼ ଉପରେ ଗୋଡ଼ ପକେଇ ବସି ଖାଇବା କାମ ମୋର।" "ହଁ ଲୋ ଝରଣା, ଜୀବନ ଟା ଯାକ ଟା ଖଟି ଖଟି ଆସିଲେ, ଏବେ ବୋହୂ ଆଣିଲେ ଖଟେଇବାକୁ। ଆମେ କାହିଁକ କରିବା? ଯାହା କାମ ସିଏ କରୁ ନକରୁ, ଆମକୁ ଭଲ କରି ଗଣ୍ଡେ ଖାଇବାକୁ ମିଳଲେ ସରିଲା। ଏମିତି ରେ ଘରେ କାହିଁକ ରହିବା? ତାଠୁ ଭଲ ଏଇଠି ହିଁ ରହିଯିବା। ଏମିତି କା କଥା ଶୁଣି ବୋଧେ ଆଉ ଜଣେ ସହିପରିଲାନ କହିଲା,"ହୁଁ.... ଫୁଲ ଗୁନ୍ଥି ମାଗି ଖିଆ ଭଳ କାହିଁକ ରହିବା? ଆମର କଣ ପ୍ରେଷ୍ଟିଜ ନାଇ ନା ସମ୍ପତ୍ତି ନାଇ ବା। କଣ ତାଙ୍କର ଦରମା କୁ ଗୁହିଂଚେ କ? ଆମ ଶଶୁର ସମ୍ପତ୍ତି ଆମେ ଖର୍ଚ୍ଚ କରିବା। ଆମର ଖରଚ ପାଇଁ ହକ ଟଙ୍କା ଆଣିବା ଆଉ ବିନ୍ଦାସ ରେ ରହିବା।"

ମୁହଁ କୁ ଟିକେ ସୁଖେଇକ ବୋଧେ ଆଉ ଜଣେ କହିଲା, "ହେଲେ ଆମର ଏଇ ମରଦ ଗୁଡାକ ଶୁଣିଲେ ତ...?" ଆର ଜଣକ କହିଲା ସୁନବେନ କାହିକ? ନ ଶୁଣିଲେ ନାଇ, ଯଦି ସେମାନଙ୍କ ପୁଅ ବୋହୁଙ୍କ ପ୍ରେମ ଉଛୁଳ ପଡୁଛି ସେଠିକ ଏଠିକ ହଉଥିବେ। ତୁ ଜାଣିନୁ କ ପରବତ ପଗ ଦୂର କୁ ସୁନ୍ଦର! ଆମେ ଏଠାରେ ରହିଲେ ତାଙ୍କୁ ବି ଭଲ ଆମକୁ ବି।"

ତାଙ୍କର ଏଇ କଥା ଗୁଡାକ ଶୁଣି ଗୋଟେ ବୁଢ଼ୀ ଆସି କହିଲା,"ହଇ ଲୋ ..... ଅପରଛନଆ କଥା ଗୁଡାକ ହଉଚ ଲୋ ମନ୍ଦିର ବେଢାରେ ବସିକ?"- ଏକଥା ଶୁଣି ତିନ ଜଣ ଯାକ ଏକା ଥରକେ, "ଆରେ ପରି ବଡ଼ ମା ଯେ"- କହି ଉଠିଲେ ।" ହଁ ବା ମୁ ଗାଁ ଛାଡି ଆସିଯାଇଛି ବୋଲି ତମ କଥା ଭୁଲି ଯାଇଛି ଭିବୁଛ କ? "ହଇ ଲୋ ମୀରା, ତୁ ସେବା କରିଛୁ ଲୋ ? ପରାଲେଶିସ୍ ରେ ପଡ଼ିଥିବା ଶାଶୁ କୁ ତ ପାଳ କରି ରଖୁଥିଲ ଛ

ବୋହୂ । ହେଲେ ବି ତୁ କୋଉ ସେବା କରିଛୁ ବା ...! ତୋ ଗିରସ୍ତ ଟା ମା ର ସବୁ କାମ କଲା ବୋଲି ବୁଢ଼ୀ ର ଦିନ ସରିଲା । ଆଉ ରୀତା, ତୋ କଥା କାହାକୁ ଅଛପା? ବଡ଼ ଘରୁ ଝିଅ ଆଣିଛି ବୋଲି ଶାଶୁ ତୋର କେଡ଼େ ଆଦର କରୁ ଥିଲା ତୋତେ ହେଲେ ତୁ କଣ କଲୁ; ମେଡିକାଲ ରେ ପଡ଼ିଲା ଯେ ତା ପୁଅ ଟା କୁ ବି ଯିବା କୁ ଦେଲୁ ନ । ବିଚରା ବୁଢ଼ୀ ଟା ପୁଅ କୁ ଝୁରି ଝୁରି ସେପାରି କୁ ଚାଲି ଗଲା । ସେଇ ବଡ଼ ବୋହୂ କୁ ପଚାରୁ ନଥିଲା ସିନା ସିଏ ତ କେତେ ସେବା କଲା ବୁଢ଼ୀ ର। ଚରିତ୍ରହିନ କାମ ଗୁଡାକ କରି ମହାନ୍ତି ଘର ନାଁ ପକେଇଥିଲୁ । ଛି ...ଛି..! ଆଉ ଝରଣା,ତୁ କୋଉ ବୋହୂ ପଣିଆ ଦେଖେଇଛୁ ବା, ଏବେ ବୋହୂ ଖଟେଇବୁ କହୁଛୁ ? ମୁଣ୍ଡରୁ ଦୁବ ଚାଉଳ ନ ଖସୁଣୁ ବାପା ମା ଠୁ ପୁଅ କୁ ଦୂରେଇ ଦେଲୁ । କ ବିଷ ବୁଣିଲୁ କେଜାଣି ସୁନା ଘର ଟାକୁ ଚୁନା କରିଦେଲୁ । ଅର୍ଜନଆ ପୁଅ କୁ ଦୂରେଇ ଦେଲୁ ବାପା ଠୁ । ସାନ ଝିଅ କୁ ଧାର କରଜ କରି ହାତ କୁ ଦି ହାତ କଲା ତୋ ଶଶୁର । ନଣନ୍ଦ ବାହାଘର କୁ ବି ଗଲୁନ । ଏମିତି କା ହରଚଣ୍ଡି ବୋହୂ ଲୋ ତୁ । ମୁଁ ଚହ୍ନିନ ଭାବୁଛୁ ! ଆରେ ତମ ମାନଙ୍କ ର ଭାଗ୍ୟ; ଚାକରି ବାକରି କରି ବି ତମ ବୋହୂ ମନେ ରାନ୍ଧି କ ଦେଉଛନ୍ତି, ଘରେ ରଖିଛନ୍ତି । ଛି ..ଛି... ନିର୍ଲଜ ଗୁଡାକ। ମନ୍ଦିର ବେଢ଼ା ରେ ବସି ବୋହୂ ନାଁ ରେ ବାଛକୁଟ ହେଉଛ ।ଏମିତି ଧରମ କରିବାକୁ ଆସିଛ ପୁରୀ ?

ଏତେ ସମୟ ଯାଏଁ ମୁ ସବୁ ଶୁଣୁ ଥାଏ। ବୁଢ଼ୀ ଲୋକ ଟି ର ଗୁଡାକ ବହୁତ ଭଲ ଲାଗିଲା । ବୁଢ଼ୀ ଚାଲିଯିବା ପରେ ସେଇ ସ୍ତ୍ରୀ ଲୋକ ମାନେ ବି ଚାଲିଗଲେ । ସ୍ୱାମୀ ଆସିନଥିବା ରୁ ମୁଁ ବସି ରହିଲି ଆଉ ସେଇ ସ୍ତ୍ରୀ ମାନଙ୍କର କଥା ଗୁଡାକ ଭାବୁଥିଲି । ଯୋଉ ସାହାରା ଟିକକ ପାଇଁ ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଏତେ ମନସ୍ତାପ ଭିତରେ ରହୁଛୁ, ଶେଷ ଜୀବନ କପରି କାଟିବୁ ଭାବୁଛୁ ଏମାନଙ୍କର ସାହାରା ଥାଇ ବି ଏମାନେ ଏମିତି କାହିଁକ ଭାବୁଛନ୍ତି କେଜାଣି ? ଛୁଆ ପିଲା ନାହିଁ ବୋଲି ସମାଜ ରେ ମୁଁ କେତେ ଯେ ନନ୍ଦିତ ହୋଇଛି ମୋତେ ଜଣା । ଆଉ କାହା କଥା ଛାଡ ମୋ ଶାଶୁ ତ ମୋ ତେ 'ଆଣ୍ଠୁ କୋଡି'; ଯା ମୁହଁ ଚାହିଁ ଲେ ଅଶୁଭ ବୋଲି କହନ୍ତି । କୋଉ ଶୁଭ କାମ ରେ ମୋତେ ପାଖ ମଡ଼େଇ ଦିଅନ୍ତନ। କେତେ ଡାକ୍ତର ଙ୍କ ପରାମର୍ଶ ନେଲୁ ହେଲେ ଯାହା କପାଳ ରେ ସନ୍ତାନ ସୁଖ ନାହିଁ ତାକୁ ମିଳବ କୁଆଡୁ ?

ପୌଷ୍ୟ ପୁତ୍ର ଗ୍ରହଣ କରିବାକୁ ଅମଙ୍ଗ ହେଲେ କାରଣ ମୋ ଶାଶୁଘର ହେଉଛନ୍ତି ନୈଷ୍ଠିକ ବ୍ରାହ୍ମଣ ପରିବାର । ସେଇମିତି ଆଖି ଲୁହ ଆଖି ରେ ମାରି ପରିଣତ ବୟସରେ ପହଞ୍ଚି ଗଲୁ । କାହାର ପୁଅ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ ଥିବା ପୁରିଲା ସଂସାର କୁ ଦେଖିଲେ ମନ ଖୁସି ରେ ନାଚ ଉଠେ । ଆଉ ନିଜକୁ ହତଭାଗିନି ମନେ କରେ । ଆମ ପଡ଼ିଶା ଘର ପିଲାମାନେ ଘରକୁ ଆସନ୍ତି, ଅଳି ଅଝଟ କରନ୍ତି, ଜେଜେ - ଜେଜେମା ଆଉ କଏ ଅଜା - ଆଈ ଡାକନ୍ତି । ଭାରି ଭଲ ଲାଗେ । ଛୁଟି ହେଲେ ପିଲା ମାନେ ପ୍ରାୟ ଆମ ପାଖରେ ରହନ୍ତି। ସେମାନଙ୍କ ବାପା ମା ମାନେ ବି ଆମ କୁ ମଉସା - ମାଉସୀ କହି ବହୁତ୍ ଆଦର ଯତ୍ନ ଆଉ ସମ୍ମାନ କରନ୍ତି । ସବୁ ଭିତରେ ବି ଗୋଟେ ଅବଶୋଷ ରହିଯାଏ ଆମକୁ ବି କଏ ବାପା - ବୋଉ ଡାକନ୍ତା କି??

ଯୋଉ ସନ୍ତାନ ସୁଖ ପାଇଁ ଆମେ ଏତେ ଉହଳ ବିକଳ ହେଉଛୁ ଏମାନେ ଥାଇ ବି ଏମିତି କାହିଁକି ହେଉଛନ୍ତି ଭାବି ଆଶ୍ଚର୍ଯ୍ୟ ଲାଗୁଥିଲା। ସତରେ ପର୍ବତ କଣ ଦୂରକୁ ହିଁ ସୁନ୍ଦର? ପାଖ ଜିନିଷ ଗନ୍ଧାୟେ ଆଉ ଦୂର ଜିନିଷ ବାସେ କି ? ମୋର ଭାବନା ରାଜ୍ୟକୁ ଭାଙ୍ଗି ଦେଲେ ମୋ ସ୍ୱାମୀ, "କଣ ଭାବୁଛ ମ.., ମୁଁ କେତେବେଳେ ରୁ ଆସି ଗଲିଣି ତମ ନିଘା ନାହିଁ ?" ନା ନା କିଛି ନାହି କାହିଁ ଦର୍ଶନ ସାରି ଘରକୁ ଫେରିଲୁ । ଫେରିବା ବେଳେ ସ୍ୱାମୀ କହିଲେ, "ଜାଣ ସୁଗନ୍ଧା।, ଆଜି ମୁକ୍ତି ମଣ୍ଡପ ରେ ବସିଥିବା ଦି ଜଣ ସ୍ତ୍ରୀ ଲୋକ ଙ୍କ କଥା ଶୁଣି ମୋର ଆଖିରୁ ଲୁହ ଆସିଗଲା ମ... !" କାହିଁକି କଣ କହିଲେ କି ତମକୁ ? - ମୁଁ ପ୍ରଶ୍ନ କଲି ।

ସ୍ୱାମୀ କହିଲେ, "ନା ମୋତେ କାହିଁକି କହିବେ, ସେମାନଙ୍କର ବାର୍ତ୍ତାଳାପ ମୋର ବିଭୋର କରିଦେଲା । ସ୍ତ୍ରୀ ଦୁହେଁ ବୋଧେ ପଡୋଶୀ ହୋଇଥିବେ । ବୟସ ଗଲାଣି ହେଲେ ବି ଠାକୁର ଦର୍ଶନ ପାଇଁ ମାନସିକ ଶକ୍ତି କମିନି । ଜଣେ କହୁଥିଲା, "ମାନି ଲୋ, ଆମେ ଆଉ ଆର ବରଷ କୁ ଆସି ପାରିବା ନାହିଁ। ଆଉ ଜମାରୁ ବଳ ଲାଗୁନି ।" ଆର ଜଣକ କହିଲା, "କାହିଁକି ମନ ଊଣା କରୁଚ ନାନୀ ତମର ତ ଦାସିଆ ବାଉରୀ ଭଳିଆ ପୁଅ ଅଛି, ପାଣି ଆଞ୍ଜୁଳା ରେ ଠାକୁର ଦର୍ଶନ କରେଇ ଦେବ ।" ଏତିକି ବେଳକୁ ବୁଢ଼ୀ ର ପୁଅ କହିଲା, "ତୁ

ମନ କାହିଁକି ଉଣା କରୁଛୁ ବୋଉ, ତୁ ଗୁଲି କ ନ ଆସି ପାରିଲେ ମୁ ତୋତେ ବୋହି କ ଆଣିବି । ପିଲ୍ ବେଳେ ମୋତେ ତୁ କେତେ ଥର କାଖେଇ କ କାଳଆ ଦର୍ଶନ କରେଇଛୁ, ମୁଁ ଭୁଲି ଯିବି?? ଆଉ ଜେଜେ ଜେଜେମା ଙ୍କୁ ବାପା ଆଉ ତୁ ବୋହି କ ଆଣିବ। କଣ ମୁଁ ଦେଖିନ ? ତୁ ଏତେ କଷ୍ଟ କରି ପାରିଛୁ, ମୁଁ ତୋ ପୁଅ ହୋଇ ତୋର ଏତିକ ଇଚ୍ଛା ପୂରଣ କରି ପାରିବିନ?" ସତ କହୁଛି ସୁଗନ୍ଧା, ଲୋକଟି ର କଥା ଶୁଣି ଛାତି ଟା ମୋର ଅଜଣା କୋହ ରେ କୋରୀ ହେଇଗଲା ଆଉ ଅଜାଣତରେ ଲୁହ ଆସିଗଲା । ଲୁହ କୁ ରୁମାଲ୍ ରେ ପୋଛି ନିରାଶା, ଅସହାୟତା ଆଉ ବେସାହାରା ଜନିତ ଗ୍ଲାନି ରେ ମ୍ରିୟମାଣ ହୋଇ ଉଠି ଆସିଲି ସେଠାରୁ । କହିଲ ସୁଗନ୍ଧା, ଆମର ଯଦି ପୁଅ କ ଝିଅ ଟିଏ ଥାଆନ୍ତା, ବୋହିକି ଠାକୁର ଦର୍ଶନ କରିବାକୁ ନ ଆଣିଲେ ବି, ହସି କରି କଥା ପଦେ ନ କହିଲେ ବି, ସବୁ ଥାଇ କିଛି ନଥିବା ର ଗ୍ଲାନି ରୁ ତ ମୁକ୍ତି ଦିଅନ୍ତା । ଆଦର ନ କଲେ ବି, ତିରସ୍କାର କଲେ ବି, ଦି ଓଳି ଦି ମୁଠା ଖାଇବାକୁ ନ ଦେଲେ ବି, ସାହାରା ନ ଦେଲେ ବି, ଶବ ଉଠେଇବାକୁ କାନ୍ଧ ଆଉ ଚିତାଗ୍ନି ଦେବାକୁ ହାତ ତ ବଢେଇ ଥାଆନ୍ତା ।"

ସ୍ୱାମୀ ମୋର କହି କହି କାନ୍ଦି ପକେଇଲେ, ମୁଁ ବି ଆଉ ସମ୍ଭାଳି ପାରିଲି ନାହିଁ, କାନ୍ଦି ପକେଇଲି । କଣ ଆଉ କରନ୍ତୁ ଦିହେଁ ଦିହିଁଙ୍କୁ ସାନ୍ତ୍ୱନା ଦେଲୁ ଏବଂ "ଜଗା ହିଁ ଆମ ସାହାରା" କହି ମନ କୁ ବୁଝେଇ ନେଲୁ ।

ପ୍ରଣତି ପାଣିଗ୍ରାହୀ, ବ୍ରହ୍ମପୁର, ଗଞ୍ଜାମ

# ସଞ୍ଜ ବତୀ ଜଳ ଜଳ ଲିଭି ଆସେ

ଇଂ ଦୁଃଶାସନ ବାରିକ୍

ଜୀବନ ଗୃହୁଁଛି ଧୀରେ ଧୀରେ ଆସି
ବୟସର ଜଡ଼ ଘରେ,
ନିଜ ଲୋକ କେହି ଛାଡି ଗୁଲିଗଲେ
ନୟନରୁ ଲୁହ ଝରେ ।୦।

ଚହ୍ନା ପରିଚତ ଜୀବନ ସାଗରେ
ଅଚହ୍ନା କେହିବି ନାହିଁ,
ଗ୍ରନ୍ଦ ସୁରୁଜର ଆଲୁଅ ସାଥିରେ
ଭାଗ୍ୟ ଯିବ ଦିନେ ନଈଁ ।
ଅତୀତର ସ୍ମୃତି ସର୍ବେ ଯିବେ ଭୁଲି
ମିଛ ମାୟା ସଂସାରରେ ।୧।

ଜୀବନ ଝୁରୁଛି........
ମାୟାର ପ୍ରଦୀପ ଧୀରେ ଧୀରେ ଜଳେ
ଅମା ଭରା ଅନ୍ଧାରରେ,
ବାଦଲ ଭିତରୁ ବରଷାର ଝର
ଝରିବାକୁ କେତେ ଝୁରେ ।
ଅଳପ ଆୟୁଷ ସଳତା ସଜେଇ
ଜଳବାକୁ ଛଳ କରେ ।
ଜୀବନ ଝୁରୁଛି....... ।୨।

ସମୟର ଏହି ଗୋଧୂଳ ସଞ୍ଜରେ
ସଞ୍ଜ ବତୀ ହାତ ଠାରେ,
ଅତୀତର କେତେ ସ୍ମୃତି ଫୁଲ ଆସି
ଛାତିକୁ ପଥର କରେ ।
ବଞ୍ଚିବାର ମୋହ ଏବେ ବି ହୃଦୟେ
ଲୁଚ ଛପି ଉଙ୍କି ମାରେ ।
ଜୀବନ ଝୁରୁଛି........ ।୩ ।

ଶେଖ ବଜାର, ନଉ କଲୋନୀ, କଟକ

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।**

www.editor.vedantimagazine@gmail.com



# ଛଞ୍ଚାଣର ମେଳଣ

ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ଆଜି ସୂରୁଯ ନିଃଶ୍ୱାସ ନେଉଥିଲା
ଆମ ଗାଁ "ଭାଲୁଟୁଙ୍ଗରୀ " ଆଢୁଆଳେ,
"ବେଲସରିଏନ୍" ର ପ୍ରାଙ୍ଗଣେ
ଘଣ୍ଟ ଶଙ୍ଖ ନାଦ,
ଘରମୁହାଁ ପାଦ "ଇଚ୍ଛା ନଈ" ପୋଲ ଦେଇ,
ରହିଗଲା ପାଦ,
ଇଏ କ'ଣ ??
ଗ୍ରଧ୍ରୁ କକେଇ ଝାଉଁବଣ ଆୟୁଷ ସରିଯାଇଥିଲାକ ??
ଧୂଆଁ ଭୂତର ଲହର ଆକାଶ ଛୁଇଁ ଯାଉଛନ୍ତି ଯେ !
ଜଗା ବଡପାଙ୍କ ନଈପାଖ ଆମ୍ବ, ପଣସ,
ପଗ୍ରସଢା ଅସନାରେ ଭାଙ୍ଗୁଥିଲେ ଅଳସ ।

ଏତିକରେ ସରିନ ମ !
ଗାଁ ମେଳଣ ପଡିଆ
ସୁଉଚ ଇମାରତ ତଳେ ଲୁଚ
ସୁଁ ସୁଁ ହେଇ ନାକ ପୋଛୁଥିଲେ ।

ପିଲ୍‌ଦିନ ଜାବୁଡେ ମାଇଲ୍
ବହେ ଗାଳଗୁଲଜ ବି କଲ୍
ପିଠି ଆଉଁସି, ବୁଝେଇ, ମନେଇ ଫେରିଲି ।

ପାଉଁଶିଆ ମନେ  ତଥାପି ବାକଥିଲ୍ ଆଶା ଆଉ ଭରସା,
କଛି ନହେଲେ
"ଇଚ୍ଛା " ସାଙ୍ଗେ ଖେଳବି,
ବିଗତ ସ୍ମୃତି ର ଆୟୁକାଳ
ମାପିନେବି,
ଋଷିଯାଉ ପଛେ ବନ୍ଦ କୋଠରୀର ବର୍ଷାଧାର୍
ତନୁ, ମନ ଭିଜେଇ ଖୋଜିବି ଆଶର୍ ।

ବୋଉ କନ୍ଧ ଆକଟି କହିଲ୍ -
"ମାମା ଲୋ", ଇଚ୍ଛା ବା କାନ୍ଦୁଛି!
ଯୋଉଦିନୁ ଅଳପେଇସା  ଗୋପାଳପୁରିଆ ଛଞ୍ଚାଣର ମଳ, ମୂତ୍ର
ତା ଦେହେ ବୋଳଛି ।

କୂଅମୂଳ ଓଦା ହେଲ୍
ଆଖି, ନାକ, ଦେହ ଜଳେ,
ପଖାଳ ତୋରାଣି ରୁଷିଲେ,
ଦିହ ହାତ ଖଟିଆ ଧଇଲେ ।

ସଞ୍ଜସାଥେ ଦେଖା  ହେଲ୍
ମନ୍ଦିର ବେଢାରେ,
ଦୁହେଁ ମିଶି ହାଉଳଲୁ ଗିତ,
ମୃଦଙ୍ଗ ର ତାଳ,
କୀର୍ତ୍ତନକୁ ସ୍ମରି ସ୍ମରି

ଖଣ୍ଡେ ପଟେ ଲଗେଇଲି
ଜଗୁ ଭାଇ ସାଥିରେ ।

ସେ କହିଲା -
"ଯେ ଝା ହାର୍‌ହାରି ଯିଏ,
ନାଆ ଗୁଲିଛି ତା ବାଟରେ
ନାଉରିଆ କୁ ପଗ୍ଗରେ କଏ"??

ଗ୍‌ଡିର ଗୃଦର ତଳେ
ଘୁଙ୍ଗୁଡି ଝଙ୍କାର ତୋଳୁଥିଲା,
କନ୍ତୁ ତାର୍ ମାନଙ୍କ ପାଇଁ ଥିଲା
ଗୋଟିଏ ମାତ୍ର ପ୍ରଶ୍ନ,
"ମାମୁଁ ଘର ଅଗଣା
ଖୋଜେନତ ପାଉଣା
ଆଜି ବି ତୁମ ସମୟ
ପିଲାଖେଳ ଧୂଳଘର ପରି
କାଇଁ, କେହି ତ କରିନ
ତୁମ ଅଧିକାର ଗ୍ଚେରୀ "??

ଓଡିଆ ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି,ଏଚ୍ ଏସ୍ ଏସ୍ ,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କର୍, ସୁନ୍ଦରଗଡ

# ବିଟପୀ ର ବିଳାପ



ମନୀଷା ପଣ୍ଡା

ମୁଁ ବିଟପୀ,
ମୁଁ ଚରିତ୍ରହୀନା,
ସମାଜ କହୁଛି ନାକ ଟେକ ମୋତେ,
ବଞ୍ଚିପାରିବିନି ପୁରୁଷ ବିନା।।।

ନାହିଁ ସ୍ୱପ୍ନ ତିଳେ ଶରୀର କ୍ଲେଶ,
ମନ ବଦଳାଏ ବଦଳେ ବେଶ,
ବଦଳ ଗୃଲେ ମୋ ପ୍ରେମ ଘଡି ଘଡି ।
ପେଟ ପାଇଁ ନାଟ କରୁଛି ସିନା ।।

ମୁଁ ବିଟପୀ..... ମୁଁ ଚରିତ୍ର ହୀନା......

ସରମ ଲାଗୁଛି କହିବାକୁ ମୋତେ,
କେଡେ କଳୁଷିତ ଏ ସମାଜ ସତେ,
ଦିନ ଆଲୁଅ ରେ ଭଦ୍ର ମୁଖା ପିନ୍ଧି ।
ରାତି ଅନ୍ଧାର ରେ ତାଙ୍କ ଛଳନା ।।

ମୁଁ ବିଟପୀ..... ମୁଁ ଚରିତ୍ର ହୀନା......

କାମନା କଅାଁ ରେ ପୁରୁଷ ମନ,
ହୋଇ ଯାଆନ୍ତାଣି ପଶୁ ସମାନ,
ମୁଁ ଅଛି ବୋଲି ସତ ସତ ନାରୀ ।
ସୁନା ସଂସାର ରେ ଦୁଃଖ ଆସେନା ।।

ମୁଁ ବିଟପୀ...... ମୁଁ ଚରିତ୍ର ହୀନା .....
ସମାଜ କହୁଛି ନାକ ଟେକ ମୋତେ..
ବଞ୍ଚି ପାରିବିନ ପୁରୁଷ ବିନା.......

ଶିକ୍ଷୟିତ୍ରୀ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କୁଗ୍ରନ୍ଥିପୁର, ଢେଙ୍କାନାଳ

ବେଦାନ୍ତୀର ହ୍ଵାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି
ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର
ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ବିଦୂଷକ



ଡକ୍ଟର ମଧୁସ୍ମିତା ମିଶ୍ର

ଅଫିସରେ ବସିଥିଲେ ନୀଳକଣ୍ଠ । କାମର ବହୁତ ଚାପ । ନିଃଶ୍ୱାସ ମାରିବାକୁ ବି ଫୁରୁସତ୍ ନାହିଁ । ଏପର୍ଯ୍ୟନ୍ତ ଖାଇବାକୁ ମଧ୍ୟ ବେଳ ହୋଇନ । ବିଡିଓ ଭାବରେ ସାକ୍ଷୀଗୋପାଳରେ ପ୍ରାୟ ଚାରିବର୍ଷ ହୋଇଗଲାଣି । କେତେବେଳେ ଯେ ବଦଳି ଡାକରା ଆସିବ କିଏ କହିବ ।

ବାହାରୁ ପିଅନ ବନୁ ପାଟି ଶୁଭୁଛି । ନାହିଁ ଆଜ୍ଞା ସାର୍ ବହୁତ ବ୍ୟସ୍ତ ଅଛନ୍ତି । କାହାକୁ ଭିତରକୁ ଛାଡିବାକୁ ମନା କରିଛନ୍ତି ।

ତା ବାରଣ ନମାନି ଭିତରକୁ ବିନା ଅନୁମତିରେ ପଶି ଆସିଲେ । ଉପକ୍ରମଣିକା ନକରି କହିବା ଆରମ୍ଭ କରିଦେଲେ ।

ସାର୍, ନମସ୍କାର । କଥା କଣକି ଆଜି ଆମ ଅଫିସ ପଡିଆରେ ସନ୍ଧ୍ୟାବେଳେ ଗୋଟିଏ ପ୍ରବଚନ ସଭା ଅଛି । ପ୍ରବଚକ ହେଉଛନ୍ତି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ । ସେ ପି.ଡବ୍ଲ୍ୟୁ.ଡି ରେ ଚିଫ ଇଞ୍ଜିନିୟର ଅଛନ୍ତି । ବ୍ୟକ୍ତିଗତ ଭାବରେ ସେ ଆପଣଙ୍କୁ ନିମନ୍ତ୍ରଣ କରିବାକୁ କହିଛନ୍ତି । ଏଇ ନିମନ୍ତ୍ରଣ ପତ୍ରଟି ଆପଣଙ୍କ ପାଇଁ ଆଣିଥିଲି ।

ଆଚ୍ଛା ଆପଣ କିଏ?, ନୀଳକଣ୍ଠ ପଚାରିଲେ ।

କାନ କୁଣ୍ଡାଇ କୁଣ୍ଡାଇ କହିଲେ ଆଗନ୍ତୁକ, "ଆଜ୍ଞା ମୁଁ ପରା ଇଲେକଟ୍ରିକ୍ ଅଫିସର ଏସ୍.ଡି.ଓ, ସୁବଳ । ଆପଣ ଯେମିତିହେଉ ଆସିବେ ।

ସ୍ୱାମୀ ବ୍ରହ୍ମାନନ୍ଦ କିଏ ମୁଁ ଜାଣିନି । ମୋର ସେ ପ୍ରବଚନ ପ୍ରବଞ୍ଚନ ରେ କୌଣସି ଆଗ୍ରହ ନାହିଁ । ତା ଛଡା ମୋ ପାଖରେ ସମୟ ମଧ୍ୟ ନାହିଁ ।

ସୁବଳବାବୁ କେତେବେଳୁ ଗ୍ଭଲିଗଲେଣି, ଯେତେ ନୀତି ବାଣୀ ପଢ଼ିଲେ କଣ ହେବ। ବାସ୍ତବିକ ସାଂସାରିକ କ୍ଷେତ୍ରରେ ପ୍ରୟୋଗ କରିବା ବେଳେବେଳେ କଷ୍ଟକର ହୋଇପଡେ। ମନରେ ଜାଣୁଥିବ ଲୋକଟା ଯାଉନ କାହିଁକି। ଭାବି ହେଉଥିବ, ଉଠୁନ କାହିଁକି, ବିରକ୍ତ କରୁଛି। ମୁହଁରେ ହସି ହସି କଥା କହି ମନା କରିବ। ଆଉ ମନ, କର୍ମ, ବଚନରେ ସମନ୍ୱୟ ରହିବ କେଉଁଠି?

ନୀଳକଣ୍ଠ ଫାଇଲ୍ କୁ ଗ୍ଭହିଁଲେ। ଫୋନ୍ ବାଜି ଉଠିଲା।

ହ୍ୟାଲୋ, ଆଜ୍ଞା ସାର୍, ମୋତେ ଚହ୍ନି ପାରୁନା ନା କଣ? ମୁଁ ପର୍ ସ୍ୱାମୀ ବ୍ରହ୍ମାନନ୍ଦ କହୁଛି।

ନାହିଁ ମୁଁ ଜାଣି ପାରୁନ।

ଆହେ କଣ୍ଠ, ମୋତେ ଚହ୍ନି ପାରୁନ। ମୁଁ ବ୍ରହ୍ମାନନ୍ଦ ରାୟ କହୁଛି। ଏବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ। ଆମେ ଏକାଠି କଟକରେ ମହାନଦୀ ସ୍ୱେଚ୍ଛାସେବୀ ବାହିନୀରେ ୧୯୯୦ ମସିହାରେ କାମ କରୁନଥିଲେ? ମନେପଡିଲା ତ? ଆବିକା ମୋତେ ଚହ୍ନି ପାରୁଛ ତ?

ଓହୋ, ସାର୍ ସତରେ ଅନେକ ଦିନ ତଳ କଥା ତ।

ହଉ ହେଲା, ଆଜି ସତସଙ୍ଗ ସଭାରେ ମୁଁ ମୁଖ୍ୟ ବକ୍ତା। ସନ୍ଧ୍ୟା ସାତଟା ବେଳେ ସଭା ଆରମ୍ଭ ହେବ। ତୁମେ ଯେମିତି ହେଉ ଆସିବ।

ସାର୍, ମୋତେ କ୍ଷମା କରିବେ। ମୁଁ ତ ଭୁବନେଶ୍ୱରରୁ ଯିବା ଆସିବା କରୁଛି। ମୁଁ ସନ୍ଧ୍ୟା ସାତଟା ବେଳକୁ ଭୁବନେଶ୍ୱର ବସ୍ ଧରିବି। ଜଗନ୍ନାଥଙ୍କୁ ପ୍ରାର୍ଥନା ତାଙ୍କ କୃପାରୁ ପ୍ରବଚନ କାର୍ଯ୍ୟକ୍ରମ ଭଲରେ ଭଲରେ ହେଉଯାଉ। ମୋତେ କ୍ଷମା କରିବେ।

ଆହେ କଣ୍ଠ। ବ୍ୟସ୍ତ ହେବାର କଛି ନାହିଁ। ମୁଁ ତ କଟକ ଫେରିବି। ମୋ ଗାଡିରେ ମୋ ସହ ତୁମେ ଫେରିବ। ତୁମକୁ ତୁମ ଘରେ ପହଞ୍ଚାଇବା ଦାୟିତ୍ୱ ମୋର।

ନୀଳକଣ୍ଠ ହରଡଘଣାରେ ପଡିଲେ। ଏବେ ମଧ୍ୟ ଲୋକଟି କଛି ବଦଳନ। ଘରକୁ ଫୋନ୍ କରି ଜଣାଇବାକୁ ହେବ ଆଜି ଫେରିବାକୁ ଡେରି ହେଇପାରେ।

ଅଫିସ କାମ ସରୁ ନଥାଏ । ଇଲେକଟ୍ରିକ୍ ଅଫିସରୁ ବାରମ୍ବାର ଫୋନ୍ ଆସୁଥାଏ । ଆଜ୍ଞା, ସ୍ୱାମୀଜୀ ପହଞ୍ଚିଗଲେଣି । ଆପଣଙ୍କୁ ଅପେକ୍ଷା ।

ନୀଳକଣ୍ଠ କଲମ ବନ୍ଦ କରି ଉଠିଲେ । ପହଞ୍ଚିଲାବେଳକୁ ସଭା କାର୍ଯ୍ୟ ଆରମ୍ଭ ହୋଇ ଆଗେଇ ଚାଲିଥିଲା । ଶ୍ରବଣ, ମନନ, ଚନ୍ତନ, ନତିଧାନ ହେଉଛି ସମ୍ପୂର୍ଣ୍ଣ ଜ୍ଞାନନଷ୍ଠା । ଆମ ଭିତରେ ରାଗ, ଦ୍ୱେଷ ରହୁଥିବାରୁ ଆମେ ମାୟାର ପରାଧିନତାର ଶୃଙ୍ଖଳରେ ଆବଦ୍ଧ ହେଉଛେ । ଆମର ମାନସିକ ସ୍ତରରେ ରହୁଥିବା ଅଭାବବୋଧ ତଥା ଲବ୍ଧ ବସ୍ତୁ, ପଦ, ପଦବୀ, ମାନ , ସମ୍ମାନ, ଅର୍ଥ, କାମ ପ୍ରତି ଥିବା ଆସକ୍ତିରୁ ହିଁ ମାୟାର ସୃଷ୍ଟି । ଆମକୁ ନଶ୍ୱର ଓ ଇଶ୍ୱରଙ୍କ ଭିତରୁ ଜଣକୁ ବାଛିବାକୁ ହେବ । ଦୃଶ୍ୟମାନ ଜଗତରେ ସବୁକଛି ନଶ୍ୱର, ଅଳକ ଓ ପରିବର୍ତ୍ତନଶୀଳ । କନ୍ତୁ ପରମାତ୍ମାଙ୍କର ଅଂଶ ଜୀବାତ୍ମା ଅପରିବର୍ତ୍ତନୀୟ ତଥା ଚରନ୍ତନ ଇଶ୍ୱରୀୟ ସତ୍ତା । ବସ୍ତୁଭିତ୍ତିକ ନଶ୍ୱରବାଦରୁ ଉର୍ଦ୍ଧ୍ୱକୁ ଯାଇ ଅନନ୍ତ, ଇଶ୍ୱରଙ୍କୁ ଉପଲବ୍ଧି କରିବା ମନୁଷ୍ୟର ପ୍ରାଥମିକ କର୍ତ୍ତବ୍ୟ ଏବଂ ଦାୟିତ୍ୱ ହେବା ଉଚତ । ଆଧାତ୍ମିକ ଶାସ୍ତ୍ର ପଠନ, ସତସଙ୍ଗ ଓ ସ୍ୱାଧାୟ ଆଦି ସାଧନା ଫଳରେ ହିଁ ଏହା ପ୍ରାପ୍ତ ହୋଇଥାଏ ।

ପ୍ରବଚନ ଚାଲିଥିଲା । ପ୍ରବକ୍ତା ସ୍ୱାମୀ ବ୍ରହ୍ମାନନ୍ଦ କହୁଥିଲେ । ତାଙ୍କର କଥନଶୈଳୀ, ବାସ୍ତବିକ ଉପାଦେୟ, ପ୍ରଣିଧାନଯୋଗ୍ୟ ଉପସ୍ଥାପନା ସମସ୍ତ ଶ୍ରୋତାମଣ୍ଡଳୀକୁ ମନ୍ତ୍ରମୁଗ୍ଧ କରି ରଖିଥିଲା । କନ୍ତୁ ସମୟ ତା ବାଟରେ ଆଗକୁ ପାଦ ବଢାଉଥିଲା । ରାତ୍ରୀର ବୟସ ବଢୁଥିଲା । ନୀଳକଣ୍ଠ ମଧ୍ୟ ପ୍ରବଚକ ବ୍ରହ୍ମାନନ୍ଦଙ୍କର ବକ୍ତବ୍ୟରେ ମୋହିତ ହୋଇଯାଇଥିଲେ । ଅନ୍ୟୁନ ରାତି ସାଢେ ଏଗାରଟା ବାଜିଥିଲା ।

ସଭା ସରିଯାଇଥିଲା । ନୀଳକଣ୍ଠ ସଭା ପଡିଆ ବାହାରକୁ ଆସି ଠିଆହେଲେ । ଅଫିସ ବ୍ୟାଗ୍ ଟି ଧରି ଚନ୍ତାରେ ଠିଆ ହୋଇ ରହିଥିଲେ । ବଡ ଗାଡିଟିଏ ପଛରୁ ଆସି ପାଖରେ ରହିଲା । ହର୍ଣ୍ଣ ମାରି ଚାଲିଥିଲା । ନୀଳକଣ୍ଠ ସାମାନ୍ୟ ଦୂରକୁ ଅପସରି ଗଲେ । ଗାଡିର ପଛ ସିଟ୍ ର ବାଁ ପଟ ଦୁଆରଟି ଖୋଲିଗଲା । ଭିତରୁ ନଗଦ ଶୁଣି ଆସିଥିବା ସ୍ୱରଟି ଭାସି ଆସିଲା, କଣ୍ଠବାବୁ, ଆରେ କଣ୍ଠ, ଆସ ଗାଡିରେ ବସ ।

ନୀଳକଣ୍ଠ ଦୋଦୋ ପାଞ୍ଚ ହେଉହେଉ ପୁଣି ଶୁଭିଲା, ଆହେ ବସୁନ କାହିଁକ? ଛଇ ଦେଖାଉଛ, ଉଚ୍ଛୁର ହେଉଛି । ତୁମକୁ ତୁମ ଘରେ ଛାଡି କଟକ ଫେରିବିଟି ।

ଅଗତ୍ୟା ନୀଳକଣ୍ଠ ଗାଡିରେ ବସିଲେ । ସାମନାରେ ଡ୍ରାଇଭର ତା ପାଖସିଟ୍ ଖାଲି । ପଛରେ ନୀଳକଣ୍ଠ ଓ ବ୍ରହ୍ମାନନ୍ଦ । ଗାଡି ଗଡି ଗ୍ଲିଲା । ସାତଶଂଖ ଉତ୍ତରାୟଣୀ ଛକରେ ବ୍ରହ୍ମାନନ୍ଦ ଯୋଡ ହସ୍ତରେ ପ୍ରଣାମ ଜଣାଇ ପାଟି କରିଉଠିଲେ, ମାଆ ତୁମେ ହିଁ ଜଗତର ସାହା ଭରସା । ନୀଳକଣ୍ଠ ମନେମନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରୁଥାନ୍ତି ।

ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମୁହଁ ଖୋଲିଲେ । ହଇହୋ କଣ୍ଠ, ତୁମ ଖବର କଣ । ଅତି କମରେ ୨୦, ୨୨ ବର୍ଷ ପରେ ଦେଖା । ତୁମେ କେବେଠାରୁ ପ୍ରଶାସନକ ସେବାରେ ଯୋଗ ଦେଲଣି? ସୁବଳବାବୁଙ୍କ ଠାରୁ ଶୁଣିଲି ତୁମେ ଏଠି ବିଡିଓ ଅଛ ବୋଲି । ମୁଁ ସ୍ଥିର କଲି ତୁମ ସହ ନିଶ୍ଚୟ ଦେଖା କରିବି । ତୁମେ ତେବେ ଭୁବନେଶ୍ୱରରୁ ଯିବା ଆସିବା କରୁଛ । ଆଉ ପିଲାମାନେ? କେତୋଟି ଆଉ କଣ ପଢାପଢି କରୁଛନ୍ତି ନା ଗ୍ଲକରୀ ବାକରୀ କଲେଣି?

ଏକ ଲହସରେ କହିଦେଇ ଦମ୍ ମାରିଲେ ସ୍ୱାମୀ ବ୍ରହ୍ମାନନ୍ଦ । ସେତେବେଳକୁ ନୀଳକଣ୍ଠଙ୍କୁ ବଡ ଅସ୍ୱସ୍ତିକର ତଥା ଅସହାୟ ଲାଗୁଥାଏ । କହୋ କଣ୍ଠ, କଣ କଥା କହୁନ । ମୁଁ ଏତେ ଗୁଡାଏ ବକର ବକର ହେଇ ଆସି ତୁମକୁ ଏତେ କଥା ପଗ୍ଲରିଲିଣି ଆଉ ତୁମ ତୁଣ୍ଡ ଖୋଲୁନ । ଗତ ଦିନମାନଙ୍କ ପରି ଆଜି ବି ତୁମେ ସେମିତି ଲାଜକୁଳା ଅଛ । ହଉ ତୁମ କଥା କୁହ ଶୁଣିବା ।

ଲୋକଟା ନଛୋଡବନ୍ଧା । ଅଗତ୍ୟା ତୁଣ୍ଡ ଖୋଲିବାକୁ ପଡିବ । ମୁହଁ ଖୋଲିଲେ ନୀଳକଣ୍ଠ । ହଁ, ନାଗେଶ୍ୱର ଟାଙ୍ଗୀରେ ପରିବାର ସହ ରହୁଛି । ମୋ ସ୍ତ୍ରୀ ଗୋଟିଏ ସରକାରୀ ବାଳକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଛନ୍ତି । ପିଲାପିଲି ନାହାନ୍ତି । ଏତିକ କହି ଚୁପ୍ ରହିଲେ ।

ଆଚ୍ଛା, ଯାହାହେଉ ଝଂଝଟ ନାହିଁ । ପିଲାଛୁଆ ନାହାନ୍ତି । ଅଯଥା ଝାମେଲାରୁ ମୁକ୍ତ ତୁମେ । କହିଲେ ବ୍ରହ୍ମାନନ୍ଦ ।

ନୀଳକଣ୍ଠ ପଗ୍ଲରିଲେ, ଆଉ ଆପଣଙ୍କ ପରିବାର?

ହସି ହସି ବ୍ରହ୍ମାନନ୍ଦ ଉତ୍ତର ଦେଲେ, ମୋ ମିସେସ୍ ରେଭେନ୍ସା ମହାବିଦ୍ୟାଳୟରେ ମ୍ୟାଥମାଟିକ୍ସ ପ୍ରଫେସର ଅଛନ୍ତି । ଗୋଟିଏ ପୁଅ ଓ ଗୋଟିଏ ଝିଅ । ବଡ ହେଉଛି ପୁଅ । ପାଞ୍ଚ ଛଅ ବର୍ଷ ହେବ ବେଙ୍ଗାଲୁରୁ ର ଗୋଟିଏ ସଫଟଓୟାର କମ୍ପାନୀରେ ଇଞ୍ଜିନିଅର ଭାବରେ କାମ କରୁଛି । ଏବେ ବର୍ଷଟିଏ ହେବ କମ୍ପାନୀ ତରଫରୁ ଆମେରିକାର ଟେକ୍ସାସଠାରେ କାର୍ଯ୍ୟରତ । ତା ପାଇଁ ଭଲ ଝିଅଟିଏ ଖୋଜୁଛି । ଯଦି ଆପଣଙ୍କ ନଜରରେ ସଂସ୍କୃତି ସମ୍ପନ୍ନ ପରିବାରର ଶିକ୍ଷିତା ଝିଅ ଅଛି କହିବେ । ଚାକରୀ କରିଥିଲେ ଭଲ, ନକରିଥିଲେ ବି ଚଳବ ।

ଏତକ କଥା କହି ସେ ଚୁପ୍ ରହିଲେ । ବାଟ ସରି ଆସୁଥିଲା । ଭୁବନେଶ୍ୱର ସାମନ୍ତରାପୁର ଛକ ହେଉ ଯାଇଥିଲା । ନୀଳକଣ୍ଠ ପଚାରିଲେ, ସାର୍ ଝିଅ କଣ କରୁଛି ।

ଖୁସିରେ ଗଦଗଦ ହୋଇ ବ୍ରହ୍ମାନନ୍ଦ କହିଲେ, ଆଜ୍ଞା ଝିଅଟି ଗୋଟିଏ ନାମକରା ବିଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ । ଅନେକଥର ଦେଶ ବିଦେଶରେ ଆମ ରାଜ୍ୟକୁ ପ୍ରତିନିଧିତ୍ୱ କରିସାରିଛି ।

ରବି ଟକିଜ୍ ଛକ ଆସି ଯାଇଥିଲା । ନୀଳକଣ୍ଠ କହିଲେ ହଉ ଆଜ୍ଞା ଏହି ବାଁ ପଟକୁ ଗାଡି ରଖିଦେଲେ, ମୁଁ ଓହ୍ଲାଇଯିବି ।

ହଇହୋ, ଏତେ ରାତିରେ ତୁମେ ଏକୁଟିଆ ଚାଲିକରି ଯିବ । ନାହିଁ ନାହିଁ । ମୁଁ ଛାଡିଦେବି ଚାଲ । ଘର ଦୁଆରେ ଓହ୍ଲେଇ ଦେବି ।

ବହୁତ ଧନ୍ୟବାଦ । ଏହି ବାଁ ପଟ ପ୍ରଥମ ଗଳିରେ ମୋ ଘର । ଦିପାହୁଣ୍ଡ ବାଟ । ମୁଁ ଚାଲିଯିବି । ଆପଣ ମୋତେ ପ୍ରବଚନ ଶୁଣାଇଲେ ଓ ସାଙ୍ଗରେ ନେଇ ଆସିଲେ । ତେଣୁ ମୋରେ ଅଶେଷ କୃତଜ୍ଞତା । ଭଲ ହେଲା, ବାଟ ଜଣା ପଡିଲାନି । ତା ପରେ ମଧ ବହୁଦିନ ପରେ ଆପଣଙ୍କ ସହ ଦେଖା ହେଲା । ଭଲ ଲାଗିଲା ।

ଗାଡି ଚାଲିଗଲାଣି । ନିଦ୍ରାଭିଭୂତ ରଜନୀର ଭୁବନେଶ୍ୱରର ନିଛାଟିଆ ନିସ୍ତବ୍ଧ ରାସ୍ତାରେ ନୀଳକଣ୍ଠ ଚାଲୁଥିଲେ । ମନେପଡୁଥିଲା ସ୍ୱାମୀ ବ୍ରହ୍ମାନନ୍ଦଙ୍କ ପ୍ରବଚନ । ଜୀବନ ଓ ଜଗତରେ

ସବୁ କଛି ଅଳକ । ଏତିକ ଯେଉଁଦିନ ବୁଝିଯିବା ସେଦିନ ବେଶ ସହନଶୀଳ, କ୍ଷମାଶୀଳ ଏବଂ ନର୍ଲିପ୍ତ ହୋଇଯିବା ।

ଘରେ ପହଞ୍ଚୁ ପହଞ୍ଚୁ ଗ୍ରିଗିଣି ଦୁଆର ଖୋଲି ବ୍ୟସ୍ତ ହୋଇ ପଡି କହିଲେ, ଏତେ ଡେରି କଣ? ଏମିତି କେବେ ତ ହୁଏନ ତୁମର । ଆଜି କଣ ହେଲା?

ହଉ ପାଣି ଗ୍ଲାସେ ଦିଅ ତ ପିଇବାକୁ । ରାତି ୧.୩୦ ହେଲାଣି । ଆଉ ଖାଇବାକୁ ଇଚ୍ଛା ନାହିଁ । ତୁମେ ଯାଅ ଶୋଇବ । ମୁଁ ମଧ ଧୁଆଧୋଇ ହେଇ ଲୁଗାପଟା ବଦଳାଇ ଶୋଇବି ।

ଏହା ଭିତରେ ଛଅମାସ ଖଣ୍ଡେ ବିତିଯାଇଛି । ପୁରୁଣା ଦିନର ସାଙ୍ଗ ବାବୁଲି ସହ ପରିବା ହାଟରେ ହଠାତ୍ ଦେଖା ହେଇଗଲା । ବାବୁଲି ଏଲ୍ଆଇ.ସି ରେ ଡେଭଲପମେଣ୍ଟ ଅଫିସର ଭାବେ ଭୁବନେଶ୍ୱରରେ ଅବସ୍ଥାପିତ ଥିଲା । ବହୁ ବର୍ଷତଳେ ମହାନଦୀ ସ୍ୱେଚ୍ଛାସେବୀ ବାହିନୀରେ ନୀଳକଣ୍ଠ ଓ ବାବୁଲି ଏକାଠି ସମାଜସେବା କରୁଥିଲେ । ବହୁଦିନ ପରେ ଦେଖା ହେଇଥିଲା । ପରିବା କଣିସାରି ଦୁଇବନ୍ଧୁ ପାଖ ଚା ଷ୍ଟଲ୍ ରେ ଏକାଠି ଠିଆ ହୋଇ ଚା ପିଉଥିଲେ । ପୁରୁଣା ଦିନର କଥା ମନେ ପକାଉଥିଲେ ।

ଆରେ ବାବୁଲି, ଏହି କଛି ମାସ ତଳେ ଆମ ସାଙ୍ଗରେ ସମାଜସେବା କରୁଥିବା ବ୍ରହ୍ମାନନ୍ଦ ବାବୁଙ୍କ ସହ ଦେଖା ହେଇଥିଲା । ସେ ଏବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ତା ପୁଣି ଜଣେ ପିଡବ୍ଲ୍ୟୁଡି ର ଚଫ୍ ଇଞ୍ଜିନଅର ହେବା ସହ । ପୁରା ପରିବାର ବେଶ ପ୍ରତିଷ୍ଠିତ ।

ନୀଳକଣ୍ଠ ଏତିକ କହି ବାବୁଲିକୁ ଚାହିଁଲେ, ଆରେ କଣ କରେ ଏମିତି ଆଁଟା କରି କଣ ଚାହିଁଛୁ । ମୁଁ ଯାହା କହିଲି, ତୁ କଣ ଶୁଣୁଥିଲୁ ନା ନାହିଁ ।

କୋଉ ବ୍ରହ୍ମାନନ୍ଦ ବାବୁ କଏ କରେ? ବାବୁଲି ପଚାରିଲା ।

ଯେଉଁ ବ୍ରହ୍ମାନନ୍ଦ ବାବୁ ଆମ ସାଙ୍ଗରେ ମହାନଦୀ ସ୍ୱେଚ୍ଛାସେବୀ ବାହିନୀରେ କାମ କରୁଥିଲେ । ଅବିକା ଚଫ ଇଞ୍ଜିନଅର । ଆସନ୍ତା ମାସରେ ଅବସର ନେବେ । ନୀଳକଣ୍ଠ ସେଦିନର ସମସ୍ତ ଆମୂଳଚୁଳ ଘଟଣା ବାବୁଲି ଆଗରେ ବଖାଣିଲେ ଓ ଏହା ମଧ କହିଲେ ଯେ କଥା ଲହସରେ ଫୋନ୍ ନମ୍ବର ତାଙ୍କର ରଖି ପାରିଲେନ ।

ସବୁକଥା ଶୁଣି ବାବୁଲି ଆଉ ସମ୍ଭାଳ ପାରିଲାନ । ଆରେ କଣ୍ଟ ରହ ରହ । ତୁ ଯାହାଙ୍କ କଥା କହୁଛୁ ଆଉ ମୁଁ ବା ଆମେ ଉଭୟ ଯେଉଁ ବ୍ୟକ୍ତିଙ୍କୁ ଜାଣିଛେ ସେହି ବ୍ରହ୍ମାନନ୍ଦଙ୍କ ବିଷୟରେ କହୁଛି ଶୁଣ ।

ସେ ହେଲେ ବ୍ରହ୍ମାନନ୍ଦ ରାୟ ନୁହେଁ ବ୍ରହ୍ମାନନ୍ଦ ଦାସ । କଟକ ତହସିଲ ଅଫିସରେ କରଣୀ ଥିଲେ ଏବଂ ଲାଞ୍ଚ ଗ୍ରହଣ କରିବା ଅଭିଯୋଗ ରେ ଚାକରୀରୁ ଲିଳମ୍ବିତ ହେଇ ପରବର୍ତ୍ତୀ ସମୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ସାଜି ପ୍ରବଚକ ହେଇଛନ୍ତି ।

ତାଙ୍କର ସ୍ତ୍ରୀ ଗୋଟିଏ ଘରୋଇ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଥିଲେ । ଅଳ୍ପ କିଛିଦିନ ତଳେ ଅବସର ନେଇଛନ୍ତି । ତାଙ୍କର ମଧ୍ୟ ପେନସନ୍ ହେଲିକା କିଛି ନାହିଁ । ପୁଅ ମେଟ୍ରିକ ଫେଲ ହେଇ ଘରେ ବସିଛି । ଯେତକ ଛତରା ଟୋକା ତା ସାଙ୍ଗ । ମୋତେ ଅନେକଥର କହିଲେଣି କିଛି ନହେଲେ ତାକୁ କୌଣସି ଅଫିସରେ ପିଅନ କରି ରଖାଇ ଦେବାକୁକ୍ । ଆଜିକାଲି ତ ହଜାର ହଜାର ଶିକ୍ଷିତ ବେକାର ବସିଛନ୍ତି । ଚାକରୀ ପାଉନାହାନ୍ତି । ଆଉ ମେଟ୍ରିକ୍ ଫେଲକୁ ପିଅନ ଚାକରୀ ବି ମିଳବ କେଉଁଠି?

ବାକି ରହିଲା ଝିଅ କଥା । ଏକମାତ୍ର ଝିଅଟି ଆଜନ୍ମ ପୋଲିଓ ପୀଡିତା । ନିଜ ଗୋଡରେ ଠିଆ ହେବାକୁ ଅକ୍ଷମ । ଦିନ ତମାମ ହ୍ୱିଲ ଚେଆରଟିରେ ବସିଥାଏ । ବୋଧହୁଏ ସ୍କୁଲ ଯାଏ । ପଢିଛି କି କଣ!

ସବୁ ଶୁଣିସାରିବା ପରେ କଣ୍ଟବାବୁ ପଚାରିଲେ, ତୁ ତାଙ୍କ ବିଷୟରେ ଏତେ କଥା ଜାଣିଲୁ କେମିତି?

ଆରେ ମୁଁ ଭୁବନେଶ୍ୱରରେ ଘର କରି ଉଠି ଆସିବା ପୂର୍ବରୁ କଲ୍ୟାଣ ନଗରରେ କଟକରେ ଏକା ସାହିରେ ସେ ଓ ମୁଁ ସପରିବାର ପାଖାପାଖି ଭଡା ଘରେ ରହୁଥିଲୁ ।

ବୁଝିଲୁ କଣ୍ଟ ପୁରୁଣା ଢଗଟିଏ ମନେ ପଡୁଛି, "ଯାହା ନ ଦେଖିବ ବେନି ନୟନେ, ପରତେ ନ ଯିବ ଗୁରୁ ବଚନେ ।"

ଟିଭି ଓ ସମ୍ମିଳନୀ ଆଦିରେ ପ୍ରବଚନ ଦେଇ ବ୍ରହ୍ମାନନ୍ଦ ଘର ଚଳାନ୍ତି । ଥରେ ମୋତେ ମନ ଦୁଃଖରେ କହିଥିଲେ, ପ୍ରତିଦିନ ଏତେ ଲୋକଙ୍କୁ ତାତ୍ତ୍ୱିକ ତଥା ଆଧ୍ୟାତ୍ମିକ କଥା ଶୁଣାଇବା ପାଇଁ ମୋତେ କୃପା କରିଥିବାରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କୋଟି କୃତଜ୍ଞତା । ସ୍ୱୟଂ ପ୍ରଭୁ ଶ୍ରୀରାମଚନ୍ଦ୍ର ତ ପ୍ରାରବ୍ଧକୁ କାଟି ପାରି ନଥିଲେ, ଆଉ ମୁଁ ବା କ ଛାର ମଣିଷ **???**

ସ୍କୁଟିରେ ପରିବା ବ୍ୟାଗ ଧରି ନୀଳକଣ୍ଠ ଫେରୁଥିଲେ । ଭାବୁଥିଲେ, ଜଣେ ଭଲ ବ୍ୟବହାର କରୁଛି, ଭଲ କଥା କହୁଛି ମାନେ ନୁହଁ ତା ଜୀବନ ସମ୍ପୂର୍ଣ୍ଣ । ତା ହସ ପଛରେ ଲୁକ୍କାୟିତ ଅଶ୍ରୁ ଓ ଯନ୍ତ୍ରଣାର ଅନ୍ୟନାମ ବୋଧହୁଏ ଅଖଣ୍ଡ ବିଶ୍ୱାସ ଓ ଦୃଢ ମନୋବଳ ।

ନିଜର ସନ୍ତାନସନ୍ତତି ନଥିବାରୁ ସମୟ ଅସମୟ ରେ ଜଣାଅଜଣା ଲୋକଙ୍କଠାରୁ କଟାକ୍ଷ ଶୁଣୁଥିବା ଓ ବ୍ୟକ୍ତିଗତ ଭାବରେ ମନସ୍ତାପ କରୁଥିବା ନୀଳକଣ୍ଠ ଆଜି ପ୍ରଥମଥର ପାଇଁ ନିଃସନ୍ତାନ ହୋଇଥିବାରୁ ଅଦୃଷ୍ଟ ନିଅନ୍ତା ଜଗନ୍ନାଥଙ୍କ ନିକଟରେ ନିରବରେ ମୁଣ୍ଡ ନୁଆଁଉଥିଲେ ।

ମାର୍ଫତ୍: ପ୍ରଫେସର ଶ୍ରୀନିବାସ ପାଠୀ,
ମିଜୋରାମ ବିଶ୍ୱବିଦ୍ୟାଳୟ, ଆଇଜଲ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଆସ ଗଢ଼ିବା ସୁନ୍ଦର ପୃଥିବୀ



ଅମରନାଥ ବାରିକ

ଆସ କରିଦେବା ସବୁଜ ବନାନୀ
ମିଳମିଶି ଜଗତକୁ
ଅମ୍ଳଜାନ ହେବ ଭରପୁର ଭାବେ
ନିରୋଗରେ ରହିବାକୁ ।
କରିଲେ ରୋପଣ ବୃକ୍ଷ ଗୋଟି ଗୋଟି
ବାଡ଼ି ବଗିଚାରେ କ୍ରମେ
ହୋଇବ ବରଷା ଉଚିତ ସମୟେ
ଉପକୃତ ହେବା ଆମେ ।
ସବୁଜ ବନାନୀ ପାଟ ଶାଢ଼ୀ କରି
ପିନ୍ଧେଇଲେ ବସୁଧାକୁ
ଦେବ ତା ପରଶ ନିର୍ମଳ ପବନ
ସୁସ୍ଥ ପୁଣି ରହିବାକୁ ।
ଖାଇବାକୁ ଦେବ ମିଠା ମିଠା ଫଳ
ପିଇବାକୁ ଦେବ ଜଳ
ବଞ୍ଚିବାକୁ ଦେବ ସୁନ୍ଦର ପୃଥିବୀ
ସବୁଜ ଗାଲିଚା ତଳ ।
ସବୁଜ ବନାନୀ ଚାଦର ବିଛେଇ
ମହୀକୁ କଲେ ସୁନ୍ଦର
ଆସୁଥିବା ପିଢ଼ି ସରସ କରିବ
ପ୍ରଦୂଷଣ ହେବ ଦୂର ।
ଆସ ପ୍ରତିଦିନ ଗୋଟିଏ ଲେଖାଏଁ
ଲଗେଇବା ଆମେ ବୃକ୍ଷ

ମହାପ୍ରଭୁଙ୍କର ରଥଯାତ୍ରା ପାଇଁ
ଚକରେ ଲାଗିବ ଅଖ ।
କାଟିବାନି କେବେ ତରୁଲତା ବଣ
ପ୍ରାକୃତିକ ସୌନ୍ଦର୍ଯ୍ୟର
କରିବା ଶପଥ ସଜାଇବା ପାଇଁ
ଲଗାଇ ଗଛଟି ବୃକ୍ଷର ।
ପାରିବାନି ଯଦି ଲଗାଇ ଗଛଟେ
କାଟିବା କାହିଁକି ପୁଣି
କ୍ଷେତ ପାଇଁ ଆଉ ଖୋଜିବା କାହିଁକି
ଟୋପାଏ ବରଷା ପାଣି ।
କରିଲେ କରମ ମିଳବଟି ଫଳ
ଏ କଥା ରଖିବା ମନେ
ପରିବେଶ ପାଇଁ ଗଢ଼ିବା ଜଙ୍ଗଲ
ହସିବ ଧରଣୀ ଦିନେ ।
ପଢ଼ିଥିଲେ ପଦ୍ୟ ପିଲାଟି ଦିନରୁ
"ରହ ଆରେ କାଠୁରିଆ"
ସେ କଥାକୁ ପୁଣି ମନରୁ ପାସୋରି
ଭୁଲିଯିବା ଆଜି କିଆଁ ।
ଗଢ଼ିବା କୋମଳ ସବୁଜ ବନାନୀ
ପରିବେଶ ପାଇଁ ସୃଷ୍ଟି
କ୍ଷେତ ପାଇଁ ଜଳ ଋତୁ ପାଇଁ କାଳ
ନିର୍ଦ୍ଧାରଣ ହେଉ ବୃଷ୍ଟି ।
ପଳାଇଯିବେ ଛାଡ଼ି ରୋଗ ମହାମାରୀ
ଅଗଣିତ ହେଲେ ବୃକ୍ଷ
ଜୀବନ ହୋଇବ ଅମୃତ ସମାନ
ବଢ଼ାଇଲେ ପ୍ରାଣେ ଦକ୍ଷ ।

ଯାଜପୁର, ମଙ୍ଗଳପୁର, କୟାଁ

# ଏକ ବ୍ରହ୍ମ ସକଳ ଘଟେ



କୀର୍ତ୍ତି ଦେବୀ

ସୃଷ୍ଟିର ଆରମ୍ଭରୁ ଆଜି ପର୍ଯ୍ୟନ୍ତ
ଏକ ବ୍ରହ୍ମ ବିରାଜିତ ସକଳ ଘଟରେ
ହାତରେ ଛୁଇଁଲେ ସେ ଲାଗେ ସଦାଜୀବନ୍ତ
ହୃଦୟ ଦେଇ ଖୋଜିଲେ ସଦା ଲାଗେ ଚଞ୍ଚଳ
ମନ ଦେଇ ଚାହିଁଲେ ଆଖିକୁ ଲାଗେ ଅତି ସୁନ୍ଦର ।

ଜୀବର ଜଡ ସବୁଥିରେ ସେଇ ଚେତନା
ସଂସାର ଭିତରେ ଚେତନାର ମାୟା ଜାଲ ପରି
ସମସ୍ତେ ଖୋଜନ୍ତି ସେଇ ଚେତନାର ଏକ ସତ୍ତାକୁ
ସେଇ ସତ୍ତାକୁ ବୁଝିବାକୁ ହେଲେ
ଆମକୁ ଲୋଡା ସେହି ବ୍ରହ୍ମଙ୍କର ଦିବ୍ୟ ସୃଷ୍ଟି ।

ଯେଉଁ ଦୃଷ୍ଟିରେ ଗଢିଉଠିଛି ସାରା ବିଶ୍ୱ
ସକଳ ଘଟେ ରହିଛି ଏକ ବ୍ରହ୍ମ
ସେହି ବ୍ରହ୍ମକୁ ବୁଝିବାକୁ ହେଲେ
ପ୍ରଥମେ ନିଜ ଅନ୍ତରର ବ୍ରହ୍ମଙ୍କୁ ବୁଝିବାକୁ ହୁଏ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ନର୍କ



ଅଲେଖ ମେହେର

ମନର ବାସନା ଦେହର କାମନା
ତୃପ୍ତ କରି ମୋତେ ନଶ,
ସମୟ ସୁଅରେ ହଗିଡି ହମ୍ନରେ
କାଳକ୍ରମେ ସାଜେ ବିଷ।
ଧିକ୍କାରେ ବିବେକ ଜୀବନଟା ସାର୍
କୃତ କର୍ମେ ସାଜି ମୂକ,
ଦହଗଞ୍ଜହୋଇ କାନ୍ଦେ ରହି ରହି
ଏହାର ନାମ ନରକ।
କବା ପ୍ରୟୋଜନ କରି ସମ୍ମୋହନ
ଅପକର୍ମ ଆଚରଣ,
କହିହୁଏ ନାହିଁ ସହି ହୁଏ ନାହିଁ
ଘଟେ ଥିବା ଯାଏ ପ୍ରାଣ।
ଚଳନ୍ତି ପ୍ରତିମା ସାକ୍ଷାତ ଇଶ୍ବର
ପିତା ମାତା ଏ ଉର୍ବୀରେ,
ଦୈହିକ ଲାଳସା ପତ୍ନୀ ମଧୁବାଣୀ
ତଡି ଦିଏ ତାକୁ ଦୂରେ।
ସ୍ନେହ ମମତାର ଗଢାଏ ସଂସାର
ସାଜେ ସେତେ ବେଳେ ଶୋକ,
ଆପଣା ସନ୍ତାନ ଝିଙ୍ଗାସି ବଚନ
ଏହାର ନାମ ନରକ।

ଖସି ଯାଇଥାଏ ଶିଶିରର ଝନୁ
ଶର୍ବରୀ କରେ ଗ୍ରଜୁତି
ବୁକୁଥର୍ ଶିତ କରେ ପ୍ରକମ୍ପିତ
ବୃଜିନର ଖଳ ଗତି।
ଭ୍ରାତୃ ଭଗ୍ନୀ ସଙ୍ଗ କଲ୍ ସାତ ଭଙ୍ଗ
ହେଲୁ ଯେବେ ସପତ୍ନୀକ,
ମମତା ବନ୍ଧନ ସାଜିଲ୍ ସପନ
ଏହାର ନାମ ନରକ ।
ବନ୍ଧୁ ସ୍ନେହ ଶ୍ରଦ୍ଧା ସୁଦ୍ଧ ମନ୍ଦାକିନୀ
ସରଗର ଅନୁଭୂତି ,
ଘେନ ହୀନ ବୁଦ୍ଧି ସୁଯୋଗକୁ ଉଣ୍ଡି
ସାଜିଲୁ ହୀନ କୁ-ମତି।
ବିଶ୍ୱାସରେ ବିଷ ମୁଖେ ଭରି ହସ
ସାଧିଲୁ କର୍ମ ଅନେକ,
ମନେ ପଡି ଯେବେ କରଇ କ୍ଷତାକ୍ତ
ତାହାର ନାମ ନରକ।
ଏଇଠି ସରଗ ଏଇଠି ନରକ
ଅଚଳା ବକ୍ଷେ ପୂରିତ,
ଧର୍ମ ଦିବାକର ଅମ୍ବର ଗ୍ରଇଜେ
କରୁଥାନ୍ତି ଆତଯାତ।

ସୋହେଲ୍, ବରଗଡ

# ଏମିତିକା ହୋଇବି

ନରଞ୍ଜନ ସାହୁ

ଫୁଲ ପରି ଫୁଟିବି ମୁଁ
ବାସ୍ନାମୟ ହୋଇବି
ଭକ୍ତ ହୋଇ ପ୍ରଭୁ ପାଦ
ଆଖି ଲୁହେ ଧୋଇବି ।
ଶୁଆ ପରି ମିଠାମିଠା
କଥା ସଦା କହିବି
ଦୁବ ଘାସ ପରି ମୁହିଁ
ଆଘାତ ମୁଁ ସହିବି ।
ସ୍ୱାଦଯୁକ୍ତ ଫଳ ପରି
ମଧୁରତା ଭରିବି
ଝର ପରି ଝରିଯାଇ
ତୃଷା ଦୂର କରିବି ।
ଚନ୍ଦ୍ର ପରି ଶୀତଳତା
ଦାନ କରି ହସିବି
ସୂର୍ଯ୍ୟ ପରି ତମ ନାଶି
ସୃଷ୍ଟିକ ମୁଁ ରସିବି ।
ଲୁହ ପରି ଆନ ଦୁଃଖେ
ଦୁଃଖୀ ହୋଇ ଝରିବି
କ୍ଷମା ପରି ଗୁଣ ଭରି
ଦୋଷକୁ ନ ଧରିବି ।
ସ୍ନେହ ପରି ଅପରକୁ
ଶରଧା ମୁଁ ବାଢିବି
ସେବା ପାଇଁ ସଞ୍ଚୟରୁ
ଅର୍ଥ ମୁହିଁ କାଢିବି ।
ମଣିଷଟେ ପରି ହେବା
ଦୁନଆକୁ କହିବି
ଗଙ୍ଗା ପରି ପାପ ଧୋଇ
ଅବିରତ ବହିବି ॥

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ରାତିସାରା ଅନିଦ୍ରା ରହି ଅନେକ ଛଟପଟ ହେଉଥିଲା କହ୍ନେଇ । କଣ ଗୋଟେ ବାହାନା କରି ପୂଜା ପାଖକୁ ଯିବ । ଆଗରୁ ସିନା ଟିଉସନ ପାଇଁ ସବୁବେଳେ ଭେଟ ହେଉଥିଲା । ହେଲେ ଏବେ ତ ଟିଉସନ ନାହିଁ । ଜଗନ ଇଂଜିନିୟର ପାଇଁ ଭୁବନେଶ୍ୱର ଚାଲିଗଲା । ଜିନା, ସିନା ବି କଲେଜରେ ପଢିଲେ, ବାକି ପୂଜାର ତ ବି.ଏ. ପାସ୍ ସରିଗଲା । ଦେଖୁନ କେମିତି ତାର ରାଗ । କେତେଦିନ ହେଲା ଯାଉନାହିଁ ବୋଲି ମୁହଁ ଫେରେଇ ଫୋନ କାଟିଦେଲା । ବେଶୀ ଜିଦି ଆଉ ଭାରି ଅଭିମାନୀଟେ । ମୁଁ ଜାଣିଛି ବହୁତ କାନ୍ଦୁଥିବ । କାହାକୁ ତା ଦୁଃଖ କହିବ ନାହିଁ । ସବୁ ଅଭିମାନ ତା ଆଖିରେ ସଜେଇ ଦେଇଥାଏ । ଯିଏ ପଢିଦେଲା ତ ଜାଣିପାରିବ । ସେ କଣ ଚାହୁଁଛି? କିଏ ଆଉ ପଢିବ ମୋ ଛଡା ବିରହରେ ଜଳିବ ସିନା କାହା ପାଖରେ ମୁଣ୍ଡ ନୁଆଁଇବ ନାହିଁ । ବେଳେବେଳେ ବହୁତ କଷ୍ଟ ଲାଗେ ତା ମନର ଭାବନାକୁ ଗୋଟେଇ ବହୁତ ଡର ଲାଗେ ମଧ୍ୟ । ଏତେ ସ୍ୱାଭିମାନୀ ଯେ କାହାକୁ ତା କଷ୍ଟ କହିବ ନାହିଁ ସମସ୍ତିଙ୍କର କଷ୍ଟ ପୋଛି ଦେବାକୁ ଆଗେଇ ଆସିବ । ଗଲା ମାସରେ ଗାଡିରୁ ଖସିପଡି ଗୋଡ ମକଚ ଯାଇଥିଲା ଯେ ଦଶଥର ବାହାନା କରି ଦେଖିବାକୁ ଆସିଛି, ତେଲ ମାଲିସ୍ କରିଦେଇ ଯାଇଛି । କାଳେ ଖୁଡୀ ସନ୍ଦେହ କରିବେ ଦୁଇତିନି ଜଣ ସାଙ୍ଗ ସହିତ ଆସିଥାଏ । ତା ହାତ ଛୁଆଁରେ ଏମିତି ଯାଦୁ ରହିଛି ଯେ ସବୁବେଳେ ଇଚ୍ଛାହୁଏ ତାକୁ ମୋ କୋଳରେ ବାନ୍ଧି ରଖିବାକୁ । କେଜାଣି ପ୍ରଭୁଙ୍କ କେବେ ଇଚ୍ଛା ହେବ ସେ ମହାମିଳନର ଭାଗ୍ୟ । ଗଲାବେଳେ ଆଖିରେ ଶ୍ରାବଣ ଧାରା ପରି ଲୁହକୁ ନଗାଡି ଦେଇଥାଏ । ଆଜି ଭାଇ ମନେ ପଡୁଛି । ଗତ କାଲିଠାରୁ ଭଲ ଲାଗୁନାହିଁ । ତାର ରୂପ, ଆଖି, ହସ, ଅଭିମାନ, ଭଦ୍ର ବ୍ୟବହାର, ଖୋଲାପଣିଆ, ନିରୀହ ସରଳ ଚାହାଣି ମତେ ବାନ୍ଧି ଦେଇଛି । ନିର୍ମଳ

ବିବେକରେ ପ୍ରେମର ଛୁଆଁ କୁହୁକ ଭରି ଯାଇଥିଲା ଯେମିତି। ହସରେ କମିଆ ଲାଗି ହୋଇଥିଲା। ପରଶରେ ଅମୃତର ମଳୟ ଆଜି ପାଗଳ କରି ଦେଇଛି ଯେମିତି। ତାର ନଷ୍ଟାପ ଚନ୍ଦ୍ରାଧାର୍‌ରେ ହଜିଯାଏ ମୁଁ। ବିଶ୍ୱାସର ବୁକୁଚରି ଆହତ ହରିଣୀ ପରି ମୋ ଛାତି ଭିତରେ ଜାକ ହୋଇଯାଏ ପୂଜା। ଯେମିତି ମୁଁ ତାର ଇହକାଳ ପରକାଳର ଦେବତା। ପ୍ରେମର ତୁଠରେ ବାରବାର ଓଦା କରାଇ ଦିଏ ମୋ ପୁରୁଷତ୍ୱକୁ। ବେଳେବେଳେ ପ୍ରଶ୍ନ କରେ?

ଏଇ ପୂଜା!! ତୁମେ ଏତେ କାହିଁକି ଭଲ ପାଉଛ?

ଜବାବ୍ ଦିଏ, ଜାଣେ ନାହିଁ..........

ବାସ୍ ତା ପରେ ଅଭିମାନର ଲୁହକୁ ଲେସିଦିଏ ହରିଣୀ ଆଖିରେ, କହିଗଲେ ମୁଁ ଜମାରୁ ଭଲପାଏ ନାହିଁ। ତୁମେ ମତେ ଭଲ ପାଇବ ନାହିଁ। ଯଦି କେବେ ଭୁଲିଯିବ ମୁଁ ସହିପାରିବି ନାହିଁ। ଆତ୍ମହତ୍ୟା କରିଦେବି। ବାସ୍ ମୁଁ ଆଉ ସହି ପାରେନା ତା ବିକଳତା। ପାଟିରେ ହାତ ଦେଇ ଛାତିରେ ଆଉଜାଇ ନଏ। ହଁ, ପ୍ରଥମେ ପ୍ରଥମେ ଭାରି ଲାଜ ଲାଗୁଥିଲା। ବିବ୍ରତ କାକୁସ୍ଥ ହୋଇ ଉଠେ ମନଟି। ପୂଜା ତୁମେ ମୋ ଜୀବନଧନ। ହୃଦୟର ସ୍ପନ୍ଦନ ହୋଇଯାଇଛ, କେବେ ବି ତୁମକୁ ଛାଡି ରହି ପାରିବିନାହିଁ। ମୋ ହୃଦୟରେ ଫୁଲବନ ତିଆରି କରି ସ୍ନେହ ପ୍ରେମର ମହକ ଭରି ଦେଇଛ। ଆଉ କଣ ମୋର ଦରକାର ଯେ? ଅମୂଲ୍ୟ ମୂଲ ତୁମେ ପୂଜା। ସମାଜ ଯାହା ବି କହୁ ମୁଁ ତୁମକୁ ଗୋଟେ ପରିଚୟ ନିଶ୍ଚୟ ଦେବି। ଯାହା ଆମ ପ୍ରେମର ପବିତ୍ରତାର ବନ୍ଧନକୁ ବୁଝିପାରିବ। ତୁମେ ତ ମୋ ଜୀବନରେ ଆରମ୍ଭ ଆଉ ଶେଷ, ତୁମ ପାଇଁ ଯାହାବି ଦୁଃଖ ଆସୁ ଜମାରୁ ପଛାଇ ଯିବିନାହିଁ। ଆମ ପ୍ରେମ ତୁଳସୀ ପରି ପ୍ରଭୁଙ୍କ ପାଦତଳେ ଜନ୍ମ ଜନ୍ମ ଝରି ପଡୁଥିବ ସମ୍ପର୍କର ବଡଦେଉଳରେ ବିଶ୍ୱାସର ବାଇଶି ପାହାଚରେ ପ୍ରତିମୁହୂର୍ତ୍ତରେ ଗଡି ଗଲୁଥିବି ସ୍ମୃତିର ଗରୁଡ ଖମ୍ବକୁ ଜାବୁଡି ଧରି। ଅନେକ ଲୁହ କୁ ପୋଛି ଦେଇଛି, ଜାଣିଛ ପୂଜା ଭବିଷ୍ୟତ ସେହି ପବିତ୍ର ବନ୍ଧନକୁ ପତିତପାବନ ଶ୍ରୀ ଜଗନ୍ନାଥ ବହୁତ ଉଚ୍ଚରେ ଥିବାର ଦେଖିପାରୁଛନ୍ତି। ଆମ ଏହି ବନ୍ଧନକୁ ନିଶ୍ଚୟ ଜନ୍ମ ଜନ୍ମକୁ ବାନ୍ଧି ରଖିବେ। ଅମୃତମୟ କରି

ସମୟ ବଡ ଦାଣ୍ଡରେ ଆମ ସମ୍ପର୍କର ପବିତ୍ରତାରେ କଳଙ୍କ ଲଗାଇ ଦେବିନାହିଁ ପୂଜା । ହଁ, ତୁମ ଦୂରତାରେ ଅନେକ ମିଠା ଅନୁଭବ ଛାତିରେ ଜାକ ଧରିଛି । ପୂଜାର ଫଟୋକୁ ବହି ଭିତରେ ବାହାର କରି କହ୍ନେଇ ଛାତି ତଳେ ଭିଡି ଧରିଥାଏ । ବେଳେବେଳେ ଆଖି ସାମ୍ନାକୁ ଆଣି କହୁଥାନ୍ତି – ଜାଣିଛ ପୂଜା ମୋ ସ୍ୱପ୍ନର ଅନ୍ତହୀନ ନୀରବତା ତୁମ ଆଖି କୋଣରେ ବନ୍ଧାପଡି ଯାଇଛି ରକ୍ତର ବ୍ୟାକୁଳତା । ତୁମରି ବୟସୀ ଡେଣାରେ ନିଜ ପରିଚୟ ତିଆରି କରିଦେଇଛି । ତୁମ ଅଭିମାନୀ ମନଟାକୁ ଗଭୀର ଭଲ ପାଇବାକୁ ବ୍ୟାକୁଳିତ ହୋଇ ଉଠିଛି । ତୁମେ ରାଗିନା ଆଉ । ମୁଁ ତୁମକୁ ଛାଡି ସ୍ୱର୍ଗରେ ମଧ୍ୟ ରହି ପାରିବିନାହିଁ ପୂଜା । ସବୁ ଦୁଃଖର ଗରଳ ନିଜେ ପିଇ ସୁଖ ତୋଳିଦେବି ତୁମକୁ । ତୁମ ପଣତରେ ପ୍ରୀତିର ମହ୍ଲାର ଆଙ୍କି ଦେବି ଦେଖିବ ତୁମ ଅନୁରାଗ ଗଜରାକୁ ହୃଦୟରେ ଜାକିକ ଧରି ମୋ ମନ ଏରୁଣ୍ଡିକୁ ପାରିହେବ । ମୁଁ ଫଗୁଣର ମଳୟ ଗନ୍ଧରେ ଭରିଦେଇ ଥିବି ସେଦିନ । ତୁମେ ଆତ୍ମହରା ହୋଇ ମୋ କୋଳକୁ ଜାବୁଡି ଧରି ଝୁଙ୍କି ପଡିଥିବ ।

ହଠାତ୍ ପୁତୁରା ଟୋକା ବିଟୁର ଡାକରେ ଚମକି ପଡିଲା କହ୍ନେଇ । ପୂଜାର ଫଟୋକୁ ଗୋଟେଇ ନେଇ ବହି ଭିତରେ ରଖିଦେଲେ ।

କଣ କି କକା**?** ବିଟୁ କହିଲା**....** ଆଜି ଚେଇଁକି ଶୋଇଛ**?**

ଛୁଟିଦିନ ବୋଲି କଣ ମୋ ସାଙ୍ଗରେ ଖେଳିବନି କି**?**

ହଁ ହଁ ବାବା**,** ଖେଳିବି ତୁ ଚାଲ ମୁଁ ଯାଉଛି ।

ତା ସାଙ୍ଗରେ କ୍ରିକେଟ୍ ନ ଖେଳିଲେ ରଖେଇ ଦବନି । ଗାଧୁଆ ଘରକୁ ଯାଇ ନିତ୍ୟକର୍ମ ସାରି ଚା ପିଇ କ୍ରିକେଟ୍ ଖେଳକୁ ବାହାରି ପଡିଲେ । ଦଶ ବାର ମିନିଟ୍ ଖେଳ ଭଲ ଲାଗୁନି କହି ଚାଲି ଆସିଲେ କହ୍ନେଇ । ପୂଜା ପାଖକୁ ଯିବା ପାଇଁ ବୁଦ୍ଧି ଚିନ୍ତା କଲେ । ସକାଳ ଖବରକାଗଜଟା ଲେଉଟଉ ଥିବା ସମୟରେ ହଠାତ୍ ନଜର ପଡିଲା । ପି.ଜି. କରିବା ପାଇଁ ଖବର ଉପରେ । ବାସ୍ ତା ପରେ ଆରମ୍ଭ ହୋଇଗଲା ବ୍ୟବସ୍ଥା ପୂଜା ପାଖକୁ ଯିବାପାଇଁ । ସାଇକେଲଟିକୁ ପୂଜା ଘର ଗେଟ୍ ପାଖରେ ଆଉଜେଇ ଦେଇ ଚାରି ପଟକୁକ୍ ଥରେ ଅନାଇ

ଦେଲେ କଏ ଦେଖୁଛନ୍ତି କ**?** ପୂଜା ଆଗ ଦେଖନ୍ତା କ**?** ସବୁ ସମସ୍ୟା ସମାଧାନ ହୋଇଯାଆନ୍ତା । ସେ ତ ପୂର୍ବ ରାଗରେ ଥିବ । କଣ ସହଜ କ ଅଭିମାନୀ ପ୍ରେମିକାଙ୍କୁ ମନେଇବା**?** ଫୁଲଗଛରେ ପାଣି ଦେଉଥିବା ମା ଇନ୍ଦୁମତୀ କନ୍ହେଇକୁ ଦେଖି ଭିତରକୁ ଆସିବାକୁ କହିଲେ । ମାଙ୍କୁ ପ୍ରଣାମ କରି ସମସ୍ତଙ୍କ କଥା ପଚାରି ବସିଲେ**,** କଣ କଣ ହୋଇ ପୂଜାକୁ ଖୁଜୁଥାନ୍ତି । ମା ବୁଝିଲା ପରି କହିଲେ ଆରେ କନ୍ହେଇ**,** ଏଇଟି ସବୁ କଥା ହେବ ନା କଣ**?** ବାଡି ପଟେ ପୂଜା କଣ ବସି କରୁଛି ସେଠାକୁ ଚାଲ**,** ମୁଁ ଚା ଧରି ଯାଉଛି । କାଳ ବିଳମ୍ବ ନକରି କନ୍ହେଇ ବାଡି ପଟକୁ ଚାଲିଗଲେ । ଇନ୍ଦୁମତୀ ତା ପଛରେ ହେସେଇ ଘରକୁ ଚାଲିଗଲେ । ପଛପଟରୁ ପୂଜାର ଆଖିକୁ ଜୋର କରି ଧରିନେଲେ କନ୍ହେଇ । ଅବଶ୍ୟ ତା ପାଖରେ ଆଉ କେହି ନଥିଲେ । ପୂଜା ଲାଜ**,** ସରମ ଓ ଅଭିମାନରେ ହାତ କାଢି ଦେଇ କହିଲା**,** ଦରକାର ନାହିଁ ।

ତୁମେ ଯାଅ**....** ।

କଣ ଭାବୁଛ କ**?**

ତୁମ ବିନା ମୁଁ କେମିତି ଅଛି**,** ଜାଣିଛ**?**

ବାସ୍ ଆଉ କଛି କହିପାରିଲାନ ଲୁହର ଉର୍ମିରେ ଗୋଲର ଚଟାଣ ଟା ବତୁରି ପଡିଲା । କନ୍ହେଇ ଲୁହ ପୋଛି ଦେଇ କହିଲେ ।

ଏଇ**........**ଇ**.....**ଧନ

ମୁଁ ତୁମକୁ ଛାଡି କେମିତି ରହିପାରିବି ବୋଲି ଭାବୁଛୁ କରେ**?** ତୁମେ ମୋ ଜୀବନ ମୋ ନଶ୍ୱାସ ହୋଇଯାଇଛ । ତୁମ ବିନା ମୁଁ ମରିଯିବି ।

ଛିଃ**.....** । ଏମିତି କୁହନା କନ୍ହେଇ ।

ଠିକ୍ ଅଛି ।

ମୋର ସବୁ ଭୁଲ୍ ।

ପୂଜା କନ୍ହେଇର ହାତ ଧରି କହିଲା । ତୁମେ ଆଉ ରାଗନ ପ୍ଲିଜ ।

କହ୍ନେଇ ଆଖିରେ ବି ଅମାନିଆ ଲୁହ ଝରିପଡିଲା । ହେଇ ଧନ....ପୂଜା ! ତୁମ ବିନା ମୁଁ ରହି ପାରିବିନାହିଁ । ତୁମେ କେବେ ମତେ ଦୂର କରିବନି । ତୁମର ସବୁ ଦୁଃଖ ମୁଁ ତୋଳି ନେବି । ତୁମ ଆଖିର ହସ ପାଇଁ ମୋ ଜୀବନର ସବୁ ସୁଖ ବିକି ଦେବିରେ । ମୋ ସୁନା ପୂଜା, ଧନଟା ପରି କେବେ ଦୂର କରିବନାହିଁ ମୋତେ । ଦୁଇ ଜଣ ପୂର୍ବ ପାଖ ହୋଇଯାଇଥିଲେ । କହ୍ନେଇର ଉଷମ ବାହୁରେ ପୂଜା ଜାକି ହୋଇ ଯାଇଥିଲା । ହଠାତ୍ ଇନ୍ଦୁମତୀ ରୋଷେଇ ଘରୁ ଜୋରରେ ଚଲେଇ ଡାକଲେ – ଆରେ ସବୁ ଚା ପିଇବାକୁ ଆସରେ । ଚମକି ପଡିଲେ ଦୁଇଜଣ, ଥରିଉଠିଲା ପୂଜା । କହ୍ନେଇକୁ ଛାଡି ଦେଇ ଲାଜରେ ଘର ଭିତରକୁ ଚାଲିଗଲା । କହ୍ନେଇ ମଧ୍ୟ ଲାଜରେ ଚାରିଆଡକୁ ନଜର କରିଦେଇ ଦାଣ୍ଡ ଘରକୁ ଚାଲିଆସିଲେ ।

ଜିନା କହିଲା – କଣ କି କହ୍ନେଇ ଭାଇ ମୁରୁକି ହସୁଛନ୍ତି? ବହୁଦିନ ପରେ ଆମ ଘରକୁ ଆସିଛନ୍ତି । ଦେହ ଭଲ ଥିଲା ତ ଭାଇ ।

ହଁ ଭଲ ଥିଲା । କାର୍ଯ୍ୟ ବ୍ୟସ୍ତରେ ଆସିପାରୁନଥିଲି । ଆଜି ପୂଜା ପାଇଁ ପି.ଜି. ଫର୍ମ ଧରି ଆସିଛି ।

ଠିକ୍ ଅଛି କହ୍ନେଇ ଭାଇ । ବାପା ଦାଣ୍ଡ ଘରେ ଅଛନ୍ତି । ଚା ପିଇବା ଆସନ୍ତୁ, ମା ଡାକୁଛି ।

ହଁ....., ଚାଲ ଯିବା ।

ଆଉ ତୁମର ପାଠ ପଢା ଠିକ୍ ଠାକ୍ ଚାଲିଛି ତ?

ହଁ ଭାଇ । ପରୀକ୍ଷା ଆସିଗଲାଣି ।

କଥା ଭିତରେ ଦାଣ୍ଡ ଘରକୁ ଦୁଇଜଣ ଚାଲି ଆସିଗଲେ ପୂଜା, ଜିନ ମଧ୍ୟ ଆସିଲେ । ମା ଇନ୍ଦୁମତୀ ସମସ୍ତିଙ୍କୁ ଚା ବଢେଇ ଦେଉଥାନ୍ତି । ପୂଜାର ସାମନାରେ କହ୍ନେଇ ବସି ଚା ପିଉଥାଏ । ତା ଭିତରେ ଦୁଇଜଣ ଯାକ ଆଖିରେ କଥା ହଉଥାନ୍ତି । ଅନ୍ୟମନସ୍କ ପାଇଁ କହ୍ନେଇର ଚା ତାଙ୍କ ଡ୍ରେସ୍ ରେ ପଡିଗଲା ।

ସିନା କହିଲା, କଣ ଭାଇ, ଏତେ ଅନ୍ୟମନସ୍କ କାହିଁକି? ଦେଖିକି ଗୁ ପିଅ କହି ଜିନା ସିନା ମୁରୁକି ହସୁଥାନ୍ତି । ପୂଜା ମଧ୍ୟ ଲାଜରେ ଉଠି ଗ୍ଲିଗଲା । କହ୍ନେଇ କଥା ବୁଲାଇ ସିଦ୍ଧେଶ୍ୱର ବାବୁଙ୍କ ପାଖକୁ ଯାଇ ପି.ଜି. ଫର୍ମ ଧରି ପ୍ରଣାମ କରି ବସିପଡିଲେ ତାଙ୍କ ପାଖରେ । ମଉସା ପୂଜାର ଫର୍ମ ଆଣିଥିଲି । ପୂରଣ କରିଦେଲେ ତକୁ ପକାଇ ଦେବି । ନାଇଁରେ କହ୍ନେଇ, ତାକୁ ଆଉ ପଢେଇ ହେବନାହିଁ । ଜିନା ଓ ସିନା କଲେଜ ପଢିବେ । ଜଗନ ଭୁବନେଶ୍ୱରରେ ରହିବ । କେତେ କଣ ପଇସା ଲାଗିବ ଠିକ୍ ନାହିଁ । ଆଉ ଗାଁ ଖବର କଣ/ ବଡସାହିକୁ ଯାଇଥିଲୁ କି? ହଁ ମଉସା । ବଡସାହିର ଶେଷକୁ ଯେଉଁ ଗ୍ଜୁଆର ଝିଅ କାଲି ତା ଶାଶୁଘର ବାହାର କରିଦେଇଛନ୍ତି ।

କାହିଁକି? କଣ ହୋଇଛି କହ୍ନେଇ?

ସେତ ବହୁତ ଭଲ ସଂସ୍କାରୀ ଝିଅଟେ । ମା ମରିଗଲା ପାଖରୁ ବାପା ଗ୍ଜୁଆ ତାର ସବୁକଛି । ସୁଖ ଦୁଃଖ ଦୁଇଜଣ ବାକି ସମସ୍ତଙ୍କୁ ସାହାଯ୍ୟ କରି ରହିଥାନ୍ତି । ସାତବର୍ଷ ତଳର ବାହାଘର ହୋଇଥିଲା । ବହୁ ଯାନଯୌତୁକ ଦେଇ ଝିଅକୁ ଶାଶୁଘରେ ଛାଡ଼ିଲେ । ପଛରେ ଜ୍ୱାଇଁ ପୁଣି ଜିଦ୍ ଧରିବାରୁ ଗ୍ଜୁଆ ତଳ ଧାଡି ଜମି ବିକି ତାକୁ ଗୋଟେ ସାଇକେଲ ଦେଇ ଆସିଲା । ଲାଗି ଲାଗି ଦୁଇଟି ଝିଅ ହେବାରୁ ସବୁଦିନେ ସ୍ୱାମୀ ସ୍ତ୍ରୀଙ୍କର ଝଗଡା । ପଛ ଝିଅପାଇଁ ଅନେକ ଥର ଡାକ୍ତରଖାନାକୁ ନେବାକୁ ଜୋର କରିଥିଲା ମିତାର ସ୍ୱାମୀ ବାଇନ । ବହୁତ ଥର ସେଥିପାଇଁ ମାଡ ଖାଇଛି । ଡାକ୍ତରାଣୀ ଦିଦିକୁ ଯାଇ ଭ୍ରୁଣ ହତ୍ୟା ପାଇଁ କେତେଥର ପଇସା ଗେଞ୍ଜିଛି । ହେଲେ ଡାକ୍ତରାଣୀ ଦିଦି ଗ୍ରେକଠୋକ୍ ମନା କରିଦେଇଥିଲେ । ଭ୍ରୁଣ ହତ୍ୟା ମହାପାପ । ହେଲେ ବାଇନ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଛି । ଏଥର କିନ୍ତୁ ଆଶା ଦିଦି ପାଖକୁ ଯାଇ ମିନତି କରିଛି । ମିତାକୁ ଟିକଏ ଚେକ୍ କରିଦିଅ ପୁଅ ଅଛି ନା ଝିଅ ଅଛି । ଯେତେ ଟଙ୍କା ନେବ ମୁଁ ଦେବି? କିନ୍ତୁ ଝିଅ ଯଦି ଥାଏ ତାକୁ ନଷ୍ଟ କରିଦିଅ । ମିତା ଏସବୁ ଶୁଣି କଇଁ କଇଁ କାନ୍ଦିଉଠିଲା । ଆଶା ଦିଦିର ଗୋଡ ଧରି କାକୁତି ମିନତି ହେଲା । ମୁଁ ଗୋଟେ ମା, କେମିତି ମୋ ସନ୍ତାନକୁ ମାରିପାରିବି । ଯାହା ବି ହେଉ ମୋର କିଛି ଅସୁବିଧା ନାହିଁ । ବାସି ପାଇଟି କରି ମୁଁ ସେମାନଙ୍କୁ ପୋଶିବି । ଆଶା ଦିଦି ତୁମେ ଗୋଟେ ଝିଅ ହୋଇ ମୋ ସନ୍ତାନକୁ ମାରନ ଦିଦି । ବାସି ପାଇଟି କରି ମୁଁ

ସେମାନଙ୍କୁ ପୋଶିବି । ଆଶା ଦିଦି ତୁମେ ଗୋଟେ ଝିଅ ହୋଇ ମୋ ସନ୍ତାନଙ୍କୁ ମାରନ ଦିଦି । ସେ କଣ ଅପରାଧ କରିଛି? ଆମ୍ଭମାନଙ୍କ ଦୋଷ ପାଇଁ ସେ କାହିଁକ ଦଣ୍ଡ ପାଇବ? ସକାଳ ସୂରୁଜ ଦେଖିବା ଆଗରୁ ତାକୁ କାହିଁକ ମାରିଦେବ? ସେ ଜନ୍ମ ହେବ ଦିଦି । ମୋ ମାତୃତ୍ୱ ଶାନ୍ତି ପାଇବ । ତୁମେ ମନା କରନାହିଁ । ବାଇନକୁ ଟିକଏ ବୁଝାଇ ଦିଅ । ହୋଇପାରିବନ ମିତା । ଡାକ୍ତର ଦିଦିକୁ ବାଇନ ପଇସା ଦେଇଛି ସେ ନିଶ୍ଚୟ ନଷ୍ଟ କରିଦେବ । ମୁଁ ଆଉ କଣ କରିପାରିବି । ଏଥର ବାଇନ ଜମାରୁ ଛାଡିବନ । ଦୁଇଟି ଝିଅ ହେଲାପରେ ସେ ପାଗଳ ପରି ହେଉଛି ଯେତେ ବୁଝେଇଲେ ଜମାରୁ ମାନୁନାହିଁ । ତାର ଏକା ଜିଦ୍ ସେ ଝିଅ କ ପୁଅ ଜାଣିବ । କାଲି ମତେ ନବାକୁ ପଡିବ ଲୋ ମିତ । ତୁ ଆଠଟା ବେଳକୁ ବାହାରି ପଡିଥିବୁ ।

ଦୁଇଟି ପିଲା । ଗୋଟିଏ ତିନ ବର୍ଷର ଆରଟି ଛଅ ବର୍ଷର । ପାଖ ସ୍କୁଲକୁ ଯାଉଛନ୍ତି । ଦୁଇଜଣ ଯାକ । ପୁଣି ମିତା ମା ହେବାକୁ ଯାଉଛି । ତିନ ମାସ ହୋଇଗଲାଣି । ବାଇନର ବହୁତ ଚନ୍ତା ଯେ ତା ମୁଣ୍ଡରେ ଭୂତ ପଶିଛି । ବଡ ଲୋକମାନେ ଝିଅ କ ପୁଅ ଦେଖି ଭ୍ରୁଣ ହତ୍ୟା କରୁଛନ୍ତି । ଆମେ କାହିଁକ କରିବା ନାହିଁ । ବାଇନର ମା ଚକ୍ରାର କରି କହିଲେ ।

ହଇରେ ବାଇନ.....

ଏତେ କଣ ଭାବୁଛୁ ବା!

ତା ବାପ ବଳେ ପଇସା ଦେବ ତୁ ଆଜି ତାକୁ ଡାକ୍ତରଖାନା ନେଇ ଯାଆ}୍ । ମୋ ବଂଶ କେମିତି ରହିବ ଯେ । ମାଇକନଆ ବୁଦ୍ଧିରେ ପଅଡନରେ ଧନ । ମୁଁ ତୋର ମା । ତୋ ମଙ୍ଗଳ କଥା କହୁଛି ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୩୪୭୩୧୮

# କୃଷକ



ନରେନ୍ଦ୍ର ପ୍ରସାଦ ବେହେରା

କୃଷି କ୍ଷେତ୍ରେ ଆମ୍ଭେ   କାର୍ଯ୍ୟକରୁ ବୋଲି
ହୋଇଛି ନାମ କୃଷକ
କୃଷିବିନା କେବେ   ବଞ୍ଚିପାରିବେନ
ଓଡିଶା ରାଜ୍ୟର ଲୋକ   ।୧।

ଗରିବର ଦେଶେ   ଏ ଓଡିଶା ରାଜ୍ୟେ
ସମସ୍ତେ କରନ୍ତି କୃଷି
କେତେକଷ୍ଟ କରି   ଚାଷକାମ କରି
ସଭିଙ୍କୁ ଦିଅନ୍ତି ଖୁସି   ।୨।

ବିଜୁ ଘଡଘଡି   ଖରାବର୍ଷା ପୁଣି
ତା' ସାଙ୍ଗକୁ ଝଡବାତ୍ୟା
କୃଷିକ୍ଷେତ୍ରେ ଥାଏ   ଏ କୃଷକ ଭାଇ
ଜୀବନକୁ କରି ହତ୍ୟା   ।୩।

ଜୀବନକୁ ବାଜି   ଲଗାଇ କୃଷକ
କୃଷିକାର୍ଯ୍ୟ କରୁଥାଏ
ପରିଶ୍ରମ ଫଳ   ନିରର୍ଥକ ଯେବେ
ଉଚିତ୍ ମୂଲ୍ୟ ନପାଏ   ।୪।

ବୁଝୁନାହିଁ କେହି     କୃଷିର ମୂଲ୍ୟକୁ
କୃଷକ ପାଉଛି  ଦୁଃଖ
ମନେମନେ ଭାବେ  ଏ ରାଜ୍ୟ ବାସୀଙ୍କୁ
କେମିତି ଦେବି ମୁଁ ସୁଖ  ।୫।

ସେଥିପାଇଁ ଆଜି     ଓଡିଶା ରାଜ୍ୟର
କୃଷକ୍ଷେତ୍ର ହେଲା ଫାଙ୍କା
ବିଦେଶୀ କମ୍ପାନୀ    କାରଖାନା ଗଢି
ରୋଜଗାର କରେ ଟଙ୍କା  ।୬।

ଆଳଦା, ଖଇରା, ବାଲେଶ୍ୱର

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମାଟି ପାତ୍ର



ବିଶ୍ୱ ରଞ୍ଜନ ମହାନ୍ତି

କୁମ୍ଭାର ଚକରେ ଖେଳୁଛି ଦୋଳରେ
ମାଟି ପିଣ୍ଡୁଳାଟା ଦେଖ,
ଦେଇ କର ସ୍ପର୍ଶ କରିଲା ଆକର୍ଷ
ଦେଲା ତାକୁ ଅଗ୍ନି ସେକ ।
ବୋଲେ ମାଟିହାଣ୍ଡି ଅଗ୍ନି ଥିଲା ଦଣ୍ଡି

ଭାଙ୍ଗିଲି ତା 'ଅହଂକାର,
ଅଗ୍ନି ଗଲା ଡରି ତାପ ଗଲା ମରି
ଦିଶିଲି ଭାରି ସୁନ୍ଦର ।
ହେଲେ ମୁଁ ନଜାଣେ ରହିବି କେଉଁ ସ୍ଥାନେ
ରହିଛି ସେ ଦ୍ୱନ୍ଦ ରେ,
ଦେବାଳୟେ କ ଅବା ସ୍ମଶାନ ଘାଟେ
ରହିବି ବା ରୋଷ ଘରେ ।

କୁଳସାହି, ଅଲଣା ହାଟ
ଜଗତସିଂହପୁର

# ସନ୍ଧ୍ୟା



ଲକ୍ଷ୍ମୀଟେନ୍ଦୁ ବାରିକ

ସୂରୁଜ ଡୁବେ ଗିରି ଉଆଡେ
ଦିବସ ଯାଏ ସରି
ରଜନୀ ରାଣୀ ଆସଇ ମାଡ଼ି
ଅନ୍ଧକାର ବେଶ ଧରି
ଯେ ଯା ନୀଡେ ଅତି ଆନନ୍ଦେ
ଉଡ଼ନ୍ତି ବିହଙ୍ଗ ରାଜି
ଗୋପଲ ଦଳ ଗୋଠୁ ଫେରନ୍ତି
ଉଡ଼ାଇ ଧୂଳ ମାନ
ନବବଧୂ ଟି ଦିପାଳୀ ଜାଳେ
ବୃନ୍ଦାବତୀଙ୍କ ପାଶେ
ସାରିଆ ମା ଲଣ୍ଠନ ଜାଳେ
ସନ୍ଧ୍ୟା ର ଆଗମନେ
ମୋ ଗାଁ ଟି ଲୁଚକାଳ ଖେଳେ
ପୂର୍ଣ୍ଣମୀ ଇନ୍ଦୁ ତାଳେ
ଖଦ୍ୟୋତ କୀଟ ଉଡ଼ି ବୁଲଇ
ଗହନ ନଶାର ମେଳେ
ଭାଗବତ ଘରୁ ଭାସି ଆସଇ
ରାମନାମ ସଂକୀର୍ତ୍ତନ
ସନ୍ଧ୍ୟା ସମୟ ମୁଖରିତ ହୁଏ
ମୃଦଙ୍ଗ ଝାଞ୍ଜ ପାଇଁ
ବରଗଛ ଡାଳ ପତ୍ର ଉଆଡେ
ରାବଇ ପେଚ୍ଚା ପକ୍ଷୀ
ହୋକେ ହୋ କରେ ବିଲୁଆ ନନା
ପାଖ କଆବୁଦା ବଣୁ ||

ବାସୁଦେବପୁର, ଭଦ୍ରକ

# ବନ୍ଧୁତ୍ୱ



ସରୋଜ କୁମାର ସାହୁ

ଦୁଃଖର ବ୍ୟାଧି ବି ସୁଖପରି ଲାଗେ
ବନ୍ଧୁଟିଏ ଥିଲେ ପାଖେ
ବନ୍ଧୁତ୍ୱର ହାତ ବଢାଏ ସାହାସ
ସଫଳତା ବାଟ ଦେଖେ ।
ଭରସାମିଶା ତା କଥା କେଇପଦ
ମନରେ ଆନନ୍ଦ ଭରେ
ସ୍ନେହଭର୍ ତାର ହୃଦୟ ଗଭୀର
ବିଶ୍ୱାସର ସୂତାଧାରେ ।
ଅନ୍ତର ବେଦନା ଲଘବ ହୁଅଇ
ଥରେ କହିଦେଲେ ଖୋଲି
ଇର୍ଷା ଅଭିମାନ ନଥାଏ ମନରେ
ସବୁଯାଏ ବୋଲି ଭୁଲି ।
ବନ୍ଧୁଟିଏ ବିନା ଶୂନଶୂନ ଲାଗେ
ଜୀବନର ଚଲାପଥ
ଯୋଡି ହୋଇଗଲେ ହୃଦୟରେ ଥରେ
ଭରିଦିଏ ସବୁ ସୁଖ ।

ଆଠଗଡ, କଟକ

# ବର୍ତ୍ତମାନ ସମାଜର ବିଦ୍ୟା



ଶ୍ରବଣ କୁମାର କର

ସୃଷ୍ଟିରେ ପରସ୍ପର ପରିପୂରକ ତଥା ଅନ୍ତଃ ସମ୍ପର୍କର ରଜ୍ଜୁରେ ବନ୍ଧିତ କେତେକ ଚରିତ୍ର ମଧ୍ୟରୁ ବିଦ୍ୟା, ବିଦ୍ୟାର୍ଥୀ ଓ ଗୁରୁ ଅନ୍ୟତମ। ବିଦ୍ୟା ଯେ ଖାଲି ପାଠ୍ୟ ପୁସ୍ତକର ବିଷୟ ଅଧ୍ୟୟନ ଅନ୍ତର୍ଭୁକ୍ତ ତା ନୁହେଁ, ସମାଜର ପ୍ରତ୍ୟେକ ନିତ୍ୟ ନୈମିତ୍ୟ ଘଟଣାବଳୀ ଓ ପ୍ରକ୍ରିୟାର ଗୁଢ଼ ତତ୍ତ୍ୱକୁ ହଜମ କରିବା ଏହାର ଏକ ଅଂଶ ବିଶେଷ। ବିଦ୍ୟା ବାସ୍ତବିକ ଭାବରେ ଏକ ବିଷୟ ଭିତ୍ତିକ ଶବ୍ଦ ହୋଇଥିବା ବେଳେ ଶିକ୍ଷା ଏହାର କାର୍ଯ୍ୟ ସମ୍ବନ୍ଧୀୟ ଅର୍ଥ। ଉଦାହରଣ ସ୍ୱରୂପ ଦର୍ଶନ ଶାସ୍ତ୍ର ଯଦି ଏକ ବିଦ୍ୟା ହୁଏ, ଏହାକୁ ଅନ୍ୟ କାହାକୁ ଯେଉଁ ପ୍ରକ୍ରିୟା ତଥା କାର୍ଯ୍ୟ ଦ୍ୱାରା ହୃଦୟଙ୍ଗମ କରି ହୁଏ,ତାହା ହେଉଛି ଶିକ୍ଷା। ତେଣୁ ବିଦ୍ୟା କୁ ଶିକ୍ଷା ଦ୍ୱାରା ସହଜରେ ଗ୍ରହଣ କରି ହୁଏ।

ବିଦ୍ୟାକୁ କୁ ମଧ୍ୟ ଅନ୍ୟ ଅର୍ଥରେ ଏହିପରି ପ୍ରତିପାଦିତ କରାଯାଇପାରେ କି 'ସାଃ ବିଦ୍ୟା ଯା ବିମୁକ୍ତୟେ। ବିଦ୍ୟା ହେଉଛି ତାହା, ଯାହା ଅଜ୍ଞାନର ଅନ୍ଧକାରରୁ ନିଜକୁ ଉଦ୍ଧାର କରିଥାଏ। ଏହା ଛଡା ବିଦ୍ୟା ହୃଦୟର ଅନ୍ତରାଳରେ ବିନୟ ଓ ଚେତନାର ଦୀପଶିଖା କୁ ମଧ୍ୟ ପ୍ରଜ୍ୱଳିତ କରାଇଥାଏ। କିନ୍ତୁ ଦୁଃଖ ଓ ଅନୁତାପର ବିଷୟ, ଆଧୁନିକ ସମାଜର ବିଦ୍ୟା ତାର ପ୍ରକୃତ ଆଦର୍ଶ ଏବଂ ଲକ୍ଷ୍ୟ ଠାରୁ ଅନେକ ମାତ୍ରାରେ ବିଚ୍ୟୁତ ହୋଇ ରହିଅଛି।

ପୁରାଣ ଶାସ୍ତ୍ରର ଆଶ୍ରମ ଶିକ୍ଷା କ୍ଷେତ୍ର ପ୍ରକୃତିର କୋମଳ ଶାନ୍ତ ପରିବେଶର ପରିସର ଅନ୍ତର୍ଭୁକ୍ତ ଥିଲା। ସେ ସମୟର ଛାତ୍ର ଜୀବନର ବେଶ ପରିପାଟୀ, ଖାଦ୍ୟପେୟ, ଦୈନିକ କାର୍ଯ୍ୟ ଦାୟିତ୍ୱ ତଥା ଭକ୍ତି ଭିତ୍ତିକ କାର୍ଯ୍ୟକ୍ରମ ଜୀବନକୁ ଏକ ନୂଆ ମୋଡରେ ପହଞ୍ଚାଇ

ପାରୁଥିଲା । କିନ୍ତୁ ଆଧୁନିକ ସମାଜର ଶିକ୍ଷା କ୍ଷେତ୍ର ଜନ ଗହଳି ପୂର୍ଣ୍ଣ ସହରର ଯାନ୍ତ୍ରିକ ଉପକରଣରେ ସୁସଜ୍ଜିତ କୋଠରୀ ମଧ୍ୟରେ ଆବଦ୍ଧ । ଅବଶ୍ୟ ବର୍ତ୍ତମାନର ଆବଶ୍ୟକତା ଓ ପ୍ରକୃତିର ପରିବର୍ତ୍ତନତାକୁ ଲକ୍ଷ୍ୟ କଲେ, ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ଅତୀତର ରୂପ ଦେବା କଷ୍ଟସାଧ୍ୟ । କାରଣ ପରିବର୍ତ୍ତନର ସୁଅରେ ଯିଏ ପରିବର୍ତ୍ତିତ ନ ହୁଏ, ସେ ସୁଅର ଶକ୍ତ ଧକ୍କା କୁ ନିଜ ବକ୍ଷରେ ସ୍ଥାନ ଦେଇଥାଏ, ହେଲେ ବି ଆଜିର ଶିକ୍ଷିତ ଶିକ୍ଷା ସମାଜକୁ, ବିଦ୍ୟାର ଆଦର୍ଶ ଅଧ୍ୟୟନକାରୀ ଭାବେ ବିବେଚନା କରାଯାଇ ନ ପାରେ । କାରଣ ଆଜିର ବିଦ୍ୟା, ପୁସ୍ତକର ବିଷୟ ପୃଷ୍ଠାର ଅକ୍ଷରରେ ସଙ୍କୁଚିତ ହୋଇ ଥିବା ବେଳେ ତତ୍ତ୍ୱର ପୃଷ୍ଠପୋଷକତାରେ ଆବଦ୍ଧ ନାହିଁ । ସେଥିପାଇଁ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତିତ୍ୱ ଆଜି ସମାଜର ହୃଦୟକୁ ଜୟ କରିପାରୁ ନାହିଁ ।

ସାମ୍ପ୍ରତିକ ବିଦ୍ୟା ବିନମ୍ର ଭାବ, ଗର୍ବ ଓ ଅହଂକାର ହୀନତା, ଦୟା, କ୍ଷମା, ନମ୍ରତା ତଥା ନିଃସ୍ୱାର୍ଥପରତା ର ଉପହାର ଏ ସମାଜକୁ ଭେଟି ଦେଉନାହିଁ ବରଂ ଭେଟି ଦେଉଅଛି ଅନେକ ଘୃଣ୍ୟ ଉପହାର ଯଥା ଦେଶ ବିରୋଧୀ ଷଡଯନ୍ତ୍ର, ଅର୍ଥ ଉପାର୍ଜନ ମନୋବୃତ୍ତି, ଯୌନ ଇଚ୍ଛାକୁ ଚରିତାର୍ଥ କରିବାର ଲକ୍ଷ୍ୟ, ପ୍ରତିଶୋଧପରାୟଣତା, କ୍ଷମତାର ଦାସତ୍ୱ ଇତ୍ୟାଦି ।

ଶିକ୍ଷା ଗ୍ରହଣ ମାଧ୍ୟମରେ ଜଣେ ବୈଜ୍ଞାନିକ ହୋଇପାରୁଛି ସତ କିନ୍ତୁ ସଫଳତା ର ସ୍ପର୍ଶ ପରେ ସେ ତା ବିଜ୍ଞାନଗାର ଓ ବିଷୟ ପ୍ରତି ସେତିକି ଆନ୍ତରିକ ଏବଂ ଉତ୍ସର୍ଗୀକୃତ ମନୋଭାବ ରଖୁ ନାହିଁ । ଚିକିତ୍ସା ବିଦ୍ୟା ଦ୍ୱାରା ଡାକ୍ତର ରୂପେ ଉଭା ହୋଇଥିବା ବ୍ୟକ୍ତି, ରୋଗୀ ପ୍ରତି ଥିବା ତାର ଆଚରଣ ଓ ବ୍ୟବହାର କୁ ସମ୍ମାନ ଦେଉନାହିଁ । ସେହିପରି ସେ ପୋଲିସ କର୍ମଚାରୀ ହୁଅନ୍ତୁ କିମ୍ବା ନ୍ୟାୟର ଦେବତା ବିଚାରର ଅଧିକାରୀ ହୁଅନ୍ତୁ, ସେମାନଙ୍କ କ୍ଷେତ୍ରରେ ବି ବିଦ୍ୟାର ଗୁଣାତ୍ମକ ମାନ ସାର୍ଟିଫିକେଟ ରେ ପ୍ରତିଫଳିତ ହେଉଅଛି ହେଲେ କାର୍ଯ୍ୟ ରେ ନୁହେଁ । କିନ୍ତୁ ଏହାର ଅର୍ଥ ନୁହେଁ କି ସମସ୍ତେ ବିଦ୍ୟାକୁ ଏପରି ବ୍ୟବହାର କରୁଛନ୍ତି । କିଛି ବ୍ୟକ୍ତିବିଶେଷ ଆଜି ବି ବିଦ୍ୟାର ପ୍ରକୃତ ଅଧିକାରୀ ଭାବେ ନିଜ ଦାୟିତ୍ୱ ସଂପାଦନ କରି ଚାଲିଛନ୍ତି ।

ଶେଷରେ ଆଜିର ବିଦ୍ୟାର ମୁଖ୍ୟ ଦୋଷ ତ୍ରୁଟି ରୂପେ ଦୃଷ୍ଟି ଗୋଚର ହୁଏ ଗୁରୁଙ୍କ ସମ୍ମାନ କ୍ଷୁର୍ଣ୍ଣତା। ଆଜି କାଲି ର ବିଦ୍ୟାର୍ଥୀ ସଫଳତା ର ସ୍ୱାଦ ଗ୍ରହଣ ପରେ ଉପଭୋଗ ଓ ବିଳାସ ବ୍ୟସନରେ ଅନ୍ଧ ହୋଇ ନିଜର ପ୍ରଥମ ଶିକ୍ଷକ ପିତାମାତାଙ୍କ ପ୍ରତି ଥିବା ତାର ଦାୟିତ୍ୱ ତଥା କର୍ତ୍ତବ୍ୟକୁ ଭୁଲି ଯାଉଅଛି। ପରେ ଶିକ୍ଷା କ୍ଷେତ୍ରର ଶିକ୍ଷକଙ୍କ ପାଇଁ ମଧ୍ୟ ଅପରୂପ କର୍ତ୍ତବ୍ୟହୀନତା ମନୋଭାବ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପ୍ରଦର୍ଶନ କରା ଯାଉଅଛି। ଶିକ୍ଷକ ମାନେ ସେମାନଙ୍କର ଆଦର୍ଶକୁ ସୁଗୁରୁ ରୂପେ ତୁଳାଇ ପାରୁ ନାହାଁନ୍ତି। ତେଣୁ ଉଭୟ ବିଦ୍ୟାର୍ଥୀ ଓ ଗୁରୁ ବିଦ୍ୟାର ପ୍ରକୃତ ଲକ୍ଷ୍ୟକୁ ବୁଝି କର୍ମ କଲେ, ଏ ସମାଜ ବୋଧ ହୁଏ ଏକ ନୂଆ ରୂପରେ ଗଢି ହୋଇ ପାରିବ।

ଭୂତତ୍ତ୍ୱ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବାସ୍ ସେତିକ ଥାଉ



ଛବିରାଣୀ ପତି

ନିରାଶର ଭସା ବାଦଲଟା
ନିର୍ଦ୍ଧୁମ ବର୍ଷିଗଲା ପରେ !!
ଅନ୍ତହିନ ପ୍ରଚେଷ୍ଟାର ....
ଶେଷ ଚେଷ୍ଟା ସରିଗଲା ପରେ
ଆକାଶଟା ଛିଡିପଡେ
ମଥା ଉପରେ !
ଆଉ ପାଦତଳୁ ଖସିଯାଏ ....
ଆଶା ଅସ୍ମିଆର ମାଟି ଚେନାକ ।
ରାଗଠୁ ଢେର ଅଧିକା
ଘୃଣା ଆସେ ନିଜ ଉପରେ;
ପର ଠାରୁ ବେଶି ଆପଣା ପଣକୁ ।
କିଛି ନକରି ପାରିବାର ହତାଶରେ
ପାଗଳ ପରିକା ପ୍ରଳାପ କରେ !!
ଖୁନ୍ଦା ଗୁପୁଡ଼ା ମାରି ଫୁଲାଇଦିଏ
ନିଜେ ନିଜ ଥୋମୋଣିକୁ ।
କାକୁତି ବିନତି ହୁଏ ...
କରି କରାଉଥିବା ନିୟତି ପାଖରେ
କର୍ମ ଫଳ ଅପେକ୍ଷା,
ଅଧିକ ଦୋଷ ଲଦି ଦିଏ
ନାଗ୍ୟର ଭାଗ୍ୟଟି ଉପରେ ।
ଖୁବ୍ ଛାଟିପିଟି ହୁଏ !
ହାଡ଼ ମାଂସ ରକ୍ତର ଶରୀର
ମନପ୍ରାଣ ଅବସ ହୋଇଗଲା ପରେ
କହିବାକୁ ବାଧ ହୋଇଯାଏ....
ବାସ୍ , ବାସ୍ .... ବହୁତ୍ ହେଲା
""ସେତିକ ଥାଉ "" ।।

ମଧଶାସନ
ବିରିଡ଼ି , ଜଗତସିଂହପୁର

# ସେ ମୋ ଭାଇ



ସସ୍ମିତା ପଟ୍ଟନାୟକ

ପ୍ରଥମ ସାଙ୍ଗ ମୋ ପ୍ରଥମ ଅଳି,
ଭଲ ପାଉ କିନ୍ତୁ ତଥାପି କରୁ କଳି,
ହାତ ଥାମି ଯିଏ ଦିଏ ସଂଭାଳି,
କିଏ ହେବ ଆଉ ମୋ ଭାଇ ଭଳି ।।

ବାପା ମାଙ୍କ ପରେ ତାଠି ଦିଏ ସବୁ ଅଗାଳି,
ତାର ଗୁଣ ଗୋଟେ ଆରେକୁ ବଳି,
ଦେଖିଚ ଭାଇ ମୁଁ ଭଳିକି ଭଳି,
କିଏ ହେବ ଆଉ ମୋ ଭାଇ ଭଳି ।।

ଖେଳକୁଦ ଆଉ ଦୁଷ୍ଟାମୀ ସବୁଥିରେ ଆମେ ଭାଗୀ,
ଦୁଃଖ ସୁଖ କେତେ ସବୁ ଉଠେଇଛୁ ସାଙ୍ଗ ହେଇ,
ପଛରେ ରହି ମତେ ସେ ଆଗକୁ ଦିଏ ବଢ଼େଇ,
କିଏ ହେବ ଆଉ ମୋ ଭାଇ ଭଳି ।।

ପାଠ ପଢ଼ାରେ ଦିଏ ସିଏ ସବୁ ସମ୍ଭାଳି,
ଭୋକ ଲାଗିଲେ ଦିଏ ନିଜ ଥାଳିରୁ କାଢ଼ି,
ମୋ ପାଇଁ ଯାଏ ସିଏ ଦୁନିଆ ସହ ଲଢ଼ି,
କିଏ ହେବ ଆଉ ମୋ ଭାଇ ଭଳି ।।

ବ୍ୟସ୍ତ ଜୀବନରେ ବି କେବେ ଯାଏନ ଭୁଲି,
ସବୁ ଛୋଟ ବଡ ଇଛା ରଖେ ସେ ପରଖି,
ହେ ମହାପ୍ରଭୁ ତୋ ପାଖେ ଏତିକ ଗୁହାରି,
ରଖିଥିବୁ ତାକୁ ସବୁ କଷ୍ଟରୁ ଦୁର କରି ।।

**ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:**

editor.vedantimagazine@gmail.com /
vedantimagazine@gmail.com

# ଦୂରବନ୍ଧୁ



ରଞ୍ଜନ କୁମାର ଖଣ୍ଡା

ଭାବୁଛି ବସି ମୁଁ
କାହିଁ କେଉଁ କାଳୁ
ଦେଖା ହୋଇ ନାହିଁ
ତୁମରି ସାଥିରେ
ହେ ଦୂରବନ୍ଧୁ
ତୁମେ
କେତେ ମତେ ଭାବୁଛ କ ମନେ
ମୁଁ ଯେ ତୁମର ଅତି ଆପଣାର,
ତୁମର ସେଇ
ମିଠା ମିଠା କଥା
ମନେ ପଡେ ଆଜି ମୋର,
ସାଗର ବେଳାରେ
ଲହଡି ସାଥିରେ
କରିଥିଲେ କେତେ ମଜା
ଭୁଲି ଲ କ ସବୁ
ମୁଁ ଯେ ଭୁଲି ନାହିଁ
ଅଭୁଲା ଦିନର ସେ କଥା ॥

ବଳଦୁଆଁ, ଆନନ୍ଦପୁର

# କୃଷକ

ସୌମ୍ୟାଶ୍ରୀ ନାୟକ

ଶ୍ୟାମଳ ପଲ୍ଲୀ ଭୂଇଁର ସୁରମ୍ୟ ପରିବେଶ,
ଦେଶ ପ୍ରାଣର ଗ୍ଭବି ଜନୈକ କୃଷକ,
ସହ୍ୟ କରି ପ୍ରଚଣ୍ଡ ରୌଦ୍ର ତାପର କରନ୍ତି ସେ ଗ୍ଭଷ,
ଦିଗବଳୟ ସବୁଜିମାରେ ହୁଏ ଦୁଃଖର ନାଶ ।

ଶୁଷ୍କ ପ୍ରାନ୍ତର ଶ୍ୟାମଳ ହୁଏ ବିମଣ୍ଡିତ,
ପଲ୍ଲୀର ସୌନ୍ଦର୍ଯ୍ୟ ଦିଗନ୍ତ ହୁଏ ବିସ୍ତାରିତ,
ଆତ୍ମବିଶ୍ୱେର କୃଷକ ମାଟିର ସନ୍ତାନ,
କ୍ଷୁଧା ନିବାରଣ କରି ବିଶ୍ୱର ବଞ୍ଚାନ୍ତି ଜୀବନ ।

ଜୀବନ ସଂଗ୍ରାମରେ କୃଷକ ସଫଳ ସୈନିକ,
ଆହାର ପ୍ରଦାନ କରି ସାଜିଛି ଜନକ,
ନିଷ୍ପ୍ରାଣ ବନାନୀରେ କରେ ପ୍ରାଣ ସଞ୍ଚାର,
ଭୂକ୍ଷେପ କରି ବାରି ଧାର୍କୁ ହୁଏ କର୍ମ ତତ୍ପର ।

ବଦୁରର ବିକଟ ଚକ୍ରାରେ ଆଜି କୃଷକ ଶୋଷିତ,
ଦୁଃଖର ଘନକୃଷ୍ଣ ବାଦଲରେ ଜୀବନ ଆଚ୍ଛାଦିତ,
ଦାରିଦ୍ର୍ୟତା ସାଜିଛି ଆଜି ଓଳପାଣି ଗଡି,
ମାଟିର ସନ୍ତାନର ଆନନ୍ଦ ଆସିବ କେବେ ବାହୁଡି ।

ବିକଟ କ୍ରନ୍ଦନ ଧ୍ୱନିରେ ପଲ୍ଲୀ ପ୍ରକମ୍ପିତ,
କର୍ଦ୍ଦମାକ୍ତ ପଥରେ ଅନ୍ଧାର କୃଷକର ଭବିଷ୍ୟତ,
ଗ୍ଭଷୀର ଗ୍ଭଷ ଆଜି ଋଣରେ ସନ୍ତରଣ,
ଶତ ଗୁଣରେ ବର୍ଦ୍ଧିତ ଗ୍ଭଷୀ ମୃତ୍ୟୁବରଣ ।

ଅସ୍ତ ଗାମୀ ସୂର୍ଯ୍ୟଙ୍କର ରକ୍ତିମ କରଣରେ,
"କୃଷି ପଣ୍ଡିତ" ବଞ୍ଚୁଛି ବହୁ ଅସୁବିଧାରେ,
ସାର ବିହନ ପାଇଁ ଆଜି ଗୃଷୀ ପ୍ରୀତିପଦ,
ଦୁଃଖର ଦୂର୍ବାଦଳରେ ରହିଛି ଗୃଷୀର ଦରଦ ।

ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ ଶୋଷଣ କରୁଛି,
ଶିଶିର ପାତର ଚେକା ମଳନ ଦିଶୁଛି,
ତାଲିମ ବିନା କୃଷି ପଛେଇ ଯାଉଛି,
ଖାଦ୍ୟାଭ୍ୱବ ସମସ୍ୟା ଆଜି ବଢି ଗ୍ଲଲିଛି ।

"ସବୁଜ ବିପ୍ଳବ" ଆଜି ମଳନ ଶଶୀ ସାଜିଛି,
ଜନ୍ମଭୂମି ପଲ୍ଲୀ ବୁକୁରେ ଗୃଷୀ ଦୁଃଖରେ ରହିଛି,
ସଂପ୍ରସାରିତ ହୋଇପାରୁନ ଅନ୍ନପୂର୍ଣ୍ଣାଙ୍କ ଭଣ୍ଡାର,
ଉଜୁଡି ଗଲାଣି ଆଜି ଗୃଷୀଙ୍କ ସଂସାର ।

ଚନ୍ତିତ ରହିଛି ଆଜି ମର୍କତମଣି ଖଚତ ଗୃଷୀ,
ଅଭ୍ରଖଣ୍ଡ ଦୁଃଖର ପର୍ବତ ପଡିଛିକ ଖସି,
ଭ୍ରାନ୍ତ୍‌କ୍ରାନ୍ତ ଆଜି ଅସହାୟ ଅଭିମାନୀ ମନ,
ବିପଦ ସଙ୍କୁଳରେ ରହିଛି କୃଷକ ଜୀବନ ।

କର ଯୋଡି ସଭିଙ୍କୁ କରୁଛି ନବେଦନ,
ପ୍ରଜ୍ୱଳତ କର୍‌ଇବା ଆମେ ଗୃଷୀଙ୍କ ଜୀବନ,
ଅର୍ଥନୈତିକ ପ୍ରଗତିକୁ ସୁଦୃଢ କରିବା,
ଗୃଷୀଭ୍ରଇଙ୍କ ଦୁଃଖ ହରଣ କରିବା ।

ପାପଡାହାଣ୍ଡି, ନବରଙ୍ଗପୁର

# ଉମରାଓ-ଜାନ୍ ଙ୍କ ଗଳରେ ପୁନଶ୍ଚ ଥରେ

ପ୍ରିୟବ୍ରତ ପାତ୍ର

ଆଜକୁ ପଚଶି ବର୍ଷ ତଳେ ମାମାଜୀଙ୍କ ହାତ ଧରି ଲକ୍ଷ୍ନୌର କୌଣସି ଏକ ଗଳରେ ଗ୍ଲଲିଥିଲି । ଅଧା ଛାଇ ଅଧା ଆଲୁଅର ଲୁଚକାଳି ଭିତରେ ଧଇଁସଇଁ ହୋଇ ମାମାଜୀଙ୍କ ସହ ପାଦ ମିଳେଇ ଏକ ରକମ ଦୌଡ଼ୁଥିବା ବେଳେ ଖାଲି ଏତିକ ଶୁଣିପାରୁଥିଲି – ସେ ମତେ ଏମିତି ଏକ ବିଚିତ୍ର ଜଗତକୁ ବୁଲେଇ ନେଉଛନ୍ତି, ଯେଉଁଠି କେବଳ ନାଚଗାନା ଗ୍ଲଲେ, ଅଥଚ ଦୁଃଖ ହତାଶା, ପାଠପଢ଼ା, ପରୀକ୍ଷାଫଳ ଓ ହାର ଜିତ୍ ଆଦି ଶବ୍ଦର ମାନେ କଛି ନଥାଏ । ଶୈଶବ ଓ କୈଶୋରର ମଧ୍ୟବର୍ତ୍ତୀ ଗୋଧୁଳ ବେଳାରେ, ସେମିତି ଏକ ସ୍ୱପ୍ନବିଭୋର ବୟସରେ, ଏଭଳ ଏକ ସପ୍ତମ ସ୍ୱର୍ଗକୁ ଦେଖିବାରେ ଉତ୍କଣ୍ଠା ରହିବା ସ୍ୱାଭାବିକ, ଯଦିଓ ଏ ଲେଖକର ବୟସ ହାଫ୍ ପ୍ୟାଣ୍ଟରୁ ଫୁଲ ପ୍ୟାଣ୍ଟକୁ ଉତ୍ତୀର୍ଣ୍ଣ ହେବାକୁ ଢେର ବର୍ଷ ବାକଥାଏ । ଗ୍ରାସ୍ତା ସାର୍ ଫଟା ପେଣ୍ଟ, ଫୁଙ୍ଗୁଳା ଦେହ ବା ଲୋଗ୍ଲକୋଗ୍ଲ ସାର୍ଟ ଫ୍ରକ୍ ପିନ୍ଧି ଶହଶହ ପିଲ୍ ଡିବିରି ବା ପେଟ୍ରୋମାକ୍ସ ଲାଇଟ ଆଲୁଅରେ କାମ କରୁଥିଲେ । କେଉଁଠି ବିଡି ବଳା ଯାଉଥିଲ୍ ତ କେଉଁଠି ଜୋତା ପାଇଁ ଚମଡା ସବୁ ବଟୁର୍ ଯାଉଥିଲ୍, କେଉଁଠି ଡହଡହ ନିଆଁରେ ଚୂଡ଼ି ତିଆରି ହେଉଥିଲ୍ ତ କେଉଁଠି ତରଳା ଜଉରେ ଛାଞ୍ଚ ବା କମକୁଟ କର୍‌ଯାଉଥିଲ୍ । ରୁଦ୍ଧ ନାଳରେ ଜମିଥିବା ପଗ୍ଲସଢା ମଇଳା ପାଣିର ଦୁର୍ଗନ୍ଧକୁ ଅତିକ୍ରମ କରି ତରଳା ଜଉ, ପୋଡା ରଙ୍ଗ ଗୁଣ୍ଡ, ଧୂଆଁ ଓ ଚମଡାର ମିଳାମିଶା ଫୁରୁକୁଟିଆ ଗନ୍ଧ ଏବେ ବି ମନେ ପଡିଲେ ନାକ କୁଞ୍ଚି ହୋଇଯାଏ । ଏମିତ୍ ଗଳ ସବୁ ପାର ହୋଇଗଲ୍ ପରେ ଅପେକ୍ଷାକୃତ ଶୁନଶାନ୍ ଇଲାକାରେ ପହଞ୍ଚିଲୁ । ଯେଉଁଠିକ କୃତ୍ରିମ ନୀରବତା ଗ୍ଲଜତ୍ୱ କରୁଥିଲ୍ । ଗୋଟିଏ ଏକଲ୍ ଘର ଭିତରୁ ଘୁଙ୍ଗୁର ଆୱାଜ ଭାସି ଆସୁଥିଲ୍ ଏବଂ କଏ ଜଣେ ବୁଢା ଆମକୁ ଭିତରକୁ ଯିବାକୁ କହିଲ୍ ।

ଅନ୍ୟାନ୍ୟ କେତୋଟି ପରିବାର ସହ ମାମାଜୀ ମଧ୍ୟ ଆମ ସହ ତୀର୍ଥାଟନରେ ଆସି ଲକ୍ଷ୍ନୌରେ ପହଞ୍ଚିଥିଲେ । ମାମାଜୀ ଥିଲେ ଆମ ସାହିର ଖୁବ୍ ପରିଚତ ଓ ସ୍ନେହୀ ମଣିଷ, ବୃତ୍ତିରେ ହିନ୍ଦୀ ଅଧାପକ ଥିଲେ, ସଉକ ଥିଲ୍ ଉର୍ଦ୍ଦୁ ଭାଷାରେ । ମୋ ପରି ସବୁ

ପିଲାଏ ତାଙ୍କୁ ମାମାଜୀ ବୋଲି ଡାକୁଥିଲେ ଏବଂ ଏକ ଅଦ୍ଭୁତ ଅନ୍ତରଙ୍ଗତା ତାଙ୍କୁ ସମସ୍ତଙ୍କ ସହ ବାନ୍ଧି କରି ରଖିଥିଲା । ମାମାଜୀ ସେର-ସାଏରୀର ପ୍ରେମରେ ପଡୁପଡୁ କବାଲି, ମୁଜୁରା, ନଜମେ ଆଦିକୁ ମଧ୍ୟ ନଜର କରିନେଉଥିଲେ । ଆଜି ହିନ୍ଦୀ ଓ ଉର୍ଦ୍ଦୁ ଭାଷା ସହ କିଛି କିଛି ପରିଚିତି ଆସିବା ପରେ, ଉମରାଓ-ଜାନ୍ ସିନେମା ଦେଖିବା ପରେ ବା ସଂକ୍ଷେପରେ ମଣିଷ ସମାଜର ଓ ଜୀବନର ଏକ ଅବିଚ୍ଛିନ୍ନ ଅନ୍ଧକାର ଇଲାକା ବିଷୟରେ ଅଳ୍ପେ ବହୁତେ ଜାଣିବା ପରେ ସେଇ ପଚଶି ବର୍ଷ ତଳର ଘଟଣାଟି ସ୍ପଷ୍ଟ ମନେ ପଡିଯାଉଛି । ସେତେବେଳେ ରଖା ଅଭିନୀତ ଉମରାଓ-ଜାନ୍ ସିନେମା ସାରା ଭାରତରେ ମୁକ୍ତିଲାଭ କରିଥିଲା ଏବଂ ଖୁବ୍ ନାମ କମେଇଥିଲା । ମୁଜୁରା ପରମ୍ପରାକୁ ବଞ୍ଚେଇ ରଖିଥିବା ତଥା ଶେଷ ନିଶ୍ୱାସ ନେଉଥିବା ଲକ୍ଷ୍ନୌର ଅନେକ କୋଠା ରାତାରାତି ନିଜକୁ ଉନବିଂଶ ଶତାବ୍ଦୀର ଉମରାଉଙ୍କ କୋଠା ବୋଲି ଦାବି କରୁଥିଲେ । କହିବା ବାହୁଲ୍ୟ ଅନେକ ନର୍ତ୍ତକୀ ଓ ଗାୟିକା ନିଜକୁ ଉମରାଉ ବୋଲି ପରିଚୟ ମଧ୍ୟ ଦେଉଥିଲେ ।

ଆମେ ସେଦିନ ଏମିତି ଏକ ମୁଜୁରାରେ ଯୋଗ ଦେବାକୁ ଯାଉଥିଲୁ । ପ୍ରାରମ୍ଭରୁ ମୁଜୁରା ଏକ କଦର୍ଯ୍ୟ ଓ ଅସମାଜିକ ବିଳାସ-ବ୍ୟସନର ମାନ୍ୟତା ପାଇଥିଲା କାରଣ ଏଠାରେ ସୁରା-ସାକୀ ଓ ସାଏରୀର ମଧୁଚନ୍ଦ୍ରିକା ଘଟୁଥିଲା । ନବାବ୍ ଆଦବ୍-କାଇଦା ଭାବେ ବଡବଡ ଲୋକ ଓ ଧନୀ ଲୋକ ମୁଜୁରାରେ ଯୋଗ ଦେଉଥିଲେ, ସମ୍ପତ୍ତି ଉଡାଉଥିଲେ – ଯାହାକି ସେ କାଳରେ ଏକ ସମ୍ଭ୍ରାନ୍ତ ଓ ସାମନ୍ତବାଦର ପ୍ରତୀକ ଥିଲା । କ୍ରମେ ତାହା ଲୋକପ୍ରିୟ ହେଲା ଏବଂ ପରିବାରର ବିଭିନ୍ନ ଖୁସି ଦିନରେ, ମେଳା ମଉଚ୍ଛବରେ ଗାୟିକାମାନଙ୍କୁ ଡକାଯାଇ ଘରେ ବା ବାହାରେ ମୁଜୁରା କରାଯାଉଥିଲା । ସମୟକ୍ରମେ ତାହା ବି ଲୁପ୍ତ ହେଲା ଏବଂ ବିଂଶ ଶତାବ୍ଦୀର ଅଶୀ ଦଶନ୍ଧିର ଆରମ୍ଭ ବେଳକୁ ଲକ୍ଷ୍ନୌର କିଛି ଜାଗାରେ ମୁଜୁରା କିଛି ଗୀତ ସିନେମା ଗୀତକୁ ପାଥେୟ କରି ଶେଷ ନିଶ୍ୱାସ ନେଉଥିଲା ।

ଆମେ ମୁଜୁରାରେ ପହଞ୍ଚିଲା ବେଳକୁ ଆମ ଆଗରୁ ଆହୁରି ଦଶ ଜଣ ରସିକ ଆସନ ଜମେଇ ବସି ସାରିଥିଲେ । ମଝିରେ ପଡିଥାଏ ପାଖପାଖି ତିରିଶ ଫୁଟ ଲମ୍ବ ଓସାରର ଏକ ଡାଳଫୁଲ ଥିବା ଲକ୍ଷ୍ନୌ ଗାଲିଚା । ଛାତରୁ ଲଟକଥିବା ଝୁମର, ତଳେ ପିତଳ ଡାଳପତ୍ର ଥିବା ବୃକ୍ଷାକୃତିର ଗୁଲଦସ୍ତା ସବୁ ମହମବତୀ ଧାରଣ କରିଥିଲେ ଏବଂ ଚହଲି ଉଠୁଥିବା ଆଲୋକ ଶିଖା ପରିବେଶକୁ ସ୍ୱପ୍ନାବିଷ୍ଟ କରି ତୋଳୁଥିଲା । ବଡ ବଡ କଂସା ପାନପିକ, ଫୁଲକୁଣ୍ଡ ସାଙ୍ଗକୁ ଗହଣା ପାତ୍ର ସବୁ ଏକ ପ୍ରାଚୀନତାକୁ ଉଜ୍ଜୀବିତ କରୁଥିଲେ ।

ସବା ଉପର ମୁଣ୍ଡରେ ମାଣ୍ଡି ତକିଆକୁ ଆଉଜି, ପାନ ଗ୍ଲେବେଇ ମାଲିକାଣୀ ବସିଥିଲେ । ଖାଣ୍ଟି ମୁସଲମାନୀ ବା ଇରାନୀ ଢଙ୍ଗରେ ସଲୱାର ଓ ଫିରାଗ୍ ପିନ୍ଧା ସାତ ଆଠ ବର୍ଷର ଝିଅଟିଏ ମଝିରେ ମଝିରେ ପାଣି ଓ ପାନ ନେବା ଆଣିବା କରୁଥିଲା । ସେଇ ବୟସର ଆଉ ଦୁଇଟି ପୁଅ ମୁଣ୍ଡରେ ଗୋଲିଆ ଟୋପି ପିନ୍ଧି, ଖାନ୍ ସୁଟ୍ ପିନ୍ଧି ଏପଟ ସେପଟ ହେଉଥିଲେ । ଗାୟିକା ସଲାମ ଠୁଙ୍କୀ ମୁଜୁରା ଆରମ୍ଭ କରିବା ଠାରୁ ଶେଷ କରିବା ଯାଏ ଗୋଟିଏ ମଧ୍ଯ ଶବ୍ଦ ମୋ ପାଇଁ ବୋଧଗମ୍ୟ ନଥିଲା । ଅତଏବ୍ ପାଣି ପିଇବା, ଲାଙ୍ଗୁଡ ଘଷି ଗେଲା ହେଉଥିବା ପୁଣ୍ଡି ବିରାଡିକୁ ଗୁହିଁବା, ରସିକ ମାନଙ୍କ "ୱା, ୱା" ଶବ୍ଦକୁ ଶୁଣି ଆମୋଦିତ ହେବା ହିଁ ମୋ ପାଇଁ ବୋଧଗମ୍ୟ ନଥିଲା । କିନ୍ତୁ ସ୍ମୃତି ସ୍ମରଣ କଲେ ଯାହା ମନେପଡେ ତାର ସାରାଂଶ ଏପରି ଥିଲା – ଏହି ଅନ୍ଧଗଳି ହେଉଛି ଏକ ମୁହାଁ ରାସ୍ତା, ଗଜଲ ଓ ଘୁଙ୍ଗୁର ଆବାଜରେ ମୁଶାଫିର ଯେଉଁଠି ଆଉ ପଛକୁ ଫେରେନାହିଁ । ଏହି ବଦନାମ ଗଳିର ଅନ୍ଧକାରରେ କେତେ ଯେ ଦେବଦାସ ସୃଷ୍ଟି ହୁଅନ୍ତି ପୁଣି ମରିଯାନ୍ତି ତାର ହିସାବ ନାହିଁ । ନାଚବାଲୀ ମାନଙ୍କ ଆଖିର ଇସାରାରେ ହଜାରେ ମସ୍ତାନା ପତଙ୍ଗ ପରି ସେମାନଙ୍କୁ ଘେରି କରିଥାନ୍ତି – ତେଣୁ କେଉଁ ଅଧିକ ଅନ୍ଧକାରକୁ ଏମାନଙ୍କର ଡର ନଥାଏ । କହିବାକୁ ଗଲେ ଲକ୍ଷ୍ନୌରେ ହଜାରେ ମଦଶାଳା, କିନ୍ତୁ ଏମାନେ ଶବ୍ଦରେ, ସ୍ପର୍ଶରେ ନିଶାଗ୍ରସ୍ତ କରିପକାନ୍ତି । ବାଇଜୀ କୋଠା ସବୁ ଗୋଟିଏ ଗୋଟିଏ କବରଖାନା, କାରଣ ଇସକ୍, ମୋହବତ୍ ର ବେଉସା କରୁଥିବା ମଣିଷମାନେ କେବେଠୁ ମରି ସାରିଥାନ୍ତି, ଗୋଲାପୀ-ମଖମଲି କପଡା ତଳେ ଏମାନେ ଦଫନ୍ ହୋଇ ଲାସ୍ ପରି ବଞ୍ଚି ଥାନ୍ତି । ଏସବୁ କହିଲା ପରେ ମୋ ପ୍ରତି ଅନୁକମ୍ପା ଦେଖେଇ କହିଲେ – ତୋର ବୟସ ହୋଇନି ଏସବୁ କଥା ବୁଝିବା ପାଇଁ ।"

ଗୋଟିଏ ସଭ୍ୟତାର ଗତି ସହ ସମାନ୍ତରାଳ ଭାବେ ଗତି କରୁଥାଏ ମାନବ ଇତିହାସର ଆଦିମତମ ବ୍ୟବସାୟ । ସମାଜର ଉଗ୍ର, କାମୁକ, ସ୍ୱାର୍ଥପର ତଥା ଦାମ୍ଭିକ ମାନଙ୍କ ହତାଶା ଓ ଅହମିକା ସବୁର **SHOCK ABSORBER** ଭାବେ ଏପରି ନିଷିଦ୍ଧ ଅନୁଷ୍ଠାନ ସବୁ ସହର ତଳରେ ଗଢି ଉଠିଥାଏ । ଉଗ୍ର ଅହମିକା ଓ ଦାରୁଣ ନିଃସଙ୍ଗତାକୁ ଧୋଇଧାଇ ସଫା କରୁଥିବା ନଳାପାଣି ଭଳି ଏହି ଅନୁଷ୍ଠାନ ସବୁ ସମାଜର ଗଳିକନ୍ଦିରୁ ବାହାରି ଦୂରକୁ ଲମ୍ବି ଯାଇଥାଏ । ସେଇ ନାଳପାଣିରେ ଫୋପଡା ଦିଆଯାଉଥିବା ଗୋଲାପକଳିକା ମାନେ ହେଲେ ଏହି ଉମରାଓ ମାନେ । ଏହି ପୁରୁଷ କୈନ୍ଦ୍ରିକ ପୃଥିବୀରେ ସେମାନଙ୍କୁ ଏକାନ୍ତରେ ମିଶିବା ପାଇଁ ସେମାନଙ୍କ ବିଷୟରେ ଜାଣିବା ପାଇଁ ଲୋକଙ୍କ ଯେତିକ ଉତ୍କଣ୍ଠା ରହିଛି, ଆବିଳତା

ରହିଛି, ତତୋଧିକ ତତ୍ପରତା ରହିଛି ସେମାନଙ୍କୁ ଲାତମାରି ଲାଞ୍ଛିତ କରିବାରେ, ସଂସାର ଯାକର ବଦନାମ ତାଙ୍କ ମୁଣ୍ଡରେ ଲଦିଦେଇ ଘୃଣା କରିବାରେ । ଏହି କୋଠାବାଲୀ, ଦେବଦାସୀ, ନର୍ତ୍ତକୀଙ୍କ ଉପରେ ଢେର ସିନେମା, କାହାଣୀ ଓ ଉପନ୍ୟାସ ତିଆରି ହୋଇଛି ଏବଂ ପ୍ରାୟ ପ୍ରତ୍ୟେକରେ ସେମାନଙ୍କ ପ୍ରତି ଏକ ଅନୁକମ୍ପାମୂଳକ ଦୃଷ୍ଟିକୋଣକୁ ବାରବାର ଦୋହରା ଯାଇଛି । ସେମାନେ ସମସ୍ତେ ଯେ ଅନୁକମ୍ପା ପାଇବାକୁ ଯୋଗ୍ୟ, ସମ୍ମାନନୀୟା ବା ବୁଦ୍ଧିମତୀ ଥିଲେ ତାହା ନୁହେଁ, ଏପରିକି ସମସ୍ତେ ଯେ ଦୁଶ୍ଚରିତ୍ରା, ଗଣଭୋଗ୍ୟା ଓ କଳଙ୍କିନୀ ଥିଲେ ତାହା ବି ନୁହେଁ । ସେମାନେ ମଧ୍ୟ ତୁମ ଆମପରି ଭଲ ଓ ମନ୍ଦର ମିଶାମିଶି ମଣିଷମାନେ – ଏମିତି ଏକ ସୁସ୍ଥ ଓ ଉଦାର ଦୃଷ୍ଟିକୋଣଟିଏ ଆପଣେଇବା ପର୍ଯ୍ୟନ୍ତ ସମ୍ଭବତଃ ଗୋଟିଏ ସଭ୍ୟତାର ବୟସ ହୋଇ ନଥାଏ ସେମାନଙ୍କୁ ବୁଝିବା ପାଇଁ । ବୌଦ୍ଧ ଦର୍ଶନ ସାହିତ୍ୟର ଜନପଦକଲ୍ୟାଣୀ ଆମ୍ରପାଲୀ ହେଉ, କାଳିଦାସଙ୍କ ବାସବଦତ୍ତା ହେଉ ବା ଭର୍ତ୍ତୃହରୀ ଙ୍କ ବୈରାଗ୍ୟଶତକର ମୂଳ ପ୍ରେରଣା ଦାୟିନୀ ରାଜନର୍ତ୍ତକୀ ମାଳବିକା – ଏ ସମସ୍ତେ ସମୟର ମହାସ୍ରୋତରେ ଗୋଟିଏ ଗୋଟିଏ ଜଳଘୂର୍ଣ୍ଣି । ବାଲାଂଦେଶର କବି ତସଲିମା ନସରିନ୍ ବା ପାକସ୍ଥାନର ମୁକତାରନ୍ ମାଇ ଏମାନେ ଜଣେ ଜଣେ ବିଦ୍ରୋହୀ ବାଳକା – ଯେଉଁମାନେ କଛି ବର୍ବର ସାମାଜିକ ବ୍ୟବସ୍ଥାକୁ ବିରୋଧ କରନ୍ତି । ତମାମ ଧୋକାବାଜି ଓ କୃତଘ୍ନତା ସତ୍ତ୍ୱେ ତଥାପି ନିଜର ବୋଲି ଘରଟିଏ କରିବାକୁ ଚେଷ୍ଟା କରୁଥିବା ଉମରାଓ-ଜାନ୍ ଏକ କ୍ଷୀଣ କାବ୍ୟିକ ପ୍ରତିବାଦ ଥିଲେ ।

ଉମରାଓ-ଜାନ୍ ଙ୍କ ଆଲୋଚନା କଲାବେଳେ ସେ ସମୟର ଇତିହାସର ପଟ୍ଟଭୂମି ଉପରେ ଦୃଷ୍ଟିପାତ କରାଯିବା ଦରକାର । ୧୮୪୦ ବେଳକୁ ଲକ୍ଷ୍ନୌର ଶେଷ ରାଜା ଓ୍ୱାଜିଦ୍ ଅଲ୍ଲୀଙ୍କ ସମୟରେ ଘୋର ଅରାଜକତା ଦେଖା ଦେଇଥିଲା । ସେ ସମୟରେ ବିଭିନ୍ନ ଜାଗାରୁ ସାନସାନ ଝିଅମାନଙ୍କୁ ଗୁଣ୍ଡାଶ୍ରେଣୀର ଲୋକେ ଉଠେଇ ଆଣି ଲକ୍ଷ୍ନୌ, କାନପୁର ଆଦି ସହରରେ ବିକ୍ରି କରିଦେଉଥିଲେ । ସେମାନେ ପିଲାବେଳୁ ନାଚଗୀତ ଶିଖି ବଡ ହେଲାବେଳକୁ କୋଠାବାଲୀ ବୋଲାଉଥିଲେ । ସେ ସମୟର ନିଖୁଣ ଚନ୍ଦମିଳେ ମିର୍ଜା ମହମ୍ମଦ୍ ହାଜି ରୁସଓ୍ୱାଙ୍କ ଉପନ୍ୟାସ – "ଉମରାଓ-ଜାନ୍ ଚରିତ୍ର" ରେ । ଉମରାଓ ଅର୍ଥ ସମ୍ଭ୍ରାନ୍ତ ବା ଅମୀର ଶ୍ରେଣୀୟ ଲୋକଙ୍କ ଏବଂ ଜାନ୍ ଅର୍ଥ ପ୍ରାଣ ବା ନୟନତାରା । ଅମୀର ଲୋକଙ୍କ ନୟନତାରା ରୂପେ ଖ୍ୟାତି/ଅପଖ୍ୟାତି ପାଇଥିବା ଉମରାଓ ସତରେ ତାରା ଭଳି ଥିଲେ, କାରଣ ଦିନର ଆଲୋକରେ ସେ ନିଷ୍ପ୍ରଭ ଥିଲେ, ଅଥଚ ରାତିରେ ଅପହଞ୍ଚ ଦୂରତାରେ ରହି ତାରା ପରି ମିଟମିଟ୍ କରିବା ଛଡା ତାଙ୍କର ଆଉ କଛି ଅସ୍ତିତ୍ୱ ନଥିଲା । ସମାଜ ତାଙ୍କୁ ଭୂମି ଉପରେ

ଘର ବାନ୍ଧିବାର ସୁଯୋଗ ଦେଉନଥିଲା । କଥାକାର ମିର୍ଜା ମହମ୍ମଦ ରୁସୱା ଯଦି ଉମରାଓ ଙ୍କ ସହ ସାକ୍ଷାତ କରି ନଥାନ୍ତେ ବା ତାଙ୍କୁ ନେଇ ଉପନ୍ୟାସ ଲେଖି ନଥାନ୍ତେ ବା ଉପନ୍ୟାସକୁ ନେଇ ଯଦି ସିନେମା ତିଆରି ହୋଇ ନଥାନ୍ତା – ତେବେ ସମୟର ଚକ୍ରରେ ଉମରାଓ କେବେଠୁ ବିସ୍ମୃତ ହୋଇ ସାରିଥାନ୍ତେ । ରୁସୱା ୧୮୮୦ ବେଳକୁ ଉପନ୍ୟାସ ଲେଖିଥିଲେ ଏବଂ ଖୁସବନ୍ତ ସିଂ ତାର ଇଂରାଜୀ ଅନୁବାଦ କରିଛନ୍ତି । ରୁସୱାଙ୍କ ଲେଖା ଅନୁଯାୟୀ ଉମରାଓ ସୁନ୍ଦରୀ ନଥିଲେ, କିନ୍ତୁ ତାଙ୍କର ବୀଣାଜିଣା କୋକିଳ କଣ୍ଠରୁ ନିଃସୃତ ସ୍ୱରଚିତ କବିତାର ଝଙ୍କାର ଅସମାନ୍ୟ ଥିଲା । ସେ ଚମତ୍କାର ଉପସ୍ଥିତ ବୁଦ୍ଧି ସମ୍ପନ୍ନା ଥିଲେ ଏବଂ କଥାରେ କଥାରେ ସମସ୍ତଙ୍କୁ ମୋହିତ କରିପାରୁଥିଲେ । ପ୍ରତ୍ୟୁତ୍ପନ୍ନମତି ସମ୍ପନ୍ନା କବୟିତ୍ରୀ ଜଣକ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତରେ ନିପୁଣା ଥିଲେ, କ୍ଷତାକ୍ତ ହୃଦୟର ରୁଧିର ଧାରାପରି ସାଏରୀ ସବୁ ରଚନା କରିଥିଲେ । ପିଲାଟି ଦିନରୁ ସେ କେମିତି ଅପହୃତା ହୋଇଥିଲେ, ଲକ୍ଷ୍ନୌର ବଡ ବଡ ଅମୀର ଓ ନବାବ ମାନଙ୍କ ଘରକୁ କିପରି ମୁଜୁରା ପାଇଁ ନିମନ୍ତ୍ରିତ ହୋଇ ଯାଉଥିଲେ, ବାଇଜୀମାନେ କିପରି ଆୟସ-ଆରାମର ଜୀବନ କଟାଉଥିଲେ – ଏସବୁ ନେଇ ଋଦ୍ଧିମନ୍ତ ଥିଲା ତାଙ୍କ ସ୍ମୃତି । ତମାମ ପ୍ରାଚୁର୍ଯ୍ୟ ସତ୍ତ୍ୱେ କେହି ଜଣେ ଏକାନ୍ତ ଭାବେ ନିଜର ହୋଇଯାଉ ବା କାହାର ପାଖରେ ନିଜକୁ ଏକାନ୍ତ ଭାବେ ସମର୍ପିତ କରିଦେବା ପାଇଁ ଉମରାଓଙ୍କ ପ୍ରବଳ ଇଚ୍ଛା ଥିଲା । ପ୍ରକାରାନ୍ତରେ ଗୋଟିଏ ଜୀବନସାଥୀ ବାଛି ତା ସହ ପରିବାର ଗଢିବାରେ ଅଶେଷ ଆଗ୍ରହ ଥିଲା । ଅଥଚ ସମୟ ଓ ସମାଜ ସେକଥା କରିବାକୁ ଦେଇ ନଥିଲା । ଜୀବନର ଶେଷ ସମୟରେ ସେ ଘୋର ଦାରିଦ୍ର୍ୟରେ ଗତି କରିଥିଲେ ଏବଂ ଜୀବନର ଉଚ୍ଛାନଗ୍ନ ରାସ୍ତାରୁ ସାଉଁଟା ସ୍ମୃତି ହିଁ ତାଙ୍କର ଏକମାତ୍ର ସମ୍ବଳ ହୋଇ ରହିଥିଲା । ଏହା ହିଁ ଥିଲା ସୁଖ, ଦୁଃଖ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ସମାହାର ବା ଉମରାଓ ଙ୍କ ଜୀବନ ଚରିତ୍ର ।

ପଚଶି ବର୍ଷ ପରେ ପୁନଶ୍ଚ ଉମରାଓ-ଜାନ୍ ନାମରେ ରିମେକ୍ ସିନେମା ମୁକ୍ତିଲାଭ କଲା ଏବଂ ସେମିତି ଏକ ଅବସରରେ ପୁନଶ୍ଚ ଲକ୍ଷ୍ନୌ ବୁଲିବାର ସୁଯୋଗ ମିଳିଲା । ଏଥର ପରିସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଥିଲା । ଷ୍ଟେସନ୍ ରୁ ଖଣ୍ଡେ ଦୂର ଚାଲିଗଲା ପରେ ଗୋଟିଏ ଟୋକା ଟ୍ୟାକସି ଡ୍ରାଇଭରକୁ ଠାବ କଲି । ତାର ବାଳକଟା ଢଙ୍ଗ ଓ ବେଶ ପୋଷାକରୁ ସିନେମାରେ ବିଶେଷ ରୁଚି ରଖିଥିବ ବୋଲି ଅନ୍ଦାଜ୍ କରି ତାକୁ କହିଲେ – ସିନେମା ସୁଟିଂ ଯେଉଁ ସବୁ ଜାଗାରେ ହୋଇଥାଏ କେବଳ ସେସବୁ ଜାଗାକୁ ନେଇଚାଲ । ସେ ମତେ ଅନେକ ଜାଗା ବୁଲେଇଲା, ଯଥା ପାକିଜା, ଉମରାଓ-ଜାନ୍, ସାହେବ ବିବି ଔର

ଗୁଲମ, ଗଦର ଏକ ପ୍ରେମକଥା, ଯୋ ବୋଲ୍ ସୋ ନହାଲ୍ ଆଦି ଅନେକ ସିନେମାର ସୁଟିଂ ଜାଗା । ଆଜିକାଲି ଯେଉଁ ଜାଗାରେ ପାକସ୍ଥାନର ପଟ୍ଟଭୂମି ରହିଛି, ସେଥିପାଇଁ ସିନେମାବାଲା ଲକ୍ଷ୍ନୌ ଆସିଯାଉଛନ୍ତି । ଏ ସବୁ ସତ୍ୱେ ଏ ଆଖି ଯାହା ଖୋଜୁଥିଲା – ତାହା ଥିଲା ପଚଶି ବର୍ଷ ତଳର ମୁଜୁରା ଗାଲିଥିବା ଗଳି । ଅଜଣା ଗଳିର ନାମ, ଅଜଣା ଠିକଣା ଭିତରେ କେବଳ ଗୋଟିଏ ଜଣା ନାଁ ଉମରାଓ । କୌଣସି ବୁଢା ପାନ ଦୋକାନୀକୁ ଏକାନ୍ତରେ ଏ ବିଷୟ ଜିଜ୍ଞାସା କରନ୍ତେ ସେ କହିଲେ – ରାଜା, ନବାବ, ଜ୍ଞାନୀ, ଗୁଣି ସବୁ କୁଆଡେ ଗଲେ, ଏଠାର ମନ୍ଦିର ମସଜିଦ୍, ଦୁର୍ଗ, ରାଜପ୍ରସାଦ କୁଆଡେ ଗଲା, ଲୋକେ ଏବେ ଉମରାଓ କୋଉଠି ରହୁଥିଲେ ବୋଲି ପଚାରୁଛନ୍ତି । ସତେକ ଲକ୍ଷ୍ନୌ କହିଲେ ଉମରାଓ କୁ ବୁଝାଉଛି । ମୁଁ ନିରୁତ୍ତର ହୋଇ ସେଠାରୁ ଫେରିଲି ।

ଲାଖୀ, ଛତର ମନଜିଲ୍, ବିଲାୟତି ବାଗ୍, ହୁସେନ୍ ବାଗ୍, ଆଦି ବୁଲେଇବା ପରେ ଡ୍ରାଇଭର ମତେ ନେଇଗଲିଲା ଏକ ଶୁନଶାନଆ କନକନଆ ଜାଗାକୁ । ବହୁବର୍ଷ ତଳେ ପାଖାପାଖି ଅଶୀ ଦଶକର ଶେଷଭାଗରେ ଖବର କାଗଜରେ ପଢିଥିଲି – ଏସବୁ ନାଲୀବତୀ ଇଲାକାର ଉଚ୍ଛେଦର ଖବର । ଏ ଅଞ୍ଚଳକୁ ଏକ କଦର୍ଯ୍ୟ ପରିଚୟରୁ ମୁକ୍ତ କରି, ଏକ ସୁନ୍ଦର ଲକ୍ଷ୍ନୌ ର ଯୋଜନା ନେଇ ହଠାତ୍ ସବୁ ସଚେତନ ନାଗରିକ ଏକଜୁଟ ହୋଇଗଲେ । ପ୍ରବଳ ଜନମତକୁ ସମ୍ମାନ ଜଣାଇ ସରକାରୀ କଳ ଏ ସମସ୍ତ ଇଲାକାକୁ ନିଷିଦ୍ଧ କରିଦେଲେ ଏବଂ ସମସ୍ତଙ୍କୁ ଉଚ୍ଛେଦ କରାଗଲା । ତାର ପ୍ରତିବାଦରେ ନାଚବାଲୀ ଗାନାବାଲୀ, କୋଠାବାଲୀ ଓ ସେମାନଙ୍କ ବ୍ୟବସାୟରେ ଅଂଶୀଦାର ଥିବା ଭାଡୁଆ, ତବଲାବାଦକ, ଉସ୍ତାଦ୍ ଓ କୁଜି ଦଲାଲ ମାନେ ମିଶି ଏକ ବଡ ଧରଣର ପଟୁଆର ବାହାର କରିଥିଲେ – ଉଦ୍ଦେଶ୍ୟ ଥିଲା ସେମାନେ ଗଭର୍ଣ୍ଣରଙ୍କୁ ଭେଟିବେ ଏବଂ ସ୍ମାରକ ପତ୍ର ଦେବେ । ଖବର କାଗଜରେ ପ୍ରକାଶ ପାଇଥିବା ସେଇ ପ୍ରଚାର ପତ୍ରର ପ୍ରଥମ କେତୋଟି ଧାଡି ଥିଲା ଏପରି – "ଲୋକେ କହନ୍ତି ମଣିଷର ଭାଗ୍ୟରେଖା ହାତରେ ଥାଏ, କିନ୍ତୁ ଆମର ଭାଗ୍ୟ ତ ଘୁଙ୍ଗୁର ପିନ୍ଧା ପାଦରେ । ଆମେ କଳାର ପୂଜାରୀ, ଲକ୍ଷ୍ନୌର ପରିଚୟ, ସମାଜର କଲ୍ୟାଣକାରୀ.... ଆମ ବ୍ୟବସାୟ ବନ୍ଦ ହେଲେ ଆମେ କୁଆଡେ ଯିବୁ, କିଏ ଆମକୁ ଆଶ୍ରା ଦେବ...ଆମେ ମରିଯିବୁ" । କହିବା ବାହୁଲ୍ୟ ସେ ଶୋଭାଯାତ୍ରା ଗଭର୍ଣ୍ଣରଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଆରମ୍ଭ ହେଲା ଲକ୍ଷ୍ନୌର ଶିକ୍ଷିତ ବର୍ଗଙ୍କ ଟେକାମାଡ । ସେଥିରେ ସାମିଲ ଥିଲେ ଶିକ୍ଷକ, ବ୍ୟବସାୟୀ, ଗୋସେଇଁ, ମୁଲ୍ଲା, ଆଲିମ୍, ମୁଜାବର୍ ଏବଂ ମୁଣ୍ଡରେ ସ୍କାର୍ଫ ପିନ୍ଧା ସଚେତନ ମୁସଲିମ୍ ମହିଳାଗଣ ।

କାହାର ମୁଣ୍ଡ ଫାଟିଲା, କାହାର ବାଦ୍ୟଯନ୍ତ୍ର ଫାଟି ରାସ୍ତାରେ ପଡିଲା, କଏ ମୂମୁର୍ଷୁ ଅବସ୍ଥାରେ ହସପିଟାଲ ଗଲା । ସମସ୍ତେ ଏଭଳି ଛିନ୍ନଛତ୍ର ହୋଇଗଲେ ଯେ ପୁନର୍ବାର ଏକତ୍ରିତ ହେବା ପାଇଁ ସାହସ କଲେନାହିଁ । ତାପରେ ଏସବୁ ଘର ଓ ଜାଗାକୁ ହଡପ୍ କରିବା ପାଇଁ ସେଇ ଶିକ୍ଷିତ ଚତୁର ଲୋକଙ୍କ ଭିତରେ ଝଗଡା ଆରମ୍ଭ ହୋଇଗଲା । କଥା ମାଡପିଟ୍ ଓ ହତ୍ୟା ପର୍ଯ୍ୟନ୍ତ ଗଲା, ତେଣୁ ସରକାର ୧୪୪ ଧାରା ଲାଗୁକଲେ । ଏବେ କେଶ୍ ଯାଇ ହାଇକୋର୍ଟ, ସୁପ୍ରିମ୍ କୋର୍ଟରେ । ଆଶ୍ରୟ ଯୋଗାଉଥିବା ଘରଗୁଡିକ ମାଲିକ ଅଭାବରୁ ଖୋଦ୍ ଆଶ୍ରୟହୀନ ।

ଏସବୁ ଜାଗାରେ ମୁଁ ପିଲାତିବା ବେଳେ ନାଚଗାନା, ମୁଜୁରା ଚାଲୁଥିଲା, ହୁଏତ ଏଠି ଥାଇପାରେ ଆପଣ ଖୋଜୁଥିବା ଜାଗା – ଡ୍ରାଇଭର ର ଏପରି କଥାରେ ମୋ ଭାବନା ଭଙ୍ଗ ହେଲା । ଏକ ଅହେତୁକ ଭୟ ଜଡଜଡ ମନ ନେଇ ସେଇ ଜାଗାରେ ଠିଆହେଲି । ଭଙ୍ଗା ଦଦରା ହୋଇ କଛି ଘର ପଡିରହିଛି, କାହାର କବାଟ ଦ୍ୱାରବନ୍ଧ ତଡା ଯାଇଛି ତ କେଉଁଠି ଅଖା ସିଲେଇ ହୋଇ ଦ୍ୱାରକୁ ସର୍ବଜନ ନିଷିଦ୍ଧ କରାଯାଇଛି । ଅଦୂରରେ ଏକ ଦଦରା ଘରୁ କଛି ଆବାଜ ଶୁଭୁଥିଲା – ଝରକା ପଟେ ମୁହଁ ଗଳେଇ ଦେଖିଲି, ବାଉଁଶ ପାତିରେ ତିଆରି ଚଲମନ୍, ସେପଟେ ମଦ୍ରାସା (ମୁସଲମାନ ଧର୍ମଶିକ୍ଷା ସ୍କୁଲ) ଚାଲିଥିଲା, ବିଭିନ୍ନ ବୟସର ଶିକ୍ଷାର୍ଥୀ ମାନେ ଗୁଣୁଗୁଣୁ ହୋଇ ପଢିବାରେ ଲାଗିଥିଲେ । ଏମିତି ଏକ ଭଗ୍ନପ୍ରାୟ ଉଜୁଡା ଘରର ପିଣ୍ଡାରେ ବସି ଭାବୁଥିଲି । ସିନେମାର ସଂଳାପଟିଏ ମନେ ପଡୁଥିଲା – ଉମରାଓ ନବାବ୍ ସୁଲତାନ୍ ଙ୍କୁ କହୁଛନ୍ତି – "ବେୱଫା କରକେ ଆପ୍ ନବାବ୍ ରହଗୟେ । ଔର ୱଫା କରକେ ଭି ହମ୍ ତୱାଇଫ୍ ରେହେଗୟେ ।"

ଆମ ପରମ୍ପରା କହେ ଏସବୁ ଘର ଆଗର ମାଟି ବଡ ପବିତ୍ର – କାରଣ ଜୀବନର ସବୁ ଅର୍ଜିତ ପୁଣ୍ୟକୁ ଏଠାରେ ଛାଡି ଲୋକେ ଏହି ଲକ୍ଷ୍ମୀ ବିବର୍ଜିତ, ଅପରିଚ୍ଛନ ଘର ସବୁକୁ ଆସୁଥିଲେ । ପିଣ୍ଡାରେ କଛି ଶୁଖିଲା ପତ୍ର ପାଦେବନ୍ଧା ଘୁଙ୍ଗୁର ପରି ଶବ୍ଦ କରି ଏପଟ ସେପଟ ହୋଇ ଉଡୁଥିଲେ । ଭିତରୁ କଛି ପିଲାଙ୍କ ଦାନ୍ତଚପା ହସର ଆବାଜ ଶୁଭୁଥିଲା । ଝରକା ତଡା ଯାଇଥିବା କଣା ଦେଇ ଦେଖିଲି ଚାରି ପାଞ୍ଚଟି ଆଠଦଶ ବର୍ଷର ପିଲା ସିଗାରେଟ୍ ଖାଇ ତାସ୍ ଖେଳୁଛନ୍ତି । କାନ୍ଥକୁ ଆଉଜି ଗୋଟିଏ ପାଞ୍ଚଫୁଟ ଉଚ୍ଚର ଭଙ୍ଗା ଦର୍ପଣ କାଚଟିଏ ରହିଛି । ତା ଉପରେ ପରେସ୍ତେ ଧୂଳ ବସିଥିଲା ଏବଂ ଆଙ୍ଗୁଠି ଆଗରେ କଏ ଜଣେ ଲେଖିଥିଲା – ଉମରାଓ ଜାନ୍ ।

ଏକ ଅଦ୍ଭୁତ ନୀରବତା ଭିତରେ କାପ୍ତାଟିଏ କେବଠୁ ଘୁମୁରି ହେଉଥିଲା – ସତେକି ମଳୟରେ ବିରହ ମୂର୍ଚ୍ଛନା ଗ୍ଲଲିଛି । ଉଜୁଡା ଘରସବୁର ଯୁଆଡେ ଦେଖିଲେ ଖାଲି ପରସ୍ତ ପରସ୍ତ ଧୂଳ, ବୁଢିଆଣୀ ବସା, ଗଛଉଠା କାନ୍ଥ, ଗଜଲ ଭାଷାରେ ଖାଲି ଧୂଆଁ ଧୂଆଁ ମୟ । ମନ ଗହନରେ ଏକ ମୂର୍ଚ୍ଛନା ତୁହାକୁ ତୁହା ଶୁଭୁଥିଲା – ଇସି ଅଞ୍ଜୁମନ ମେ ଆପ୍ କୋ ଆନାହେ ବାରବାର, ଦିବାର ଦରକୋ ଗୌରସେ ପହେଗ୍ଚନ୍ ଲିଜିଏ: ଦିଲ୍ ଚଜ୍ କ୍ୟା ହେ ଆପ୍ ମେରୀ ଜାନ୍ ଲିଜିଏ ।

ଭାରତୀୟ ଜୀବନ ବୀମା ନଗମ,
କୋରାପୁଟ, ଓଡିଶା

**ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:**

editor.vedantimagazine@gmail.com /
vedantimagazine@gmail.com

# ମୃତ୍ୟୁ

ଦିନବଂଧୁ ବେଜ

ଏକ ଚିରନ୍ତନ
ଧ୍ରୁବ ସତ୍ୟ ହେଉଛି
ମୃତ୍ୟୁ........ ।
ପ୍ରିୟା ପ୍ରିତି
ଶତ୍ରୁ ମିତ୍ର
କଞ୍ଚା ପାଚିଲା
ଫରକ ପଡେନ,
ନଗଦ ବାକି
କିଏ ପଚାରୁଛି
ଏକ ଅନିର୍ବଚନୀୟ
ମୂହୁର୍ତର କଥା ।
ଆସିବା ଯିବା
ତାର ଚିରଚରିତ
ନହେବା ନିଶ୍ଚିତ ଚକିତ
ସମୟ କାଳ ପାତ୍ର
ଦିବା ରାତ୍ରୀ
ପ୍ରାତଃ ପୂର୍ବାହ୍ନ ମଧ୍ୟାହ୍ନ
ଅପରାହ୍ନ ସର୍ବଦା
ତାର ଫନ୍ଦା ପ୍ରସ୍ତୁତ
ହେଲେ
ମୃତ୍ୟୁର ଚିରଚରିତ ଢଙ୍ଗ
ହୋଇଯାଇଛି

ବେସୁର୍ ର୍ଗିଣୀ
ରସ ଶୁନ୍ୟ
ଶ୍ରୁତିକଟୁ ଜଣାଣ
ଝାତି ଝୁଡି ମୃତ୍ୟୁ ଏବେ
ପୂବେଇ ପବନ
ପ୍ରତିଧ୍ୱନତ ଅହରହ
ବିକଟାଳ ମୃତ୍ୟୁର ହିସାବ
ଅହରହ ଫଟାଉଛି
କର୍ଣପଟହ
ମୃତ୍ୟୁ ମୃତ୍ୟୁ ମୃତ୍ୟୁ
ନନାଦିତ......
ଚତୁର୍ଦ୍ଦିଗ ଓ ଉର୍ଦ୍ଧ ଅର୍ଦ୍ଧ
ବିଶ୍ୱ ଭ୍ଷାକୋଷରେ
ଏବେ ମୃତ୍ୟୁ ଛଡ଼ା
ଆଉ ନାହିଁ କଛି ଶବ୍ଦ
ଆକ୍ରାନ୍ତ ସୁସ୍ଥ ଓ ମୃତ୍ୟୁର
ହିସାବ କତାବ
ନଦୀରେ ବୁଡିଯାଉଥିବା
ଦଦର୍ ନାବ,
ଏ ସନ୍ତ୍ରସ୍ତ ମଣିଷ ।
ରକ୍ଷା କର ଏମାନବକୁ
ହେ ଜଗନ୍ନାଥ ।

ବାସୁଦେବପୁର, ଭଦ୍ରକ

# ପରମାତ୍ମା

କୁମୁଦିନୀ ବେହେରା

ପରମାତ୍ମା ବୋଲି ରୂପ କିଛି ନାହିଁ
ଶବ୍ଦ ଏକ ଆଧ୍ୟାତ୍ମିକ
ନୁହଁନ୍ତି ଆକାଶ ଗ୍ରହ କି ନକ୍ଷତ୍ର
ନାହିଁ ତାଙ୍କ ମୂଲ୍ୟ ଅଙ୍କ ।

ନୁହଁନ୍ତି ଆକାର ସେ ତ ନିରାକାର
ଭାବରେ ସୂକ୍ଷ୍ମ ଭାବନା
ପରମାତ୍ମା ଆଗାମୀ ସମୟପାଇଁ
ଆଧ୍ୟାତ୍ମିକ ସମ୍ଭାବନା ।

ଏ ଜୀବନ- ଗଙ୍ଗା ଆସିଛି ଯେଉଁଠୁ
ସେ ସାଗରେ ହେବ ଲୀନ
ସେ ଯାଏ ସାଙ୍ଗରେ ଧରି ଧର୍ମ ଦଣ୍ଡ
କରିବା କାଳ ଯାପନ ।

ଦୁଃଖୀ ଅସଫଳ ଆତ୍ମା ଖୋଜେ ବଳ
ଲକ୍ଷ୍ୟପଥ ସ୍ୱର୍ଗଧାମ
ଆଗକୁ ଯିବାକୁ ହୁଅଇ ତତ୍ପର
ନିଜ ମୁକ୍ତି ତାର କାମ୍ୟ ।

ଶରୀର ସଂଯୁକ୍ତ ରହିଅଛି ମନ
ହୁଏ ସଦା ଅନୁଭବ

ଆତ୍ମାର ଖବର ମିଳେ ନାହିଁ କଛି
କେଉଁଠି ସେ ବଇଭବ ।

ଶୁଭୁନାହିଁ କେବେ ଆତ୍ମାର ଶବଦ
ଜାଣେନାହିଁ ଜୀବକୋଷ
ଭାଷାକୋଷ ଅର୍ଥ ଖୋଜି ପାଏ ସିନା
ଆତ୍ମା ସର୍ବଦା ଅଦୃଶ୍ୟ ।

କାମନା ବାସନା ଜଡିତ ଶରୀର
କରେ ମିଳନ ଅକାଂକ୍ଷା
ବଦଳ ଯାଏ ଏ ମନର ଭାବନା
ମାଗେ ସ୍ନେହ ପ୍ରେମ ଭିକ୍ଷା ।

ଶରୀର ଆମର ଜଡ ବସ୍ତୁ ସିନା
ମନେ ଭରିଛି ଚେତନା
ସେ ଚେତନା ଆଣେ ଅଲୋଡା ଜୀବନେ
କେତେ କାମନା ବାସନା ।

ମନର ମିଳନେ ପ୍ରେମ ସୃଷ୍ଟି ହୁଏ
ଜଳ ମିଳନେ ଜୀବନ
ଆତ୍ମାର ମିଳନେ ଭକତି ରସରେ
ପରମାତ୍ମା ଠାରେ ଲୀନ ॥

ଶିକ୍ଷୟିତ୍ରୀ, ଅନୁଗୋଳ

# ପ୍ରୀତିର ସେଇ ଗାଁ ନଈ



ନବ କୁମାର ଦାସ

କଳ କଳ କରି ବହି ଯାଉଥାଇ
ମୋର ଗାଆଁ ଟିକ ନଈ
ଚହଲ୍ ପାଣିରେ ଛାଇର ଛବିରେ
କଳା ଧଳା ରୂପ ନେଇ...

ର୍‌ତି ଅନ୍ଧାରରେ ତାର୍ ଚନ୍ଦ୍ରମାରେ
ଆକାଶ ବି ଖସିଆସେ
ହଲ ଚଲ ପାଣି ଟିକ ଢେଉ ଗଣି
ଗାଆଁ ବୁକୁରେ ଝଲସେ....

ନରିମାଖି ପ୍ରିୟା ଦିଶେ ଭ୍‌ରି ଗୋର୍
ହଳଦୀ ମାଖେ ଲେ୍ ବସି
ତୁଠ ପଥରରେ ତା ପାଦ ଘଷାରେ
ପାଉଁଜି ଯାଏ ଲେ୍ ଖସି....

ନଦାଘର ବେଳେ ଆମ୍ବତୋଟା ମାଳେ
ମଳୟ ମହକ ବାସେ
ନଈ କୂଳେ କୂଳେ କୋଇଲିର ମେଳେ
ଗାଆଁ ମୋର ଖାଲି ହସେ....

ସବୁ ଦେଖିଅଛି ସାଇତି ରଖିଛି
ଗାଆଁ ଇତିହାସ କେତେ
ଜୀବନ ଦେଇଛି ହସ ଫୁଟାଇଛି
ପ୍ରାଣ ଅଛି ଯେତେ ଯେତେ....

ବାଲିଆପାଳ, ବାଲେଶ୍ୱର

# ଗୁରୁ ଶିଷ୍ୟ



ଅନାଦି ସେଠ

ପ୍ରାଚୀନ କାଳର ଶିକ୍ଷା ପରମ୍ପରା
ଥିଲା ଗୁରୁ ଶିଷ୍ୟ ଭାବେ ବନ୍ଧା
ମାତ୍ର ଅର୍ବାଚୀନେ ବିପରୀତ କାର୍ଯ୍ୟ
ଗ୍ଲାଳିଛି ଗୁରୁକୁଳ ନୀତି ଢନ୍ଦା !!
ପୁରା ସଂସ୍କୃ ତି ରେ ଗୁରୁ ଭଗବାନ
ଥିଲେ ଗୁରୁ ପିତାମାତା ସର୍ବ
ଆଶ୍ରମରେ ରହି ଶିକ୍ଷା ପ୍ରାପ୍ତୁଥିଲା
ତେଜି ସକଳ ମନରୁ ଗର୍ବ !!
ଅଭିମାନ ତେଜି ସ୍ୱାଭିମାନୀ ଥିଲା
ଶିଷ୍ୟ ଆଜ୍ଞାବହ ଗୁରୁଙ୍କର
ଗୁରୁ ବାକ୍ୟ ତାର ମନ୍ତ୍ର ତୁଲ୍ୟ ଥିଲା
ପୁଣି ବିନୟ ତା ଅଳଙ୍କାର!!
ତାଳପତ୍ର ପୋଥି ଗୁରୁଙ୍କ ବଚନ
ଥିଲା ମାଧ୍ୟମଟି ପୁସ୍ତକର
ସେଥିରେ ଶିଷ୍ୟ ଅଧ୍ୟୟନ କରି
ଜାଣୁଥିଲା ତତ୍ତ୍ୱ ଏ ସଂସାରର!!
ଗୁରୁଙ୍କ ମୂର୍ତ୍ତିକୁ ଧ୍ୟାନମଗ୍ନେ ସ୍ମରି
ସେ ଲଭୁଥିଲା ଅସୀମ ସ୍ମୃ ତି
ଗୁରୁପଦ ସେବି ଆୟୁଷ୍ମାନ ହୋଇ
ସେ ଲଭୁଥିଲା ଅମର କୀର୍ତ୍ତି!!

ବିଦ୍ୟାଶେଷେ ପୁଣି ଦକ୍ଷିଣା ଦେଇକ
ପ୍ରତ୍ୟାବର୍ତ୍ତନ କରେ ଗୃହେ
ଗୁରୁବାଣୀକୁ ସେ ପାଥେୟ କରିଣ
ବଞ୍ଚେ ପଦ୍ମପତ୍ର ଜଳ ପ୍ରାୟେ !!
ସୁସଭ୍ୟ ସମାଜ ଗଢ଼ିବା ପାଇଁକ
ତାର ବ୍ରତଥାଏ ଜୀବନର
ଗୁରୁଭକ୍ତି ଯୋଗୁଁ ପଥ ହୁଡ଼େ ନାହିଁ
ପାଳେ ନିର୍ଦ୍ୱନ୍ଦରେ ତା କର୍ମର!!
ସ୍ନେହ ଶ୍ରଦ୍ଧା ପ୍ରୀତି ଶାନ୍ତି କ୍ଷମା ଗୁଣେ
ହୁଏ ଆଦର୍ଶ ସ୍ଥାନୀୟ ବ୍ୟକ୍ତି
ଗୁରୁ ପାଦପଦ୍ମେ ସ୍ମରଣ କରିଣ
ଲଭେ ଶାନ୍ତିର ସେ ଅଭିବ୍ୟକ୍ତି!!
ଗୁରୁ ବ୍ରହ୍ମା ହରି ଶଙ୍କରଙ୍କ ରୂପ
ପୂଜ ଶ୍ରଦ୍ଧାସୁମନ ସମର୍ପି
ଗୁରୁ ହସିଲେଟି ଜଗତ ହସିବ
ମନେ ହେଜ ହେ ବୁଝ ଯଦ୍ୟପି !!

ଡୁଡୁକା, ବଲାଙ୍ଗୀର

# ପାଛିଏ ମାଟି

ଅନୁସୃଜନ – ସୁଧାଂଶୁ ଶେଖର ଦ୍ୱିବେଦୀ
ମୂଳ ହିନ୍ଦୀ – ମାଧବ ରାଓଅ ସପ୍ରେ
(୧୮୭୧ ରୁ ୧୯୨୬)


ସୁଧାଂଶୁ ଶେଖର ଦ୍ୱିବେଦୀ

ଜୈନେକ ଜମିଦାରଙ୍କ ମହଲ ପାଖରେ ଜଣେ ଗରିବ ବିଧବା ବୁଢୀର ଝାଟି-ମାଟି ଘର ଥାଏ । ଦିନେ ଜମିଦାର ନିଜ ଜମି ହତାରେ ବୁଲୁବୁଲୁ ଜମିର ପରିସୀମା ବଢେଇବାକୁ ମନସ୍ଥ କଲେ । ତାହା କରିବାକୁ ହେଲେ ବୁଢୀର ମାଟି ଘରକୁ ଭାଙ୍ଗିବାକୁ ହେବ ।

ଜମିଦାର ତାଗିଦ୍ କରି ଘର ଭାଙ୍ଗିବା ପାଇଁ ବୁଢୀକୁ କହିଲେ । ବୁଢୀ ତା ବିବାହ ଦିନରୁ ସେଇ ମାଟିଘରେ ରହିଛି । ଜୀବନର ସବୁ ପାହାଡକୁ ସେଇ ଘରେ ରହି ଚଢିଛି । ଦିନେ ସେ ନୂଆ ବୋହୂ ହୋଇ ଆସିଥିଲା, ଆଉ ଆଜି ୫ ବର୍ଷ ଝିଅର ବୁଢୀ ମା । ସ୍ୱାମୀ ଓ ପୁଅ ସେଇ ମାଟି ଘରେ ମରିଛନ୍ତି । ଗତବର୍ଷ ବୋହୂ ବି ଛୋଟ ଝିଅଟିକୁ ଛାଡି ଚାଲିଗଲା । ଏବେ କେବଳ ମାଟିଘର ଓ ନାତୁଣୀ ହିଁ ତାର ଏକମାତ୍ର ସାହାରା ।

ମଜିଦାରଙ୍କ ତାଗିଦ୍ ଶୁଣି ହୃଦୟରୁ ପ୍ରାଣ ବାହାରିଗଲା ପରି ଅନୁଭବ ହେଲା ତାକୁ । କାନ୍ଦୁରା ଓଠରେ ସେ କହିଲା, "ବାବୁ! ପୁରା ଜୀବନ ଏଇ ମାଟିଘରେ ବିତେଇଛି । ସ୍ତ୍ରୀ ହୋଇ, ମା ହୋଇ ଓ ଏବେ ବୁଢୀ ମା ହୋଇ ଏ ବୟସରେ ଟିକ ଝିଅଟିକୁ ନେଇ କୁଆଡେ ଯିବି? ନା ବାବୁ ଜିଇଥିବା ଯାଏ ମୁଁ ଏ ମାଟିଘର ଛାଡିବିନି ।"

ଜମିଦାର ଅନେକ ଡରେଇବା, ଧମକେଇବା ପରେ ବି ବିଫଳ ହେଲେ । ଶେଷରେ ସେ ଯୋଜନା ଅନୁଯାୟୀ ଓକିଲର ଥଳି ଗରମ କରି ଅଦାଲତରେ ମାଟିଘର ସଂଲଗ୍ନ ଜମିରେ ନିଜ ସତ୍ତ୍ୱ ଜାହିର କଲେ । ଉପାୟଶୂନ୍ୟ ଓ ନିରାଶ୍ରିତ ବୁଢୀ ଆଖିରେ ଆଖିଏ ଲୁହ ଭରି ନାତୁଣୀକୁ ସାଥିରେ ନେଇ ନିକଟସ୍ଥ ଏକ ଗାଁକୁ ଚାଲିଗଲା ।

କିଛି ଦିନପରେ ସ୍ୱୟଂ ଜମିଦାର ନିଜ କର୍ମଚାରୀଙ୍କ ଦ୍ୱାରା ସେହି ମାଟିଘର ଭାଙ୍ଗୁଥିବା ବେଳେ ବୁଢୀ ତାଙ୍କ ପାଖରେ ପହଞ୍ଚିଗଲା । ତାକୁ ଦେଖିବାକ୍ଷଣି ଜମିଦାର ରାଗରେ ଗରଗର ହୋଇ

କହିଲେ, "କଣ ପାଇଁ ଏଠିକୁ ଆସିଛୁ? ଯା...ବାହାର ଏଠୁ..."। ତା ପରେ ସେ ନିଜ କର୍ମଚାରୀଙ୍କ ଦ୍ୱାରା ବୁଢୀକୁ ସେଠାରୁ ହଟେଇବାକୁ ଆଦେଶ ଦେଲେ ।

ବୁଢୀ ବିକଳ ହୋଇ କହିଲା, " ବାବୁ! ଏବେ ତ ଏଇ ମାଟିଘର ଆପଣଙ୍କର ହୋଇଗଲା । ମୁଁ ଆଉ ଆପଣଙ୍କର କଣ କରିପାରିବି? ମୁଁ ସିନା ବୁଝିଗଲି, ହେଲେ ନାତୁଣୀଟା ମୋର ଜମା ବୁଝୁନି ବାବୁ । ଏ ମାଟି ଘରର ମୋହ ତାକୁ ଏତେ ଆପଣାର କରିଛି ଯେ ସେଇଦିନରୁ କିଛି ଖାଉନି କି ପିଉନି । ତାର ଗୋଟିଏ ଜିଦ୍, ଏଇ ମାଟିଘରେ ବସି ଖାଇବ । ମୋର ଗୋଟେଇ ଛୋଟ ମାଗୁଣି ରଖ ବାବୁ । ଏଇ ମାଟିଘରୁ ପାଛିଏ ମାଟି ଦେଲେ ସେଇ ମାଟିରେ ଚୂଲି ତିଆରି କରି ସେଇଥିରେ ରାନ୍ଧି ନାତୁଣୀକୁ ଖାଇବାକୁ ଦେବି । ସେ ମୋ କଥା ମାନିବ ବୋଲି ହଁ କରିଛି ବାବୁ । ଆପଣ ଅନୁମତି ଦେଲେ ଖାଲି ପାଛିଏ ମାଟି ନେବି ।"

ବୁଢୀର ବିକଳ ଅନୁନୟରେ ଜମିଦାରଙ୍କ ଟାଣୁଆ ହୃଦୟଟା ଦୋହଲିଗଲା । ମନରେ ଦୟା ଉଦ୍ରେକ ହେଲା । ପାଛିଏ ମାଟି ଭରିବା ପାଇଁ ବୁଢୀକୁ ସେ ଅନୁମତି ଦେଲେ ।

ଜମିଦାରଙ୍କଠୁ ଭରଷା ପାଇ ବୁଢୀ ଘର ଭିତରକୁ ଗଲା । ଅତୀତର ସ୍ମୃତିରେ ଧାରଧାର ଲୁହ ନିଗିଡି ପଡିଲା ତା ଆଖି କୋଣରୁ । ପୁଣି ନିଜ ଲୁଗା କାନିରେ ଲୁହକୁ ପୋଛି ଆନ୍ତରିକ ଦୁଃଖକୁ ନିୟନ୍ତ୍ରଣ କରି ପାଛିଆରେ ମାଟି ଭରିଲା । ପାଛିଏ ମାଟି ଭରି ସାରିବା ପରେ ତାକୁ ଉଠେଇବାକୁ ପ୍ରୟାସ କଲା । ପାଛିଆର ମାଟି ଏତେ ଓଜନ ହୋଇଥାଏ ଯେ ତା ଶକ୍ତି ପାଖେ ଆଉ ଉଠିଲାନି । କଣ କରିବ କିଛି ବୁଝି ପାରୁନଥାଏ ।

ପୁଣିଥରେ ଜମିଦାରଙ୍କ ପାଖକୁ ଯାଇ ମାଟି ପାଛିଆଟି ତା ମୁଣ୍ଡକୁ ଉଠେଇଦେବା ଲାଗି ଗୁହାରୀ କଲା । ଜମିଦାର ତ ପୂର୍ବରୁ ତା ଉପରେ ରାଗି ଖପା ହୋଇଥାନ୍ତି । ସେ ବୁଢୀ କଥାକୁ ଶୁଣି ନଶୁଣିଲା ପରି ମୁହଁ ବୁଲେଇନେଲେ । ଜମିଦାରଙ୍କ ବୁରୁଦ୍ଧାଚରଣରେ ବୁଢୀ ତାଙ୍କ ଗୋଡ ଧରି କାକୁସ୍ଥ ହେଲା । ବୋଧହୁଏ ତାଙ୍କ ମନରେ ଦୟା ଜାଗ୍ରତ ହେଲା । ସେ କୌଣସି କର୍ମଚାରୀଙ୍କୁ ନକହି ସ୍ୱୟଂ ମାଟି ପାଛିଆ ଉଠେଇ ବୁଢୀ ମୁଣ୍ଡ ଉପରେ ରଖିବାକୁ ଚେଷ୍ଟା କଲା । ତିନି-ଚାରିଥର ସଂପୂର୍ଣ୍ଣ ଶକ୍ତିକୁ ଲଗେଇ ଚେଷ୍ଟା କଲେ ଅଥଚ ମାଟି ପାଛିଆକୁ ଆଦୌ ତଳୁ ଉଠେଇ ପାରିଲେ ନାହିଁ ।

ବୁଢ଼ୀ ଜମିଦାରଙ୍କ ଅସଫଳତାକୁ ଦେଖି ନରମ କଣ୍ଠରେ କହିଲ୍, "ବାବୁ! ପାଛିଏ ମାଟି ଆପଣ ଉଠେଇ ପାରୁନାହାନ୍ତି । ତାହେଲେ ଭାବନ୍ତୁ ଏ ଘରେ କେଜାଣି କେତେ ପାଛିଆ ମାଟିରେ ତିଆରି ହୋଇଥିବ! ଆପଣ ସେଇ ମାଟିତକ ବି ମୋଠୁ ଛଡେଇନେଲେ.... ।"

ଧନ, ପଦ-ପଦବୀ, ମର୍ଯ୍ୟାଦାରେ ଅନ୍ଧ ହୋଇ ଜମିଦାର ନଜର ନଜତ୍ୱକୁ ଭୁଲିଯାଇଥିଲେ । ପାଖରେ ଅମାପ ଧନ-ସଂପତ୍ତି ଥାଇ ସାମାନ୍ୟ ପାଛିଏ ମାଟି ସେ ଉଠେଇ ପାରିଲେନ । ଅଥଚ ବୁଢ଼ୀର ସାର୍ା ଜୀବନ ପରିଶ୍ରମକୁ ଲୋଭ-ମୋହରେ ବଶବର୍ତ୍ତୀ ହୋଇ ଭାଙ୍ଗିଦେବାକୁ ଆସିଛନ୍ତି ।

ସଂଭବତଃ ନଜ ଭୁଲକୁ ନଜେ ସୁଧାରି ବୁଢ଼ୀକୁ ତା ମାଟିଘର ଫେରାଇ ଦେବା ସହ ଅବଶିଷ୍ଟ ଭାଙ୍ଗିଦେଇଥିବା ଅଂଶକୁ ମରାମତି କଲେ ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା
ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା
ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ
ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ
ଅନେକ ସାଧୁବାଦ

# ଗାଉଁଲୀ ଜୀବନ ଭାରି ବଢ଼ିଆ



ଶିଶିର କୁମାର ପଣ୍ଡା

ଗାଆଁରେ ଆସିକ ରହିବା ପରଠୁ
ଭୁଲି ସାରିଲିଣି ସହର
କେଡ଼େ ମିଠାଲାଗେ ଏଠିକା ପବନ
ସେଠି ଭରିଅଛି ଜହର ।
ପେଟ ପୁରିଯାଏ ସୁନାରଙ୍ଗ ଦେଖି
ପାଚଥିବା ଧାନ କଆରୀ
ମୁଣ୍ଡଝାଳ କତି ତୁଣ୍ଡରେ ମାରିକ
ଗୃଷୀ ଯାହାକରେ ତିଆରି ।
ପରିବାର ସାଥେ ବେଳ କଟିଯାଏ
ଦିନରାତି ଜଣା ପଡ଼େନା
ସହରିଆ ସେଇ ସମୟର ଚକ
ଆଗକୁ ମୋଟୁରୁ ଗଡ଼େନା ।
ଛେଳ ପାଳଅଛି, ଗାଇ ବି ରଖିଛି
ଦୁଧିଆଳ ଦେଖି ବଢ଼ିଆ
ଦଶଟା ବେଳକୁ ଚରନ୍ତି ଯାଇକ
ନୂଆବାଡ଼ି ଗୋଟା ପଡ଼ିଆ ।
ଗାଉଁଲୀ ଜୀବନ ଖରାପ କାହାକୁ
କାହିଁକ ଲାଗଇ ଜାଣେନା
ସହର ଛାଡ଼ିକ ଘରେ ଅଛିବୋଲି
ଦୁଃଖ ମୋ ମନରେ ଆଣେନା ।

କୁଆଁସ , ମେରଦା କାଟିଆ , ଯାଜପୁର

# ସରମ ଛଡ଼ା



ସୁଲୋଚନା ବେହେରା

ମହା ଦ୍ରୁମ ଗୋଟି
ଗର୍ବେ ମଥା ଟେକ
ଭାଷଇ କଟୁ ବଚନ,
ଯେତେ ଦଳୁଛନ୍ତି
କେତେ ମାରୁଛନ୍ତି
ନ ଯାଏ ନିର୍ଲଜ ପ୍ରାଣ ।

ସୁନ୍ଦର ସରଳ
ଦୁର୍ବାଦଳ ମନେ
ତିଳେ ମାତ୍ର ନାହିଁ ଗ୍ଲାନି,
ସଭିଏଁ ଆନନ୍ଦ
ମୋ ତନୁ ପରଶେ
ଦିଏ ମୁଁ ଆପଣା ମଣି ।


ହୀରକ ର ଶୋଭା
ତୁଚ୍ଛ ମଣୁ ଥାଏ
ଶିଶିର ବିନ୍ଦୁ ଟି ଜାଣ,
ଦେଖଣା ସୁନ୍ଦରି
ମହା କାଳ ଫଳ
ଆମ୍ଭକୁ ଦିଏ ଗଞ୍ଜଣ ।

ପିପୀଲି ଉଠିଛି
ରଖାର ଉପର
ସ୍ୱର୍ଗ ମାତ୍ର ଦୁଇହାତେ,
ଖଦ୍ୟୋତ କହୁଛି
ନାଶିବ ତମସା
ଚନ୍ଦ୍ରମା ଅନୁପସ୍ଥିତେ ।

ଶିଳ ଶିଳପୁଆ
ଗଗନେ ଉଡଇ
କପା ତୁଳା ଗାଦି ମଡ଼ା,
ଧୀର ସମୀରଣେ
କୋଶ କୋଶ ଉଡେ
ମୁଖରେ ସରମ ଛଡ଼ା ।

ବଇଁଚୁଆ, ବାଲିଅନ୍ତା, ଖୋର୍ଦ୍ଧା

# କୋଭିଡ୍-୧୯



ଅଜିତ ପାଢ଼ି

ସଲାମ୍ ଡାକ୍ତର, ସଲାମ ନର୍ସ ତୁମ୍ଭେ
COVID ର ଯୋଦ୍ଧାବୀର
ନିର୍ମଳ ହୃଦୟ ମନେ ଅପରେସନ ଥୀଏଟର ଭିତରେ
ପ୍ରାଣ ବଞ୍ଚାଇବା ର ପ୍ରରିଚୟ ତୁମ୍ଭେ
ପ୍ରକୃତରେ ତୁମ୍ଭେ, ଦ୍ୱିତୀୟ ଈଶ୍ୱର ॥
ମାଲିକର ଭଡାଘରେ ରହୁଥିଲେ ଏମାନେ
ଜାଣି ନଥିଲେ ମାଲିକର "ଘୃଣ୍ୟତା" ର ପରିଚୟ
ଶୁଣି ନଥିଲା କେବେ ତାଙ୍କ କର୍ଣ୍ଣ ଗହ୍ୱର
ପାରିଲେ ଆଜି ଶୁଣି "ଅମାନୁଷିକତା"ର ସ୍ୱର ॥
କରୋନା ର ନିର୍ଲଜତା ଓ ନିର୍ଦ୍ଦୟତା ଡାକରାରେ
ବିଶ୍ୱ ଆଜି ଭିତନସ୍ତ, ବିଚଳିତ ଥିବାବେଳେ
ପିରାମିଡ୍ ର ଉଚ୍ଚ ଅଟ୍ଟାଳିକା ଗଢିବାର ସ୍ୱପ୍ନ
ଭଡାଦିଆ ଏହି "ନିର୍ଲଜ" ମଣିଷର ॥
ସୁବ୍ରତ ବାଗଚି ଙ୍କ "ଦାନବ" ଶବ୍ଦ
ନିଶ୍ଚିତ ହାସ୍ୟାସ୍ପଦ ହରେ
ଏମାନଙ୍କୁ ସତେ!
ସତେ ନରମି ଯିବ କଣ୍ଠସ୍ୱର ଏହି "ଦାନବ" ର?
ସ୍ୱାର୍ଥବାଦୀ, ଅନର୍ଥ ମଣିଷ ଏମାନେ ସତେ,

ଦିନେ ପତନ ହେବ ନଷ୍ଟେ, ଅମାନୁଷିକ,
ଅପଦାର୍ଥ ଏହି ଭଡାଦିଆ କୁତ୍ସିତ ମଣିଷର ॥
ସଲ୍ୟୁଟ ଡାକ୍ତର ସଲ୍ୟୁଟ ନର୍ସ ତୁମ୍ଭେ
ଦ୍ଵିତୀୟ ଈଶ୍ୱର
ରାଷ୍ଟ୍ର ଅର୍ପିତ କରିଛି ତୁମ୍ଭକୁ
"କୋଭିଡ୍" ଯୋଦ୍ଧାବୀର ॥

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପାରିବିନ ଲେଖି



ଅଶ୍ୱିନୀ କୁମାର

ଜୀବନ ଟା ଲାଗେ
ଜଉଘର ପରି
ତା ବିନା ଜଳି ଜଳେ ମୋ
ସ୍ୱପ୍ନ ର ଚତା ।
କୁହ ନାହିଁ ବନ୍ଧୁ
ଲେଖିବାକୁ ମତେ
ପ୍ରେମ ପ୍ରଣୟ କବିତା ।।

ଭାଙ୍ଗେ ଯେବେ
ବିଶ୍ୱସ ର ଦ୍ୱାହିଦେଇ ଗଢିଥିବା ପ୍ରେମର କୋଣାର୍କ ।
ଜୀବନ ଟା ଲାଗେ
ମରୁବାଲି ପରି
ସ୍ୱପ୍ନ ସବୁ ହୁଏ ଧୁଳିସାତ
ପ୍ରତିଟି ମୁହୂର୍ତ୍ତ ଏଠି
ଯନ୍ତ୍ରଣାଦାୟକ ।।
ସତେ ଯେମିତି
ଲକ୍ଷ୍ୟହୀନ ପଥିକ ମୁଁ
ଆଗରେ ମୋ ଦୋଛକି ରାସ୍ତା
କୁହ ନାହିଁ ବନ୍ଧୁ
ଲେଖିବାକୁ ମତେ
ପ୍ରେମ ପ୍ରଣୟ କବିତା ।

ଦିନ ଥିଲା
ଶବ୍ଦ ଗାଇଜରେ କରିଥିଲି  ବସା ,
ପ୍ରତିଟି ଶବ୍ଦ ଥିଲା ଅଳଙ୍କାର ମଣ୍ଡିତ
ଲେଖନରୁ ଝରୁଥିଲା
ଛନ୍ଦ ଓ ଉପମା ।।
ଆଜି ଧ୍ୱଂସବିଧ୍ୱଂସ ମୋ
ସ୍ୱପ୍ନର କାନନ
ଏଠି ନଶବ୍ଦ ନଷ୍ଟଳ
ସବୁ ରଂଗହୀନ
ଝାଉଁଳ ପଡିଛି ଚର ସବୁଜିମା ।।
ଲିଭି ଲିଭି ଆସେ ମୋର
ଶବ୍ଦର ସଳତା ।
କୁହ ନାହିଁ ବନ୍ଧୁ
ଲେଖିବାକୁ ମତେ
ପ୍ରେମ ପ୍ରଣୟ କବିତା ।।

ସହକାରୀ ଶିକ୍ଷକ
ଝରିଗାଁ, ନବରଙ୍ଗପୁର

# ହେଲୋ ସାର୍ .....



ଅଭିମନ୍ୟୁ ବେହେରା

ସେଦିନ ଫୋନରେ କଣ କହିଗଲା ବନାନୀ ...... ? ଏବେ କଣ କରୁଛନ୍ତି ସାର୍ ? ଆପଣ ତ ସିଟି କିମ୍ବା ବିଇଡି ଟ୍ରେନ୍ଡ ନୁହେଁ । ସରକାରୀ ଚାକିରିର ତ ପ୍ରଶ୍ନ ଉଠୁନ । ଟିଉସନ୍ ଚାଲୁ ରଖିଛନ୍ତି ନା କୋଚିଂ ସେଣ୍ଟର କରିଛନ୍ତି ନା କୌଣସି ବେସରକାରୀ ପବ୍ଲିକ୍ ସ୍କୁଲରେ କିଛି ..... । ପେମେଣ୍ଟ ଯେତେ କମ ହେଲେବି ଆପଣ ଚଳେଇନେବା ଲୋକ .... ।

ବନାନୀର କଥା ଗୁଡିକ ଯେମିତି ଆଶୁତୋଷଙ୍କୁ ବିଦ୍ରୁପ କଲାଭଳି ଅନୁଭବହେଉଥିଲା । ହଠାତ୍ ଏତେ ବର୍ଷ ପରେ ବନାନୀର କେମିତି ମନେପଡିଗଲା ଆଶୁତୋଷ ସାର୍ଙ୍କ କଥା । କେବେ ତାକୁ ପଢେଇଥିଲେ । ବଡ କଥା ହେଲା ସେ ଏ ପର୍ଯ୍ୟନ୍ତ ମନେ ରଖିଛି । କଥାଟା ବିଦ୍ରୁପ ପରି ମନେ ହେଉଥିଲେ ବି କିଛି ଫରକ ପଡିନଥିଲା ଆଶୁତୋଷ ସାର୍ଙ୍କୁ । ବନାନୀ ଫୋନରେ ଯାହାସବୁ କହିଗଲା ଅପ୍ରିୟ ହେଲେବି ସବୁ ସତ । ସେ ସାର୍ଙ୍କ ପରିସ୍ଥିତିକୁ ଥଟ୍ଟା କରିପାରୁଥାଏ କି ସମାଲୋଚନା କରିପାରୁଥାଏ ବୋଧେ । ସ୍ୱାଭାବିକ କଥା କିନ୍ତୁ ଏ ସବୁ କଥା ଏକ ପ୍ରକାର ସାର୍ଙ୍କର ଦେହସୁହା ହୋଇଯାଇଥିଲା କହିଲେ ଚଳେ । ଜୀବନରେ କିଏ ଚାହେଁନି ଖଣ୍ଡିଏ ସରକାରୀ ଚାକିରୀ ମିଳୁ । ସବୁ ସରକାରୀ ସୁବିଧା ସୁଯୋଗ ମିଳୁ । କିନ୍ତୁ ମଣିଷ ଯାହା ଚାହେଁ ସେ ସବୁ କଣ ପାଇଯାଏ । ଚାହିଁବା ଓ ପାଇବା ଭିତରେ ଆକାଶ ପାତାଳର ପ୍ରଭେଦ ସୃଷ୍ଟି ହୋଇଯାଏ । ଆଶୁତୋଷଙ୍କ ଜୀବନରେ ସେମିତି କିଛି ଘଟିଥିବ ନିଶ୍ଚୟ । ଜୀବନରେ କିଏ କେତେ ସ୍ୱପ୍ନ ଦେଖେ ହେଲେ ସବୁ ସ୍ୱପ୍ନ କଣ ସମସ୍ତଙ୍କର ସାକାର ହୋଇଥାଏ । ପୃଥିବୀରେ ହୁଏତ ଯେଉଁମାନେ ନିଜ ସ୍ୱପ୍ନକୁ ସାକାର କରିପାରି ନାହାଁନ୍ତି ସେମାନଙ୍କ ଭିତରୁ ଆଶୁତୋଷ ଅନ୍ୟତମ । ପରିଣତ ବୟସରେ ପାଦ

ଦେବାପରେ ସବୁ ଆଶା ସବୁ ସ୍ୱପ୍ନକୁ ଯେମିତି ସେ ଠାକୁରଙ୍କ ପାଖରେ ପୁଷ୍ପାଞ୍ଜଳି ଦେଇ ସାରିଛନ୍ତି ।

ଜୀବନ ଯମୁନାରେ ଜୁଆର ବଦଳରେ ଭଟ୍ଟା ହିଁ ପରିଣତ ବୟସର କଥା । ସବୁଥିରୁ ମନ ମରିମରି ଯାଇଥାଏ ଯେମିତି । କେବଳ ପରପିଢିଙ୍କ ପାଇଁ ସ୍ୱପ୍ନ । ସତେ ଯେମିତି ନିଜର ସ୍ୱପ୍ନ ନାହିଁ ଆଶା ନାହିଁ । ଯଦି ସ୍ୱପ୍ନ ଅଧୁରା ଥାଏ ତେବେ ଅଧୁରା ସ୍ୱପ୍ନକୁ ଦାୟାଦମାନେ ବା ପରପିଢିମାନେ ପୂରଣ କରିବାକୁ ଚେଷ୍ଟା କରିବେତ! କିଛି କହିହେବ ନାହିଁ । ବାପା ମାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଆଜିକାଲିର ପୁଅ ଝିଅ ମାନେ ଆନ୍ତରିକତା ସହିତ ଚେଷ୍ଟା କରିବେତ! ତା'ର ମଧ୍ୟ କୌଣସି ନିଶ୍ଚିତତା ନାହିଁ କାରଣ ସେମାନଙ୍କର ରୁଚି ପସନ୍ଦ ସହିତ ପୁଅଝିଅଙ୍କ ରୁଚି ପସନ୍ଦ ମେଳ ଖାଇଲେତ! ନିଜ ମା ସ୍ୱପ୍ନରେ ଦେଖିଥିବା ମନ୍ଦିରକୁ ବାସ୍ତବ କୋଣାର୍କର ରୂପ ଦେଇଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ଭଳି ମହାନ ପୁତ୍ର ଆଉ କୋଣାର୍କ ମନ୍ଦିର ମୁଣ୍ଡିମାରି ନିଜ ବାପା ଓ ବାରଶହ ବଢେଇଙ୍କ ଜୀବନ ରକ୍ଷାକାରୀ ଅନ୍ୟ ଏକ ମହାନ ପୁତ୍ର ଧର୍ମପଦ ଯାହା ଇତିହାସରେ ବିରଳ ଓଡିଶା ମାଟିରେ ଏସବୁର ପୁନର୍ଜନ୍ମ ନା କେବେ ସମ୍ଭବ । ଅବକ୍ଷୟ କୋଣାର୍କର ରୂପ ପରି ପୁଅର ଦି-ଚକିଆ ଗ୍ଵରିଚକିଆ ଯାନ ହୋଇଗଲା ପରେ ବାପା ଚଢୁଥିବା ଭଙ୍ଗା ସାଇକେଲ ଭଙ୍ଗା ରୁଜା ଲୁହା ଟିଣ କିଣୁଥିବା ବେପାରୀ ହାତରେ ସମର୍ପିତ । ଆଉ ଯଦି ପିତାମାତା ଋଣଗ୍ରସ୍ତ ତେବେ ସେମାନେ ତ ସନ୍ତାନମାନଙ୍କ ପାଇଁ ଶତ୍ରୁ ସଦୃଶ । ସମାଜର ଏମିତି କିଛି ବାସ୍ତବ ଚିତ୍ର କଥା ଭାବିଲା ବେଳକୁ ଆଶୁତୋଷଙ୍କ ଦେହ ଶିହରୀ ଉଠୁଥିଲା ।

ହଠାତ୍ ବନାନୀର ଫୋନ କଥା ଭାବୁ ଭାବୁ ଏ ପ୍ରକାର ଚିନ୍ତାଧାରା ତାଙ୍କ ମନକୁ କାହିଁକି ଆସିଲା କେଜାଣି । ନିଜ ପୁଅ ଝିଅ ହୁଅନ୍ତୁ ବା ନିଜେ ପଢେଇଥିବା ଛାତ୍ର ଛାତ୍ରୀ ହୁଅନ୍ତୁ ସମସ୍ତେତ ତାଙ୍କ ପାଇଁ ସମାନ । ସମସ୍ତେ ତାଙ୍କର ପରପିଢୀ, ଦାୟାଦ ଅଗାମୀ ବଂଶଧର। ସେମାନଙ୍କ ପାଇଁ ଭାବିବାର ଅଛି । ନିଜେ ଜୀବନରେ କିଛି କରିପାରିଲେ ନି ବୋଲି ସେମାନେ ଯେ କିଛି କରି ନ ପାରିବେ, ଏକଥା ସେ ଭାବୁ ନାହାଁନ୍ତି । ବରଂ ଏସବୁ ଭାବି ବସିଲେ ତାଙ୍କ ଆଖିରୁ ନିଦ ହଜିଯାଏ ପେଟରୁ ଭୋକ ହଜିଯାଏ ।

ଶିବଙ୍କର ଅନ୍ୟ ନାମ ଅଶୁତୋଷ ପରି ଅଳ୍ପରେ ସନ୍ତୁଷ୍ଟ ହୋଇ ଯାଉଥିଲେ ବୋଲି ବାପା ତାଙ୍କ ନାଁ ରଖି ଥିଲେ ଆଶୁତୋଷ । ଏକଥାବି ତାଙ୍କର ଅନେକ ପ୍ରିୟ ଛାତ୍ର ଛାତ୍ରୀ ମିଠା କମେଣ୍ଟ କରି କହିଛନ୍ତି । ସାର୍ ଆପଣଙ୍କୁ ପାରିହେବନ । ଆପଣ ଏତେ ଅଳ୍ପରେ କେମିତି ସନ୍ତୁଷ୍ଟ ହୋଇଯାଆନ୍ତି ଖୁସି ହୋଇଯାଆନ୍ତି କହିଲେ । ଏମିତିବି ଏକଥା ତାଙ୍କୁ ତାଙ୍କ ପୁଅଝିଅମାନେ ଅନେକ ଥର କହିଛନ୍ତି – ବାପା ମା ତୁମ ଭଳ ନୁହଁ । ତୁମେ ଯେପରି ଅଳ୍ପରେ ସନ୍ତୁଷ୍ଟ ହୋଇଯାଅ । ଜେଜେବାପା ତମ ନାଁ ବାଛି ବାଛି ଠିକ ରଖିଛନ୍ତି । ତମ ଜୀବନ ଚର୍ଯ୍ୟା ସହିତ ତମ ନାଁ ଯଥେଷ୍ଟ ଖାପ ଖାଇଯାଉଛି ।

ବନାନୀର ଫୋନକଲ୍ ଆଶୁତୋଷଙ୍କ ଅତୀତର କଛି ଅପାଶୋର୍ କଥାକୁ ଯେମିତି ରିଭ୍ୟୁ କରିଥିଲା । ବୟସର ଅପରାହ୍ନ ଗୋଧୂଳ ତାଙ୍କୁ ଯେମିତି ଧୂଳଧୂସର କରି ପକାଉଥିଲା । ଲେଞ୍ଜଗ୍ ନଥିଲେ ବି ଦୁଇ ଆଖି କୋଣକୁ ଦୁଇ ହାତରେ ଦଳ ମକଚ ଦେଉଥିଲେ ସେ । ବର୍ଷ ଗୁଡାକ ଯେମିତି ତାଙ୍କ ପାଖରୁ ଶୀଘ୍ର ଶୀଘ୍ର ବିଦା ହେଇ ଯାଉଥିଲା । କଥା ଛଳରେ ଅନେକ କୁହନ୍ତି ସାର୍ ଆପଣଙ୍କ ବୟସ ଜଣା ପଡେନ । ଆପଣଙ୍କ ଚୁଟି ଏ ପର୍ଯ୍ୟନ୍ତ ଭଲ ଭାବେ ପାଚନ । ଆପଣଙ୍କ ଇଭରଗ୍ରୀନ ଷ୍ଟାଇଲ୍ କୁ ମାନବାକୁ ପଡିବ । ସାଙ୍ଗ ସାଥୀ ଆତ୍ମୀୟ ସ୍ୱଜନଙ୍କ କଥା ସିନା କାନକୁ ଶୁଣିବାକୁ ଭଲ ଲାଗେ କନ୍ତୁ ପ୍ରକୃତ ବୟସ ବସିଛି । ସମୟ କଣ କାହାକୁ ଅପେକ୍ଷା କରିଛି ନା କରିବ ।

ସେଦିନର ବନାନୀ ଆଜି ବହୁତ ବଡ ହୋଇ ଯାଇଥିବ । ଭଲ ପାଠ ପଢୁଥିଲା ସେ । ପଇସା ସର୍ବସ୍ୱ ସମାଜର ଊର୍ଦ୍ଧରେ ଥାଇ ନିଶ୍ଚିତ କୋଉଠି ଗୋଟେ ବଡ ଚାକରୀ କରି ମଣିଷ ପରି ମଣିଷ ଟିଏ ହୋଇଥିବ । ଅସହାୟ ମାନଙ୍କୁ ସହଯୋଗର ହାତ ବଢାଉଥିବ । ମନେ ମନେ ବନାନୀକୁ ଆଶୀର୍ବାଦର ଅସୁମାରୀ ପୁଷ୍ପ ଅଜାଡି ଦେଉଥିଲେ ଆଶୁତୋଷ ବନାନୀ ମୁଣ୍ଡ ଉପରେ । ଫୋନରେ ଅଳ୍ପ ସମୟ କଥାରେ ବନାନୀ ଆଜି କୋଉଠି ସେ ତ ଜାଣିନାହାଁନ୍ତି ତଥାପି ଏତେ ବର୍ଷର ବ୍ୟବଧାନ ଭିତରେ ସେ ସାର୍ଙ୍କୁ ମନେ ରଖିଛି । ନଜକୁ ଅତି ଭାଗ୍ୟବାନ ମନେ କରୁଥିଲେ ଆଶୁତୋଷ ସାର୍ ।

ଗ୍ଲ କପ୍ ଟିକୁ ଆଶୁତୋଷଙ୍କ ହାତକୁ ବଢାଇଦେଇ ନିର୍ମଳା ଦେବୀ କହିଲେ – ତମର ପା କୋଉ ଗୋଟେ ମିଟିଙ୍ଗକୁ ଯିବାର ଅଛି .... ମନେ ନାହିଁ ? ..... ଭାବନାରେ ପୂର୍ଣ୍ଣଛେଦ ପକାଇ ଆଶୁତୋଷ କହିଲେ ମନେ ଅଛି ..... ଏଇତ ବାହାରିବି ..... ।

ଯଥା ସମୟରେ ମିଟିଙ୍ଗ ଆରମ୍ଭ ହେଲା । ମିଟିଙ୍ଗର ଆଙ୍କର ଜଣେ ଛାତ୍ରୀଙ୍କ ଗୁଣଗାନ କରିଚାଲିଥାନ୍ତି । ଛାତ୍ରୀଙ୍କ ସଫଳତା ପାଇଁ ତାଙ୍କୁ ସମ୍ମାନିତ କରିବା ପାଇଁ ଅନୁଷ୍ଠାନ ତରଫରୁ ଉକ୍ତ ସଭାର ଆୟୋଜନ କରାଯାଇଥିଲା । ଶେଷରେ ମୁଖ୍ୟ ଅତିଥୀଙ୍କ ଠାରୁ ପୁରସ୍କାର ସହିତ ମାନପତ୍ର ଗ୍ରହଣ କରିବା ପାଇଁ ଛାତ୍ରୀ ଜଣକ ନାମ ଘୋଷଣା କରାଗଲା ଓ

ଅନୁରୋଧ କରାଗଲା । ମାତ୍ର ଏ କଣ ଛାତ୍ରୀ ଜଣକ ମଞ୍ଚ ଉପରକୁ ଉଠିଲା ପରେ ମାଇକ୍ରୋ

ଫୋନରେ ଏମିତି କଛି କଥା କହିଥିଲେ ଯାହା ଦ୍ୱାରା ସମସ୍ତେ ପରେ ଅବାକ୍ ହେବା ସହିତ ପରେ ବହୁତ ଖୁସି ହୋଇଥିଲେ ।

------ ଏଠାରେ ଉପସ୍ଥିତ ସମସ୍ତ ଗୁରୁଜନ ମାନଙ୍କୁ ମୋର ପ୍ରଣାମ ସାନ ମାନଙ୍କୁ ସ୍ନେହ – ମୁଁ ବନାନୀ ..... ଆଜିର ଦିନରେ ଜଣେ ସଫଳ ଉଦ୍ୟୋଗୀ ସମାଜରେ ପ୍ରତିଷ୍ଠିତ ଚେହେରା ..... କ୍ଷମା କରିବେ, ମୁଁ ଆଜିର ମୂଖ୍ୟ ଅତିଥୀଙ୍କ ଠାରୁ ଏଇ ପୁରସ୍କାର ଓ ମାନପତ୍ର ଗ୍ରହଣ କରି ପାରୁନାହିଁ । କାହାରି ମାନହାନି କରିବା ମୋର ଉଦ୍ଦେଶ୍ୟ ନୁହେଁ । ମୋତେ ନ ପଚାରିଲେବି ମୁଁ ଯୋର ଦେଇ କହିବି ମୋର ଏତେ ବଡ ସଫଳତା ପଛରେ ଜଣେ ସାର୍‌ଙ୍କର ବହୁତ ବଡ ହାତ ଅଛି । ଯେ ମୋତେ ପିଲାଦିନେ ପାଠ ପଢେଇଥିଲେ । ସେ ଏଠାରେ ଆପଣମାନଙ୍କ ଗହଣରେ ଉପସ୍ଥିତ ଅଛନ୍ତି । ଆପଣମାନଙ୍କର ଯଦି କଛି ଆପତ୍ତିନଥାଏ ମୁଁ ତାଙ୍କ ହାତରୁ ଏଇ ପୁରସ୍କାର ଗ୍ରହଣ କରିବା ପାଇଁ ଚହୁଁଛି । ସେ ହେଉଛନ୍ତି ମୋର ଅତିପ୍ରିୟ ଆଶୁତୋଷ ସାର୍ । ଆମେ ତାଙ୍କୁ ପିଲାବେଳେ ଏତେ ବଡ ହେଲା ପରେବି ତାଙ୍କ ନାଁ କୁ ବ୍ୟଙ୍ଗକରି ମୁଁ ତାଙ୍କୁ କମେଣ୍ଟ କରି କହିଛି ବିଦ୍ରୁପ କରି କହିଛି ଅଳ୍ପରେ ସନ୍ତୁଷ୍ଟ ବୋଲି ଆପଣଙ୍କ ନାଁ ଆଶୁତୋଷ । ମୁଁ ଆହୁରିବି ବହୁତ କହିଛି ..... ଆପଣ ଏବେ କଣ କରୁଛନ୍ତି ସାର୍ । ଆପଣ କେମିତି ଚଳୁଛନ୍ତି ମୋ କହିବାର ଅର୍ଥ

ଆପଣଙ୍କ ପାଖରେତ ଆୟର କୌଣସି ସଠିକ୍ ପନ୍ଥା ନାହିଁ କେମିତି ଚଳୁଛନ୍ତି ସାର୍ କେମିତି ପରିବାରକୁ ମ୍ୟାନେଜ କରୁଛନ୍ତି ସାର୍ ..... ଇତ୍ୟାଦି ..... ।

କିନ୍ତୁ ମୁଁ ଆଜି ମର୍ମେ ମର୍ମେ ଅନୁଭବ କରୁଛି ସମାଜରେ ବହୁତ ପଇସା ରୋଜଗାର କରି ସେ ବଡ ଧନୀ ହୋଇ ନପାରନ୍ତି ମାତ୍ର ମନରେ ସେ ଦୁନିଆର ସବୁଠାରୁ ବଡ ଧନୀ । ମୁଁ ଗର୍ବିତ ତାଙ୍କରି ଛାତ୍ରୀ । ବଡ ଚାକରୀ କରି ବହୁତ ପଇସା ଆୟକରି ମୁଁ ଏ ପର୍ଯ୍ୟନ୍ତ ମନରେ ଧନୀ ହୋଇ ପାରିନାହିଁ । ମୁଁ ଗୋଟିଏ କଥା କହିବି - ସମାଜରେ ଜଣେ ଧନୀ ବ୍ୟକ୍ତି ପ୍ରଥମେ ମନରେ ଧନୀ ହେବା ଜରୁରୀ ।

ଆଖି ଆଗରେ ସବୁ ସ୍ୱପ୍ନ ଭଳି ଲାଗୁଥିଲେ ବି ମଞ୍ଚ ଉପରକୁ ଉଠି ବନାନୀକୁ ପୁରସ୍କାର ମାନପତ୍ର ପ୍ରଦାନ କଲାବେଳେ ଆଶୁତୋଷ ସାର୍ ବନାନୀ ମୁଣ୍ଡରେ ହାତ ବୁଲାଇ ଆଦରରେ କେବଳ ଏତିକ ପଚାରିଥିଲେ – ବନାନୀ ..... ଏବେ କଣ କରୁଛନ୍ତି ସାର୍ .... ? ଏ ପ୍ରଶ୍ନର ଉତ୍ତର ପାଇଲୁତ ......???

ଅଧକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଅତୀତ  ଅସାର



ଖଗେଶ୍ୱର ବାଗ

ଝଡି ଗଲ୍ ଫୁଲ ହଜେଇ ଦିଏ ତା' ରୂପ ଗୁଣ ଯଉବନ
ନଲ୍‌ଗେ ବିଗ୍ରହ କେଶକଳାପରେ କଣେ ନାହିଁ କାହା ମନ ।।
ବହି ଗଲ୍ ପାଣି କଏ ସେ ବାନ୍ଧୁଛି ବନ୍ଧ, କରିବାକୁ ଗୃଷ
ବାନ୍ଧିବାର  ଅପଚେଷ୍ଟା ଦେଖି ଲୋ୍କେ କରିବେ ଯେ ଉପହାସ ।।
ସମୟ୍ ବି କେବେ ଫେରିଆସେ ନାହିଁ ଦେବାକୁ ସାକ୍ଷ୍ୟ ସ୍ୱାକ୍ଷର
ନଭଶ୍ଚୁମ୍ବୀ ପ୍ରାସାଦ କେ ଗଢିଥିଲ୍ କଏ ସମୁଦ୍ରରେ ଘର ।।
କଏ ଥିଲ୍ କେବେ ରୁଦ୍ର ଧୂର୍ତ୍ତ ଜନ ମାନସେ ଦେଲ୍ ଯେ ଡର
ପର୍‌କ୍ରମୀ କ ସେ ଥିଲ୍ ନରବୋଧ ବଦଳଲ୍ ଭ୍‌ଗ୍ୟ ତା'ର ।।
କଏ ଲିଭେଇଛି ଦେଇଥିଲ୍ କଥା ଖାଇଥିଲ୍ ର୍‌ଣ ମିଶି
ପୂରଣ କ କେବେ କରିଛି ଜୀବନେ ପ୍ରତିଶ୍ରୁତି ଗଲ୍ ଭ୍‌ସି ।।
କାମ ସରିଗଲେ କଏ ବା ପଗ୍ଭରେ ପରିଶ୍ରମ ଥିଲ୍ କେତେ
ଉଚ୍ଚାକାଂକ୍ଷୀ ସିନା ବଢାଏ ଚରଣ ସଦା ଭବିଷ୍ୟତ ପଥେ ।।
ଭବିଷ୍ୟତ ବି ତ  ଅମା ଅନ୍ଧକାର  ଅତୀତ  ଅସାର ହୁଏ
ବର୍ତ୍ତମାନ କାଳ ସୁବର୍ଣ୍ଣର ବେଳ ବଞ୍ଚିଯିବା ଦିନଟିଏ ।।

ବୁଢିକୋମନା, ଜିଲ୍ଲା ନୂଆପଡ଼ା

# ଓଡିଆ ସାହିତ୍ୟ କଥା



**(ଦ୍ୱିତୀୟ ଅଧ୍ୟାୟ)**
ରାଧାନାଥ ଯୁଗ

ସେବାକାନ୍ତ ନନ୍ଦ

ଶୁଣ ଶୁଣ ହେ ବିଦ୍ୟାର୍ଥୀଗଣ, ରାଧାନାଥ ଯୁଗ ବର୍ଣ୍ଣନ ।
ସର୍ବ ପ୍ରଥମେ ରାଧାନାଥ, ଯୁଗର ରଖିଲେ ମହତ ।
ଏହାର ଆଦି ସ୍ରଷ୍ଟା ହୋଇ, ରାଧାନାଥ ଯୁଗ ବୋଲାଇ ।
ଇଂରାଜୀ ବଙ୍ଗଳା ସଂସ୍କୃତ ପଣ୍ଡିତ ଭାବେ ପରିଚିତ ।
ଓଡିଆ ଭାଷାରେ ସେ ଲେଖି, ପ୍ରଥମ ପ୍ରବନ୍ଧ ବିବେକୀ ।
ଚନ୍ଦ୍ରଭାଗା କେଦାର ଗୌରୀ, ପାର୍ବତୀ ଓ ନନ୍ଦିକେଶ୍ୱରୀ ।
ପ୍ରକୃତି କାବ୍ୟ ଯେ ଚିଲିକା, ଉଷା, ଉର୍ବଶୀ ଆଦି ଲେଖା ।
ଗଳ୍ପ କବିତା ଆଦି କେତେ, କାବ୍ୟ ପ୍ରବନ୍ଧ ଥିଲା ଯେତେ ।
ସବୁ ମୁଁ କହିଲି ତୋ ଆଗେ, ମନେ ରଖିବୁ ଯୁଗେ ଯୁଗେ ।
ଅନ୍ୟତମ କବି ଏହାର, ମଧୁସୂଦନ ରାଓ ତାର ।
ଭକ୍ତ କବି ଭାବେ ପ୍ରସିଦ୍ଧ, ଗଦ୍ୟକାର ଭାବେ ସୁଖ୍ୟାତ ।
ବ୍ରାହ୍ମଧର୍ମ ଗ୍ରହଣ କରି, ଭକ୍ତି ଭାବଟି ହୃଦେ ଧରି ।
ସାହିତ୍ୟେ ଭକ୍ତି ଭାବ ଦେଇ, ସର୍ବଦା ସେ କାବ୍ୟ ଲେଖଇ ।
ତାହାଙ୍କ କାବ୍ୟ ମଧ୍ୟେ ସାର, ବସନ୍ତ ଗାଥା ନାମ ଯାର ।
ଛାନ୍ଦମାଳା କୁସୁମାଞ୍ଜଳି, ଏମନ୍ତେ କେତେ ମୁଁ ଜାଣିଲି ।
କବିତାବଳୀ ଆଦି କେତେ, ଉତ୍କଳଗାଥା ତା ସହିତେ ।
ପ୍ରବନ୍ଧକାର ସାହିତ୍ୟକ, ବ୍ୟଙ୍ଗ କବିତାର ଲେଖକ ।
ଏମନ୍ତେ ବ୍ୟାସ କବି ଜାଣ, ସେ ଅଟେ ଫକୀର ମୋହନ ।

ନାମର ଅନ୍ତେ ସେନାପତି, ସେ କାର୍ଯ୍ୟେ କରନ୍ତି ସେମିତି ।
ବାଲ୍ୟକାଳରୁ ପିତାମାତା, ହରାଇ ପାଇଲା ଯେ ବ୍ୟଥା ।
ତାହାଙ୍କ ଦୁଃଖର କଷଣ, ବୁଝିଲେ ପ୍ରଭୁ ନାରାୟଣ ।
ବହୁତ କଷ୍ଟ କରି ସେହି, ସାହିତ୍ୟ ସାଧନା କରଇ ।
ସାହିତ୍ୟ କାର୍ଯ୍ୟେ ଦେଇ ମନ, ସଦା କାଟଇ ତା ଜୀବନ ।

ବନ୍ଧପାଲି, ବଲାଙ୍ଗିର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପିଲାଦିନ ସ୍ମୃତି



ସିଦ୍ଧେଶ୍ୱର ତ୍ରିପାଠୀ

ଆଜିବି ଅଧୁରା ପିଲାଦିନର ସେ
ନଈପଠା ବାଲିଖେଳ
କେତେ ଥଟ୍ଟାମଜ୍ଜା ମିଛର ଝଗଡା
ପୁଅଝିଅ ସାଙ୍ଗମେଳ ।
କାଗଜର ଗୁଡି ସାଥେ ନଟୁଗ୍ଲେରି
କାଚଗୁଲିର ସେ ମଜା
ମୁଢିଚୂଡାର ସେ ଭାଗ ବଣ୍ଟାବଣ୍ଟି
ମାମୁଁ ଘରର ମିଠାଖଜା ।
ବୋହୂଗ୍ଲେରି ଖେଳ ମିଛ ବାହାଘର
କନିଆଁର ବୋହୂବେଶ
ବରବେଶ ସାଜି ସଜ ହେଲେ କଏ
କରଥାନ୍ତି ସବୁ ଗ୍ରେଷ ।
ସଢେଇର ଖେଳ ବଣଭୋଜି ବେଳ
ବାଲିଡିଆଁ ଲୁଚକାଳି
ଦିଆସିଲି ପତା କଉଡିର ଖେଳ
ଦେହସାରା ବୋଳା ଧୂଳି ।
କୋଳି ଖାଇବାର ମଜା ବି ନଆର
ନଆ ବି କଙ୍କିଧରା
କାଗଜ ଡଙ୍ଗାକୁ କାଗଜର ଫୁଲ
ବରଷାରେ ମାଛଧରା ।
ଆମ୍ବପତ୍ର ଚକ୍ରି ତାଳପତ୍ର ଘଣ୍ଟା

ନଡିଆର ଖିଲିପାନ
ପିଜୁଳର ଗ୍ଲେରି ଫୁଲ ତୋଳାତୋଳ
ଖଳାର ଅମଳ ଧାନ ।
ମାଆର ଆକଟ କଅଁଳିଆ ଛାଟ
ଜେଜେମାର ମିଠାଗେଲ
ବାପାଙ୍କ ଲାଡ଼ ଜେଜେଙ୍କର ଗପ
ଅପାର ବୋଳା ତେଲ ।
ଘର ହେଉ ପର ସଭିଁଙ୍କୁ ନଜର
ଲାଗେ ଗୋଟେ ପରିବାର
ଚହ୍ଲଟିଏ ସାଜି ରହିଛି ଛାତିରେ
ଝୁରିହୁଏ ବାରମ୍ବାର ।

କବିର ଘର
କୁଣ୍ଡିଳେ କେରଙ୍ଗ ଖୋର୍ଦ୍ଧା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଛାଞ୍ଚୁଣୀ ବନାମ ପହଁର୍



ଲକ୍ଷ୍ମୀ ଆଗୃର୍ଯ୍ୟ

ଛାଞ୍ଚୁଣୀ, ପହଁର୍ ଖର୍‌ବେଳେ ଦିନେ
ଏକାଠି ଯେ କଥା ହୋଇ
ଦୁଃଖ ସୁଖ ସବୁ ବାଣ୍ଟୁଥିଲେ ବସି
ଏକକୁ ଆରେକ ଗୃହିଁ ।
ଛାଞ୍ଚୁଣୀ କହିଲ୍ ପହଁର୍ ଲୋ ଶୁଣ
ସୁନ୍ଦର ପଣେ ମୁଁ ବଡ
ତୁ ତ ଦିଶୁଛୁ ଖାଡି ଖାଡି ଖାଲି
ଓଳତଳେ ତୋର ଘର ।
କେତେ ପରକାରେ ସଜ ମୁଁ ହୁଏ
ଖଜୁରୀ, ତାଳ, ଫୁଲଝାଡୁ
ତୋ ଶରୀର ଖାଲି ଖଡିକାରେ ଭର୍
ଟାଣୁଆ ମୁନଆ ସରୁ ସରୁ ।
ଓଳେଇ ଦେଇ ଯେ କତି ମୁଁ ଘରକୁ
ଯାଏ ଆର୍‌ମରେ ଶୋଇ
ହେଲେ, ବାହାରକୁ ସଫା କରୁଥାଉ ତୁହି
ସବୁସ ମୟରେ ଥାଇ ।
ଛାଞ୍ଚୁଣୀ କଥାକୁ ଶୁଣୁଥିଲ୍ ବସି
ପହଁର୍ ଯେ ଚୁପ୍ ହୋଇ
ଅଣ୍ଟାକୁ ସଳଖି ଠିଆହୋଇ ହସି
ଆଖି ଠାର ମାରିଦେଇ ।
ଯାହା ତୁ କହିଲୁ ଛାଞ୍ଚୁଣୀ ନାନୀ ଲୋ
ତାହା ସତକଥା ଜଣା

ଫରକ ଥାଇ ବି କାମ ଯେ ଏକ
ଏକଥା କର ଭାବନା ।
ତୁ ସଫାକରୁ ସୀମିତ ଜାଗାକୁ
ମୋ ସଫା ଯେ ଅସୀମ
ସ୍ୱଚ୍ଛତା କାର୍ଯ୍ୟରେ ଯୋଗ ଦେଇ ମୁଁ
ପାଏ ଯଶ ଓ ସୁନାମ ।
ଦାଣ୍ଡ ଦୁଆରକୁ ସଫା କରିଦେଇ
ଲକ୍ଷ୍ମୀଙ୍କୁ କରଇ ଖୁସି
ଶ୍ରୀୟା ଚଣ୍ଡାଳୁଣୀ ଦାଣ୍ଡ ପହଁରିକ
ପାଇଥିଲା ଦିବ୍ୟ ରାଶି ।
ଧନ୍ୟ ମୋ ଜନମ ସେବାରେ ଲାଗେ
ରଥ ଯାତରାରେ ପୁଣି
ଗଜପତି ରାଜା ଧରନ୍ତି ଆଦରେ
ସ୍ୱଚ୍ଛା ରଥରେ ଆଣି ।
ପରିଷ୍କାର କରେ ରାସ୍ତା ଘାଟ ସବୁ
ସ୍ୱଚ୍ଛତା କାର୍ଯ୍ୟକ୍ରମରେ
ନେତା ମହାନେତା ସଭିଏଁ ଧରନ୍ତି
ମୋତେ ତ କେତେ ଆଦରେ ।
ଶୁଣୁଥିଲା ବସି ପହଁରା କଥାକୁ
ଛାଞ୍ଚୁଣୀ ଚକତ ହୋଇ
କହିଲା ସତରେ ତୋକାମ ସହ
ମୋ କାମ ସରି ନୁହଁଇ ।
ପହଂରା କହିଲା ଛାଞ୍ଚୁଣୀ ନାନୀ ଲୋ
ତୋ, ମୋ କାମ ଏକା
ପରଉପକାରେ ବିତୁଛି ଜୀବନ
ଧନ୍ୟ ନିର୍ମାଣ କରତା ।

ଶିକ୍ଷୟିତ୍ରୀ, ପୁରୀ ସଦର

# ଛୋଟ ମୋର ନାଆଟି



ପ୍ରଫେସର ଅନନ୍ତା ପଣ୍ଡା

(ଧାରାବାହିକ)

## ୧୯୮୯:- ଆମେରିକା ଯାତ୍ରା

୧୯୮୯ ମସିହା ସେପ୍ଟେମ୍ବର ସାତ ତାରିଖ । ମୋ' ପାଇଁ ଖୁବ୍ ବଡ଼ ଖୁସିର ଦିନ । ମୋ' ପୁଅର ଜନ୍ମଦିନ । ଅପେକ୍ଷାକୃତ ଟିକଏ ଶୀଘ୍ର ଅଫିସ୍‌ରୁ ବାହାରୁ ଥିଲି । ଜୟରାମ ମୋ' ହାତରେ ଗୋଟିଏ ଚଠି ଧରାଇଲା । ଖୋଲି ଦେଖିଲି । ଡାଃ କେନୟନ୍ ମତେ କରନଆ ରିସର୍ଚ୍ଚ ପ୍ରୋଗ୍ରାମ୍ ପାଇଁ ବଷ୍ଟନ ନିମନ୍ତ୍ରଣ କରିଛନ୍ତି । ଖୁବ୍ ଖୁସି ହୋଇ ପୁଅ ପାଖରେ ଖବରଟା ପହଞ୍ଚାଇଲି । ପୁଅ ଭାରି ଖୁସି ହୋଇ କହିଲା "ଦିଲ୍ଲୀରେ କୋକ୍ ମିଳୁନ । କେତେ ଖୋଜି ଖୋଜି କାଲି ଆମେ ମାତ୍ର ଗୋଟିଏ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍‌ରୁ ପାଇଲେ । ଆମେରିକାରୁ ମୋ' ପାଇଁ କୋକ୍ ଆଣିବ । ଚପଳମତି ବାଳକଟିର ଆଗ୍ରହ ଦେଖି ମୁଁ ହସି ପକାଇଲି । ଯିବାର ସମସ୍ତ ବ୍ୟବସ୍ଥା ହୋଇଗଲା ।

ଭିସା ପାଇଁ ପରଦିନ ଯିବା କଥା । ସିଡ଼ିରୁ ଓହ୍ଲାଉ ଥିବାବେଳେ ଶେଷ ପାହାଚଟି ଅତିକ୍ରମ କରିଗଲି । ବାଁ ଗୋଡ଼ ବୁଢ଼ା ଆଙ୍ଗୁଠିରେ ଅପେକ୍ଷାକୃତ ଟିକଏ ବେଶୀ ଦରଜ ହେଲା । ସେ ପ୍ରତି ଧ୍ୟାନ ନ ଦେଇ ଗେଟ୍ ବାହାରକୁ ଯାଇ ଗାଡ଼ି ଷ୍ଟାର୍ଟ କଲି । ବହୁ ଚେଷ୍ଟା କରି ମଧ କ୍ଲଚ୍ ପ୍ଲେଟ୍ ଦବେଇ ପାରୁ ନଥିଲି । ବାଧ ହୋଇ କାଜୁଆଲିଟି ଯାଇ ପ୍ଲାଷ୍ଟର ନ କରିବା ପାଇଁ ଅନୁରୋଧ କଲି । ପ୍ରଫେସର କଛି କାର୍ଯ୍ୟବଶତଃ କାଜୁଆଲ୍‌ଟି ଆସିଥିଲେ । ସ୍ୱର ଶୁଣି ପାଖକୁ ଆସିଲେ ।" ତୁମେ ଭଲ କରି ଜାଣିଛ ତୁମର ଅଷ୍ଟିଓପୋରୋସିସ୍ । ପ୍ରୋନ୍ ଫର ପାଥୋଲୋଜିକାଲ୍ ଫ୍ରାକ୍‌ଚର । ସବୁ ଜାଣି ବି ଅହରହ ଦଉଡ଼ି ଥାଅ । ନିଜ ଶରୀର ପ୍ରଥମ । ଆଉ ସବୁ ପରେ ।" କହି ନିଜ ହାତରେ ମୋର ବାଁ ଗୋଡ ବୁଢା ଆଙ୍ଗୁଠି ଏବଂ ବିଶି ଆଙ୍ଗୁଠି ମିଶେଇ ଗୋଟିଏ ସ୍ପ୍ଲିଣ୍ଟ ଚଢ଼ାଇଲେ ଏବଂ ବିଶେଷ ଚଲାବୁଲା କରିବାକୁ ବାରଣ କଲେ । ଏଇ ଘଟଣା ଘଟିବା ପୂର୍ବରୁ ମୁଁ ମ୍ୟାସାଚ୍ୟୁଟ୍, ଓକଲାହୋମା, ଆମାରିଲୋ ଯିବା ପାଇଁ ସେମାନଙ୍କ ମୁଖ୍ୟ ମାନଙ୍କୁ ସ୍ୱୀକୃତି ପ୍ରଦାନ କରିସାରିଥିଲି । ଭଙ୍ଗାଗୋଡ଼ ନେଇ

କେମିତି କ'ଣ କରିବି ଚନ୍ତା କରି ଉଦାସ ହେଉଥିଲେ ମଧ ତାହା ବାହ୍ୟରେ ପ୍ରକାଶ କରି ନଥିଲି ।

ଆମ ଫ୍ଲାଇଟ୍ ନଉୟର୍କ ଜେ.ଏଫ୍.କେ ଏୟାର୍ ପୋର୍ଟରେ ପହଞ୍ଚିଲା । ସେଠାରୁ ମତେ ଡ଼ୋମେଷ୍ଟିକ୍ ଏୟାର୍ ପୋର୍ଟ ଯାଇ ବଷ୍ଟନ ପାଇଁ ଫ୍ଲାଇଟ୍ ନେବା କଥା । ଭାରତରେ ମାତ୍ର

ଗୋଟିଏ ଗୋଟିଏ ଡ଼ୋମେଷ୍ଟିକ୍ ଏୟାର୍ ପୋର୍ଟ ଥାଏ । ମୁଁ ନିଜ ପ୍ରଫେସନାଲ ପ୍ରିପେରେସନ୍ ଏବଂ ଘରର ବନ୍ଦୋବସ୍ତ କରିବା ଉପରେ ଏତେ ବେଶୀ ବ୍ୟସ୍ତ ରହିଲି ଯେ ଆମେରିକାର ଡ଼ୋମେଷ୍ଟିକ୍ ଏୟାର ପୋର୍ଟ ଉପରେ କିଛି ଗୁରୁତ୍ୱ ଦେଇପାରି ନଥିଲି । ଇଣ୍ଟରନ୍ୟାସନାଲ୍ ଏୟାର ପୋର୍ଟରେ ସାଧାରଣତଃ ଇମିଗ୍ରେସନ ପାଇଁ ଅଧିକା ସମୟ ଲାଗିଥାଏ । ଆମେରିକାରେ ତାହା ବହୁତବେଶୀ । ଇମିଗ୍ରେସନ୍ ପରେ କନଭେୟର ବେଲ୍‌ଟରୁ ମୋ'ର

ସୁଟ୍‌କେଶ୍‌ଟି ଉଠାଇ ବାହାରକୁ ଯିବାର ଉପକ୍ରମ କରୁଥିଲି । କାଚବାଟେ ଦେଖି ପାରିଲି ଖୁବ୍ ଜୋର୍‌ରେ ବର୍ଷା ହେଉଛି । ବାହାରକୁ ନ ଯାଇ ଟିକିଏ ଅପେକ୍ଷା କଲି । ବର୍ଷାର ମାତ୍ରା କମିଲା ପରେ ବାହାରକୁ ଆସିଲି । ଥଣ୍ଡା ଖୁବ୍ ବେଶୀ । ସମସ୍ତେ ଗୋଟାଏ ଲେଖାଏଁ ରେନ୍ କୋର୍ଟ ପିନ୍ଧି ଦଉଡୁଛନ୍ତି । କେବଳ ମୁଁ ସ୍ୱେଟର ପିନ୍ଧିଥିଲି । ମନକୁ ମନ ଚନ୍ତା କଲି, ମସ୍କୋର ରେନ୍ କୋର୍ଟଟି ନିଶ୍ଚୟ ଏଠାରେ କାମ ଦେଇଥାନ୍ତା । ଆଣିଥାନ୍ତି ହେଲେ । ସଂଧ୍ୟା ଗଡ଼ିଯାଇଥାଏ ।

ମୁଁ ଟିକିଏ ଚନ୍ତାରେ ପଡ଼ିଗଲି । ସାହସ କରି ଜଣେ ବ୍ୟକ୍ତିଙ୍କୁ ପଚାରିଲି, ଡ଼ୋମେଷ୍ଟିକ୍ ଏୟାରପୋର୍ଟକୁ ରାସ୍ତା କେଉଁପଟେ । ବ୍ୟକ୍ତି ଜଣଙ୍କ ମୋ' ଶାଢ଼ୀ ଆଡ଼କୁ ବାରଂବାର ନଜର

ପକାଇଲେ, "ଗେଟ୍ ବାହାରୁ ଟ୍ୟାକ୍ସି ନେଇଯାଅ" । ମନେ ମନେ ଟ୍ରାଭଲ୍ ଏଜେଣ୍ଟ ଉପରେ

ବିରକ୍ତ ହୋଇଗଲି । କହୁଥିଲା ଇଣ୍ଟରନ୍ୟାସ୍‌ନାଲ୍ ଏୟାର ପୋର୍ଟକୁ ଲାଗିଛି । ଏବେ କିଛି

ଡଲାର ଶ୍ରାଦ୍ଧ କରିବି । ମାତ୍ର ଅନ୍ୟ ଉପାୟ ନାହିଁ । ଦମ୍ଭ ଧରି ବାହାରକୁ ଗଲି । ଶୀତରେ

ମୋ'ର ହାଡ଼, ଗୋଡ଼ ମୁହଁ କାଲୁଆ ମାରି ଯାଉଥିଲା । ଦେହ ମଧ ବରଡ଼ାପତ୍ର ଭଳି ଥରୁଥିଲା । ଶରୀରର ପତଳା ସ୍ୱେଟର ଖଣ୍ଡକ ଶୀତ ରୋକିବାକୁ ଅସମର୍ଥ ହୋଇ ପଡୁଥିଲା। ଟ୍ୟାକ୍‌ସିବାଲାକୁ ଅଟକାଇ ଡ଼ୋମେଷ୍ଟିକ୍ ଏୟାର ପୋର୍ଟ ଯିବାପାଇଁ କହିଲି ।

ହ୍ୱିଚ୍ ଏୟାର ପୋର୍ଟ**?**

ଡ଼ୋମେଷ୍ଟିକ ।

ବୁଝିଲି, ମାତ୍ର କେଉଁଟାକୁ?

ଏଇ ପ୍ରସେସ୍‌ରେ ମୋ'ର ପ୍ରାୟ ଘଣ୍ଟାଟାଏ ନଷ୍ଟ ହୋଇ ଯାଇଥିଲା । ଏୟାର ଇଣ୍ଡିଆ ଦେଢ଼ ଘଣ୍ଟା ଲେଟ୍ ଥିଲା । ମୁଁ ନିଶ୍ଚୟ ଫ୍ଲାଇଟ୍ ମିସ୍ କରିବି । ଦେବଦୂତ ଭଳି ପାଖରେ ଦୁଇଜଣ ପ୍ରୌଢ଼, ଦୁହିଙ୍କ ହାତରେ ବାଡ଼ି, ସାଂଗରେ ଗୋଟିଏ ପେଟ୍ ଡଗ୍ । ଛିଡ଼ାହୋଇ ପ୍ରୌଢ଼ା ଜଣକ ମୋ'ର ଅସୁବିଧା ବିଷୟରେ ପ୍ରଶ୍ନ କଲେ । ଅନର୍ଗଳ ଭାବେ ସବୁ କଥା ଗାଇଗଲି । ଯାହାର ସାରାଂଶ ଥିଲା ଡ଼ୋମେଷ୍ଟିକ୍ ଏୟାର ପୋର୍ଟ ଯିବି । ବହୁତ ବିଳମ୍ବ ହୋଇଗଲାଣି ।

ହଁ ବହୁ ସମୟ ହେଲା ଦେଖୁଛି, ତୁମେ ଭିତର ବାହାର ହେଉଛ; କେଉଁଠାକୁ ଯିବ? ପ୍ରଶ୍ନ କଲେ ପ୍ରୌଢ଼ ।

ବଷ୍ଟନ ।

ଓଃ... ଟିକେଟ୍ ଦେଖାଅ ।

ପର୍ସରୁ ବାହାର କରି ଟିକେଟ୍ ଦେଖାଇଲି ।

ଏବେ ବହୁତ ବିଳମ୍ବି ହୋଇଗଲାଣି । ଫ୍ଲାଇଟ୍ ଯାଇ ସାରିଛି । ରହିଯାଇ ସକାଳ ଫ୍ଲାଇଟ୍ ନିଅ । ଟିକଏ ରହି ପୁଣି କହିଲେ, "ତୁମର ଏଠାରେ ହୋଟେଲ୍ ବୁକ୍ ହୋଇଛି?"

ନାଁ, ମୋ'ର ସିଧା ବଷ୍ଟନ ଯିବାର ଥିଲା ।

ନିଉୟର୍କ ଜମା ସେଫ୍ ନୁହେଁ, ବରଂ ଲାଷ୍ଟ ଫ୍ଲାଇଟ୍ ନେଇଯାଅ, କହିଲେ ପ୍ରୌଢ଼ା ।

ସମୟ ନଷ୍ଟ ନକରି ମୋ' ପାଇଁ ଏକ ଟ୍ୟାକ୍‌ସି ଡାକ ଲାଗଡ଼ିଆ ଏୟାର ପୋର୍ଟ ନେଇଯିବାକୁ କହିଲେ ।

ବଷ୍ଟନ୍ ଏୟାର ପୋର୍ଟଟା ଖୁବ୍ ଛୋଟ । କାନ୍ଥ ଘଡ଼ିକୁ ଚାହିଁଲି ସାଢ଼େ ଦଶଟା । ଡାଃ କେନ୍ କହୁଥିଲେ ସେଠାରେ କନ୍‌ଫରେନ୍ସ ଡ଼େସ୍କ ଥିବ । ଏପାଖ ସେପାଖ ହୋଇ ଖୋଜି ଶେଷରେ ଦେଖିବାକୁ ପାଇଲି କର୍‌ନିଆ ରିସର୍ଚ୍ଚ । ଖୁସି ହୋଇ ଡ଼େସ୍କ ପାଖକୁ ଗଲି । ମାତ୍ର କେହି ନ ଥିଲେ । ନିରାଶରେ ଫେରି ଟେଲିଫୋନ୍ ବୁଥ୍ ଆଡ଼କୁ ଆଗେଇଲି ।

ଆପଣ ଡାଃ ଅନୀତା ପଣ୍ଡା? ପଛରୁ କାହାର ସ୍ୱର ।

ବୁଲି ଚାହିଁ ପଚାରିଲି, ଆପଣ କନଫରେନ୍ସ ତରଫରୁ ।

ନାଁ...

ତେବେ ମୋ' ନାମ କେମିତି ଜାଣିଲେ**?**

ଆପଣଙ୍କ ପରିଧାନରୁ ବାରଂବାର ଘୋଷିତ । ସଂଧ୍ୟା ସାଢ଼େ ଆଠଟାରୁ ଦଶଟା ପର୍ଯ୍ୟନ୍ତ ଆପଣଙ୍କ ନାମ ଆନାଉନ୍ସ ହେଉଥିଲା ।

ଓଃ**,** ନୋ**...** ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ିଲି ।

ବର୍ତ୍ତମାନ କ'ଣ କରିବାକୁ ଭାବୁଛନ୍ତି**?**

ଭାବୁଛି ମୋ' ଫ୍ରେଣ୍ଡଙ୍କୁ ଫୋନ୍ କରିବି ।

ରାତି ବାରଟାରେ**?** ସେ କେଉଁଠି ରହନ୍ତି**??**

ମୁଁ ଇନ୍‌ଭିଟେସନ୍ ଲେଟର୍‌ଟି ପର୍ସରୁ ବାହାର କରି ଦେଖାଇଲି ।

ଓଃ**,** ଗ୍ରେଟ୍ । ଆପଣ ଏମ୍‌ସର । ମୋ' ଅଙ୍କଲ୍ ଏମ୍‌ସରେ କାର୍ଡ଼ିଓଲୋଜି କନଫରେନ୍ସ ପାଇଁ ଯାଉଥିଲେ । ମୋ'ର ତାଙ୍କ ସଂଗେ ଯିବାକୁ ବହୁତ ଇଚ୍ଛା ଥିଲା**,** ମାତ୍ର ଭିସା ଅଭାବରୁ ଯାଇ ପାରିଲିନି । ଆଚ୍ଛା ସେ ସବୁ ଏବେ ଛାଡ଼ିବା । ମୁଁ ଡାଃ କେନିଅନ୍‌ଙ୍କ କ୍ଲିନିକ୍ ଦେଖିଛି।

ମାତ୍ର ସକାଳ ସାତଟା ପୂର୍ବରୁ ଖୋଲିବନି । ମୁଁ ସିଟି ଯାଉଛି । କିଛି ମନେ ନ କରନ୍ତି ଯଦି ମୋ' କାର୍‌ରେ ଆସିପାରନ୍ତି । କାଲି ସକାଳେ ମୁଁ ଆପଣଙ୍କୁ ଛାଡ଼ିଦେବି ।

ମୁଁ ମୁହୂର୍ତ୍ତକ ପାଇଁ କିଛି ଚିନ୍ତା କରି ପାରିଲିନି । ମତେ ନୀରବ ଦେଖି ସେ ମୋ' ସୁଟ୍‌କେଶ୍ ଡିକିରେ ରଖିଲେ ।

ମେକାନିକାଲି ଟାଣି ହୋଇ ବସିବାକୁ ଯାଉଥିଲି ।

"ନୋ**...** ନୋ**...** ଏଇଟା ଆମେରିକା**,** ଭାରତ ନୁହେଁ । ଡାହାଣ ସିଟ୍‌ରେ ବସିବେ ।"

କହି କାର୍ ଦୁଆର ଖୋଲିଲେ ।

ସତେତ**!** ମୁଁ କେଡ଼େ ବୋକା କାମ କରୁଥିଲି । ଆମେରିକାରେ ତ ଲେଫ୍ଟ ହ୍ୟାଣ୍ଡ ଡ୍ରାଇଭ୍ । ମୁଁ ବସିଥିଲି ସିନା**,** ମୋ'ର କିଛି ଚିନ୍ତା କରିବାର ଶକ୍ତି ନ ଥିଲା । ମୁଣ୍ଡଟା ପୁରାପୁରି ଖାଲି ।

"ଆମେରିକାରେ ସିଟ୍ ବେଲଟ୍ ବାନ୍ଧିବା ଅନିବାର୍ଯ୍ୟ ।" କହି ସେ ମୋତେ ବେଲଟ୍ ବାନ୍ଧିବାରେ ସାହାଯ୍ୟ କଲେ । ନିଜକୁ ଟିକିଏ ଚିନ୍ତାମୁକ୍ତ କରିବାକୁ କଥାବାର୍ତ୍ତା ଆରମ୍ଭ କଲି।

"ଶୁଣିଛି ଆମେରିକାରେ ସମସ୍ତେ ବଡ଼ ବଡ଼ କାର୍ ଡ୍ରାଇଭ୍ କରନ୍ତି, ଆପଣଙ୍କ କାର୍‌ଟି ତ ଖୁବ୍ ସାନ ।"

ଏ ପର୍ଯ୍ୟନ୍ତ ମୋ' ବିଷୟରେ ମୁଁ ଆପଣଙ୍କୁ କିଛି କହିନ । ମୁଁ ଆମେରିକାର ନୁହେଁ । ପାଠ ପଢ଼ିବାକୁ ଆମେରିକା ଆସିଛି । ମତେ ଏବେ ବି ୧୮ ବର୍ଷ ପୂରିନ । ମାଇନର୍... ଗାଡ଼ି ଚଲାଇବା ଅପରାଧ । ଜାଣେ... ମାତ୍ର ମତେ ଦେଖି ଯେ କେହି ଅନୁମାନ କରିବେ ମୁଁ ପ୍ରାୟ ପଚଶ ବର୍ଷ । ଆମେରିକାରେ ବିନା ଗାଡ଼ିରେ ତିଷ୍ଠିବା ସମ୍ଭବ ନୁହେଁ, ତେଣୁ ମୋ' କଣ୍ଟ୍ରି ଛାଡ଼ିବା ବେଳକୁ ବାପା କାହା ସାହାଯ୍ୟରେ ଲାଇସେନ୍ସଟିଏ କରି ଦେଇଥିଲେ ।

ଗୋଟିକ ପରେ ଗୋଟିଏ ନୂଆ ସମସ୍ୟା । ସ୍ଥାଣୁ ହୋଇ ବସିଥିଲି ।

ଆପଣ ଗାଡ଼ି ଚଲାଇବା ଜାଣିଛନ୍ତି?

ମୁଁ ବହୁ କ୍ଳାନ୍ତ । ମୋ' ପାଇଁ ଯଦି ଆପଣ ଗାଡ଼ି ଚଳାନ୍ତେ ମୁଁ ଉପକୃତ ହୁଅନ୍ତି । ମୁଁ ରାସ୍ତା ବତାଇ ଦେବି ।

ମାତ୍ର ମୋ'ର ଆମେରିକାନ୍ ଲାଇସେନ୍ସ ନାହିଁ ।

ଭାବି ନଥାନ୍ତୁ ଆପଣ ମତେ ସାହାଯ୍ୟ କରୁଛନ୍ତି ।

ତାହା ଠିକ୍ ଯେ ମାତ୍ର, ବିନା ଲାଇସେନ୍ସରେ ଗାଡ଼ି ଚଳାଇବା ନୀତି ବିରୁଦ୍ଧ ।

"ମତେ କରନ୍ତୁ ମୁଁ ଗୋଟିଏ ରୋଗୀ! ଯେତେ ଶୀଘ୍ର ମତେ ହସ୍‌ପିଟାଲ୍ ପହଞ୍ଚିବାକୁ ହେବ । ନଚେତ୍ ମୋ'ର ପ୍ରାଣବାୟୁ ଉଡ଼ିଯିବ ।" କହି ଆର୍ଡ଼ନ ଡ୍ରାଇଭର ସିଟ୍‌ରୁ ଆସି ମୋ' ପାଖ ଦୁଆର ଖୋଲିଲା ।

ଛୋଟିଆ କ୍ୱାର୍ଟର୍ସଟିଏ । ମୋ' ସୁଟ୍‌କେଶ୍ ନେଇ ତା'ର ଏକମାତ୍ର ବେଡ଼ରୁମ୍‌ରେ ରଖିଲା । ମତେ ଫ୍ରେସ୍ ହେବାକୁ କହି ନିଜେ ଡ୍ରଇଂରୁମ୍ ସୋଫା ଉପରେ ଗଡ଼ି ପଡ଼ିଲା । ମୁଁ ଫ୍ରେସ୍ ହୋଇଗଲି ସତ ମୋ' ମନକୁ ବହୁ ଚନ୍ତା ଘାରି ବସିଥିଲା । ଦୁନିଆରେ ଆଜି ମଧ୍ୟ ଏତେ ସହାନୁଭୂତିଶୀଳ ମଣିଷ ତିଷ୍ଠିଛନ୍ତି, ତାହା ପୁଣି ଜଣେ ଅଜଣା ଅଶୁଣା ପରଦେଶୀଙ୍କ ପାଇଁ, ଦୁଆରରେ କାହାର କରାଘାତ ଶୁଣି ଉଠିଆସିଲି । ଆର୍ଡ୍ରେନ୍ ହାତରେ ଦୁଇଟା କଫି ମଗ୍ । ଗୋଟିଏ ମୋ' ରୁମ୍‌ରେ ରଖି ଅନ୍ୟଟି ହାତରେ ନେଇ ସେ ଚାଲିଗଲା ।

ପରଦିନ ସକାଳ ସାତଟା ପନ୍ଦରରେ ମତେ ଡାଃ କେନୟନଙ୍କ କ୍ଲିନକ୍‌ରେ ଛାଡ଼ି ଆର୍ଡ୍ରେନ ମୋ'ଠାରୁ ବିଦାୟ ନେଲା । ମୁଁ ଆଶ୍ଚର୍ଯ୍ୟ ହୋଇ କ୍ଲିନକ୍‌ର କାର୍ଯ୍ୟକଳାପ ଲକ୍ଷ୍ୟ କରୁଥିଲି ।

ପ୍ରତ୍ୟେକଟି ଷ୍ଟାଫ୍ କାର୍ଯ୍ୟ ତତ୍ପର । ମୁଁ ସେମାନଙ୍କୁ ଆମ ଦେଶ ଷ୍ଟାଫ୍‌ଙ୍କ ସହ ତୁଳନା କରୁଥିଲି । ସେଠାରେ ତାଙ୍କର କେହି ଉପରିସ୍ଥ କର୍ମଚାରୀ ଉପସ୍ଥିତ ନାହାନ୍ତି ବୋଲି ମନେ ହୁଏନା । ଆମ ଷ୍ଟାଫ୍ ମାନଙ୍କ କଥା ମନେ ପକାଇଲି । ବିଳମ୍ବରେ କାର୍ଯ୍ୟ କ୍ଷେତ୍ରରେ ପହଞ୍ଚିବାର ବହୁ କଛି ବାହାନା ଥାଏ । ବ୍ୟାଖ୍ୟା, ବିବରଣୀରେ ତ ଧୁରନ୍ଧର ବସ୍ ଖରାପ ହୋଇଗଲା, ହେଭି ଟ୍ରାଫିକ୍, ପିଲାଙ୍କ ସ୍କୁଲ୍‌ରେ ମିଟିଙ୍ଗ୍, କେହି ସଂପର୍କୀୟ ଅସୁସ୍ଥ ପଡ଼ିଶା ଘରେ ମୃତ୍ୟୁ ଇତ୍ୟାଦି ଇତ୍ୟାଦି । ବିଚରା ଜେଜେବାପା, ଜେଜେମାଙ୍କୁ କେତେଥର ଯେ ମୃତ୍ୟୁବରଣ କରିବାକୁ ପଡ଼େ, ତାହାର କଳନା ନାହିଁ, ମନକୁ ମନ ହସି ଉଠିଲି ।

କ'ଣ ହେଲା? ପ୍ରଶ୍ନ କଲେ ଡାଃ କେନୟନ । ମୋ' ଉତ୍ତର ଦେବା ପୂର୍ବରୁ ପ୍ରବେଶ କଲେ ଅନ୍ୟ ଏକ ସୌମ୍ୟ ଭଦ୍ରବ୍ୟକ୍ତି । ବହୁତ ଖୁସି ମିଜାଜ ମନେ ହେଉଥିଲେ । କେନ୍ ଆମ ଦୁହିଙ୍କର ପରିଚୟ ପରସ୍ପରକୁ କରାଇଦେବା ପରେ ଭଦ୍ରଲୋକ କହିଥିଲେ, "ତୁମକୁ ଏବେ ଫାଇନାଲ କରିବାକୁ ହେବ ବର୍ତ୍ତମାନଠାରୁ ତୁମେ ମତେ କମ୍ବା କେନ୍‌ଙ୍କୁ ପସନ୍ଦ କରିବ ।"

ମୁଁ ତାଙ୍କ ମୁହଁକୁ ଭକୁଆଙ୍କ ଭଳ ଚୁହିଁ ରହିଲି ।

"ଅର୍ଥାତ୍ ରେଡ଼ିଆଲ କେରାଟୋଟୋମୀ କମ୍ବା କରନଆଲ୍ ଗ୍ରାଫ୍‌ଟିଙ୍ଗ୍" । ଖୁବ୍ ଜୋର୍‌ରେ ହସି କହିଲେ ଡାଃ ଜର୍ଜ ଓ୍ୱାରିଙ୍ଗ ।

ଆମେ ତିନଜଣ ମିଶି ଅଡ଼ିଟୋରିଅମ୍ ଭିତରକୁ ପଶିଲୁ । ଦୁହେଁ ଷ୍ଟେଜ୍ ଉପରକୁ ଗଲେ । ମତେ ହାଇ ଉପରେ ହାଇ । କେବଳ ଗ୍ରତି ଶୋଇବାରେ ବିଳମ୍ବ ହୋଇଥିଲା ବୋଲି ନୁହେଁ। ବର୍ତ୍ତମାନ ତ ଆମ ପାଇଁ ରାତି । ଆରମ୍ଭରେ ଗୋଡ଼ହାତ ଟେକ ବସି ପାରିବି ବୋଲି ସେକେଣ୍ଡ ରୋକୁ ଗଲି ।

ଗୁଡ୍ ମର୍ଣ୍ଣିଙ୍ଗ୍ ଅନୀତା, ଗେଟ୍ ଅପ୍ । ପ୍ରେଜେଣ୍ଟେସନ୍ ପାଇଁ ତୁମ ନାମ ଡକା ଯାଉଛି । କହିଲେ ଡାଃ ଓ୍ୱାରିଙ୍ଗ ।

ଅପମାନତା ହୋଇ ପୋର୍ଡ଼ିଅମ୍ ପାଖଖୁ ଗଲି । ହଠାତ୍ ଦେଖିବାକୁ ପାଇଲି ପର୍ଦ୍ଦାରେ ଗୋଟିଏ ଭାରତର ମାନଚତ୍ର । ଏମାନେ ହୁଏତ ମୋ'ର ଫଟୋଟିଏ ସେଠାରେ ଲଗାଇ ଦେଇଛନ୍ତି । ମାତ୍ର ଅନୁଭବ କଲି ଫଟୋଟିରେ ମୋ'ର ଗତିବିଧି । ଭଲକରି ପରୀକ୍ଷା କରିନେଲି ସେଇ ଏକପ୍ରକାର ପରିଧାନ । କେତେ ଆଡ଼ଭାନ୍‌ସ ଟେକ୍‌ନୋଲୋଜୀ ।

ସଂଧାରେ ଅଭ୍ୟର୍ଥନା ଏବଂ ଫେଲିସିଟେସନ୍ କାର୍ଯ୍ୟକ୍ରମ । ସମସ୍ତ ଦେଶରୁ ଜଣଜଣଙ୍କୁ ଫେଲିସିଟେଟ୍ କରୁଥିଲେ । ମୁଁ ଥିଲି ଏକମାତ୍ର ଭାରତୀୟ ଏବଂ ଏକମାତ୍ର ମହିଳା ।ଏତେ ଆଡ଼ମ୍ବରରେ କରିବେ ବୋଲି ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି । ସେଇ ପ୍ରୋଗ୍ରାମରେ ମୋ'ର ସାକ୍ଷାତ ହୁଏ ଆଲକନ୍ ରିସର୍ଚ୍ଚ ଲାବୋରେଟୋରୀର ମୁଖ୍ୟ ଡାଃ ପ୍ରେମ୍ ମହେନ୍ଦ୍ରୁଙ୍କ ସହ । ସେ ମତେ ତାଙ୍କ ଲାବୋରେଟୋରୀକୁ ଆମନ୍ତ୍ରଣ କରିଥିଲେ । ମାସାଚୁ୍ୟଟ୍ସରେ ଛଅଦିନ ଅତିବାହିତ କରିବା ପରେ ମୋ'ର ଆମାରିଲୋ ଯିବାର ପ୍ରୋଗ୍ରାମ ଥିଲା । ଭିସା ମଧ୍ୟ ନେଇଥିଲି ସେଇ ହିସାବରେ । ମାତ୍ର ଜର୍ଜଙ୍କ ଅନୁରୋଧରେ ଆମେ ଗ୍ରିଜଣ ଜର୍ଜଙ୍କର ମାତାପିତାଙ୍କୁ ଭେଟିବାକୁ କଣ୍ଟ୍ରିସାଇଡ୍ ଯାଇଥିଲୁ । ସେଇ ଦୁଇଦିନର ଆମେରିକାନ ସୋସିଆଲ ଅନୁଭୂତି ମତେ ମୁଗ୍ଧ କରି ଦେଇଥିଲା ।

ସେଇ ସମୟରେ ଡାଃ ଜନ୍ ଆଲପର୍ ଆମେରିକାର କେବଳ ଜଣେ ପ୍ରସିଦ୍ଧ ଆଇ.ଓ.ଏଲ୍ ସର୍ଜନ ନ ଥିଲେ, ବହୁ ଦେଶ ସଂଗେ ତାଙ୍କର ସହଯୋଗ ଥିଲା । ଡାଃ ଅଗରୱାଲ୍ ଏମ୍ସର ଡାଇରେକ୍ଟର ଥିବା ସମୟରେ (୧୯୭୯ ମସିହା) ସେ ଭାରତ ଆସିଥିଲେ । ସାତଦିନ ପାଇଁ ଟ୍ରେନିଙ୍ଗ୍ ପ୍ରୋଗାମ୍ର ମଧ୍ୟ ବ୍ୟବସ୍ଥା ହୋଇଥିଲା । ଆମାରିଲୋ ଏୟାର ପୋର୍ଟକୁ ସେ ନିଜେ ମତେ ନେବାପାଇଁ ଆସିଥିଲେ । ମୋ'ର ତାଙ୍କୁ ଚିହ୍ନିବାରେ ଟିକିଏ ଅସୁବିଧା ହୋଇଥିଲେ ମଧ୍ୟ ସେ ମତେ ଖୁବ୍ ଭଲରେ ଚିହ୍ନି ପାରିଥିଲେ । ୧୯୮୨ରେ ସେ ଚେନାଇ ସ୍ଥିତି ଅଗରୱାଲ୍ ଇନ୍ଷ୍ଟିଚ୍ୟୁଟ୍ରେ ମତେ ପ୍ରଥମ ଥର କରି ଦେଖିଥିଲେ । "ଡ଼ାଃ ଜୟବୀର ଅଗରୱାଲ୍, ଡାଃ ଏଲ୍.ପି. ଅଗରୱାଲ୍ (ତୁମ ଇନ୍ଷ୍ଟିଚ୍ୟୁଟ୍ର ଡାଇରେକ୍ଟର)ଙ୍କର ସାନଭାଇଙ୍କ ଠାରୁ ତୁମ ବିଷୟରେ ବହୁତ କିଛି ଜାଣିବାକୁ ପାଇଥିଲି । ଭାରତରେ ତୁମେ ଆଇ ଡୋନେସନ୍ ଉଦ୍ୟୋକ୍ତା ବୋଲି କହୁଥିଲେ । ପ୍ରାଇମ୍ ମିନିଷ୍ଟରଙ୍କ ସାହାଯ୍ୟରେ ତୁମେ କ'ଣ ଗୋଟାଏ କଣ୍ଟ୍ରି ୱାଇଡ୍ ପ୍ରୋଗ୍ରାମ୍ ସ୍ଥାପନା କରିଛ ବୋଲି ମଧ୍ୟ କହୁଥିଲେ ।"

ମୁଁ କିଛି ଉଦ୍ୟୋକ୍ତା ନୁହେଁ କେବଳ ଜଣେ ୱାର୍କର । ଯାହା କିଛି କରିଛି ଏବଂ କରୁଛି ତାହା ଆପଣଙ୍କ ସଦୃଶ ବଡ଼ମାନଙ୍କ ଆଶୀର୍ବାଦରେ । ସେମାନେ ହେଲେ ଡାଃ ମଦନ ମୋହନ, ଡାଃ ରା.ପି. ଢାଣ୍ଡା, ଡାଃ ବସୁନ୍ଧରା କାଲେଭର୍ ଏବଂ ଡାଃ ରାଜେନ୍ଦ୍ର ସେଠ୍ ।...

ଆମ କଥାବାର୍ତ୍ତାରେ ସେଇଠି ଅବସାନ ଘଟିଲା ଯେତେବେଳେ ଏୟାର ଲାଇନ୍ର ୱାର୍କର ଆସି ଖବର ଦେଲା ଯେ ଲଗେଜ୍ ସେମାନେ ଘରେ ପହଞ୍ଚାଇ ଦେବେ । ମତେ ଟିକିଏ ଚିନ୍ତିତା ଦେଖି ଡାଃ ଆଲ୍ପର କହିଲେ, "ବ୍ୟସ୍ତ ହୁଅନା, ଇଏ ଆମେରିକା । ସେମାନେ କେବଳ ଲଗେଜ୍ ପଠାଇବାର ପ୍ରତିଶ୍ରୁତି ଦେବେନି ତୁମ ହାତଖର୍ଚ୍ଚ ପାଇଁ କିଛି ଡଲାର୍ସ ମଧ୍ୟ

ଦେବେ ।” ଡାଃ ଆଲପର୍ ଗାଡ଼ି ଷ୍ଟାର୍ଟ କଲେ ।

ଆମାରିଲୋର ରହଣୀ ଦୁଇଦିନ କମ୍ କରି ଟେକ୍ସାସ ଅଭିମୁଖେ ଡାଃ ମହେନ୍ଦ୍ରଙ୍କ

ଦେଇଥିବା ପ୍ରତିଶୃତି ରକ୍ଷା କରିବା ପାଇଁ ଯାତ୍ରା କଲି । ଟେକ୍ସାସ୍ ମୋ କାର୍ଯ୍ୟକ୍ରମର ତାଲିକା ନ ଥିଲା, ତେଣୁ ହୋଟେଲ୍ ବୁକ୍ କରି ନ ଥିଲି । ଡାଃ ମହେନ୍ଦ୍ରଙ୍କୁ ଅନୁରୋଧ କରିଥିଲି, ମାତ୍ର ସେ ହୋଟେଲ୍‌ରେ ନ ରହି ତାଙ୍କ ଘରେ ରହିବା ପାଇଁ ବାଧ କରିଥିଲେ । ଲାବ୍ ଭିଜିଟ୍ ସମୟରେ ସେ ମତେ ବହୁଜଣଙ୍କ ସହ ପରିଚୟ କରାଇଥିଲେ, ସେ ମଧ୍ୟରୁ ଜଣେ ଥିଲେ ତାଙ୍କ ଦୂର ସଂପର୍କୀୟ ମଉସା । ତାଙ୍କ ସହ ଅଳ୍ପ ସମୟ ଭିତରେ ମୋ'ର ଘନିଷ୍ଠତା ବଢ଼ିଗଲା । କଥାବାର୍ତ୍ତା ମଝିରେ ସେ କହିଲେ ପୁଅ ଆମେରିକାର ସିଟିଜନ୍‌ସିପ୍ ନେଇଯାଇଛି, ତେଣୁ ଆମ ଦୁହିଙ୍କୁ (ତାଙ୍କ ସ୍ତ୍ରୀ) ସବୁ ବର୍ଷ ଆସି ତିନିରୁ ଛଅମାସ ଏଠାରେ ରହିବାକୁ ପଡ଼େ । ଆମେରିକାରେ ଗାଡ଼ି ନ ଚଳାଉଥିଲେ ପୁରା ଘରେ ବନ୍ଦୀ । ତେଣୁ ମୁଁ ବର୍ତ୍ତମାନ ଡ୍ରାଇଭିଂ ଲାଇସେନ୍ସ ନେବା ପାଇଁ ଯାଉଛି, ଆପଣ ଭାରତରୁ ଇଣ୍ଟରନ୍ୟାସନାଲ୍ ଲାଇସେନ୍ସ ନେଇ ଆସିଛନ୍ତି ତ?

ମୋ’ ଟ୍ରାଭଲ୍ ଏଜେଣ୍ଟ କହୁଥିଲା । ମାତ୍ର ଆମେରିକାରେ ଗାଡ଼ି ଚଳାଇବାକୁ ମୋ'ର ସାହସ ହେଲାନି । ତେଣୁ ଅଜଥା ପଇସା ଖର୍ଚ୍ଚ କଲିନି ।

ରବର୍ଟ, ଜଣେ ଯୁବ ରିସର୍ଚ୍ଚର, ଆମ କଥାବାର୍ତ୍ତା ଶୁଣୁଥିଲେ । କହି ଉଠିଲେ, “ଆପଣଙ୍କୁ ଏସ୍ ଡ୍ରାଇଭିଂ ଯଦି ଅସୁବିଧା ହୁଏନା, ତେବେ ଷ୍ଟ୍ରେଟ୍ ଡ୍ରାଇଭିଂ ପାଇଁ ସାହସ କାହିଁକି ନାହିଁ?”

ତାଙ୍କ କଥାର ଅଗମୂଳ ମୁଁ ବୁଝି ପାରିଲିନି ।

ରବର୍ଟ ମତେ ବୁଝାଇ ଦେଲେ, “ଭାରତରେ ଯେତେବେଳେ ଗାଡ଼ି ଚଳାଉ ଥିବେ ହଠାତ୍ ଗୋଟିଏ ରିକ୍ସା ବାଁ ପଟେ ଆସିଯିବ, ଆପଣ ଡାହାଣକୁ ଯିବାର ପ୍ରୟାସ କରିବେ, ସେତେବେଳେ ଦେଖିବେ ଗାଈମାନଙ୍କର ସମାରୋହ । ମୋ କହିବା ଅର୍ଥାତ୍‌ହେଲା ବ୍ୟାଡ୍ ଟ୍ରାଫିକ୍ ହ୍ୱିଚ୍ ଡିମାଣ୍ଡସ୍ ଏସ୍ ଡ୍ରାଇଭିଂ । ତିନିହେଁ ହସି ଉଠିଲୁ ।

ମୋ’ କଥା ମାନନ୍ତୁ, ମଉସାଙ୍କ ସଂଗେ ଆପଣ ମଧ୍ୟ ଲାଇସେନ୍ସ ଅଫିସ୍ ଯାଆନ୍ତୁ । ସେମାନେ ଗୋଟିଏ ବୁକ୍‌ଲେଟ୍ ଦେବେ । ସେଥିରେ ଶହେଗୋଟି ପ୍ରଶ୍ନୋତ୍ତର ଥାଏ । ଯେଉଁଦିନ ଇଣ୍ଟରଭିଉ ନେବେ ସେଇଥିରୁ ପ୍ରଶ୍ନ ପଚାରିବେ ।

ବୁକ୍‌ଲେଟ୍‌ଟି ଆଣି ଘୋଷି ପକାଇଲି ଏବଂ ଟେମ୍ପରାରୀ ଲାଇସେନ୍ସ ମଧ୍ୟ ମିଳିଗଲା । ବହୁତ ଖୁସି ହୋଇଗଲି । ପରଦିନ ଫୋର୍ଟଓ୍ୱାର୍ଥରୁ ଗାଡ଼ିରେ ଯିବା ପାଇଁ ଗୋଟିଏ କାର୍ ହାୟାର କଲି । ଆରଲିଙ୍ଗଟନ୍ ରୋଡ଼ରୁ ଆଲକନ୍ ଲାବ୍ ପାଇଁ ରାଇଟ୍ ଟର୍ଣ୍ଣ ନେବାକୁ ହୁଏ । ମୁଁ ସିଗନାଲ୍ ନ ଦେଖି ଅପେକ୍ଷା କରିଥିଲି । ହଠାତ୍ ଅନୁଭବ କଲି ଶହେରୁ ଊର୍ଦ୍ଧ୍ୱ କାର୍ ମୋ' ପଛରେ । ନଜର ଭୂଲ୍ ବୁଝି ପାରିଥିଲି । ଉଇଣ୍ଡୋ ଗ୍ଲାସ୍ ତଳକୁ କରି ସେମାନଙ୍କୁ ସୂଚାଇ ଦେଲି ଯେ ମୁଁ ଭାରତୀୟ । କେତେଜଣ ହାତ ଦେଖାଇ ମତେ ଗାଡ଼ି ଚଳାଇବାକୁ ଇଶାରା କଲେ । ଆଲକନ୍ ଲାବ୍‌ରେ ପହଞ୍ଚି ମୁଁ କାର ପାର୍କ କରି କାର୍ ଓନର୍‌ଙ୍କୁ ଫୋନ୍ କଲି । ସେଇଥିଲା ମୋ'ର ଆମେରିକାର ଶେଷ ଡ୍ରାଇଭିଂ ।

ମୋ'ର ଆଗାମୀ ଯାତ୍ରା ଥିଲା ଓକଲାହୋମା । ଡାଃ ରାଓସେ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ଯେ ମୁଁ ନୂଆ, ପୁରୁଣା ଶହେରୁ ଊର୍ଦ୍ଧ୍ୱ ରୋଗୀ ଦିନକରେ ପରୀକ୍ଷା କରିଥାଏ । ଏତଦ୍ ବ୍ୟତୀତ କେରାଟୋକୋନସ ପାଇଁ **(ଏପିକେରାଟୋପ୍ଲାଷ୍ଟି)** ଆମ ନୂତନ ସରଳ ପଦ୍ଧତିର କରନଆଲ୍ ଲେଣ୍ଟିକ୍ୟୁଲ୍ ପ୍ରିପେରେସନ୍ ତାଙ୍କୁ ମୁଗ୍‌ଧ କରିଥିଲା ।

ପୋଷ୍ଟ ଗ୍ରାଜୁଏଟ୍ ସମୟରୁ ମୁଁ ଗୋଟିଏ କରନଆ ବହି ପଢୁଥିଲି, ଯାହା ହେଲା କଫମ୍ୟାନ, ଲେବସନ୍, ସ୍ମୋଲିନ୍ ଏବଂ କ୍ୟାସେଙ୍କ ଦ୍ୱାରା ଲିଖିତ । ମୁଁ ସେମାନଙ୍କୁ ଭେଟିବାର ସ୍ୱପ୍ନ ଦେଖୁଥିଲି । କଫମ୍ୟାନ ଏବଂ କ୍ୟାସେଙ୍କ ସଙ୍ଗେ ୧୯୮୬ରେ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇସାରିଥିଲା । ୧୯୯୦ରେ ପିଟର ଲେବସନ୍‌ଙ୍କ ସହ ଗୋଟିଏ ସପ୍ତାହ କାମ କରି ଖୁବ୍ ଆନନ୍ଦ ଅନୁଭବ କରିଥିଲି । ୧୯୯୪ରେ; ଯେତେବେଳେ ଆଇ ବ୍ୟାଙ୍କ ଆସୋସିଏନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଥିଲି, ଇଣ୍ଟରନ୍ୟାସ୍‌ନାଲ ଫେଡ଼େରେସନ୍ ଅଫ୍ ଆଇ ବ୍ୟାଙ୍କିଙ୍ଗ୍ **(ଆଇ.ଏଫ୍.ଇ.ବି)** ଦ୍ୱାରା ଡ଼ୋହନ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ଦୁଇସପ୍ତାହ ପାଇଁ ନିମନ୍ତ୍ରଣ ପାଇଥିଲି । ସେତେବେଳେ ମୋ'ର ଡାଃ ରୋନାଲ୍‌ଡ଼ ସ୍ମିଥ୍‌ଙ୍କ ସଙ୍ଗେ ସାକ୍ଷାତ ହୋଇଥିଲା । ଆମର ଇଣ୍ଟ୍ରଡ଼କ୍‌ସନ ମିଃ ମାମୁଦ୍ କରାଇଦେଲା ପରେ ଡାଃ ସ୍ମିଥ୍ କହିଥିଲେ, "ମୁଁ ତୁମକୁ ଭଲଭାବେ ଜାଣିଛି । ଗତବର୍ଷ ତୁମେ ମୋ'ର ଗୋଟିଏ ପ୍ରକାଶିତ ଲେଖା ଉପରେ, ଲେଖାଟିକୁ ଅଧିକ ବୁଦ୍ଧିମନ୍ତ କରିବା ପାଇଁ ସଂକେତ ଦେଇଥିଲ ।"

ମୁଁ ଦୁଃଖୀତା...

ମାତ୍ର କାହିଁକ**?** ଆମେରିକାରେ ସର୍ଜେସନ୍‌କୁ ପଜିଟିଭ୍‌ଲି ନଅନ୍ତି ।

ଆମେରିକାନ୍ ମାନେ ଖୁବ୍ ସେଲ୍ଫ ସେଣ୍ଟରଡ୍ ବୋଲି ମୁଁ ଭାରତରେ ଶୁଣିଥିଲି । ମାତ୍ର ସେମାନଙ୍କ ଆତିଥ୍ୟରେ ମୁଁ ବହୁ ଆପ୍ୟାୟିତ ହୋଇଥିଲି । ମତେ ସେମାନେ ଲସ୍ ଆଞ୍ଜିଲିସ୍‌ରେ ହିଲ୍ ମାନଙ୍କ ଠାରୁ ଆରମ୍ଭ କରି ବଲିଉଡ୍ ଷ୍ଟୁଡ଼ିଓ ପ୍ରଭୃତି ସମସ୍ତ ପ୍ରଖ୍ୟାତ ଦର୍ଶନୀୟ ସ୍ଥାନ ଭ୍ରମଣ କରାଇଥିଲେ । ଭାରତ ଫେରିବା ପୂର୍ବ ରବିବାର ଦିନ ସକାଳେ ତାଙ୍କର ଆଇ ବ୍ୟାଙ୍କ ଇନ୍‌ଚାର୍ଯ ନିଜେ ଆସି ମତେ ଡବଲ୍‌ଟ୍ରି ହୋଟେଲ୍‌ରୁ ନେଇ ଗୋଟିଏ ଫ୍ୟାନ୍‌ସି ବସ୍ ଡ୍ରାଇଭ୍ ଦ୍ୱାରା ସଂପର୍ଣ୍ଣ ପାସେଡ଼ୋନା ସିଟି ବୁଲାଇ ଦେଖାଇ ଥିଲେ । ମତେ ସମୁଦ୍ର କୂଳ ଖୁବ୍ ଭଲ ଲାଗେ । ଲଙ୍ଗ ବିଚ୍ ବିଷୟରେ ବହୁତ ଶୁଣି ଦେଖିବାର ଇଚ୍ଛା ଥିଲେ ମଧ୍ୟ ଯୋଜନାରୁ ଦୃଷ୍ଟିରୁ ଦେଖିବାର ଇଚ୍ଛା ପ୍ରକାଶ କରି ନ ଥିଲି । ଆସିବା ପୂର୍ବଦିନ ମୋ' ପାଇଁ ଫେୟାର ୱେଲ୍ ମିଟିଙ୍ଗର ବ୍ୟବସ୍ଥା ହୋଇଥିଲା । ଜାକ୍‌ସନ୍(ଆଇ ବ୍ୟାଙ୍କର ଜଣେ କର୍ମଚାରୀ) ମତେ ସକାଳ ଛଟାରୁ ହୋଟେଲ୍‌ରୁ ନେଇ ଏୟାର ପୋର୍ଟରେ ଛାଡ଼ିବେ । ମନକୁ ମନ ଚିନ୍ତା କଲି, ଦୁଇଟା ପଚାଶରେ ଫ୍ଲାଇଟ୍ । ଏତେ ପୂର୍ବରୁ ଯାଇ... ବୋଧେ ମତେ ଛାଡ଼ିବା, ପରେ ଜାକସନ୍ ନିଜ ଡିଉଟି କରିବ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମହୀରେ ବଢ଼ିଛି ପାପ ଭାର କେତେ



ଅଜୟ କୁମାର ବେହେରା

ମହୀରେ ବଢ଼ିଛି ପାପଭାର କେତେ
କଳନା କରିଛି କଏ
ଶରତେ ହସୁଛି ଆଶ୍ୱିନ ଶୋଭା ଯେ
ବିପଦେ ଥାଉରେ ଯିଏ ।୧।

ନୀଳାକାଶେ ଦେଖ ଉଡେ ଗେଣ୍ଡାଳିଆ
ଶ୍ୱେତପର ତାର ଝାଡ଼ି
କାଶତଣ୍ଡି ଖେଳେ ପବନ ଦୋଳରେ
ମହକ ତା ଯାଏ ଉଡ଼ି ।୨।

ଆସି ଅଛି ଏବେ ଶରତ ଲଗନେ
ଜଗତ ଜନନୀ ପୂଜା
ଚାଲିଅଛି ଦେଖ ପୂଜା ମଣ୍ଡପରେ
ନାନା ରଙ୍ଗେ କେତେ ସଜା ।୩।

ଦୁଃଖ ତ ଲାଗୁଛି ଆନ୍ତରିକତା ନାହିଁ
ଆଉ ସେ ପୂଜା ପାଠରେ
ସେକମହାମାରୀ କରୋନା ନାମ ତା
ଗ୍ରାସୀ ଅଛି ଏ ବିଶ୍ୱରେ ।୪।

କୁହ କୁହ ଶବ ଗଡୁ ଅଛି କେତେ
ହିସାବ ନାହିଁ ଟି ତାର
ଆତ୍ମୀୟ ସ୍ୱଜନ ଛୁଇଁ ପାରେ ନାହିଁ
ଟିକେ ସେ ମର ଶରୀର।୫।

ଆଖି ଭିଜେ ଲୁହେ ଲିଭେ ନାହିଁ କହ
ଏମିତିକାହିଁକି ହୁଏ
ମାଆ ଥାଉ ଥାଉ। ପୁଅ ଗୁଲି ଯାଏ
ବାପ ବସି ଦେଖୁ ଥାଏ।୬।

ପାପ ଭୂର ଯଦି ବଢିଛି ସଂସାରେ
ବିଜେ ହୁଅ ପୁଣି ମାତା
ପାପୀକୁ ମାରିଣ ତାପୀକୁ ତାରିଣ
ଦିଅ ବିଜୟ ବାରତା୭।

ଆହେ ମହାମାୟୀ ଜଗତ ବିଜୟୀ
ଜୟ ଜୟ ଜଗ ଦମ୍ବେ
ନତ ମସ୍ତକରେ ତୋ ପଦ ଯୁଗଳେ
ଶରଣ ପଶିଛୁ ଆମ୍ଭେ।୮।

ମୋରଡ଼ା, ମୟୂରଭଞ୍ଜ

# ମୁଁ ଥକଯାଏ



ସ୍ମୃତି ମହାନ୍ତି

ବେଳେବେଳେ ମୁଁ ଖୁବ୍ ଥକଯାଏ
ନିଜକୁ ଖୋଜିବାକୁ ଯାଇ
ନିଜର ଅସ୍ତିତ୍ୱକୁ ଜାହିର କରିବାକୁ ଯାଇ
ନିଜକୁ ସମସ୍ତଙ୍କ ଆଗରେ ନିର୍ଦ୍ଦୋଷ ବୋଲି
ପ୍ରମାଣିତ କରିବାକୁ ଯାଇ
ବେଳେବେଳେ ମୁଁ ଖୁବ୍ ଥକଯାଏ ।

ବାରମ୍ବାର ଭାଙ୍ଗି ଯାଉଥିବା ସ୍ୱପ୍ନକୁ ଏକାଠି କରି
ପୁଣି ଥରେ ସୁନ୍ଦର ତାଜମହଲ ଗଢିବାର
ବିଫଳ ପ୍ରୟାସ କରିବାକୁ ଯାଇ
ବେଳେବେଳେ ମୁଁ ଖୁବ୍ ଥକଯାଏ ।

ଦୁନିଆ ଆଗରେ ନିଜକୁ ସୁଖୀ ବୋଲି
ଦେଖାଇବାକୁ ଯାଇ
ମନର କୋହକୁ ଛାତିରେ ଚାପିରଖି
ଆଖିର ଲୁହକୁ ଲୁଚେଇବାର ବାରମ୍ବାର ପ୍ରୟାସ କରି
ବେଳେବେଳେ ମୁଁ ଖୁବ୍ ଥକଯାଏ ।

ବଞ୍ଚିବାର ପ୍ରୟାସରେ ଜୀବନକୁ
ତିଳ ତିଳ କରି ଜାଳି ସାରିବା ପରେ
ମରିବାର ଆଗ୍ରହକୁ ଜୋର୍ କରି
ସମାଧି ଦେଇସାରିବା ପରେ
ପାଇବାର ଖୁସି ଓ ହରେଇବାର ଭୟ ମଧ୍ୟରେ ଜୀବନ
ଛିଡ଼ା ହୋଇଥିବାର ଦେଖି ସାରିବା ପରେ
ବେଳେବେଳେ ମୁଁ ଖୁବ୍ ଥକିଯାଏ ।

ଏରବଙ୍ଗ, ଗୋପ, ପୁରୀ

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଅବଶୋଷ...



ସାଇପ୍ରସାଦ ସାହୁ

କେତେଥର ଭାବିଛି
ଖୋଜିଛି ତୁମକୁ,
ଗାଁଠୁ ସହର ଯାଏଁ
ଦୂର କେଉଁ ନକାଞ୍ଚ ବଣରେ ।
ଆଉ ବି ଖୋଜିଛି
ମୋ ଗ୍ତିର ନଦରେ,
ଆଉ ମୋ ସ୍ୱପ୍ନରେ ।
ଉଛୁଳା ନଇ ପରି
ବନ୍ଧ ବାଡ ଡେଇଁ,
ଆଗକୁ ଗ୍ଲିଥିବା ମୋ ଆକାଂକ୍ଷାକୁ
ଆଶାର ମହାନଦୀରେ ଭସାଇ ଦେଇ ।
ସବୁଠି ଖୋଜିଛି
କନ୍ତୁ ତମେ ଏଇଠି ଅଛ ବନ୍ଦୀ ହେଇ
ମୋ ସ୍ମୃତି ର ସବୁଜିମାରେ
ଭାଙ୍ଗି ପଡିଥିବା ମୋ ମନର କାଚଘରେ ।
ତଥାପି ସରିନ
ମୋ ଖୋଜିବାର ପର୍ବ,
କ ଥକ ଯାଇନ ମୋ ପାଦ ।

ସ୍ନାତକୋତ୍ତର ବାଣିଜ୍ୟ (ଜିଏମ୍ ୟୁ ଛାତ୍ର)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ସହାନୁଭୂତି



ବିଶ୍ୱନାଥ ସେଠୀ

ନଶିକାନ୍ତ ବାବୁ ପୁରା ନାଁ ଟା ନଶିକାନ୍ତ ପଟ୍ଟନାୟକ, ଜଣେ ବ୍ୟାଙ୍କ କର୍ମଚାରୀ ଭାବରେ କାର୍ଯ୍ୟରତ। ତାଙ୍କର ଧର୍ମପତ୍ନୀ ସ୍ମିତା ପଟ୍ଟନାୟକ, ଜଣେ ସୁଗୃହିଣୀ, ଶାନ୍ତ ଶିଷ୍ଟ ସ୍ୱଭାବର। ଦିନେ ବାବୁ ଶିତଦିନଆଁ କଅଁଳ ଖରାରେ ଚୌକି ଉପରେ ବସି ଖବରକାଗଜ ପଢୁଛନ୍ତି, ସ୍ମିତାଦେବୀ ଡାକ ପକେଇଲେ 'ହେଇଟି ଶୁଣୁଛ ? ଚାଲ ଭାତ ବଢା ହେଲାଣି ଖାଇବ, କ'ଣ ଗୋଟେ କାମରେ ଯିବ ବୋଲି କହୁଥିଲ । 'ଆଚ୍ଛା ଶ୍ରୀମତୀ ଖବରକାଗଜର ଏହି ଶିରୋନାମା ଟିକେ ପଢିଲ । 'ଚାରି ବର୍ଷର ଶିଶୁକୁ ଦୁଷ୍କର୍ମ ଉଦ୍ୟମ !' ଶିରୋନାମାଟିକୁ ପତ୍ନୀ କହିଲେ- 'ବୁଝିଲ ଏଇଟା କଉ ନୂଆଁ ଖବର ଯେ, ଏମିତି ଖବର ତ ପ୍ରତିଦିନ ବାହାରୁଛି। ନଶିକାନ୍ତ ବାବୁ ପେପରଟିକୁ ଚୌକି ଉପରେ ଥୋଇଦେଇ ଖାଇବାକୁ ଚାଲିଗଲେ। ଖାଇସାରି ଟାଓ୍ୱେଲରେ ହାତ ପୋଛୁପୋଛୁ ପତ୍ନୀଙ୍କୁ କହିଲେ'- ସ୍ମିତା ମୁଁ ଅଫିସରେ କାମ ସାରି ଦେଇ ଆସୁଛି । ଅଫିସରେ କାମ ସାରିଦେଇ ନଶିକାନ୍ତ ବାବୁ ଗୋଟେ। ଚା' ଦୋକାନକୁ ଗଲେ।

ଦୋକାନଠୁ ଚା' କପ ଧରି ପିଇବା ଆରମ୍ଭ କରିଛନ୍ତି, ହଠାତ ତାଙ୍କର ନଜର ପଡିଗଲା ଟିକେ ଦୂରରେ ରାସ୍ତା କଡ ପାର୍ଶ୍ୱରେ ବସିଥିବା ଜଣେ ବିଧବା ସ୍ତ୍ରୀ ଲୋକ ଉପରେ। ସ୍ତ୍ରୀ ଲୋକଟି ଛ/ସାତ ମାସର ଶିଶୁ କନ୍ୟାଟିଏ ଧରିଛି, ଛୋଟ ଶିଶୁଟି ମଝିରେ ମଝିରେ କାନ୍ଦୁଛି। ଚା' କପଟିକୁ ଟେବୁଲ ଉପରେ ଥୋଇଦେଇ ଚାଲିଗଲେ ସେଇ ସ୍ତ୍ରୀଲୋକଟି ପାଖକୁ। ବାବୁ ତା' ପାଖକୁ ଯିବାରୁ ସ୍ତ୍ରୀଲୋକଟି ତା'ର ଅସଜଡା ହୋଇପଡିଥିବା ଶାଢୀଟିକୁ ଭଲଭାବରେ ଘୋଡ଼େଇ ଦେଇ ସଳଖି ବସିଲା।। ପୁଷ୍ଟିହୀନତା ରୋଗର ଶିକାର ହୋଇ ଶିଶୁଟି ଜୀର୍ଣ୍ଣଶୀର୍ଣ୍ଣ ଦେଖାଯାଉଥିଲା। ବାବୁଙ୍କୁ ଦେଖି ଟିକେ ସଂକୋଚ କଲା। ବାବୁ ପଚାରିଲେ,' ଆଚ୍ଛା ତୁ ଏଠି ଏମିତି କାହିଁକି ବସିଛୁ ? ଏକଥା ଶୁଣି ସ୍ତ୍ରୀ ଲୋକ ଟି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା। ବାବୁ ପଚାରିଲେ 'ଆରେ କାନ୍ଦୁଛୁ କାହିଁକି, କ'ଣ ହେଇଛି କହ।

ସେମିତି କାନ୍ଦି କାନ୍ଦି ହୋଇ କହିଲା- କ'ଣ କହିବି ବାବୁ, ଦୁଇବର୍ଷ ତଳେ ମୋର ବାହାଘର ହୋଇଥିଲା। ସାତ ଆଠ ମାସତଳେ ରାସ୍ତା ଦୁର୍ଘଟଣାରେ ମୋର ସ୍ୱାମୀଙ୍କର ମୃତ୍ୟୁ ହେଇଗଲା। ହେଲେ ମୋ ଶାଶୁ ଘରଲୋକେ ସବୁଯାକ ଦୋଷ ମୋରି ଉପରେ ଲଦି ଦେଇ ମୋତେ ଘୋରୁ ତଡିଦେଲେ । 'ମୁଁ କୁଆଡେ ମୋ ସ୍ୱାମୀଙ୍କର ମୃତ୍ୟୁର କାରଣ ହେଲି। ଡାହାଣୀ, ପିଶାଚୁଣୀ କହି ଧକ୍କା ମାରି ଘରୁ ବାହାର କରିଦେଲେ। ପ୍ରେମକରି ମୋ ସ୍ୱାମୀଙ୍କୁ ବାହା ହେଇଥିଲି; ସେଥିପାଇଁ ମୁଁ ମୋ ବାପା,ମା'ଙ୍କ ଠାରୁ ସବୁ ସମ୍ପର୍କ ତୁଟାଇ ଶାଶୂଘରକୁ ଚାଲିଆସିଥିଲି, ହେଲେ ସମାନେ ବି ଗ୍ରହଣ କଲେନ । କ'ଣ କରିବି, କୁଆଡେ ଯିବି କଛି ବି ଭାବି ପାରୁ ନାହିଁ ।

ଦୀର୍ଘ ଶ୍ୱାସ ମାରି ନଶିକାନ୍ତ ବାବୁ ମହିଳା ଜଣକୁ ପୁଣି ପଚାରିଲେ- 'ଆଚ୍ଛା ତୁମେ ଏ ବିଷୟରେ ଥାନାରେ ଜଣେଇଛ କ ନାଇ ? ସ୍ତ୍ରୀଲୋକଟି କହିଲା- ଏ ସମାଜରେ କାହାରି ଉପରେ ମୁଁ ଭରସା କରିପାରୁନାହିଁ ବାବୁ। ବାପଘର ଠୁ ସବୁ ସମ୍ପର୍କ ଛିନ୍ନ କରି ଯେଉଁ ଶାଶୁ ଘରକୁ ନଜର କରିଥିଲି ସେମାନେ ତ ମତେ ପର କରିଦେଲେ। ଆଉ କାହା ପାଖକୁ ଯିବି। ନଶିକାନ୍ତ ବାବୁ ନଜର ଘଣ୍ଟାକୁ ଅନେଇଲେ ଆରେ ଏ କ'ଣ, ସମୟ ପ୍ରାୟ ଗୋଟାଏ ହେବାକୁ ବସିଲାଣି। ବୁଝାଇସୁଝାଇ ସ୍ତ୍ରୀଲୋକଟିକୁ ନଜ ସାଙ୍ଗରେ ଘରକୁ ନେଇଗଲେ। ସ୍ତ୍ରୀଲୋକଟିକୁ ଡ୍ରଇଂ ରୁମରେ ବସାଇଦେଇ ବାବୁ ଭିତରକୁ ଚାଲିଗଲେ। ପତ୍ନୀଙ୍କୁ ସବୁକଥା ଜଣାଇଲେ। ଦୀର୍ଘଶ୍ୱାସ ମାରି ସୋଫା ଉପରେ ବସିପଡିଲେ। 'ସ୍ମିତା ଥଣ୍ଡାପାଣି ଗ୍ଲାସେ ଆଣ।' ପତ୍ନୀଙ୍କ ହାତରୁ ପାଣି ପିଇସାରି ତାଙ୍କୁ କହିଲେ -ଆଚ୍ଛା ଶ୍ରୀମତୀ ମୁଁ ଯାହା କରିଛି ସେଥିରେ କଛି ଭୁଲ ହେଇଯାଇନ ତ ?

ପତ୍ନୀ କହିଲେ- ଆରେ, 'ତୁମେ ଯେ କ'ଣ କହୁଛ? ତୁମେ ଏକଦମ ଠିକ କରିଛ।' ସତରେ ବିଚାରୀ ବେସାହାରା ସ୍ତ୍ରୀଲୋକଟି କେତେ ଅସୁବିଧାରେ ପଡିଛି। ତା'ର ଏହିଭଳ ପରିସ୍ଥିତିରେ ଆମେ ସାହରା ହେବା ଉଚତ । ହଁ ଶୁଣ, ତା' ପାଇଁ ଯେମିତି ହେଲେ କଛି ଗୋଟେ ବନ୍ଦୋବସ୍ତ କର। ବାବୁ କହିଲେ ଆରେ ନଶ୍ଚୟ; ସେଇଥି ପାଇଁ ତ ମୁଁ ତା'କୁ ଏ ଘରକୁ ନେଇ ଆସିଛି। ସ୍ୱାମୀଙ୍କ ଠାରୁ ଏହିକଥା ଶୁଣି ତାଙ୍କ ପତ୍ନୀ ଆଶ୍ୱସ୍ତି ହେଲେ।

ଏପଟେ ସ୍ତ୍ରୀଲୋକଟି ମଧ୍ୟ ଏଭଳ ସହାନୁଭୂତି ପାଇ ପତୀପତ୍ନୀ ଉଭୟଙ୍କୁ କହିଲ୍- ସତରେ 'ତମମାନଙ୍କ ଭଳ କଛି ସହୃଦୟବ୍ୟକ୍ତି ମାନଙ୍କ ପାଇଁ ଆଜି ବି ପଣିଷପଣିଆ ବଞ୍ଚିରହିଛି। ମୋ ଭଳ ଜଣେ ଅସହାୟକୁ ସହାନୁଭୂତି ଦେଖାଇଥିବାରୁ 'ମୁଁ ସର୍ବଦା ତମମାନଙ୍କ ପାଖରେ ଚରରୂଣୀ ହୋଇ ରହିବି ବାବୁ ।

ଏକଥା ଶୁଣି ପତ୍ନୀ କହିଲେ,-ଆରେ ତୁମେ ସେମିତି କାହିଁକ ଭାବୁଛ । ଏ ତ ଆମର କର୍ତ୍ତବ୍ୟ। ନଶିକାନ୍ତ ବାବୁ ବି ଏପରି ସହାନୁଭୂତି ଦେଇ ପାରିଥିବାରୁ ସେଦିନ ବହୁତ ଖୁସି ଜଣାପଡୁଥିଲେ ଏବଂ ମନେମନେ ଭଗବାନଙ୍କୁ ବହୁତ ଧନ୍ୟବାଦ ଦେଉଥିଲେ ।

ଗାଁ-ଶଙ୍କର୍, ବିନକା,ସୁବର୍ଣ୍ଣପୁର

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢ଼ିପାରିବେ
www.vedantimagazine.com

# କାହିଁକି ହେ ବାପୁ ?



ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ)

କୁହ ବାପୁ ଥରେ କୁହ;
ମୁକ୍ତିର ଆନନ୍ଦେ ମଗ୍ନ ଥିଲା ଯେବେ
କାଶ୍ମୀର ଠାରୁ କନ୍ୟାକୁମାରୀ
ଏସାରା ଭାରତବର୍ଷ
ମୁକ୍ତିସଂଗ୍ରାମର ମୁଖ୍ୟପୁରୋଧା ହେ,
ସେ କେଉଁ ବେଦନା ହୃଦୟ ବିଦାରି
ସୃଜୁଥିଲା କୋହ ଦହି ମରମକୁ
ବାଧ-ବିବଶ କରିଦେଇଥିଲା
ଦିଲ୍ଲୀଠାରୁ ଦୂର ବଙ୍ଗପ୍ରଦେଶେ
ଅନଶନେ ବସି ଢାଳବାକୁ ଆଖିଲୁହ?

କୁହ ବାପୁ ଥରେ କୁହ;
କବା ଥିଲା ସେଇ ଅନୁତାପ ଅଗ୍ନି
ଫିରିଙ୍ଗି ସର୍କାର ବର୍ବରତା ଠାରୁ
ଶତଗୁଣା ତାଉ ଦେଇ ଜାଳୁଥିଲା
ଶରୀର ଅବଶ ହୋଇବା ପୂର୍ବରୁ
ଭିନ୍ନ କରୁଥିଲା ଶରୀରରୁ ତବ
ବାଜଥିବା ପ୍ରାଣବାୟୁ ?

ସ୍ୱାଧୀନ ଭାରତ ଶାସନ କଳକୁ
ହାତେଇନେବାର ତିବ୍ରଲାଳସା
ପୁଣିଥରେ ପରାଧୀନ କରୁଥିଲା

ଲୁପ୍ତକରି କଷ୍ଟଲବ୍ଧ ସ୍ୱାଧୀନତା,
ମହାସଂଗ୍ରାମର ବଛାବଛା କଛି
ଛାମୁଆ ନେତାଙ୍କୁ ବଶମ୍ବଦ କରି
ବାର୍ତ୍ତା ଦେଇଥିଲ୍ ଆର୍ଯ୍ୟାବର୍ତ୍ତକୁ
'ବିଶ୍ୱାସ ଆଉ ଭାଇଗ୍ସ୍ର୍ ପାଇଁ
ସ୍ଥାନନାହିଁ ଏଠି ସ୍ଥାନ ନାହିଁ,
ସ୍ୱାଧୀନତାରେ ସିଂହଭାଗ ପାଇଁ
ଲଢ ପ୍ରାଣପଣେ ପରସ୍ପର ମଧ୍ୟେ
ପିଇଯାଉ ଭାଇ ଭାଇର ଲହୁ;
କଛି କୁହ ଆମେ ହିନ୍ଦୁ ଆଉ,
କଛି କୁହ ଆମେ ମୁସଲମାନ
କେହି ଆମେ ଭାରତୀୟ ନୋହୁଁ ।'

କୁହ ବାପୁ କୁହ;
ସେ ଲୁହ ନୁହେଁକି କ୍ଷଣିକ ଭିତରେ
ଜୀବନବ୍ୟାପୀ ସାଧନାର ସିଦ୍ଧି
ବିନଷ୍ଟ ହେବାର ସ୍ୱଚକ୍ଷୁରେ ଦେଖି
ମୌନ ରହିବାକୁ ବାଧ ହେଇଥିବା
ଅସହାୟତାର ଦାୟ?

ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ, ଓଡିଶା-୭୫୬୧୩୧

# ଶରତ କାଳୀନ ଦୃଶ୍ୟ



ବୁଲୁ ପୋଲାଇ

କାଶତଣ୍ଡୀ ହସେ
ନଈ ପଠା ଧାରେ,
ପଡିଆ କ୍ଷେତରେ
ମଥା ହଲାଇ ସମୀରେ ।
ଦୃଶ୍ୟ ବିହାୟସେ
ଖଣ୍ଡଖଣ୍ଡ ମେଘ,
ଲୁଚକାଳି ଖେଳେ
ଦିନମଣି ସଙ୍ଗ ।
ପ୍ରାତଃ ନହାର ଦିଶେ
ବୃକ୍ଷ ପଲ୍ଲବ, ପୁଷ୍ପେ,
ଧାନ, ସବୁଜ ଘାସେ
ମୁକ୍ତା ପରି ଝଲସେ ।
ନଭେ ଗେଣ୍ଡାଳିଆ ମାଳ
ଟିଟିଭଙ୍କ କୋଳାହଳ,
ଧରଣୀ ଦିଶଇ ନୀଳ
ସୁନ୍ଦର ବନ ଶଇଳ ।
ମୁଣ୍ଡକୁ ନୁଆଇଁ ହୋଇଛନ୍ତି ଛିଡା
ଧାଡିଧାଡି ପୂର୍ଣ୍ଣଗର୍ଭା ଧାନ କେଣ୍ଡା,
କୃଷକ ଭାଇ ମନ ଆନନ୍ଦ, ଥଣ୍ଡା
ମଳବ, ବିଡ଼ା ବୋହିକ ଗଣ୍ଡା ଗଣ୍ଡା ।
ସ୍ରୋତସ୍ୱିନୀ କାୟା ଉଠିଛି ଫୁଲି

ତା'ର ଇଛା ଯହିଁ, ଯାଏ ସେ ପେଲି,
ମିଶିବାକୁ ପୟୋନଧି ସାଥେ
ଧନ ଜୀବନ ନେଉଛି ଠେଲି ।
ସରସୀ ଜଳପୂର୍ଣ
ଖେଳନ୍ତି ହଂସ ମୀନ,
ପାଣିକୁଆ କରେ ସ୍ନାନ
ବକ ବସିଛି ମଉନ ।
ସରୋବରେ ସ୍ୱଚ୍ଛ ଜଳ
କଇଁ ପଦ୍ମ ଢଳଢଳ,
କେଉଟ ପକାଇଛି ଜାଲ
ମାଛ ଝାମ୍ପି ନଅଇ ଚଲ ।
ମା' ଆଦିଶକ୍ତିଙ୍କ ହେଉଛି ଆଗମନ
ପ୍ରସ୍ତୁତି ସବୁଠି, ଭକ୍ତ ମନ ଉଛନ,
ଶରତ କାଳୀନ ଦୃଶ୍ୟ
ମନୋରମ ମହୋଲ୍ଲାସ ।

ହିଣ୍ଡଳ
କବିସୂର୍ଯ୍ୟ ନଗର, ଗଞ୍ଜାମ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା -
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମଲା ଜହ୍ନ

ସୂରଜ କୁମାର ମେହେର

ନିଜ ପରିବାର ନାଁରେ କେହି କିଛି କହିଦେଉଥିଲେ ଚହିଁକ ଉଠୁଥିଲା ସେବତୀ । ତା ବଡ଼ଭାଇ ପ୍ରେମ ବିବାହ କରି ହଠାତ୍ ଦିନେ ଘର ଛାଡ଼ି ପଳେଇଥିଲା । ସାହି ପଡ଼ିଶାଙ୍କ ଟାହି ଟାପରା ସହି ନ ପାରି ତା ମାଁ, ବାପା ଖଟ ଧରିଦେଲେ । ତଥାପି, ପରିବାର ଚଳେଇବାର ବୋଝ ସହିତ ନିଜ ବଢ଼ିଲା ବୟସର ବୋଝ ସେ ହସି ହସି ଉଠେଇ ନେଉଥିଲା । ଖରା ଯାଇ ଶୀତ ଆସେ ଆଉ ଶୀତ ପରେ ବସନ୍ତ । ନିଜ ଦମ୍ଭରେ ସେ ଆଜି ତା ପରିବାରକୁ ଦୁଃଖର ମଶାଣୀରୁ ସୁଖର ନନ୍ଦନକାନନରେ ଆଣି ପହଞ୍ଚେଇ ପାରିଛି। ଝିଅ ଜନମ ପରଘରକୁ ନୀତି ରେ, ତା ମାଁ ବାପା ବି ତା'କୁ ହାତରୁ ଦି ହାତ କରି ଦିଅନ୍ତି ଆଉ ତା ବଡ଼ଭାଇ ବି ତା ଭାଉଜଙ୍କୁ ନେଇ ଘରକୁ ଫେରି ଆସେ । ହେଲେ, ଏଥର ବସନ୍ତ ଅତିଶୀଘ୍ର ଚାଲିଗଲା । କୋରୋନା ତା ମଥାର ସିନ୍ଦୁର ସହିତ ତା ମୁଣ୍ଡ ଉପରୁ ଶାଶୁ ଶ୍ୱଶୁରଙ୍କ ଆଶୀର୍ବାଦ ବି ପୋଛିଦେଲା । ନିଃସହାୟ, ନିରୁପାୟ ସେବତୀକୁ ପୁଣି ଫେରି ଆସିବାକୁ ପଡ଼ିଲା ତା ମା ବାପାଙ୍କ ପାଖକୁ । କିନ୍ତୁ ସେ ଜାଣି ନଥିଲା ଯେ, ଏ କୋରୋନା ଖାଲି ମଣିଷ ଖାଏନି, କିଛି ମଣିଷଙ୍କ ମଣିଷ ପଣିଆକୁ ଚାଟିଚୁଟି ସଫା କରିଦିଏ ବୋଲି । ଶାଶୁଘରୁ ଫେରି ଆସିବା ପରେ ତା ବଡ଼ଭାଇ ଓ ଭାଉଜ ତା'କୁ ରୋଗର ଭୟରେ କି ଭୋଗର ଲୋଭରେ ତାହା ଠାକୁରଙ୍କୁ ଜଣା, ଘରେ ପୁରେଇ ଦେଲେନି । ନିଜ ଘର ତ ଘର, ସାହି ପଡ଼ିଶା ସବୁଠି ସେ ହଠାତ୍ ଏକ ଅଛୁଆଁ ଅଳଆରେ ବଦଳି ଯାଇଥିଲା । ମଣିଷ ସେତେବେଳେ ଏକୁଟିଆ ହୁଏନି, ଯେତେବେଳେ ତା'ର କେହି ନ'ଥାନ୍ତି, ବରଂ ସେତେବେଳେ ଏକୁଟିଆ ହୁଏ ଯେତେବେଳେ ସମସ୍ତେ ଥାଇ ବି କେହି ନ'ଥାନ୍ତି । ଆଉ ତା ପରଦିନ ସକାଳେ ଗାଁ ମୁଣ୍ଡ ଆମ୍ବଗଛ ଡାଳରେ ଝୁଲନ୍ତା ଶବ ଦେଖିବାକୁ ଲୋକଙ୍କ ଭିଡ଼ ଜମା ହେଇଥିଲା ।

ଭାରତୀୟ ଡାକ ବିଭାଗ,
ବଲାଙ୍ଗିର, ଓଡ଼ିଶା-767001

# ଗାନ୍ଧୀ ତୁମେ ଫେରିଆସ



ପ୍ରିୟରଞ୍ଜନ ଭାରତୀ

ହେ ଚରନମସ୍ୟ ମହାତ୍ମା, ତୁମେ ଫେରିଆସ।
ଅମାନବିକତାର ସବୁ ସୀମା ଟପିଗଲାଣି,
ଅସହ୍ୟ ବେଦନାରେ ସ୍ଥାଣୁ ପାଲଟିଗଲାଣି ଦୁନଆଁ,
ଅସହାୟବୋଧ, ଅଣନଃଶ୍ୱାସୀ ଲାଗୁଛି ଜୀବନ।
ଗାନ୍ଧୀ ତୁମେ ଫେରିଆସି ଦେଖିଯାଅ ତୁମ ରାମରାଜ୍ୟ କୁ।

କ ନୟମ କରିଗଲ ତୁମେ, ସତ୍ୟ ଆଉ ଅହିଂସାର।
ସତ୍ୟର କଣ୍ଠରୋଧ କରୁଛି ମିଥ୍ୟା, ହଜିଯାଇଛି ଏଠି ଅହିଂସା,
ଏଠି ମିଥ୍ୟା, ଅନ୍ୟାୟ ଆଉ ଦୁର୍ନୀତିର ଶାସନ ଚାଲିଛି।
ଆଉ ବଞ୍ଚିହେଉନ, କ ମରିବି ହେଉନ ଭାରି ଡର ଲାଗୁଛି।
ଆଖିର ଆଖିଏ ସ୍ୱପ୍ନ ଦେଇ, ତୁମେ କାହିଁ ଚାଲିଗଲ,
ଗାନ୍ଧୀ ତୁମେ ଫେରିଆସି ଦେଖିଯାଅ ତୁମ ରାମରାଜ୍ୟ କୁ।

ଏଠି ରକ୍ତର ସମ୍ପର୍କ ନଲାମ ହେଉଛି ରାଜ ରାସ୍ତାରେ।
ନଜ ସ୍ୱାର୍ଥ ପାଇଁ ପୁଅ ଏଠି ମା'ର ତଣ୍ଟିକାଟେ ସଭିଙ୍କ ସାମ୍ନାରେ,
ବାପା ଏଠି ବିକ୍ରିକରେ ବଢିଲା ଝିଅକୁ ଦଲାଲ ହାତରେ,
ଏଠି ସଭିଏଁ  ଦେଖନ୍ତି ନାଟକ ଗାନ୍ଧୀଙ୍କର ତିନ ମାଙ୍କଡ ସାଜି,
କାହିଁକନା ଆମେ ପରା ସମ୍ମାନ କରୁ ଗାନ୍ଧୀଙ୍କ ତିନ ମାଙ୍କଡକୁ।

ହସଲାଗେ ସତରେ ଏ ମଣିଷ ଠିକ୍ ସେ ବୁଝିଛି ଗାନ୍ଧୀ ବାଣୀକୁ।
ଗାନ୍ଧୀ ତୁମେ ଫେରିଆସି ଦେଖିଯାଅ ତୁମ ରାମରାଜ୍ୟ କୁ।

ଏଠି ତୁମର ସ୍ୱପ୍ନ ଶିକ୍ଷା ର ବିକାଶ ହୋଇଛି ସତ.....
ହେଲେ ବାସ୍ତବିକ ଶିକ୍ଷା ନୈତିକ ଶିକ୍ଷାର ଘୋର ଅଭାବ।
ଏଠି ସଂସ୍କାର, ବ୍ୟବହାର ଆଉ ସ୍ୱାଭିମାନର ନଥାଏ ଅସର।
ଏଠି ଡିଗ୍ରୀ ପ୍ରମାଣ ପତ୍ର ର ନଥାଏ ଅଭାବ,
ହେଲେ ମାତୃଭାଷା ବଦଳରେ ଏଠି ଫାଦର,ମଦର।
ଅଣନିଃଶ୍ୱାସୀ ଲାଗିଲାଣି, ଅସହ୍ୟ ହେଲାଣି ଦେଖି ଏ ଦୃଶ୍ୟ,
ଗାନ୍ଧୀ ତୁମେ ଫେରିଆସି ଦେଖିଯାଅ ତୁମ ରାମରାଜ୍ୟ କୁ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର,
ରାୟଗଡ଼ା

**ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:**

editor.vedantimagazine@gmail.com / vedantimagazine@gmail.com

# ସାଧୁ ବାବା



ମହେଶ୍ୱର ସାହୁ

ପାହାଡର ପାଦ ଦେଶରେ ଜଙ୍ଗଲଟିଏ । ଜଙ୍ଗଲ ମଧ ଦେଇ କୁଳୁ କୁଳୁ ନାଦ କରି ବୋହି ଚାଲିଛି ଝରଣାଟିଏ । ଜଙ୍ଗଲର ସମସ୍ତ ପଶୁ ନିର୍ଭର କରନ୍ତି ସେଇ ଝରଣାର ଶୀତଳ ଜଳ। ଝରଣାର ଶୀତଳ ଓ ମଧୁର ଜଳ ଉପରେ ସମସ୍ତ ପ୍ରାଣୀଙ୍କର ଭରଷା ରହିଥାଏ । ଝରଣାଟି ଚିରସ୍ରୋତା ହୋଇଥିବାରୁ ବର୍ଷକ ବାର ମାସ ପ୍ରାଣୀମାନଙ୍କର କୌଣସି ଅସୁବିଧା ହୋଇ ନଥାଏ । ଝରଣା କୂଳରେ ଥିବା ଏକ ବଟ ବୃକ୍ଷ ମୂଳରେ ଜଣେ ସାଧୁବାବା ବସି ତପସ୍ୟା କରନ୍ତି । ସାଧୁ ବାବାଙ୍କର କୌଣସି ବନ୍ୟଜନ୍ତୁ ଅମଙ୍ଗଳ କରନ୍ତି ନାହିଁ । ଜଙ୍ଗଲରେ ନାନା ପଶୁ ପକ୍ଷୀ ବାସ କରନ୍ତି । ବାଘ, ଭାଲୁ, ସିଂହ ଓ ଚିତା ବାଘ ଆଦି ହିଂସ୍ରଜନ୍ତୁ ରହୁଥିଲେ ମଧ, ସାଧୁବାବାଙ୍କର କେହି ଅମଙ୍ଗଳ କରନ୍ତି ନାହିଁ । ସାଧୁବାବା ବଟ ବୃକ୍ଷ ମୂଳରେ ତପସ୍ୟା ରତ ଥାଆନ୍ତି ହେଲେ କୌଣସି ମୁହୂର୍ତ୍ତରେ ଖାଦ୍ୟପେୟର ଆବଶ୍ୟକ କରନ୍ତି ନାହିଁ । ଜଙ୍ଗଲର ମୃଦୁ୍ୟ ପବନ ହିଁ ସାଧୁବାବାଙ୍କର ଆହାର କହିଲେ ଚଳେ ।

ଥରେ ଜଣେ ହିଂସ୍ର ଶିକାରୀର କୋପଦୃଷ୍ଟି ସେଇ ଜଙ୍ଗଲ ଭିତରେ ଥିବା କୋମାଳମତି ମୃଗ ଉପରେ ପଡ଼ିଲା । ମୃଗ ମାଂଶ ବହୁତ ସ୍ୱାଦିଷ୍ଟ ଅଟେ । ତେଣୁ ଶିକାରୀଟିର ଜଙ୍ଗଲରେ ଥିବା ମୃଗମାନଙ୍କ ଉପରେ ନଜର ପଡିଲା । ସେ ଜଙ୍ଗଲ ଭିତରକୁ ନଜର ଧନୁ ତୀର ଓ ବର୍ଚ୍ଛା ଧରି ବାହାରି ପଡ଼ିଲା ।

ସେଦିନର ସକାଳ ଅତ୍ୟନ୍ତ ମନୋରମ ଥିଲା । ଚାରିଆଡ଼ ଶାନ୍ତ, ନିର୍ମଳ ଓ ସୁସ୍ଥ ପରିବେଶ ରହିଥାଏ । ମଝିରେ ମଝିରେ ମୃଦୁ୍ୟ ପବନ ଭାସିଆସୁଥାଏ । ସାଧୁ ବାବା ଜଣଙ୍କ ଧ୍ୟାନ

ମଗ୍ନ ଥାଆନ୍ତି । ଭଗବାନ ଶିବ ଉପାସନା ରତ ବାବାଙ୍କ ମୁଖରୁ ଓଁ ନମଃ ଶିବାୟଃ ଓଁ ନମଃ ଶିବାୟଃ ଓଁ ନମଃ ଶିବାୟଃ ଶବ୍ଦ ଜଙ୍ଗଲ ପରିବେଶକୁ ଭକ୍ତି ମୁଖର କରୁଥାଏ । ବାବାଙ୍କ କର୍ଣ୍ଣ ଗହ୍ୱରରେ ଗୁଞ୍ଜରଣ କରିଥିଲା ପଶୁ ପକ୍ଷୀ ମାନଙ୍କର ଭୟରେ ଇତସ୍ତତ ହେବାର ଶବ୍ଦ । ଭୟରେ ପଶୁମାନେ ଅଜବ ଶବ୍ଦ କରି ଦୌଡ଼ିବାରେ ଲାଗିଥାନ୍ତି । ଅଦିନଆ ଦୁର୍ଦଶା ବାବାଙ୍କୁ କ୍ଷବ୍ଧ କରିଥିଲା । ବାବା ନଜର ଧ୍ୟାନ ଭଙ୍ଗ କରି ଦେଖିଲେ କେହି ଜଣେ ଦୁର୍ବୃତ୍ତ ଶିକାରୀ ଜଙ୍ଗଲର ନିରୀହ ପଶୁଙ୍କ ଉପରେ ତୀର ବର୍ଷା କରିବାରେ ଲାଗିଛି ! ବାବା ଭଗବାନ ଶିବଙ୍କୁ ପ୍ରାଥନା କଲେ । ଭଗବାନଙ୍କୁ ଜଣେଇଲେ ହେ ଭଗବାନ ଏହି ନିରୀହ ପଶୁ ମାନେ ତୁମର କଣ ଦୋଷ କରିଥିଲେ ଯେ ! କେତେ ଆନନ୍ଦରେ ସେମାନେ ବିଚରଣ କରନ୍ତି । କେତେ ଖୁସି ଲାଗେ ସେଇ ନିରୀହ ହରିଣ, ବରାହ, ଠେକୁଆ ଆଦି ପ୍ରାଣୀ ମାନଙ୍କର ଆନନ୍ଦର ବିଚରଣ । କେତେ ସରଳ, ଶାନ୍ତ ଓ ସୁନ୍ଦର ସେଇ ହରିଣ ଗୁଡିକ ଭୟରେ ଏଠି ସେଠି ହୋଇ ଦୌଡୁଛନ୍ତି । ଅତ୍ୟନ୍ତ ଦୁଃଖ ଦାୟକ ପ୍ରଭୁ । ଏହି ନିରୀହ ଜୀବଙ୍କୁ ରକ୍ଷା କର ପ୍ରଭୁ । ହେଲେ ଶିକାରୀ ଜଣଙ୍କ ନିର୍ଦ୍ଦନରେ ଦୁଇଟି ବଡ଼ ହରିଣ ଶିକାର କରି ନିଜ କାନ୍ଧରେ ନେଇ ଘରକୁ ଫେରିଲା । ବାବା ଜଣଙ୍କ ମନେ ମନେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ । ହେଲେ ସେ ବା କଣ କରିପାରିବେ ।

ଶିକାରୀ ଜଣଙ୍କ ଦୁଇଟି ହରିଣ ମାରି ନେଇ ତାର ମାଂଶ ଓ ଚମଡା ବଜାରରେ ବିକ ବେଶ ଦୁଇ ଟଙ୍କା ରୋଜଗାର କରି ଖୁସିରେ ଶୋଇଲା

ତା ପର ଦିନ ଶିକାରୀ ଜଣଙ୍କ ତାର ଆଉ ଦୁଇଜଣ ସାଥିଙ୍କୁ ଏକତ୍ର କରି ଧନୁ ତୀର ଓ ବର୍ଚ୍ଛା ଧରି ଜଙ୍ଗଲ ଅଭିମୁଖେ ଯାତ୍ରା ଆରମ୍ଭ କଲା । ସାଧୁ ବାବା ଜଣକ ଆଜି ମଧ୍ୟ ସେମିତି ଦୃଶ୍ୟ ଦେଖିଲେ ଓ ମନେ ମନେ ଭଗବାନଙ୍କୁ ପ୍ରାଥନା କରୁଥିଲେ । ହେଲେ ଆଜି ତିନ ଜଣ ଶିକାରୀ ନିଜ କାନ୍ଧରେ ଦୁଇ ଦୁଇଟି ହରିଣ ଶିକାର କରି ଘରକୁ ଫେରିଲେ । ଶିକାରୀର ଖୁସିର ସୀମା ରହିଲା ନାହିଁ । ଏବେ ଶିକାରୀ ତା ଗାଁର ସମସ୍ତ ଲୋକଙ୍କୁ ଧରି ଜଙ୍ଗଲ ଆସୁଛି ଓ ହରିଣ ଠେକୁଆ ବରାହ ଆଦି ପ୍ରାଣୀଙ୍କୁ ଶିକାର କରି ନେଇ ଯାଉଛି ଓ ବଜାରରେ ସେମାନଙ୍କର ମାଂଶ ବିକ ବେଶ ଟଙ୍କା ପାଉଛି ।

ଶିକାରୀର ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଲା । ଯାହା ଦ୍ୱାରା ତୃଣଭୋଜି ପ୍ରାଣୀ କମିବାରେ ଲାଗିଲା । ମାଂଶାସି ପ୍ରାଣୀଙ୍କର ଖାଦ୍ୟସଙ୍କଟ ଦେଖା ଦେଲା । ଶିକାରୀ ନିଜ ଦଳ ବଳ ନେଇ ଜଙ୍ଗଲ ପ୍ରାଣୀ ଶିକାର କରିବା ସହିତ ଜଙ୍ଗଲର ଶାଳ, ପିଆଶାଳ, ଚନ୍ଦନ ଆଦି ମୂଲ୍ୟବାନ ଗଛ କାଟି ତାର କାଠ ମଧ୍ୟ ବିକିବାରେ ଲାଗିଲା । ଏହା ଦ୍ୱାରା ଜଙ୍ଗଲର ବାସ୍ନା ଓ ଶୀତଳତା ହ୍ରାସ ପାଇବାରେ ଲାଗିଲା ।

ସାଧୁବାବା ଜଣଙ୍କର ଶୀତଳ ପବନ ଆହାର କହିଲେ ଚଳେ । ଜଙ୍ଗଲର ଶୀତଳତା ବାବାଙ୍କର ସ୍ୱାସ୍ଥ୍ୟ କହିଲେ ଚଳେ । ହେଲେ ବାବାଙ୍କର ଆଜି ବଞ୍ଚିବା ପାଇଁ ଗ୍ରହା କମିବାରେ ଲାଗିଲା । ଜଙ୍ଗଲର ବିଶାଳ ବୃକ୍ଷ କମିଯିବା ଦ୍ୱାରା ଜଙ୍ଗଲର ଉତ୍ତାପ ବଢିଗଲା । ଏବେ ତାଙ୍କୁ ତପସ୍ୟା କରିବା ପାଇଁ କଷ୍ଟ ଦାୟକ ହୋଇପଡିଲା ।

ଜଙ୍ଗଲର ନିରୀହ ଜୀବଙ୍କୁ ହତ୍ୟା କରିବା ସହ ଜଙ୍ଗଲର ବୃହତ କାୟ ବୃକ୍ଷ ମାନଙ୍କୁ ହତ୍ୟା କରିବା ଅତ୍ୟନ୍ତ ଅନ୍ୟାୟ ଅଟେ । ବାବା ଅତ୍ୟନ୍ତ ଦୁଃଖୀ ହୋଇ ନିଜର ତପସ୍ୟା ତ୍ୟାଗ କଲେ ।

ଶିକାରୀ ଜଙ୍ଗଲକୁ ଆସିଥାଏ । ବାବା ନିଜ ତପସ୍ୟା ଛାଡି ଶିକାରୀ ନିକଟକୁ ଗଲେ ଓ କହିଲେ ମହାଶୟ ଆପଣ ନିରୀହ ପଶୁ ଓ ବୃକ୍ଷ ମାନଙ୍କୁ ହତ୍ୟା କରି ବେଶ ରୋଜଗାର କରିଲ । ଏବେ ଯାହା ବି ପଶୁ ଅଛନ୍ତି ସେମାନଙ୍କୁ ଛାଡି ଦିଅ । ନ ହେଲେ ପରିବେଶ ସନ୍ତୁଳନରେ ବ୍ୟାଘାତ ହେବ । ସୃଷ୍ଟି ଧ୍ୱଂସାଭିମୁଖୀ ହେବାରେ କୌଣସି ସନ୍ଦେହ ନାହିଁ । ଓଲଟା ଶିକାରୀ ଜଣଙ୍କ ବାବାଙ୍କୁ ଅମାନବୀୟ ବ୍ୟବହାର କରି ଆଘାତ କରିଥିଲା । ତାର ସାଥି ଶିକାରୀ ମାନେ ସାଧୁ ବାବାଙ୍କୁ ପାଗଳ ନିର୍ବୋଧ କହି ମାରିଦେବାକୁ ଅଗ୍ରସର ହୋଇଥିଲେ । ବହୁତ ଆଘାତ ଖାଇ ମଧ୍ୟ ବାବା ତାଙ୍କୁ ହାତ ଯୋଡ଼ି ନେହୁରା ହୋଇଥିଲେ ଜଙ୍ଗଲ ସୁରକ୍ଷା ପାଇଁ । କେହି ଶୁଣି ନଥିଲେ ବିଧା, ଗୋଇଠା ଓ ଭୁଷା ମାରି ବାବାଙ୍କୁ ଝରଣା ଭିତରକୁ ଫୋପାଡ଼ି ଦେଇ ଥିଲେ । ବାବା ତପସ୍ୟା କରୁଥିବା ବଟ ବୃକ୍ଷ ମଧ୍ୟ କାଟିଦେଇଥିଲେ ।

ବାବା ନିରୁପାୟ ହୋଇ ରକ୍ତାକ୍ତ ଓ ବେହୋସ ଭାବରେ ଝରଣା ପାଣିରେ ପଡ଼ିଥାନ୍ତି । ବାବାଙ୍କର ହୋସ ଫେରିଲା । ବାବା ଦେଖିଲେ ହାତୀ, ବାଘ, ସିଂହ, ଭାଲୁ, ଚିତା, ହେଟା ଆଦି ଯେତେକ ହିଂସ୍ର ପ୍ରାଣୀ ବାବାଙ୍କ ଚତୁଃପାର୍ଶ୍ୱରେ ଘେରି ରହିଥାନ୍ତି । ପଶୁମାନଙ୍କ ଚକ୍ଷୁ୍ୟରେ ଲୋତକର ଧାର । ବାବା ଦେଖିଲେ ପ୍ରାଣୀ ମାନେ କ୍ରନ୍ଦନ କରୁଛନ୍ତି । ହାତୀ କାନ ହଲେଇ ବିଞ୍ଚିବାରେ ଲାଗିଛି । ସିଏ ହିଂସ୍ର ହୁଅନ୍ତୁ କି ଶାନ୍ତ, ସମସ୍ତ ପ୍ରାଣୀ ବାବାଙ୍କ ପାଇଁ ଦୁଃଖିତ । ବାବା କହିଲେ ପ୍ରାଣୀ ମାନେ ମୁଁ ମୋ ପାଇଁ ଚିନ୍ତିତ ନୁହେଁ । ମୁଁ ତୁମ ପାଇଁ ଚିନ୍ତିତ । ତେଣୁ ମୁଁ ଚାହେଁ ତୁମ ମାନଙ୍କର ଜୀବନ । ମୁଁ ଚାହେଁ ପୃଥିବୀର ଶାନ୍ତ ସୁସ୍ଥ ଓ ଶ୍ୟାମଳ ପରିବେଶ । ତେଣୁ ଏହି ଅର୍ଧଚନ୍ଦ୍ର ସମୟରେ ଆମେ ଏକାଠି ହୋଇଛନ୍ତି । ମୁଁ ଚାହେଁ ଶାନ୍ତିର ସମାଧାନ । ମୁଁ ଚାହେଁ ପରିବେଶର ଉଦ୍ଧାର । ତେଣୁ ଆମେ କେମିତି ଶାନ୍ତିର ସହିତ ଏହି ଶୃଙ୍ଖଳ ରକ୍ଷା କରିବା ସେଥିପାଇଁ ଧ୍ୟାନ ଦେବା ଓ ଉପାୟ ଖୋଜିବା । ସିଂହ ଗର୍ଜନ କରି କହିଲା ବାବା ମୁଁ ସେମନଙ୍କୁ ଗୋଟା ଗୋଟା ମାରି ଖାଇଦେବୀ । ଭାଲୁ କହିଲା ମୁଁ ଚିରି ରକ୍ତ ପିଇଯିବି । ବାଘ କହିଲା ମୁଁ ଘରେ ଘରେ ହାହାକାର ପକେଇ ଦେବି| ହେଲେ ବାବା କହିଲେ ନାହିଁ ତମେ ମାନେ ସେମିତି କିଛି କରିବ ନାହିଁ । ଆମେ ଶାନ୍ତିରେ ସମାଧାନ କରିବା । ରାତି ପାହିଲେ ତାର ସମାଧାନ ହେଇଯିବ । ତୁମେ ମନେ ନିଜ ନିଜ ବସସ୍ଥାନକୁ ଯାଅ ।

ସମସ୍ତ ପଶୁ ନିଜ ନିଜ ବସସ୍ଥାନକୁ ଫେରି ଯାଇଥିଲେ । ବାବା ଜଙ୍ଗଲରୁ ସିଧା ଚାଲିଲେ ବନ ବିଭାଗ କାର୍ଯ୍ୟାଳୟକୁ । ବାବାଙ୍କୁ ଦେଖି ସମସ୍ତ କର୍ମୀ ପ୍ରଣାମ କରିଥିଲେ । ଆସିବାର କାରଣ ମଧ୍ୟ ପଚାରିଥିଲେ । ବାବା କହିଥିଲେ ମୁଁ ଯେଉଁ ଜଙ୍ଗଲରେ ତପସ୍ୟା କରେ ସେହି ଜଙ୍ଗଲ ଏବେ ଶ୍ରୀହୀନ । ଜଙ୍ଗଲର ପାଦଦେଶରେ ରହୁଥିବା ଜନବସତି ସେଇ ଜଙ୍ଗଲ ପାଇଁ କାଳ ସାଜିଛନ୍ତି । ମୁଁ ବହୁ ଦିନ ଧରି ଏହି ଜଙ୍ଗଲରେ ତପସ୍ୟା କରି ଆସୁଛି ଆଜ୍ଞା ! ମୁଁ ଜଙ୍ଗଲର ରହୁଥିବା ସମସ୍ତ ପଶୁ ପକ୍ଷୀ ଓ ବୃକ୍ଷ ମାନଙ୍କ ସହିତ କଥା ହେଇ ପାରେ ! ସମସ୍ତଙ୍କ ଦୁଃଖ ସୁଖରେ ଭାଗୀ ହୋଇ ପାରେ ! ଆମ ଖୁସି ପରିବେଶର ଜଙ୍ଗଲ ପ୍ରବାସି ଏବେ ଦୁଃଖର ଛାୟାରେ ! ଆମକୁ ରକ୍ଷା କରନ୍ତୁ ଆମକୁ ବଞ୍ଚାନ୍ତୁ !

ବାବାଙ୍କର ରକ୍ତାକ୍ତ ଶରୀର ଦେଖି କର୍ମୀ ମାନେ ଡାକ୍ତରୀ ଚକାସ୍ତା କରାଇଥିଲେ । ପଶୁ ମାନେ ବାବାଙ୍କୁ ବଞ୍ଚାଇ ପାରିଲେ ହେଲେ ଏଇ ମଣିଷ ଜାତି କଣ କରିପାରିଲା । ଜଣେ କର୍ମୀ ବାବାଙ୍କୁ ପଚାରିଲେ ବାବା ଆପଣ ଦୀର୍ଘ ଦିନ ଧରି ତପସ୍ୟା କରୁଛନ୍ତି ହେଲେ ଆପଣଙ୍କ ଦୈବୀକ ଶକ୍ତି କଣ କିଛି କାମରେ ଆସିଲା ନାହିଁ ।

ବାବା ହସି ଦେଇ କହିଲେ ହଁ କାମରେ ଆସିଲା । ସେଇ ଦୈବୀକ ଶକ୍ତି ଦ୍ୱାରା ମୁଁ ସବୁ ପଶୁଙ୍କ ସହ କଥା ହେଇ ପାରିଲି । ଯେଉଁ ଶକ୍ତିରେ ଯିଏ ଆବଦ୍ଧ ତା ପାଇଁ କିଛି କରି ପାରିବି । କଳି ଯୁଗର ମାନବ ପରା ଆଜି କାଲି ସେ ଶକ୍ତିର ଆଦର କରୁନାହିଁ । କଳି ଯୁଗର ମାନବ ପାଇଁ ଲାଠି ପାହାର ଓ ବନ୍ଧୁକ ଗୁଳିର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ ହୋଇ ଯାଇଛି । ନ ହେଲେ ସେମାନେ ମୋତେ କଣ ଏମିତି ଅବସ୍ଥା କରି ଫୋପାଡ଼ି ଦେଇଥାନ୍ତେ । ବାବାଙ୍କ କଥା ସମସ୍ତ କର୍ମୀ ବୁଝି ପାରିଥିଲେ । ସାଧୁ ବାବାଙ୍କୁ ସମସ୍ତ କର୍ମୀ ପୁଣିଥରେ ଦଣ୍ଡବତ ହୋଇ ବାବାଙ୍କ ସହିତ ଜଙ୍ଗଲ ଅଭିମୁଖେ ଯାତ୍ରା କରିଥିଲେ ।

ଜଙ୍ଗଲରେ ପ୍ରବେଶ କରି ଜଙ୍ଗଲ ସୁରକ୍ଷା କର୍ମୀ ମାନେ ସମସ୍ତ ଶିକାରୀ ଓ ଜଙ୍ଗଲ ଧ୍ୱଂସ କାରୀ ମାନଙ୍କୁ ନିଜ ଆୟତ୍ତକୁ ନେଇଥିଲେ ।

କିଛି ଲୋକ ବାବାଙ୍କୁ ଖାଦ୍ୟ ପେୟ ଦେଇ ବାବାଙ୍କ କ୍ଷୁଧା ନିବାରଣ କରିଥିଲେ । କିଛି ଲୋକଙ୍କର ବାବାଙ୍କୁ ପ୍ରଶ୍ନ ଥିଲା ବାବା ଆପଣ ବିନା ଖାଦ୍ୟ, ବସ୍ତ୍ର ଓ ପାନୀୟରେ ସେଠାରେ କିପରି ତପସ୍ୟା କରୁଥିଲେ ।

ବାବା କହିଲେ ଜଙ୍ଗଲର ସୁବାସିତ ଔଷଧି ବୃକ୍ଷ ଓ ବୃକ୍ଷ ମାନଙ୍କ ଦ୍ୱାରା ନିଷ୍କାସିତ ଜଳୀୟ ବାଷ୍ପ ହିଁ ମୋର ଖାଦ୍ୟ ଥିଲା । ଜଙ୍ଗଲର ପରିବେଶରେ ଜଣେ ବିନା ଖାଦ୍ୟରେ ରହିପାରିବ। ବସ୍ତ୍ର କହିଲେ ଲଜ୍ୟା ନିବାରଣର କେନ୍ଦ୍ର । ହେଲେ ଲଜ୍ୟା ନିବାରଣ ପାଇଁ ମୋର ସେଠାରେ କୌଣସି ବାଧକ ନ ଥିଲା । ଯେମିତି ଆପଣ ଜନ ବସତିରେ କଣ ବିନା ବସ୍ତ୍ରରେ ରହି ପାରିବେ । ନର ମାନଙ୍କୁ ନାରୀ ପ୍ରତି ଲଜ୍ୟା ଓ ନାରୀ ମାନଙ୍କୁ ନର ପ୍ରତି ଲଜ୍ୟା, ସେମିତିରେ ଜଙ୍ଗଲରେ ଉଲଗ୍ନ ପଶୁ ମାନଙ୍କ ପାଖରେ ମୋର ଲଜ୍ୟା କାହା ପାଇଁ !

ପାନୀୟ କହିଲେ ବୃକ୍ଷ ମାନଙ୍କର ଉତ୍ସ୍ୱେଦନ ପ୍ରକ୍ରିୟାରେ ନିର୍ଗତ ଜଳୀୟ ବାଷ୍ପ ମୋପାଇଁ ଆବଶ୍ୟକ ଜଳ ଦେଇ ପାରୁଥିଲା । ଶୀତ ଦିନର ତାପ ମାତ୍ରା ପରିବେଶ ଅନୁସାରେ ବତାନୁକୂଳ ରହୁଥିଲା ଯାହାଦ୍ୱା  ମୋତେ କୌଣସି ପୋଷାକ ଘୋଡ଼ିବାରେ ଆବଶ୍ୟକତା ରଖୁନଥିଲା । ତେଣୁ ମଣିଷର ଆବଶ୍ୟକତା ନିଜର କାର୍ଯ୍ୟକଳାପ ଦ୍ୱାରା ପରିଲକ୍ଷିତ ହୋଇଥାଏ ।

ଏବେ ବନ୍ଧୁ ମାନଙ୍କୁ ମୋର ନିବେଦନ ଆମେ ଆମ ପରିବେଶ ଏମିତି ନିର୍ଣ୍ଣୟ କରିବା ଯାହା ଦ୍ୱାରା ଆମେ ସୁସ୍ଥ ରହିବା ସହିତ ଆମ ପରିବେଶ ବି ସୁସ୍ଥ ରଖି ପାରିବା । ଭଗବାନ ଆମକୁ ବଞ୍ଚିବାର ପଥ ଦେଖାନ୍ତି ହେଲେ ନିଜେ ଆସନ୍ତି ନାହିଁ । ଯେତେବେଳେ ନିଜ ପରିବାରକୁ ବିପଦ ଆସେ ସେବେବେଳେ ମଣିଷ ଚିନ୍ତା କରେ ବିପଦ କଣ ନ ହେଲେ ଅନ୍ୟ ସମୟରେ ଅବହେଳା କରିଥାଏ ନ ହେଲେ ମଜାକ ଉଡେଇ ଥାଏ । ଲେଖାରେ ମହେଶ୍ୱରର ତ୍ରୁଟି କ୍ଷମଣୀୟ ବୋଲି ପ୍ରାଥନା ।

ଆମେ ସୁସ୍ଥ ରହିବା ଓ ପରିବାରକୁ ସୁସ୍ଥ ରଖିବା । ତାହା ହେଲେ କରୋନା ଭୁତାଣୁ ଆମର କୌଣସି କ୍ଷତି କରି ପାରିବ ନାହିଁ । ଜୟ ସାଧୁବାବା...

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି



ହରେରାମ ପଣ୍ଡା

କରୋନା ଡରରେ ସବୁ କଟକଣା
ଅକ୍ଷରେ ଅକ୍ଷରେ ପାଳୁଛି,
ବିନା ଦରକାରେ ପଦାକୁ ନଯାଇଁ
ନିଜ ଘରେ ମୁହିଁ ରହୁଛି ।
ବଜାରକୁ ଗଲେ ସଉଦା ପାଇଁକି
ମୁହଁରେ ମାସ୍କ ମୁଁ ପିନ୍ଧୁଛି,
ବାରବାର ହାତ ସାବୁନରେ ଧୋଇ
ଘର ଭିତରକୁ ପଶୁଛି ।
ଦୂରତା ବଜାୟ ରଖିବା ପାଇଁକି
ତିନି ଫୁଟ ଦୂରେ ରହୁଛି,
ଯିଏ ଯାହା କହୁଛନ୍ତି ଯେତେବେଳେ
ଜୀବନ ବିକଳେ କରୁଛି ।
ସକାଳୁ ତୁଳସୀ ରସୁଣ ଖାଇକି
ଲୁଣପାଣି ଗଳଗଳ କରୁଛି,
ଯେତେ କବିରାଜି ମସଲ୍ ପକେଇ
କାଢ଼ା କରି ପୁଣି ପିଉଛି ।
ଉଷୁମ ପାଣିରେ ହଳଦୀ ପକେଇ
ସକାଳ ସଞ୍ଜରେ ପିଉଛି,
ସାଙ୍ଗସାଥି କେହି ଘରକୁ ଡାକଲେ
ଯିବାପାଇଁ ଭୟ ଲାଗୁଛି ।
ଯେତେ ହୁସିଆରି ହେଲେ ବି ମନରୁ

କରୋନା ଡର କ ଯାଉଛି,
ବେପରୁଆ ଅମାନଅାଙ୍କୁ ଦେଖିଲେ
ବେଶି ଡର ମନେ ଲାଗୁଛି ।
ହାଟବଜାରରେ ଗହଳକୁ ଦେଖି
ପୋଲିସି ବି କଛି କହୁନ,
ସଂକ୍ରମଣ ଭଲା କେମିତି କମିବ
ଯେ ଯାଏଁ ଔଷଧ ଆସିନ ।
ଟିଭିରୁ ଔଷଧ ଆସିବ ଶୁଣିକ
ଟିକଏ ସାନ୍ତ୍ୱନା ଆସୁଛି,
କେବେ ଯେ ମିଳବ କରୋନା ଔଷଧ
ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି ।

କୁଆଁସ, ମେର୍ଦା କାଟିଆ ଛକ, ଯାଜପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ଜୟ ତ୍ରିରଙ୍ଗା ପତାକା

ନଲେଶ କୁମାର ଭୋଇ

ସ୍ୱାଧୀନ ହେଇଛି ଆମରି ଦେଶ
ଏଠି କହିବାରେ କେହି ସ୍ୱାଧୀନ ନୁହେଁ
ଅନ୍ୟାୟ ବିରୋଧେ ଉଠିଲେ ସ୍ୱର
ଲାଠିମାଡ଼ ସିନା ପିଠିଟା ସହେ।
ନିର୍ଯ୍ୟାତନାର କବଳେ ସଢ଼ି
ନାରୀ ମାଗେ ଆଜି ନ୍ୟାୟ ଭିକ୍ଷା
ଶାସନ ନାଁ ରେ ଶୋଷଣ ଚାଲେ
ଏହି କି ଆମର ସ୍ୱାଧୀନ ଦୀକ୍ଷା ?
ସତକୁ ମିଛର ପର୍ଦ୍ଦା ଢାଙ୍କି
ଆଖିଠାର ମାରେ ଅନ୍ୟାୟ ସିନା
ସହାନୁଭୂତିକୁ ଏଡେଇ ଦେଇ
ଏଠି ମିଳେ ନିନ୍ଦା, କୁତ୍ସା ରଟନା।
ଗାନ୍ଧିଜୀଙ୍କ ରାମରାଜ୍ୟ କେବେ
ପାହାନ୍ତି ନିଦର ସପନ ପରି
ବିଂଶତ୍ତୋର ଏଇ ଶତାବ୍ଦୀ ଦେହେ
ସ୍ୱାଧୀନତା ଅଛି ଶବଦ ଧରି।
ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷେ
ଅନ୍ୟାୟ ବିରୋଧେ ଲଢ଼ିବା ଆସ
ଝଲସାଇ ଦେବା ତ୍ରିରଙ୍ଗା ଧ୍ୱଜା
ଐକ୍ୟସୂତ୍ରେ ବାନ୍ଧି ଆମରି ଦେଶ।

କଟକ୍ ବିଶ୍ୱବିଦ୍ୟାଳୟ ଛାତ୍ର (ବିଜ୍ଞାନ ବିଭାଗ )

# ନାରୀର ଅସ୍ତିତ୍ୱ



ବେବୀ ନାଏକ

ଆଖିରେ ଲୁଚୁଥିବା ଲୁହ
ଓ କାନ୍ଦୁଥିବା ଓଠରେ
ହସ ଆସେ କାହିଁକ ?
ଯାହାକ ମିଳିବ ହିଁ ନାହିଁ
ହୃଦୟ ତା ପ୍ରତି
ଆସକ୍ତ ହୁଏ କାହିଁକ ?

ଆଶା କୁଆଡେ ଫଳବତୀ ହୁଏ,
ତେବେ ତା ସଂଜ୍ଞା
ନିରାଶା ହୁଏ କାହିଁକ ?
ଜୀବନରେ ହସି ହସି ବଞ୍ଚିବା କଥା
ପ୍ରତି ପାହାଚେ ଏଠି ମଣିଷ
ଦି ମୁହାଁ ହୁଏ କାହିଁକ?

ଭଲକାମ କରି ଆଗକୁ ବଢ଼ିବାର ଅଛି,
ତେବେ କୁକର୍ମର ରାସ୍ତା
ସତରେ ଏତେ ସହଜ କାହିଁକ ?
ଯଦି ଜୀବନ ଏଠି ମରଣ ଅନୁଗାମୀ
ତେବେ ଏ ଜୀବନଟା
ଏକ ଆଶୀର୍ବାଦ ହବ କାହିଁକ ?

ଅନେକ ନଦୀର ସମାହାର ରେ ସମୁଦ୍ର,
ତେବେ ନଦୀ ତ ଏତେ ମିଠା
ସମୁଦ୍ର ଏତେ ଲୁଣିଆ କାହିଁକି ?

ଜାଣେନ...
ଯେତେ ପ୍ରଶ୍ନ ପରେ ପ୍ରଶ୍ନ
କଣ୍ଢ଼ି ଗଲେ ବି
ଏ କାହିଁକି ର ପ୍ରଶ୍ନୋତ୍ତର
ଆସେନ କାହିଁକି ?

ବୋଧେ
ଏ ପ୍ରଶ୍ନର ? ବିନ୍ଦୁ ତଳେ
ମୁଁ ପାଏ ଖାଲି ମୋର
ନୀରିହ ଅସ୍ତିତ୍ୱ...।

ଅମ୍ବାଭେନା, ବରଗଡ଼

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଅସଂପୂର୍ଣ୍ଣ



କରଣ ମନୀଷା ମହାନ୍ତି

ମୁଁ ଗୋଟେ ଅସଂପୂର୍ଣ୍ଣ କବିତା
ଫର୍ଦ୍ଦ ଫର୍ଦ୍ଦ ମୋ ଶରୀର
ସେହି ମୋ ପରିଚୟ
ମୋ ଦେହର ଲେଖା ଅନେକ ଶବ୍ଦ
ଯିଏ ଅସୁରକ୍ଷିତ
କନ୍ତୁ ଅବହେଳତ ନୁହେଁ
ମୁଁ ଖୋଜେ ନତି ଗୋଟାଏ ପରିଚୟ
ସଂପୂର୍ଣ୍ଣ କବିତାର ସ୍ୱର
ଗୋଲ୍‌ପର କଣ୍ଟା ଗଙ୍ଗ ଶିଉଳର ମହକ
ଅନାମିକା ଫୁଲ ଏମାନେ
ମତେ ଦେଇଛନ୍ତି ନୂଆ
ଗୋଟାଏ ପଥ ।
ଲୁଟି ନେଇଛନ୍ତି
ମତେ ଏକ ନୂଆ ଦୁନଆକୁ
ପ୍ରଜାପତି, କଙ୍କି
ଭଅଁରର ମେଳରେ
ସଜେଇ ଦେଇଛନ୍ତି
ମୋ ଅସଂପୂର୍ଣ୍ଣ
କବିତାର ଶରୀରକୁ ॥

ରେଞ୍ଜ, ଡେଲ୍‌ଙ୍ଗ
ପୁରୀ

# ମନର କଥା



ଝରଣା ବାରିକ

ସକାଳୁ ସକାଳୁ ସମସ୍ତେ ଚଳ ଚଞ୍ଚଳ ।ବାପା ଗାଧୁଆ ପାଧୁଆ ସାରି ଦେଲେଣି। ବୋଉ କୁ କ'ଣ ଦିଟା ଖାଇବାକୁ ଦେ ବୋଲି କହୁଛନ୍ତି। ନଦଟା ମୋର ସମ୍ପୂର୍ଣ୍ଣ ଭାଙ୍ଗି ନଥାଏ । କାନକୁ ସବୁ ଶୁଭୁଥାଏ । ତାଙ୍କ ଭିତରେ କଛି କଛି କଥା ମୋ କାନରେ ପଡ଼ିଲା । ବାପା କୁଆଡ଼େ ଯିବାକୁ ବାହାରିଛନ୍ତି । ଏତିକ ବେଳେ ପାୟଲ ଆସି କାନ ପାଖରେ କହିଲା ଭାଇ ଜଲଦି ଉଠ ତୋ ବେଳା ଖରାପ ପଡ଼ିଗଲା । ତୋ କଥା ବାପା ସବୁ ଜାଣି ଦେଇଛନ୍ତି।

ତା କଥାରେ ମୋ ନଦଟା ସମ୍ପୁର୍ଣ୍ଣ ଭାଙ୍ଗିଗଲା। କ'ଣ ହେଇଛି କହ କହ ପଚାରିଲା ବେଳକୁ ଦୌଡି ପଳେଇଲା...ପାୟଲ ତୋ କଥା ବାପା ସବୁ:::::::::? ନାମ  ନେ ଏଏଏଏଏ। କହି ଚାଲି ଗଲା ପାୟଲ। ସକାଳୁ ଉଠି ମୁହଁ ଟାକୁ ଧୋଇ ଦେଇ ଦାଣ୍ଡକୁ ବାହାରି ଗଲି। ସେତେବେଳକୁ ବାପା ଘରୁ ବାହାରି ଯାଇଥିଲେ। ଟିକେ ଏପଟସେପଟ ହେଇ ବୋଉ ପାଖକୁ ଗଲି। ବୋଉ ବାପା କୁଆଡ଼େ ଗଲେ ପଚାରିବାରୁ ମୁଁ ଜାଣିନ ବୋଲି ବୋଉ କହିଲା। ମୁଁ ବି କଛି କହିଲି ନାହିଁ ।

ମନେ ମନେ ପାୟଲ ର କଥାଟା ମୋ କାନରେ ଶୁଭୁଥାଏ। ବାପା ତୋ କଥା ଜାଣି ଦେଇଛନ୍ତି । ପାପାଲିର ଚଠି ଟା ଏପର୍ଯ୍ୟନ୍ତ ଆସିଲାନ । ମନଟା ଭାରି ବ୍ୟସ୍ତ ଲାଗୁଥାଏ । ଦିନ ଯାଇ ସଞ୍ଜ ହେବାକୁ ବସିଲାଣି । ବାପା ଫେରି ନାହାନ୍ତି। ବୋଉ ବି ବ୍ୟସ୍ତ ହଉଥାଏ । କଛି ନ କହି କୁଆଡେ ଯେ ଗଲେ ଏପର୍ଯ୍ୟନ୍ତ ଆସିଲେନ । ଏଇ ସମୟରେ ବାପା ଆସି ପହଂଚଲେ । ବୋଉ କେତେ କ'ଣ ପଚାରିଲା ବାପା କନ୍ତୁ ଚୁପ୍ ଥିଲେ । ମୁଁ  ମୋ ଭାବନା ରେ ହଜି ଯାଇଥିଲି।

ବାପାଙ୍କ ଡାକ ରେ ଚମକ ପଡ଼ିଲି । ଆଜ୍ଞା କହି ଉଠି ପଡ଼ିଲି। ବାପା କହିଲେ ପାଠ ଶାଠ ତ ପଢିଲୁ ଛୋଟ ମୋଟ ଚାକରି ଟିଏ ବି କରିଛୁ। ତୋ ପାଇଁ ବାହାଘର ଠିକ୍ କରି ଆସିଛି। ସେମାନେ କାଲି ତତେ ଦେଖିବା ପାଇଁ ଆସିବେ। ମୁଣ୍ଡ ଉପରେ ଆକାଶଟା ଛିଣ୍ଡି ପଡ଼ିଲା ପରି ଲାଗିଲା । ବାପାଙ୍କ କଥା ଅକାଟ୍ୟ ନ ମାନଲେ ବିପଦ । ମନରେ ତାର ନାଚ ଯାଉଥିଲା ପାପାଲି ସହିତ ବିତାଇଥିବା କେତେକ ସୁନ୍ଦର ମୁହୂର୍ତ୍ତ । ପାପାଲି କୁ ଛାଡି ସେ ବଞ୍ଚି ପାରିବ ତ**?** ଏମିତି କେତେ କ'ଣ**::::::::::::::::!** ମନଟାକୁ ବିଚଳିତ କରି ଦେଉଥାଏ ।

ଆଜି ପର୍ଯ୍ୟନ୍ତ ପାପାଲିର ଚଠି ଆସିନାହିଁ। ବାହାଘର ଦିନ ଧାର୍ଯ୍ୟ କରାଗଲା । ବାପାଙ୍କର ପସନ୍ଦ ହେଇଛି ଝିଅଟି । ବାପାଙ୍କ କଥାକୁ ସମ୍ମାନ ଦେଇ ଝିଅ ଦେଖିଥିବା କୁ ମନା କରିଦେଲା ବାଦଲ । ସୁନା ପିଲା ଟିଏ ପରି ବାହା ହେବାକୁ ରାଜି ହେଇଗଲା ବାଦଲ । ହୃଦୟ ରୁ ପାପାଲି କୁ କାଢି ପାରୁନଥାଏ ସିଏ । ବାହା ହୋଇଥିବା ଝିଅକୁ ସ୍ତ୍ରୀ ବୋଲି ଗ୍ରହଣ ବି କରି ପାରୁ ନ ଥାଏ। ତଥାପି ସାହସ ଏକଜୁଟ କରି ତା ସ୍ତ୍ରୀ କୁ ସବୁ କହିଦେବ ବୋଲି ଭାବିଲା । ସେଇଆ ହିଁ କଲା । ବାହାଘରର ପ୍ରଥମ ରାତିରେ ସବୁ କଥା ଖୋଲି କହିଦେଲା । ୟା ପରେ କ'ଣ ହେବ ସେ କଥା ଭାବି ଭାବି ଠାକୁର ଙ୍କୁ ଡାକୁଥାଏ ବାଦଲ । ସକାଳେ ଏ କଥା ବାପା ଜାଣିଲେ କଣ ହେବ **?**

ହାତ ଧରି ବାହା ହେଇଥିବା ଝିଅକୁ ଯଦି ସେ ନଜର ନ କରେ ତେବେ**,:::**ସିଏ **::::** ନାଁ ନାଁ **::::::::::::** ମୁଣ୍ଡ ଟା ତାର କେମିତି କେମିତି ହେଇ ଯାଉଥାଏ । କଛି ଗୋଟେ ଭାବିବା ବେଳକୁ । କିଏ ହସିବାର ଶବ୍ଦ ଶୁଣି ତା ଭାବନାରେ ପୂର୍ଣ୍ଣ ଛେଦ ପଡ଼ିଲା । ପଛକୁ ଫେରି ଚାହିଁଲା ବାଦଲ । ଓଢ଼ଣୀ ଭିତରେ ଥାଇ ଝିଅ ଟି ହସୁଛି କ'ଣ ପାଇଁ । ଧିରେ ଧିରେ ପାଖକୁ ଯାଇ ଓଢ଼ଣୀ ଉଠାଇଲା ବାଦଲ । ଯାହା ଦେଖିଲା ବିଶ୍ୱାସ କରି ପାରିଲା ନାହିଁ ସେ। ପାପାଲି ତା ପାଖରେ ଠିଆ ହୋଇ ହସୁଥିଲା । ମୋ ମନର କଥା ବାପା କେମିତି ଜାଣିଲେ ଭାବୁଥିଲା ବାଦଲ **?**

ସେଦିନ ପାପାଲିର ଚଠି ଆସିଥିଲା କନ୍ତୁ ବାଦଲ ହାତରେ ପଡ଼ିନଥିଲା। ପଡ଼ିଥିଲା ବାପାଙ୍କ ହାତରେ । ପୁଅର ଭଲ ପାଇବାକୁ ସମ୍ମାନ ଦେଇ ପାପାଲି କୁ ବୋହୂ କରି ଆଣିଥିଲେ ଘରକୁ ।

ସମଲ, ତାଳଚେର, ଅନୁଗୋଳ

# ପରିବର୍ତ୍ତନ



କେଶରୀ ପ୍ରସାଦ ମହାନ୍ତି

ଧାନ କ୍ଷେତେ ଆଉ କୃଷକ ଗାଉନ ଗୀତ ।
କାର୍ତିକ ମାସ ଯେ ହେଲାଣି ଆଉ ଆସୁନ ଶୀତ ॥

ଗାଇ ଗୋଠେ ଆଉ ଶୁଭୁନ ବଇଁଶୀ ସ୍ୱର ।
ଝିଅ ପାଇଁ ବାପ ଆଉ ଖୋଜୁନ ବର ॥

ଗାଁ ନଦୀ ରେ ଦେଖା ଯାଉନ ନୌକା ।
ଖେଳ ପଡିଆ ରେ ହଉନ ଛକା ଚୌକା ॥

କାଶତଣ୍ଡୀ ଫୁଲ ଆଉ ଯେ ଫୁଟୁ ନାହିଁ ।
ଶଶୁର ଘରେ ମୁଲିଆ ଆଜି ସାଜିଛି ଜ୍ୱାଇଁ ॥

ମିଳନ ଯେ ପଡି ଯାଉଛି ପୂର୍ଣମୀ ଜହ୍ନ ।
ସବୁଠି ତ ଘଟିଲାଣି ଘୋର ପରିବର୍ତନ ॥

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ଆଉ କେତେ ଦିନ



ଆଶିଷ ଜ୍ୟୋତିଷ

ଆଉ କେତେ ଦିନ ଜୀବନ ନିର୍ଶରେ
ଖେଳୁଥିବି ନଈ ବାଲିରେ
ଆଉ କେତେ ଦିନ ଏମତି ଗ୍ଳୁଥିବି
ଶୁନ ସାନ ର୍ସ୍ତା କଡରେ
ଆଉ କେତେ ଦୂର ବାଟ ଅଛି
ଅନ୍ତହୀନ ପ୍ରେମ ପଥରେ
ଆଉ କେତେ ଦିନ ଶୋଷ ଅଛି ପିଇବାକୁ
ରସ ଶୂନ୍ୟ ପ୍ରେମର ସାଗରେ
ଆଉ କେତେ ଦିନ କ୍ଷୁଧା ଅଛି ଖାଇବାକୁ
ଖାଦ୍ୟହୀନ ଜୀବନ ପାତ୍ରରେ
ଆଉ କେତେ ଦିନ ନିଦ୍ରା ଥିବ ଶୋଇବାକୁ
କଣ୍ଟକତ ଗୋଲ୍‌ପ ଶେଯରେ
ଆଉ କେତେ ଦିନ ସ୍ୱପ୍ନ ଅଛି ଦେଖିବାକୁ
ପ୍ରୀତିହୀନ ଅନ୍ଧାର ର୍ତିରେ
ଆଉ କେତେ ଦିନ ମାଡ଼ି ବସୁଥିବା
ଶୂନ୍ୟତାର ଛାୟା
ଡେଇଁ ଡେଇଁ ଧ୍ୱଂସ ର ଭୂମିକାରେ
ଆଉ କେତେ ଦିନ ପ୍ରବଞ୍ଚନା ପ୍ରତାରଣା ବାଜେ
ଏକା ନଉଛୁଣା ହୃଦୟରେ ।।

ଯୁବାଖୋଲ, କଟାବାହାଲ ଗାଇସିଲେଟ୍
ବରଗଡ

# ନାରୀ



ସଙ୍ଗୀତା ମହାନ୍ତି

ଏ ସଂସାରରେ ନାରୀର ସ୍ଥାନ ଅପୂରଣୀୟ। ସେ ସର୍ବଦା ପୂଜା ପାଇବା ପାଇଁ ଯୋଗ୍ୟା। କାହିଁକି ଏ ସମାଜର କିଛି ଲୋକ ବୁଝି ପାରନ୍ତିନାହିଁ ତା ମନର ଭାଷା ଆଉ ମନର ଅକୁହା କଥା। ସେ କେତେ ଯେ ବଳିଦାନ ଦେଇଥାଏ ତା ପରିବାର ପ୍ରତି ଆଉ ଏ ସମାଜ ପ୍ରତି କିନ୍ତୁ ତା ପ୍ରତିବଦଳରେ ପାଇଥାଏ କେବଳ ନିନ୍ଦା ହିଁ ନିନ୍ଦା...ହେଲେ କାହିଁକି**?** କଣ ପାଇଁ**?** ତାର କଣ ଇଚ୍ଛା ନାହିଁ**?** କି ତାର କିଛି ଖୁସି ନାହିଁ**?** ସେ କଣ ତା ମନ ଇଛା କୋଉଠି ବସି ପାରିବନି**?** କି ଖୁସି ହେଇ ପାରିବନି**?** ସବୁବେଳେ ତାକୁ କାହିଁକି ପ୍ରତିବାଦ କରାଯାଏ**?** ସେ କିଛି କରିପାରିବନି....ଯଦି ତାକୁ ଖୁସିରେ ରଖିପାରୁନ ତେବେ ତା ଠାରୁ କେମିତି ଆଶା କରୁଛ ଖୁସି ଆଉ ସମ୍ମାନ ପାଇବ ବୋଲି। କେମିତି ସେ ତୁମକୁ ଖୁସି ଆଉ ସମ୍ମାନ ଦେବ**?** ତା ମନ ତ ଖୁସି ନାହିଁ ସେ ସିନା ନିଜେ ଖୁସିରେ ରହିଲେ ସେ ଆଉ ପାଞ୍ଚ ଜଣଙ୍କୁ ଖୁସି ଦେବ... ସେ ତ ନିଜେ ଦୁଃଖ ଆଉ ମନର କୋହରେ ଗୁପି ଗୁପି ଜଳି ଗଲାଣି। ସେ କାହା ମନର କଥାକୁ ବୁଝିବ....ସେ ତା ନିଜର ଇଚ୍ଛାକୁ ସବୁବେଳେ ଜଳାଞ୍ଜଳି ଦେଇଥାଏ। ସବୁବେଳେ ଚୁପ ରହିଥାଏ ହେଲେ କେହିବି ବୁଝିପାରନ୍ତି ନାହିଁ ତା ଚୁପ ରହିବାର କାରଣ। ତା ମନ ଭିତର ର ଇଚ୍ଛା । ନାରୀର ସ୍ଥାନ କେହି ବି ନେଇ ପାରିବେ ନାହିଁ। ସେ ଆମ ପାଇଁ ସଂହାର କର୍ତ୍ତା। ସେ ହିଁ ଆମର ପାଳନ କର୍ତ୍ତା। ସେ ହିଁ ଆମ ପାଇଁ ରକ୍ଷା କର୍ତ୍ତା। ତେଣୁ ନାରୀକୁ ସର୍ବଦା ସମ୍ମାନ ଦିଅ ଆଉ ଖୁସିରେ ରଖ।

ତୁଳସୀପୁର, ମଠସାହି

# ଏତେ ନିର୍ଦ୍ଦୟ ହନା ସଖି ତୁ

ଶୁଭଲକ୍ଷ୍ମୀ ସାହୁ

ପଞ୍ଜୁରୀ ଭିତରେ ଶୁଆ
ଖୋଜୁଛି ମନର ଛୁଆଁ
କାହିଁ ରହିଛୁ ଆକଟ କରି
ଖୋଲି ଦେ ପଞ୍ଜୁରୀ,
ବୁଲୁ ଯାଇ ସେ ଏପାରି ସେପାରି ।

କପାଇବୁ ତାକୁ ଏମିତି ରଖି
କଣ ଦୟା ନାହିଁ ତୋ ମନରେ ସଖି
ଛାଡିଦେ ତାକୁ ଦୁନଆ ଆଡକୁ
ଭଲକ ଦେଖୁ ସେ ଏ ଜଗତ ଯାକୁ ।

ତୃପ୍ତି ପାଇଲା କେଉଁଠି ଖୋଜି
କହିବ ଆସି ତୋ ପାଖେ ବସି
ମିତ ପାଇଲେ ସେ ଗୀତ ଗାଇବ
ଖୁସିରେ ଉଡି ସେ ଆକାଶକୁ ଛୁଇଁବ ।

ସଭିଙ୍କ ଜୀବନ ତ ଦିଦିନଆଁ
କାହିଁ ହେଉଛୁ ତୁ ଅଭିମାନୀଆଁ
ଛାଡିଦେ ତାକୁ ସେ ଖୁସିରେ ରହୁ
କଏ ବା ରହୁଛି ଏଠି କାଳ କାଳକୁ ।

ନେତୁଆ, କେନ୍ଦ୍ରାପଡା

# କରୋନା ସ୍ତୁତି



ଭୀଷ୍ମ ରାଜ ମେହେର

ଜୟ ଜୟ କରୋନା ଗୋ ତୋ ମହିମା ଅପାର
କେ ବରନ ପାରିବ ମାଗୋ ଏ ମଣିଷ ଛାର ।
କ୍ଷଣକରେ ଗରବ ଦମ୍ଭ ଭଙ୍ଗି ଦେଉଛୁ ସଭିଁଙ୍କର
ଦେଖୁ ଦେଖୁ ବ୍ୟାପି ଗଲୁ ଏ ସାରା ସଂସାର ।
ଯେତେ ଗୃହିଁଲେ ବି ରୋକ ନ ପାରିଲେ ମାତ
ସରବେ ମୁଣ୍ଡ ନୁଆଁଇ ହେଲେ ମଥାନତ ।
ଧରଣୀ ମାଁ କୁ ଲୋକେ କଲେ ଯେ ଅଶାନ୍ତ
ବିସ୍ତାରିଲୁ କାୟା ଏବେ ଦଣ୍ଡ ଭୋଗୁଛୁ ତ ।
ଦିନରାତି ଏକ କରି ତୋତେ ଚନ୍ତି ଚନ୍ତି
ଶାନ୍ତ କରାବାକୁ ଯାଇ ଟେର ନ ପାରନ୍ତି ।
ଗରମ ଖିଆ ପିଆ ସଦା ଯେ ବେଳେ ଯେ କରନ୍ତି
ବଶ କରାବାକୁ ତୋତେ ଘରେ ଲୁଚ ଥାନ୍ତି ।
ସାବୁନରେ ହାତ ଧୋଇ ସଦା ମାକ୍ସ ପିନ୍ଧି
ଦୂରତା ବଜାଇ ହୋଇଥାନ୍ତି ଗୃହେବନ୍ଦୀ ।
ସଫା ସୁତୁରା ସଦା ଲୁଗା ପଟା ଗଳକନ୍ଧି
ସାନଟାଇଜରେ ହାତକୁ ଦେଇଥାନ୍ତି ଛନ୍ଦି ।
ନୀତି ଯୋଗ, ପ୍ରାଣୟାମ ବିଧିର ଯେ ଶିକ୍ଷା
ନେଇ ଯିବା ହିଉମିନଟି ବଢାଇବାର ଦିକ୍ଷା ।
ଏ ସବୁକୁ ଆପଣେଇଲେ ପାଇ ଯିବା ରକ୍ଷା
ନିଶ୍ଚିତ ମିଳବ କରୋନା ଯୋଦ୍ଧା ଆଖ୍ୟା ।

ଜାଗୃତି ମଣ୍ଡଳୀ, ଗଣ୍ଡାବାହାଲି
ଜିଲ୍ଲା-ନୂଆପଡା

# ପରିବର୍ତ୍ତନ



ହେମନ୍ତ ନାଏକ

କିଏ ଆଣିଦେବ ପରିବର୍ତ୍ତନ ଏ
କୁସଂସ୍କାର ସମାଜକୁ
ଅନ୍ଧ ଗଳି ତଳେ ହୀରା ଚମକଲେ
କେ ଦେଖି ପାରୁଛି ତାକୁ ।।

ସମାଜ ସଂସ୍କାର ଲେଖା ଲେଖିଲେଖି
କବି ମାରିଥାଏ ଥକ୍କା
ଶକ୍ତ ଆଘାତ ର ଚଟକଣା ଖାଇ
ବେଳେବେଳେ ପାଏ ଧକ୍କା ।।

ସତୀ ସାବିତ୍ରୀ ର ଅସତୀ ବେଶକୁ
ଦେଖିବାକୁ ସର୍ବେ ମୁଗ୍ଧ
ଚଲାପଥେ ନାରୀ ଧର୍ଷିତା ହୁଏ
ଅନଳେ ହେଉଛି ଦଗ୍ଧ ।।

ପ୍ରତିରକ୍ଷକ ହେଇ ଭକ୍ଷକ ସାଜେ
ପ୍ରଶାସନ ଛତ୍ରତଳେ
ଲାଞ୍ଛିତ ହୁଏ ଅବଳା ନାରୀଟି
ମୁହଁ ଢାଙ୍କି ବାଟଗ୍ଲେ ।।

ଗଣମାଧ୍ୟମ ସୋସିଆଲ ମିଡିଆ
ସର୍ବଦା ତତ୍ପର ବଦ୍ଧ
ପରିବର୍ତ୍ତନ ବିକାଶ ବା କେଉଁଠି
କେ ଶୁଣେ କାହାର ଶବ୍ଦ ।।

କରାବାହାଲ, ଜୁରିଆ, ପାଟଣାଗଡ଼
ଜି- ବଲାଙ୍ଗୀର

# ପାହାଡର ଲୁହ



ଦୁଷ୍ମନ୍ତ ବେହେରା

ଝିଅ- ମୁନ
ବାପା - ଝରିଆ କୁଡ଼
ଜେଜେମା- ପୋଇ କୁଡ଼
ଗାଁ ମୁଖିଆ - ଦୁଡ଼ ମାଝି
ଗାଁର ନାମ - ଗଡ଼ ପଶି

_ଗ୍ରାମଟିର ନାମ ଗଡ଼ପଶି । ଗଡ଼ପଶି ଗ୍ରାମରେ ଦୁଇଶହରୁ ଦୁଇଶହ ପଚାଶ ପରିବାର ରହିଛି । ଆଦିବାସୀ ପାହାଡିଆ ଅଞ୍ଚଳ । ପାହାଡ ଦୁର୍ଗମ ଅଞ୍ଚଳରେ କେହି ବି ପାଠପଢି ନାହାନ୍ତି । ସେହି ଗ୍ରାମର ଲୋକମାନେ ପାଠ ବୋଲି କ'ଣ ଜାଣନ୍ତି ନାହିଁ । ସେହି ଗ୍ରାମରେ ଝରିଆ କୁଡ଼ର ପରିବାର ବାସ କରନ୍ତି । ଝରିଆ କୁଡ଼ର ଝିଅ ହେଉଛି ମୁନ । ଗଡ଼ପଶି ଜଙ୍ଗଲକୁ ମୁନ ସବୁଦିନ ଛେଳ ଚରାଇବାକୁ ଯାଏ । ଜଙ୍ଗଲ, ପାହାଡ଼, ବୃକ୍ଷ, ଜୀବଜନ୍ତୁ ଓ ପକ୍ଷୀମାନେ ମୁନର ବାଟ ଚାହିଁ ବସନ୍ତି ।

_ସବୁଦିନ ପରି ମୁନ ଜଙ୍ଗଲରେ ପହଞ୍ଚିଲା ବେଳେ କହେ, "ପାହାଡ଼ ବନ୍ଧୁ ମୁଁ ଆସିଗଲି, ଗଛ ବନ୍ଧୁ ମୁଁ ଆସିଗଲି, ଜୀବଜନ୍ତୁ ବନ୍ଧୁ ମୁଁ ଆସିଗଲି ।" ମୁନର ସୁମଧୁର ସ୍ୱର ପାହାଡ଼ରେ ଗୁଞ୍ଜରିତ ହେଲା । ପାହାଡର ଗୋଟିଏ ବଡ଼ ପଥର ଉପରେ ବସି କେତେ କ'ଣ ତା ଜୀବନର ଦୁଃଖସୁଖ କହିଯାଏ । ଏମିତି ଏକ ଭଲ ପାଇବାରେ ମୁନ ଏବଂ ପାହାଡର ବନ୍ଧୁତା ସୃଷ୍ଟି ହୁଏ ।

_ମୁନର ବାପା ରୋଜଗାର ଆଶାରେ ସହରକୁ ଯାଆନ୍ତି । ସେଠାରେ ପହଞ୍ଚି କାମରେ ଲାଗିଯାଆନ୍ତି । ଦିନେ ଦୁଇଦିନ ଗଲାପରେ ସେ ଦେଖିଲେ ପିଲାମାନେ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଉଛନ୍ତି । ମୁନର ବାପା ଝରିଆ କୁଡ଼ ଗାଁକୁ ଆସି ମୁନକୁ କହିଲେ , " ତୁ ପାଠ ପଢ଼ିବୁ ।"

_ମୁନ ଏହି କଥା ଶୁଣି ନାଚବାକୁ ଲାଗିଲା । ନାଚ ସାରି କହିଲା, "ବା ଲୋ ପାଠ କଣ ଲୋ।" ଗାଁରେ ଦୌଡି ଦୌଡି ସବୁ ଲୋକଙ୍କୁ କହିଲା, "ମୁଁ ପାଠ ପଢ଼ିବିରେ, ମୁଁ ପାଠ ପଢିବିରେ ।" ଗାଁର ଲୋକମାନେ ମୁନର କଥା ଶୁଣି ପଚାରିଲେ, "ପାଠ କଣ ଲୋ । ମୋ ବା କହିଲା, ସହରକୁ ଯାଇ ପାଠ ପଢିବି ।

_ମୁନ ସହରକୁ ଗଲା । ଦୁଇ ଦିନ ପରେ ବିଦ୍ୟାଳୟରେ ତାର ନାମ ଲେଖା ହେଲା । ଯେଉଁଦିନ ବିଦ୍ୟାଳୟରେ ମୁନର ନାମ ଲେଖା ହେଲା, ସେହିଦିନ ମୁନର ଜେଜେମା ପୋଇ କୁଡ଼ ଆର ପାରିକୁ ଚାଲିଗଲେ । ଗଡ଼ପଶି ଗାଁର ଲୋକମାନେ ମୁନର ପାଠ ପଢିବା ଶୁଣି କହିଲେ, "ପାଠ କଣ ଲୋ, ପାଠ ପଢିଲେ କଣ ଲୋକ ମରିଯାଆନ୍ତି ।

_ମୁନ ପନ୍ଦର ଦିନ ପାଠ ପଢ଼ି ପୁଣି ଗାଁ କୁ ଫେରିଆସିଲା ଦେଖିଲା ଯେ ତାର ଜେଜେମା ଆଉ ଏହି ଦୁନଆରେ ନାହାଁନ୍ତି । ସେ ବହୁତ କାନ୍ଦିଲା । ଲୋକମାନେ ମୁନକୁ କହିଲେ, "ଦେଖ ଲୋ ଇଏ ପାଠ ପଢ଼ିବାକୁ ଗଲା ଯେ ତାର ଜେଜେମା' କୁ ମରଣ ମୁହଁକୁ ଠେଲିଦେଲା। ଏହି କଥା ଶୁଣି ମୁନ ମନରେ ବହୁତ କଷ୍ଟ ହେଲା । ସେ ଆଉ ସହରକୁ ପାଠ ପଢ଼ିବାକୁ ଗଲା ନାହିଁ ।

_ସହରରୁ ବଡ଼ ବଡ଼ ବାବୁମାନେ ମୁନର ଗାଁରେ ପହଞ୍ଚିଲେ । ଗାଁ ଦାଣ୍ଡରେ ଗାଡ଼ି ଯାଉଥିବାରୁ ଦେଖି ଗାଁର ପିଲାମାନେ ଗାଡ଼ି ପଛରେ ଦୌଡ଼ିବାକୁ ଲାଗିଲେ । ବାବୁମାନେ ମୁନର ଘରେ ପହଞ୍ଚିଲେ । ମୁନ ବାବୁମାନଙ୍କୁ ଦେଖି ଜୁହାର କଲା । ବାବୁମାନେ ମୁନକୁ ପଚାରିଲେ , "ତୁମେ କାହିଁକି ପାଠ ପଢ଼ିଲ ନାହିଁ । ଗାଁକୁ ଚାଲିଆସିଲ । ମୁନ କହିଲା, "ଗାଁ ମୋତେ ଭାରି ଭଲ ଲାଗେ । ଗାଁର ସାଙ୍ଗସାଥୀ , ପାହାଡ, ଜଙ୍ଗଲ ଓ ଝରଣା ମତେ ବହୁତ ଭଲ ଲାଗେ ।

_ଏମିତିକ ଜଙ୍ଗଲର ପଶୁପକ୍ଷୀ ମଧ ମୋତେ ବହୁତ ଭଲ ଲାଗନ୍ତି । କାହିଁ ମୋର ସାଙ୍ଗମାନେ ପାଠ ପଢ଼ନ୍ତି ନାହିଁ ତ ।

_ବାବୁମାନେ ସ୍ଥିର କଲେ ଗଡ଼ପଶି ଗାଁରେ ବିଦ୍ୟାଳୟଟିଏ ତିଆରି କରିବା ପାଇଁ । ଗାଁର ମୁଖିଆ ଦୁଡ଼ ମାଝୀ ଗାଁର ଲୋକମାନଙ୍କୁ ଡାକଲେ । ଗାଁରେ ଗୋଟିଏ ସଭା ଅନୁଷ୍ଠିତ ହେଲା ।_ _ସଭାରେ ବାବୁମାନେ କହିଲେ, "ତୁମ ଗ୍ରାମରେ ଗୋଟିଏ ବିଦ୍ୟାଳୟ ହେବ । ଗାଁର ଲୋକମାନେ ବିଦ୍ୟାଳୟ କଥା ଶୁଣି କହିଲେ, "ବିଦ୍ୟାଳୟ କଣ ଲୋ ।_ _ବାବୁମାନେ କହିଲେ, "ବିଦ୍ୟାଳୟରେ ପାଠ ପଢିବେ, ଶିକ୍ଷା ପାଇବେ । ଗଡ଼ପଶିର ଲୋକ ଏହା ଶୁଣି କହିଲେ, "ତୁମ ପିଲାମାନେ ମଣିଷ ହେବେ । ସେମାନେ ପାଠ ପଢି ଶିକ୍ଷିତ ହେବେ । ଶେଷରେ ଗାଁ ମୁଖିଆ ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା ହେଉ ବୋଲି ସ୍ଥିର କଲେ ।

ବାବୁମାନେ ଗଡ଼ପଶି ଜଙ୍ଗଲର ପାହାଡ଼ ଉପରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ଠିକ କଲେ ଓ ମାପଚୁପ କରିନେଲେ । ଗୁହୁଁ ଗୁହୁଁ ଗଛ ସବୁ କଟା ହେଲା ।ପକ୍ଷୀମାନେ ବାସହରା ହେଲେ । ଜୀବଜନ୍ତୁମାନେ ଏଣେତେଣେ ଧାଇଁବାକୁ ଲାଗିଲେ । ବଡ଼ ବଡ଼ ଡ୍ରୋଜର ଗାଡ଼ି ପହଞ୍ଚିଲା । ପାହାଡ ଖୋଳା ହେଲା । ପାହାଡ଼ରୁ ପଥର ବାହାର କରାଗଲା । ଗୁହୁଁ ଗୁହୁଁ ଜଙ୍ଗଲ, ପାହାଡ ଧ୍ୱଂସ ହୋଇଗଲା । ତା' ଉପରେ ବିଦ୍ୟାଳୟ ଗଢ଼ା ହେଲା ।

_ମୁନ ପାହଡ଼କୁ ଛେଳ ଚରାଇବାକୁ ଗଲା । ଦେଖିଲା ଗଛ ନାହିଁ, ପଶୁ, ପକ୍ଷୀ କେହି ନାହାନ୍ତି । ପାହଡ଼କୁ କହିଲା, "ପାହାଡ ବନ୍ଧୁ ତୁମର ଇଏ କ ଦଶା । ମୋ ବନ୍ଧୁ, ମୋ ବନ୍ଧୁ! ମୋ ପଥର କାହିଁ । ମୋ ପଥର କାହିଁ କହି ମୁନର ଆଖିରୁ ଲୁହ ଧାର ଧାର ବୋହିଗଲା । ମୁନର ମନ କଥା ଶୁଣି ପାହାଡର ଲୁହ ବୋହିବାରେ ଲାଗିଲା। ପାହାଡ କାଳ କାଳ ହୋଇ କହିଲା, "ଏଇ ଯେଉଁ ବଡ଼ ଶିକ୍ଷିତ ବାବୁମାନେ ମୋର ଏହି ଅବସ୍ଥା କରିଛନ୍ତି । ମୁଁ ଅସୁନ୍ଦର ହୋଇଗଲି । କେହି ମୋତେ ଆଡ଼ ଆଖିରେ ଗ୍ରହିଁଲେ ନାହିଁ । ମୋର ଉପହାସ କରିବାକୁ ଲାଗିଲେ ।_

_ମୁନ ଆଖି ଛଳ ଛଳ କରି ଘରକୁ ଆସିଲା । ଘରେ ଆସି ଦେଖିଲା ତାର ବାପା ଦେହ ଖରାପ ଥିବାରୁ ସହରରୁ ଘରକୁ ଫେରି ଆସିଛନ୍ତି । ମୁନକୁ କହିଲେ "ଆରେ ! ବିଦ୍ୟାଳୟ ତ ହେଇଗଲା, ତୋର ନାମ ଲେଖି ଦେବା । ମୁନର ବିଦ୍ୟାଳୟରେ ନାମ ଲେଖା ହୋଇଗଲା ।

_ମୁନ ବିଦ୍ୟାଳୟକୁ ଗଲା । କନ୍ତୁ ଶ୍ରେଣୀ ଗୃହରେ ବସି କାନ୍ଦିବାକୁ ଲାଗିଲା । ସାର ଆସି ପଗ୍ଚରିଲେ , "ମୁନ ତୋର କଣ ହୋଇଛି କରେ ! ମୁନ କହିଲା , "ସାର ପାହାଡ଼ର ଲୁହ ଝରୁଛି । ସାର ପଗ୍ଚରିଲେ, କାହିଁକ ? ମୁନ କହିଲା ଆମର ଜୀବନ ଜୀବିକା, ଜଙ୍ଗଲ ପାହାଡରୁ କଛି କଛି ଫଳ, ଫୁଲ, ଆବଶ୍ୟକ ଜିନଷ ସଂଗ୍ରହ କରୁଥିଲୁ । ସେଠାରେ କେହି ନାହାନ୍ତି । ଆମେ କଣ ଖାଇବୁ ସାର । ଆମ ପାହାଡ଼ର ଭଲପାଇବା କଏ ଆମକୁ ଫେରାଇଦେବ ସାର । ଖାଇଲେ ସିନା ପାଠ ପଢିବୁ । ପାଠରେ କେମିତି ମନ ଲାଗିବ ଯେ ସାର ।

_ମୁନ କାନ୍ଦି କାନ୍ଦି ଘରକୁ ଆସି ଦେଖିଲା ତା' ବାପା ମରି ପଡିଛି । ଗାଁର ଲୋକମାନେ ମୁନକୁ ଦେଖି କହିଲେ, "ପାଠ ଗୋଟିଏ ତୋ ପାଇଁ ଅଭିଶାପ । ସହରକୁ ପଢିବା ପାଇଁ ଗଲୁ ତୋ ଜେଜେମା ଗ୍ଚଲିଗଲେ । ଗାଁ ବିଦ୍ୟାଳୟରେ ପଢ଼ିବାକୁ ଗଲୁ ତୋ ବାପା ମରିଗଲେ। ଏହି କଥା ଶୁଣି ମୁନ ଭାବିଲା ସତରେ ପାଠ କଣ ତା' ପାଇଁ ଅଭିଶାପ । ସେହି ସମୟରେ ସାର ଆସି ପହଞ୍ଚିଲେ ଓ କହିଲେ, "ପାଠ ଗୋଟିଏ ଅଭଶାପ ନୁହେଁ । ପାଠ ମଣିଷର ଜୀବନକୁ ସୁଧାରି ଥାଏ । ପାଠ ଆମକୁ ଆଲୋକ ଦେଖାଇଥାଏ । ପାଠ ଜୀବନ ଜୀବିକାର ମାର୍ଗ ଦେଖାଇଥାଏ । ଏଥିରେ ମୁନର କଣ ଦୋଷ ! ସେ ତ ନରୀହ ଝିଅଟିଏ! ସେ ବା କ'ଣ କରିପାରିବ ।

ଗ୍ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଅନ୍ନଦାତା



ମନୋରଞ୍ଜନ ସୁରୁଜାଲ

ବିଲେ ଚଷେ ଚଷା ଗ୍ରୀଷମ ବରଷା
ଶୀତ କାକର ନ ମାନି,
ପର ପାଇଁ ଦାନା ସଂଗ୍ରହେ ଜୀବନ
ଦୀପରେ ସଳତା ଜାଣି ।
ନିଜ ସତ୍ତ୍ୱ ପଛେ ପୋଡି ଜଳ ସରେ
ନ ଛାଡେ ନିଜ ଧରମ,
ସେହି ପରକାର ଦେଶର କୃଷକ
କେ ବୁଝି ପାରେ ମରମ ?
ମନର ବ୍ୟଥାକୁ ଓଠେ ଗୁପି ଦେଇ
ଫୁଟାଏ ଅଧରେ ହସ,
ବାର ମାସେ ତେର ପରବ ସିନାହେ
ହୁଏ ମଉଜ ଉଲ୍ଲାସ ।
ଉଦରର କ୍ଷୁଧା ନ ମେଣ୍ଟିଲେ କେବେ
ବୃଥା ସବୁ ଆଡମ୍ବର,
ଗୁଳ ଘରେ ଚଷା ରହେ ଉପବାସ
ତା ଜୀବନ ହାହାକାର ।
ସୁନାର ଫସଲ ପୋକ ଖାଇ ଯାଏ
ନଭେ ଗୁହିଁ ସରେ ଦିନ,
କେତେ ପିଢି ଧରି ବଞ୍ଚାଏ ଜଗତ
ଶେଷେ କରେ ବିଷ ପାନ ।
ଅନ୍ନଦାତା ବୋଲି ତୁଣ୍ଡରେ ବଖାଣି
କେ ବୁଝେ ମନର କଥା ?
ମାଟିର ଦେବତା ଭୁବନ ପାଳକ
ପାଦ ତଳେ ନଏଁ ମଥା ।

ଅଇଁଲାପାଲି, ଧମା, ସମ୍ବଲପୁର

# ପୂଣ୍ୟ ପଥ ର ପଥିକ



ଗୁପ୍ତେଶ୍ୱର ଗୁନ୍ଦ୍

କରୁଣା ମୟ ଙ୍କ ଆଶିଷ ଲଭି ତୁ
ମର୍ତ୍ତ୍ୟ ରେ ହୋଇ ଜନମ ।
ମାନବ ଶରୀର କଲୁ ତୁ ଧାରଣ
କର ମହତ କରମ ।।୧ ।।

ଚଉରାଶୀ ଯୋନ କେତେ ଭ୍ରମି ଭ୍ରମି
ଭୋଗିଛୁ କେତେ କଷଣ ।
ଜାତସ୍ମର ହୋଇ ଥିଲେ ସିନା ବାବୁ
କରି ପାରନ୍ତୁ ସ୍ମରଣ ।।୨ ।।

ଅତୀତ ର କଥା ଭାବି ଘୂରେ ମଥା
ଅରଜିଲେ ଧର୍ମ ଧନ ।
ଶାଶ୍ୱତ ସୁଖକୁ ଅନୁଭବିବୁ ତୁ
ଧନ୍ୟ ହେବ ତୋ ଜୀବନ ।।୩ ।।

ଯେଉଁଥି ପାଇଁ କ ଏଇ ଦିବ୍ୟ ଦେହ
ଦେଇଛନ୍ତି ଦୟାମୟ ।
ପ୍ରଭୁ ନାମ ଗାନ କର ଶରଧାରେ
ଯାଚ ଦେବେ ଟି ଅଭୟ।।୪।।

ବିନ୍ଦୁ ବିନ୍ଦୁ ଜଳ ଘେନ ପାର୍‌ବାର
ତେଣୁ ରେ ମାୟାବୀ ଜୀବ ।
ମାୟା ରେ ମୋହିତ ନୋହିତୁ ସୁକୃତ
ସଂଚ ସିନା ହେବୁ ଶିବ ।।୫।।

ଦାନବ ସ୍ୱଭାବ ଛାଡ଼ି ଆରେ ମୂଢ
ପ୍ରଭୁ ପଦେ ଲଗା ଲୟ ।
ଅପସରି ଯିବ ଜୀବନ ପଥରୁ
ସବୁ ଯାକ ଅନ୍ତରାୟ ।।୬ ।।

ହେବୁ ତୁ ବିଜୟ ଜୀବନ ଯୁଦ୍ଧରେ
ତେଜ ମିଥ୍ୟା ଗ୍ୱକ ଚକ୍ୟ ।
ଏକମୁଖୀ ଭାବ ଦୃଢେ ଚତ୍ତେ ଧର
ପୂଣ୍ୟ ପଥ ର ପଥିକ
ହୁଅ ପୁଣ୍ୟ ପଥର ପଥିକ। ।୭।।

ସମସିଂହା, ଝାରସୁଗୁଡା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଯା ଦେବୀ ସର୍ବ ଭୁତେସୁ



କୁନ୍ତଳା କୁମାରୀ ଦେଇ

ପାଠକ ପାଠିକା ବନ୍ଧୁମାନଙ୍କୁ ମୋର ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା । କରୁଣା ମୟୀ, ଦୁର୍ଗତି ନାଶିନୀ ମା ଦୁର୍ଗା ଯୁଗେ ଯୁଗେ ଏ ଧରା ପୃଷ୍ଠକୁ ଓହ୍ଲାଇ ଆସନ୍ତି, ଆମମାନଙ୍କୁ ମହିଷାସୁର କବଳରୁ ରକ୍ଷା କରିବା ପାଇଁ । ଆମ୍ଭ ମାନଙ୍କ ମନରୁ ଯଦି ସମସ୍ତ ଆସୁରୀକ ପ୍ରବୃତ୍ତିର ବିନାଶ ହୋଇ ପାରିବ, ତେବେ ପ୍ରକୃତ ମହିଷାସୁର ର ବଧ ହୋଇ ପାରିବ । ଆମେ ଯତ୍ନବାନ ହେବା ମାଆ ଙ୍କର ତ୍ରୀଶୂଳ ରୂପୀ 'କରୋନା' ର ଭୟ ଆଉ ଆଗକୁ ନରହୁ ।

ଆଜି ପଥ ପ୍ରାନ୍ତରେ, ପ୍ରସ୍ତର ଗହ୍ୱର ରେ, ମା'ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ସମ୍ମୁଖରେ ଆମେ ମଥାନତ କରି ଆଶୀର୍ବାଦ କାମନା କରୁଥାଉ, କନ୍ତୁ ଦୈନନ୍ଦିନ ଜୀବନରେ ଆମେ ଏହି ମାଆର ବିଭିନ୍ନ ରୂପକୁ ବିଭିନ୍ନ ଉପାୟରେ ନର୍ଯ୍ୟାତନା ଦେଇଥାଉ । ଦୈନକ ଖବର କାଗଜରେ ନାରୀ ନର୍ଯ୍ୟାତନା ର ଅନେକ ଲୋମ ହର୍ଷଣକାରୀ ମର୍ମନ୍ତୁଦ ଦୁର୍ଘଟଣାର ଖବର ଦେଖୁ । ଏହି ଘଟଣା କପରି ଘଟିବ ନାହିଁ, ଏଥିପାଇଁ ଆମର ଉଦ୍ୟମ ଜାରୀ ରହିବା ଉଚତ ।

ଜନ୍ମଦେବା ପରେ ଯିଏ ଆମକୁ ପ୍ରଥମେ ଦର୍ଶନ କରିବା ପାଇଁ ବ୍ୟାକୁଳ ହୋଇଥାଏ, ଯାହାର ସ୍ପର୍ଶ ଆମକୁ ଅମୃତମୟ କରି ଗଢ଼ି ତୋଳଥାଏ, ସିଏ ହେଉଛି ଆମର ଜନ୍ମଦାତ୍ରୀ ମାଆ । ସମସ୍ତ ମାତୃଜାତି ମଧରେ ଆମର ମାଆ ହିଁ ବିଦ୍ୟମାନ । ମାତୃଜାତି ହିଁ କେବଳ ସଜୀବକୁ ସୃଷ୍ଟି କରିଥାଏ । ଯିଏ ୯ ମାସ ୯ ଦିନ ଧରି ଆମକୁ ତା ଗର୍ଭରେ ସ୍ଥାନ ଦେଇ ବିନା ପ୍ରତିବାଦରେ ସମସ୍ତ କଷଣ ସହି ପୃଥିବୀର ଆଲୋକ ଆମକୁ ପ୍ରଥମେ ଦେଖାଇଲା, ସିଏ ହିଁ ଆମର ମାଆ । ତା'ର ଛୋଟ ପେଟରେ ଆମକୁ ଧାରଣ କରି ସେ ଦୁନଆ ଯାକର ଜଞ୍ଜାଳ କରେ ଓ କଷଣ ସହିଥାଏ । ମାତ୍ର ଆମର ବିରାଟ ଅଟ୍ଟାଳକା ମଧରେ ତା' ର ରହିବା ପାଇଁ ଟିକଏ ଜାଗା ହୁଏନା ,ଯାଗାର ଅଭାବ ହୁଏ । ଯିଏ ତା'ର ଯୌବନକୁ ନଷ୍ଟ କରି ଆମକୁ ସୃଷ୍ଟି କଲା ଓ ବକ୍ଷ ଚିରି ସ୍ତନ୍ୟ ପାନ କରାଇ ଆମକୁ ମାଟି ଉପରେ ଛିଡ଼ା ହେବା

ପାଇଁ ସକ୍ଷମ କର୍ଇଲା, ସିଏ ହେଉଛି ତ୍ୟାଗ ର ମୂର୍ତ୍ତି ମନ୍ତ ପ୍ରତୀକ ଆମର ସେହି ମାଆ । ମାତ୍ର ଅବହେଳା ଜନିତ ଦୁଃଖନୀୟ ପରିସ୍ଥିତି ରେ ପଡ଼ି ବେଳେ ବେଳେ ସେ ବୃଦ୍ଧାଶ୍ରମ ଖୋଜେ ନଚେତ୍ ଆତ୍ମହତ୍ୟା କରିଥାଏ । ଚିନ୍ତା କରିବା, ଯଦି ଆମେ ଆଜି ସେହି ଯାଗାରେ ଥାଆନ୍ତେ, ସମାଜ ଠାରୁ କ'ଣ ଆଶା କରନ୍ତେ ? ତେଣୁ ଆମର ଯାହା କର୍ତ୍ତବ୍ୟ ତାହା ସହଜରେ ଅନୁମେୟ ।

ଇଶ୍ୱରଙ୍କର ସ୍ୱର୍ଗୀୟ ସୃଷ୍ଟି ର ଅନବଦ୍ୟ ଅବଦାନ ଏହି ମାତୃଜାତି ଯୁଗେ ଯୁଗେ ତ୍ୟାଗର ମହାନ୍ ଆଦର୍ଶରେ ଏ ଧର୍‌ାକୁ ବଞ୍ଚାଇ ରଖିଛି । ମାଆର ତପସ୍ୟା ବଳରେ ହିଁ ସନ୍ତାନ ର ସୃଷ୍ଟି । ମାତ୍ର ସେ ଆଜି ଏହି ସଭ୍ୟ ସମାଜ ରେ ଅବହେଳିତ, ଲାଞ୍ଛିତ, ଅବଦମିତ ଓ ନିର୍ଯାତିତ । ସନ୍ତାନ ପାଇଁ ମାଆର ତ୍ୟାଗ କୁ ଆମେ ଭୁଲି ଯାଉଛେ । ତା ପ୍ରତି ଉପଯୁକ୍ତ କର୍ତ୍ତବ୍ୟ କରିବା ପାଇଁ ଆମେ ଛଳନାର ମୁଖା ପିନ୍ଧି ନିଜର ଅକ୍ଷମତା ପ୍ରକାଶ କରି ନିଜର ଅମର୍ଯ୍ୟାଦା କରୁ ଓ ନିଜକୁ ପ୍ରବଞ୍ଚନା କରିବା ସହ ଅନ୍ୟର ସ୍ୱାଧୀନତା ରେ ହସ୍ତକ୍ଷେପ କରି ନିଜ ଅଧୀନସ୍ଥ ବ୍ୟକ୍ତିର କର୍ତ୍ତବ୍ୟ ପାଳନରେ ବାଧା ସୃଷ୍ଟି କରୁ । ଏଥପାଇଁ ଜଗତରେ ଦଣ୍ଡ ଭୋଗିବାକୁ ହି ପଡେ | ରକ୍ଷକ ଯଦି ଭକ୍ଷକ ସାଜେ, ତେବେ ସମାଜର ଅବସ୍ଥା କ'ଣ ହେବ ଆମେ ଚିନ୍ତା ହିଁ କରୁନା । ସମାଜର ମେରୁଦଣ୍ଡ 'ମାତୃଜାତି ' ଉପରେ ଯଦି ଏପରି ଅବିଗ୍ରହ ହୁଏ, ତେବେ ଆମର ଯେ ସିତି କେଉଁଠି ତାହା ସହଜରେ ଅନୁମେୟ | ଯେଉଁ ମାଟି ଉପରେ ଆମେ ପାଦ ଥାପି ସଗର୍ବେ ଦଣ୍ଡାୟମାନ ହୋଇଛେ ତାହା ଯେ ରସାତଳଗାମୀ ହୋଇଯିବ, ଏଇକଥା ଭୁଲି ଯାଉଛେ | ତେଣୁ ହେ ବିଶ୍ୱପିତାଙ୍କର ଅମୃତମୟ ସନ୍ତାନ ଗଣ, ମୋର ଆଦରର ଭାଇ ମାନେ, ମାତୃଜାତି ପ୍ରତି ସମ୍ମାନ ଦେବା, ସମଗ୍ର ମାତୃ ସମାଜ ମଧ୍ୟରେ ନିଜ ମାଆକୁ ଦେଖିବା । ନଚେତ ଆମର ବିନାଶ ଅବଶ୍ୟମ୍ଭାବୀ । କୁହାଯାଇଛି, ଯେଉଁଠାରେ ନାରୀ ମାନଙ୍କର ପୂଜା କର୍‌ାଯାଏ, ସେଠାରେ ଦେବାଦେବୀ ମାନେ ସନ୍ତୁଷ୍ଟ ହୋଇ ଥାଆନ୍ତି । ମାତୃ ଭକ୍ତି ବ୍ୟକ୍ତିକୁ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇଥାଏ ।

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଦେଖିବା, ମରହଟ୍ଟା ବୀର ଶିବାଜୀ ଜଣେ ଉତ୍ତମ ଶାସକ ଥିଲେ । ଏହାରି ମୂଳରେ ଥିଲା ନାରୀ ଜାତି ପ୍ରତି ତାଙ୍କର ଅସମ୍ଭବ ଶ୍ରଦ୍ଧା ଓ ସମ୍ମାନ । ସେହିପରି ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ମାଆ ମନମୋହିନୀ ଙ୍କ ପ୍ରତି ଥିଲା ପ୍ରଗାଢ଼ ଭକ୍ତି ଓ ଅତୁଳନୀୟ ଭଲପାଇବା ମାଆଙ୍କୁ କେବଳ ଖୁସି କରିବାକୁ ଯାଇ

ପାଇଁ ଆଜି ସେ ଜଗତର କୋଟି କୋଟି ଜନମାନସରେ ସଦଗୁରୁ ଭାବରେ ବିଦ୍ୟମାନ। କେବଳ ଭଲ ପାଇବା ହିଁ ଥିଲା ତାଙ୍କ ଜୀବନର ମୂଳ ମନ୍ତ୍ର ।

ଶେଷରେ ଏତିକ କହିବି, ନାରୀ ସମାଜ ପ୍ରତି ଯଦି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଏ ତେବେ ତାହା ହେବ, ମାଆ ଦୁର୍ଗାଙ୍କ ପ୍ରତି ଆମର ପ୍ରକୃତ ସମ୍ମାନ | ତେଣୁ ହେ ବିଶ୍ୱପିତାଙ୍କର ଅମୃତମୟ ସନ୍ତାନ ଗଣ, ମୋର ଆଦରର ଭାଇ ମାନେ, ମାତୃଜାତି ପ୍ରତି ଉଦାର ଭାବନା ରଖିବା, ସମସ୍ତ ନାରୀ ଭିତରେ ନିଜ ମାଆକୁ ଦେଖିବା | ନଚେତ ଆମର ବିନାଶ ଅବଶ୍ୟମ୍ଭାବୀ । କୁହାଯାଇଛି, ଯେଉଁ ଠାରେ ନାରୀ ମାନଙ୍କର ପୂଜା କରାଯାଏ,ସେଠାରେ ଦେବାଦେବୀ ମାନେ ସନ୍ତୁଷ୍ଟ ହୋଇ ଥାଆନ୍ତି । ମାତୃ ଭକ୍ତି ବ୍ୟକ୍ତିକୁ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇଥାଏ । ଶେଷରେ ଏତିକ କହିବି, ନାରୀ ସମାଜ ପ୍ରତି ଯଦି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯାଏ ତେବେ ତାହା ହେବ ମାଆ ଦୁର୍ଗାଙ୍କ ପ୍ରତି ଆମର ପ୍ରକୃତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି । ଏଥିପାଇଁ ମୁଁ ଜଗତ ଜନନୀ ଙ୍କର ଅଭୟ ଚରଣ ଯୁଗଳରେ ମୋର ପ୍ରାର୍ଥନା ନିବେଦନ କରୁଛି କି, ସେ ଆମର ଅଜ୍ଞାନ ଅନ୍ଧକାର ନାଶକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତୁ। କରୋନା ମୁକ୍ତ କରନ୍ତୁ ଏ ଧରାକୁ ।

ଶାନ୍ତି ଶାନ୍ତି ଶାନ୍ତି ।
ଜୟଗୁରୁ|

ଶିକ୍ଷୟିତ୍ରୀ, ନୟାଗଡ, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ। ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମାଆ ର ମମତା

ଯଶୋବନ୍ତ ନାୟକ

କଏ ହେବ ମୋ ମାଆ  ପରି
ତାନାମେ ରହିଛି ମଧୁରତା ଭରି !

ମାଆ ବୋଲି ଡାକଦେଲେ ଥରେ
ଲ୍ଗେ ସତେ ଅମୃତ ପଡଇ ଝରି!

ମାଆ ହାତର ମମତା ସ୍ପର୍ଶରେ
କେତେ ଯେ ସ୍ନେହ ରହିଛି ଭରି!

ମାଆର ସ୍ନେହଭର୍ ପ୍ରେମକୁ
ପାରିବିନ ଭୁଲି  ଯିବି ପଛେ ମରି!

ମାଆ ଥିଲେ ଏହି  ଦୁନଆରେ
ସବୁକଛି ଲାଗେ ଭଲ!

ପିଲ୍ଦିନେ ଗ୍ଲିବା ସିକେଇଛି
ତା ଠାରୁ ପାଇଛି ବଳ!

ନଖାଇ ନପିଇ ଖୁଆଇଛି ମୋତେ
ଶାକତୁଣ୍ଡା ଖାଦ୍ୟ ପାନୀୟ ଜଳ!

ତାବିନା କଛି ନାହିଁ ଦୁନଆରେ ମୋର
ଆଖି ହୁଏ ଖାଲି ଢଳଢଳ!

ମୋମନ କଥା ବୁଝିପାରୁଥାଏ
ମୁଁ ଓଠ ଖୋଲି କହିବା ଆଗରୁ!

ମମତା ମିଶ୍ରିତ ଅମୃତ ଧାର୍‌ ପିଏଇ
ରଣିକରି ରଖିଥାଏ ବହୁତ ପୂର୍ବରୁ!

ସ୍ନେହର ପଣତକାନରେ ଘୋଡେଇ
ରଖେ ମୋ ଅଝଟ ପଣକୁ!

ପୋଛିଦିଏ ମୋ ଆଖିର ବୁନ୍ଦାବୁନ୍ଦା ଲୁହକୁ!

ତାକୋଳରେ ଶାନ୍ତି ମିଳଥାଏ
ଆଉଁସି ଦେଲେ ସେ ଥରେ!

ଆଖିପତା ବୁଜି ହୋଇ ଯାଏ
ମୋର ଗଭୀର ନଦରେ!

ମାଆର ଦୁଃଖ କ୍ଳେଶ ଦେଖି
ମୋ ଆଖି ଲୁହ ଝରେ!

ଯେତେ ଝଡ ଝଞ୍ଜା ଆସୁ ପଛେ
ମାଆ ବିନା ରହିପାରିବିନ ଦୂରେ!

ମୋତିଗାଁ, ଚନ୍ଦାହାଣ୍ଡି, ନବରଙ୍ଗପୁର

# ଏକାକୀ ପଥିକ



ଚୈତନ୍ୟ ବାଗ

ଚଲ୍‌ପଥ ର ମୁଁ ଏକାକୀ ପଥିକ
ବାଟବଣା ହୋଇ ଘୁରି ବୁଲୁଥାଏ ଶୋଇ ଭ୍‌ସମାନ,
ଅଭ୍ରକଂଶ ପରି ଚୂର୍ଣ୍ଣ ହୋଇଛି ମୋ ସ୍ୱପ୍ନ
ନିର୍‌ଶ, ଅସହାୟ ମୁଁ ଯେ ଏହି ପଥର ପଥିକ
ମୁଁ ଯେ ଚଲ୍‌ପଥର ଏକାକୀ ପଥିକ ।।
ମନରେ ଗୁପିରଖି କେତେ ଅଭିଳାଶ
ରକ୍ତାକ୍ତ, ଅପଦସ୍ତ ଭ୍‌ବରେ ହେଉଥାଏ ଘାରି
ଅମାବସ୍ୟା, ନିର୍ଜନ ର୍‌ତ୍ରରେ ଭ୍ରମିତ
ହେଲି ମୁ ଯେ ଅବାଟର ପଥିକ
ନିଃଶହାୟ, ସର୍ବହର୍ ମୁଁ ଏକାକୀ ପଥିକ
ଜିଜ୍ଞାସୁ ର ଆଶା ରଖି ତୁମ ପଥେ ହୁଏ ଅଗ୍ରସର
କାଲେ ଦର୍ଶନ କରିବି ପ୍ରଭୁ ତ୍ରିଲୋଚନ
ମନରେ ସଞ୍ଚରି ଆଶା ର ବୋଇତ
ଅଗାଢ ବାରିର୍‌ଶି ଥାଇ ମୁଁ ଯେ ତୃଷିତ
ଚଲ୍‌ପଥ ର ମୁଁ ଯେ ଏକାକୀ ପଥିକ ।।

ଚଡଆ, କଳାହାଣ୍ଡି

# ବାପା : ଏକା ଏକା

## ଅଭିମନ୍ୟୁ



ଶେଷଦେବ ପଣ୍ଡା

ବାପା !
ସଦିଚ୍ଛାର  ଦିବ୍ୟ ଅବ୍ୟକ୍ତ ସ୍ୱାକ୍ଷର
କ୍ଲାନ୍ତହୀନ ଜୀବନର ପରିଭାଷା
ସୁରକ୍ଷାର ସୁଦୃଢ଼ କବଚ
ବିଶ୍ୱାସର ଦେଦୀପ୍ୟ ସଳତା ।।

ବାପା !
ଶ୍ରଦ୍ଧାର ମନ୍ଦିର ଧୈର୍ଯ୍ୟର ହିମାଦ୍ରି
କର୍ତ୍ତବ୍ୟର ନଭଶ୍ଚୁମ୍ବୀ ଆଲୋକସ୍ତମ୍ଭ
ଆଶିଷର  ବିଶାଳ ପାରାବାର
ଆକଟର ଅପ୍ରମିତ ଝଡ଼ ।

ବାପା !
ବିନ୍ଦୁ ବିନ୍ଦୁ ସ୍ୱେଦର ପରମ ନର୍ଯ୍ୟାସ
ଉଦବୋଧନୀ ଦୃପ୍ତ ଚେତନାର
ଉତ୍ସାହର ଅମଳନ ଜ୍ୟୋତି
ସାନ୍ତ୍ୱନାର ଅଭେଦ୍ୟ ବଳୟ ।।

ବାପା !
ଅନନ୍ତ ଭବର ଶ୍ୟାମଳ ଆକାଶ

ଫୁଲଠୁଁ କୋମଳ ବଜ୍ରଠୁଁ କଠୋର
ନୀତିନିଷ୍ଠ ଅଦମ୍ୟ ଶାସକ
ନିଷ୍କପଟ କରୁଣାର ସ୍ରୋତ ।।

ବାପା !
ଜଟିଳ ଜ୍ୟାମିତିର ଉପପାଦ୍ୟ
ସମର୍ପିତ ପ୍ରାଣର ନିୟତ ପ୍ରତିଭୂ
ଜୀବନର ଚକ୍ରବ୍ୟୂହେ ତୁମେଇ ତ
ଏକା ଏକା ଅଭିମନ୍ୟୁଟିଏ ।।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗଡ
ବଲାଙ୍ଗିର

**ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:**

editor.vedantimagazine@gmail.com /
vedantimagazine@gmail.com

# ଖୁସିର ଦୀପ



ମନୋଜ କୁମାର ବେହେରା

ଆଜି ସମୀର ଆସି ନଥିଲା । ଗତ ବର୍ଷ ସେ ସନ୍ଧ୍ୟା ପୂର୍ବରୁ ଆସି ଯାଇଥିଲା । ଲକ୍ଷ୍ମୀ ପୂଜା ସରିବା ପରେ ମଧ୍ଯ ସେ ବହୁ ରାତି ଯାଏ ଏଠାରେ ରହିଥିଲା । ସମସ୍ତଙ୍କ ସହିତ ସେ କେତେ ଖୁସିରେ ଦିପାବଳୀ ପାଳଥିଲା । ରଞ୍ଜନ ବାବୁ ଆଜି ଦିପାବଳୀରେ ନଜ ସାଙ୍ଗ ସମୀରକୁ ବହୁତ ମନେ ପକେଉଥିଲେ । କେତେ କ'ଣ ବଦଳଗଲା..ଦୁଇ ବର୍ଷ ତଳେ ।

ସେ ନଜେ ତିଆରି କରିଥିବା ବ୍ୟବସାୟ ବୁଡିଗଲା । ମୁଣ୍ଡ ଉପରେ ଋଣର ଭାର ବହୁତ ଥିଲା । ମହାଜନ ମାନେ ସବୁଦିନ ତା'ଘର ଦୁଆର ମୁହଁରେ ପଇଁତାରା ମାରୁଥିଲେ । ଆଉ ବହୁତ ପାଟି ମଧ୍ଯ କରୁଥିଲେ । ସେ ଟିକେ ଚଡଚଡା ସ୍ୱଭାବର ହୋଇ ଯାଇଥିଲା । ସବୁ ବନ୍ଧୁ-ବାନ୍ଧବ ତାଙ୍କଠୁ ଦୂରରେ ରହିବାକୁ ଲାଗିଲେ । ଏହି କାରଣରୁ ସେ ବହୁତ ଭିତରୁ ଭାଙ୍ଗି ପଡିଥିଲେ । ଗତ ବର୍ଷ ଲକ୍ଷ୍ମୀପୂଜା ସମୟରେ ରଞ୍ଜନ ଆଉ ସମୀର ଦୁହେଁ ମିଶି ଦୀପ ଜଳଉ ଥିଲେ । ଜୋରରେ ପବନ ଯୋଗୁଁ ଦୀପ ମଝିରେ ମଝିରେ ଲିଭି ଯାଉଥିଲେ । କଥା-କଥାରେ ରଞ୍ଜନ କହିଲେ..ଦେଖୁଛନ୍ତି ଯେ ଦୀପ ବାରମ୍ବାର ଲିଭି ଯାଉଛନ୍ତି । କନ୍ତୁ ଆମେ ତାହାକୁ ପୁଣି ଥରେ ଜଳେଇବାକୁ ଚେଷ୍ଟା କରୁଛେ । କାରଣ ଦିପାବଳୀର ଖୁସି ଆଲୋକରେ ହିଁ ଥାଏ । ଏହି ଦୀପକୁ ଜଳେଇଲେ ଆମକୁ ଆଲୋକ ମିଳ ପାରିବ । ଏହି ସହଜ କଥା ସମୀର କନ୍ତୁ ବହୁତ ଗମ୍ଭୀରତାର ସହିତ ନେଲା । ଆଉ ଗୋଟିଏ ନୂଆ କାମ ଆରମ୍ଭ କଲା । ବହୁତ ଦୌଡା ଦୌଡି କରି କଛି ଟଙ୍କା ଯୋଗାଡ କଲା ଆଉ ପୁଣି ଥରେ ନଜର ଦୋକାନ ଖୋଲିଲା । କୁହା ଯାଇଛି ଚେଷ୍ଟା କରୁଥିବା ଲୋକର କେବେ ହାର ହୁଏନ। ସମୀର ଆଜି ତା'ର ଦୋକାନ ପୂଜା କାମରେ ବ୍ୟସ୍ତ ଥିଲା । ରଞ୍ଜନ ବାବୁ ମଧ୍ଯ ଖୁସିରେ ଦିପାବଳୀର ଦୀପ ଜାଳୁଥିଲେ । ଏକୁଟିଆ ହେଉ ପଛେ..ତାଙ୍କର ବିଶ୍ୱାସ ଥିଲା ଯେ ତାଙ୍କର ବନ୍ଧୁ କେଉଁଠି ନା' କେଉଁଠି ଖୁସିର ଦୀପ ଜାଳୁଥିବେ ।

୨୧୭, ୟୁନଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର

# ଅଭୁଲା ସ୍ମୃତି ...

ଜନ୍ମଜୟ ନାୟକ

ଏହା ମଧ୍ୟରେ ବିତିଯାଇଛି ଦୀର୍ଘ ଦଶ ବର୍ଷ | ନିଜ ଗାଁ ବାଲେଶ୍ୱର ର ରୁପ୍ସାରୁ ସୁଦୂର କଳାହାଣ୍ଡିରେ ନିଯୁକ୍ତି ପାଇବା ପରେ, କାର୍ତ୍ତିକ ସାର୍ ଙ୍କର ଶିକ୍ଷକତା ଜୀବନର ଗୋଟିଏ ସ୍ୱର୍ଣ୍ଣିଭ ପୃଷ୍ଠା ରଚିତ ହୋଇଛି | ଯେହେତୁ ନିଜ ଭିଟାମାଟି ଛାଡି ଆସିବା ଅନେକ ଦିନ ହୋଇଗଲାଣି, ତେଣୁ ମାଷ୍ଟ୍ରେଙ୍କର ମନ ଲାଗିଯାଇଛି ଏହି ଅଂଚଳରେ |

ଯଦିଓ କଳାହାଣ୍ଡି ର ଆଞ୍ଚଳିକ ଭାଷା ଓ ଖାଦ୍ୟପେୟ ସହ ଅଭ୍ୟସ୍ତ ହବାପାଇଁ କିଛିଦିନ ଲାଗିଯାଇଥିଲା, କିନ୍ତୁ ଧିରେଧିରେ ସବୁ ଠିକ୍ ହୋଇଗଲା | କଥାରେ ଅଛି, "ଯେ ଦେଶ ଯାଇ, ସେ ଫଳ ଖାଇ"| ସାର୍ ଙ୍କର ପଢେଇବା ଶୈଳୀ, ଛାତ୍ରଛାତ୍ରୀଙ୍କର ଅହେତୁକ ଭଲପାଇବା ଏବଂ ଗାଁ ଲୋକଙ୍କର ସ୍ନେହଶ୍ରଦ୍ଧା କାର୍ତ୍ତିକ ସାର୍ ଙ୍କୁ ବାନ୍ଧିରଖିଛି ସେହି ଗାଁରେ| ଯେଉଁ ଆଦିବାସୀ ଅଞ୍ଚଳ ରେ ପାଠ ର କେହି ଗୁରୁତ୍ୱ ଦେଉନଥିଲେ, ଅଧାରୁ ପାଠ ଛାଡୁଥିଲେ, ଇତିମଧ୍ୟରେ ସାର୍ ଙ୍କ ପାଖରେ ପଢିଥିବା ସେହି ଗାଁର କେତେପିଲା ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ଓକିଲ, ସୈନିକ, ପୋଲିସ୍ ଆଦି ପଦବୀ ପାଇଗଲେଣି | ସାର୍ ଙ୍କର ସ୍ନେହଶ୍ରଦ୍ଧା, ଉତ୍ସାହ ଭରା ମିଠାକଥା, ଛାତ୍ର ବାତ୍ସଲ୍ୟତା ନିଆରା | ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେଉ ଅବା ଶ୍ମଶାନଘାଟରେ ହେଉ, ଗାଁ ଲୋକଙ୍କ ସୁଖଦୁଃଖରେ ଠିଆ ହୋଇ ଆସିଛନ୍ତି କାର୍ତ୍ତିକ ସାର୍ | ଅନ୍ଧବିଶ୍ୱାସ ର ଅନ୍ଧକାର ଗ୍ରାସିଥିବା ଗାଁ କୁ ସାର୍ କେତେ ବଦଳେଇଛନ୍ତି ଆଖିରେ ନଦେଖିଲେ କେହି ବିଶ୍ୱାସ କରିବେନି | ଔଷଧ ନଖାଇ ଗୁଣିଆ ପାଖକୁ ଯାଉଥିବା ରୋଗୀ ଙ୍କୁ ସରକାରୀ ଚିକିତ୍ସାଳୟ କୁ ଯିବା କୁ କେତେ ଅଭିନବ ଉପାୟ ସାର୍ ଆପଣେଇଛନ୍ତି | ପିଲାମାନଙ୍କୁ ଅନ୍ଧବିଶ୍ୱାସରୁ ଦୂରେଇ ପ୍ରଥମେ ସଚେତନ କରେଇଛନ୍ତି ଉପଯୁକ୍ତ ଶିକ୍ଷାଦାନ ଦ୍ୱା | ସେହି ପିଲାମାନଙ୍କ ସହାୟତା ରେ ଗ୍ରାମର ଅପାଠୁଆ ଲୋକଙ୍କୁ ବି ସ୍ୱାସ୍ଥ୍ୟ ପ୍ରତି ସଚେତନ କରେଇ ଜଣେ ଶିକ୍ଷକ ଯେ କେତେ ମହାନ୍ ହୋଇପାରେ ତା'ର ଜ୍ୱଳନ୍ତ ଉଦାହରଣ ସାର୍ |

କରୋନା ମହାମାରୀ ସମଗ୍ର ବିଶ୍ୱକୁ ଗ୍ରାସ କରିବା ପରେ ସହରରେ ତଥା ରାଜ୍ୟ ବାହାରେ ରହୁଥିବା ଉଚ୍ଚପଦସ୍ଥ ଅଫିସରମାନେ ମଧ୍ୟ ଗାଁକୁ ଫେରିଆସୁଛନ୍ତି । ଗାଁର ଶୈବପୀଠ ପ୍ରାଙ୍ଗଣରେ ଏକୁଟିଆ ବସି ବିଭିନ୍ନ ଖବର ସବୁ ଖବରକାଗଜରୁ ପଢୁଥାନ୍ତି ମାଷ୍ଟ୍ରେ । ଠିକ ସେହି ସମୟରେ ଜଣେ ଦିବ୍ୟାଙ୍ଗ ଯୁବକ, ଯିଏ ଏବେ ମହାରାଷ୍ଟ୍ରର ଏକ ପ୍ରତିଷ୍ଠିତ କମ୍ପାନୀର ମ୍ୟାନେଜର୍, ଆସି ସାର୍ ଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ଗୋଟିଏ ମୁହୂର୍ତ୍ତ ପାଇଁ ସ୍ତବ୍ଧ ହୋଇଯାଇଥିଲେ ମାଷ୍ଟ୍ରେ । ତାଙ୍କ ସମ୍ମୁଖରେ ଭାସିଉଠିଥିଲା ସେହି ଦଶବର୍ଷ ତଳର ସ୍ମୃତି । ଶୈବପୀଠ ପ୍ରାଙ୍ଗଣରେ ଲେଖାଯାଇଥିଲା ଏକ ଲୁହଭରା ଅଧ୍ୟାୟ । ଉଭୟ ଗୁରୁ ଓ ଶିଷ୍ୟ ପରସ୍ପରକୁ ଏତେଦିନ ପରେ ଦେଖି ଭାବବିହ୍ୱଳ ହୋଇଉଠିଥିଲେ । ସତେ କ ମଧୁର ସମ୍ପର୍କ ! ମ୍ୟାନେଜରର ପ୍ରତ୍ୟୁଷ ପାଖରେ ନଥିଲା ତା'ର ପଦବୀର ଗର୍ବ । ମାଷ୍ଟ୍ରେଙ୍କୁ ପାଖରେ ଦେଖି ଆନନ୍ଦରେ ଗଦ୍ ଗଦ୍ ହୋଇ ପୁରୁଣାଦିନର କଥାକୁ ମନେପକାଉଥିଲେ ସେ । ଗୁରୁ-ଶିଷ୍ୟ ମିଳନରେ ଭାଙ୍ଗିଯାଇଥିଲା ଲକଡାଉନ୍ ର ନୀରବତା । ପ୍ରତ୍ୟୁଷର ସ୍ମୃତି ପଟ୍ଟରେ ନାଚଉଠୁଥିଲା ସେହି କରୁଣ ଦୃଶ୍ୟ । ସେ ଯେବେ ନବମ ଶ୍ରେଣୀରେ ଥିଲା, ସେହି ସମୟରେ ଏକ ଦୁର୍ଘଟଣାରେ ନିଜର ଗୋଟିଏ ଗୋଡ ହରେଇବାପରେ, କପରି ତା'ର ଜୀବନର ସୂତାଖିଅ ଅଡୁଆ ହୋଇଯାଇଥିଲା । ତା'ର ଜୀବନର ଅଡୁଆ ସୂତାଖିଅକୁ ସଜାଡି ତାକୁ ଗୋଟିଏ ସ୍ୱାବଲମ୍ବୀ ମଣିଷ କରିବାରେ, ମୁଖ୍ୟ ଉତ୍ସ ଥିଲେ ଏଇ କାର୍ତ୍ତିକ ସାର୍ । ଏଇ ସାର୍ ତା' ମନରେ ଭରିଦେଇଥିଲେ ଅଦମ୍ୟ ସାହସ । କାନ୍ଦକାନ୍ଦ ହୋଇ କହି ଗ୍ଲିଥାଏ ପ୍ରତ୍ୟୁଷ, "ସାର୍ ! ଆପଣଙ୍କ ଋଣ ମୁଁ କେବେ ସୁଝି ପାରିବନି । ଆପଣଙ୍କ ପାଇଁ ଆଜି ମୁଁ ଏ ପଦବୀରେ । ମୋତେ ସମାଜର ମୁଖ୍ୟ ସ୍ରୋତରେ ମଶି ଆଗକୁ ଯିବାରେ ଆପଣ ହିଁ ପଥ ପ୍ରଦର୍ଶକ " । ମାଷ୍ଟ୍ରେଙ୍କ ଆଖି ମଧ୍ୟ ଲୁହ ଛଳଛଳ ହୋଇଗଲା । ଗୋଟିଏ ଉତ୍ତର ଦେଉଥିଲେ, "ସନ୍ତାନ କ'ଣ ପିତାମାତା ଋଣ ଶୁଝେ? ଗୁରୁଙ୍କ ନଜରରେ ସବୁ ଛାତ୍ରଛାତ୍ରୀ ସମାନ । ବାପାମାଆ ପରି ପରା ବିଦ୍ୟାଳୟରେ ଆମେ ତୁମମାନଙ୍କୁ ବଡ କରିଛୁ । ତୁମମାନଙ୍କ ଉନ୍ନତି ଦେଖି ଆମ ଛାତିପରା ଗର୍ବରେ ଫୁଲି ଉଠେ । "

ଧନ୍ୟ ଏ ସମ୍ପର୍କ ।

TGT PCM, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ବନ୍ଧୁଟିଏ ଖୋଜୁ ଖୋଜୁ

କମଳ ଲୋଚନ ମଲ୍ଲିକ

ବନ୍ଧୁଟିଏ ଖୋଜୁ ଖୋଜୁ ପାଇଛି ଆଜି ମୁଁ ଏମିତି ବନ୍ଧୁ,
ନଦୀ ନୁହଁ ଗିରି ନୁହଁ ଇଚ୍ଛା ହୁଏ ଡେଇଁଯିବି ସିନ୍ଧୁ ।

ସାତ ଦରିଆ ଡେଇଁ ନଭକୁ ଛୁଇଁ ଆସିଛି ସିଏ ଯେ ମୋ ପାଇଁ,
ଇଚ୍ଛା ହୁଏ ବାନ୍ଧି ରଖିବି ସମୟ ଯା' ଅଭୁଲ୍ ହୁଅଇ ତା' ପାଇଁ ।

ବାକ ଶାଳୀନତା ହସରେ ମହକ ସତେ କୋଟିଏରେ ଗୋଟିଏ,
ନୁହଁ ସେ ହୀରା ନୁହଁ ସେ ମୋତି ମୋ ପାଇଁ ସବୁଠୁଁ ଦାମୀ ସିଏ ।

ସୁନ୍ଦର ହୃଦୟ ସରଳ ଜୀବନ ସାଥେ ପାଇଅଛି ସୁନ୍ଦର ନାମ,
ସବୁଠୁଁ ନିଆରା ସବୁଠୁଁ ଅଲଗା ଜଗତେ ନାହିଁ କେ' ତା' ସମ ।

କଥା କମ ନୀରବତା ବେଶୀ ଜଣାପଡେନା କେବେ ହୁଏ ଖୁସି,
କିନ୍ତୁ ସେ ଟିକିକ ଖୁସିରେ ମିଳେ ଯେଉଁ ସାନ୍ତ୍ୱନା
ସତ କହିବାକୁ ଗଲେ ମୁଁ ତା'ର ବଡ଼ ଦିୱାନା ।।

ତାଳପଦା, ଦ୍ୱାରିକା, ବାଲେଶ୍ୱର

# ଗାଁ ମାଟି

 କୁମାରଲାଲ ରଣା

ଆମ ଗାଁ ଦିଶେ କେଡ଼େ ସୁନ୍ଦର
ସତେ ସରଗ ପୁରୀ
କୃଷକ ଚଷେ ବିଲ ବାଡ଼ିକ
ସୁନା ସଂସାର ଭରି ।
ମାଟିର ଗାନ ଉତ୍ତମେ ଗାଏ
ଆମ ଗାଆଁର ଚଷା ।
ଖଟି ଭୋଗୁଛି ଦୁଃଖ ଜୀବନ
ମନେ ଲଭିଛି ଆଶା ।
ଗାଆଁରେ ଶୋଭେ ଶିବ ମନ୍ଦିର
ବନ ପାହାଡ଼ ବଣ ।
ବିଲ ବାହାଲ ବେରନା ମାଳ
କେତେକ କେତେ ଆଟ
ଘର ବାରିରେ ପୁରିଛି ଗାଆଁ
ଧନ୍ୟ ସେ ଗାଆଁ ବାଟ ।
ବାଟରେ ପଡ଼େ ସଗ୍ଲ ଘାଟ
ଡୁଙ୍ଗର ବାଟେ ଧର୍ସା
ମାଟି ଗୁଡ଼ି ଯେ ଗାଆଁ ମଝିରେ
ଗାଁ ନୀତି ଆମ ଆଶା

ଗାଆଁ ମୁଖିଆ ଗାଁ ଗଉଁଟିଆ
ଗାଁରେ ତାହାର ନ୍ୟାୟ
ସେ ଯାହା କହେ ତାହା ହୁଅଇ
ତାର କେତେ ପରିଚୟ ।
ଗାଆଁରେ ଶୋଭ୍ ଦଶର୍ ଯାତ୍ରା
ବରଷକେ ଥରେ ମାନ
ସେ ଲଙ୍କେଶିରୀ ଦେବୀର ଯାତ୍ରା
ଆଶ୍ୱିନ ମାସେ ପୁଣି ।
କୁମରଲାଲ ରଣା ମହୁଆଭଟା

ନୂଆପଡ଼ା

# ମୁକତି ପାଇବୁ ମୁଢ଼

ଶ୍ୟାମସୁନ୍ଦର କୁମ୍ଭାର

ଆସିଲା କାର୍ତ୍ତିକ ଛାଡିଲୁ ଆମିଷ
ମୁଖରେ ଭଜୁ ଗୋବିନ୍ଦ
ଲଲାଟେ ଲଗାଉ ଚନ୍ଦନ ତିଳକ
ହୃଦେ ଅହଙ୍କାର ଛନ୍ଦ ।।

ଜାତି, ଧର୍ମ ଧ୍ୱଜା ଧରି ବୁଲୁ ବାୟା
ନ ବୁଝୁ ମଣିଷ ମନ
ନାରୀତ ତୋ ପାଇଁ ବିଳାସ ସାମଗ୍ରୀ
ପାଦତଳ ଦାସୀ ଜାଣ ।।

ସକଳ ଘଟରେ ବିଜେ ନାରାୟଣ
କହେ ଭାଗବତ ଗୀତା
ସତ୍ୟ, ଶାନ୍ତି, ଦୟା, କ୍ଷମା ଯାର ଅଛି
ଉତ୍ତମ ମାନବେ ଲେଖା ।।

ନ ବୁଝିଣ ତତ୍ତ୍ୱ ହେଉ ହନ୍ତସନ୍ତ
କରୁ ଗର୍ବ ଅହଙ୍କାର
ଭାଗବତ ବାଣୀ ଭୁଲି ଯାଉ ବାୟା
ହେଉକେତେ ସ୍ୱାର୍ଥପର ।।

ମାନବ ସେବାହିଁ ଈଶ୍ୱରଙ୍କ ସେବା
କହୁଛି ସକଳ ଧର୍ମ
ତୀର୍ଥ, ବ୍ରତ, ଜପ, ପୂଜାବ୍ରତ କରି
ମିଛେ ଲଭୁ ପଥଶ୍ରମ ।।

ଗର୍ବ,ଅହଙ୍କାର ମନୁ କରି ଦୂର
ଦୁଃଖୀ ରଙ୍କି ସେବା କର
ସତ୍ୟ, ଶାନ୍ତି ପଥ ଅନୁସରି ଚଳ
ମୁକତି ପାଇବୁ ମୁଢ଼ ।।

# ବୃକ୍ଷ ହିଁ ଜୀବନ



ପ୍ରକାଶ ସାହୁ

ଖାଲି ତତଲ୍ ପବନ। ଭୂଇଁ ସବୁ ଟାଙ୍ଗର ହୋଇ ଫାଳ ଫାଳ। ଏହି ଅଞ୍ଚଳ ରେ ଆକାଶ କୁ ଚ୍ହିଁବା ଆଉ ଭୂଇଁ ରେ ଚ୍ଲିବା ଗୋଟେ ଦୁଃସାହସିକ କଥା। ମାଟି ତ ନୁହେଁ ଖାଲି ଗୋଡି ଆଉ ପଥର। ଯେଉଁଠି ସ୍ୱଳ୍ପ ମାଟି ଅଛି ସେଠି ଲ୍ଗେ ଶ୍ରଦ୍ଧାଳୁ ଙ୍କ ଭିଡ଼ ସବୁ ପ୍ରକାର ପୂଜା ପଦ୍ଧତିରେ ପୂଜା ପାଉଥାନ୍ତି ଭିବିନ୍ନ ପ୍ରକାର ର ବୃକ୍ଷ ତା ଭିତରେ ରହିଥାଏ କଛି ଫଳନ୍ତି ବୃକ୍ଷ ଆଉ କଛି ଅଫଳନ୍ତି। ଜୀବନ୍ତ ବୃକ୍ଷ ଦେବା ଦେବୀ ଙ୍କ ପାଇଁ ଭୋଗ ରେ ଲ୍ଗିହୁଏ ଗୋଟିଏ ଲିଟର ରୁ ଆରମ୍ଭ କରି ଶହେ ଲିଟର ପର୍ଯନ୍ତ ପାଣି ର ପାକେଟ।

ଆକାଶ ରେ ଉଡୁ ଥିବା କୁନ ପକ୍ଷୀ ଟି ମା କୁ ପ୍ରଶ୍ନ କରୁଛି -ମା ଆଉ ଆମେ କେତେ ସମୟ ଏମିତି ଆକାଶ ରେ ଉଡୁଥିବା।ଏବେ ମୋତେ ବିଶ୍ରାମ ଦରକାର ଚ୍ଲ ମା?

-ନାହିଁ ଆଉ ଟିକେ ଅପେକ୍ଷା କରିବାକୁ ହେବ ଯେ ପର୍ଯନ୍ତ ପାନୀୟ ଜଳ ର ସନ୍ଧାନ ନ ମିଳଛି ଆମେ ସେ ପର୍ଯ୍ୟନ୍ତ ଏମିତି ଆକାଶ ରେ ଉଡୁଥିବା।

-ତା ହେଲେ ମା ଆମେ ଆଉ କଣ ପିଇବା ପାଣି ପାଇ ପାରିବା ନାହୁଁ।

-ଭର୍ସ ରଖ ଏ ଅଞ୍ଚଳ ପାର ହେଲ୍ ପରେ ପିଇବା ଯୋଗ୍ୟ ପାଣି ନଶ୍ଚୟ ମିଳବ। ଆମକୁ ସେ ଜାଗା କୁ ପହଞ୍ଚିବାକୁ ହେବ।

-ହେଲେ ମା ଏ ଅଞ୍ଚଳ ରେ ଏମିତି ପାନୀୟ ଜଳ ର ଘୋର ଅଭ୍ବ କାହିଁକ ଦେଖା ଗଲ୍।

-ହସି ଦେଇ ମା ପକ୍ଷୀ କହିଲ୍ ହେଉ ଶୁଣ ମୁଁ ତୋତେ ଗୋଟେ କାହାଣୀ ଟିଏ କହୁଛି।

ଏହି ଗୋଡି ଆଉ ପଥର ଭର୍ ଅଞ୍ଚଳ ରେ ଦିନେ ଚ୍ରି ଆଡ଼େ ଭରପୁର ମାଟି ରହିଥିଲ୍। ଚତୁର୍ଦିଗ ରେ ଭରି ରହିଥିଲ୍ ସବୁଜ ରଙ୍ଗର ର ଗଛ। କୀଟ, ଜୀବ ଆଉ ମଣିଷ ସମସ୍ତେ ଖୁବ ଆନନ୍ଦ ରେ ବସବାସ କରୁଥିଲେ। ଏଠି ଥିବା ଘଞ୍ଚ ଜଙ୍ଗଲ ରୁ ବିଭିନ୍ନ ପ୍ରକାର ର

ଜଙ୍ଗଲ ଜାତୀୟ ଦ୍ରବ୍ୟ ମିଳୁଥିଲା। ଜଙ୍ଗଲ ରେ ହରିଣ, ହାତୀ ହିଂସ୍ରଜନ୍ତୁ ସମସ୍ତେ ଏକାଠି ରହୁଥିଲେ ଯାହା ଦ୍ୱାରା ପ୍ରାକୃତିକ ଭରସାମ୍ୟ ରହୁଥିଲା।

କାଳ କ୍ରମେ ଏହି ଜଙ୍ଗଲ ଉପରେ ନିର୍ଭର କରି ଗଢି ଉଠିଲା ଗୋଟିଏ ଛୋଟ ଗାଁ । ଜଙ୍ଗଲ ର କିଛି ଅଞ୍ଚଳ କୁ କାଟି ଗଢି ଉଠିଲା ଏହି ଅଞ୍ଚଳ । ଏହି ଗାଁ ର ଲୋକେ ସାଧାରଣତଃ ନିରୀହ, ନିରକ୍ଷର ଥିଲେ। ଜଙ୍ଗଲ ରୁ ମିଳୁଥିବା ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ କୁ ବିକ୍ରି କରି ତଥା ଖାଲି ଥିବା ସ୍ଥାନ ରେ ଗୃଷ ଆଉ ପଶୁପାଳନ କରି ଗାଁ ର ଲୋକେ ଖୁବ ଆନନ୍ଦ ରେ ଦିନ କାଟୁଥିଲେ।

ଏହି ଅଞ୍ଚଳ ଏପରି ଏକ ସ୍ଥାନ ରେ ଅବସ୍ଥିତ ଥିଲା ଯେଉଁଠି ସବୁ ସହର କୁ ଗମନାଗମନ ପାଇଁ ରାସ୍ତା ତିଆରି କରିବାରେ କିଛି ଅସୁବିଧା ନ ଥିଲା। ଏହି ଅଞ୍ଚଳ ର ଭୌଗଳିକ ସ୍ଥିତି ପାଇଁ ସରକାର ନିଷ୍ପତି ନେଲେ ପ୍ରାୟ ଦୁଇ ଶହ ଏକର ଜଙ୍ଗଲ କୁ ନଷ୍ଟ କରାଯାଇ କାରଖାନ ସ୍ଥାପିତ ହେବେ।

ସରକାର ଙ୍କ ନିଷ୍ପତି କୁ ଗାଁ ଲୋକେ ବିରୋଧ କଲେ, ଆନ୍ଦୋଳନ କଲେ, ଥାନା, କୋର୍ଟ, ସରକାରୀ ଅଫିସ କୁ ଅନେକ ଥର ଗଲେ କିନ୍ତୁ ସରକାରୀ ବଳ ଆଗରେ ଏମାନ ଙ୍କ ସମସ୍ତ ପ୍ରୟାସ ତୁଛ ହୋଇଗଲା। ଶେଷରେ ଜଙ୍ଗଲ ନଷ୍ଟ କରାଗଲା ହଜାର ହଜାର ଜିବ ଜନ୍ତୁ ଆଉ ପକ୍ଷୀ ବାସ ହରା ହେଲେ। ଗର୍ବ ର ସହିତ ଆକାଶକୁ ମୁଣ୍ଡ ଟେକିଥିବା ଲମ୍ବା ଲମ୍ବା ସବୁଜ ଗଛ ଗୁଡିକ ଭୁଇଁ ରେ ତଳପଡିଲେ।

ଯେଉଁ ଜଙ୍ଗଲ ର ଭୂଇଁ ରେ ଦିନେ ସୂର୍ଯ୍ୟ ଙ୍କ କିରଣ ପ୍ରବେଶ କରିପାରିନଥିଲା ଆଜି ସେଇ ଭୂଇଁ ପାଲଟି ଯାଇଥିଲା ତଳ ପଡିଥିବା ବୃକ୍ଷର ସମୁଦ୍ର। ଯେଉଁ ଜଙ୍ଗଲ ର ଦିନେ ସୀମା ନିର୍ଦ୍ଧାରଣ କରିବା କଷ୍ଟ ଥିଲା। ଆଜି ସେହି ଅଞ୍ଚଳ କୁ ମାପିବା ସହଜ ହୋଇଯାଇଥିଲା। ସେଦିନ ପ୍ରକୃତି ମା ସବୁ ଦେଖି ଚୁପ ରହିଥିଲା। ତା ପାଖ ରେ କିଛି କରିବାର ସାମର୍ଥ ନ ଥିଲା। ସବୁବେଳେ ବହୁଥିବା ଶୀତଳ ପବନ ବନ୍ଦ ହୋଇଗଲା। ଭୂଇଁ ରେ ଗଛ ର ପତ୍ର ସବୁ ସଫା ହୋଇ ସନ୍ତସନ୍ତିଆ ମାଟି ଉପରକୁ ଦେଖା ଯାଉଥିଲା।

ଧୀରେ ଧୀରେ କାରଖାନା ର ବିସ୍ତାର କରାଗଲା ଆହୁରି ଜଙ୍ଗଲ ନଷ୍ଟ କରାଗଲା। କାରଖାନା ଉପରେ ନିର୍ଭର କରି ଏହି ଅଂଚଳ ରେ ଗଢି ଉଠିଲା ଅନେକ ସହର ଆଉ ତିଆରି ହେଲା ବହୁ ତାଲା ଘର, ଅଟ୍ଟାଳିକା । ଯେଉଁ ଟି ଦିନେ ଥିଲା ଗାଁ ଆଜି ତାହା ପାଲଟି ଗଲା ସହର।

ଏମିତି କହୁ କହୁ ମା ପକ୍ଷୀ ଆଖି ରେ ଲୁହ ଆସିଯାଇଥିଲା। ନିଜ ମା ର ମୁହଁ କୁ ଦେଖୁଥିବା ଛୁଆ ପକ୍ଷୀ ଟି ଲୁହର କାରଣ ପଚାରିଲା।

-ମା ତୁ କାନ୍ଦୁଛୁ

-ନାହିଁ ପୁରୁଣା କଥା ମନେ ପଡିଗଲା

-କଣ ସେ କଥା?

-ଏହି ଜଙ୍ଗଲ ନଷ୍ଟ ହେବା ପୂର୍ବ ରୁ ଏଠି ଗୋଟେ ବରଗଛ ରେ ଆମେ ରହୁଥିଲୁ ଖୁବ ଖୁସି ରେ ଥିଲୁ। ଆମେ ଏଠି ଦୁଇ କ ତିନ ନୁହେଁ ବରଂ ହଜାର ହଜାର ସଂଖ୍ୟାରେ ରହୁଥିଲୁ।

-ଜଙ୍ଗଲ ନଷ୍ଟ ହେବା ସହିତ ଅନେକ ପକ୍ଷୀ ଜୀବନ ହାରିଲେ। ଅନେକ ବାସହରା ହେଲେ। ଆଜି ସେହି ଦିନ ଆସି ଯାଇଛି ପାଣି ମୁନ୍ଦେ ପାଇଁ ଏହି ଅଞ୍ଚଳ ବାସୀ ସ୍ୱପ୍ନ ଦେଖନ୍ତି। କାରଖାନା ରୁ ବାହାରୁଥିବା ଦୂଷିତ ଗ୍ୟାସ ଏବଂ ଧୂଆ ରେ ଏଠାକାର ପରିବେଶ ସମ୍ପୂର୍ଣ ଦୂଷିତ ହୋଇଯାଇଛି।

-ମା ତେବେ ଅଞ୍ଚଳ କଣ ସବୁଦିନ ପାଇଁ ଏମିତି ହୋଇ ରହିଯିବ। ଯେଉଁ ଅଞ୍ଚଳ ଦିନେ ପ୍ରକୃତି ର ଗନ୍ତାଘର ଥିଲା ସେହି ଅଞ୍ଚଳ ମରୁଭୂମି ପାଲଟି ଯିବ।

-ଅଛି ଉପାୟ ନୀଚୟ ଅଛି। ତାହା ହେଉଛି ଏହି ଅଂଚଳ ର ପୁନରୁଦ୍ଧାର ମାନେ ଏହି ଅଂଚଳ ରେ ପୁଣି ଥରେ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି କରିବାକୁ ହେବ ।

ଏହି ଅଞ୍ଚଳ ରେ ସରକାର ସମସ୍ତ ଙ୍କୁ ବୃକ୍ଷରୋପଣ କରିବା ପାଇଁ ଅନୁରୋଧ କରିବା ଦରକାର । ଆର୍ଥିକ ସହାୟତା ସହିତ ସମସ୍ତ ପ୍ରକାର ସୁବିଧା ଦେବା ପାଇଁ ଅନେକ ସଂସ୍ଥା ଗଢିବା ଦରକାର। ସର୍ବଶେଷ ରେ ଜଙ୍ଗଲ କୁ ନଷ୍ଟ କରି କାରଖାନ ସ୍ଥାପନ କରିବାର ବିକଳ୍ପ ବାହାର କରିବା ଦରକାର।

ଆଶା ଅଛି ପୁଣି ଥରେ ଏ ଅଂଚଳ ପୂର୍ବ ପରି ସବୁଜ ହୋଇଯିବ। ଖାଲି ଥିବା ସ୍ଥାନରେ ନୂଆ ଜଙ୍ଗଲ ସୃଷ୍ଟି ହୋଇ ସବୁଜ ଶାଢ଼ୀ ପରିଧାନ କରିବ।

ନଭୀ ମୁମ୍ବାଇ, ମହାରାଷ୍ଟ୍ର

# ଆଜି ମୋ ମନରେ ଆଘାତ ହେଲା



ଶୈଳବାଳା ଷଡଙ୍ଗୀ

ଆଜି ମୋ ମନରେ ଆଘାତ ହେଲା
କେହି ଜଣେ ଆସି କହିଲା
ଆଜି ମୁଁ ମୋ ଘରେ ବନ୍ଦୀ ହୋଇଗଲି
ଆରେ, ମୁଁ ପର୍ ଘର ତିଆରି କରିଥିଲି
ଜେଲ୍ ତିଆରି କରିନଥିଲି
ମୁଁ ଘର ତିଆରି କରିଥିଲି,
ଆଜି କଣ ହୋଇଗଲା........
ଆଜି ମୋ ମନରେ ଆଘାତ ହେଲା
କେହି ଜଣେ ଆସି କହିଲା ।୧।
ଘର ପାଇଁ ଦେହ ମୋର କେତେ କଷ୍ଟ ସହିଥିଲା
ଏଥିରେ ମୋ ସାର୍ ଜୀବନର ପୁଞ୍ଜି ଲାଗିଥିଲା
ଖଣ୍ଡେ ଖଣ୍ଡେ ପଥର, ଇଟା ହୃଦୟରୁ ଯୋଡିଥିଲି
ଆଜି ଯେବେ ଘରେ ମୁଁ ରହିଲି ନିର୍ମାଣର ଅର୍ଥ ପାଇଲି
ଆଜି ମୋ ମନରେ ଆଘାତ ହେଲା
କେହି ଜଣେ ଆସି କହିଲା ।
ନିଜ କ୍ଲାନ୍ତ ଶରୀରର ଆର୍ାମ ପାଇଁ
କେବେ ଶୋଇଥିଲି ଶାନ୍ତିରେ ମନେ ପଡୁନାହିଁ
ଧନ, ସମ୍ପତି ପଛେ ପଛେ ଧାଇଁ
ଭୁଲି ଯାଇଥିଲି ଘରର ମହତ୍ତ୍ୱ ମୁହିଁ
ଆଜି ମୋ ଜୀବନ ସାର୍ଥକ ହୋଇଲା.....
ଆଜି ମୋ ମନରେ ଆଘାତ ହେଲା
କେହି ଜଣେ ଆସି କହିଲା ।୨।

ଲେଖିକା, ସମାଜସେବୀ, ଛାତ୍ରୀ,
ଶ୍ରୀରାମପୁର, କେନ୍ଦ୍ରାପଡା

# ସାନ୍ତ୍ୱନା.......



ବର୍ଷା ରାଣୀ ବିଶ୍ୱାଳ

ସାଜିଲେଣି ନର ପଶୁପକ୍ଷୀ ତୁଲ୍ୟ
ନୁହେଁ ଜୀବନ ସମର୍ଥ
ଉଣ୍ଡଳେ ଦେବ ରୂପ ଯେ ଧର୍ମପୃଷ୍ଠ
ନଥିବ ରୋଗ ଅନର୍ଥ ।
ନୁହେଁ ଯେ ଗଣନା କ୍ଷତିଭର୍ତ୍ତି ମୂଳ
ଗଲାଣି ଟପି ସାହାଯ୍ୟ
ରଖି ଧର୍ଯ୍ୟ ଭାବ ନେଇ ସରକାର
ରହିବନ ବ୍ୟାଧିଶୋର୍ଯ୍ୟ ।
କରାଳ ଗ୍ରାସ ଦେଇ ମୁଣ୍ଡରେ ହାତ
ବ୍ୟସ୍ତ ନେଇ ଶିକ୍ଷାଗଣ
ଗଲାଣି କେତେ ଦିନ ମାସ ଯେ ବିତି
କରିବ ଶାନ୍ତି ବରଣ ।
କଏ ଅବା ବୁଝିବ ଖଟିକିଆ ଦୁଃଖ
ସିଏ ସନ୍ତାନ ଗରୀବ
ହା ଅର୍ଣ୍ଣ ବିହୁନେ ସାଜିଛି କଙ୍କାଳ
ଦୁଃଖ ଦୂର ନଷ୍ଟେ ହବ ।
କରିବୁ ବିଚରଣ କେବେ ବିଦିଗେ
ହେଉଛି ବିଶ୍ୱ ଥରହର
ନୂଆ ଜୀବନ ଜାଗ୍ରତ ପଣ ସାଜି
ଗତି ତୋର ଆରପାର ।

କଳାହାଣ୍ଡି, ଭବାନୀପାଟଣା(ଉଦୟପୁର)

# ବନ୍ଧୁ ସେ ତ....

ସନାତନ ଦାସ

ବନ୍ଧୁ ସେ ତ,
ଈଶ୍ୱରଙ୍କ ଦିଆ ଉପହାର ଟିଏ..!!

ସଦା ସାଥେ ରହୁଥିବା ଛାଇଟିଏ,
ବିପଦେ ଆପଦେ ସାଥ ଦେଉଥିବା
ଅଭୟ ର ପ୍ରତିଛବି ଟିଏ..!!

ବନ୍ଧୁ ସେ ତ,
ଲୁହର ବନ୍ୟାରେ ଧାରେ ହସର ତରୀ ଟିଏ,
ଦୁଃଖ ଗଣିତରେ ସମାଧାନର ସୂତ୍ର ଟିଏ,
ବନ୍ଧୁ ସେ ତ,
ଈଶ୍ୱରଙ୍କ ଦିଆ ଉପହାର ଟିଏ..!!

ବନ୍ଧୁ ସେ ତ,
ନିଃସ୍ୱାର୍ଥ ପ୍ରେମର କପୋତ ଟିଏ,
ଅନ୍ଧାର ଗଳରେ ଭରସାର ଛୋଟ ଦୀପଟିଏ,
ବନ୍ଧୁ ସେ ତ,
ଈଶ୍ୱରଙ୍କ ଦିଅ ଉପହାର ଟିଏ..!!

ବନ୍ଧୁ ସେ ତ,
ବାଲ୍ୟକାଳ ଠାରୁ ବୃଦ୍ଧ କାଳ ଯାଏ
ଜୀବନର ଶେଷ ଆଶା ଟିଏ,
ଦେହ ଗ୍ଳଲିଯିବ, ବୟସ ବି ଯିବ
ହେଲେ ବନ୍ଧୁ ହୋଇଯାଏ ମଧୁର ସ୍ମୃତି ଟିଏ,
ବନ୍ଧୁ ସେ ତ,
ଈଶ୍ୱରଙ୍କ ଦିଆ ଉପହାର ଟିଏ..!!

ସଅଁଗ୍ର, ଜଗତସିଂହପୁର

# ଜାତକ ମିଳନ ଏକ ଭିତ୍ତିହୀନ ବିଶ୍ୱାସ



ବାଲ୍ମୀକି ନାୟକ

ଦୁନିଆରେ ମଣିଷ ସମାଜ ବିକାଶ ଲାଭ କଲାପରେ ଗୋଟିଏ ପୁରୁଷ ସହିତ, ଗୋଟିଏ ସ୍ତ୍ରୀର ସହାବସ୍ଥାନକୁ ବିବାହ ର ସ୍ୱୀକୃତି ପ୍ରଦାନ କରାଗଲା । କାଳକ୍ରମେ ବିବାହ ଅନୁଷ୍ଠାନ ସହିତ ବିଭିନ୍ନ ରୀତି, ନୀତି, ଯୋଡି ହୋଇଗଲା । ତଥାପି କେତେକ ମୌଳିକ ସର୍ତ୍ତ ରହିଲା – "ବର ଓ କନ୍ୟାଙ୍କ ଧର୍ମ, ଜାତି, ବୟସ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ, କର୍ମକୁଶଳତା ବା ଯୋଗ୍ୟତା ସହିତ ପାରିବାରିକ ପୃଷ୍ଠଭୂମି ।"

ଆମ ଦେଶରେ ହିନ୍ଦୁଧର୍ମର ବର ଓ କନ୍ୟାଙ୍କ ପାଇଁ ଉପରୋକ୍ତ ସମସ୍ତ ସର୍ତ୍ତ ପୂରଣ ହୋଇଥିଲେ ବି ବିବାହ ହେବା ସଂଭବ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ଦୁହିଁଙ୍କର ଜାତକ ମିଳନ ଠିକ୍ ହୋଇନାହିଁ । ବର କନ୍ୟାଙ୍କ ସମ୍ପର୍କରେ ଦୃଷ୍ଟିଗୋଚର ହେଉଥିବା ସମସ୍ତ ଯୋଗ୍ୟତା ନିଜର ପିତା, ମାତା ଓ ଗୁରୁଜନମାନେ ପରୀକ୍ଷା, ନିରୀକ୍ଷା କରି ଠିକ୍ କରିବେ କିନ୍ତୁ ଜାତକରେ ଲେଖାଥିବା ଅଦୃଶ୍ୟ କାହାଣୀକୁ ଭିତ୍ତିକରି ଯୋଗ୍ୟତା ଠିକ୍ କରିବ ଜଣେ ଅବୈଜ୍ଞାନିକ କୋଷ୍ଠୀ ଗଣକ ବା ଅର୍ଦ୍ଧଶିକ୍ଷିତ ଜ୍ୟୋତିଷ ଏବଂ ତାହାର ନିଷ୍ପତ୍ତି ହିଁ ହେବ ଶେଷ ନିଷ୍ପତ୍ତି । ପିତା, ମାତା ଓ ଗୁରୁଜନଙ୍କର ସମସ୍ତ ଅନୁଭବ ଜ୍ଞାନ ଭଣ୍ଡ ହୋଇଯାଏ ଯଦି ଜ୍ୟୋତିଷ କହିବ – "ଏହି ଜାତକର ଗ୍ରହ ଦୋଷ ରହିଛି, ବିବାହ ହେଲେ ଭବିଷ୍ୟତରେ ଅନିଷ୍ଟ ହେବ ।" ଜ୍ୟୋତିଷର କଥାରେ ଯଦିଓ କୌଣସି ପ୍ରକାର ତର୍କ ସଂଗତ କିମ୍ବା ବିଜ୍ଞାନ ସମ୍ମତ ତଥ୍ୟ ନଥାଏ, ତଥାପି ଭିତ୍ତିହୀନ ବିଶ୍ୱାସ ଯୋଗୁଁ ସେହି ସୁଯୋଗ୍ୟ ବରକନ୍ୟାଙ୍କ ବିବାହ ହୋଇପାରିବ ନାହିଁ ।

ଜ୍ୟୋତିଷ ବିଦ୍ୟା ୧୨ ଗୋଟି ରାଶି, ୯ ଗୋଟି ଗ୍ରହ ଏବଂ ୨୭ ଗୋଟି କ୍ଷେତ୍ରକୁ ନେଇ ଗଣନାର ଇନ୍ଦ୍ରଜାଲ ତିଆରି ହୋଇଛି । ଜ୍ୟୋତିଷ ବିଦ୍ୟା ପ୍ରଥମେ ବେବିଲୋନର

ଅଧିବାସୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରମାଣ ମିଳୁଛି। ଏହାର ଇତିହାସ ସମ୍ପର୍କରେ ଆଲୋଚନା କଲେ ପ୍ରବନ୍ଧଟି ବହୁତ ଲମ୍ବା ହୋଇଯିବ। ତେଣୁ ଆମର ଆଲୋଚ୍ୟ ବିଷୟ "ଏହା ଏକ ଭିତ୍ତିହୀନ ବିଶ୍ୱାସ" ଭିତରେ ସୀମିତ ରଖିବା। ଫଳତଃ ଜ୍ୟୋତିଷରେ ଗଣନା କରାଯାଉଥିବା ନଅଟି ଗ୍ରହ ମଧ୍ୟରୁ ଚାରି ଗୋଟି ଗ୍ରହ ପଦବାଚ୍ୟ ନୁହେଁ । **(୧)** ସୂର୍ଯ୍ୟ ଏକ ଗ୍ରହ ନୁହେଁ ନକ୍ଷତ୍ର, **(୨)** ଚନ୍ଦ୍ର ଏକ ଗ୍ରହ ନୁହେଁ, ଉପଗ୍ରହ, **(୩)** ରାହୁ ଓ କେତୁ ସୌରମଣ୍ଡଳର ଦୁଇଟି କାଳ୍ପନିକ ବିନ୍ଦୁ, ସେମାନଙ୍କର ସ୍ଥିତି ନାହିଁ। ପୃଥିବୀ ଏକ ଗ୍ରହ ଏବଂ ପ୍ରାଣୀ ଜଗତକୁ ସବୁଠାରୁ ବେଶୀ ପ୍ରଭାବିତ କରୁଥିଲେ ବି ଜ୍ୟୋତିଷ ଶାସ୍ତ୍ରରେ ଏହାର ଗଣନା ନାହିଁ। ୧୭୮୧ ମସିହାରେ ଆବିଷ୍କୃତ "ୟୁରେନସ", ୧୮୪୭ ମସିହାରେ ଆବିଷ୍କୃତ "ନେପଚ୍ୟୁନ" ଏବଂ ୧୯୩୦ ମସିହାରେ ଆବିଷ୍କୃତ "ପ୍ଲୁଟୋ" ସମ୍ପର୍କରେ ଜ୍ୟୋତିଷମାନେ ନୀରବ ରହୁଛନ୍ତି। ଏହି ତିନୋଟି ଗ୍ରହ ତ ନୂଆ କରି ତିଆରି ହୋଇନାହିଁ। ଅନ୍ୟ ଗ୍ରହ ମାନଙ୍କ ସହିତ ନିଶ୍ଚୟ ଗଠନ ହୋଇଛି। ତେଣୁ ଏମାନଙ୍କ ପ୍ରଭାବ କଣ ମଣିଷ ଉପରେ ପଡୁନାହିଁ**?** ଗତ ୨୦୦୩ ମସିହାରେ ସୌରମଣ୍ଡଳର ଦଶମ ଗ୍ରହ ୟୁବି ୩୧୩ ଆବିଷ୍କୃତ ହୋଇଛି। ଜ୍ୟୋତିଷ ବିଜ୍ଞାନୀ କଅଣ ଏହି ସମସ୍ତ ଗ୍ରହକୁ ଯୋଗ କରି ନୂତନଭାବେ ଗଣନା କରି ସଂଶୋଧିତ ଜ୍ୟୋତିଷ ଶାସ୍ତ୍ର ରଚନା କରିପାରିବେ**?** ସେମାନେ ଚାହିଁଲେ ବି ଏପରି କରିପାରିବେ ନାହିଁ। କାରଣ ନୂତନ ସଂସ୍କରଣ ତିଆରି ହେଲେ, ଭାବେ ପ୍ରମାଣିତ ହୋଇଯିବ ଯେ, ପୂର୍ବରୁ ପ୍ରଚଳିତ ଥିବା ଜ୍ୟୋତିଷ ଶାସ୍ତ୍ର ମିଥ୍ୟା। ଭବିଷ୍ୟତରେ ଯଦି ଆହୁରି କିଛି ଗ୍ରହ ଆବିଷ୍କାର ହୋଇପାରିବ ତେବେ ଏହି ନୂତନ ଜ୍ୟୋତିଷ ଶାସ୍ତ୍ର ବି ମିଥ୍ୟା ପ୍ରମାଣିତ ହୋଇଯିବ। ସେଥିପାଇଁ ବର୍ତ୍ତମାନ ଯାହା ଅଛି, ତାହାକୁ ହିଁ ବିଭିନ୍ନ ପ୍ରକାରରେ ବ୍ୟାଖ୍ୟା କରି ଲୋକମାନଙ୍କ ମନକୁ ଭୁଲେଇ ରଖିବା ହେଉଛି, ବୁଦ୍ଧିମାନର କାମ ।

ଆମେ ଜାଣିବାରେ ଜାତକ ମିଳାଇ ବରକନ୍ୟାଙ୍କ ବିବାହ ଠିକ୍ କରିବା ପ୍ରଥା କେବଳ ଭାରତର ହିନ୍ଦୁ ସଂପ୍ରଦାୟରେ ହିଁ ଦେଖାଯାଏ। ଏହାର ଆରମ୍ଭ କେବେ ଓ କେଉଁଠାରୁ ହୋଇଥିଲା, ସେ ସମ୍ପର୍କରେ ସଠିକ୍ ସୂଚନା ଆମ ପାଖରେ ନାହିଁ। ପୂର୍ବକାଳରେ ନଥିବାର ଉଦାହରଣ ହେଉଛି ରାମ ଓ ସୀତାଙ୍କ ବିବାହ ପୂର୍ବରୁ ଜାତକ ମିଳନ ହୋଇ ନଥିଲା। ସୀତା ସ୍ୱୟଂବର କରି ରାମଙ୍କୁ ବିବାହ କରିଥିଲେ। ଶିବ ଓ ପାର୍ବତୀଙ୍କ ବିବାହ ବେଳେ ବି ଜାତକ ମିଳନ କଥା ଉଲ୍ଲେଖ ନାହିଁ। ଦ୍ରୌପଦୀଙ୍କ ସହ ପଞ୍ଚପତିଙ୍କ ବିବାହ ପାଇଁ ବି

ଜାତକ ମିଳନ ହୋଇନାହିଁ । କୃଷ୍ଣ ତ ଅନେକ ବିବାହ କରିଛନ୍ତି କିନ୍ତୁ ଜାତକ ମିଳନ କଥା ଲେଖା ହୋଇନାହିଁ ।

ଜାତକ ଶାସ୍ତ୍ର ବା ଫଳିତ ଜ୍ୟୋତିଷ ଭିତରେ କେତେ ଗଭୀର ଜ୍ଞାନ ଅଛି ଜାଣିବାପାଇଁ ମୁଣ୍ଡ ଖର୍ଚ୍ଚ କରିବା ପୂର୍ବରୁ ସମାଜରେ ଚଳପ୍ରଚଳ ହେଉଥିବା ଜୀବନ୍ତ ନର ଓ ନାରୀଙ୍କୁ ଦେଖି ମନରେ କେତେକ ସହଜ ଓ ସାଧାରଣ ପ୍ରଶ୍ନ ଉଠୁଛି ଯେ ଦୁନିଆର କୋଟି କୋଟି ନରନାରୀ ଏବଂ ଭାରତରେ ବାସ କରୁଥିବା ଭିନ୍ନ ଧର୍ମ ସଂପ୍ରଦାୟର ନରନାରୀ ବି ଜାତକ ନ ମିଳାଇ ବିବାହ କରୁଛନ୍ତି । ସେମାନଙ୍କ ଦାମ୍ପତ୍ୟ ପାଇଁ ଜାତକ ମିଳନ ଅନିବାର୍ଯ୍ୟ କାହିଁକି? ଜାତକ ମିଳନ କରାଇ ବିବାହ କରିଥିବା ସମସ୍ତ ଦମ୍ପତି କଣ ସୁଖ, ଶାନ୍ତିରେ ରହିପାରୁଛନ୍ତି? ସେ ଦୁହିଁଙ୍କ ମଧ୍ୟରୁ କାହାରି ଜଣକର କଣ ଅକାଳ ମୃତ୍ୟୁ ହେଉନାହିଁ କି?

ଜ୍ୟୋତିଷ ପାଠରେ ଗଣନା ଭୁଲ କାହିଁ ହେଲା ବୋଲି କେହି ପ୍ରଶ୍ନ କଲେ, ସେମାନେ ନିଜକୁ ବଞ୍ଚେଇବା ପାଇଁ କହନ୍ତି – "ମୋତେ ଜାତକରେ ଲିଖିତ ଭୁଲ ତଥ୍ୟ ଦିଆଯାଇଥିଲା ।"

କିନ୍ତୁ ଆମେ ଜାଣିଛୁ ଅନେକ ପ୍ରସିଦ୍ଧ ଜ୍ୟୋତିଷଙ୍କ ନିଜର ଦାମ୍ପତ୍ୟ ଜୀବନ ସୁଖଦ ନୁହେଁ । କେତେକ ଜ୍ୟୋତିଷଙ୍କ କନ୍ୟା ବିଧବା ହୋଇଛନ୍ତି, କେତେକ ଜ୍ୟୋତିଷଙ୍କ ପୁଅ ଓ ଝିଅ ବିବାହ ବିଚ୍ଛେଦ ହୋଇ ଅଲଗା ରହୁଛନ୍ତି । ଆଜିର ଯୁଗରେ କେତେକ ଜ୍ୟୋତିଷ ନିଜର ବୋହୂ ଦ୍ୱାରା ଯୌତୁକ ନିର୍ଯ୍ୟାତନା କେଶ୍ କରିଥିବାରୁ ଜେଲ ଦଣ୍ଡ ଭୋଗୁଛନ୍ତି ।

ଏଇଠି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ – ଜ୍ୟୋତିଷଙ୍କ ଜାତକରେ ତ ଭୁଲ ତଥ୍ୟ ରହିବା କଥା ନୁହେଁ । ଭଲ କରି ଗଣନା କରି ଶୁଭ ବେଳାରେ ହିଁ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିବେ । ତଥାପି ସେମାନେ ଏତେ ଦୁଃଖ ଭୋଗ କରୁଛନ୍ତି କାହିଁକି?

ଜନସାଧାରଣଙ୍କ ମନରେ ବି ଏହି ଭଳି ପ୍ରଶ୍ନ ଉଠୁଥିବ ଏବଂ ତର୍କ ସଂଗତ ଉତ୍ତର ବି ପାଉଥିବେ କିନ୍ତୁ ଭବିଷ୍ୟତରେ ଅନିଷ୍ଟ ହେବାର ମାନସିକ ଭୟ ରହୁଥିବାରୁ ସମସ୍ତେ ଯୁକ୍ତି ତର୍କ କରିବାକୁ ଚାହୁଁନାହାଁନ୍ତି । ଏଇଟା ହିଁ ହେଉଛି ସବୁଠୁ ବଡ ପରିତାପର ବିଷୟ । ସମାଜର ଶିକ୍ଷିତ ତଥା ଉଚ୍ଚଶିକ୍ଷିତ ଡାକ୍ତର, ଇଞ୍ଜିନିୟର, ଜଜ୍, ଓକିଲ, ପ୍ରଫେସର, ଆଇ.ଏ.ଏସ୍., ଆଇ.ପି.ଏସ୍ ଓ ଏ.ଏସ୍. ଅଫିସର ପର୍ଯ୍ୟନ୍ତ ସମସ୍ତେ ଜାତକର ମାୟାଜାଲରୁ ମୁକୁଳି ପାରିନାହାଁନ୍ତି । ସେମାନଙ୍କୁ ଦେଖି ସାଧାରଣ ଜନତା ଅନ୍ଧ ଜ୍ୟୋତିଷ ଆଡକୁ ବେଶୀ ଆକୃଷ୍ଟ ହେଉଛନ୍ତି । ମଜା କଥା ହେଉଛି ଯେ ନିଜକୁ ଆଧୁନିକ ବୋଲାଉଥିବା ଯୁବାବର୍ଗ

ରକ୍ଷିବାଦୀ ପରମ୍ପରାକୁ ଅସ୍ୱୀକାର କରି ଉନ୍ମୁକ୍ତ ଜୀବନ ଅତିବାହିତ କଲେ ବି ବିବାହ ପ୍ରସଙ୍ଗ ବେଳକୁ ଜାତକ ମିଳାଇବା ପାଇଁ ଜ୍ୟୋତିଷଙ୍କ ପାଖକୁ ଦୌଡିଯାଆନ୍ତି । ପୁଅ ମୁଣ୍ଡର ନୁଖୁରା ବାଳରେ ତେଲ ଟିକଏ ଲଗେଇବା ପାଇଁ ମାଆ ବୁଝେଇଲେ, ତାଙ୍କୁ ବିରୋଧ କରି ଯୁକ୍ତି କରୁଥିବା ଆଧୁନକ ଯୁବକଟି ଜ୍ୟୋତିଷ ମୁହଁରୁ ଅବାସ୍ତବ ଗ୍ରହ, ନକ୍ଷତ୍ରର ମନଗଢା କାହାଣୀକୁ ଶୁଣି ମୁଣ୍ଡପାତି ବିଶ୍ୱାସ କରିବା ହାସ୍ୟାସ୍ପଦ ନୁହେଁକି? ସେମାନେ କେଉଁ ଦୃଷ୍ଟିରୁ ଆଧୁନକ ବୋଲାଉଛନ୍ତି?

ଆଉ ଗୋଟିଏ ମଜା କଥା ହେଉଛି ଯେ, ପ୍ରେମ କରି ଦୁହେଁ ଦୁହିଁଙ୍କୁ ବିବାହ କରିବାପାଇଁ ନିଷ୍ପତ୍ତି ନେଇ ସାରିଥିଲେ ବି ମନକୁ ବୁଝେଇବା ପାଇଁ ଦୁହେଁ ଜାତକ ଧରି ଜ୍ୟୋତିଷଙ୍କ ଦ୍ୱାରସ୍ଥ ହୁଅନ୍ତି । ଜ୍ୟୋତିଷଙ୍କ ଗଣନା ଅନୁସାରେ ହେଉ କମ୍ବା ସେ ଜାଣିଶୁଣି ଅଧିକ ଧନ ଲୋଭରେ କହିବେ, "ତୁମର ଏହି ଜାତକରେ ଗ୍ରହ ଦୋଷ ଅଛି । ପ୍ରେମୀ ଯୁଗଳ ଜ୍ୟୋତିଷଙ୍କୁ ଅନୁରୋଧ କରିବେ, ଗ୍ରହ ଦୋଷ କାଟିବାପାଇଁ ଉପାୟ କରନ୍ତୁ ।" ଏହି ସୁଯୋଗରେ ଜ୍ୟୋତିଷ ନିଶ୍ଚିତ ଭାବେ ଉପାୟ ଖୋଜି ଗ୍ରହ ଦୋଷ ଦୂର କରି "ରାଜ ଯୋଟକ"ର ପ୍ରମାଣ ପତ୍ର ଦେଇ ଦିଅନ୍ତି । ମନମୁତାବକ ଦକ୍ଷିଣା ଠକେଇ ନିଅନ୍ତି ।

ଜାତକ ମିଳନରେ ସବୁଠାରୁ କ୍ଷତିକାରକ ପରିଣାମ ହେଉଛି, ବେଳେବେଳେ ଜାତକରେ ଲେଖାଥିବା ଗ୍ରହ, ରାଶି ଓ ନକ୍ଷତ୍ରଙ୍କ ଚକରରେ ଦୁଇଟି ଭିନ୍ନ ରୁଚ ଓ ଭିନ୍ନ ଚରିତ୍ରର ବର କନ୍ୟାଙ୍କୁ ବିବାହ ବନ୍ଧନରେ ବାନ୍ଧି ଦିଆଯାଉଛି । ଯାହା ଫଳରେ ଦୁହିଁଙ୍କ ଭିତରେ ମତାନ୍ତର ଲାଗି ରହୁଛି । କଛିଦିନ ପରେ ବିବାହ ବିଚ୍ଛେଦ ଆଡକୁ କଥା ବଢି ଯାଉଛି । ଆଉ କେତେକ ଘରେ ହତ୍ୟା ଓ ଆତ୍ମହତ୍ୟା ଭଳ ଅପରାଧ ବି ଘଟୁଛି । ଏହିଭଳ କଛି ନହେଲେ ବି ଆଜୀବନ ଦୁହିଁଙ୍କର ଜୀବନ ଅଶାନ୍ତିରେ ହିଁ କଟୁଛି ।

ଜାତକ ବା ଜନ୍ମକୁଣ୍ଡଳୀ ହେଉଛି ହିନ୍ଦୁ ସ୍ତ୍ରୀ ଓ ପୁରୁଷଙ୍କ ସଂପୂର୍ଣ୍ଣ ଜୀବନ କାଳରେ ଲେଖାଯୋଖା । ସେ କେଉଁ ବୟସରେ କଅଣ ପାଇବ, କଅଣ ହରାଇବ, ବିବାହିତ ଜୀବନ କେମିତି କଟିବ? କେବେ ମୃତ୍ୟୁ ହେବାର ସମ୍ଭାବନା ଆଦି ଜାତକ ପୃଷ୍ଠାରେ ଗଣନା କରି ଲେଖାଯାଇଥାଏ । ଏହାର ବିଶ୍ୱାସନୀୟତା ଯଦିଓ ଶୂନ୍ୟ ପ୍ରତିଶତ କନ୍ତୁ ଅପରିମିତ ।

ପୂର୍ବକାଳରେ ରାଜା ମହାରାଜାଙ୍କ ଦରବାରରେ ରାଜ ପୁରୋହିତ, ରାଜ ଜ୍ୟୋତିଷ ଆଦି ନିଯୁକ୍ତି ପାଉଥିଲେ । ସେହିମାନଙ୍କର ଗଣନା ଅନୁସାରେ ଶୁଭ ଓ ଅଶୁଭ ମୁହୂର୍ତ୍ତ ଦେଖି ରାଜାଙ୍କୁ

କାମ କରିବାକୁ ହେଉଥିଲା । ରାଜାମାନଙ୍କର ଶାସନ ସମାପ୍ତ ହୋଇ ଗଣତନ୍ତ୍ର ଶାସନ ଆରମ୍ଭ ହେଲା ପରେ ଆମ ଦେଶରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏମ.ପି. ତଥା ଏମ.ଏଲ.ଏ. ଆଦି ଶାସନ କରୁଛନ୍ତି । ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଜନ ପ୍ରତିନିଧି ମାନେ ମଧ୍ୟ ଜ୍ୟୋତିଷମାନଙ୍କ ନିର୍ଦ୍ଦେଶରେ ଶୁଭ ମୁହୂର୍ତ୍ତ ଦେଖି ପ୍ରଚାର ଆରମ୍ଭ କରିବେ, ପ୍ରାର୍ଥୀପତ୍ର ଦାଖଲ କରିବେ, ବିଧାନ ସଭାରେ ଶୁଭ ମୁହୂର୍ତ୍ତ ଦେଖି ଶପଥ ଗ୍ରହଣ କରିବେ । ସେଥିପାଇଁ କେତେକ ପ୍ରସିଦ୍ଧ ଜ୍ୟୋତିଷଙ୍କୁ ନିଜର ଗୁରୁ ମାନୁଛନ୍ତି । ସେମାନଙ୍କ ଶେଷ ପରିଣତି କଅଣ ହୁଏ, ସମସ୍ତେ ଜାଣନ୍ତି ।

ବିଜ୍ଞାନକୁ ବେଖାତିର କରି ଜ୍ୟୋତିଷର ଗଣନାକୁ ବିଶ୍ୱାସ କରି ଗର୍ଭବତୀ ସ୍ତ୍ରୀର ପେଟରେ ପୁଅ ଅଛି ନା ଝିଅ ଜାଣିବାକୁ ଅନେକ ଲୋକ ଚାହାଁନ୍ତି । କାରଣ ପୁଅ ହେଲେ ପରମ୍ପରାକ୍ରମେ ନିଜର ପିତୃପୁରୁଷଙ୍କୁ ଶ୍ରାଦ୍ଧ କରି ପିଣ୍ଡଦାନ କରିବ । ଝିଅ ହେଲେ ଯୌତୁକ ସହ ପର ଘରକୁ ଚାଲିଯିବ । ଘରେ ପୁଅ ନଥିଲେ ଏବଂ ଗର୍ଭରେ ଝିଅ ଥିବା ସନ୍ଦେହ ହେଲେ କନ୍ୟା ଭ୍ରୂଣ ହତ୍ୟା କରିବା ଆଜି ଏକ ଜ୍ୱଳନ୍ତ ସମସ୍ୟା ଦେଖାଦେଇଛି । କାନୁନ ଅନୁସାରେ ଭ୍ରୂଣହତ୍ୟା ଏକ ଅପରାଧ । ତେଣୁ ଯଦି ଘଟଣାଟି ଧରାପଡିଯାଏ, ତେବେ ଶିଶୁର ବାପା, ମାଆ, ଜେଜେମା, ଜେଜେବାପା ଇତ୍ୟାଦି ଜେଲ ଦଣ୍ଡ ଭୋଗ କରନ୍ତି । କିନ୍ତୁ ଯେଉଁ ପଣ୍ଡିତ ବା ଜ୍ୟୋତିଷ ପୁତ୍ର ପ୍ରାପ୍ତିର ଲୋଭ ସେମାନଙ୍କ ମୁଣ୍ଡରେ ପୂରାଇ ଶିଶୁ ହତ୍ୟା କରିବାକୁ ପ୍ରୋତ୍ସାହିତ କରିଥିଲା, ତାହାର କିଛି ବି ହୁଏ ନାହିଁ । ପରଦା ପଛରେ ରହିଯାଇଥିବା ସୂତ୍ରଧର ଓ ଖଳନାୟକ ପ୍ରତି କେହି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି ନାହିଁ ।

ଫ୍ରାନସର ପ୍ରସିଦ୍ଧ ଲେଖକ "ଭ୍ୱାଲଟିୟର" କହିଛନ୍ତି ଜ୍ୟୋତିଷ ସହିତ ଖଗୋଳ ବିଜ୍ଞାନର ସଂପର୍କ ହେଉଛି ଠିକ୍ ଅନ୍ଧ ବିଶ୍ୱାସର ଧର୍ମ ସହିତ ରହୁଥିବା ସଂପର୍କ ଭଳି ।"

ଜ୍ୟୋତିଷମାନେ ଭାଗ୍ୟବାଦୀ ଲୋକମାନଙ୍କ ମାନସିକ ଦୁର୍ବଳତାକୁ ଭଲ ଭାବେ ଚିହ୍ନିପାରନ୍ତି । ପ୍ରତ୍ୟେକ ସଫଳ ଜ୍ୟୋତିଷ ନିଶ୍ଚିତ ଭାବେ ଜଣେ ମନସ୍ତାତ୍ତ୍ୱିକ, ଏଥିରେ ସନ୍ଦେହ ନାହିଁ । ସେମାନେ ଚତୁରତାର ସହିତ କେତୋଟି ପ୍ରଶ୍ନ କରି ବ୍ୟକ୍ତିର ରୁଚି, ଚରିତ୍ର, ଆବଶ୍ୟକତା ଓ ଦୁର୍ବଳତା ସମ୍ପର୍କରେ ଜାଣିପାରନ୍ତି । ତା ପରେ ଶୋଷଣ କରିବା ସହଜ ହୋଇଥାଏ । ଭବିଷ୍ୟତରେ କେତେକ ଗ୍ରହ ଦୋଷରୁ ଅନିଷ୍ଟ ହେବାର ସମ୍ଭାବନା ଦର୍ଶାଇ ବ୍ୟକ୍ତିଙ୍କୁ ଭୟଭୀତ କରନ୍ତି । ଗ୍ରହ ଦୋଷରୁ ମୁକ୍ତି ପାଇବାପାଇଁ, ପୂଜା, ଯଜ୍ଞ, ଦାନ, ଦକ୍ଷିଣା ଆଦି

କରିବା ପାଇଁ ଉପଦେଶ ଦିଅନ୍ତି । ଅସଲ ଉଦ୍ଦେଶ୍ୟ ହେଉଛି ସାଧାରଣ ଧର୍ମବିଶ୍ବାସୀ ଲୋକମାନଙ୍କ ପକେଟରୁ ଯେତେ ସମ୍ଭବ ଟଙ୍କା ଲୁଟିନେବା ।

ଆଜି ପର୍ଯ୍ୟନ୍ତ ଏମିତି କୌଣସି ବିଦ୍ୟା ବା ଜ୍ଞାନ ମନୁଷ୍ୟ ପାଖରେ ନାହିଁ ଯାହାଦ୍ୱାରା ଭବିଷ୍ୟତରେ କଅଣ ଘଟିବ, ସଠିକ ଭାବେ ଜାଣିପାରିବ ।

ଜ୍ୟୋତିଷ ଏବଂ ବୈଜ୍ଞାନକମାନଙ୍କ ଭିତରେ ପ୍ରଭେଦ କଅଣ? ଜ୍ୟୋତିଷମାନେ କେବଳ କଳ୍ପନା, ଅନୁମାନ ଏବଂ ଗ୍ରହମାନଙ୍କର ଭୁଲ ତଥ୍ୟ ଆଧାରରେ ଭବିଷ୍ୟତ ଫଳ ଘୋଷଣା କରିଥାନ୍ତି । ବୈଜ୍ଞାନକମାନେ ଗବେଷଣା ଓ ଅନୁସନ୍ଧାନ କରି ଯେଉଁ ତଥ୍ୟ ପାଇଥାନ୍ତି, ସେହି ଅନୁସାରେ ଭବିଷ୍ୟତ ଫଳ ସମ୍ପର୍କରେ ଘୋଷଣା କରିଥାନ୍ତି । ସେଥିପାଇଁ ଜ୍ୟୋତିଷଙ୍କ ଦାବି ଆଂଶିକ ବାବେ ସତ୍ୟ କମ୍ବା ସମ୍ପୂର୍ଣ୍ଣ ଭାବେ ଅସତ୍ୟ ହୋଇଥାଏ । କନ୍ତୁ ବୈଜ୍ଞାନକଙ୍କ ଦାବୀ ସଂପୂର୍ଣ୍ଣ ସତ୍ୟ କମ୍ବା ଆଂଶିକ ସତ୍ୟ ହୋଇଥାଏ ।

ବୈଜ୍ଞାନକ ଏବଂ ଜ୍ୟୋତିଷମାନଙ୍କ ଭିତରେ ଆଉ ଗୋଟିଏ ପ୍ରଭେଦ ହେଉଛି ଯେ, ବୈଜ୍ଞାନକ ମାନେ କେବେ ବି ନଜର ଗବେଷଣା ଲବ୍ଧ ଜ୍ଞାନକୁ ଚରମ ସତ୍ୟ ବୋଲି ଦାବି କରନ୍ତି ନାହିଁ । ଆଜି ଯାହା ମିଳଛି, ଭବିଷ୍ୟତରେ ଏହାଠାରୁ କଛି ଅଧିକ ମିଳପାରେ ବୋଲି ସ୍ୱୀକାର କରନ୍ତି । କନ୍ତୁ ଜ୍ୟୋତିଷମାନେ ଗଣନା କରି କହିଥିବା ତଥ୍ୟ ସଂପୂର୍ଣ୍ଣ ଭାବେ ସତ୍ୟ, ଏଥିରେ ଦ୍ୱିମତ ନାହିଁ ବୋଲି ଗର୍ବର ସହ ଦାବି କରିଥାନ୍ତି । ପ୍ରକୃତରେ ଜ୍ୟୋତିଷ ବିଦ୍ୟା ଏକ ଭ୍ରମଜାଲ । ବିଜ୍ଞାନ ସମ୍ମତ ନୁହେଁ । ଜ୍ୟୋତିଷ ବିଷୟରେ ଥିବା ଭୁଲ ଧାରଣା ଦୂର ହୋଇପାରିଲେ, ଜାତକ ମିଳନର ଚକ୍ରାନ୍ତରୁ ମୁକ୍ତି ପାଇ ଯୁବକ ଓ ଯୂବତୀମାନେ ନଜର ମନ ପସନ୍ଦର ଜୀବନସାଥି ପାଇପାରିବେ । ପରିବାର ସୁଖୀ ହେଲେ, ସମାଜ ବି ସୁଖୀ ହେବ । ଅନ୍ୟାନ୍ୟ ବିକଶିତ ଦେଶମାନଙ୍କ ଭଳ ଆମ ଦେଶ ବି ବିକଶିତ ହୋଇପାରିବ ।

କେ.ଆର. ପୂରମ, ବାଙ୍ଗାଲୋର

# ସଞ୍ଜୟ




ସଞ୍ଜୟ କୁମାର ନାଏକ

ଏ ଦୁନିଆରେ ଅଛନ୍ତି କୋଟି କୋଟି ତନୟ
ସେ କୋଟିଏରୁ ଗୋଟିଏ ଏ ସଞ୍ଜୟ
ଅଘରିଆ କୁଳରେ ଯେ ଜନମ ମୋହର
ମୋ ଜନ୍ମଭୂମି ଗାଁ ଅଟେ ପିପଲ ଡ଼ାବର ।
ମାତା ମୋର ତନୁଜା ଯେ ପିତା ଧନେଶ୍ୱର
ତାଙ୍କ ସୁପୁତ୍ର ଅଟେ ମୁହିଁ ବୀରବର ।
ମକରଧ୍ୱଜ ନାମେଣ ଯେ ଅଜା ମୋହର
ସୁଭଦ୍ରା ଦେବୀ ଯେ ଧର୍ମପତ୍ନୀ ତାଙ୍କର ।
ସୁଜିତ ନାମେଣ ଅଟେ ଭାଇ ଯେ ମୋହର
ଏ ସମସ୍ତଙ୍କୁ ନେଇ ମୋ ଖୁସିର ପରିବାର।
ମୋ ଜୀବନଠୁ ଭଲ ପାଏ  ଭାଇକୁ ମୋହର
ତା ଖୁସିରେ ଦେଖେ ମୋ ସୁନା ସଂସାର ।
ପିତାମାତା ଅଟନ୍ତି ଭଗବାନ ମୋହର
ଜୀବନ ଥିବାଯାଏ ପୂଜିବି ତାଙ୍କ ପୟର ।
ଜନ୍ମ ଦେଇ କରିଛନ୍ତି ମୋତେ ଉପକାର
ଋଣ ମୁଁ ଶୁଝିପାରିବିନି ଜନ୍ମଜନ୍ମାନ୍ତର ।
ଜୀବନେ କେବେ କାହାକୁ ନ କରି ହତାଦର
ସଭିଙ୍କୁ ମଣିଛି ମୋର ଅତି ଆପଣାର ।
ମାନବସେବା କରିବି ଜୀବନଥିବା ଯାଏ ମୋର
କହୁଛି, ଲଢିବି, ଲଢୁଥିବି ମୁଁ ନିରନ୍ତର ।
କେତେ ବାଧାବିଘ୍ନ ଆସିଛି ଜୀବନେ ମୋହର

କେବେ ବି ହାରିନ ଲଢିଛି ନ ହୋଇ କାତର ।
ଜୀବନେ ଆସୁ ଝଡ, ଝଞ୍ଜା, ଦୁଃଖ ଯେତେଥର
ନ ହୋଇ କାତର ନିଶ୍ଚୟ ଜିଣିବି ସମର ।
ସତ୍ୟକୁ କରି ସର୍ବଦା ପାଥେୟ ଜୀବନର
ଜୀବନ ସଂଗ୍ରାମେ ଲଢୁଛି ମୁଁ ନିରନ୍ତର ।
ଜୀବନେ କେବେ ବରିନି ମୁଁ ପରାଜୟ
କାହିଁକିନା ମୋ ଜୀବନ ରଥର ନାମ "ବିଜୟ"।
ଜୀବନ ଯୁଦ୍ଧେ ହେଉ ଜୟ ବା ପରାଜୟ
ଜୀବନେ କେବଳ ଏକା ଲଢିବ ଏ "ସଞ୍ଜୟ"।

ବଡ଼ଝାଙ୍କର ପାଲି(ପିପଲ ଡାବର)
ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାଟଣାଗଡ଼

# ଗୃହିଣୀ



ଅଶୋକ ଦାସ

ବାପଘରେ ସେହି ଅତି ସୁକୁମାରୀ
ଗେହ୍ଲେଇ କଣ୍ଢେଇ ଗୁଣୀ
ସେହି ଅଭିମାନ ଉଜୁଡି ଗଲାଣି
ପାଲଟିଲ୍ ଯେବେ ଗୃହିଣୀ ।୧।
ଦୁଇ କୁଳ ହିତ ସାଧନେ ସକାଶେ
ନାମ ବହିଅଛି ଦୁହିତା
ସଂସାର ସମାଜ ସଂସ୍କାର ଗଠନେ
ଅଚରେ ଗଢିଲ୍ ବିଧାତା ।୨।
ବାପା ଘରେ ଯିଏ ଆଗ ଖାଇବାକୁ
ବସୁଥିଲ୍ ଜିଦି କରି
ଶାଶୁ ଘରେ ଆଜି ଶେଷରେ ଖାଉଛି
ଥଣ୍ଡା ଭାତ ତରକାରୀ ।୩।
ବିଛଣା ଛାଡେ ସେ ପାହାନ୍ତି ରାତିରୁ
ମନ ଥାଏ ଧର୍ମ ପାଶେ
ଅନେକ ବେଦନା ଛାତିରେ ଲୁଚାଇ
ନିଦ୍ରା ଯାଏ ସବା ଶେଷେ ।୪।
ଅନ୍ୟର ବେଦନା ବୁଝିବାକୁ ଯାଇ
ନିଜ କଷ୍ଟ ଭୁଲିଯାଏ
ଅନ୍ଧାର ରାତିରେ ଗଂଭିରି ଭିତରେ
ଲୁହ ଧାରେ ଭିଜୁଥାଏ ।୫।

ଉଦର କନ୍ଦରୁ ରକତ ନଗାଡି
ସନ୍ତାନଙ୍କୁ ପାଳଥାଏ
ଟିକଏ ଖଇଗ୍ଲ ତା ପାଶେ ଦେଖିଲେ
ନଶିଦିନ ଭାଲୁଥାଏ ।୬।
ସ୍ୱାମୀ ପଛେ ହେଉ ଦୁଷ୍ଟ କ ସରଳ
ହୃଦ ଥାଏ ତାଙ୍କ ପଦେ
ଶାଶୁ ଶ୍ୱଶୁର ଙ୍କୁ ନଇତି ପୂଜଇ
ଶ୍ରଦ୍ଧା ରଖି ଅପ୍ରମୀତେ ।୭।
ଆପଣା ସୁଖର ଭଣ୍ଡାରୁ ଖୁସିରେ
ଆରେକ କୁ ଦିଏ ହସ
ସ୍ୱଜନ ମଙ୍ଗଳ ନରତେ ଚନ୍ତଇ
ପୁଣି ସାଜେ କ୍ରୀତଦାସ ।୮।
ଦଦର୍ ବୟାସେ ସୁଖ ପାଞ୍ଚିଥାଏ
ମନେ ମନେ କେତେ ଗୁଣୀ
ବୃନ୍ଦେ ଔଷଧ ଯେ ନମିଳେ ତାହାକୁ
ଘାଣ୍ଟି ଦିଏ ବ୍ୟାଧି ପୁଣି ।୯।
ସଂସ୍କାରି ଶିକ୍ଷିତ ସନ୍ତାନ ଗଣଙ୍କ
ଉପହାର ଅତି ଉତ୍ତମ
ଶେଷ ସମୟରେ କତର୍ ବୁଢୀଟି
ଯାଏ ଯେ ଅନାଥ ଆଶ୍ରମ ।୧୦।

# ଅପୂର୍ଣ୍ଣ ପ୍ରେମିକା



ମେନନ୍ ସାହୁ

କେତେ ପ୍ରେମକରେ ମୁଁ ତତେ
କହିବାକୁ ଶବ୍ଦ ପାଏନ
ଆଉ ଯେବେ ତାର୍ ପୁଞ୍ଜପରି ଶବ୍ଦପାଏ
ସେତେବେଳେ କେଉଁଠୁ ଆରମ୍ଭ କରିବି
ଜାଣି ପାରେନ।

ଅପୂର୍ଣ୍ଣ ପ୍ରେମିକ ମୋର ଅଙ୍ଗ ତୋର ବିକାର
ହେଲେ ପୃଥିବୀ ମଧ୍ୟେ ଅଛି ଯେତେ
ରମଣୀୟ ଆଉ ମନଲୋଭ୍ ଦୃଶ୍ୟ
ସର୍ବେସର୍ବ ଶ୍ରେଷ୍ଠ ଅଟୁତୁ,,,ଲେ ମୋହର।

ତନୁ ତୋର କାହା ପାଇଁ ହୋଇପାରେ
ବିଜୁଳ ମର୍ ଶୁଖିଲ୍ ବୃକ୍ଷ
ହେଲେ ମୋ ଆଖିରେ ତୁଲେ କେତେ ଗୁଣେ
ତାଜମହଲ ଠାରୁ ବି ଶ୍ରେଷ୍ଠ ।

ଆଖି ତୋର ବନ୍ଦ ଦେଖି କେଭ୍ବେ
ତୁ ଅନ୍ଧାରରେ ବଢୁଥିବା ନଷ୍ପାପ ଗୁଟେ ଜୀବ
ହେଲେ ମୁଁ ତ ଆଖିରେ ଦେଖିଛି
ସାତ ସମୁଦ୍ରକୁ ଲକ୍ଷ୍ୟ ଭେଦୁଥିବା ଏକ ବିର୍ଟ ଜଗତ।
ସକଳେ ଭ୍ବନ୍ତି କର୍ଣ୍ଣେ ତୋର

ଶୁଭେନାହିଁ ଛୋଟ ଏକ ପୃଥିବୀର ଶବ୍ଦ
ହେଲେ ମୁଁ ଜାଣିଛି ପ୍ରତି ସକାଳୁ ସେ କର୍ଣ୍ଣେ
ଶୁଣାଯାଏ ଜଗତର ଝରଣା, ଝଙ୍କାର ପରି
ସଙ୍ଗୀତର କୋଟିକୋଟି ନାଦ ।
କେ କହେ ଅଙ୍କାବଙ୍କା ଖଣ୍ଡିତ ନାସା ତୋର
ନଷ୍ଟେ କଷ୍ଟ ପାଉଥି ବସ୍ତର୍ଶେ ପ୍ରଭଞ୍ଜନ
ହେଲେ ସେ କାହୁଁ ଜାଣିବେ
ଯଦି ହୁଏ ବାଦ ବାୟୁ ରଖିବାର
ତେବେ ଜଗତରେ ତୁହେବୁ ଲୋ ସର୍ବଶ୍ରେଷ୍ଠ।

ପାଟି ଖୋଲି କଥାପଦେ କହିବୁ ତୁ ବୋଲି
ସେ ବିଶ୍ୱାସ ନାହିଁ ଆଜି କାହାର ଏଇଠି
ମୋତେ ଦେଖି ଓଠ ତୋର ଯେବେ ସାମାନ୍ୟ ଦୋହଲେ
ଭାବେ ମୁଁ ସେଥିରୁ ଭାସେ କେତେ ସୁମଧୁର ସ୍ୱର
ଯାହା ଶୁଆ, ଶାରୀ, କୋଇଲିଠାରୁ ବି ପ୍ରିୟ।
ଅଧା ଗଢା ତୋର ହାତ ଦେଖି
ଭାବନ୍ତି ପଡୋଶୀ
ଥରୁଟିଏ ସୁଆଦ ଖାଦ୍ୟ ତୁ ରାନ୍ଧି ନପାରଇ
ହେଲେ କଏସେ କହିବ କାନେ ତାଙ୍କ
ଯାଦୁଗରୀ ହାତେ ତୋର ଲକ୍ଷ୍ମୀ ପଡେ ବାଦ

ଗୋଡ ନାହିଁବୋଲି ତୋର ଭାବେ ଏଦୁନଆଁ
ଚାଲିବୁ କେମିତି ତୁ ଏତେସାରା ବାଟ
ହେଲେ କଏ ସେ ଭରସା ଦେବ ଏ ସମାଜକୁ
ଚାଲିବା ଆରମ୍ଭ କଲେ ତୁ ଥକବୁନ ଜମା
ବିରାଟ ପୃଥିବୀ ତୋ ପାଇଁ ଯେ
ଗେଣ୍ଡି ଖେଳର ଦୁନଆଁ।

ପର୍ଜଙ୍ଗ, ଢେଙ୍କାନାଳ

# ଉଦବୋଧନ
# ଭାଗ (୨)



କୌସ୍ତୁଭ ଜାଲ

ଆମେ ଏଭଳ ସମାଜରେ ରହୁଛୁ ଯେଉଁଠି ନାରୀ ଅଧିକାର ର କଥା ତ କୁହାଯାଉଛି ମାତ୍ର ଆଜି ଆମେ ସେତିକ ସମ୍ମାନ, ସେତିକ ଇଜ୍ଜତ ଦେଇନାହୁଁ ଯେତିକ ଦେବାର କଥା | ଆମ ପୁରୁଷ ପ୍ରଧାନ ସମାଜ ପାଇଁ ନାରୀ ଆଜି ଏକ ଭୋଗ୍ୟା ବସ୍ତୁ ହୋଇଯାଇଛି | ବ୍ୟବସାୟ କ୍ଷେତ୍ରରେ ନାରୀ ମାନଙ୍କୁ କୁହାଯାଉଛି ଲଜତ୍ୟାଗ କର ଲାଭପାଇବ | କେମିତି କୁତ୍ସିତ ବିଚାର | ଲଜ୍ଜା ନାରୀ ର ଭୂଷଣ ଅଟେ | ନାରୀ ହେଉଛି ଶାନ୍ତି ମୈତ୍ରୀ ଶକ୍ତି ର ପ୍ରତୀକ | ଏସବୁ ମହନୀୟ ଗୁଣ ତାକୁ ମାନବୀ ରୁ ଦେବୀ ରୂପ ପ୍ରଦାନ କରିଥାଏ | ଏଥିପାଇଁ ନାରୀ ଅତୀତ କାଳରେ ଘରର ଚାରିକାନ୍ଥ ମଧ୍ୟେ ରହି ମଧ୍ୟ ପତିବ୍ରତ ପାଳନକରି ପରିବାରର ତଥା ସମାଜର ମଙ୍ଗଳକାମନା କରିପାରୁଥିଲା | କିନ୍ତୁ ଆଜି ନାରୀ ତାର ବାସ୍ତବ ସ୍ୱରୂପକୁ ଭୁଲିଯାଇ ବସ୍ତୁବାଦିନୀ ହୋଇପଡି ପୁରୁଷଙ୍କ ସହିତ ତାଳ ମିଳାଇ ଆର୍ଥିକ ପ୍ରତିଯୋଗିତାରେ ପାଦପକାଇଛି ପରିଣାମ ସ୍ୱରୂପ ତାର ଚରିତ୍ରିକ ପତନ ଘଟୁଛି | କଥାରେ ଅଛି ଗୋଟିଏ ହାତେ ତାଳ ବାଜେ ନାହିଁ | ଅର୍ଥାତ ଆର୍ଥିକ ଏବଂ ଚରିତ୍ରିକ ଉଭୟ କ୍ଷେତ୍ରରେ ନାରୀ କୁ ସୁଦୃଢ କଲେ ରାଷ୍ଟ୍ରର ବିକାଶ ସମ୍ଭବ ହେବ |

ଆମେ ଏଭଳ ସମାଜରେ ରହୁଛୁ ଯେଉଁଠି ପାଷାଣ ପ୍ରତିମାକୁ ଛପନ ଭୋଗ ଲଗାଉଛୁ ପରନ୍ତୁ ଭୋକ ଉପାସରେ ମରୁଥିବା ଗୋଟିଏ ଗରିବକୁ ଖାଇବାକୁ ମୁଠାଏ ଦେଉନାହୁଁ | କେହିକେହି ସହୃଦୟ ବ୍ୟକ୍ତି ଅଛନ୍ତି ଯେ ଯେଉଁମାନେକ ଦାନଦେଇ ସେବା କରୁଛନ୍ତି, ଏଇଟାତ ଉତ୍ତମ ବିଚାର କିନ୍ତୁ ମୋମତରେ ଦାନଦ୍ୱାରା ଗରିବୀ ଦୂର ହେବନାହିଁ | ଏହାଦୂର ହେବ କାମଦ୍ୱାରା | ତେଣୁ ତାଙ୍କୁ ଯେତେଦିନ ପର୍ଯ୍ୟନ୍ତ ଆତ୍ମନିର୍ଭରଶିଳ ନକରିଛୁ ସେତେଦିନ ପର୍ଯ୍ୟନ୍ତ ରାଷ୍ଟ୍ରର ବିକାଶ ହେବନାହିଁ ।

ଗୋଟିଏ ବୈଶ୍ବିକ ଦୁର୍ବଳତା ଆମଠାରେ ଅଛି | ଶୁଣିବାକୁମିଳେ କ ଦୁନିଆର ସର୍ବଶ୍ରେଷ୍ଠ ଲୋକତନ୍ତ୍ର ଆମଦେଶରେ ଅଛି | ଏକଥାସତ୍ୟ, ମାତ୍ର ଦୁଃଖ ଏଥିପାଇଁ ଲଗେକ ଏଠାରେ ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ମତପନ୍ଥ ଜନ୍ମ ହୁଏ ଅପିତୁ ଜନ୍ମହୁଏ ନାହିଁ ମାନବତା | ତେଣୁ ମୋବିଶ୍ବରରେ ରାଷ୍ଟ୍ର ନିର୍ମାଣ ପାଁଇ ନା କୌଣସି ଧର୍ମ ସମ୍ପ୍ରଦାୟ ନା କୌଣସି ମତ ପନ୍ଥ ର ଆବଶ୍ୟକତା ଅଛି, ଆବଶ୍ୟକତା ଅଛି ପ୍ରକୃତ ମଣିଷତ୍ୱର | ତେବେଯାଇ ଆମର ବିକାଶରଥ ଆଗକୁ ଆଗକୁ ଅଗ୍ରସର ହୋଇପାରିବ |

ଡୁଡୁକା, ବଲାଙ୍ଗୀର

ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:

editor.vedantimagazine@gmail.com / vedantimagazine@gmail.com

# କରୋନା ଚଉତିଶା

ଉମେଶ କୁମାର ବିଶ୍ୱାଳ

କୁହ ପ୍ରଭୁ ଏ ଜଗତ    କ ଦୋଷ କଲା
କରୋନାର ମହାଜାଳେ    ଢାଙ୍କି ହୋଇଗଲା !
ଖବରର ଗୁଞ୍ଜରଣ    ଏହି ମହୀ ତଳେ
ଖୋଲାହାତ ଖୋଲାମୁହଁ    ବିପଦ ବଢାଏ ।
ଗନ୍ତବ୍ୟ ପଥକୁ ଗୃହିଁ    ଦିନ ବିତିଯାଏ
ଗରିବର ଦୁଃଖ କଷ୍ଟ    କରୋନା ବଢାଏ ।
ଘରଛଡା ଆଉ କଛି    ଅନ୍ୟଗତି ନାହିଁ
ଘରେରୁହ ସୁସ୍ଥ ଥାଅ    ହେ ଭଉଣୀଭାଇ ।
ନେଇଯିବ କାଳଯମ    ନ କରିଣ ଡେରି
ନୟମ ନମାନ ଗଲେ    ସଦନୁ ବାହାରି ।
ଗୃଷୀର ଫସଲସବୁ    ଅବିକା ରହିଲା
ଚଉଦିଗ କଥାଭାବି    ଜୀବନ ହାରିଲା ।
ଛାତ ତଳେ ରହିବାଟା    ସବୁଠାରୁ ଭଲ
ଛକ ଆଡେ ବୁଲିବାଟା    ଜୀବନର କାଳ ।
ଜନପଦ ଦେଶେ ଏହା    ହୋଇ ଯମଦୂତ
ଜନତାଙ୍କ ରକ୍ତ ଶୋଷେ    କରିଣ ନହତ ।
ଝାଉଁଲି ଯାଏ ପରାଣ    ଏ ଭୂତାଣୁ ପାଇଁ
ଝୁରେ ପୁନ୍ନ ହୋଇ ଶୋକ    ମାତାପିତା କାହିଁ ।
ନରୀହଲୋକ ଏଥିରେ    ହୋଇ ବାଟବଣା
ନଳୟ ଅଭାବେ ଭୋଗେ    ଜୀବନ-ଯନ୍ତ୍ରଣା ।

ଟଙ୍କା ହୋଇଯାଏ ହୀନ    ଡଲାର ଆଗରେ
ଟପିଯାଏ ମୃତ୍ୟୁ ଏଠି    ଜନ୍ମ ତୁଳନାରେ ।
ଠାକୁର ହୋଇଗଲେଣି    ପଥର ହୃଦୟ
ଠାରି କହିଲେଣି କଷ୍ଟେ    ହୋଇବ ପ୍ରଳୟ ।
ଡଙ୍ଗା ବୁଡିଲାଣି ନୀଳ -    ସାଗର ମଝିରେ
ଡୋର କରୋନାର ଜମା    ଛିଡୁନ ସଂସାରେ ।
ଢମଣା ସାପ ସଦୃଶ    ନ ହୁଅ ଛାନିଆ
ଢାଙ୍କିଦେବା ମୁହଁ ନାକ    ଦୂରେ ହେବା ଠିଆ ।
ଅଣାୟତ୍ତ ହେଉଛି ଏ    ବିଭୀଷିକା ପରି
ଏଣୁ ଆମେ ଦ୍ୱାରଦେଶୁ    ନଯିବା ବାହାରି ।
ତରିଯିବା ବିପଦରୁ    ମାନିଲେ ନିୟମ
ତାରଣ - କରତା ଆମେ    ଫେରିଯିବ ଯମ ।
ଥମିଯିବ କରୋନାର    ଏହି ପ୍ରାଦୁର୍ଭାବ
ଥୟଧରି କାମକରି    ନିଳୟେ ରହିବ ।
ଦଳବଦ୍ଧ ହୋଇ ଏହା    ସଂକ୍ରମିତ କରେ
ଦୁଇଟିରୁ ଗୁରି ହୋଇ    ବଂଶକୁ ବଢାଏ ।
ଧୋଇବା ସାବୁନେ ହାତ    ଆମେ ପ୍ରତିକ୍ଷଣ
ଧିରେ ଧିରେ ଶେଷ ହେବ    କରୋନା ଲକ୍ଷଣ ।
ନ ଲଢିବା ଯଦି ଆମେ    କରୋନା ବିପକ୍ଷେ
ନେଇଯିବ ପ୍ରାଣ ଆମ    ଏକଇ ପଲକେ ।
ପରିବାର ସାଥେ ରହି    ଦିବସ କାଟିବା
ପର ଉପକାର କରି    କରୋନା ଜିଣିବା ।
ଫୁଟିବ ହସର ଫୁଲ    ସଭିଙ୍କ ବଦନେ
ଫେରିବ ଆଶା ଆଲୋକ    ପ୍ରତି ପ୍ରାଣେ ପ୍ରାଣେ ।
ବଣର ମାଳତୀ ପରି    କଷ୍ଟେ ମଉଳିବ

ବେଶୀଦିନ ରହିବନ ଏହାର ପ୍ରଭାବ ।
ଭୂତାଣୁ ଏ ମହାମାରୀ ଏକବିଂଶେ ଆସି
ଭାରତ ସମେତ ବିଶ୍ୱେ ପଶିଗଲା ଧସି ।
ମରଣଶଯ୍ୟାରେ ଲୋକେ ହୋଇ ହାହାକାର
ମହାବିପଦ ଏମନ୍ତେ ଧ୍ୱଂସିବ ସଂସାର ।
ଯେପରି ଆସିଛି ଏହା ସେପରି ଫେରିବ
ଯବନିକା କରୋନାର ନିଶ୍ଚୟ ପଡିବ ।
ଗାଇଜର ଲୋକେ ଆଉ ନ ହୁଅ ଛାନିଆ
ରକ୍ଷା ପାଇଯିବା ଆମେ ଜିତିବ ଦୁନିଆ ।
ଲକ୍ଷାଧିକ ଲୋକ ଏବେ ଯମନଗରୀରେ
ଲୋଚନର କୋହଭରା ଭାସେ ଅଶ୍ରୁଧାରେ ।
ଲଙ୍କାଗଡ ଧ୍ୱଂସ ହେଲା ଶ୍ରୀରାମ ବାଣରେ
ଲୋକେ ରକ୍ଷା ପାଇଯିବେ ଆପଣା ଧୈର୍ଯ୍ୟରେ ।
ଶିବଙ୍କର ଶିରେ ଦେବା ପ୍ରେମ-ଭକ୍ତି-ଜଳ
ଶରଧାରେ ଖୁସି ହୋଇ ହରିନେବେ କାଳ ।
ଶିକ୍ଷାସ୍ୱାସ୍ଥ୍ୟ ପ୍ରତିଦେଶେ ପୁଣି ସଜହେବ
ସମୟର ତାଳେ ତାଳେ ବିକଶିତ ହେବ ।
ସାମାଜିକ ଦୂରତାରେ ରହିବା ନିଶ୍ଚୟ
ସଙ୍ଗରୋଧ ମାନନେବା ହୋଇ ନିରିଭୟ ।
ହାରିଯିବା ନାହିଁ ଆମେ ଜୀବନ ଯୁଦ୍ଧରେ
ହରେଇବା ସମସ୍ତଙ୍କୁ ଏକଜୁଟ ହେଲେ ।
କ୍ଷୋଭ ହେବନାହିଁ ମୋତେ ଭୁଲ୍ ଥିଲେ ଯହିଁ
କ୍ଷମାଠାରୁ ଭଲଗୁଣ ଏ ସଂସାରେ ନାହିଁ ।

ସାନଟୀକା, ଲୋଇସିଂହା, ବଲାଙ୍ଗୀର

# କପରି ଭାରତ ହେବ ସ୍ୱଚ୍ଛ



ଏସ୍. ଶ୍ରୀମନ ନାରାୟଣ ପାତ୍ର

ମନଦେଇ ଶୁଣିବା ହେଉ ବସ୍ତ।
ଭାରତ ହେବ କପରି ବା ସ୍ୱଚ୍ଛ।।୧।।
ପଲିଥିନର ନକର ଆଉ ବ୍ୟବହାର।
ପୁନଃ ଚକ୍ରଣ ପଦ୍ଧତିର କର ଆଦର।।୨।।
ଆବର୍ଜନା ଦ୍ୱାରା ପରିବେଶ ସିନା ଅସ୍ୱଚ୍ଛ।
ଅରାଜକତା ନଗଲେ ଭାରତ ହେବ ନସ୍ୱଚ୍ଛ।।୩।।
ନାରୀ ମୁହଁରେ ନାହିଁ ମନଖୋଲା ହସ।
ରାଜନୀତିରେ ଭରି ରହିଛି ଗାଢ଼ ବିଷ।।୪।।
ରାମମନ୍ଦିର ହୋଇଯିବ ତିନ ବର୍ଷରେ।
ରାମରାଜ୍ୟ ରହିଯିବ କେବଳ ସ୍ୱପ୍ନରେ।।୫।।
ଅନ୍ୟାୟ ଅନୀତି ଯଦି ହଟୁନ ଭାରତରୁ।
ସ୍ୱଚ୍ଛ ଭାରତ କଥା ପୋଛିଦିଅ ମନରୁ ।।୬।।
ଅଳଆ ଆବର୍ଜନା ସିନା ସଫା କରିଦେବା।
ମନରୁ ଆସୁରିକ ପ୍ରବୃତ୍ତି କେବେ ହଟାଇବା।।୭।।
ପାଠ ପଢିଦେଲେ ହେବାନାହିଁ ଶିକ୍ଷିତ।
ଅନ୍ୟକୁ ଦୁଃଖଦେଇ ଚାଲିବନ ଜଗତ।।୮।।
କୁଢ଼କୁଢ଼ ମଇଳା ଭରିଅଛି ଆମ ମନରେ।
ହଜାର ହଜାର ରାବଣ ବୁଲନ୍ତିଭା ରତରେ।।୯।।
ଦୁଃଶାସନଙ୍କ ଅଭାବ ନାହିଁ ଆଉ ଦେଶରେ।
ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ରହିଯିବ ସ୍ୱପ୍ନରେ।।୧୦।।

ଅନ୍ୟକୁ ଉପଦେଶ ଦେବା ଭାରି ସହଜ।
ନିଜେ ପାଳନ କରୁନାହୁଁ ବୁଝେନି ମଗଜ।।୧୧।।
ଭାଷଣ ଦେଇ ଆମେ ଦେଖାଉ ଭଲ।
ମନରେ ଥାଏ କେବଳ ହିଁ ଭେଳ ।।୧୨।।
ପ୍ରଦୂଷଣ ପାଇଁ ଆମେସବୁ ଚିନ୍ତିତ।
କେତେ ଗଛ ଲଗାଇଛ ଭାବି କୁହତ ? ।।୧୩।।
ପରିବର୍ତ୍ତନ କର ଆଗେ ନିଜ ମନକୁ ।
ଦୋଷଦେବ ବସ୍ତ ପରେ ଅନ୍ୟକୁ।।୧୪।।
ଗଛ ଲଗାଇ କର ବାୟୁମଣ୍ଡଳ ସ୍ୱଚ୍ଛ।
ପ୍ଲାଷ୍ଟିକବ୍ୟବହାର ନକଲେ ପରିବେଶ ସ୍ୱଚ୍ଛ।।୧୫।।
ଲାଞ୍ଚ ଦିଆନିଆ ବନ୍ଦହେଲେ ଶାସନ ସ୍ୱଚ୍ଛ।
ନାରୀ ସମ୍ମାନ ପାଇଲେ ଭାରତ ହେବ ସ୍ୱଚ୍ଛ।।

ବଡ଼ଗଡ, ଗଞ୍ଜାମ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ତୁମ ପାଇଁ ପ୍ରିୟ ପଦେ



ସରୋଜ କୁମାର ଜେନା

ପ୍ରେମ କରି ଇତି ତୁମେ ପର୍ ଜିତି
ଭୁଲିଗଲ ମୋତେ ପ୍ରିୟ,
ଅନ୍ୟ ସଙ୍ଗେ ପ୍ରୀତି ବଢ଼ାଇଣ ନିତି
ଭାଙ୍ଗିଲ ମୋର ହୃଦୟ ।୧।

ମନର ବେଦନା ବୁଝିଲନି ସିନା
ହୋଇଗଲ ସ୍ୱାର୍ଥପର,
ମାୟା ତୁମେ କରି ମନେ ସ୍ୱାର୍ଥ ଭରି
ଅନ୍ୟକୁ କଲ ନିଜର ।୨।

ଦେଇଥିଲ କହି ସାତ ଜନ୍ମ ପାଇଁ
କରିବାକୁ ତୁମ କାନ୍ତା,
ଦେଖ ଦେଖ ମୋର ନାହିଁଯେ ସିନ୍ଦୂର
ଖାଲି ପଡ଼ିଅଛି ମଥା ।୩।

ଦେଖେ ମୁଁ ଆଇନା ନିତି ଦିନ ସିନା
ନେତ୍ରରୁ ଅଶ୍ରୁ ଶୁଖେନା,

ପ୍ରେମ କଲ ତୁନା ଭରିଲ ବେଦନା
କତି କାନ୍ଦେ ତୁମ ବିନା ।୪।

ହୋଇ ପଛ ଦିନ ରହିଗଲ୍ ଜାଣ
ମୋର ପ୍ରେମ ଆଜି ସ୍ମୃତି,
ତୁମକୁ ଝୁରିଣ କରିଛି ରୋଦନ
କେତେ ଦିନ କେତେ ରାତି ।୫।

ଦେଖ ଦେଖ ଆଜି ଏକା ମୁହିଁ ସାଜି
ରହିଲି ପର ବାଡୁଅ,
ଭାଙ୍ଗିଣ ହୃଦୟ ଭଲଦେଲ ରାୟ
ତୁମେ ପର ସେହି ପୁଅ ।୬।

ହେଲ୍ ସମାପନ ବିବାହ ହୋଇଣ
ଗଢ଼ିଲ ନବ ଜୀବନ,
ଦେଇଣ ଭରସା ଭାଙ୍ଗିଦେଲ ଆଶା
ଭାଙ୍ଗିଦେଲ ମୋର ମନ ।୭।

ଦୂରରେ ବି ଥାଇ ତୁମ ସୁଖ ପାଇଁ
କଇତି ଢାଳେ ପ୍ରଣତି,
ସୁଖ ଭରି ଯାଉ ଦୁଃଖ ଦୂର ହେଉ
ତୁମେ ହୁଅ କତି ଶାନ୍ତି ।୮।

ବାଲିଝରୀ, ନରସିଂହପୁର, କଟକ

# ସେଇ ଅଭୁଲା ରାତି ର ସାଥୀ...



ସୁଧାଂଶୁ ଶେଖର ମଣ୍ଡଳ

ସୁଧାଂଶୁ...Switch off ??

ଲିଲି କହୁଥିଲେ ଠିକ୍ ସମୟରେ ଆସି ମୋ  ସହିତ କଥାହେବ ବୋଲି ଅପେକ୍ଷା କରି କରି ୧ ଘଣ୍ଟା ହେଇଗଲାଣି କ'ଣ ପାଇଁ ଆସିଲେନ ତା'ର କାରଣ କ'ଣ ହେଇପାରେ ତା'ମାନେ । ମୋତେ ବିବାହ କରିବେନ ବୋଲି ଏମିତି ଗୋଟେ ମିଛ ପ୍ରହସନ ନାଟକ ନୁହେଁ ତ !!

ଲିଲି...sorry ଆସିବାର ମୋର ଟିକେ late ହେଇଗଲା ! ଏମିତି କ'ଣ ଦେଖୁଛନ୍ତି ଚହ୍ନି ପାରୁ ନାହାଁନ୍ତି କ ?

ସୁଧାଂଶୁ... ହଁ ଚହ୍ନି ପାରୁଚ ଜାଣିବି ପାରୁଚ !

ଲିଲି...ଆପଣ ଭାବୁଥିବେ ମୁଁ ଆସିବିନ ବୋଲି !

ସୁଧାଂଶୁ...ନାଇଁ ସେ କଥା ଭାବୁନଥିଲି ଭାବୁଥିଲି ସୁଶ୍ରୀଙ୍କୁ ପାଇବାକୁ ହେଲେ ଆଉ କେତେ ମୋ ତପସ୍ୟା କରିବାକୁ ପଡିବ !

ଲିଲି...ତପସ୍ୟା କ'ଣ ପାଇଁ କରିବେ ମୁଁ କହ ସ୍ୱର୍ଗର ଅପସରୀ ନା ପରୀ ରାଇଜର ନୀଳପରି !

ସୁଧାଂଶୁ...ସେଦିନ ରାତିରେ ମୁଁ ତୁମକୁ ଭଲଭାବେ ଦେଖିପାରିନଥିଲି ଝାପ୍ସା ଆଲୁଅରେ ତମ କଣ୍ଠ ସ୍ୱରର ଯାଦୁ ମୋ ଦେହର ଯନ୍ତ୍ରଣାକୁ ଅନେକାଂଶରେ ଦୂରୀଭୂତ କରିଥିଲା ! ଟେମ୍ପୁରେ

ବସି ଗଲାବେଳେ ତମହାତର ସ୍ପର୍ଶ ମୋତେ ଅମୃୟତାର ସ୍ୱାଦ ଚଖେଇ ଥିଲା ! ଆଉ ମେଡିକାଲ୍ ରେ ଦେଖିଥିଲି ମୋତେ ବଞ୍ଚେଇବା ପାଇଁ ତମ ମନରେ ବ୍ୟଗ୍ରତା !

ଲିଲି...ନାଇ ନାଇ ସେମିତି କଛି ବି କଥା ନୁହଁ !

ସୁଧାଂଶୁ...ସେମିତି କଛି ନୁହେଁ କାହିଁକ ତାହା ହଇନଥିଲେ ମୁଁ ଆଜି ଏଠି ସାକ୍ଷାତ କରିବାକୁ ଆସିନଥାନ୍ତା !

ଲିଲି...ଆପଣ ମୋତେ ଭୁଲ୍ ବୁଝୁଛନ୍ତି ଆପଣଙ୍କୁ ମୋର କଛି ପ୍ରଶ୍ନର ଉତ୍ତର ମୋର ଆବଶ୍ୟକତା ଥିଲା ସେଥି ପାଇଁ ଆଜି ଏ ସାକ୍ଷାତର ପର୍ବ !

ସୁଧାଂଶୁ...ତୁମ ପ୍ରଶ୍ନର ଉତ୍ତର ତ ମୁଁ ନିଶ୍ଚିତ ଦେବି ହେଲେ ତା ଆଗରୁ ମୋତେ କୁହ ସେଇ ଯେ, ମୋତେ ନେଇ Hospital ରେ ପହଞ୍ଚାଇଦେଲେ ଆଉଟିକେ ଦେଖା କରିବାକୁ ଗଲଣି ମୁଁ ସୁସ୍ଥ ହେଲକ ନାହିଁ କେମିତି ଅଛି ଏକଥା ଜାଣିବା ପାଇଁ ବି ପ୍ରକାଶ କଲଣି ସେଇ ରାତିର ଏତେ ଅନ୍ତରଙ୍ଗ ସାଥୀ ହେଇ ଏତେ ନିଷ୍ଠୁର ହେଇପାରିଲ କେମିତି !

ଲିଲି...ଆପଣ କେମିତି ଭାବି ପାରୁଛନ୍ତି ମୁଁ ନିଷ୍ଠୁର ହେଇଗଲି ବୋଲି ! କେମିତି ଭାବିପାରୁଛନ୍ତି ମୁଁ ମନେ ରଖିନ ବୋଲି !

ସୁଧାଂଶୁ...ତେବେ

ଲିଲି...ଦେଖା କରିବାକୁ ଯାଇଥିଲେ ଆପଣ ପ୍ରମାଣ ପାଇଯାଇଥାନ୍ତେ !

ସୁଧାଂଶୁ... ନାହିଁ ମନର ଭାବନା ଆହୁରୀ ଦୃଢିଭୂତ ହେଇପାରିଥାନ୍ତା !

ଲିଲି...କେଇଘଣ୍ଟା ରାତିର ସାଥୀ ଭିତରେ ମୋତେ ଜୀବନ ସାଥୀ କରିବାକୁ ନିସ୍ପତି ନେଇ ସାରିଲେଣି ଆଉ ବାରମ୍ବାର ଦେଖା ହେଇଥିଲେ ଅଧିକ କ'ଣ ହେଇଥାନ୍ତା !

ସୁଧାଂଶୁ...ଭବୁଚ ଏମିତି ଗୋଟେ ସାକ୍ଷାତକାର ଆବଶ୍ୟକତା ପଡି ନଥାନ୍ତା !

ଲିଲି...ନିଶ୍ଚିତ ଆବଶ୍ୟକ ମନେ କରିଥାନ୍ତି !

ସୁଧାଂଶୁ...ମାନେ

ଲିଲି...କାହିଁକି ନା ବିବାହ ହେଉଛି ମଣିଷ ଜୀବନର ସବୁଠୁ ଅମୃତମୟ ନିଷ୍ପତି ସାଥିରେ ଜୀବନସାଥୀ ଏଇଟା କ'ଣ ସାଧାରଣ କଥା ହେଉଛି ! କାଇଁ ଏମିତି ଗୋଟେ ସାକ୍ଷାତକୁ ଆପଣ କ'ଣ ଇଛା କରିନଥିଲେ !

ସୁଧାଂଶୁ...ହଁ

ପ୍ରାଥମିକ ଶିକ୍ଷକ, ବାଲେଶ୍ୱର

ବେଦାନ୍ତୀ ର ନୂତନ ବର୍ଷର ସଂସ୍କରଣରେ ସ୍ଥାନ ପାଇବା ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବାର ଶେଷ ତାରିଖ ହେଉଛି ୧୦/୧୨/୨୦୨୦ । ଗଳ୍ପ, ଅଣୁଗଳ୍ପ, ପ୍ରବନ୍ଧ, ରମ୍ୟ ରଚନା ଏବଂ ଓଡିଶା ସଂସ୍କୃତି ଓ ପର୍ଯ୍ୟଟନ ଉପରେ ଲେଖା ପଠାଇବାକୁ ଅନୁରୋଧ । ଲେଖା ପଠାଇବାର ଠିକଣା:

editor.vedantimagazine@gmail.com / vedantimagazine@gmail.com

# ହେ ବୀର ସୈନିକ



ଲିଜନ କୁମାର ନାଏକ

ଲେଖୁଅଛି ମୁଁ କଲମ ମୁନରେ
ବୀର ପୁରୁଷ ର ଗାଥା
ଭାରତ ବର୍ଷ ର ଦରବାରେ ଭେଟ
ଦିଏ ଯେ ନିଜର ମଥା।।

ମାତୃଭମି ର କାଗଜ ପୃଷ୍ଠା ରେ
ରକ୍ତ କଲମ ଧରି
ଲେଖି ଯାଆନ୍ତି ବଳିଦାନ କଥା
ମୁହଁ ରେ ହସ ଭରି।।

ତପନ ପରି ନିଜେ ଜଳିଯାଇ
ଖେଳାନ୍ତି ଆଲୋକଧାର
ତାଙ୍କ ପାଇଁ ହୁଏ ଆମ ଜୀବନ
ଖୁସି ଓ ଆନନ୍ଦରେ ଭରି।।

ଧନ୍ୟ ହୁଏ ଏ ପବିତ୍ର ମାଟି
ବୀରସନ୍ତାନ କୁ ପାଇ
ଶହୀଦ ହୁଅନ୍ତି
ବୀରତ୍ୱ ର ଗାଥା ସମସ୍ତଙ୍କୁ କହିକହି।।

ପରିବାର ଛାଡ଼ି, କଷ୍ଟ ଭୋଗ କରି
କରିଥାନ୍ତି କର୍ତ୍ତବ୍ୟ ଏକ
ଧନ୍ୟ ହେ ବୀର, ସୈନିକ ଧନ୍ୟ ହେ
ଧନ୍ୟ ହେ ବୀର ସୈନିକ।।

ବିଗ୍ରାମାଳ, ଧର୍ମଗଡ, କଳାହାଣ୍ଡି

# ହେ ନାବିକ

ବଙ୍ଗଳା: ଫାଲଗୁନ ଘୋଷ
ଓଡିଆ: ପ୍ରଶାନ୍ତ କୁମାର ନାଥ


ପ୍ରଶାନ୍ତ କୁମାର ନାଥ

ଅବଶେଷେ ଜୟୀ ହୁଏ କବିତା
ଜ୍ଞାନ ଓ ବୁଦ୍ଧିର ସମ୍ମିଳନ ।
ଯେଉଁ ପକ୍ଷୀ ନୀରବେ ସାଧେ ଗୀତ
ସେହି ତ ଦିନେ ଅସଂଖ୍ୟ ଅଜସ୍ର ଜନତାର
ମଝିରେ ଖୋଜି ପାଏ ସମ୍ମାନ ॥

ଆଜିର ଏଇ ଭ୍ରଷ୍ଟ ରାଜନୀତି
କ୍ୟାମେରାର କ୍ଲିକ୍ କୁ ସମ୍ବଳ କରେ
କଛି କଛି ଶୁଭେଚ୍ଛୁ ନାମର ପ୍ରସୂତି ୱାର୍ଡରେ
ଆଣ୍ଠୁ ମାଡି ବସି ମଥା ନତ କରି
ଶକ୍ତି ଏବଂ ବିବେକ ନକଟରେ ବନ୍ଧା ଦିଏ ଆତ୍ମା ।

ଏଇଭଳ ଦିନେ ଗିଳ ଖାଇଥିଲା
ଡକ୍ଟର ଫସଷ୍ଟାସଙ୍କର ହୃଦୟ,
ଜୀବନ ବିପନ୍ନ ହେଲେ ମଣିଷ ପ୍ରାୟଶ୍ଚିତ ଗ୍ରହେଁ
ମୁଣ୍ଡ ପିଟେ, ଈଶ୍ୱରଙ୍କ ପାଦେ ନତଜାନୁ ହୋଇ ।

ତା ଆଗରୁ ଜାଣିନେବା ଦରକାର
କେଉଁଠି ସରଳତମ ସତ୍ୟ ଅଛି ଲୁଚ ।

ନକଲ ମୁଖାଧାରୀ ପଛରେ ନଷ୍ଟ ସମୟର ପରାକାଷ୍ଠା ।
ଧୈର୍ଯ୍ୟ ଧର ହେ ନାବିକ ଏଇ ତ ଆସୁଛି
ବସିଛ ସିଟ୍ ରେ ଜୀବନର କକପିଟ୍ ରେ ।

ଗୋବିନ୍ଦପୁର, ଟାଙ୍ଗି, କଟକ

# ସ୍ୱ-ସ୍ୱରୂପ ପ୍ରତିଭାତ ହୁଏ ଯେବେ ହୃଦେ



ରମେଶ ଚନ୍ଦ୍ର ସାହୁ

ଶ୍ରୀ ରାମକୃଷ୍ଣ ଦେବଙ୍କ ଇଷ୍ଟ ଗୋଷ୍ଠୀ ଗଣ,
ମର୍ତ୍ତ୍ୟ ଭୁବନକୁ ଆମ୍ଭେ ଆସୁ ଜଣ ଜଣ ।
ବିଭୁ ନିର୍ଦ୍ଦେଶିତ ସର୍ବ କାର୍ଯ୍ୟମାନ ସାରି,
ସ୍ୱ-ସ୍ୱରୂପକୁ ଆମ୍ଭେ ପୁନର୍ବାର ଫେରି ।
ଜଗତ କଲ୍ୟାଣ ଆମ୍ଭ ଏ ଜନ୍ମରେ ମୁଖ୍ୟ,
ଅନ୍ତରେ ବୈରାଗ୍ୟ ସଦା ବିଷୟ ବିମୁଖ ।
ଦେବତ୍ୱକୁ ଜଗାଇଣ ପରମାତ୍ମା ଲକ୍ଷି,
ଉପନିଷଦ ଭାଷାର ଆମ୍ଭେ ହୁମା ପକ୍ଷୀ ।
ମହାମାୟାଙ୍କର ଏହି ଲୀଳା ଖେଳା ଘର,
"ମାଆ" "ମାଆ" ଉଚ୍ଚାରିଣ ନୋହିଁବୁ ପାମର ।
ଅଦୃଷ୍ଟ ଇଙ୍ଗିତେ ଯାହା କହେ ଜଗନ୍ନାଥ,
ସେ କାର୍ଯ୍ୟ ସାଧନେ ମଣୁ ଆପଣେ କୃତାର୍ଥ ।
ସ୍ୱାର୍ଥ ଗନ୍ଧ ଶୂନ୍ୟ କାମ କାଞ୍ଚନକର୍ଦ୍ଦମା,
ସ୍ୱରୂପ ଜାଗିଲେ ଆଉ ନ ମାଡୁ ହେ ଜମା ।
ପିତା ଆମ୍ଭର ହେ ସ୍ୱୟଂ ରାଜରାଜେଶ୍ୱର,
ଦୀନ ହୀନବୋଲି କପାଁ କରିବୁ ସ୍ୱୀକାର ।
ସ୍ୱ-ସ୍ୱରୂପ ପ୍ରତିଭାତ ହୁଏ ଯେବେ ହୃଦେ,
ମିଳିତ ହେଉ ଯାଇଣ ସେ ପରମ ପଦେ ।
ଆତ୍ମା ଆମ୍ଭର ଶଙ୍କର ବୁଦ୍ଧିଟି ଭବାନୀ,
ସକଳ ଇନ୍ଦ୍ରିୟ ବୃତ୍ତି ଅନୁଚର ମଣି ।
କାଳ କାଳୀ କାଳୀ ନାମ ଅଟେ ମହାତୀର୍ଥ,

କାଳୀ ମହିମା ଜାଣିଲେ ଜୀବନ କୃତାର୍ଥ ।
ମାଆର ସୁଦୟେ ଯେବେ ମିଳେ ଆତ୍ମଜ୍ଞାନ,
ତାହାର ଅଙ୍ଗରେ ଆମ୍ଭେ ହେଉଟି ବିଲୀନ ।
ଭବ ସାଗର ତାରଣେ ମା ଭବ ତାରିଣୀ,
ସୁକର୍ମ କାତ ବାହିଲେ ସେହୁଏ ତରଣୀ।
ସକଳ ପାର୍ଷଦ ବୃନ୍ଦ ଏ ମର୍ତ୍ତ୍ୟଭ ଆସୁ,
ଆଧାର ପରଖି ଆମ୍ଭେ ହୃଦୟେ ପ୍ରକାଶୁ ।
ବିଭୁ ନର୍ଦ୍ଦେଶିତ ସର୍ବ ପୂଣ୍ୟ କର୍ମ ସାଧି,
ଅନ୍ତିମେ ବିଲୀନ ହେଉ ସେ ମହାସମାଧି ।

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ନୀରବ ନାୟକ



ଭଗିରଥୀ ଯାନୀ

ପ୍ରତି ଛବି କହେ ତା' ମନ ତଳର
ସରଳ ହୃଦୟ କଥା,
କପଟତା ଶୂନ୍ୟ ପ୍ରତିବିମ୍ବ ଦେଖି
ଦୂରହୁଏ ସବୁ ବ୍ୟଥା ।

ମନ ତଳକଥା ଆଖି ଯେବେ ପଢେ
ଖୁସି ମନେ ହସିଦିଏ,
ପ୍ରକୃତ କଥାଟା ବୁଝିଗଲ ପରେ
ମନ ତା'କୁ ଖୋଜୁଥାଏ ।

ଏମିତି ମହକତା' ପାଖରେ ଥାଏ
ମହକରେ ଟାଣି ନଏ,
ମୃଦୁ୍ୟ ହସେ ତା'ର ପ୍ରୀତିର ଆଳୟେ
ଏ ମନଟା ବନ୍ଦିହୁଏ ।

ସହାସ୍ୟ ବଦନେ ଅଳପ କଥାରେ
ଧୀରଧୀର ପାଦଗ୍ଲି,
ଦେଖେ ଯଦି କେହି ତା' ଭବମୂରତ୍ତୀ
ମନଟା ଯାଏ ବଦଳ ।

ମନେହୁଏ ଜାତ ଅବ୍ୟକ୍ତ ଭବନା

କରିବାକୁ ଟିକେ ବ୍ୟକ୍ତ,
ତା' ପ୍ରତି ପୀରତି ଭାବ ବଢେ ଯେବେ
ଭାବି ହୃଦ ପୁଲକତ।

ଛନ୍ଦହୀନ ମନ ସମର୍ପଣ କରି
ଜିତିବାକୁ ତା'ର ହୃଦ,
ଜିତିଲେ ଜୀବନ ହୋଇଯିବ ଧନ୍ୟ
ମିଳବ ଐଶ୍ୱସମ୍ପଦ।

କଳା ଦକ୍ଷ ଲକ୍ଷ୍ୟ ପାରଙ୍ଗମ ସାଥୀ
ପାଇବାକୁ ଶେଷ ଇଛା
ପାଇଲେ ମୋ ମନ ହୋଇଯିବ ଧନ୍ୟ
ପୂର୍ଣ୍ଣହେବ ମନବାଞ୍ଛା।

ଦଳପଡା,ଖଜୁରୀପଡା, ଫୁଲବାଣୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଶ୍ରୀମଦ୍ ଭଗବତ୍ ଗୀତାର ସପ୍ତଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

୧୬ଶ ଅଧ୍ୟାୟ ଶେଷରେ ଭଗବାନ୍ କହିଲେ- ଶାସ୍ତ୍ର ବିଧି ଲଂଘନ କରି କୌଣସି କର୍ମ କଲେ ସିଦ୍ଧି ମିଳେ ନାହିଁ । ଏଣୁ ୧୭ଶ ଅଧ୍ୟାୟ ଆରମ୍ଭରେ ଅର୍ଜୁନ ପ୍ରଶ୍ନ କଲେ- ସମସ୍ତଙ୍କର ଶାସ୍ତ୍ର ଜ୍ଞାନ ନଥାଏ । ଅନ୍ୟମାନଙ୍କଠାରୁ ଶୁଣି ଯେଉଁ ବ୍ୟକ୍ତି ଶ୍ରଦ୍ଧାର ସହିତ ଉପାସନା କରନ୍ତି ତାଙ୍କୁ କ'ଣ କୁହାଯିବ- ସାତ୍ତ୍ୱିକ, ରାଜସିକ ଅଥବା ତାମସିକ ? ଜନ୍ମସଂସ୍କାର ବା ସାଧନାନୁସାରେ ବ୍ୟକ୍ତି ବିଶେଷର ଶ୍ରଦ୍ଧା ଭିନ୍ନ ହୋଇଥାଏ । ସାତ୍ତ୍ୱିକ ପ୍ରକୃତିର ବ୍ୟକ୍ତିମାନେ ଦେବତାମାନଙ୍କୁ ପୂଜା କରନ୍ତି, ରାଜସିକ ପ୍ରକୃତିର ବ୍ୟକ୍ତିମାନେ ଯକ୍ଷ ରାକ୍ଷଙ୍କ ପୂଜା କରନ୍ତି ଏବଂ ତାମସିକ ପ୍ରକୃତିର ବ୍ୟକ୍ତିମାନେ ଭୂତପ୍ରେତାଦିର ପୂଜା କରନ୍ତି । ତାମସିକ ବ୍ୟକ୍ତିମାନେ ଦମ୍ଭ ଅହଂକାର ଓ ରାଗାନ୍ୱିତ ହୋଇ ଶରୀରକୁ କଷ୍ଟଦେଇ ନାନା ପ୍ରକାର ତପ ସାଧନା କରିଥାନ୍ତି । କନ୍ତୁ ସିଦ୍ଧିଲାଭ କରିନପାରି ଦୁଃଖ ଭୋଗ କରିଥାନ୍ତି । ପ୍ରକୃତି ଭେଦରେ ମନୁଷ୍ୟର ପ୍ରିୟ ଆୟୁ, ବଳ, ସ୍ୱାସ୍ଥ୍ୟ, ସୁଖ ଓ ଆନନ୍ଦ ବର୍ଦ୍ଧକ ରସଯୁକ୍ତ, ସ୍ନେହସିକ୍ତ, ସାରବାନ୍ ଖାଦ୍ୟର ପ୍ରିୟ ଅଟନ୍ତି । ରାଜସ ପ୍ରକୃତିର ବ୍ୟକ୍ତି ଅତି କଟୁ, ଅତିଖଟା, ଅତି ଲୁଣିଆ, ଅତି ଗରମ, ଅତିତୀକ୍ଷ୍ଣ, ଅତି ରୁକ୍ଷ ଓ ଅତି ବିଦାହୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ତାମସିକ ବ୍ୟକ୍ତିମାନେ ରସହୀନ ଦୁର୍ଗନ୍ଧ, ବାସି ଅଇଁଠା ଓ ଅମେଧ ପ୍ରଭୃତି ଖାଦ୍ୟ ଖାଇବାକୁ ଭଲ ପାଆନ୍ତି । ସେହିପରି ଯଜ୍ଞ, ଦାନ ଓ ତପ ମଧ୍ୟ ତିନପ୍ରକାର । ଶାରୀରିକ, ମାନସିକ ଓ ବାଚକ ଭେଦରେ ତପ ମଧ୍ୟ ତିନ ପ୍ରକାର ହୁଏ ।

ଓଁ ତତ୍ ସତ୍ -- ଏହି ତିନୋଟି ଶବ୍ଦ ବ୍ରହ୍ମଙ୍କୁ ବୁଝାଏ । ଏଥିରୁ ବ୍ରାହ୍ମଣ, ବେଦ ଓ ଯଜ୍ଞର ସୃଷ୍ଟି । 'ଓଁ' ବ୍ରହ୍ମଙ୍କର ଏହି ନାମ ଉଚ୍ଚାରଣ କରି ବ୍ରହ୍ମଜ୍ଞମାନେ ଧର୍ମାନୁଷ୍ଠାନ କରିଥାନ୍ତି । ସେହିଭଳି ମୁକ୍ତିକାମୀମାନେ 'ତତ୍' ଶବ୍ଦ ଉଚ୍ଚାରଣ କରି ନିଷ୍କାମ ଭାବରେ ସମସ୍ତ କର୍ମ କରିଥାନ୍ତି । 'ସତ୍' ଶବ୍ଦ ବ୍ରହ୍ମଙ୍କୁ ବୁଝାଏ । ଏଣୁ ଶୁଭକର୍ମ ମାନଙ୍କରେ ମଧ୍ୟ ଏହାର ବ୍ୟବହାର ପ୍ରଚଳିତ ଅଛି । ଶ୍ରଦ୍ଧା ବା ଆସ୍ତିକ୍ୟବୁଦ୍ଧି ସମସ୍ତ ଧର୍ମକାର୍ଯ୍ୟର ପ୍ରାଣ ସ୍ୱରୂପ ।

ଶ୍ରଦ୍ଧା ସହିତ ଅନୁଷ୍ଠିତ କର୍ମ ମଙ୍ଗଳଦାୟକ ହୋଇଥାଏ । ଅଶ୍ରଦ୍ଧାରେ କରାଯାଉଥିବା ଯଜ୍ଞ, ଦାନ ଓ ତପ ନିଷ୍ଫଳ ହୁଏ । ଅଶ୍ରଦ୍ଧ କର୍ମ ଇହଲୋକ ଓ ପରଲୋକ ଉଭୟରେ ଅସତ୍ ରୂପରେ ପ୍ରତିଷ୍ଠା ଲାଭ କରେ ।

ଗୁଣତ୍ରୟ ପରି ଏ ଅଧ୍ୟାୟରେ ଶ୍ରଦ୍ଧାତ୍ରୟ ବିଷୟରେ ଆଲୋଚନା କରାଯାଇଛି । ଏଣୁ ଏ ଅଧ୍ୟାୟରେ ନାମ ଶ୍ରଦ୍ଧାତ୍ରୟ ବିଭାଗ ଯୋଗ ରଖାଯାଇଛି ।

ଆଳନ୍ଦା, ଖଇରା, ବାଲେଶ୍ୱର

ବେଦାନ୍ତୀକୁ ପଢ଼ିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢ଼ିପାରିବ

# ନାରୀ



ବରୁଣ କୁମାର ପାଣି

ନରୀହ  ନଷ୍କପଟ,
ଅଇରୀ ନାହିଁ ତୋର,
ବ୍ରହ୍ମା ଠୁ ହେଲୁ ଜାତ,
'ନାରୀ' ଗୋ  ତୁହି ।
ଅଇଲୁ ମର୍ତ୍ତ୍ୟ କୁ ତୁ,
ପାଳନ   କରିବାକୁ,
ମାଆ ରୂପରେ ତୁହି,
ଜନ୍ମି   ଲୁ  'ମହୀ' ।

ଆମ୍ଭରି  ମାଆ ଅଟୁ,
ଭଗିନୀ  ରୂପେ ଦିଶୁ,
ଭାର୍ଯ୍ୟା ହୋଇଣ ହସୁ,
କୁଟୁମ୍ବେ ରହି ।
ଦୁଃଖ କଷ୍ଟ କୁ  ସହି
ନଜେ ଅଖିଆ ହୋଇ
କୁଟୁମ୍ବ   ପାଳୁ  ତୁହି
ହରଷ ହୋଇ ।

କେଡ଼େ ସୁନ୍ଦରୀ ନାରୀ
ସୁଚରୀତ୍ରା  ଗୁଣବନ୍ତୀ

ଜନନୀ, ଭଗିନୀ, ଭାର୍ଯ୍ୟା
ହୋଇଣ ତୁହି ।
ଜନ୍ମ ଠୁ ମରଣ ଯାଏ
ଚଳନ୍ତି ତୋ'ରି କାୟେ
ଦେଖନ୍ତି ସର୍ବ ଜନେ
ଆନନ୍ଦ ହୋଇ ।

ମଣିଷ କୃତ ନୀତି
ପାଳନ୍ତି ଜନେ ଏଠି
'କୁମତି''ସୁମତି' ସଙ୍ଗେ
'ସତୀ' 'ଅସତୀ' ।

ବିଘ୍ନର ଯେବେ ଆସେ
ଆଗ ଚରିତ୍ର ଦିଶେ
ପରେ କୁକର୍ମ କଥା
ପଡଇ ନତି ।

ତନୁ ନୟମେ ବନ୍ଧା
ସଂସାରେ ବିଚରିବା
ପ୍ରତ୍ୟେକ ପାଦେ ଦୋଷ
ଦେଖନ୍ତି ଜନ ।
ବଡ଼ କଷ୍ଟ ରେ ତୁହି
ନଜେ ସଂସାରେ ରହି
ଅତିବାହିତ କଲୁ
ସମର୍ପି ପ୍ରାଣ ।

ନନ୍ଦନ୍ତି ଯେଉଁ ନର
ଜାଣନ୍ତି ନାହିଁ ତୋର
ମଣୁ ତୁ ଅସହାୟ
କାତର ହୋଇ ।
ପରିସ୍ଥିତି କୁ ଦେଖୁ
ଇଜ୍ଜତ କଥା ଭାବୁ
ସର୍ବଦା ତୁନ ରହୁ
କୁଟୁମ୍ବ ପାଇଁ ।

କଶୋରୀ ଅବସ୍ଥାରୁ
ନର ଦୃଷ୍ଟି ରେ ରହୁ
ପ୍ରେମ ନିବେଦନ କୁ
ଅତ୍ୟନ୍ତ ଡରୁ ।
ଇଜ୍ଜତ ରଖି ବାକୁ
ମନକୁ ମନେ ମାରୁ
ନିଜର ଖୁସି କୁ ତୁ
ଏଡାଇ ଦେଉ ।

ଅତି କୋମଳ ମନା
ପ୍ରେମେ ଉଚ୍ଛୁଳୁ ସିନା
ସ୍ନେହ ଟିକକ ପାଇଁ
ଆସୁ ତୁ ଧାଇଁ ।
ସରଳ ମନ କୁ ତୋ
ବିଶ୍ୱାସେ ଆପଣେଇ
ଦିଅନ୍ତି ଧୋକା ତତେ
ଦୁଷ୍କର୍ମ କାରୀ ॥

କେତେ ଯେ 'କାମାସୁର'
ଧରିଣ ତୋ'ରି କର
ହରନ୍ତି ତୋ'ରି ଚର
ଅବଳା ଭାବି ।

ଦେଖାଇ ଦେ ତୁହି
ତୁ ଦୁର୍ବଳା ନୁହଇ
ଶକତି ଅଛି ତୋର
ସକଳ ଭାତି ॥

ଉଠ ହେ ବୀରାଙ୍ଗନା
ନୋ'ହି କାତର ମନା
ସକଳ ଦୁଃଖ ଭୁଲି
କଷ୍ଟ କୁ ସହି ।

ଅପେକ୍ଷା ରତ ଦେଶ
ଅସୀମ ଧର୍ଯ୍ୟ ରଖ
କରି ଦେ ପ୍ରମାଣିତ
ଦୋଷୀ ନୁଁହଇ ॥

ତୁତୁକା, ବଲାଙ୍ଗିର

# ତୁମ ବିନା



ତପନ କୁମାର ସାହୁ

ଫିକା ଲାଗେ ଜହ୍ନ ରାତି
ଫିକା ଲାଗେ ଫଗୁଣ
ତୁମବିନ ଲାଗେ ସାଥୀ
ଅଲୋଡା ଏ ଜୀବନ ।।

ସରତର କାଶତଣ୍ଡି
ଦିଶଇତ ମଳନ
ତତେ ଝୁରୀ ଝୁରୀ ହେଲା
ବେରଙ୍ଗୀ ମୋ ସପନ ।।

ଲୁହ ସାଜେ ଶ୍ରାବଣ
ହୁଏ ଭାବ ପ୍ରବଣ
ଦିନ ରାତି ନସଂଗତା
ଦେହେ ନାହିଁ ଜୀବନ ।।

ତୁ ଗଲା ପରେ ପରେ
ବହୁ ନାହିଁ ମଳୟ
ମନ ଆଜି ମଲା ନଇଁ
ବିତେ ନାହିଁ ସମୟ ।।

ଅକୁହା ଏ ମନ କଥା
ମନେ ଆଜି ଗୋପନ
ଅହରହ ଜାଳେ ମତେ
ଆଦେଖା  ଏ ଦହନ ।।

ହୃଦୟରୁ ବହେ ଝଡ଼
ମରୁଛି ନା ବଞ୍ଚୁଛି
ଫେରି ଆସ ସାଥୀ ଥରେ
ମୁଁ ଝୁରି ଝୁରି ମରୁଛି ।।

ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି

# ଖୁସି. . . . .

ସୁଦୀପ୍ତ କୁମାର ପଣ୍ଡା

ତୁମର ଆଚରଣ, କର୍ମକୁଶଳତା ଏପରି ହେବା ଦରକାର
ଅନ୍ୟମାନଙ୍କ ମନରେ ସଦାସର୍ବଦା ଖୁସି ଆଣିଦେବ ବାରମ୍ବାର ।

ନିଜ ମନକୁ ପ୍ରୟୋଜନରେ ନ ବଢାଇ ମାନ ଯଶର ଆକାଂକ୍ଷା ନ କର
ସେବା ତତ୍ପର ହୋଇ ସଦା ନିଜକୁ ଗର୍ବ ଭାବନାରୁ ଦୂରକର ।

ମିଷ୍ଟତା କଥାରେ ସହାନୁଭୂତି ବ୍ୟବହାରେ ସଦା କର ଆଚରଣ
ନିଜେ ଖୁସି ରହି ଅନ୍ୟ ପାଇଁ ଖୁସି ଦେବାର ପରମ କାରଣ।

କେତେବେଳେ କେବେ କାହାରି ମନରେ ଆଣିଦେବ ଯଦି ଖୁସି
ଭଲପାଇବାର ଐକିକ ଧାରାରେ ଆଦରିବ ହସି ହସି ।

ଲଜ୍ଜା ଯେଉଁଠି ପୁରୁଷର ମୋହକୁ ଡାକ ଆଣଇ
ଲଜ୍ଜା ନୁହଁ ସେତ ହୀନ ଦୁର୍ବଳତା ଅଟଇ ।

ଖୁସି ମନେ ସଦା ପାଠ ପଢୁଥିବ ନିତିଦିନ
ସଶ୍ରଦ୍ଧ, ଅବନତ ଓ ସେବାରେ କରିବ ଆଲିଙ୍ଗନ ।

ସରସରା, ବୌଦ୍ଧ

# ଅପା



ଶୁଭସ୍ମିତା ଜେନା

ଯେତେବେଳେ ମୁଁ ସବୁ
ମୁହଁ ମାନଙ୍କୁ ଏକାଠି କରେ
ମୋତେ ଖୁବ ନଆରା ଲାଗୁଥିବାଗୋଟିଏ ଛବି
କାହିଁକି ଖୁବ ଶାନ୍ତ, କୋମଳ ପ୍ରଶାନ୍ତିରେ ଭରା
ଗୋଟେ ସ୍ଥିର ପୂର୍ଣ୍ଣକୁମ୍ଭ ଭଳି
ମୋ ସାମ୍ନାରେ ପ୍ରତ୍ୟୟମାନ ହୁଏ ।
ତା'ର ପ୍ରତିଟି ଶିରା ପ୍ରଶିରା ଧମନୀରେ
ବହୁଥିବା ରକ୍ତ ସବୁ ଯେମିତି ମୋ ଦେହରେ
ପ୍ରବାହ ମାନ ପରି ଜଣାପଡେ ।

ଯେତେବେଳେ ଅସମୟରେ
ଲିଭିଯାଉଥିବା ଆମ ଘରର ବତୀ ସବୁ
ଅନ୍ଧାରକୁ ପାଛୋଟି ଆଣୁଥିଲେ
ଠିକ ସନ୍ଧିକ୍ଷଣରେ
ତା'ଠାରୁ ଝଟକୁ ଥିଲା ରଶ୍ମି
ତା'ର ଆବର୍ତ୍ତନରେ,
ଆସ୍ୱସ୍ତି ହେଉଥିଲା ଆମ ଚୌହଦି ।
ତା'ର ପଣତ କାନରେ ଯେତେବେଳେ

ଲୁହ ମାନଙ୍କୁଏକାଠି କରେ
ମୋପାଟିରୁ ଆପଣା ଛାଏଁ ଉତୁରି ପଡେ
ଗୋଟିଏ ଶବ୍ଦ ଅପା ।
ଅପା ଗୋଟେ ବିସ୍ତୀର୍ଣ୍ଣ ମରୁଦ୍ୟାନର କଣ୍ଟା ବୁଦା ଭଳ
ଖୁବ ଅସମୟରେ ମେଣ୍ଟେଇ ଥାଏ ଶୋଷ ।
ନଜେ ପତ୍ର ଝଡାହୋଇ
ପୂର୍ଣ୍ଣ କରିଥାଏ ଅନେକ ଅବଶୋଷ ।

ଖୁଣ୍ଟା, ଜୟ ନଗର, ଗ୍ରଜକନକା

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ରମ୍ୟ ରଚନା –

# ଭୁତ ଗେରସ୍ତ

ସତ୍ୟନାରାୟଣ ମିଶ୍ର

ଜେଷ୍ଠ ମାସର ଉଦୁ ଉଦିଆ ଖରା ବେଳ । ବେଙ୍କ କୁ ଯାଇ ପାସବୁକ୍ ଖୋଲିବାର ଅଛି । ଆଜି ନଗଲେ ତିନ ଦିନ ଯାଏ ବେଙ୍କ ଛୁଟି । ତ, ସରକାରଙ୍କ ଠୁଁ ମିଳୁ ଥିବା ସାହାଯ୍ୟ ଟଙ୍କା ଜମା ହେବ କେମିତି ? ସେ ପାଇଁ ଖାତା ଖୋଲିବା ନହାତି ଦରକାର । "ହେଇଟି ବସୁମତୀ ! ମୁଁ ବ୍ୟାଙ୍କ କୁ ଯାଉଛି, ଘର ଭିତରେ ଶୋଇ ଥିବ । ଖରାରେ ପଡିଶା ଘର ବୁଲିଯିବା କଥା ଜମା ମନ କୁ ଆଣିବୁ ନୁ । ଯାଉଛି ହେଁ "।

ଏତିକ କହି ତରବର ଭାବେ ଛତା ଜୋତା ପାଣି ବୋତଲ ଓଦା ଗାମୁଛା ଧରି ବାହାରି ପଡ଼ିଲା ଗାଁ ପୁଅ ବାସୁଆ । ବସୁମତୀ ପଛରୁ କହୁଥାଏ "ହେ, ଦେଖିକ ଯିବ, ଶୋଷ ହେଲେ ପାଣି ପିଇବ । କାମ ସାରି ସହଳ ଫେରିବ ....।ହଁ ହଁ କହି ବାସୁଆ ଏକ ମୁହାଁ ହେଇ ଗ୍ଲିଥାଏ ଆଗକୁ ଆଗକୁ ।

ତେଣେ ବସୁମତୀ ରୂପ ଯୌବନ କୁ ଦେଖି ଏକାବେଳ କୁ ମୋହିତ ହେଇ ଯାଇଥାଏ ପାଖ ବରଗଛ ଉପରେ ରହୁଥିବା ଭୁତଟାଏ । କେମିତି ତା ସାଂଗ ଲାଭ କରିବ ସେଇ ଚନ୍ତାରେ ରୂପ ବଦଳେଇ ଠିକ୍ ବାସୁଆ ଭଳିଆ । ଡାକଲା "ହେଇଟି ବସୁମତୀ ! ଆରେ କବାଟ ଖୋଲ । ମୁ ଡାକୁଛି ପରା, ଶୋଇ ପଡ଼ିଚୁ ନା କଣ ?

ବସୁମତୀ କବାଟ ଖୋଲି ଦେଖିଲା ବାସୁଆ ! ଚକତ ହେଇ ପଗ୍ଲରିଲା " ତମେ ? ତମେ ପରା ସହରକୁ ବାହାରିଥିଲ, ଫେରିଲ କାହିଁକ ? ନକଲି ବାସୁଆ କହିଲା "ନାଇଁ ଲୋ ! ଯାଇଥାନ୍ତି ଯେ, ହେଲେ ଏ ଖରା ବେଳ ଟାରେ ମନ ହେଲାନ । ଘର ଧରିଲା ମୋ ଅମାନଆ ମନ ଟା । ଖାସ୍ ତୋ ପାଇଁ ।

ଆସୁ ନୁ, ଏଇ ଖରଦିନଆ ନର୍ଜନ ଦୀପହରିଆ ବେଳ କୁ ଟିକେ ...... । ହାତ ଧରି ବସୁମତୀ କୁ ଯେମିତି ଖଟିଆ ରେ ବସେଇଛି, ବାହାରୁ ଶୁଭିଲା କବାଟ ଠକ ଠକ ଶବଦ । ଛାନଆ ହେଇ ବସୁମତୀ ଦେଖେ ତ ବାସୁଆ । ଘର ଭିତର କୁ ବାସୁଆ କହି କହି

ପଶୁଥାଏ "ବୁଝିଲୁ, ବସୁ ! ମୋ ବ୍ୟାଗ ରେ ଆଧାର କାର୍ଡ ଟା ନ ଥିଲା, ତେଣୁ ଅଧ ବାଟରୁ ଫେରିଲୁ ତାକୁ ନେଇ ଯିବି । ବକ୍ସ ର ଚାବି ଦେ " ।

ଖୁଣ୍ଟ ଟା ଭଳଆ ଅନେଇ ଥାଏ ବସୁମତୀ ବାସୁଆ କୁ । ଥରେ ଖଟିଆ କୁ ଥରେ ବାସୁଆ କୁ ଦେଖୁଥାଏ । ତା ହଲକ ସୁଖି ଯାଉଥାଏ, ପ୍ରକୃତ ରେ ବାସୁଆ କୁଁ ଟା ? ଭୟ ପାଇ ଘରୁ ବାହାର କୁ ଦଉଡି ଆସି ଡାକ ପକେଇଲା ଉଚ ପାଟି ରେ ।" ହେ ଗାଁ ବାଲା ଧାଇଁ ଆସ । ଦେଖ, ମୋ ଘରକୁ । ମୋ ଗିରସ୍ତ ଭଳଆ ଦି ଟା ଲୋକ ମୋ ଘରେ, ଆସ ଦେଖ" .....

ତା ପାଟି ଶୁଣି ଦଉଡି ଆସିଲେ ଗାଁ ବାଲା। ଦେଖିଲେ ସତ କୁ ସତ ଦି ଟା ବାସୁଆ । ଗାଁ ମୁଖିଆ ପଚାରିଲେ "ହେ କ ଫର୍ଶ ଚଲେଇଛ । ବିଚାରି ମିଣିପି ଟାକୁ ହଇରାଣ ନ କରି ତା ଅସଲ ଗେରସ୍ତ କଏ କହ ମତେ । ରୂପ ସମାନ ବୋଲି କଣ ଦି ଟା ଗେରସ୍ତ କୁ ଗୋଟେ ମାଇପି ରଖିବ?

ସେଇଠୁ ଅସଲି ନକଲି ଦୁହେଁ ଯାକ ଧସ୍ତା ଧସ୍ତି ହେଲେ ମୁଁ ବାସୁଆ ମୁଁ ବାସୁଆ । ଗୁଡ଼ାଏ ସମୟ ଚାଲିଲା ବିଚାର । ଲୋକେ ସ୍ଥିର କରି ପାରିଲେ ନ କଏ ପ୍ରକୃତ ବାସୁଆ । ସେଇଠୁ କହିଲେ "-ତମେ ଦୁହେଁ ତ ବାସୁଆ ବୋଲି ଦାବି କରୁଚ, ଆମେ ବି ବସୁମତୀ କୁ ସାହାଯ୍ୟ କରି ପାରିଲୁ ନ । ତେଣୁ ଦୁହେଁ ଯାକ ତାକୁ ରଖ । ଏକ ଫୁଲ କୁ ଦୋ ମାଲି ହେଇ ରୁହ ।

ବିଚାରି ବସୁମତୀ ଏଇ ନଷ୍ପତି ରେ ମାନଲା ନାହିଁ । କାନ୍ଦି କାନ୍ଦି ସମସ୍ତଂକୁ ନେହୁରା ହେଲା, ତା ପ୍ରକୃତ ଗେରସ୍ତ କୁ ପାଇବାକୁ । ମୁଣ୍ଡ ପିଟିଲା ଗାଁ ଠାକୁରାଣୀ ପିଣ୍ଡା ଉପରେ ।

ପୂଜକ ତନ୍ତ୍ର ସାଧକ ବିନୋ ଗୁଣିଆ । ଦେଉଳ ଭିତରେ ଥାଇ ଶୁଣିଲା ବସୁମତିର ବିକଳ କାନ୍ଦ । ବାହାରକୁ ଆସି ତା ଠାରୁ ସବୁ ଶୁଣିଲା ପରେ କହିଲା "ଚାଲ ମା ! ମୁ ଚହ୍ନି ପାରିବି ତମ ଗିରସ୍ତକୁ ଆସ ମୋ ସାଥି ରେ " ।

ସେଇଠୁ ଦେଖ ମଜା । ଦୁହେଁ ଯାକ ତ ଦାବି ରେ ଅଟଳ । ବାସୁଆ ମୁଁ , ବାସୁଆ ମୁଁ " । ବିନୋ କହିଲା ହଁ ଠିକ ଅଛି । ଦୁହେଁ ଯାକ ବାସୁଆ । ହେଲେ ଯ୍ଥା ସ୍ୱାମୀ ବାସୁଆ କଏ ଜାଣିବା କୁ ମୋତେ ଟିକେ ଧ୍ୟାନ କରିବାକୁ ଦିଅ । ଧ୍ୟାନ ରେ ଜାଣିଲା ଇଏ ଗୋଟେ

ଅସରୀର ର କାମ । ବାସୁଆ ରୂପ ଧରି ଏଠିକ ଆସିଛି ଆଉ ନାଟ ଲଗେଇଛି । ରହ ରେ ପୁଅ, ଧରୁଛି ତତେ ।

"ବସୁମତି ! ଯା, ଘରୁ ଦି ଟା ମାଠିଆ ଆଣେ ମୁଁ ପରୀକ୍ଷା କରିବି କଏ ତୋର ସ୍ୱାମୀ । ତୋ ସ୍ୱାମୀ କେମିତି ପାରିବା ପଣିଆ ଦେଖେଇବ ଜାଣିବି " ।

ବସୁମତୀ ଦି ଟା ମାଠିଆ ଆଣି ରଖିବା ପରେ ସେ ଦି ବାସୁଆ ଙ୍କୁ ବିନ ଗୁଣିଆ କହିଲା "ଦେଖିବା ତମର କେତେ ପାରିବା ପଣିଆ ।ଯିଏ ଏଇ ମାଠିଆ ଭିତରେ ପସିଯିବ ସେ ହିଁ ବାସୁଆ ଅସଲି । ଆସ ।

ଆଉ ବିଳମ୍ବ ନ କରି ଭୁତ ମନେ ମନେ ଖୁସି ହେଇ ପାସ କୁ ଆସିଲା । ବିନ ପ୍ରକୃତ ବାସୁଆ କୁ ବି ଡାକଦେଲା "ଆ ପସି ଯା । ହେଲେ ସେ ପଶିବକେମିତି?

ପଛ ଘୁଞ୍ଚା ଦେବା ଦେଖି ଭୁତ ଭାବିଲା ଇଏ ହାରିଯାଇଛି । ସେ ନଜେ ଦଉଡି ଆସି ମାଠିଆ ରେ ପଶି ଗଲା ମାନ୍ଧେ ବିନୋ ଗୁଣି ମାଠିଆ ମୁହଁ କୁ ଘୋଡେଇ ଦେଲା ଢ଼ାଙ୍କୁଣୀ ଦେଇ । ତାପରେ ଅସଲ ବାସୁଆ କୁ ଡାକ  କଲ୍ୟାଣ ଦେବା ବେଳେ । ବସୁମତୀ ବିନୋ ପାଦ କୁ ଆଖି ଲୁହ ରେ ଧୋଇ ଗ୍ଲିଥାଏ ।

ସିଂଧେକେଲା, ବଲାଙ୍ଗୀର



# ନରପିଶାଚ



ସନ୍ତୋଷିନୀ ଓଝା

ଜନ୍ମ ମାତ୍ରେ ବରଣିଲି କଦର୍ଯ୍ୟ ନାକଟେକା
ଆଉ ସହିଥିଲି ପାତରଅନ୍ତରର ପଥର ପାହାର,
ଧୋକା ଛଳନା ପ୍ରତାରଣା ପରେ ବି
ମୋ ପାଇଁ ଆଉ କଛି ବି ବାକ ଥିଲ୍ କ!?
ଏ ମାଂସଳ ଚମଡା ଭିତରେ ଥିବା
ଗୁପ୍ତ ମାତୃତ୍ୱର ଝଙ୍କାର କ'ଣ ମୃତ ଥିଲ୍
ସେ ଦେହ ଲୋ୍ଭି ନରପିଶାଚ ପାଇଁ।
ଯେଉଁ ମାଂସ ପିଣ୍ଡୁଳା ଦିନେ ତାର କୁଆଁ ର୍ବକୁ
ତୁନ କରିବା ପାଇଁ ଅମୃତ ଢାଳ ଦେଇଥିଲ୍,
କ'ଣ ପାଇଁ?
ଦୁନଆ ଦେଖିବା ପାଇଁ ନା ଦୁନଆ ଦେଖେଇ ଥିବା
ସେଇ ମାଂସ ପିଣ୍ଡୁଳାକୁ ଦିନେ
ଝୁଣି ଝୁଣି ବ୍ୟବଛିନ୍ନ କରିବ ବୋଲି?
ସେଇ ଖଇନ ଖିଆ ତତଲ୍ ଓଠଟା
ଯେତେବେଳେ ମୋ କୋହଭର୍
ଓଠକୁ ଦାନ୍ତରେ ଜାବୁଡ଼ି ଧରି ଥିଲ୍,
ସେତେବେଳେ ମୋ ଆଖିରେ
ଢଳ ଢଳ ଦୁଇ ବୁନ୍ଦା ଅଶ୍ରୁ
ମତେ ପ୍ରଶ୍ନ କରୁଥିଲେ

କାହାପାଇଁ ଆମେ ଝରିବୁ?
ଆମକୁ ନ୍ୟାୟ ମିଳବ ତ!
ସେଇ ହୃଦୟହୀନ ଭେ୍କଲ୍
ଶିକାରୀ କ'ଣ ତରଳବ
ଆମ ଉଷ୍ମତାର ସ୍ପର୍ଶରେ?
ଆଉ ମୁଁ ସେତେବେଳେ
ତାଙ୍କୁ ଉତ୍ତର ଦେଇଥିଲି,
ମୋ ନିଃସହାୟ ନିରୁପାୟ
ଅବସ୍ଥାର ପ୍ରତୀକ ହୋଇ
ତୁମେ ମାନେ ଝରିପଡ।
ହାରି ଯାଇଥିଲ୍ ଲୁହର ପ୍ରଶ୍ନ,
ଆଉ............................
ମୃତ୍ୟୁ ପର୍ଯ୍ୟନ୍ତ ହୋଇଥିଲ୍
ମୋର ଏକାକୀ ସାଖି
ଏବଂ ସାଥୀ ଟିଏ
ମୁଁ ଆଜି ବି,
ନିଃସହାୟ ନାରୀ ଟିଏ।

ଅସ୍ତରଂଗ, ପୁରୀ

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ମତେ ଆଜି ମୁକ୍ତି ଦିଅ



ଦିନେଶ ଅଗ୍ରୱାଲ୍

ତୁମର ଲୋଲୁପ ଆଖିର ଆକର୍ଷଣ ଓ
ଓଠର ଶୋଷ ମେଣ୍ଟିବା ଯାଏ
ତୁମେ ମତେ ଖୀନ ଭିନ କର ।
ଖୋଲିଦିଅ ମୋ ଦେହରୁ
ଗୋଟି ଗୋଟି ବସ୍ତ୍ର
ମୋର ଇଚ୍ଛା ଅନିଚ୍ଛାର
ଘାତ ପ୍ରତିଘାତ ସତ୍ତ୍ୱେ
ତୁମର ଅବଦମିତ ଇଚ୍ଛା ସବୁକୁ
ପୂର୍ଣ୍ଣ କରିଦିଅ ।
ମୁଁ ତୁମକୁ ପ୍ରତିରୋଧ କରିବିନି
ପ୍ରତିରୋଧ କରିବାର
ଶକ୍ତି ବା ମୋର କାହିଁ?
ମୁଁ ତ ଅବଳା ଦୁର୍ବଳା
ମାତର ଦେହ ଆଉ ମନ ବୋଲି
କିଛି ନାହିଁ ମୋର ।
ମୋ ଦେହରେ ବସ୍ତ୍ର ନାହିଁ
ମୁଁ ତ ଉପଭୋଗ୍ୟା କେବଳ
ମୋର ଅନାବୃତ ଦେହକୁ ନେଇ
ତୁମେ ଆଜି ସାଧନା କର
ପୁଣି ଥରେ କାହ୍ନୁକପାଳୀ ସାଜି ।
ମୋ ଦେହର ମାଂସ ଖାଅ

ମନ ଭରି ବାରବାର
ମୋର ସ୍ୱେଦ, ରକ୍ତ, ଯୋନ ଓ ଯୌବନ
ସବୁ ସମର୍ପି ଦେଲି ତୁମକୁ
ଏ ଅଭିଶପ୍ତ ନାରୀ ଜୀବନରୁ
ଆଜି ମତେ ମୁକ୍ତିଦିଅ
ମୋ ଦେହଦେଉଳର ପୂଜକ ସାଜି ।
ଅଥଚ କଥାଦିଅ
ଆଜି ଏ ଦିନ ବିତିଗଲା ପରେ
ଆଉ ଯେମିତି ଏ ଦିନ ନ ଆସୁ
କୌଣସି ନାରୀ ଜୀବନରେ ।

ଚଖିଲି, ବରଗଡ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅଳସୀ ପ୍ରିୟା



ରଞ୍ଜନ କୁମାର ପ୍ରଧାନ

ଏମିତିକା ମାନସାଙ୍କ ପ୍ରିୟା ତୁମ୍ଭେ
ସହଜେ ଯା' ସମାଧାନ ମିଳେନା ।
ତୋ ପ୍ରୀତିଛନ୍ଦରେ ଏ ପ୍ରେମିକ ମନ
ଅଭିମାନ ବନ୍ଧ ଡେଇଁ ପାରେନା ॥
ତୋ ବର୍ଣ୍ଣବୋଧର ବର୍ଣ୍ଣ, ମାତ୍ରା, ଫଳା
ଯେତେ ପଢ଼ିଲେବି ଜମା ସରେନା ।
ତଥାପି ପ୍ରତିଟି ପୃଷ୍ଠା ସୁସଜ୍ଜିତ
ଯେଣୁ ପୁସ୍ତକରୁ ମନ ହଟେନା ॥
ତୁ ଏମିତି ଉପନ୍ୟାସଟିଏ ଯା'ର
ପ୍ରତିଦୃଶ୍ୟେ ବଢ଼ିଯାଏ ସଂଶୟ ।
ଏମିତି ଅବୁଝା ଭାଷାଟେ ତୁ ଯା'ର
ବ୍ୟାକରଣ ଜାଗେ ହୃଦୟେ ଭୟ ॥
ତୋ ମନଗ୍ରନ୍ଥର ପ୍ରତିଟି ଅଧ୍ୟାୟ
ନାନା ବିଘ୍ନ ସତ୍ତ୍ୱେ ପଢ଼ିଯାଉଛିବି ।
ପ୍ରତିକ୍ଷ୍ୟା କରିଛି ସେ ସମୟେ ଯେବେ
କଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣିବି ॥

ପାଇକଆଁସ୍, ତିଗିରିଆ, କଟକ

# ନିର୍ଘଣ୍ଟ ବେଳା



ସଞ୍ଜୟ କୁମାର ତ୍ରିପାଠୀ

ଆଉ କେତେଦିନ ଏ ଘର ଅଗଣା
ସରି ଆସିଲାଣି ବେଳ
ବାରିପଟ ଦୁବ କେତେ ତା ଆଇଶ୍ୱ
ଜଗିଛି ନିର୍ଘଣ୍ଟ ବେଳ

କାଳ କତର୍ କୁ ନିଃଶ୍ୱାସ ମସିଣା
ଡାକ୍ତର ବାବୁ ଙ୍କ କୋଳ
ଦୂର ମଶାଣି କୁ ସେ ବାରି ବାଉଁଶ
କଉଡ଼ି କଡ଼ି ର ମାଳ

ସୁବର୍ଣ୍ଣ ଖଇ କୁ ରୂପାର ମାଲପା
ସାଙ୍ଗକୁ ସୁଜି ଉପମା
ସବୁ ଦେବେ ବାଢ଼ି ଭାବି ବସିଛନ୍ତି
ମୋ ଘର ର ରାଜଜେମା

ସମସ୍ତେ ଆସିବେ ବସିବେ ଭାବିବେ
କାନ୍ଦିବେ ମୁଣ୍ଡ କୁ ଛେଚ
ମୁଁ ଯେ ଉଡୁଥିବି କରାଳ ବକ୍ଷରେ
ମୃତ୍ୟୁ ପରୱାନା ହେଜି ॥

ଯାନ୍ତ୍ରୀକ ଯନ୍ତ୍ରୀ,ଦିଲ୍ଲୀ

# ଅନୁଭୂତି ରୁ ପଦେ



ସନ୍ଦୀପ ମହାରଣା

ଦିନ ପ୍ରାୟ ମଧ୍ୟାହ୍ନ ସମୟ । ହସ୍ପିଟାଲ ର ଓ.ଟି ବାହାରେ ଅସ୍ତବ୍ୟସ୍ତ ଭାବେ ଠିଆ ହେଇଥାଏ। ସେଦିନ କୁ ମିଶେଇ ତିନ ଦିନ ହେଲାଣି ମୁଁ ସେମିତି ହସ୍ପିଟାଲ ରେ ଥାଏ। କେମିତି କଣ ସବୁ ଘଟିଗଲା ଆଖି ସାମ୍ନା ରେ ସ୍ପଷ୍ଟ ଦେଖା ଯାଉଥିଲା। ବିବାହ ର କିଛି ଦିନ ପରେ ଯେତେବେଳେ ସମ୍ପୂର୍ଣ୍ଣ ପରିବାର ତିଆରି ହବାର ସମୟ ଆସି ପହଞ୍ଚି ଥିଲା ସେତେବେଳେ ନିଜେ ନିଜ କୁ ବହୁତ ଧର୍ଯ୍ୟ ଧରିବା ସହିତ ପତ୍ନୀ ଙ୍କୁ ମଧ୍ୟ ସେତିକି ଧ୍ୟାନ ଦେଉଥିଲି। କାହିଁକି ନା ଡାକ୍ତର କହିଦେଇଥିଲେ କି ମୁଁ ବାପା ହବାକୁ ଯାଉଛି। ଯେତିକି ଖୁସି ଥିଲି ସେତିକି ଭୟ ମଧ୍ୟ ଥିଲା। କାହିଁକି ନା ସୋସିଆଲ ମିଡିଆ ରେ ବହୁତ ପୋଷ୍ଟ ଦେଖିଥିଲି, ସେଇଟା ଥିଲା ଆରମ୍ଭ ରୁ ଯତ୍ନବାନ୍ ର। ସବୁବେଳେ ଡାକ୍ତର ଙ୍କ ସହ ପରାମର୍ଶ କରିବା ସହ ରିପୋର୍ଟ ବି ଅପଡେଟ୍ କରୁଥିଲି। ଚାକିରି ଜୀବନ ଆଉ ପତ୍ନୀ ଙ୍କୁ ନେଇ ବାହାରେ ରହି ଏ ସବୁ କରିବା ଟା ଯେତିକି କଷ୍ଟ ଥିଲା ତା ସହ ବେଶୀ କଷ୍ଟ ଥିଲା ପତ୍ନୀ ଙ୍କ ସହ ଆସୁଥିବା ଭବିଷ୍ୟ ବିଶେଷତ୍ୱ ର ଯତ୍ନ ନେବା।

ଅବଶ୍ୟ ମାଆ ସେତେବେଳେ ପାଖରେ ରହୁଥିଲେ କିନ୍ତୁ ଗୋଟେ ପୁଅ ହିସାବ ରେ ଏ ସବୁ ର ସମସ୍ୟା ମାଆ କୁ ପଚାରିବାକୁ ଉଚିତ୍ ମନେ କରୁ ନ ଥିଲି। ହଁ ଯଦି ଗାଁ ରେ ଥାଆନ୍ତେ ତାହେଲେ ବୋଧେ ମତେ ଏତେ ସବୁ କିଛି ଚିନ୍ତା କରିବାକୁ ପଡି ନଥାନ୍ତା। ତେଣୁ ମତେ ଲାଗୁଥିଲା ସତେ ଯେମିତି ମୁଁ ଗୋଟେ ଅଜଣା ପୃଥିବୀରେ ଅଛି। ସବୁ କିଛି ରେ ଥିଲି ମୁଁ ଅସ୍ପଷ୍ଟ। ଚାକିରି କରୁଥିବା ସାଙ୍ଗ ମାନଙ୍କ ଠୁ ଆରମ୍ଭ କରି, ସଂପର୍କୀୟ ବନ୍ଧୁବାନ୍ଧବ, ଭାଇ ଭଉଣୀ ସମସ୍ତଙ୍କଠୁ ପଚାରି ବୁଝୁଥିଲି । ତା ପରେ ପୁଣି ହସ୍ପିଟାଲ ରେ ପିଲାଜନ୍ମ ଆଗରୁ କେତେ ପ୍ରକାର ଟେଷ୍ଟ, କେତେ ମାସ ରେ କୋଉ ଟେଷ୍ଟ ତ ପୁଣି କେବେ ବିଭିନ୍ନ ପ୍ରକାର ଚେକ୍ ଅପ୍। ଯେଉଁ ଦିନ ଟେଷ୍ଟ ର ଦିନ ଥାଏ ସେଦିନ ସକାଳ ୪ ରୁ ଉଠି ଘରର ସବୁ କାମ ସାରି ପତ୍ନୀଙ୍କୁ ନେଇ ୫ ଟା ବେଳ କୁ ପହଞ୍ଚି ସାରିଥାଏ ହସ୍ପିଟାଲ ରେ। କାହିଁକି ନା ସହର ର ହସ୍ପିଟାଲ ଗୁଡା ରେ ଲମ୍ବା ଲାଇନ ଠୁ ବେଶି ଡର ଥିଲା ମତେ କି ସେଇ ସମୟ

ଗୁଡା ରେ ଯେମିତି ମତେ ବେଶି ଯତ୍ନଶୀଳ ହବାକୁ ହେବ। ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ ପ୍ରକାର ଯନ୍ତ୍ରଣା ଶୁଣି ଯେତେବେଳେ ନିଜ ଉପରକୁ କଥା ଆସେ ହାତ ଯୋଡି ଭଗବାନଙ୍କୁ ଟିକେ ପ୍ରାର୍ଥନା କରେ। ଉପର ଅଫିସର୍ ଙ୍କୁ କହି କାମ ର ସମୟ ଟିକେ କୋହଳ କରିବାକୁ ଅନୁରୋଧ କରିଥିଲି। ଯେମିତି ଠିକ୍ ସମୟ ରେ ମୁଁ ସବୁ କିଛି ଠିକ୍ ଠିକ୍ କରିପାରିବି। ନିର୍ଦ୍ଧାରିତ ସମୟ ପୂର୍ବରୁ ମୁଁ ପତ୍ନୀ ଙ୍କୁ ନେଇ ହସ୍ପିଟାଲ ରେ ଭର୍ତ୍ତି କରି ସାରିଥିଲି। ସମୟ ର ଗତି ବି ସେତେବେଳେ ମୋ ପାଇଁ ବହୁତ ଧୀର ହେଇ ସାରିଥିଲା। ଯେମିତି ପ୍ରେତ୍ୟକ ମିନଟ୍ ମତେ କହି କହି ଅତିକ୍ରମ କରୁଥିଲା। ଜାଣିନି ଭଗବାନ ମୋର କେଉଁ ପରୀକ୍ଷା ନଉଥିଲେ। ଭର୍ତି ହବାର ଦୁଇ ଦିନ ଗଡିଯାଇ ଥିଲା। ସବୁ ଦିନ ସେ ହସ୍ପିଟାଲ ରେ ନୂଆ ନୂଆ ସନ୍ତାନ ସନ୍ତତି ଜନ୍ମ ହେଉଥିଲେ। ମୁଁ ଲେବର୍ ରୁମ୍ ର ବାହାରେ ଠିଆ ହେଇଥାଏ ସେମିତି। କାହିଁକି ନା ଭିତରକୁ ଯିବା ଆଉ ପତ୍ନୀ ଙ୍କୁ ଭେଟିବା ସମ୍ପୂର୍ଣ୍ଣ ମନା ଥିଲା । ତେଣୁ ଭୟ ର ବେଗ ମୋ ଆଡେ ମାଡି ମାଡି ଆସୁଥିଲା। ଅଜଣା ଭୟ ରେ ନିଜେ ଥରୁଥିଲେ ବି ସମସ୍ତ ଙ୍କ ସାମ୍ନା ରେ ନିଜ କୁ ଶକ୍ତ କରି ଠିଆ ହବା ଶିଖି ଯାଇଥିଲି। ସେଦିନ କିନ୍ତୁ ଆଉ ପାରିଲିନି । ସିଧା ଡାକ୍ତର ଙ୍କ ପାଖକୁ ଯାଇ ସିଜରିଆନ କରିଦବା ପାଇଁ ଅନୁରୋଧ କଲି। ସେ ବି ମୋ ଧୈର୍ଯ୍ୟ ର ପରିକ୍ଷା ନବାକୁ ଯାଇ ଅଲ୍ଟ୍ରାସାଉଣ୍ଡ ର କିଛି କ୍ଲିପ୍ସ ଦେଖାଇ କହିଲେ ବ୍ୟସ୍ତ ହୁଅନି ଆମେ ନରମାଲ୍ ଡେଲିଭରି ପାଇଁ ହିଁ ଲାଗିଛୁ। ଲାଗିଲା ଭଗବାନ ଆଜି ସବୁ ଧର୍ଯ୍ୟ ର ପରୀକ୍ଷା ନେଇଯିବେ।

ପୁଣି ଯାଇ ଲେବର ରୁମ୍ ର ବାହାରେ ଅପେକ୍ଷା କରି ବସିଲି। କିଛି ସମୟ ପରେ ଭିତରୁ ନର୍ସ୍ ଦିଦି ଜଣେ ଆସି ମୋ ପାଖରେ ଠିଆ ହେଲେ । ଆଉ କହିଲେ ସାର୍, ଝିଅ ଟିଏ ହେଇଛି । ପିଲା ର ସବୁ ଜିନିଷ ପତ୍ର ଦିଅନ୍ତୁ। ଯେତେବେଳେ ଝିଅ କୁ ମୋ ହାତରେ ଧରେଇଦେଲେ ସେତେବେଳେ ମୁଁ ନିଜେ ବୁଝି ପାରୁନି ଥାଏ ମୁଁ କଣ କରିବି। ଡାହାଣ ହାତରେ ଗୋଟେ ଷ୍ଟିକର ଲାଗିଥିଲା। ସେଥିରେ ମୋ ନାଁ ଲେଖା ହେଇଥିଲା ଆଉ ତଳେ ଜନ୍ମ ସମୟ । ପେଟରେ ପ୍ଲାଷ୍ଟିକ କ୍ଲିପିଂ ଆଉ ଗୋଟେ କପଡା ରେ ଗୁଡା ହେଇଥିବା ଝିଅ ଟିକୁ ଯେତେବେଳେ ସେ ଦିଦି ମୋ ହାତ ରେ ଧରେଇ ଦେଲେ ଆଉ ଗୋଟେ ଟେମ୍ପୋରାରି ବାର୍ଥ ସାର୍ଟିଫିକେଟ ବି ଥିଲା। ସେ ସାର୍ଟିଫିକେଟ ଆଜି ବି ମୋ ପାଖରେ ସୁରକ୍ଷିତ ଅବସ୍ଥା ରେ ଅଛି। ଯେତେବେଳେ ପିଲାଟିକୁ ମତେ ଧରେଇଦେଲେ ଅଜାଣତରେ ମୋ ଆଖିରୁ ଲୁହ ଆସିଯାଇଥିଲା, ସମ୍ଭାଳ ପାରିଲିନି ନିଜକୁ। ଝିଅକୁ ଦୁଇ ହାତ ରେ ଧରି ମୁଣ୍ଡ ରେ ଥୋଇ

ଜଗତର ନାଥ ଜଗନ୍ନାଥ ଙ୍କୁ ଧନ୍ୟବାଦ ଦେଲି ଆଉ ମତେ ଆଉ ମୋ ପତ୍ନୀ ଙ୍କୁ ବାପା ମାଆ ହବାର ସୌଭାଗ୍ୟ ଦେଇଥିବାରୁ ତାଙ୍କ ପାଖରେ ଚର ରଣୀ ବୋଲି ଜଣେଇଦେଲି । ଆଉ କହିଲି ହେ ମହାବାହୁ, ଏ ଝିଅକୁ ଆପଣ ଏ ଦୁନଆକୁ ଆଣିଛନ୍ତି ଆଉ ତା ଭବିଷ୍ୟତ ବି ଆପଣ ଗଢିବେ , ଝିଅକୁ ଆପଣଙ୍କ ଚରଣାବିନ୍ଦରେ ଦେଉଛି କହି ଢଳ ଢଳ ଆଖିରେ ସେ ନରୀହ ମୁହଁ କୁ ଦେଖିଲି। ଆଖି ଲୁହ ରେ ଟିକେ ଅସ୍ପଷ୍ଟ ଦେଖା ଯାଉଥିଲା । ଏତି ପରେ ପାଖରେ ଥିବା ସେ ନର୍ସ ଦିଦି ବୋଧେ ସବୁ କଛି ବୁଝି ସାରିଥିଲେ ଆଉ ତାଙ୍କ ଆଖିରେ ବି ଖୁସି ର ଲୁହ କୁ ଅନୁଭବ କରୁଥିଲି।

ଇନ୍ଦୁପୁର, କେନ୍ଦ୍ରାପଡ଼ା

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କବିତାର ନାୟିକା

ଜଗନ୍ନାଥ ରଥ

ତମକୁ ନେଇ ମୋର ଅନେକ ସ୍ୱପ୍ନ
ତମେ ମୋ ପାଇଁ ବସନ୍ତର ମଳୟ ପବନ
ତମକୁ ନେଇ ମୋର ଅନେକ ଅସୁମାରୀ ଆଶା
ସେଥିପାଇଁ ତ...
ତମେ ମୋର କବିତାର ନାୟିକା..

ଚନ୍ଦ୍ର ସହ କୁମୁଦିନୀ ର ସମ୍ପର୍କ ଯେମିତି
ତମ ମୋ ଭିତରେ ବନ୍ଧନ ସେମିତି
ଇଛା ନାଇଁ ତମ ବିନା ବଞ୍ଚିବାକୁ ଏକା
ସେଥିପାଇଁ ତ...
ତମେ ମୋର କବିତାର ନାୟିକା...

ତମ ସହ କେତେ ମୋର ମାନ ଅଭିମାନ
ତାରକା ମଣ୍ଡଳରେ ତମେ ପୂର୍ଣ୍ଣମୀର ଜହ୍ନ
କେତେ ଯେ ରଜନୀ କାଟିଛି ଭାବି ତୁମ କଥା
ସେଥିପାଇଁ ତ...
ତମେ ମୋର କବିତାର ନାୟିକା...

ଲେଖିବାକୁ ଭାବନା ମୋ ହୃଦୟ ଭିତରୁ
ଜାଲ ଫିଙ୍ଗି ଶବ୍ଦ ଖୋଜେ ସମୁଦ୍ର ମଧ୍ୟରୁ
ସେ ଶବ୍ଦକୁ ନେଇ ଲେଖେ ଅନେକ କବିତା
ସେଥିପାଇଁ ତ...
ତମେ ମୋର କବିତାର ନାୟିକା..

ଘୁ.ଉଦୟଗିରି, କନ୍ଧମାଳ

# ଶ୍ରୀ ଜଗନ୍ନାଥ

କଳ୍ପନା ବାରିକ୍

ଭକତ ଭଳଆ ଭକତ କାଳଆ
କଳା ଶ୍ରୀ ଅଙ୍ଗେ ତୋ ବୋଳା ।

ଚନ୍ଦନ କସ୍ତୁରୀ ଧୂପ ଦୀପ
କପୂର ଆରତୀ ଧାରୀ ।

ହେ ବ୍ରଜବିହାରୀ ମୁକୁନ୍ଦ ମୁରାରୀ
ତୋ ପ୍ରେମେ ପାଗଳ ନାରୀ ।

ସହସ୍ର ଭକ୍ତି ସହସ୍ର ଗୁହାରୀ
ଶୁଣି ନ ଶୁଣଇ ହେ ଗିରିଧାରୀ ।

ଭାବର ଠାକୁର ଭାବରେ ଶୁଣୁଛ
ମୁଁ ଭକ୍ତ ତୁମର ନମଣ ହେ ତୁଚ୍ଛ ।

ଦାସିଆ ନଡିଆ ସାଲବେଗ ଭକ୍ତି
ରହିଅଛି ମନେ କରିଦିଅ ମୁକ୍ତି ।

ଧନୀ ର ଠାକୁର ଗରିବର ସ୍ୱର
ଗ୍ରେର ର ଠାକୁର ସାଧୁର ମନ୍ଦିର ।

ପୂର୍ଣ୍ଣ୍ୟର ତିର୍ଥ ଶ୍ରୀ ନୀଳାଚଳ
ତାରୁଛ ମାରୁଛ ହେ ନନ୍ଦବାଳ ।

ସାଗର ଦୁଲ୍ଲଣୀ ଲକ୍ଷ୍ମୀଠାକୁରାଣୀ
ଜଗତର ଶ୍ରେଷଘର କଥା ବୁଝୁଛିପୁଣି ।

ଭକତ ର ଶୋକ ଦୂର କରଇ
ତଙ୍କ ତୋରାଣି ରେ ମନ ପୁରଇ ।

ଜୟ ଜଗନ୍ନାଥ ଦୀନଭକ୍ତ ନାଥ
ଆଦି ନାହିଁ ତୁମ ନାହିଁ ଅନ୍ତ ।

ଶ୍ରୀ ଜଗନ୍ନାଥ ଶ୍ରୀ ଜଗନ୍ନାଥ

ବୈରୀମାଳ, ଯାଜପୁର



# ପ୍ରକୃତିର ଖେଳ



ସଂଜୀବ ମେହେର

ଚନ ବୋଲି ଏକ ଦେଶ
ମଣିଷ କୁ ଛାଡି ସବୁ ଖାଉଥିଲେ
ସାପ ବେଙ୍ଗ ଆଉ ଯୋକ ।
ପ୍ରକୃତି କୁ ଜମା ମାନୁ ନ ଥିଲେ ସେ
ରଖିଥିଲେ ହାତ ମୁଠେ
ସହି ନ ପାରିକ ଶେଷରେ ପ୍ରକୃତି
ସାପ ଭଳ ଦେଲା ଗ୍ଲେଟେ ।
ଭାବିଲା ଦିନେ ସେ ସବୁ ସାରିଦେବି
ମଣିଷ କୁ ଦେବି ମାରି
କରୋନା ନାମରେ ଅତି ଆତଙ୍କିତ
ଜନ୍ମାଇଲା ମହାମାରୀ ।
କାୟା ବିସ୍ତାରିଲା ଏ ଦେଶୁ ସେ ଦେଶ
ପାରିଲେନ କେହି ରୋକ
ସର୍ଦ୍ଦି, ଥଣ୍ଡା, କାଶ ଏ ଭଳ ବ୍ୟାପିଲା
ଶେଷରେ ବୁଜିଲେ ଆଖି ।
ପ୍ରକୃତି କହିଲା ଏଇତ ଆରମ୍ଭ
ଆଗକୁ ରହିଛି ବାକ
ଆଣିବି ଆହୁରି ମାରାତ୍ମକ ରୋଗ
ପଡ଼ିବି ଯେବେ ମୁଁ ଥକ ।
ଏଇ ଥର ତକ ଦୟା ମୁଁ କରୁଛି
ଉପାୟ ଦେଉଛି କହି

ମନ ଦେଇ ଶୁଣ ନର ନାରୀ ଗଣ
ରୋଗ ଯେ ଡେଇଁବ ନାହିଁ ।
ମୁହଁ ରେ ମାସ୍କ ହାତେ ହେଣ୍ଡ଼ ଗ୍ଲୋବ
ଦେହକୁ ରଖିବ ସଫା
ରୋଗ ଡେଇଁବ ନ ଜାଣିଥା ସଭିଏଁ
ରୋଗ ପଡ଼ିଯିବ ଫିକା ।
ବାରମ୍ବାର ନିଜ ହାତ ଧୋଉଥିବ
ଦୂରତା ରଖିବ ଭାଇ
ପାଟି ଆଉ ଆଖି ନାକର ଭିତରେ
ହାତ ପୁରେଇବ ନାହିଁ ।
ବସ୍, ଟ୍ରେନ ଯାତ୍ରା କମ୍ବା ଜାନଯାତ୍ରା
ଜନଗହଳ ର ସ୍ଥାନ
ଏଇ ସବୁଠାରୁ ଦୂରରେ ରହିଲେ
ସବୁ ଭଲ ହେବ ଯାଣ ।

ସାନବାବେଜୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଏବେବି ତତେ ଭଲ ପାଉଛି....



ସନତ୍ କୁମାର ପ୍ରଧାନ

ତୋ ହଜାରେ ମିଛକୁ ମୁଁ ସତ ବୋଲି ଭାବି ନେଉଥିଲି। ତୋ କୋଳରେ ଶୋଇଲେ ମୋ ଦୁଃଖ ସବୁ ଭୁଲି ଯାଉଥିଲି ।କିଏ ଜାଣିଥିଲା ସେ ସପନ ଭାଙ୍ଗି ଯିବ ବୋଲି କିଏ ଜାଣିଥିଲା ଏତେ ମିଛ ଅଭିନୟ ତୋ ପାଖରେ ଲୁଚ ରହିଚ ବୋଲି ତଥାପି ଏବେ ବି ମୁଁ ତତେ ଭଲ ପାଉଛି।

ସେଦିନ ମୁଁ ଅଫିସରୁ ଫେରିଲା ବେଳେ ବର୍ଷାରେ ସମ୍ପୂର୍ଣ୍ଣ ଭିଜି ଯାଇଥିଲି । ତମ ଘର ସାମ୍ନାରେ ମୁଁ ଗାଡି ରଖି ତମ ଘରକୁ ଯାଇଥିଲି କିଛି ସମୟ ଅଟକିବା ପାଇଁ । ପ୍ରଥମ ଥର ତମ ଘରେ ପାଦ ରଖିଥିଲି ସମସ୍ତେ ଅବାକ୍ ହୋଇ ଥିଲେ ତମେ ବି। ହେଲେ ବି ତମେ ସେଦିନ ପୋଛି ହେବା ପାଇଁ ଗାମୁଛା ଟିଏ ଦେଇଥିଲ। ମୋତେ ଲାଗୁଥିଲା ତମ ସହ ମୋର ଆଗରୁ ଯେମିତି ପରିଚିତ ଥିଲା। କିଛି ସମୟ ପରେ ପୁଣି ଆସିଥିଲ ଚା କପ୍ ଟିଏ ଧରି ମୁଁ ଚା ପିଏନ ତଥାପି ସେଦିନ ପ୍ରଥମ ଥର ତମ ହାତରୁ ଚା ପିଇଥିଲି। କିଛି ସମୟ ପରେ ବର୍ଷା କମିବାରୁ ସେଠାରୁ ଚାଲି ଆସିଥିଲି।

ସେଦିନ ରାତିରେ ତମ କଥା ଭାବି ମୁଁ ଶୋଇ ପାରି ନଥିଲି। ପ୍ରତି ମୁହୂର୍ତ୍ତରେ ତମ ସେ ଧାରୁଆ ଚକ୍କଣ ମୁହଁ, ତମର ସେ ଅଧା ମେହେନ୍ଦି ବୋଳା କଳର ଚୁଟି ଆଉ ତମ ଗାଲରେ ଥିବା ଭଉଁରୀ ମୋ ଆଖି ଆଗରେ ଭାସି ଯାଉଥିଲା। ଥରେ ନୁହେ ତମକୁ ବାରମ୍ବାର ଦେଖିବାକୁ ଇଚ୍ଛା ହେଉଥିଲା।

ତା ପରଠୁ ସବୁବେଳେ ମୁଁ ତମ ଘର ବାଟ ଦେଇ ଯାଉଥିଲି ତମକୁ ଦେଖିବା ପାଇଁ ତମେ ବି ଠିକ୍ ସେ ସମୟରେ ତମ ଘର ଦାଣ୍ଡ ପିଣ୍ଡାରେ ତମ ବୁଢୀ ଆଇ ସାଥେ ବସି ଥାଅ। ସବୁଦିନେ ଦେଖା ହେଲା ଆଖିରେ ଆଖି ମିଶି ଥିଲା ଧୀରେ ଧୀରେ ପୁଣି ମୋବାଇଲ ନମ୍ବର୍

ଦିଆନ୍ତଆ। ତା ପରେ ଦିନ ସ୍ରତି **hii...** ଠୁ ଆରମ୍ଭ କରି **bye...**ରେ ଶେଷ **Good Morning** ଠୁ ଆରମ୍ଭ କରି **Good Night** ପର୍ଯ୍ୟନ୍ତ।

ତମକୁ ନେଇ ମୁଁ ଅନେକ ସ୍ୱପ୍ନ ଦେଖିଥିଲି ସହରରୁ ଯାଇ ଗାଁ ରେ ଗୋଟେ ସୁନ୍ଦର୍ ଘର ତିଆରି କରିବି ସେ ଘରେ ଯେମିତି ତମେ ଆଉ ମୁଁ। ମୁଁ ଯେତେବେଳେ ଅଫିସରୁ ଫେରିବି ତମେ ମୋ ବାଟ ଗ୍ରହିଁ ବସିଥିବ। ଅଭିମାନ କରି କହୁଥିବ ଆଜି ଏତେ ଡେରି କାହିଁକ ହେଲା**?** ମୁଁ ତମ ସହ ଜମା କଥା ହେବିନ। ତା ପରେ ମୁଁ କହିବି ଆରେ ବାବା ତମେ କଣ ଜାଣି ନାହିଁ ଅଫିସ କାମ ସାରି ଫେରୁ ଫେରୁ ଟିକେ ଲେଟ୍ ହୋଇଗଲା । ଆଉ ତମେ ମୁହଁ ଫୁଲେଇ ସେମିତି ବସିଥିବ।

କନ୍ତୁ ବିଧିର ବିଧାନ ଥିଲା ଅଲଗା। ତମ ବାହାଘର ଆଉ କୋଉଠି ଠିକ୍ ହେଇ ଗଲା । ମୋ ସ୍ୱପ୍ନ ଆଉ ଶ୍ରୁତି ସବୁ ପ୍ରତାରଣା ର ନିଆଁ ରେ ଜଳ ପୋଡି ପାଉଁଶ ହୋଇଗଲା । ତମ କଥା ମନେ ପଡିଲେ ମୁଁ ସେଇ ପାଉଁସ ମୁଠାଏ ମୁଠାଏ ଆଣି ମୋ ଦେହରେ ବୋଲି ହେଉଛି। ତମ ବିନା ମୁଁ ଆଉ କାହାକୁ ନେଇ ମୋ ନୂଆ ଦୁନିଆ ଦେଖିନ ବରଂ ସାରା ଜୀବନ ମୁଁ କୁଆଁରା ରହିବାର ନିଷ୍ପତ୍ତି ନେଇଛି। କାହିଁକ ନା **#ଏବେ_ବି_ମୁଁ_ତତେ_ଭଲ_ପାଉଛି......**

ରାମପୁର, ବୌଦ୍ଧ

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ତୁମ ଅପେକ୍ଷାରେ

ରତନ ଦନସାନା

ଗ୍ଭଲି ଗଲ୍ ପରେ ତୁମେ ଆଉ ଥରେ
ପାଖକୁ ଫେରିବ ନାହିଁ ।
ତଥାପି ରହିବି ତୁମ ଅପେକ୍ଷାରେ
ଫେରିବା ବାଟକୁ ଗ୍ଭହିଁ ॥
ପ୍ରଥମ ପ୍ରେମର ପ୍ରଥମ ସପନ
ତୁମ ପାଇଁ ଦେଖିଥିଲି ।
ତୁମରି ଅନ୍ଧାର ଦୂର କରୁ କରୁ
ନଜେ ଶେଷେ ଲିଭି ଗଲି ॥
ଭ୍ଭବନା ରେ ତୁମ ଏତେ ଆତଙ୍କିତ
ଦିନ ସରି ଗ୍ଭତି ସରେ ।
ବେଳେ ବେଳେ ମନ ଭ୍ଭବି ହସି ଦିଏ
କେବେ ରହେ ନୀରବରେ ॥
ହଜିଲ୍ ଦିନକୁ ଜୀବନରେ କେବେ
ପାଇ ପାରିବିନ ଫେରି ।
ପ୍ରଥମ ପ୍ରେମର ପ୍ରଥମ ବାଜିରେ
ପ୍ରଥମରୁ ଯିବି ହାରି ॥
ମୋ ଜୀବନର ଏ ସତ କାହାଣୀ ଟି
ଏତିକ ରେ ଯିବ ସରି ।
ସତ କାହାଣୀ ର ଅସତୀ ଝିଅକୁ
ଖୋଜି ଖୋଜି ଯିବି ମରି ॥



# ମୁଁ କ'ଣ ଜାଣିଥିଲି

ସୁବ୍ରତ ସାହୁ

ମୁଁ କ'ଣ ଜାଣିଥିଲି,
ମୁଁ ତୁମକୁ  ଅପେକ୍ଷା କରିବସିଲେ ହିଁ
ରାତି ପାହିଯିବ
ଆଉ ଜହ୍ନ ଲୁଚଯିବ
ଢେର ର ପାହାନ୍ତି ତାର୍ ସେପାଖେ

ସକାଳ ହବା ଆଗରୁ
ସଂଧା ଗ୍ଭଲିଆସିବ
ଆଉ ଅନ୍ଧାର ଘୋଟିଯିବ
ନଗରର କୋଣ ଅନୁକୋଣେ

ପ୍ରତିଟି ଗଳରୁ
ମତେ ଶୁଭୁଥିବ
ତମ କାନ୍ଦ କାନ୍ଦ କଣ୍ଠସ୍ୱର
ପରମୁହୂର୍ତ୍ତରେ ସେ ସ୍ୱର
ବନ୍ଦ ହେଇ ଯାଉଥିବ
ମୋ ପାପୁଲି,ତମ ଆଦୃଶ୍ୟ ଗାଲ ପର୍ଯ୍ୟନ୍ତ
ବଢାଇଲା ମାତ୍ରକେ ହିଁ

ମୁଁ କ'ଣ ଜାଣିଥିଲି
ଏତେ ହୀନସ୍ତା ଯୋଗ ଅଛି ବୋଲି
ମୋ ଜୀବନର ଦୁଆର ମୁହଁରେ...!!

ମେଣ୍ଡରାଜପୁର,ଗଂଜାମ

# ମୋ ପ୍ରିୟା



ଟିକେର୍‌ଜ ସାହୁ

ଦେଖିଥିଲି ତତେ ଯେବେ ମୁଁ ପ୍ରଥମେ
ନଜର ଭଲି ଲାଗିଲୁ
ଦୁଇ ତିନ ଥର ଲେଉଁଟି ଚାହିଁଲି
ସତେକ ଜାଣିଛି ତାକୁ ।

ଜହ୍ନ ପରି ଚେହେର୍ ମୁରୁକ ହସ
ଗୋଲାପି ଗୋଲାପି ଗାଲ
ଫୁରୁ ଫୁରୁ ଉଡେ ମୁଣ୍ଡରେ ତାହାର
କଲା ମେଘ ପରି ବାଲ ।

ନାଲି ଓଢଣୀକୁ ନାଲି ପୋଷାକରେ
ସଜେଇ ହୋଇଛି ପରି
ସତେ ଯେପରିକ ମୋ ପାଇଁ ଆସିଛି
ସରଗ ରୁ ଅପସରି ।

ମୁରୁକ ମୁରୁକ ହସରେ ତାହାର
ଗୋଲପର ଫୁଲ ଫୁଟେ
ଦେଖିଲେ ଏମିତି ଲାଗୁଚ ତାହାକୁ
ମୋ ସ୍ୱପ୍ନର ରାଣି ସିଏ ।

ଗଜ ଗମିନୀ ସେ ମୃଗୟା ନୟନୀ
କୋମଳ ଶାନ୍ତ ତା ବେଶ
ଦେଖି ମତିଗତି ବଦଳ ଗଲାଣି
ପାରେନା ଭୁଲି ତା ହସ ।

ମନ ଗଲିଗଲା ଭାବନା ରାଇଜେ
ମୁହରେ ଭରିଲା ଖୁସି
ମୋବାଇଲ ଖୋଲି ଖୋଜୁଅଛି ଖାଲି
ମୋ ପ୍ରିୟାର ସେଇ ହସି ।

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମୁଁ ଏକ ଅନାଥ ଟିଏ



ରାଧାରାଣୀ ରାଉଳ

ରାସ୍ତା କଡରେ ମୁଁ ବାଟ ଭିକାରିଟେ
ବାଟ ଘାଟ ମୋର ବନ୍ଧୁ,
ସୁଖ ନୁହେଁ ମୋର ଚିର ସହଚର
ଦୁଃଖ ମୋର ମହା ସିନ୍ଧୁ ।

ଜୀବନଟା ମୋର ଅସ୍ଥାୟୀ ଠିକଣା
ପାଣିର ଫୋଟକା ପରି,
ଝୁଣ୍ଟିଲେ ପଡିଲେ କଷ୍ଟବି ଆସିଲେ
ଯାଏ ନାହିଁ କେବେ ଡରି ।

ରାସ୍ତାର ସେହି ଦୁଇ କଡେ ଚାଲେ
ଜୀବନର ଗୀତ ଗାଇ,
କଷ୍ଟ ମୋହର ନରବ ଭାବନା
ଦେହ ମୋର ଯାଏ ସହି ।

ସବୁ ଜାଣି ପୁଣି ଚାଲେ ଏକା ଏକା
ବାଟ ବତାଇବ କିଏ,
ବାପା ମାଆ ମୋର କେହିତ ନାହାନ୍ତି
ମୁଁ ଏକ ଅନାଥ ଟିଏ ।

ରସ୍ତା କଡର ଧୂଳ ସାଥେ ମିଶି
ଜୀବନକୁ ବୋଧ ଦିଏ,
ଜୀବନ କେବେମୋ ଧୂଳରେ ମିଶିବ
ସେହିବାଟ ଗୃହିଁ ଥାଏ ।

ଏଇ ମୋ ଜୀବନ ଯନ୍ତ୍ରଣା ଭରା
ଆଶା ମୋର ଦୀପ ଟିଏ,
ନରାଶା ଅନ୍ଧାରେ ପ୍ରଭୁ ଏକା ସାହା
ଆଉ ମୋର ଅଛି କଏ ।

କଟିକଟା,ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଆଞ୍ଚଳିକ

# ବାହ୍ଵର କାଏଁ ଦୋଷ

ସୁନନ୍ଦ ତ୍ରିପାଠୀ

ସବୁ ମାଁ ବୁଆ ଭ୍ବସନ ମୋର ପୁଓଟା ସୁତର ଥିଲ୍
ମାଁ ବୁଆକେ ପିଲ୍‌ଟା ତାର ଜିବର ଜୀବନ କରିଥିଲ୍
ବିହା ଯେନତା କରେଇ ଦେଲୁଁ ପରଛା ଗଲ୍ ବଦଲି
ପିଲ୍‌ଗୁଟକ ଖାଣ୍ଟି ସୁନା ମୋର ବହ୍ଵ ଗୁଟକ ନକଲି ।।
ପୁଓ ଥିଲ୍ ମୋର ଶ୍ରବଣ କୁମାର ସବୁ କଥା ମାନୁଥିଲ୍
ଭୁଆସେନ ଘରକେ ଢୁକଲ୍ ଙ୍କ ପିଲ୍‌ଟା ବଦଲିଗଲ୍
ଶିଖେଇ ପଢ଼େଇ କରି ପିଲ୍‌କେ ମୋର ସହ୍ଵର କେ ନେଲ୍ ବୁହି
ପିଲ୍‌ଟା ଆଏଜ ଦେଖଲେ ବି ଆମକୁ ଚନଭ୍‌ର ନେଇଁ ।।
ଯେନ ମାଁ ବୁଆ ଏନ୍ତା ଭ୍ବସନ ତାହ୍ଵାକୁ କହୁଛେଁ ମୁଇଁ
ପିଲ୍‌ର ଦୋଷ ସବୁ ଆଏ ଭୁଆସେନର କଛି ନାଇଁ
ପିଲ୍ କେ ଯଦି ଭଲ ସଂସ୍କାର ଦେଇଥିତ ତୁମେ ଶିଖେଇ
କେଭେ ବି ପିଲ୍ ତୁମକୁ ଛାଡି ନେଇଁ ଯେଇଥିତା ପଲେଇ ।।
ଯେନତା କାମ କରିଥିମା ଆମେ ହେଟା ଶିଖବା ପିଲ୍
ଛୁଆ ବେଲୁ ଯଦି ସଂସ୍କାର ଦେମା ପଛେ ନ ହୁଏ ଭେକଲ୍
ବହ୍ଵ କେ ଖାଲି ଦୋଷ ଦେବାର ଟା ନଜର ମୂର୍ଖାମୀ ଆଏ
ମାଁ ବୁଆ ତୁମର ମନ ଭିତରକେ ପଚରେଇ ଦେଖ ଘାଏ ।।

ଯୋଗୀସର୍ଡ଼ା


# ବିଚର୍ ଚସା

ଶୁକଦେବ ସାହୁ

ଝୁରମୁରେଇ ଜେଇଛେ ସାଗୁଆ ଧାନର୍ କେଁଡା
ମରି ଜେଇଛେ ତା'ର୍ ଭିତରର୍ ତାଜାପନ୍
ଅଭିବି ବରସା କେତେବେଲେ ସାଧୁଛେ ଦାଉ ତ
କେତେବେଲେ ବଁକ ଚକଡା ନାହେଲେ ମହେସା
ଇ ସମିଆକେ ଉସୋ ଟିକକ୍ ଚସାର୍ ସାହା ଭରସା
ଉସୋ ତା'ର ଧାନ୍ ଲାଗି ସଂଜିବନ ଆଏ
ମଲ୍ ମୁହୁଁଥୁ ଫେର୍ ଘାଏଁ ଫିରେଇ ଆନବା
ଲସଲସେଇ ଜିବା ଲପଲପେଇ ଜିବା ଧାନଗଛ୍
ସାଗୁଆ ନୁଁ ହଲଦିଆ ହଲଦିଆନୁଁ ଲାଲ୍ ହେବା
ଦାଇ ନେଲେଁ ଖଲାନ ପୁରସେ ଡେଂଗେ ଗଦା ହେବା ଖରି
ମଡେଇ କରି ବସ୍ତା ବାଂଧିଦେଲେଁ
ଧାନ୍ ବସ୍ତାରେ ତା''ର୍ ଘର୍ ଜିବା ପୁରି
ତାର୍ ତାର୍ ଉପରେ ଲଦା ଟେଂଗର୍ ହଇକରି
ହେଲେ କାଏଁ କରବା ବିଚର୍ ଚସା
"ମୁଠେ ଦାନାକେ କୁଟେ ପେଟ୍"
ଏଡକ ଦେସଟାକେ କେନତା କରି ଆହାର୍ ଜୁଗାବା
ଅଧିକ୍ ଅଧିକ୍ ବଲି ବାମଲାକେ କାଏଁନ ଇ ଦସା
ସଗଡେ ଛେଲ୍ ଲେଁଡି,ଖର୍ସି ଖତ୍ ପକେଇ ଦେଲେ
ଜେନ୍ ମାଏଟଥିଁ ଫଲୁଥିଲ୍ ମୁଡାମୁଡା ଧାନ୍
ବିଗିଡି ଜେଇଛେ ତା'ର୍ ବତର୍
ଫଲତିନୁଁ ବାଁଝେନ୍ ପାଲଟିଛେ ମାଏଟ୍
ସାର୍,ଉସୋ ବିନା ଚସା ପୋ କାଣା କରବା
ଲାଗ୍ ବାଡି ଖଂଜା ବୁବଡା କରି ମାନେ ପାଏବାର୍ ଆସ୍

କୁହି ମରଡିରେ ଉହୁଲି ନାହେଲେ ସୁଖ୍ଗୁଟି ଜାଏସି
ସରକାରି ସୁବିଧା ତ କହେଲେ ନାଇଁ ସରେ
ଅଭିବି ସାର ବିହନର୍ କଲାବଜାରି ସାଂଗେ
ଧାନ୍ ବିକରିର୍ ଅସବିଧା କେତେ ଦହଗଂଜ କରସି
ନେତା ମାନକର୍ ଉପର୍ ଠାଉରିଆ ସହାନୁଭୁତି
ରୁନ୍ ଛାଡର ମୁଠେ ମିଛ୍ ପ୍ରତିସୃତି
ଫେର୍ ଜେନଟାକେ ସେଟା
ନାଇଁ ବଦଲେ ଚସାର୍ ଭିଏଗ୍
ହେଥି ଜଦି କେନ ଚସା ପୋ'ଟେ
ଉଚକ ହେଲ୍ କ ମହର୍ ପିଇଲ୍
ଲୁକେ କେତେ ଟପା ଦାଏକା ମାରସନ୍
କହେସନ୍ ହେ ଧୋକା ଖାଇଛେ ବୋ ପେରେମଥିଁ
ବିଚର୍ ଚସା,ମଲେ ଭି ଗୁଲଗୁଲ୍ ତା'ର୍ କେନ ପିଛା ଛାଡସି ।

ଖାରୀ, ତରଭା, ସୋନପୁର



# ସମଲେଇ ମାଁ



ବିଶ୍ୱନାଥ ଭୁଏ

ସମଲେଇ ମାଁ ସମଲେଇ ମାଁ
ସମଲେଇ ମାଁ ସମଲେଇ ମାଁ....!
ତୋର ଛୁଆ ଆମେ ଖାଲି
ନାଇଁ ଯିବୁ ମାଁ ଆମକୁ ଭୁଲି
ବିପଦ କେ ତୁଇ ନାଶ କରି
ଦୁଲେଇ ଦେ ତୋର ହଁସିର ଦୁଲି....!
ତୋର ଦୟାର ଛଏଁର୍ ଥି
ଟିକେ ଠାନ ଦେଗୋ ମାଁ
ସମଲେଇ ମାଁ ସମଲେଇ ମାଁ
ସମଲେଇ ମାଁ ସମଲେଇ ମାଁ....!
ଦୁନଆଁର ଇ ଭିଡ ଭିତରେ
ଏକଲ୍ ଏକଲ୍ ଲ୍‌ଗୁଛେ
ତୋର ବିନେ ମନଟା ମୋର
ସଥେ ନାଇଁ ବୁଝୁଛେ....!

ଭଲ ବାଟେ ଯିମି ବଲି
ବାଟ ନାଇଁ ପାଉଛେଁ
ର୍‌ତି ଦିନ ସବୁବେଲେ
ତୋର ଆସର୍‌ଥି ରହୁଛେଁ.....!
ବିଛେଇ ଦେ ତୋର ଉଜାଲ୍
ଇ ଅନ୍ଧାର ବାଟେ ମାଁ
ସମଲେଇ ମାଁ ସମଲେଇ ମାଁ
ସମଲେଇ ମାଁ ସମଲେଇ ମାଁ.....!

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼

# ନାଇଁ ଯାଏଁ ମୁଇଁ ଦାଦନ



ନବୀନ କୁମାର ପଧାନ

ନାଇଁ ଯାଏଁ ମୁଇଁ ଦାଦନ
ଇଟା ଭଟିନ କାମ କରି କରି
ନାଇଁ ଯାଉ ମୋର ଜୀବନ ॥
ବୁଆ ମରିଗଲ୍ ମଦ ପିଇ ପିଇ
ମାଆ ହୋଇଛେ ଘ୍ଆଁଡି
ଇନ୍ଦର୍ ରଜା କେ ଗୁହାରି କରୁଛେଁ
ନ ହେଉ ଆମର୍ ନ ମର ଡି ॥
ଆମର ଗାଁ ଆମକୁ ସୁନ୍ଦର୍
କ୍ଷେତର୍ କାଦୋ ଚନ୍ଦନ୍
ସବୁଆଡ଼େ ଆମର ପାହାଡ଼ ଝରନା
ମାଟିର ଘର ଚକନ ॥
ଇନ ରହେମୁଁ ଇନ ବଢ୍ ମୁଁ
ଗାଁ ନ ପଢ୍ ମୁଁ ପାଠ
ଆମର ଜଙ୍ଗଲ ଆମର ସମ୍ପତ୍ତି
ଅଛେ କମାବାର ବାଟ ॥
ବିଦେଶ ଯାଇ ମହାଜନ ହେବାର
ନାଇଁନ ଆମର ସପନ
ଗାଆଁ ମାଆଁ ଛାଡି ଦାଦନ ଯାଇ
ନ ହେଉ ଆମର ମରନ ॥

ସାନଫାସଡ଼, ବଲାଙ୍ଗୀର

# ଗୁର୍ଦୁଟେ ଜୁହାର



ଚୁଲେଶ୍ୱର ନାୟକ

ଦିନରେତ ଖରା୍‌ଶୀତ
ନ ଯାନବାର ଯିଏ,
ପଗଡି ବାନ୍ଧି ହଳକରସି
ଗୃଷୀ ଭାଇ ଆମର ସିଏ ॥

ଯୋଗ୍ୟ ପୁତ୍ର ଏଇ ମାଟି ରେ
ଜନମ ନେଇଛନ ବୀର,
ତାକର କାମ ସେମାନେ କରଶନ
କଟି ଗଲେ ଭି ଶିର॥

କେତେକ ପରବ ଗୀତ
ସାଇତି ରଖିଛେ ମା ମେଟ,
ଢୋଲ ନଶାନ ମହୁରୀ ବାଜି
ଦୁଲୁକ ଯାଏସି ଦିନରାଏତ ॥

ଘୁଡକା ବଜା ଲାଗସି ମଜା
କେଡେ ସୁମଧୁର,
ଘୁମୁରା ନାଟ ଦେଖବାକେ
ଯାଏସୁ କେତେକ ଦୂର ॥

ବର୍ଷେ ଥରେ ଆଏସି ମୁଣ୍ଡେଇ ପରବ
ଭେଦୋ ଜନେ ସିଘା ତିହାର ନୂଆଖାଇ,
କେଡେ ଉଛନ ହେସି ମନ
ସଭେ ଆମେ ଭଇ ଭଇ ॥

ଦିନପରେ ମାସ ମାସପରେ ବରଷ
ଆଏସି ମଉଜର ତିହାର,
ଆମର ପରମ୍ପରା ଆରୁ ସଂସ୍କୃତି କେ
ମୋର ଗୁର୍ଦୁଟେ ଜୁହାର ॥

ଯୁକ୍ତଦୁଇ ବିଜ୍ଞାନ ପୁରୁଣା ଛାତ୍ର
ଲମ୍ବୋଦର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚ଼ଚେଇଗୁଡ଼ା,
କଳାହାଣ୍ଡି

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କଏ ସୁଁଦର୍



ବାଙ୍କାବିହାରି ମହାକୁର

ଫୁଲ୍'ବାରିନେ ଦିନେ ପର୍'ଜାପତି
କଲିଆ ଭମର୍ ଆରୁ ମହୁମାଛି
ଘୁମାଘୋଟ୍ ତିନ୍'ହେଁ ମାଡ୍'ଗାଲି ,
ନଜ୍'କେ ଦେଖେଇ କହୁଥାଆନ୍
ନଜର୍ ବାହାଦୁରି ମାରୁଥାଆନ୍
ସବ୍'ଠାନୁ ଅଧ୍'କା ସୁଁଦର୍ ବଲି ।
ଦୁହୁଲି ଯାଉଥାଏଁ ଫୁଲ୍'ବାରି
ତିନ୍'ହେଁ ହେଉଥାଆନ୍ ମଗ୍‌ମରି
ଫୁଲ୍'ଯେତେଁ ରହିଥାଆନ୍ ସର୍'ପଟି,
ଗଛ୍'ପଖଗ୍‌ନୁ ଥାଇ ଦେଖ୍'ଲ୍‌କେ କଜଲ୍'ପାତି
ପାସ୍'କେ ଆସିଁ ସମ୍' କେ କହେଲ୍ ଝଟ୍'ତି
ପରିବେଶ୍'କେ ଛିନ୍'ଭିନ୍ କରି
କେନ୍'ତା ଉଜୁକ୍ କର୍'ସ ଭୁର୍'କୁଟି ।
ତହିଁରୁ କଜଲ୍ କହେଲ୍ ହୁରୁଦ୍ ଖୁଲି
ସୁଁଦର୍ କଏ ? ମୁଇଁ ଦେବି ବତାଇ
ଗୁଟେ ମନ୍ ଚତ୍'ତେ ଶୁନ ଲଗାଇ ମତି,
କପଟ୍'ନେ ନେସି ଫୁଲ୍ ରସ୍ ସୁଁସି
ମୁଁହ୍ ନଦେଖେ ଫୁଲ୍ ହେଲ୍ ଉତାରୁ ବାସି
ପେଟ୍ ପୁର୍‌ଇ ଡିଁଗ୍ ମାର୍'ସି ପର୍'ଜାପତି ।
ଗୁନ୍'ଗୁନାଇଁ ଗିତ୍'କେ ଗାଇ କରି
ରସେଁ ପେଟ୍ ଭର୍'ଲେ ଟିହ୍'ଲେ ଘିରିଘିରି

ହୁରୁଦ୍'କେ ନ ଚନ୍'ହିଁ ପାରେ ଭମର୍ ଜାତି ,
ସବ୍'ଫୁଲେଁ ସର୍'ଧାନେ ରଖି ଭବ୍ ପିର୍ 'ତି
ସୁଁସିନେଲା ରସ୍'କେ ଯତ୍'ନାସି ଦିନ୍'ଗତି
ସଁସାର୍'ହିତେ ମହୁ ଭବେ ଦେସି ମହୁମାଛି ।
ଉପର୍ ସୁଁଦର୍'ଟା ଗୁଏଁ ହଲ୍'ଦୀ
ଦିନାଦୁରେ ମେଟି ଯାଏସି ଜଲ୍'ଦି
ମନ୍'ଟା ହେଇଯାଏସି ବାଟ୍'ବନା ,
ଭିତର୍ ସୁଁଦର୍'ଟା ସବୁଦିନଆଁ
ମର୍'ବାର୍ ତକ୍ ଥିସି ସକ୍'ତାନଆଁ
ଭବ ଡୁରେ ହେଇ ଗୁରେଇ ଗାଏସି ଗାନା ।
ସଁସାର୍'ହିତ୍ ଲାଗି ଯିଏ ଜୀବନ୍ ଦେସି
ମନ୍ ଭିତ୍'ରୁ ପାସ୍'ରି ପାତର୍ ଅଁତର୍,
ମହତ୍ କବାର୍'ନେ ଯାହାର୍ ମନ୍ ଘାଁଟିହେସି
ହୁର୍'ଦେ ସୁର୍'ତା କର ସିଏ ଅଧ୍'କା ସୁଁଦର୍ ।
କଥାକେ ଶୁନ କରି ରହେଲେ ଗୁପିମାଡି
ପର୍'ଜାପତି ଆରୁ କଲିଆ ଭମର୍ ,
ସମାଜ୍'ଠାନେ ହେନ୍'ତା ଲୁକ୍ ପାର୍'ଲେ ଚନ୍'ହିଁ
ମହୁମାଛି ଲେଖେନ୍ ଲୁକ୍ ଯେତେଁ ପାଏତେଁ ଆଦର୍ ।

ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

# ଶିଶୁ ବିଭାଗ



# ମଞ୍ଜି ଭର୍ତ୍ତି କଦଳୀ



ଡ଼ଃ ରଞ୍ଜିତ କୁମାର ସାହୁ

ଠୋ ଠୋ ହୋଇ ହସି ଉଠିଲା ପିକୁନ ଡାଁମୁରୁର ଉତ୍ତର ଶୁଣିକ । ତାହାର ସାମ୍ନାରେ ବସିଥିଲା ଡ଼ାମୁରୁ ସୌର୍ । ଶୁଖିଲା ଗୋଲ ମରିଚ ଭଳ ଦିଶୁଥିବା ମୁଠାଏ ମଞ୍ଜିକୁ ନେଇ ଡାଁମୁରୁ ତାହାର କୁନ ଛୁଆ ମୁରୁଙ୍ଗାକୁ ଗଣିବା ଶିଖେଇବାକୁ ଚେଷ୍ଟା କରୁଥିଲା । ପିକୁନ ପଗ୍ଚରିବାରୁ କହିଲା ସେ ଗୁଡିକ କଦଳୀର ମଞ୍ଜି । ଡାଁମୁରୁର ସ୍ତ୍ରୀ କୁଆଡେ କଦଳୀରୁ ମଞ୍ଜି ବାହାର କରିକ ଫିଙ୍ଗି ଦେଇଥିଲା । ମୁରୁଙ୍ଗା କାନ୍ଦୁଥିବାରୁ ଡାଁମୁରୁ ତାକୁ ବୁଝେଇବାକୁ ଆଉ ତାହାର ଧ୍ୟାନ ଅନ୍ୟ ଆଡେ କରିବାକୁ ସେହି ମଞ୍ଜି ସବୁ ନେଇ ଏକେ, ଦୁଇ ତିନ..ଖେଳ ଆରମ୍ଭ କରି ଦେଇଥିଲା ମୁରୁଙ୍ଗା ସହିତ ।

ବାପାଙ୍କ ସହିତ ସୁଦୂର କୋର୍‌ପୁଟ ଜିଲ୍ଲାର ଏକ ପର୍ବତୀୟ ଇଲାକାକୁ ଭ୍ରମଣରେ ଆସିଥିଲା ପିକୁନ । ବୋଉ ଅଜାଙ୍କ ଦେହ ଖର୍‌ପ ଥିବାରୁ ତାଙ୍କ ଦେଖା ଶୁଣା କରିବାକୁ ଯାଇଛନ୍ତି । ଘରେ ଏକ ଏକା ରହି ରହି ବିରକ୍ତ ହେଉଥିଲା ପିକୁନ । ବାପାଙ୍କର ତିନ ଦିନଆ ଟୁରଟିଏ ପଡିଲା କାମ ସନ୍ଦର୍ଭରେ । ବାପାଙ୍କର ଜଣେ ବାଲ୍ୟବନ୍ଧୁ ଶଙ୍କର ମଉସା ମଧ ସେହି ଅଞ୍ଚଳର ଏବଂ ପିକୁନକୁ ଦେଖିବାକୁ ମନସ୍ତ କରୁଥିଲେ । ତେଣୁ ବାପା ତାକୁ ତାଙ୍କ ଘରେ ଛାଡି ଦେଇ ନଜ କାମରେ ବ୍ୟସ୍ତ ହୋଇ ଯାଇଥିଲେ । ପିକୁନ ଶଙ୍କର ମଉସାଙ୍କ ଘର ସାମ୍ନାରେ ରହୁଥିବା ଡାଁମୁରୁ ସହିତ ସାଙ୍ଗ ହୋଇ ଯାଇଥିଲା ।

"ହସିଲେ କଣ ପାଇଁ ଆଜ୍ଞା, ସତ କହୁଛି, ଟିକେ ରୁହ," ଡାଁମୁରୁ ଘର ଭିତରକୁ ଯାଇ କଛି ସମୟ ମଧରେ କଦଳୀ ଫେଣାଟିଏ ଆଣି ଧରେଇ ଦେଲା ପିକୁନ ହାତରେ । "ଏତିକ ପାଚ ଯାଇଛି ଆଜ୍ଞା, ଖାଇ ହେବ," ଡାଁମୁରୁ କହିଲା । ମନରେ ସନ୍ଦେହ ଥିଲେ ମଧ ପିକୁନ ଗୋଟିଏ କଦଳୀର ଚ୍ଚୋପା ଛଡେଇ କ ଦେଖିଲା । ଅଲଗା ପ୍ରକାର ଏକ ମଧୁର ବାସ୍ନା ଥିଲା ସେ କଦଳୀର, ପାଟିରେ ପକେଇ ଖାଇଲା ବେଳକୁ କଛି ଗୋଟିଏ ବାଜିଲା

ତାହାର ଦାନ୍ତରେ । ପାଟିରୁ ବାହାର କରି ଦେଖିଲା, ସତ କୁ ସତ କଳା ରଙ୍ଗର ମଞ୍ଜିଟିଏ।



ଆଉ କଛି କହିବା ପୂର୍ବରୁ ମାଉସୀଙ୍କ ଡାକ ଶୁଣି କଦଳୀ ଗୁଡିକ ଧରି ଗ୍ଭଲିଗଲା, ଡାଁମୁରୁକୁ ଧନ୍ୟବାଦ ଜଣେଇ ମଉସାଙ୍କ ଘର ଭିତରକୁ । ତାହାର ହାତରେ କଦଳୀ ଫେଣା ଦେଖିକ ମାଉସୀ ପଗ୍ଭରିଲେ, "ତୋତେ ଡାଁମୁରୁ ଦେଇଛି କ?" ପିକୁନ "ହଁ" କହି ମୁଣ୍ଡ ଟୁଙ୍ଗାରିଲା ।

"ବହୁତ ଭଲ ମଣିଷଟିଏ ଡାଁମୁରୁ । ତାହାର ଜମିରେ କେତେ ରକମର ଜଙ୍ଗଲି କଦଳୀ ଲଗେଇଛି । ବହୁତ ଥର ଆଣିକ ଦେଇ ଯାଏ, କଞ୍ଚା ଆଉ ପାଚଲା କଦଳୀ । ଆମେ ବଜାରରୁ ପ୍ରାୟ କଦଳୀ କଣୁ ନାହୁଁ ଆଉ," ମାଉସୀ କହିଲେ ।

"ମୁଁ ଆଶ୍ଚର୍ଯ୍ୟ ହେଇଗଲି କଦଳୀରେ ମଞ୍ଜି ଦେଖିକ," ପିକୁନ କହିଲା ।

"ହଁ ତୁ କେମିତି ଦେଖିବୁ ଯେ? ଯାହା ସବୁ ସହରରେ ମିଳେ, ସେ ସବୁ ବ୍ୟବସାୟିକ କସମର କଦଳୀ । ଅନ୍ୟ ପ୍ରକାର ଫଳ ପରିବା ଭଳ ଧୀରେ ଧୀରେ କଦଳୀର ଅନେକ ପ୍ରଜାତି ଲୋପ ପାଇ ଗଲାଣି, କାରଣ କଛି ବିଶେଷ ପ୍ରକାରର କସମ ଯାହା ବ୍ୟବସାୟିକ ଆଉ ପୌଷଟିକତା ଦୃଷ୍ଟିରୁ ସୁଲଭ, ତାହାକୁ କେବଳ ଗୁରୁତ୍ୱ ଦିଆ ଯାଉଛି," ମାଉସୀ କହିଲେ ।

"ଆଚ୍ଛା, ତାହା ହେଲେ କଣ ଡାଁମୁରୁ ଜଙ୍ଗଲୀ କଦଳୀ ରଖିକ ଭଲ କରିଛି ?" ପିକୁନ ପଗ୍ଭରିଲା ।

"ହଁ ଆଜି ଅନେକ ଫସଲର ଏହି ଦଶା ହେଲାଣି । ଲୋକେ କିଛି କିସମକୁ ପ୍ରାଧାନ୍ୟ ଦେଇକି ଅନ୍ୟ ଗୁଡିକକୁ ଏଡେଇ ଦେଉଛନ୍ତି । କିନ୍ତୁ ପ୍ରତ୍ୟେକ କିସମର କିଛି ବିଶେଷ ଗୁଣ ରହିଛି । ଭବିଷ୍ୟତରେ କେଉଁ ଗୁଣଟି ଦରକାର ପଡ଼ିବ କିଏ ଜାଣେ ? ତେଣୁ ପ୍ରତ୍ୟେକ ଉଦ୍ଭିଦ ର ଜୈବ ବିବିଧତା ସୁରକ୍ଷିତ କରିବା ଦରକାର । ଆଜି କେବଳ ଆଦିମ ଜନ ଜାତି ମାନେ ହିଁ ପୃଥିବୀର ବିଭିନ୍ନ ସ୍ଥାନରେ ଏହି ଜୈବ ବିବିଧତା ସଂରକ୍ଷଣରେ ଅଗ୍ରୀମ ଭୂମିକା ନେଉଛନ୍ତି । ତୁ ଏ ଯେଉଁ କଦଳୀ ଧରିଛୁ, ଏଥିରେ ମଞ୍ଜି ଅଛି ସତ, ଏହାର ସ୍ୱାଦ ନିଆରା । କିଏ ଜାଣେ ଏଥିରେ କେଉଁ ସବୁ ଉପକାରୀ ଗୁଣ ଅଛି ।"

"କିନ୍ତୁ କଦଳୀ ତ ଜଣାଶୁଣା ଫଳଟିଏ ଆଉ ମୁଁ ଜାଣେ ଏହାର ପରିବା ରୂପରେ ବ୍ୟବହାର ହୁଏ । ଦକ୍ଷିଣ ଭାରତରେ ଏକ କିସମାର କଦଳୀରୁ ନଡ଼ିଆ ତେଲରେ ଛଣା ଯାଇ ଏକ ପ୍ରକାର ଚିପ୍ସ ମଧ୍ୟ ତିଆରି ହୁଏ, ଯାହା ମୋର ପସନ୍ଦ," ପିକୁନ କହିଲା ।



ମାଉସୀ କହିଲେ, "ହଁ, କଦଳୀ ଏକ ବହୁତ ଉପକାରୀ ଫସଲ ଅଟେ । ଏହା କେବଳ ଫଳ ଆଉ ପରିବା ରୂପରେ ବ୍ୟବହାର ହୁଏ, ସେ କଥା ନୁହେଁ । ଏହାର ମଞ୍ଜା ଆଉ ଫୁଲ ମଧ୍ୟ ଖିଆ ଯାଏ । ଏହାର ପତ୍ର ତ ଖାଇବା ଲାଗି ବ୍ୟବହାର ହୋଇଥାଏ ଅନେକ ସ୍ଥାନରେ, ଯାହା ପ୍ଲାଷ୍ଟିକ ପ୍ଲେଟ ଠାରୁ ଶ୍ରେୟସ୍କର । କିଛି ଲୋକ ପାଚିଲା କଦଳୀ ଚୋପାକୁ କୀଟ ପତଙ୍ଗ ଦ୍ୱାରା ହୋଇଥିବା କ୍ଷତରେ ପ୍ରୟୋଗ କରିଥାନ୍ତି । ଆଜି କାଲି କଦଳୀ ଚୋପାକୁ ସୌନ୍ଦର୍ଯ୍ୟ ସରଞ୍ଜାମ ଉତ୍ପାଦନ ପାଇଁ ମଧ୍ୟ ବ୍ୟବହାର କରାଯାଉଛି। କଦଳୀ ଗଛର ଅବଶିଷ୍ଟ ଅଂଶ ସାର ରୂପରେ ମଧ୍ୟ ଉପକାରୀ," ମାଉସୀ କହିଲେ ।

"ମୁଁ ତ ପଢ଼ିଥିଲି, କଦଳୀ ଗଛର ତନ୍ତୁରୁ ଛୁଆ ମାନଙ୍କ ପାଇଁ ଡ଼ାଇପେର ତିଆରି ହୁଏ, ଆଉ ମୁଦ୍ରା ନିମନ୍ତେ ଦରକାର ଥିବା କାଗଜ଼ ମଧ୍ୟ । ଏଥିରୁ ଦଉଡି ମଧ୍ୟ ତିଆରି ହୁଏ," ପିକୁନ କହିଲ୍ ।

"କାଲି ଦିନ ସାରା କିଛି କାମ ନାହିଁ, ଡାଁମୁରୁ ସହିତ ତାହାର ବିଲ ଆଡ଼େ ମାଡି ଆସେ । ସିଏ କେତେ ପ୍ରକାରର କଦଳୀ ଲଗେଇଛି ଦେଖି ଆସେ । ଏକ ପ୍ରକାର ନାଲି ରଙ୍ଗର କଦଳୀ ମଧ୍ୟ ଲଗେଇଛି । କିନ୍ତୁ ତାହାର ଜମିଟି ପାହାଡିଆ ଜମିରେ, ଝରଣା ଆଉ ପଥର ମଧ୍ୟରେ, ଜାଗ୍ରତରେ ଯିବୁ," ମାଉସୀ କହିଲେ ।



ପିକୁନ ଖୁସି ହୋଇ ଗଲ୍ । ଯାହା ହେଉ ଘରେ ବସି ବସି ବୋର ହେବାଠୁ ନୂଆ କିଛି ଦେଖିବାକୁ ଆଉ ଶିଖିବାକୁ ମିଳଲ୍ ।

୨୪୭ ସି, କୋମୋନଓ୍ୱେଲଥ୍ ଡ୍ରାଇଭ୍,
ଗ୍ଭରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ରଙ୍ଗବେରଙ୍ଗ ପ୍ରଜାପତି



ନୀଳମାଧବ ସାହୁ

ବିମଳବାବୁ ପ୍ରସାଦପୁର ଗାଁ ଓ ଆଖପାଖ ଗାଁ'ର ଜଣେ ଜଣାଶୁଣା ଲୋକ | ସେ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ସାରି ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି | ପାଠ ପଢ଼ାଇବା ସହ ତୂଳୀରେ ଚିତ୍ର ଆଙ୍କିବା ତାଙ୍କ ନିଶା | ଯେତେବେଳେ ବି ସମୟ ପାଆନ୍ତି ତୂଳୀ ଓ କାଗଜ ଧରି ବସିପଡ଼ନ୍ତି ନିଜ ମନ ଓ ଭାବନାରେ ଥିବା ଚିତ୍ରକୁ ଆଙ୍କିବା ପାଇଁ |

ଆଜି ବଗିଚାରେ ବହୁତ ଗୁଡିଏ ପ୍ରଜାପତି ଦେଖିଛନ୍ତି ବିମଲ ବାବୁ ଓ ମନସ୍ତ କରିଛନ୍ତି ତାକୁ ନିଜ ତୂଳୀରେ ଆଙ୍କି କାଗଜରେ ଜୀବନ ଦେବେ | ପୁରୁଣା ରେଡ଼ିଓକୁ ଲଗାଇ ଗୀତ ଶୁଣିଶୁଣି ଆରମ୍ଭ କରିଦେଲେ ଚିତ୍ର ଆଙ୍କିବା | ଠିକ ଏହି ସମୟରେ ତାଙ୍କର କିଛି ଛାତ୍ର ତାଙ୍କୁ ସାକ୍ଷାତ କରିବାକୁ ଆସିଲେ | "ଗୁରୁଜୀ ଆମକୁ ଚିତ୍ରକଳା ଶିଖାଉନାହାନ୍ତି?" ଚିତ୍ର ଦେଖି ସେହି ପିଲାମାନେ ବିମଳବାବୁଙ୍କୁ କହିଲେ | "ହଁ ନିଶ୍ଚୟ", ବିମଳବାବୁ ଉତ୍ତର ଦେଇ ଚିତ୍ର ଆଙ୍କିବାରେ ବ୍ୟସ୍ତ ରହିଲେ |



କିଛି ସମୟର ନୀରବତା ପରେ ପିଲ୍ମାନେ ବିମଳବାବୁଙ୍କୁ ପଚାରିଲେ, "ପ୍ରଜାପତି ଆଙ୍କିବା କଥା କେମିତି ଭାବିଲେ ଗୁରୁଜୀ ?" "ମୋ ବଗିଚାରେ ବିଭିନ୍ନ ପ୍ରକାରର ଓ ରଙ୍ଗର ପ୍ରଜାପତି ଆସନ୍ତି ସେମାନଙ୍କୁ ଦେଖି ଏହି ବିଷୟଟି ଅଙ୍କା ଯାଉଛି" ବିମଳ ବାବୁ ଉତ୍ତର ଦେଲେ । "ତୁମେ ମାନେ ମଧ୍ଯ ମୋ ବଗିଚାକୁ ଯାଇ ପ୍ରଜାପତି ଦେଖିପାରିବ", ପୁଣି ବିମଳବାବୁ କହିଲେ । ତା'ପରେ ପିଲ୍ମାନେ ଗଣିତ ବିଷୟର ଶଙ୍କା ଦୂର କରି ଘରକୁ ଫେରିଲେ । ଫେରିବା ପୂର୍ବରୁ ସେମାନେ ରବିବାର ଦିନ ବଗିଚା ଓ ପ୍ରଜାପତି ଦେଖିବାକୁ ଆସିବେ ବୋଲି ବିମଳବାବୁଙ୍କୁ ଜଣାଇଦେଲେ । ବିମଳବାବୁ କହିଲେ, "ପ୍ରଜାପତି ବିଷୟରେ ବହୁତ କିଛି ଜାଣିବ ସବୁ, ନିଶ୍ଚୟ ଆସିବ ।"

ତା'ପର ରବିବାର ଦିନ ସକାଳୁ ସକାଳୁ ପିଲ୍ମାନେ ସବୁ ବିମଳବାବୁଙ୍କ ବଗିଚା ଦେଖିବାକୁ ବାହାରିଲେ । ବିମଳବାବୁ ଅଧା ଆଙ୍କିଥିବା ଚିତ୍ରଟିକୁ ସମ୍ପୂର୍ଣ କରୁଥାନ୍ତି । ସବୁ ପିଲ୍ଙ୍କୁ ସେ ଟିକେ ଅପେକ୍ଷା କରିବାକୁ କହିଲେ ଓ ନିଜେ ଆଙ୍କିଥିବା ପ୍ରଜାପତି ଚିତ୍ରଗୁଡିକୁ ଦେଖାଇଲେ। ବିମଳବାବୁ ତାପରେ କହିଲେ ଖରା ହେଲେ ପ୍ରଜାପତିମାନେ ଚଳଚଂଚଳ ହୋଇଥାନ୍ତି, ତେଣୁ ଟିକେ ସମୟ ପରେ ଖରା ହେଲେ ଆମେ ବଗିଚାକୁ ଯିବା ।

କିଛି ସମୟ ପରେ ସମସ୍ତେ ବଗିଚାରେ ଥିଲେ । ବିମଳବାବୁ ବଗିଚାକୁ ଆସୁଥିବା ସବୁ ପ୍ରଜାପତିର ଚିତ୍ର ଓ ନାମକୁ ସାଇତି ରଖିଥିଲେ ଓ ପିଲ୍ମାନଙ୍କୁ ସେ ସବୁ ଦେଖାଇଲେ । ପିଲ୍ମାନେ ବିଭିନ୍ନ ପ୍ରଜାତିର ପ୍ରଜାପତିକୁ ଚିହ୍ନିଲେ । ତାପରେ ପିଲ୍ମାନଙ୍କ ମଧ୍ୟରୁ କେତେଜଣ ପ୍ରଜାପତିର ଉପକାରିତା ଉପରେ ପଚାରିଲେ । ଅନ୍ୟ ପିଲ୍ମାନେ ମଧ୍ଯ ସେ ଉପରେ ଜାଣିବାକୁ ଇଛା କଲେ ।

ବିମଳ ବାବୁ ତାପରେ ପ୍ରଜାପତିମାନଙ୍କର ପରିବେଶ ପ୍ରତି ଉପକାରିତା ସବୁ କହିଲେ । ପ୍ରଜାପତିମାନେ ନିଜ ଖାଦ୍ୟ ମୁଖ୍ୟତଃ ଫୁଲର ମହୁରୁ ପାଆନ୍ତି ଓ ସେହି ସମୟରେ ଗଛଲତାମାନଙ୍କର ପରାଗ ସଙ୍ଗମ ମଧ୍ଯ ହୋଇଥାଏ । ତେଣୁ ପରାଗସଙ୍ଗମରେ ମହୁମାଛିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ ଅଟେ । ପିଲ୍ମାନେ ତୁମେମାନେ ଜାଣିଛ କି, ପ୍ରଜାପତିମାନେ ପରିବେଶ ପରିବର୍ତ୍ତନର ସୂଚକ ଅଟନ୍ତି । ପରିବେଶ ପରିବର୍ତ୍ତନରେ ସେମାନଙ୍କ ସଂଖ୍ୟାରେ ଅବନତି ଘଟେ ଓ କେତେକ ପ୍ରଜାତି ଦେଖାଯାନ୍ତି ନାହିଁ । ପ୍ରଜାପତିମାନଙ୍କ ଉପସ୍ଥିତି ଗୋଟିଏ ସୁସ୍ଥ ପରିବେଶକୁ ସୂଚାଏ । ପ୍ରଜାପତି ଦେଖିବା ଦ୍ୱାରା ମନରେ ଉତ୍ସାହ ଆସେ ଓ ଚିନ୍ତାରୁ ମୁକ୍ତି ମଧ୍ଯ ମିଳେ ।



Life cycle
Tawny coster Butterfly

ପୁଣି ପିଲାମାନେ ବିମଳବାବୁଙ୍କୁ ପ୍ରଜାପତିମାନଙ୍କ ଜୀବନ ଚକ୍ର ବିଷୟରେ ପଚାରିଲେ | ସେ କହିଲେ ଯେ ପ୍ରଜାପତିମାନଙ୍କ ଚାରେଟି ପ୍ରକ୍ରିୟା ଥାଏ ଯେପରିକ ଅଣ୍ଡାଦେବା, ସଁବାଳୁଆ, କୋକୁନ ଓ ପ୍ରଜାପତି | ପ୍ରଥମେ ଅଣ୍ଡିରା ଓ ମାଈ ପ୍ରଜାପତିର ସଙ୍ଗମ ପରେ ମାଈ ପ୍ରଜାପତି କେତୋଟି ନିର୍ଦ୍ଦିଷ୍ଟ ଗଛରେ ଅଣ୍ଡା ଦିଏ | ତାପରେ ସେ ଅଣ୍ଡା ସଁବାଳୁଆରେ ପରିବର୍ତ୍ତନ ହୁଏ ଓ ସେହି ଗଛର ପତ୍ର ଖାଇ ବଂଚେ | ଗୋଟିଏ ନିର୍ଦ୍ଦିଷ୍ଟ ଆକାରର ହେଲାପରେ ସେମାନେ କୋକୁନ ହୋଇଯାନ୍ତି | ସେହି କୋକୁନ ଭିତରେ ପ୍ରଜାପତିର ପର ତିଆରିହୁଏ | କିଛିଦିନ ପରେ ସେହି କୋକୁନରୁ ଗୋଟିଏ ଯୁବ ପ୍ରଜାପତି ବାହାରେ, ଏ ଗଛକୁ ସେ ଗଛକୁ ଖାଦ୍ୟ ଅନ୍ୱେଷଣରେ ଘୁରିବୁଲେ ଓ ସନ୍ଧ୍ୟା ହେଲେ ଗଛରେ ଆଶ୍ରୟ ନିଏ| ବିମଳବାବୁ ପିଲାଙ୍କୁ ବୁଝାଉଥିବା ସମୟରେ ସମସ୍ତେ ଦେଖିଲେ ଏଣ୍ଡୁଅଟି ଗୋଟେ ପ୍ରଜାପତିକୁ ଶିକାର କରିଛି | ତାପରେ ବିମଳବାବୁ କହିଲେ ଯେ କିଛି ପକ୍ଷୀ, ସରୀସୃପ, ବୁଢିଆଣୀ ଓ କଙ୍କି ଖାଦ୍ୟ ପାଇଁ ପ୍ରଜାପତିକୁ ଶିକାର କରନ୍ତି | କହିବାକୁ ଗଲେ ଏମାନେ ସେଠି ଖାଦ୍ୟ ଓ ଖାଦକର ଭୂମିକା ନିଭାନ୍ତି | ଏହାପରେ ସମସ୍ତେ ବଗିଚାରୁ ବାହାରକୁ ବାହାରିଲେ |

ସବୁ ପିଲାମାନେ ବଗିଚାରେ ବିଭିନ୍ନ ଗଛଲତା ଓ ପ୍ରଜାପତି ଦେଖି ବହୁତ ଖୁସି ହେଲେ ଓ ପ୍ରଜାପତି ବିଷୟରେ ବହୁତ କିଛି ଜାଣିବାକୁ ପାଇଲେ | ଶେଷରେ ଗଲାବେଳେ ବିମଳବାବୁ

ପିଲ୍‌ମାନଙ୍କୁ ପ୍ରଜାପତି ଲୋପ ପାଇବାର କାରଣ କହିଲେ ଓ ବଗିଚ୍ଛରେ ରାସାୟନକ ସାର, କୀଟନାଶକ ଔଷଧ ବ୍ୟବହାରକୁ ବାରଣ କଲେ ।

ଜଳବାୟୁ ପରିବର୍ତ୍ତନ, ପରିବେଶ ନଷ୍ଟ, ବିଭିନ୍ନ ରାସାୟନକ ପଦାର୍ଥ ର ବ୍ୟବହାର ଓ ଗଛ ଲତା ନଷ୍ଟ ପ୍ରଜାପତି ଲୋପ ପାଇବାର ମୂଖ୍ୟ କାରଣ ଅଟେ । ଗାଁ ଗହଳ, ସହର, ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଇତ୍ୟାଦି ସ୍ଥାନରେ ବଗିଚ୍ଛ ସୃଷ୍ଟି ସମୟରେ ପ୍ରଜାପତି ପାଇଁ ଉଦ୍ଧିଷ୍ଟ ଗଛଲତା ଲଗାଇବା ଉଚତ ଯାହାଦ୍ୱାରା ଆମେମାନେ ବିଭିନ ପ୍ରଜାତିର ରଙ୍ଗବେରଙ୍ଗ ପ୍ରଜାପତିକୁ ସଂରକ୍ଷଣ କରିପାରିବା ଓ ସେମାନଙ୍କ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବା ।



ସମରଝୋଳ, ଗଂଜାମ, ଓଡିଶା

# ଶୀତ ଆସିଛି



ମୀନାକ୍ଷି ପାଢୀ

ଶୀତ ଆସିଛି ହେମନ୍ତ ଶେଷେ
ଧରି ତା ପେଡି ସଜ,
ଆ ବଉଳ, ଆ ସଙ୍ଗାତ
ଭେଟିବା ତାକୁ ଆଜ ।
ଥିରି ଥିରି ତା ପାଦ ପକାଇ
ପଶେ ସଭିଙ୍କ ଘରେ,
ସଞ୍ଜ ବୁଡରୁ ସକାଳ ଯାଏଁ
ଶାସନସିଏ କରେ ।
ପିଲାରୁ ବୁଢା ପେଡି ଫିଟାଇ
କାଢିଲେ ଶୀତ ଲୁଗା,
ଆଇ ବୁଢୀଟି କମ୍ବଳ ତଳେ
ଖୋଜଇ ଟିକେ ଜାଗା ।
ସକାଳେ ଦିଶେ କାକର ବିନ୍ଦୁ
ଘାସ ପତରେ ଝଳ,
ବାରି ବଗିଚ୍ଚ ହସଇ, ଫୁଟେ
ଫୁଲ ଭଳକ ଭଳ ।

ଗରମ ଭାତ ଖୋଜଇ ଜେଜୀ
ସଙ୍ଗେ ମୁଢି ନଡିଆ,
କୁକୁର ଛୁଆ ମଣିଷ ସାଥେ
ସେକଇ ଧୂନୀ ନିଆଁ ।
ନାନା ପରବେ ଛୁଟଇ ଘରେ
ପିଠା, ମିଠାର ସୁଅ,
ଘୋଡି ହୋଇକ ବସିବା ପିଲେ
ଶୀତଟି ସଖମୟ ।

ଶିକ୍ଷୟତ୍ରୀ, ଚକଟୀ ପେଣ୍ଠ, ଗଞ୍ଜାମ

# ରାମୁ ସଚେତନ ହେଲା



ବିଶ୍ୱଜିତ ଆର୍ଯ୍ୟ

'ରାମ ସିଂ' ଓରଫ୍ ରାମୁ ଭାରି ଚଗଲା, ଦୁଷ୍ଟାମୀ ରେ ସବୁ ପିଲାଙ୍କୁ ବୁକେଇଯିବ। ଚାଲିଗଲା ଶଗଡ଼ରେ ହାତ ମାରିଦେବା ପିଲା ସେ ! କାହା କଥା ଶୁଣେ ନାହିଁ, ତା ବାପ ମାଁ ଙ୍କର ଭାରିଚିନ୍ତା ରାମୁ ର ଭବିଷ୍ୟତ କୁ ନେଇ।

ରାମୁ ସବୁବେଳେ ବାହାରେ ବୁଲୁଥାଏ, ସାଇ ପିଲାଙ୍କ ସହ ମିଶି ବାଟି ଖେଳିବା, କାହା ବାଡ଼ିର ବାଡଭାଙ୍ଗି ବରକୋଳି ଚୋରି କରିବା ତ, ଆଉ କାହା ବାଡ଼ିରେ ପଶି ପିଜୁଳି ତୋଳିବା ଏଇଟା ତାର ନିତିଦିନିଆ ଅଭ୍ୟାସ ରେ ପରିଣତ ହୋଇଗଲାଣି। ତା ବାପ ମାଆ ଯେତେ ବାପଲୋ ଧନଲୋ କହି ବୁଝେଇଲେ ବି, 'କୁକୁର ଲାଙ୍ଗୁଡ଼ କୁ ବାରବରଷ ନଳୀରେ ପୁରେଇ ଲେ ସେ ସିଧା ହେଇଛି ନା ହେବ'।

ଦିନେ ତାଙ୍କ ଗାଁ ସ୍କୁଲ ଘରେ କୋଉଠୁ କେତେ ଲୋକ ଆସି ରହିଲେ, ଗାଁରେ ଡ଼ାକବାଜି ମାଧ୍ୟମ ରେ ପ୍ରଚାର କରିଦିଆଗଲା ଯେ ସେଇ ଲୋକମାନଙ୍କ ପାଖକୁ ନ ଯିବାକୁ ଓ ସେମାନଙ୍କ ସହ ମିଳାମିଶା ନ କରିବାକୁ। ବର୍ତ୍ତମାନ ଚାରିଆଡେ ଗୋଟେ କରୋନା ରୋଗ କଣ ବ୍ୟାପିଛି। ଏଟା ଭାରି ଭୟଙ୍କର ରୋଗ, ଜଣଙ୍କ ଦେହ ରୁ ଅନ୍ୟଜଣଙ୍କୁ ଡେଇଁ ଏ ରୋଗ ହେଉଛି। ସେମାନେ ବିଦେଶରୁ ଆସିଥିବା ରୁ ତାଙ୍କୁ ଅଲଗା ରଖାଯାଇଛି।

ରାମୁ ମନରେ କୌତୁହଳ ହେଲା, ସେ ଥରେ ସ୍କୁଲ ଯାଇ ସେମାନେ ସେଠି କଣ କରୁଛନ୍ତି ଦେଖିଆସିବ। ପୂର୍ବରୁ ବି ଘରେ ତା ବାପା ସେଠାକୁ ଯିବାକୁ ବାରଣ କରିଥାନ୍ତି। କିନ୍ତୁ, ରାମୁ ନିଜକୁ ସମ୍ଭାଳି ପାରିଲା ନାହିଁ, ସେ ତା ସାଙ୍ଗମାନଙ୍କୁ କହିଲା ଚାଲ ସ୍କୁଲ ଯାଇ ସେମାନଙ୍କୁ ଦେଖିବା। ହେଲେ, ତା' ସାଙ୍ଗମାନେ ମନା କରିଦେଲେ, ସେ ନିରାଶ ହୋଇ ଫେରିଆସିଲା। ଆଉ ଭାବିଲା; କିଏ ନଗଲେ ନ ଯାଆନ୍ତୁ' ସେ ଏକୁଟିଆ ଯିବ। ପରଦିନ ସେ କାହାକୁ କିଛି ନକହି ସ୍କୁଲ ଆଡ଼କୁ ଗଲା ଓ ଲୁଚିଲୁଚି ସ୍କୁଲ ପାଚେରୀ ଡେଇଁ ହତା ଭିତରକୁ ପଶିଲା। ତାଙ୍କ

ସହ ମିଳାମିଶା କଲା, ତାଙ୍କ ଲୁଗାପଟା କୁ ବି ଧରିଲା, କଛି ସମୟ ସେଠାରେ ରହିଲାପରେ ସେ ଘର କୁ ଫେରିଆସିଲା,

ରାତିରେ ହଠାତ୍! ତା ମୁଣ୍ଡ, ହାତ ଜୋର୍ ରେ ବିନ୍ଧା ବିନ୍ଧି କରିବାକୁ ଲାଗିଲା, ଦେହ ଜ୍ୱର ପୁରେଇଲା, ତା ବାପ ମାଁ ତାକୁ ଡାକ୍ତରଖାନା କୁ ନେଇଗଲେ। ଡାକ୍ତର ତାର ପରୀକ୍ଷା ନୀରିକ୍ଷା କରିବାରୁ ଜଣାଗଲା, ତାକୁ କରୋନା ହେଇଛି। ସେ ନିଶ୍ଚିତ କରୋନା ରୋଗୀଙ୍କ ସହିତ ମିଳାମିଶା କରିଛି।ଏହା ଶୁଣି ତା ବାପା ମାଆ ଙ୍କର ହାଲତ ଶୁଖିଗଲା। ରାମୁ ଏକଥା ଶୁଣି ବହୁତ ଡରିଗଲା, ସେ ମନେମନେ ଭଗବାନ ଙ୍କୁ ଡାକଲା, ହେ ପ୍ରଭୁ! ମତେ ଭଲ କରିଦିଅ। ମୁଁ ପ୍ରତିଜ୍ଞା କରୁଛି, ଆଉ ଦୁଷ୍ଟାମୀ କରିବିନି,ଭଲ ପାଠ ପଢିବି, ବାପା ମାଆ ଓ ଗୁରୁଜନଙ୍କ କଥା ମାନିବି ଆଉ ସଚେତନ ରହିବି, ଆଉ କେବେବି ସ୍କୁଲ ପାଖକୁ ଯିବିନି।

ମଂଗଳପୁର, ଯାଜପୁର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# 'ବିଦ୍ୟା ଧନ'

ସତ୍ୟବ୍ରତ ସାହୁ

ଚ୍ଚୋର ବୋହିନେଲେ ସରିଯାଏ ଧନ ବାଣ୍ଟିଦେଲେ ଧନ ସରଇ,
ଧନ ନଷ୍ଟହୁଏ ଧନ ହଜିଯାଏ ଧନ ଆଣେ ଦୁଃଖ ଡକାଇ ।
ଧନ ଆଜି ଅଛି କାଲି ସରିଯିବ ଧନୀକୁ ନଥାଏ ସମ୍ମାନ,
ଧନୀକ ଉପରେ ସଭିଙ୍କ ନଜର ଶାନ୍ତିରେ କରେନା ଶୟନ।
ଏମିତି ଗୋଟିଏ ଧନ ଅଛି ପିଲେ ଶୁଣିଲେ ଚକତ ହୋଇବ,
ବାଣ୍ଟିଦେଲେ ତାକୁ ବଢ଼ି ବଢ଼ି ଯାଏ ଚ୍ଚୋର ଦେଖି ତାକୁ ଡରିବ ।
ଟଙ୍କା ପଇସାରେ ମିଳେନା ସେ ଧନ ସାଧିଲେ ମିଳଇ ମାଗଣା,
ସେ ଧନ ପୋଡେନା ହଜିବି ଯାଏନା ସୁଖକୁ କରଇ ଆପଣା ।
ସେ ଧନ ଟିକକ ନଥାଏ ଯା' ପାଶେ ଆଖି ଥାଇ ସିଏ ଅନ୍ଧଟି,
ଥିଲେ ସେହି ଧନ ମିଳେ ସନମାନ ଯେଉଁଠାକୁ ଯାଅ ସେଇଠି ।
ସେ ଧନର ନାମ ଅଟେ ବିଦ୍ୟା ଧନ ଉପାର୍ଜନ କଲେ ଜିଣିବ,
ବିଦ୍ୟା ଧନ ବଳେ ସାରା ପୃଥିବୀର ଖବରକୁ ସିନା ଜାଣିବ ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ସ୍ୱଚ୍ଛ ଭାରତ


ରୋହିତ ସେଠୀ

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ପୁଣ୍ୟଭୂମି ଆମ ଦେଶ ଭାରତ
ଶାନ୍ତି ପ୍ରୀତି ସ୍ନେହ ସୌହାର୍ଦ୍ଦ୍ୟ ଦାୟିନୀ
ନଦନଦୀ କରେ ଯା' ପଦଧୌତ,
ଧନ୍ୟ ମୋ ଭାରତ ଭୂଇଁ
ଚର ସୌନ୍ଦର୍ଯ୍ୟ, ଐତିହ୍ୟ ମଣ୍ଡିତ
ଯାହାର କଳନା ନାହିଁ ।୧।

ସେହି ବୀରଭୂମି ଭାରତ ମାତାର
ପବିତ୍ର କ୍ରୋଡ଼କୁ ମଣ୍ଡନ କଲେ
ଜାତିର ଜନକ ମହାନ ନାୟକ
ସ୍ୱଚ୍ଛ ଭାରତର ସ୍ୱପ୍ନ ଦେଖିଲେ,
ଧନ୍ୟ ତାଙ୍କର ଜୀବନ
ତ୍ୟାଗ,ଅହିଂସାର ମନ୍ତ୍ର ଶିଖାଇ
ଜିତିଗଲେ ଜନମନ ।୨।

ତାଙ୍କର ଅଧୁରା ସପନକୁ ଆମେ
ପୂରଣ କରିବା ଭାରତ ବାସୀ
ସ୍ୱଚ୍ଛ ମନ ନେଇ କର୍ମ କରିଯିବା
ନିଃସ୍ୱାର୍ଥ ଭାବରେ ମନକୁ ତୋଷି,
ଗର୍ବ ଅହଂଭାବ ଛାଡ଼ି

ସତ୍ୟ ଧରମକୁ ପାଥେୟ କରି
ଯିବା ଆମ ପଥେ ମାଡ଼ି ।୩।

ପୂଣ୍ୟ ସେବା ଭାବି ଆରମ୍ଭ କରିବା
ପରିବାରଠାରୁ ଏ ଅଭିଯାନ
ଜଳ ସ୍ଥଳ ନଭ ସ୍ୱଚ୍ଛ ପରିବେଶ,
ସଚେତନ ପାଇଁ ଦେବାଟି ଧ୍ୟାନ,
କେହି ନ ଆସିଲେ ନାହିଁ
ସେବା ମନୋଭାବ ହୃଦେ ରଖି
କର୍ମ କରିଯିବା ଦେଶ ପାଇଁ ।୪।

ପଲିଥିନ୍ ପ୍ଲାଷ୍ଟିକ୍ ଦରବକୁ ଆମେ
ବ୍ୟବହାରେ ସଦା ଘୃଣା କରିବା
ସରକାରଙ୍କର ନୀତି ନିୟମକୁ
ଆଗ୍ରହ ସହ ପାଳନ କରିବା,
ସରବେ ଶପଥ ନେବା
ସୁସ୍ଥ ପରିବେଶ ସୁନ୍ଦର ଜୀବନ
ନିଜ ହାତରେ ପାଇବା ।୫।

ଗ୍ରାମଠୁ ସହର ଘର ଘର ବୁଲି
ସ୍ୱଚ୍ଛ ଭାରତର ନାର୍‌ ଲଗାଇ
ଗାନ୍ଧୀଙ୍କ ସପନ ପୂରଣ କରିବା
ତନ ମନ ଧନ ପର୍‌ଣ ଦେଇ,
ଆସ ହେ ଭାଇ ଭଉଣୀ
ହାତରେ ହାତକୁ ମିଶାଇ ଏକାଠି
ରଚବା ନୂଆ କାହାଣୀ ।୬।

ଶିକ୍ଷକ
ଦୁତୀମେଣ୍ଡି, ମଲିକସାହି
ଖଜୁରୀପଡା, କନ୍ଧମାଳ

# ଗଛଟିଏ ହେବି ଗଛ ଟିଏ....




ଶିଶିର କୁମାର ସାମଲ

ଗଛ ଟିଏ ହେବି ଗଛ ଟିଏ,
ସବୁଜ ସୁନ୍ଦର ଗଛଟିଏ ।
ସମାଜର ହିତରେ ସଦା ଲାଗୁଥିବି
ଝଡ଼ି ବତାସ କୁ ଡ଼ରେ କଏ ।। (୧)
ଦୂଷିତ ବାୟୁକୁ ଶୋଷି ନେଉଥିବି
ବଦଳରେ ଦେବି ଅମ୍ଳଜାନ,
ବାଟୋଇକୁ ସଦା ଛାଇ ଦେଉଥିବି
କମିଯିବ ତାର ଥକା ପଣ ।।(୨)
ପକ୍ଷୀ ମାନେ ସବୁ ରାବ କରୁଥିବେ
ସକାଳରୁ ସଞ୍ଜ ମୋ ଶାଖା ରେ,
ହନୁ ମାମୁଁ ପୁଣି ନାଚ଼ କରୁଥିବ
ଏ ଡାଳୁ ସେ ଡ଼ାଳ ଆନନ୍ଦରେ ।। (୩)
ଗଛଟିଏ ହେବି ଗଛ ଟିଏ,
ସବୁଜ ସୁନ୍ଦର ଗଛଟିଏ ।
ଜୀବନଟା ସାରା ସେବା କରୁଥିବି,
ଗୁଣକୁ ମୋହର ସରି କଏ ।। (୪)
କାଠକୁ ମୋହର ଜାଳେଣି କରିଣ
ରାନ୍ଧି ଦେଲେ ମା' ଖାଦ୍ୟ,
ମହା ଆନନ୍ଦରେ ଖାଇନଅ ସବୁ
ବଢିଯାଏ ତାର ସ୍ୱାଦ ।। (୫)

ପତ୍ର ଫୁଲ ଫଳ ଭକ୍ଷଣ କରିଣ
ଜୀବ ହୁଏ ବଳଆନ,
ଚେର ମୂଳକାରେ ସାଇତି ରହିଛି
ବହୁ ଔଷଧୀୟ ଗୁଣ ।। (୬)
ଗରମ ବାୟୁରୁ ରକ୍ଷାକରେ ମୁହିଁ
ବହଇ ଶୀତଳ ବାଆ,
ଉତପ୍ତ ପୃଥିବୀ ଶୀତଳ ପଡ଼ଇ
ସବୁବେଳେ ହୁଏ ସାହା ।। (୭)
ଗଛ ଟିଏ ହେବି ଗଛ ଟିଏ
ତୁମ ଅଗଣାର ଶିଶୁ ଟିଏ,
ହେଲେ ଏ ମଣିଷ ବୁଝେ ନାହିଁ କଛି
ବଞ୍ଚି ଥାଉ ଥାଉ କାଟେ ସିଏ ।। (୮)

କଣ୍ଟିପୁର, ବିଞ୍ଝାରପୁର, ଯାଜପୁର



# ଯଶ ଗାଉଛି ମହୀ



ବିଜୟ କୁମାର ଛାଟୋଇ

ଶୁଣରେ ଝୁଲୁ, ଚକୁନୁ, କାଲୁ
ଆକାଶ ଆଡେ ଚାହିଁ,
ଆମର ମାମୁଁ ସେ ଜହ୍ନ ମାମୁଁ
ଗୁଣଟି ତାର ଗାଅ ।

ଆକାଶ ବୁକେ ଝଲସି ଉଠେ
ଜହ୍ନ ମାମୁଁର ମୁହଁ,
କହିଲ ଦେଖି ମୁହଁଟି ତାଙ୍କ
କେଡେ ସୁନ୍ଦର ନୁହଁ !!!

ପକ୍ଷେ ବଢଇ ବକ୍ଷ ଛିଡଇ
ଦଇବ ଯୋଗେ ସିନା,
ତଥାପି ଧରା ଖୁଇଜସାର୍
ଅନ୍ଧାର ତାଙ୍କ ବିନା ।

ସୂରୁଜ ଠାରୁ ଆଲୁଅ ଧାରି
ଜଳଇ ଦୀପ ହୋଇ,
ଜଳ ଜଳକା ଜୀବନ ଦିଏ
ମହତ ସିନା ଏଇ ।

ଦୂର ଆକାଶୁ  ଶୁଭ୍ର ଜୋଛନା
ବିତରି ଜଗତକୁ,
କୋଟି ପ୍ରାଣୀଙ୍କ ମନକୁ ଜିଣି
ପାଳନ୍ତି ଭଗତଙ୍କୁ ।

ଜୀବନେ କେତେ  ଝଡ ବରଷା
ସବୁରି ବାଧା ସହି,
ପର ସେବାରେ  ମନ ଦେବାରୁ
ଯଶ ଗାଉଛି ମହୀ ।

ସଂସ୍କୃତ ଶିକ୍ଷକ, ମହୁର୍,
ସତ୍ୟବାଦୀ, ପୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆମେ ଉତ୍କଳ ସନ୍ତାନ



ତପନ କୁମାର ଦାଶ

ଉତ୍କଳ ମାଟିର ସନ୍ତାନ
ଆମେ ଦେଶ ଗଢିବୁ
ଭୟ କରିବୁନ କେବେରେ
ମୁଣ୍ଡ ଟେକ ଗ୍ଭଲିବୁ ।।

ମଧୁ ପରି ଅଛି ସାହସ
ପଛ ଘୁଞ୍ଚା ନ' ଦେବୁ
ନେତାଜୀଙ୍କ ପରି ଲଢ଼ିବୁ
ଶତ୍ରୁ ଘଉଡ଼େଇବୁ ।।

ଗୋପବନ୍ଧୁ ପରି ସହାୟ
ଗରୀବର ହୋଇବୁ
ସମାଜ ସେବାରେ ଜୀବନ
ଆମ ଅଜାଡି ଦେବୁ ।।

ବୀର କଶୋରଙ୍କ ନାମରେ
କବି ହୋଇ ବଂଚବୁ
ଜାତୀୟ କବିତା ଲେଖିବୁ
ବାର୍ତା ସଭିଙ୍କୁ ଦେବୁ ।।

ସୁରେନ୍ଦ୍ର ସାଏଙ୍କ ସାହାସ
ବାଜିରାଉତ ଦମ୍ଭ
ଶତ୍ରୁ କବଳରୁ ସୁରକ୍ଷା
କରି ରଖିବୁ ଗର୍ବ ।।

ଗୃଷୀ ପରି ବିଲେ ଖଟିବୁ
ଶାଗ ପଖାଳ ଖାଇ
ସୁଜଳା ସୁଫଳା କରିବୁ
ଆମେ ଓଡ଼ିଆ ଭାଇ ।।

ଓଡ଼ିଆ ଜାତିର ସମ୍ମାନ
ଗଗନେ ଉଡେଇବୁ
ଆମେ ଏ ମାଟିର ସନ୍ତାନ
ସଦା ଟେକ ରଖିବୁ ।।

ଶିକ୍ଷକ, କଳାହାଣ୍ଡି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କୋମଳମୋତୀ ଶିଶୁ ମୁଁ



ଦୁଷ୍ମନ୍ତ ବେହେରା

କୋମଳମୋତୀ ଶିଶୁ ମୁଁ
ଆଦରେ ଫୁଟି ଆଲୋକ ଦେଖେ
ଆଲୋକ କୋଳରୁ ଜନ୍ମ ହୋଇ
ଦୁନିଆ ରେ ଫୁଟାଏ ହସ ।।।

ଦୁଧ ସର ଭାତ ଖାଇଛି
ଟିକ ଟିକ ଭାବନାରେ ଭାବି
ଟିକ ଘର ଟି ରେ ବସି ମୋ
ଲକ୍ଷ୍ଯ ସ୍ୱପ୍ନ ଦେଖୁଛି ।।।

ଫୁଟିଛି ମୁଁ ଦୁନିଆ ପାଇଁ
ରଖିବି ଏ ମାଟି ର ଟେକ
କହିଦେବି ପବନ ପାଣି କାନେ
ମୋ ବଂଶଧର ତୋ କୋଳେ ।।।

ମୁଁ ଶିଶୁ ଟିଏ କରିବନି ହଟହଟା
ଆଗାମୀ ଭବିଷ୍ୟତ ମୁଁ ଦେଖୁଛି
ଦେଖିବ ମୋ ଶକ୍ତି ଦୁନିଆ
କହି ବୋଲୁଥିବ ଭାରତ ସନ୍ତାନ।।।

ମାତୃଭାଷା ମୋର ରଖିବି ଟେକ
ଜାତିଭାଇ ମୋର ହେବ ଉଚ୍ଚ
ମୋ ମାଆ ମାଟି ଅମୂଲ୍ୟ ମୂଲ
ତା ପାଦଧୂଳି ମଥାରେ ବୋଳି

ଖୁସୀ ହେବି କାଳ କାଳ
ଖୁସୀ ହେବି କାଳ କାଳ.....

ଗ୍ରାମ/ପୋଷ୍ଟ-ମୁଣ୍ଡିଆପଲି
ଢେଙ୍କାନାଳ

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୨/୨୦୨୦ | ଛାଡଖାଇ |
| ୦୩/୧୨/୨୦୨୦ | ମାର୍ଗଶୀର ମାଣବସା ପ୍ରଥମ ପାଳ ଗୁରୁବାର |
| ୦୫/୧୨/୨୦୨୦ | ସୀତା ବିବାହ |
| ୦୮/୧୨/୨୦୨୦ | ପ୍ରଥମାଷ୍ଟମୀ ଓ କାଞ୍ଜିଅଁଳା ନବମୀ |
| ୧୦/୧୨/୨୦୨୦ | ମାଣବସା ଦ୍ୱିତୀୟ ପାଳ ଗୁରୁବାର |
| ୧୧/୧୨/୨୦୨୦ | ଉତ୍ପନ୍ନା ଏକାଦଶୀ |
| ୪/୧୨/୨୦୨୦ | ଅମାବାସ୍ୟା, ଶ୍ରୀମନ୍ଦିରେ ମଧ ଦୀପାବଳୀ ଉତ୍ସବ |
| ୧୫/୧୨/୨୦୨୦ | ଧନୁ ସଂକ୍ରାନ୍ତି, ପହିଲି ଭୋଗ |
| ୧୭/୧୨/୨୦୨୦ | ରମ୍ଭା ତୃତୀୟା ଓ ମାଣବସା ତୃତୀୟ ପାଳ ଗୁରୁବାର |
| ୧୯/୧୨/୨୦୨୦ | କୁର୍ଳ ପଞ୍ଚମୀ |
| ୨୪/୧୨/୨୦୨୦ | ସୁଦଶା ବ୍ରତ ଓ ମାଣବସା ଶେଷ ପାଳ ଗୁରୁବାର |
| ୨୫/୧୨/୨୦୨୦ | ଯୀଶୁଖ୍ରୀଷ୍ଟଙ୍କ ଜନ୍ମ (ବଡଦିନ) |
| ୨୬/୧୨/୨୦୨୦ | ବ୍ୟଞ୍ଜନ ଦ୍ୱାଦଶୀ |
| ୨୭/୧୨/୨୦୨୦ | ଗୀତା ଜୟନ୍ତୀ ଓ ଅନଙ୍ଗ ତ୍ରୟୋଦଶୀ |
| ୨୯/୧୨/୨୦୨୦ | ପଣ୍ଡୁ ଓଷା, ପାଷାଣ ଚତୁର୍ଦ୍ଦଶୀ |
| ୩୦/୧୨/୨୦୨୦ | ପୂର୍ଣ୍ଣିମା |
| ୩୧/୧୨/୨୦୨୦ | ଇଂରାଜୀ ବର୍ଷ ଶେଷ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ନଭେମ୍ବର ମାସର ବିଜେତାଙ୍କ ନାମ



ପୁଷି ବିଲେଇ
ଭରି ଓଲେଇ,
ବିର୍‌ଡି ବୈଷ୍ଣବ ସାଜି ବସିଛି,
ଆଖିବୁଜି ମାଛ ମନ୍ତ୍ର ଜପୁଛି ।
ସିଙ୍ଗି ମାଗୁରର ସପନ ଦେଖେ,
ଧଳା ମାଛ କୁଢ ଦୂର-ପରଖେ ।
ଜଗି ବସି ପାଟି ଆମ୍ବିଳା ହେଲ୍ଣି
ମାଛ ଦୋକାନୀଟା ଘୁମେଇ ପଡିଲେ,
ଝାମ୍ପ ମାରି ମାଛ ନେବ ଉଠାଇ
ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ପୁଷି ମାଉସୀ ଲୋ ପୁଷି ମାଉସୀ,
ସଅଳ ସଅଳ ବଜାର ଆସି,
ମାଛ ପସର୍‌ କୁ ଅନେଇ ଅନେଇ
କଅଣ ଏତେ ତୁ ଭାବୁଛୁ ବସି?
ପହଞ୍ଚି ନାହିଁ କି ଆଜି ତୋ ଘରେ ଭାର?
ମାଛ ମୁଣ୍ଡ ଖଣ୍ଡେ ପାଇଁ ଛୁଆ ଆତୁର?
ବିଜେତା: ମୀନାକ୍ଷି ପାଢ଼ୀ, ଥାନେ, ମହାରାଷ୍ଟ୍ର

ଧର୍ମ ନାମେ ଗ୍ଲେ ସଂସାର
କାର୍ତ୍ତିକ ମାସେ ଜୀବେ ଦୟା ନୀତିରେ
ଭିତରେ ହଁ ଉପରେ ନାହିଁ
ଦେଖୁଥାଇ ବିର୍‌ଡି ବୈଷ୍ଣବ ପରି
ଏ ସ୍ୱଭାବ ସଭିଙ୍କ ହୃଦେ ଅଛି
ପାପ ଦୁନିଆରୁ ରକ୍ଷା କରେ
ସେଇ ଏକା ଧରମ... ।
କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

କାର୍ତ୍ତିକର ବ୍ରତ କରେ ମୁଁ ପାଳନା
କୂଳ ବେଉସାକୁ କରେ ସଂପାଦନା
ଲୋକେ ଭାବନ୍ତି ମିଛ,
ସଗଗ ମନେ ମୁଁ ବିଲେଇ ରାଣୀ
ଗ୍ରାହକକୁ ପରସେ ତାଙ୍କ ମନ ଜାଣି
ତାଜା ତାଜା ଚୁନା ମାଛ ।

ବାଙ୍କାବିହାରି ମହାକୁର, ବୁରୁବୁଡା  ବୀରମହାରାଜପୁର ସୁବର୍ଣ୍ଣପୁର

କାର୍ତ୍ତିକ ମାସଟି ଆଇଲା
ବିରାଡି କହଇ
ବୈଷ୍ଣବ ବୈଷ୍ଣବ
ଅନ୍ୟ ପାଇଁ ମାଛ ଜଗିଲା ।
ହରିନାମ ଧ୍ୟାନେ ବସିଛି
ମଣିଷ ଜାତିକୁ
କହୁଛି ଇଙ୍ଗିତେ
ଜୀବହତ୍ୟା କମା ମାତିଛି ।।

ଉମେଶ କୁମାର ବିଶ୍ୱାଲ, ସାନଟୀକା, ଲୋଇସିଂହା, ଜିଲ୍ଲା-ବଲାଙ୍ଗୀର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - vedantimagazine@gmail.com

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**